# ପ୍ରାଚୀନ ଉତ୍କଳ

## ( ଦ୍ୱିତୀୟ ଭାଗ )

ଜଗବନ୍ଧୁ ସିଂହ

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧୪

# ପ୍ରାଚୀନ ଉତ୍କଳ ( ଦ୍ୱିତୀୟ ଭାଗ )

ଲେଖକ : ୰ଜଗବନ୍ଧୁ ସିଂହ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୧୪

ତୃତୀୟ ସଂସ୍କରଣ : ୧୯୮୨

ମୁଦ୍ରକ : ଲିଲି ପ୍ରିଣ୍ଟର୍ସ, କଟକ-୩

ମୂଲ୍ୟ : ଟ ୨୦-୦୦ ( କୋଡ଼ିଏ ଟଙ୍କା )

**PRACHIN UTKAL ( 2nd Part )**

*Writer Late :* **Jagabandhu Singh**

*Published by :* Orissa Sahitya Akademi
Bhubaneswar-14

Third Publication-1982

*Printed at* - Lily Printers,
Cuttack-3

*Price :* **Rs. 20/-** ( Twenty only )

# ଭୂମିକା

ପ୍ରାଚୀନ ଉତ୍କଳର ପ୍ରଥମ ଖଣ୍ଡରେ ଅଶୋକ, ଖାରବେଳଙ୍କ କାଳରୁ ଶେଷ ହିନ୍ଦୁ ରାଜବଂଶ ଭୋଇ ବଂଶ ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ ଓ ସଂସ୍କୃତି ଉପରେ ଲେଖକ ଆଲୋକପାତ କରିଥିଲେ । ଏହି ଦ୍ୱିତୀୟ ଖଣ୍ଡରେ ଆଫଗାନ-ମୋଗଲ ରାଜତ୍ୱ ଠାରୁ ଆରମ୍ଭକରି ମରହଟ୍ଟା ଶାସନର ବିଲୋପ ଓ ବ୍ରିଟିଶ୍ ଶାସନର ଆରମ୍ଭ ପର୍ଯ୍ୟନ୍ତ ଇତିହାସ ଲେଖକ ଆଲୋଚନା କରିଅଛନ୍ତି । ଏହା ବ୍ୟତୀତ ଏହି ଖଣ୍ଡରେ ଓଡ଼ିଶାର ମନ୍ଦିର ଶିଳ୍ପ, ନୌବାଣିଜ୍ୟ, ଅର୍ଥନୀତି ଓ ଭୂସ୍ୱତ୍ୱ ପ୍ରଭୃତି କେତେକ ବିଷୟ ଆଲୋଚିତ ହୋଇଅଛି । ଓଡ଼ିଶାର ଶିଳ୍ପକଳା ଓ ନୌବାଣିଜ୍ୟ ସମ୍ପର୍କରେ, ଏଥିରେ ଯେଉଁ ମୌଳିକ ଆଲୋଚନା କରାଯାଇଅଛି, ତାହାର ଆଲୋଚକ ଓ ଗବେଷକମାନଙ୍କ ପକ୍ଷରେ ତାହା ଯେ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିବ, ସେଥିରେ ମୋର ସନ୍ଦେହ ନାହିଁ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ଆଫଗାନ ମୋଗଲ ଓ ମରହଟ୍ଟା ଶାସନ | ... | ... | ୧ |
| ୨ । ଆର୍ଥିକ ଅବସ୍ଥା | ... | ... | ୨୬ |
| ୩ । ଗୃହନିର୍ମାଣ ପ୍ରଥା | ... | ... | ୩୮ |
| ୪ । ଶିଳ୍ପ | ... | ... | ୫୪ |
| ୫ । ଜଗନ୍ନାଥ ଦେଉଳ | ... | ... | ୮୩ |
| ୬ । ବ୍ୟବସାୟ ବାଣିଜ୍ୟ | ... | ... | ୧୩୬ |
| ୭ । ଲୋକଙ୍କ ରୀତି | ... | ... | ୧୫୨ |
| ୮ । ଗଡ଼ଜାତ | ... | ... | ୧୯୮ |
| ୯ । ଧର୍ମ ପ୍ରସଙ୍ଗ | ... | ... | ୨୩୪ |
| (କ) ଧର୍ମ | ... | ... | ୨୩୪ |
| (ଖ) ମଠ | ... | ... | ୨୪୦ |
| (ଗ) ଚଳଣୀ | ... | ... | ୨୪୩ |
| (ଘ) ଭୂସ୍ୱତ୍ୱ | ... | ... | ୨୪୪ |

# ପ୍ରାଚୀନ ଉତ୍କଳ

## ଦ୍ୱିତୀୟ ଭାଗ

## ଆଫଗାନ, ମୋଗଲ ଓ ମରହଟ୍ଟା ଶାସନ

କୌଣସି ଜାତି ଉପରେ ବାରମ୍ବାର ଅତ୍ୟାଚାର ହେଲେ ସେ କେତେ ଦିନ ତାହା ସହ୍ୟ କରିପାରେ ? ଜାତି କଥା ଛାଡ଼ିଦେଇ ଆମ୍ଭେ ଜଣେ ମାତ୍ର ବିଷୟ ବିଚାର କରିବା, କାରଣ ବ୍ୟକ୍ତିମାନଙ୍କ ସମଷ୍ଟି ହିଁ ଜାତି । ଜଣେ ଲୋକ ବେଶ୍ ଧନୀ ହୋଇ ଅପଣା ସୁଖସ୍ୱଚ୍ଛନ୍ଦରେ ରହି କାଳାତିପାତ କରୁଛି, ମୁଠିଏ ଖାଇପିଇ ସୁଖରେ ଅଛି । ସାହିତ୍ୟଚର୍ଚ୍ଚା ଧର୍ମଚର୍ଚ୍ଚା କରି କାଳାତିପାତ କରୁଅଛି । ସ୍ୱଦେଶୀ ହୁଅନ୍ତୁ ବା ବିଦେଶୀ ହୁଅନ୍ତୁ, ମନେ କରନ୍ତୁ ସେ ଏ ଲୋକଟାର ସର୍ବନାଶ କରିବ । ଏହାର ଘରୁ ଧନ ଅଣି ଆତ୍ମ-ସୁଖ ଚରିତାର୍ଥ କରିବ । ଏହି ସଂକଳ୍ପ ମନରେ ପୋଷଣ କରି ବାରମ୍ବାର ତାହା ଉପରେ ଆକ୍ରମଣ କଲେ, ନାନା ଅତ୍ୟାଚାର ଦ୍ୱାରା ତାର ଧନ-ରତ୍ନ ଅପହରଣ କଲେ ତାର ମାନ ମହତ୍ତ୍ୱ, ଧର୍ମ ପ୍ରଭୃତି ଉପରେ ଅତ୍ୟାଚାର କଲେ, ଫଳତଃ ଲୋକଟିର ଅବସ୍ଥା କଣ ହେବ ? ସେ ଅନାହାର ପରେ ପଥର ଲୋଟାଇ ହେଉ ବା ଅନ୍ନ ବା ଅନ୍ୟ କିଛି ଯା ଦ୍ୱାରେ ତା ଦ୍ୱାରେ ଆପଣାର ଦୁଃଖ କାହାଣୀ କହି ବୁଲିବ ।

ଓଡ଼ିଶାର ଅବସ୍ଥା ଠିକ୍ ଏହିପରି ହୋଇଛି । ଉତ୍କଳ ଦିନେ ସମୃଦ୍ଧିଶାଳୀ ଥିଲା । ଉତ୍କଳର ଶିଳ୍ପ, ସାହିତ୍ୟ, ବାଣିଜ୍ୟ ପ୍ରଭୃତି ବିଖ୍ୟାତ ଥିଲା । ଉତ୍କଳ ଦିନେ ରଣାଙ୍ଗନରେ ବୀରତ୍ୱ ଦେଖାଇଥିଲା । ଉତ୍କଳ ଦିନେ ଧର୍ମଧ୍ୱଜା ଦେଶ ବିଜୟ ବୈଜୟନ୍ତୀ ଉଡ଼ାଇ ଥିଲା । ମାତ୍ର ଆଜି ଉତ୍କଳର ସେ ଦିନ ନାହିଁ, ସେ ଧନ ସେ ବିଭବ ନାହିଁ, ଆଜି ଉତ୍କଳ ପରାଧୀନ ଅବସ୍ଥାରେ ପଡ଼ିଛି, ଆଜି ଉତ୍କଳର ପ୍ରାଚୀନ ଇତିହାସ କାଳର କରାଳ ଗ୍ରାସରେ ପଡ଼ି ତମସାଚ୍ଛନ୍ନ ହୋଇ ରହିଛି । ଏହାର ହେତୁ କଣ ? କେହି କହିପାରେ ହେତୁ ଆଉ କଣ, ହେତୁ ବିଧିର ବିଧାନ । ଉତ୍ଥାନ ପତନ ସଂସାରର ଧର୍ମ । ଉତ୍କଳ ଦିନେ ଉନ୍ନତିର ଉଚ୍ଚତମ ସୋପାନକୁ ଉଠିଥିଲା । କିନ୍ତୁ ପତନ କି ଅବଶ୍ୟମ୍ଭାବୀ ? ବୈଦେଶିକ ଧର୍ମାନୁସାରେ ଉତ୍କଳର ପତନ ହେଲା,

ଏଥିରେ ଆଉ ଆଶ୍ଚର୍ଯ୍ୟ ବିଷୟ କଣ ଅଛି ? ସେ ପଛକଥାଗୁଡ଼ାକ ଘାଣ୍ଟିଲେ କଣ ହେବ ? ଏପରି ଉତ୍ତର କେହି ଦେଲେ ତାହା ନିତାନ୍ତ ଅଯୌକ୍ତିକ ହେବନାହିଁ ତେ, କିନ୍ତୁ ପଛକଥା ଘାଣ୍ଟିବା ସେ ଏକାବେଳେ ନିରର୍ଥକ ତାହା ନୁହେଁ । ଏକଥା ସ୍ୱୀକାର କଲେ ଇତିହାସର ଆବଶ୍ୟକତା କେଉଁଠି ରହିବ ?

ଇତିହାସରେ ତ କେବଳ ଗତ ଘଟଣାବଳୀ ଲିପିବଦ୍ଧ ହୋଇଥାଏ । ସେଗୁଡ଼ିକ ଲୋକେ ପାଠକରନ୍ତି କାହିଁକି ? ଇତିହାସ ପାଠକଲେ ଲୋକ ବହୁତ ଜାଣିପାରେ, ବହୁତ ଶିକ୍ଷାଲାଭ କରିପାରେ, ବହୁତ ଜାତିର ଚରିତ୍ର ଆଲୋଚନା କରିବାର ସୁବିଧା ପାଏ । ସେ ସମସ୍ତ ଗତ ଅଭିଜ୍ଞତା ନେଇ ଭବିଷ୍ୟତକୁ ସାବଧାନ ହୁଏ । କେଉଁ ଜାତି କି ପନ୍ଥା ଅବଲମ୍ବନ କରି ଉନ୍ନତ ହେଲା ବା ଅବନତ ହେଲା ତାହା ବୁଝିପାରେ, ଇତ୍ୟାଦି । ଅପରନ୍ତୁ ଜାତିର ପ୍ରାଚୀନ ଗୌରବ, ପ୍ରାଚୀନ ବିଭବ ସ୍ମରଣ କଲେ ଲୋକ ଆଶାନ୍ୱିତ ହୁଏ । ପ୍ରାଚୀନତାକୁ ଅବଲମ୍ବନ କରି ନୂତନ ଇତିହାସ ଗଠନ କରିବା ଲାଗି ଯେ ମାଲ୍‌ମସଲା ଆବଶ୍ୟକ, ତାହା ମଧ୍ୟ ଇତିହାସ ପାଠରୁ ମିଳେ । ଏ ସମସ୍ତ କାରଣରୁ ଇତିହାସ ଆବଶ୍ୟକ ।

ମୁସଲମାନ ଓ ମୋଗଲମାନଙ୍କ ଅତ୍ୟାଚାରଦ୍ୱାରା ଭାରତ ଯେପରି ଛାରଖାର ହେଲା, ଉତ୍କଳ ମଧ୍ୟ ସେମାନଙ୍କ ତୀବ୍ର କଟାକ୍ଷରୁ ରକ୍ଷା ପାଇ ନଥିଲା ।

କଥା ଅଛି "ଅର୍ଥମନର୍ଥଂ ଭାବୟ ନିତ୍ୟଂ, ନାସ୍ତି ତତଃ ସୁଖଲେଶ ସତ୍ୟଂ" ଅର୍ଥାତ୍ ଅର୍ଥହିଁ ଅନର୍ଥର ମୂଳ । କେହି କେହି କହନ୍ତି, ରୂପବତୀ ସ୍ତ୍ରୀ ଓ ଧନ ଏ ଦୁଇଟି ପ୍ରଧାନ ଶତ୍ରୁ । ଅର୍ଥାତ୍ ଏ ଦୁଇଟି ହେତୁରୁ ଅନେକ ଶତ୍ରୁ ଆସି ଲୋକର ଜୀବନକୁ ବିପନ୍ନାକୁଳ କରନ୍ତି । କଥାଟି ଯେ ଅକ୍ଷରେ ଅକ୍ଷରେ ସତ୍ୟ ଏଥିରେ ଲେଶମାତ୍ର ଭୁଲ ନାହିଁ । ଭାରତ ରତ୍ନପ୍ରସୂ ବୋଲି ଖ୍ୟାତ, ସୁତରାଂ ତା କପାଳରେ ଶାନ୍ତି ନାହିଁ । ଉତ୍କଳର ଦଶା ମଧ୍ୟ ତଦ୍ରୂପ । ଉତ୍କଳର ଆଉ କେଉଁଠି କଣ ଥିଲା କେ ଜାଣେ, ତେବେ ଉତ୍କଳର ଜଗନ୍ନାଥ ଦେଉଳହିଁ ଉତ୍କଳର ଶତ୍ରୁ ହୋଇ ଠିଆହୋଇଛି । ଏଡ଼େ ବଡ଼ ଦେଉଳ ମଧ୍ୟରେ କେଜାଣି କେତେ ଧନରତ୍ନ ପ୍ରଚ୍ଛନ୍ନଭାବରେ ରହିଛି, ତାହା କିଏ କଳନା କରିପାରିବ ? ଏହି ଭାବଟି ପ୍ରଥମତ ବୈଦେଶିକମାନଙ୍କ ମନରେ ଜାଗ୍ରତ ହୁଏ । ଏ ଭାବ ଜାଗ୍ରତ ହେବା ମାତ୍ରକେ ସେମାନେ ଲୋଭ ସମ୍ବରଣ କରି ନପାରି ଉତ୍କଳ ଉପରେ ଚଢ଼ାଉ କରନ୍ତି । ଅଫଗାନ ମୋଗଲମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଦେବସ୍ଥାନଲୁଣ୍ଠନ କରି ଆପଣା ବିଳାସ ବାସନା ଚରିତାର୍ଥ କରିବା । ଧନଲାଭ କରିବା ଉଦ୍ଦେଶ୍ୟରେ ସେ କୌଣସି ନୃଶଂସତା କରିବାକୁ ସେମାନେ ଶଙ୍କିତ ହେଉ ନଥିଲେ ।

ଉତ୍କଳର ବିଭବ ବସୁନ୍ଧରାକୁ ମୁସଲମାନମାନଙ୍କ ଅତି ଆଗ୍ରହର ଲକ୍ଷ୍ୟ କରିଥିବା ଏବଂ ସେମାନେ ଏହି ନୂଆ ଭୂମିର ସମ୍ମୋହନ ଶକ୍ତିଦ୍ୱାରା ବାରମ୍ବାର ଆକର୍ଷିତ ହୋଇଥିବା ବିଷୟର ପରିଚୟ ଆମ୍ଭେ ପାଇ ଆସୁଅଛୁଁ । କିନ୍ତୁ ଅନେକ କାଳ ଉତ୍କଳୀୟମାନେ ସେମାନଙ୍କ ବାହୁବଳ ଦ୍ୱାରା ଏମାନଙ୍କୁ ପରାସ୍ତ କରିବାକୁ ସମର୍ଥ ହୋଇଥିଲେ । ପ୍ରାଚୀନ ଉତ୍କଳର ଗୌରବ ପ୍ରସଙ୍ଗ ଅଧ୍ୟାୟରେ ତାର ପରିଚୟ ଦେଇଅଛୁଁ ।

ମୁସଲମାନ ଧର୍ମସଂସ୍ଥାପକ ମହାତ୍ମା ମହମ୍ମଦ ୫୭୦ ଖ୍ରୀଷ୍ଟାବ୍ଦରେ ଆରବ ପ୍ରଦେଶର ମକ୍କା ନଗରରେ ଜନ୍ମଗ୍ରହଣ କଲେ । ମହମ୍ମଦଙ୍କ ମତରେ ପୌତ୍ତଳିକତା ପ୍ରକୃତ ଧର୍ମ ନୁହେ, ଏକେଶ୍ୱରୋପାସନା ହିଁ ପ୍ରଧାନ ଧର୍ମ । ଏହି ଧର୍ମ ପ୍ରଚାର କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେଲା । ମାତ୍ର ଉଦ୍ଦେଶ୍ୟ ସିଦ୍ଧ ହେବ କପରି ? ଯୁଦ୍ଧ ହିଁ ପ୍ରଧାନ ଉପାୟ ବୋଲି ସ୍ୱୀକୃତ ହେଲା । ମହମ୍ମଦ ୬୩୨ ଖ୍ରୀଷ୍ଟାବ୍ଦରେ ମଲେ, ମାତ୍ର ତାଙ୍କ ଶିଷ୍ୟମାନେ ତାଙ୍କ ଗୁରୁଙ୍କ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ଲାଗି ବିଦେଶକୁ ଯୁଦ୍ଧଯାତ୍ରା ଆରମ୍ଭ କଲେ । ଧର୍ମପ୍ରଚାର ପ୍ରବୃତ୍ତି କ୍ରମେ ଧନାପହରଣ ପ୍ରବୃତ୍ତିରେ ପରିଣତ ହେଲା ଏବଂ ଧନାପହରଣ ପ୍ରବୃତ୍ତି କ୍ରମେ ରାଜ୍ୟସ୍ଥାପନ ପ୍ରବୃତ୍ତିରେ ପରିଣତ ହେଲା ।

କ୍ରମେ ଭାରତ ପାଳି ପଡ଼ିଲା । ୧୧୯୩ ଖ୍ରୀଷ୍ଟାବ୍ଦରେ ଆଫଗାନିସ୍ଥାନ ଅନ୍ତର୍ଗତ 'ଘୋର' ନାମକ ପ୍ରଦେଶବାସୀ ଛର୍ଦ୍ଦିନମହମ୍ମଦ ଦିଲ୍ଲୀ ଅଧିକାର କଲେ ଏବଂ କୁତବୁଦ୍ଦିନ ତାଙ୍କର ପ୍ରତିନିଧି ନିଯୁକ୍ତ ହେଲେ । କିଛି ଦିନ ପରେ ସେ ସ୍ୱାଧୀନତା ଲାଭ କଲେ ଏବଂ ରାଜପୁତାନା ଓ ଅଯୋଧ୍ୟା ଅଧିକାର କଲେ । ବକ୍ତିଆର ଖିଲିଜି ପୂର୍ବ ଭାରତରେ ରାଜ୍ୟ ବିସ୍ତାର କରିବାକୁ ଆଗମନ କଲେ । ୧୨୦୩ ଖ୍ରୀଷ୍ଟାବ୍ଦରେ ବଙ୍ଗ ଅଧିକାର କଲେ ।

୫୬୦ ଖ୍ରୀଷ୍ଟାବ୍ଦ ପୂର୍ବ ମାଦଳାପାଞ୍ଜିରେ ଆମ୍ଭେ ଯେଉଁ ମୁସଲମାନ ଆକ୍ରମଣ କଥା ଦେଖୁଁ ସେମାନେ ଯବନ ନାମରେ ଅଭିହିତ । ସୁତରାଂ ମ୍ଳେଚ୍ଛଜାତୀୟ ଅନ୍ୟାନ୍ୟ ବୈଦେଶିକ ଅଟେ ।

୧୨୧୨ ଖ୍ରୀଷ୍ଟାବ୍ଦରେ ଗିୟାସୁଦ୍ଦିନ ଓଡ଼ିଶା ରାଜାଙ୍କୁ କର ଦେବାକୁ ବାଧ୍ୟ କଲା । ବଙ୍ଗ ପାଳି ଗଲାରୁ ଓଡ଼ିଶା ପାଳି ପଡ଼ିବା କଥା । ବଙ୍ଗଳା ସୀମାକୁ ଓଡ଼ିଶା ଲାଗିଛି, ଦକ୍ଷିଣରେ ହାତ ବଢ଼ାଇ ବଶ ଆଣି ପାରେ । ମାତ୍ର ଏତେବେଳେ ଓଡ଼ିଶାର ମଧ୍ୟାହ୍ନ ସମୟ । ଓଡ଼ିଶା ରାଜସିଂହାସନ ଏତେବେଳେ ପ୍ରବଳ ପ୍ରତାପୀ ଲାଙ୍ଗୁଳା

ନରସିଂହ ଦେବଙ୍କଦ୍ୱାରା ଅଲଙ୍କୃତ । ସ୍ୱାଧୀନତା ରକ୍ଷା ତେତେବେଳେ ପ୍ରକୃଷ୍ଟ-ଭାବରେ ଓଡ଼ିଶା ଜାତିରେ ପ୍ରକାଶିତ ହେଉଥିଲା । ସୁତରାଂ ଷ୍ୟାପୁର୍ଦ୍ଧୀନଙ୍କ ପ୍ରାର୍ଥନା ଅଗ୍ରାହ୍ୟ ହେଲା । ମୁସଲମାନମାନେ ଅନେକ ଥର ଚେଷ୍ଟା କରି ପରାଜିତ ହେଲେ ।

୧୨୪୮ ଖ୍ରୀଷ୍ଟାବ୍ଦରେ ତୁଗ୍ରୀ ତୋଗାନ ଖାଁ ଓଡ଼ିଶା ଆକ୍ରମଣ କଲେ, ଓଡ଼ିଆ-ମାନେ ଏମାନଙ୍କୁ ଘଉଡ଼େଇ ଗୌଡ଼ ଅବରୋଧ କରି ବାରଭୂମି ଲୁଣ୍ଠନ କଲେ ।

୧୨୬୩ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଅଯୁଦ୍ଧରେ ଓଡ଼ିଶା ଆକ୍ରମଣ କଲେ, ମାତ୍ର ପରାସ୍ତ ହୋଇ ପଳାୟନ କଲେ ।

ଯାହାର ଯାହା ଉପରେ ନଜର ପଡ଼େ ଏବଂ ଯାହାକୁ ସେ ପାଇବାକୁ ଇଚ୍ଛା କରେ ସେ ତେଣୁ ସହଜରେ ନିବୃତ୍ତ ହୁଏ ନାହିଁ । ମୁସଲମାନମାନେ ବାରମ୍ବାର ପରାସ୍ତ ହେଲେ ମଧ୍ୟ ଓଡ଼ିଶା ଅଧିକାର ନ କରିବା ଯାଏ ସେମାନଙ୍କ ମନରେ ଶାନ୍ତି ନଥିଲା । ମୁସଲମାନମାନେ ଦୁଇ ଦିଗରୁ ଓଡ଼ିଶାକୁ ଆକ୍ରମଣ କରିବା ଲାଗି ଚେଷ୍ଟା କଲେ । ଉତ୍ତର ଓ ଦକ୍ଷିଣ ଉଭୟ ଦିଗରୁ ଆକ୍ରାନ୍ତ ହୋଇ ଓଡ଼ିଶା ବଡ଼ ଲଣ୍ଡଭଣ୍ଡ ହେଲା । ଦକ୍ଷିଣ ଦିଗରୁ ପଠାଣମାନେ ପ୍ରବଳଭାବରେ ଆକ୍ରମଣ କଲେ, ମାତ୍ର ପରାସ୍ତ ହେଲେ । ଯେତେଦିନ ଯାଏ ଦେଶରକ୍ଷା କରିବା ଲାଗି ଓଡ଼ିଶା ରାଜା ଓ ଓଡ଼ିଆ ସୈନ୍ୟମାନେ ଏକମନ ଏକପ୍ରାଣରେ କାମ କରୁଥିଲେ, ସେତେଦିନ ଯାଏ ମୁସଲମାନମାନେ ଓଡ଼ିଶା ଆକ୍ରମଣ କରି ପରାସ୍ତ ହେଉଥିଲେ, ସେତେଦିନ ଯାଏ ମୁସଲମାନମାନେ ଆଉ ପ୍ରବେଶ କରିପାରି ନଥିଲେ ।

କଥା ଅଛି, ଦୁଇ ଜଣଙ୍କର କଳି ହେଲେ ତୃତୀୟ ଜଣଙ୍କର ଲାଭ ହୁଏ । ଘର ବିବାଦ ଘାଣ୍ଟିକୁ ନେଲେ ଅନ୍ୟ ଜଣଙ୍କର ଲାଭ ହୁଏ । ରାଜା ପ୍ରଜା ମଧ୍ୟରେ ବିବାଦ ହେଉ ବା ଭାଇ ଭାଇ ମଧ୍ୟରେ ବିବାଦ ହେଉ, ଜଣେ ଯଦି ଅନ୍ୟର ଶତ୍ରୁଭାବାପନ୍ନ ହେଲା ତେବେ ନିଶ୍ଚୟ ଅନ୍ୟ ଜଣକ ତା ଜାଗାରେ ସୁବିଧା କରିନେବାକୁ ଚେଷ୍ଟା କରିବ । ଅବଶ୍ୟ ଅନେକ ନିରପେକ୍ଷ ମଧ୍ୟସ୍ଥକାରୀ ଅଛନ୍ତି, ଯେଉଁମାନେ କେବଳ ବିବାଦ ନିଷ୍ପତ୍ତି କରିଦେବାକୁ ଆପଣାର ସ୍ୱାର୍ଥ ବୋଲି ମନେ କରନ୍ତି । ମାତ୍ର ଭଲଲୋକଟା ଯେବେ ସ୍ୱାର୍ଥୀ ଧନଲୋଭୀଙ୍କ ହାତରେ ପଡ଼ିଲା, ତେବେ ସେମାନେ ଆପଣା ସ୍ୱାର୍ଥସିଦ୍ଧି କରିବସନ୍ତି ।

ଓଡ଼ିଶା ରାଜାଙ୍କ କପାଳରେ ଏହାହିଁ ଘଟିଲା । ଆପଣା ପ୍ରଜାମାନଙ୍କ ବିରୁଦ୍ଧରେ ସେ ୧୩୦୯ ଖ୍ରୀଷ୍ଟାବ୍ଦରେ ମୁସଲମାନମାନଙ୍କ ସାହାଯ୍ୟ ନେଇଥିଲେ । ଏହା ଗୋଟିଏ ଦୁର୍ଲକ୍ଷଣ ! ମୁସଲମାନମାନେ ଏଇଠାରୁ ବଳ କଳି ନେଲେ ।

ପ୍ରଜା ରାଜାର ପୁତ୍ର ତୁଲ୍ୟ । ଏହି ବାତ୍ସଲ୍ୟ ଦୃଷ୍ଟିରେ ପ୍ରଜାମାନଙ୍କୁ ଦେଖିଲେ ଆଉ କିଛି ଗଣ୍ଡଗୋଳ ହେବନାହିଁ । ରାଜାଙ୍କ ହସ୍ତରେ ଶାସନ ଦଣ୍ଡ ଅଛି, ସେ ଯାହା ବିଚାର କରିବେ ତାହାହିଁ କରିପାରିବେ । ଶ୍ରୀଭାଗବତ କହେ "ଦଣ୍ଡିବା ଶକ୍ତି ଥାଇ ଯେ ଦୁଃଖୀ କ୍ଷମା ଆଚରଇ ।" ଏହା ବୋଲି ପ୍ରଜାମାନଙ୍କ ମନକୁ ରାଜା ଏକୋଟେକାଲେ ଏଡ଼ିଦେବେ ତାହା ନୁହଇ ? ରାଜା ଅନେକ; ରାଜ ସେମାନଙ୍କ ମତ ଏଡ଼ିଦେଲେ ଫଳ ହେଉ ମତଭେଦ ଏବଂ ଏହି ମତଭେଦ କ୍ରମେ ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ କରେ । ରାଜା ପ୍ରଜା ମଧ୍ୟରେ କୌଣସି ବିଷୟରେ ମତଭେଦ ହେଲେ ତହିଁର ସାମଞ୍ଜସ୍ୟ କରି ଦେବା ଲାଗି ରାଜନୀତି ଆବଶ୍ୟକ । ରାଜ ପ୍ରଜା ମଧ୍ୟରେ ବିବାଦ ହେଲେ ରାଜା କ'ଣ ଅନ୍ୟ ଏକ ଜାତିର ଆଶ୍ରୟ ନେବା ନୀତିସଙ୍ଗତ ନୁହେଁ ? କଦାପି ନୁହେଁ । ଏକଥା ଯେ କରେ ତାର ଭାଗ୍ୟ ଅମଙ୍ଗଳ ଅବଶ୍ୟମ୍ଭାବୀ ! ପ୍ରକୃତ ନୀତି ହେଉଛି ପ୍ରଜାମାନଙ୍କ ପ୍ରତି ଶୁଣିବା । ପ୍ରତି ଶୁଣି ପ୍ରଜାମାନଙ୍କ ନ୍ୟାଯ୍ୟ ଦାବିର ବିଚାର କରିବା ଆବଶ୍ୟକ । ଆବଶ୍ୟକ ହେଲେ ପ୍ରଜାମାନଙ୍କ ମତ ରକ୍ଷା କରିବାକୁ ହେବ । ଯେଉଁ ଲେଖି ରାଜା କହନ୍ତି, "ଆମ୍ଭେ ରାଜା, ଆମ୍ଭର ଯାହା ଇଚ୍ଛା ତାହା କରୁ, ତୁମ୍ଭେ ପ୍ରଜାବୃନ୍ଦ କଣ ଆମ୍ଭଙ୍କୁ ଶିକ୍ଷା ଦେବ ?" ମୁଁ କହେ, ସେ ରାଜାର ପ୍ରକୃତ ରାଜନୀତି ଜ୍ଞାନ ନାହିଁ । ଏ ପ୍ରକାର ନୀତି ଅବଲମ୍ବନ କରି ଶାସନ କଲେ ଫଳ ବିଷମୟ । ଏଥିରେ ରାଜାର କ୍ଷତି ଓ ପ୍ରଜାର କ୍ଷତି । ଆହୁରି କପଟି ନିଜ ପ୍ରଜାମାନଙ୍କୁ ଦମନ କରିବା ଲାଗି ଅନ୍ୟର ଆଶ୍ରୟ ଦୂଷଣ ।

ଓଡ଼ିଶା ରାଜା ଭୂପଦେବଙ୍କ ମନର ଅବସାଦନା ଫଳ ପଠାଣମାନଙ୍କ ଆଶ୍ରୟ ନେବା ହେତୁ ଓଡ଼ିଶା ଇତିହାସରେ ମୁସଲମାନଙ୍କ ପ୍ରଥମ କଳଙ୍କ କବଳରେ ପଡ଼ିଲା ।

୧୩୦୯ ଶତାବ୍ଦୀରୁ ୧୫୬୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମୁସଲମାନମାନେ ଓଡ଼ିଶା ଆକ୍ରମଣରୁ କ୍ଷାନ୍ତ ଥିଲେ । ୧୫୬୧ ଖ୍ରୀଷ୍ଟାବ୍ଦରେ ପୁଣି ପଠାଣ ଆସି ଓଡ଼ିଶାରେ ଲୁଟପାଟ ଆରମ୍ଭ କଲେ । ସେତେବେଳେ ମୁସଲମାନମାନେ ମାନ୍ଦ୍ରାଜରେ ରହୁଥିଲେ । ଓଡ଼ିଶା ରାଜା ଦକ୍ଷିଣ ରାଜାଙ୍କ ସହିତ ମିଳିତ ହୋଇ ପଠାଣମାନଙ୍କୁ ଆକ୍ରମଣ କଲେ । ମାତ୍ର ଶେଷରେ ୨୦୦୦୦୦ ପାଉଣ୍ଡ ବା ୮୦୦୦୦୦୦ ଟଙ୍କା ଦେଇ ଓଡ଼ିଶା ରାଜା ଶାନ୍ତିରେ ସନ୍ଧି କଲେ । ଫଳରେ ମୁସଲମାନମାନେ ଓଡ଼ିଶା ରାଜାଙ୍କର ମିତ୍ର ହେଲେ ।

ପୁଣିଥରେ ଯୁଦ୍ଧବିବାଦ ଆରମ୍ଭ ହେଲା । ଓଡ଼ିଶା ରାଜା ଓ ଦକ୍ଷିଣ ରାଜାଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିବାରୁ ଓଡ଼ିଶା ରାଜା ଆପଣା ମିତ୍ର ମୁସଲମାନମାନଙ୍କ

ଅଗ୍ରସର ହେଲେ । ମିଶ ତ ସେପରି ହେଉ ପରି ମିଶ ନୁହନ୍ତି । ଏ ହୁସେନ୍ ଶାହ ରାଜମହେନ୍ଦ୍ରୀ ଓ କଣ୍ଡାପାଲି ଦୁଇଟି ଦୁର୍ଗ ହସ୍ତଗତ କଲେ । ହାତରୁ ଛୁଟିଲେ ଅସମ୍ପୂର୍ଣ୍ଣ ବୋଲି ଯାହା କହନ୍ତି ଓଡ଼ିଶା ରାଜା ଦୁଇଟି ଦୁର୍ଗ ଛାଡ଼ିଦେଇ ପଶ୍ଚାତ୍ପଦ କଲେ । ତେଣିକି ଭଜନ୍ୟ ଉଦୟ ହେଲା । ମନେ ପାଡ଼ିଲେ, ଗୁଲବର୍ଗାବାଦର ବାହମନୀ ବଂଶ ହେବ ତା କିଏ ଜାଣିଥିଲା ? ପୁନଶ୍ଚ ଦକ୍ଷିଣ ରାଜାଙ୍କ ସଙ୍ଗେ ମିଳିଗଲେ । ମାତ୍ର କଥାଟା ମିଶ ମୁସଲମାନମାନଙ୍କୁ ସୁଖ ଲାଗିଲା ନାହିଁ । ୧୦୦୦୦ ମୁସଲମାନ ଓଡ଼ିଶା ଆକ୍ରମଣ କଲେ, କେତେକ ଟଙ୍କା ଆଦାୟ କଲେ, ମାତ୍ର ଫଳରେ ଓଡ଼ିଶା ଜୟକରି ପାରିଲେ ନାହିଁ । ପଞ୍ଚଦଶ ଶତାବ୍ଦୀର ଶେଷ ଭାଗ । ଓଡ଼ିଶା ରାଜା ଓ ତାଙ୍କ ମିଶ ମୁସଲମାନମାନେ ଦକ୍ଷିଣ ରାଜମହେନ୍ଦ୍ରୀ ରାଜାଙ୍କ ସପକ୍ଷରେ ଯୁଦ୍ଧ କରୁଥିବା ଦୃଶ୍ୟ ଶେଷ ହେଲା ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରୁ ଏକ ନୂତନ ଦୃଶ୍ୟ ଆରମ୍ଭ ହେଲା । ଇତି-ମଧ୍ୟରେ ରାଜମହେନ୍ଦ୍ରୀ ରାଜା ବହୁତ ଶକ୍ତି ସଂଗ୍ରହ କରି ପଠାଣମାନଙ୍କୁ ସମୁଦ୍ରକୁ ଘଉଡ଼ାଇ ଦେବାର ଚେଷ୍ଟା କରିଥିଲେ ।

କୃଷ୍ଣରାୟ ରାଜମହେନ୍ଦ୍ରୀର ରାଜା ଥିଲେ । ତାଙ୍କର ବୀରତ୍ୱ ଓ ରଣକୁଶଳତା ଅସାଧାରଣ ପ୍ରକାରର ଥିଲା । ତାଙ୍କ ବୀରତ୍ୱ ଫିରୋଜଠାରୁ ଉଦ୍ଧୃତ ଯାଏ ଇତିହାସ ପ୍ରକାର ଜଣାଯାଏ । ମୁସଲମାନ ଆକ୍ରମଣକୁ ସେ ବିଶେଷ ବାଧା ଦେଉଥିଲେ । ଓଡ଼ିଶା ରାଜା ପରାସ୍ତ ହେଲେ, ମାତ୍ର କୃଷ୍ଣରାୟ ତାଙ୍କ ଦୁହିତାଙ୍କୁ ଓଡ଼ିଶା ରାଜାଙ୍କ ସହିତ ବିବାହ ଦେଲେ ।

ଫେରିସ୍ତାଙ୍କ ଜନବର୍ଣ୍ଣିତ ବାହ୍ମନୀ ରାଜ୍ୟର ଇତିହାସରୁ ଏ ସମ୍ବନ୍ଧେ ଅନେକ କଥା ମିଳେ ।

ମାଦଳାପାଞ୍ଜିରୁ ଜଣାଯାଏ ସୂର୍ଯ୍ୟବଂଶର ଶେଷ ରାଜା ଅକଟାଅବଟା ଭାନୁଙ୍କ ଅମଳରେ ମୋଗଲ ଆସିଲେ, ଖେଦି ଦେଇ ପାରିଥିଲେ । ମାତ୍ର କପିଳେନ୍ଦ୍ର-ଦେବଙ୍କ ଅମଳରେ ବହୁତ ଯୁଦ୍ଧ, ଆକ୍ରମଣ ଇତ୍ୟାଦି ଘଟିଥିଲା । ଏଥିର ବିଶଦ ବିବରଣ ଫେରିସ୍ତାଙ୍କ ଇତିହାସରୁ ନିମ୍ନଲିଖିତ ମତେ ମିଳେ ।

ଦକ୍ଷିଣର ମୁସଲମାନ ରାଜାମାନେ ତେଲିଙ୍ଗାନା ଓ କର୍ଣ୍ଣାଟ ରାଜାମାନଙ୍କ ସହିତ ବହୁକାଳ ବିବ୍ରତ ଥିବାରୁ ଓଡ଼ିଶା ବିଷୟ କିଛି କରିପାରି ନ ଥିଲେ । ମୁସଲମାନ ଇତିହାସ କହେ, ଓଡ଼ିଶା ରାଜା କପିଳେନ୍ଦ୍ରଦେବଙ୍କ ହେତୁରୁ ଯୁଦ୍ଧ ଆରମ୍ଭ ହେଲା । ମାତ୍ର ଏକଥା ସତ୍ୟ ଥିଲାପରି ବୋଧ ହେଉନାହିଁ । ମୁସଲମାନ-

ନାଦେନ ପ୍ରଥମ ଆକ୍ରମଣକାରୀ ଥିବା ସତ୍ୟ ଅଟେ । ହୁମାୟୁନଶା ବାହ୍ମଣୀଙ୍କ ରାଜତ୍ୱ କାଳରେ ତେଲିଙ୍ଗାମାନେ ମୁସଲମାନମାନଙ୍କ ଅତ୍ୟାଚାର ଦ୍ୱାରା ପ୍ରପୀଡ଼ିତ ହୋଇ ଓଡ଼ିଶା ରାଜା ଓ ଓଡ଼ିଆମାନଙ୍କ ଆଶ୍ରୟ ନେଲେ । ଓଡ଼ିଶା ରାଜା ବସ୍ତୁତ ହସ୍ତୀ ଓ ସୈନ୍ୟ ଦେଇ ତେଲିଙ୍ଗାନାମାନଙ୍କୁ ସାହାଯ୍ୟ ଦେଲେ । ମିଳିତ ସୈନ୍ୟମାନେ ମୁସଲମାନମାନଙ୍କୁ ପରାଜିତ କରି ଯୁଦ୍ଧକ୍ଷେତ୍ରରୁ ଅନେକ ମାଇଲ ଦୂର ପର୍ଯ୍ୟନ୍ତ ପଶ୍ଚାଦ୍ଧାବନ କଲେ । ହୁମାୟୁନଙ୍କ ପୁତ୍ର ନିଜାମ ଶାହଙ୍କ ବେଳେ ଓଡ଼ିଶା ରାଜା ତେଲିଙ୍ଗାନାର କ୍ଷମତାଶାଳୀ ହିନ୍ଦୁ ଓ ଜମିଦାରଙ୍କ ସହିତ ମିଳିତ ହୋଇ ଦକ୍ଷିଣର ରାଜାଙ୍କ ରାଜ୍ୟକୁ ରାଜମହେନ୍ଦ୍ରୀ ପଥ ଦେଇ କୋଲ ପର୍ଯ୍ୟନ୍ତ ଆକ୍ରମଣ କରି ଲୁଟପାଟ କଲେ ଏବଂ ମୁସଲମାନମାନଙ୍କ କବଳରୁ ସମସ୍ତ ତେଲିଙ୍ଗାନା ରାଜ୍ୟକସ୍ୱକର ସେମାନଙ୍କଠାରୁ ଭେଟି ଆଦାୟ କରିବା ନିମିତ୍ତ ବାଞ୍ଛା କରିଥିଲେ । ଅହମଦାବାଦ (ବିଦର) ମୁସଲମାନମାନଙ୍କର ରାଜଧାନୀ ଥିଲା । ସୈନ୍ୟମାନେ ରାଜଧାନୀଠାରୁ ଦଶମାଇଲ ଦୂରରେ ପ୍ରବେଶ ହେଲାରୁ ମନ୍ତ୍ରୀମାନେ ଓଡ଼ିଶା ରାଜାଙ୍କଠାରୁ ଖବରଦେଲେ, "ମୁସଲମାନ ରାଜା ବହୁକାଳରୁ ଓଡ଼ିଶା ଓ ତାହାନଗର ଜୟ କରିବାର ବାସନା ମନରେ ପୋଷଣ କରିଅଛନ୍ତି; କିନ୍ତୁ ଦୂରତା ହେତୁ ସେ କାର୍ଯ୍ୟ ହୋଇପାରି ନାହିଁ । ମାତ୍ର ପ୍ରଜା ବଳେ ଅସି ଆସ୍ତ କବଳ ମଧ୍ୟରେ ପ୍ରବେଶ କରିଥିବା ହେତୁ ଜସ୍ତି ମୁସଲମାନ ସୈନ୍ୟମାନେ ବହୁ ପରାକ୍ରମରୁ ରକ୍ଷା ପାଇଲେ ।" ଏହି ଶଙ୍କିତ ସମ୍ବାଦ ସଙ୍ଗେ ସଙ୍ଗେ ଏକଦଳ ଅଶ୍ୱାରୋହୀ ସୈନ୍ୟ ଆସି ଆକ୍ରମଣ କଲେ । ସୁତରାଂ, ହିନ୍ଦୁମାନଙ୍କ ସାହସ କିଛିଏ ଶୀତଳ ହୋଇଗଲା ଏବଂ ସେମାନେ ହଟିଗଲେ । ଅନନ୍ତରେ ୫୦୦୦୦୦ ଟଙ୍କା ଦେଇ ଜରାଯଦରେ ଆପଣା ଦେଶର ସୀମାନ୍ତ ପ୍ରଦେଶ ପର୍ଯ୍ୟନ୍ତ ଫେରି ଆସିଲେ ।

୧୪୭୬ ଖ୍ରୀଷ୍ଟାବ୍ଦରେ ଓଡ଼ିଆ ରାଜା ହମ୍ବୀର ରାଜା ମହମ୍ମଦ ଶାହଙ୍କ ନିକଟରେ ଓଡ଼ିଶା ରାଜାଙ୍କଠାରୁ ସାହାଯ୍ୟପ୍ରାପ୍ତ ଜଣେ ଆକ୍ରମଣକାରୀ ବିରୁଦ୍ଧରେ ଅଭିଯୋଗ କଲା ଏବଂ ଚୁକ୍ତି କଲା ଯେ, ଯେବେ ସୁଲ୍ତାନଙ୍କର ସାହାଯ୍ୟ ପାଇ ସେ ତାର ସ୍ୱର୍ଥ ବଜାୟ ରଖେ, ତେବେ ସେ ମୁସଲମାନମାନଙ୍କ ଅଧୀନତା ସ୍ୱୀକାର କରିବ ଏବଂ କେତେଗୋଟି ଦୁର୍ଗ ଛାଡ଼ିଦେବ ।

( ଏଠାରେ "ଓଡ଼ିଆ" କି ଅର୍ଥରେ ବ୍ୟବହୃତ ହୋଇଛି ବୁଝାଯାଉ ନାହିଁ । ସ୍ମିଥ୍ ସାହେବଙ୍କ ମତରେ ଓଡ଼ିଆ ଅର୍ଥ ବୋଧହୁଏ ରାଜମହେନ୍ଦ୍ରୀଠାରୁ କଣ୍ଡାପାଲି ପର୍ଯ୍ୟନ୍ତ ରାଜ୍ୟ । ସମ୍ଭବତଃ ଏ ରାଜ୍ୟ ଜଣେ ଓଡ଼ିଆ ସାମନ୍ତ ରାଜା ଅଧୀନରେ ଥିଲା ଏବଂ ଓଡ଼ିଶା ରାଜ୍ୟର ଏହା ଏକ ଅଂଶ ଥିଲା । ମାଦଳାପାଞ୍ଜିରେ ବର୍ଣ୍ଣିତ ବିଷୟରୁ ମଧ୍ୟ ଏହି କଥା ଜଣାଯାଏ । )

ବାହ୍ମନୀ ରାଜା ଦସ୍ତକାଳ ଘୋଷିତ ବାସନା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ହମ୍ବୀରଙ୍କ ପ୍ରସ୍ତାବ ସାନନ୍ଦରେ ଗ୍ରହଣ କଲେ ଏବଂ ସୈନ୍ୟ ପ୍ରେରଣ କଲେ । ଆକ୍ରମଣକାରୀ ମଙ୍ଗଳ ରାୟଙ୍କୁ ପରାସ୍ତ କଲେ, ଦକ୍ଷିଣଦେଶ ମିତ୍ରରାଜାଙ୍କ ଜମିକୁ ଉଦ୍ଧାର କରିଦେଲେ ଓ କଟକ ରାଜମହେନ୍ଦ୍ରୀ ଓ କଣ୍ଡାପାଲି ନାମକ ଦୁଇ ଦୁର୍ଗ ନେଲେ ।

କେତେକ ଦିନ ପରେ ଓଡ଼ିଆ ରାୟଙ୍କର ଦୈନ୍ୟ ଉପସ୍ଥ ହେଲା । ମୁସଲମାନମାନଙ୍କ ସହିତ ମିତ୍ରତାର ଫଳ ବୁଝିପାରି ଓଡ଼ିଶା ରାଜାଙ୍କ ସହିତ ମିତ୍ରତା ପୁନଃ ସ୍ଥାପନ ଲାଗି ଚେଷ୍ଟା କଲେ । ଇତିମଧ୍ୟରେ ଦକ୍ଷିଣ ପ୍ରଦେଶରେ ଘୋର ଲୋକକ୍ଷୟକାରୀ ଦୁର୍ଭିକ୍ଷ ଉପସ୍ଥିତ ହେବାରୁ ଓଡ଼ିଆ ରାୟ ଓଡ଼ିଶା ରାଜାଙ୍କୁ ଖବର ଦେଲେ, "ଯଦି ତେଲିଙ୍ଗାନାର ପୈତୃକ ରାଜ୍ୟ ସମସ୍ତ ଉଦ୍ଧାର କରିବାର ଇଚ୍ଛାଥାଏ, ତେବେ ଏହି ସୁଯୋଗ ଛାଡ଼ିବାର ନୁହେଁ" । ଓଡ଼ିଶା ରାଜା ସୁଯୋଗ ପାଇ ୧୦୦୦୦ ପଦାତିକ, ୮୦୦୦ ଅଶ୍ୱାରୋହୀ ସଂଗ୍ରହ କଲେ ଏବଂ ଅନ୍ୟାନ୍ୟ ଗଡ଼ଜାତ ରାଜାମାନଙ୍କୁ ସଙ୍ଗେ ନେଇ ତେଲିଙ୍ଗାନା ଯାତ୍ରା କଲେ । ମହମ୍ମଦ ଶାହ ଏ ସମ୍ବାଦ ପାଇ ଓଡ଼ିଶା ଓ ଓଡ଼ିଆର ମିଳିତ ସୈନ୍ୟଙ୍କୁ ବାଧାଦେଲା ଏବଂ ଶୀଘ୍ର ରାଜମହେନ୍ଦ୍ରୀର ଯୁଦ୍ଧ ଦେଇ ପଳାଇ ଆସିବାକୁ ବାଧ୍ୟ କଲା । ଏହି ପ୍ରତିହିଂସା ନେବାଲାଗି ମହମ୍ମଦ ଶାହ ୨୦୦୦୦ ସୈନ୍ୟ ନେଇ ଓଡ଼ିଶା ଆକ୍ରମଣ କଲା ଏବଂ ରାଜଧାନୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ଦେଶ ଲୁଟପାଟ କରି ଛାରଖାର କଲା । ଓଡ଼ିଶା ରାଜା ବାଧ୍ୟହୋଇ ସନ୍ଧିସ୍ଥାପନ କଲେ, ବହୁତ ସୁନାରୁପା ଓ ହାତୀ ଦେଲେ । ମହମ୍ମଦ ଶୀଘ୍ର କଣ୍ଡାପାଲିକୁ ଫେରିଆସି ଓଡ଼ିଆ ରାଜଙ୍କୁ ପରାସ୍ତ କଲା । କପିଳେନ୍ଦ୍ର ଦେବଙ୍କ ରାଜତ୍ୱର ଶେଷାଂଶରେ ଏ ଘଟଣା ଘଟିଥିଲା ।

(ଉପରେ ଯେଉଁ 'କଳବର୍ଗ" କଥା ଲେଖିଛୁ ତାହା ଏହି ସମୟରେ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା ଏବଂ ଓଡ଼ିଶା ରାଜା 'କଳବର୍ଗେଶ୍ୱର" ଉପାଧି ଧାରଣ କରିଥିଲେ । କଳବର୍ଗ 'ହାଇଦରାବାଦ" ମଧ୍ୟରେ ।)

ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ସମୟରେ ପୁନର୍ବାର ମୁସଲମାନମାନେ ଉତ୍ତର ଦେଶରୁ ଆସି କଟକ ଆକ୍ରମଣ କଲେ । ଶାସନକର୍ତ୍ତା ଅନନ୍ତ ସାମନ୍ତ-ସିଂହାର କଟକ ଦୁର୍ଗ ରକ୍ଷା କରିବାକୁ ଅସମର୍ଥ ହୋଇ ସାରଙ୍ଗଗଡ଼ରେ ବାସ କଲେ । ସାରଙ୍ଗଗଡ଼ କାଠଯୋଡ଼ିର ଦକ୍ଷିଣରେ । ମୁସଲମାନମାନେ ରାଜଧାନୀ ଲୁଣ୍ଠନ କରି ପୁରୀ ପର୍ଯ୍ୟନ୍ତ ଆଗମନ କଲେ ଏବଂ ସେଠାରେ ବହୁତ ଅତ୍ୟାଚାର କଲେ । ଇତିପୂର୍ବେ ସେବକମାନେ ଠାକୁରଙ୍କୁ ସ୍ଥାନାନ୍ତରିତ କରି-ଥିବାର ସମ୍ବାଦ ପାଇ ଅତ୍ୟନ୍ତ କ୍ରୋଧାନ୍ଧ ହେଲେ ମାତ୍ର ଶତ୍ରୁପକ୍ଷମାନଙ୍କୁ

ପ୍ରତାପରୁଦ୍ର ଦେବଙ୍କ ଅମଳରେ ଚଢ଼ା ଦେଇ ଦଖଲ କରିଲେ; କାରଣ ମହମ୍ମଦ ସେତେବେଳେ ଅଳ୍ପ ଶାସନଶକ୍ତି ହୋଇପଡ଼ିଥିଲେ । ୧୫୩୧ ଖ୍ରୀଷ୍ଟାବ୍ଦରେ ପ୍ରତାପରୁଦ୍ର ଦେବ ପ୍ରାଣତ୍ୟାଗ କଲେ ଏବଂ ଏହାଙ୍କ ଅମଳ ପରେ କ୍ରମେ ଉତ୍କଳ-ଶୌର୍ଯ୍ୟରବି ଅସ୍ତାଚଳ ଆଡ଼କୁ ଗମନ କଲେ ।

ଫେରିସ୍ତାଙ୍କ ଇତିହାସରୁ ଜଣାଯାଏ ଯେ ଏହି ସମୟରେ ରାଜମହେନ୍ଦ୍ରୀ ଓ ଗୋଦାବରୀ ନିକଟସ୍ଥ ଅନ୍ୟାନ୍ୟ ସ୍ଥାନମାନଙ୍କ ଦଖଲ ନେଇ ଓଡ଼ିଶା ରାଜା ଏବଂ ବାହ୍ମନି ଓ ଗୋଲକୁଣ୍ଡାର କୁତବଶାହ ରାଜାମାନଙ୍କ ମଧ୍ୟରେ ବହୁତ ବିବାଦ ଚାଲିଥିଲା । କିନ୍ତୁ ଏତେ କାଳ ଓଡ଼ିଶା ବଙ୍ଗସ୍ଥ ମୁସଲମାନମାନଙ୍କ ପକ୍ଷେ ଏକାବେଳକେ ଅଗମ୍ୟ ହୋଇ ପଡ଼ିଥିଲା ।

ଅନ୍ତର୍ବିବାଦ ହେଲେ ଦେଶ ଗ୍ରାସଙ୍କର ହୁଏ । ଘରଭିତର ମଧ୍ୟରେ ଏକତା ନ ରହିଲେ ବହିଃଶତ୍ରୁମାନେ ଦେଶ ମଧ୍ୟରେ ପ୍ରବେଶ କରିବା ଲାଗି ସୁବିଧା ସୁଯୋଗ ପାଆନ୍ତି । ଅନ୍ତର୍ବିବାଦ ହେତୁ ଶକ୍ତି ହାନି ହେଲେ ଆଉ ବହିଃଶତ୍ରୁ ମୁହଁରୁ ଦେଶ-ରକ୍ଷା କରିବା କଠିନ ହୋଇପଡ଼େ । ଓଡ଼ିଶା କପାଳରେ ଏହାହିଁ ଘଟିଲା । ପ୍ରତାପରୁଦ୍ର ଦେବଙ୍କ ପରେ ରାଜସିଂହାସନରେ ବଡ଼ ଗଣ୍ଡଗୋଳ ଜାତ ହେଲା । ନରହତ୍ୟା ରାଜସିଂହାସନ ଲାଭର ଏକମାତ୍ର ଅବଲମ୍ବନ ହେଲା । ପ୍ରଥମ ମୁକୁନ୍ଦଦେବଙ୍କ ତେଲଙ୍ଗୀ ପର୍ଯ୍ୟନ୍ତ ସମସ୍ତ ମଧ୍ୟରେ କେବଳ ନରହତ୍ୟା ଓ ଷଡ଼ଯନ୍ତ୍ର ଦ୍ୱାରା ଓଡ଼ିଶା ରାଜସିଂହାସନରେ ଅଧିକୃତ ହେଲେ । ପ୍ରବଳ ମୁସଲମାନ ଶତ୍ରୁ ଉଭୟ ଉତ୍ତର ଓ ଦକ୍ଷିଣ ଦିଗରୁ ମୁଖବ୍ୟାଦାନ କରି ଓଡ଼ିଶାକୁ ଗ୍ରାସ କରିବାକୁ ବସିଥିଲେ । ମାତ୍ର ସେ ଦିଗକୁ ଦୃଷ୍ଟି ନ ଦେଇ ଆପଣା ସ୍ୱାର୍ଥସିଦ୍ଧି ନିମିତ୍ତ ନରହତ୍ୟା କରି ରାଜସିଂହାସନ ଅଳଙ୍କୃତ କରିବା ଲାଗି ଚେଷ୍ଟା ଲାଗିଲେ । ଏଥିରେ ବହୁତ ଶକ୍ତି କ୍ଷୟ ହେଲା । ଏ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଓଡ଼ିଶା ଆଫଗାନମାନଙ୍କ ହସ୍ତରେ ପଡ଼ିଲା ।

ମୁକୁନ୍ଦଦେବ ୧୫୫୯ ଖ୍ରୀଷ୍ଟାବ୍ଦରେ ରାଜା ହେଲେ । ଏହାଙ୍କ ୧୦ ଅଙ୍କରେ ଅର୍ଥାତ୍ ୧୫୬୮ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ଆଫଗାନ ରାଜା ବା ଶାସନକର୍ତ୍ତା ସୁଲେମାନ କରନ ଓଡ଼ିଶା ଆକ୍ରମଣ ଲାଗି ସୈନ୍ୟ ସଂଗ୍ରହ କରି ଆକ୍ରମଣ କଲେ । ମୁକୁନ୍ଦଦେବ ସୁଦୃଢ଼ ଦୁର୍ଗ ନିର୍ମାଣ କରି ଏମାନଙ୍କ ଆକ୍ରମଣକୁ ବାଧା ଦେଇ କୃତକାର୍ଯ୍ୟ ହୋଇଥିଲେ । ମାତ୍ର ଅବଶେଷରେ ପ୍ରବଳ ସେନାପତି କଳାପାହାଡ଼ ଆସି ଓଡ଼ିଶା ଜୟ କଲା ।

ପ୍ରବାଦ ଅଛି କଳାପାହାଡ଼ ଜାତରେ ବ୍ରାହ୍ମଣ ଥିଲା । ତାଙ୍କ ଅନନ୍ୟ-ସାଧାରଣ ସୌନ୍ଦର୍ଯ୍ୟ ଅବଲୋକନ କରି ଗୌଡ଼ ରାଜକନ୍ୟା ବିମୋହିତା ହୋଇ କୌଶଳ ଦ୍ୱାରା ତାଙ୍କୁ ଜାତଚ୍ୟୁତ କରାଇ ତାଙ୍କ ସହିତ ବିବାହ ସୂତ୍ରରେ ଆବଦ୍ଧା ହେଲେ । ଫଳତଃ କଳାପାହାଡ଼ ମୁସଲମାନ ହେଲେ । ସୁତରାଂ ସମସ୍ତ ହିନ୍ଦୁମାନଙ୍କୁ ମୁସଲମାନ କରାଇବା ଚେଷ୍ଟାରେ ନାନା ଅତ୍ୟାଚାର ଆରମ୍ଭ କଲେ । ହିନ୍ଦୁ ଦେବଦେବୀଙ୍କୁ ନଷ୍ଟ କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଓଡ଼ିଶାକୁ ଆସି ଏଠି ଅତ୍ୟାଚାର ଆରମ୍ଭ କଲେ ଏବଂ ଏହାଙ୍କ ନାମ ଆଜିପର୍ଯ୍ୟନ୍ତ ଲୋକେ ଭୁଲି ନାହାନ୍ତି ।

କଳାପାହାଡ଼ ଓଡ଼ିଶା ଆସିବା ପୂର୍ବରୁ ଅନେକ ଅଦ୍ଭୁତ କଥା ଦେଖାଗଲା । କଣ୍ଡଦେଉଳକୁ ପଥର ଫିଙ୍ଗିଲା ଏବଂ ସେ କ୍ଷେତ୍ରରେ ପ୍ରବେଶ କଲାବେଳେ ଚତୁର୍ଦ୍ଦିଗ ଅନ୍ଧକାର ହୋଇଥିଲା ବୋଲି ପ୍ରବାଦ ଅଛି ।

ବସ୍ତୁତ ଯୁଦ୍ଧ ପରେ ମୁକୁନ୍ଦଦେବ ପରାସ୍ତ ଓ ନିହତ ହେଲେ ଏବଂ ଓଡ଼ିଶା ଆଫଗାନମାନଙ୍କ ଅଧୀନ ହେଲା । ଓଡ଼ିଶାର ସ୍ୱାଧୀନତା ରବି ଏହିଠାରୁ ଅସ୍ତ ହେଲେ ।

ଉତ୍କଳର ଲୋକମାନେ ସ୍ୱାଧୀନତା ହରାଇ ବିକଳ ହେଲେ । ଘୋର ଅତ୍ୟାଚାର, ଘୋର ଅପମାନ ଧର୍ମ ଉପରେ ଅତ୍ୟାଚାର ଲୋକେ ସହ୍ୟ କରି ପାରିଲେ ନାହିଁ । ଏ ଜାତିପ୍ରତି ଅପମାନ କିଏ ସହ୍ୟ କରିପାରେ ? ସୁତରାଂ ମନ୍ତ୍ରୀ ଓ ରାଜ୍ୟର ପ୍ରଧାନ ପ୍ରଧାନ ନେତାମାନେ ପୁଣି ସ୍ୱାଧୀନତା ଲାଭ କରିବା ଉଦ୍ଦେଶ୍ୟରେ ଦନେଇ ବିଦ୍ୟାଧରଙ୍କ ପୁଅ ରଘୁଣେଇ ଭୋଇଙ୍କୁ "ରାମଚନ୍ଦ୍ରଦେବ" ଉପାଧି ଦେଇ ଓଡ଼ିଶା ମହାରାଜା ବୋଲି ମନୋନୀତ କଲେ ।

ଫେରସ୍ତାଙ୍କ ଇତିହାସରୁ ଜଣାଯାଏ ଯେ ମୁସଲମାନ କାରରାଣି ବା ଗରଜାନିଙ୍କ ପୁଅ ଦାଉଦ ଖାଁ ସେତେବେଳକୁ ଯାଏ ଓଡ଼ିଶାରେ ଦଖଲକାର ଥିଲେ । ଦିଲ୍ଲୀ ସମ୍ରାଟ ଅକବର ତାଙ୍କର ଆଫଗାନ ଶାସନକର୍ତ୍ତାମାନଙ୍କ ଅତ୍ୟାଚାର ଦେଖି ବଡ଼ ଅସନ୍ତୁଷ୍ଟ ଥିଲେ ଏବଂ ଅକବରଙ୍କ ସେନାପତି ମନେମଖାଁ ଓ ଖାଁଯାହାନମାନେ ବହୁବାର ଆକ୍ରମଣ କରି ଓଡ଼ିଶାକୁ ଆଫଗାନମାନଙ୍କଠାରୁ ଛଡ଼ାଇ ନେଇ ୧୫୬୮ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସାମ୍ରାଜ୍ୟଭୁକ୍ତ କଲେ ।

ସମ୍ରାଟ ଅକବରଙ୍କ ସେନାପତି ଶିବାଇ ଜୟସିଂହ ସାମ୍ରାଜ୍ୟ ପାର୍ଶ୍ୱୀସ୍ଥ କାର୍ଯ୍ୟ ଦେଖିବା ଲାଗି ଓଡ଼ିଶାକୁ ଆସିଲେ । ଭୁବନେଶ୍ୱରର ଦେବାଳୟମାଳା,

ବ୍ରାହ୍ମଣ ଶାସନମାନ ଦେଖି ତାଙ୍କ ମନରେ ଭକ୍ତିଭାବ ଉଦୟ ହେଲା ଏବଂ ମନୁଷ୍ୟ ଦ୍ୱାରା ଏ ରାଜ୍ୟ ଶାସିତ ହେବାର ଉପଯୁକ୍ତ ନୁହେଁ ବୋଲି ତାଙ୍କର ଧାରଣା ହେଲା । ଅଳ୍ପଦିନ ପରେ ରାମଚନ୍ଦ୍ରଦେବଙ୍କ ହସ୍ତେ ସମସ୍ତ ଶାସନଭାର ଅର୍ପଣ କରି ଫେରିଗଲେ ।

୧୫୮୨ ଖ୍ରୀଷ୍ଟାବ୍ଦରେ ବିଖ୍ୟାତ ଦେୱାନ ଟୋଡ଼ରମଲ୍ ଓଡ଼ିଶାକୁ ଆସିଲେ । ତାଙ୍କ ପ୍ରଚଳିତ ତନସିମଜମା ଓ ଟଙ୍କା ରକମୀ ନାମକ ବନ୍ଦୋବସ୍ତ କାର୍ଯ୍ୟ ପରିଦର୍ଶନ କରିବା ଉଦ୍ଦେଶ୍ୟରେ ସେ ଆସିଥିଲେ । ୨୮ ସର୍କାର ପରଗଣାରେ ନଳମାପ ହୋଇଥିଲା; ଜଲେଶ୍ୱର, ଭଦ୍ରକ ଓ କଟକ ତିନ ସରକାରରେ ଏ ବନ୍ଦୋବସ୍ତ ହୋଇଥିଲା । ଟୋଡ଼ରମଲ ରାମଚନ୍ଦ୍ରଦେବଙ୍କୁ ବହୁତ ମାନ୍ୟ ଓ ଭକ୍ତି କଲେ ଏବଂ ଜଗନ୍ନାଥ ମନ୍ଦିର ଓ ମୂର୍ତ୍ତି ଦେଖି ମୁଗ୍ଧ ହୋଇଥିଲେ ଏବଂ ପୁରୀକୁ କେଣାଦାୟରୁ ମୁକ୍ତ କରିଦେଲେ । ୧୫୮୩ରେ ଟୋଡ଼ରମଲ୍ ଫେରିଗଲେ ।

ଓଡ଼ିଶାରେ ମୋଗଲ ସୁବାର ଶାସନପ୍ରଣାଳୀ ୧୫୯୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନଥିଲା । ଏହି ବର୍ଷ ସମ୍ରାଟଙ୍କ ବଙ୍ଗ ପ୍ରତିନିଧି ରାଜା ମାନସିଂହ ଶାସନଭାର ଗ୍ରହଣ କରିବାକୁ ଆଗମନ କଲେ । ତାଙ୍କ ଆଗମନରେ ଦୁଇଗୋଟି ଉଦ୍ଦେଶ୍ୟ ଥିଲା—ଅଫଗାନମାନଙ୍କୁ ବିତାଡ଼ିତ କରିବା ଏବଂ ରାମଚନ୍ଦ୍ରଦେବଙ୍କ ସହିତ ତେଲେଙ୍ଗା ମୁକୁନ୍ଦଦେବଙ୍କ ଦୁଇ ପୁତ୍ରଙ୍କ (ରାମଚନ୍ଦ୍ର, ରାୟ ଓ ଛକଡ଼ି ଭ୍ରମରବର) ବିବାଦ ନିଷ୍ପତ୍ତି କରିବା ।

ମାନସିଂହ ଦେଖିଲେ ବିବାଦ ବଡ଼ ଜଟିଳ ପ୍ରକାରର । ଉଭୟ ପକ୍ଷରେ ଦାବୀଦାୱା ଅନେକ । ସେ ଦେଖିଲେ ସେ ଓଡ଼ିଶା ରାଜବଂଶର ପୈତୃକ ସମ୍ପତ୍ତି ମଧ୍ୟରୁ ଯାହା କିଛି ଅବଶିଷ୍ଟ ଅଛି ତାକୁ ବଣ୍ଟନ କରିଦେବାହିଁ ଶ୍ରେୟସ୍କର । ଫଳରେ ଏହାହିଁ ହେଲା । ପୁରୁଷୋତ୍ତମକ୍ଷେତ୍ର ସହିତ ଖୋର୍ଦ୍ଧା କିଲ୍ଲା ସ୍ଥାନରେ ଏବଂ ଅନ୍ୟାନ୍ୟ କେତେକ ମହାଲ ମହାରାଜା ଉପାଧି ସହିତ ରାମଚନ୍ଦ୍ର ଦେବ ପାଇଲେ ଏବଂ ୫୦୦୦ ସୈନ୍ୟଙ୍କ ଉପରେ ସେନାପତିତ୍ୱ ପଦ ପାଇଲେ । ୨୯ କିଲ୍ଲାଜାତ ଦଳାମାନଙ୍କଠାରୁ ଭେଟି ଆଦାୟ କରିବା ଏବଂ ସେମାନଙ୍କ ମଧ୍ୟରେ ପ୍ରଧାନ ହୋଇ କର୍ତ୍ତୃତ୍ୱ ପରିଚାଳନା କରିବା କ୍ଷମତା ପାଇଲେ, କଟକ ଜିଲ୍ଲାର ସମସ୍ତ ଗଡ଼ଜାତ ସାହାନ ମହାନଦୀର ଦକ୍ଷିଣ ତରଫରେ ଅବସ୍ଥିତ ଦସପଲ୍ଲା, ନୟାଗଡ଼ ପ୍ରଭୃତି; ଗଞ୍ଜାମରେ କେମଣ୍ଡି ସୀମାନ୍ତ ପର୍ଯ୍ୟନ୍ତ ରାଜ୍ୟମାନଙ୍କ ଉପରେ ରାମଚନ୍ଦ୍ରଦେବଙ୍କର ଆଧିପତ୍ୟ ରହିଲା । ଆଳି ଏବଂ ତାହା ଅଧୀନସ୍ଥ ରାଜ୍ୟମାନ ମୁକୁନ୍ଦଦେବଙ୍କ ବଡ଼ପୁଅ

ରାମଚନ୍ଦ୍ର ପାଇଲେ ଜମିଦାରୀ ସ୍ୱତ୍ୱ ଏବଂ ଛତ୍ର ଚାମରର ଧାରଣଶକ୍ତି ପାଇଲେ ।

ମାନସିଂହ ଆଫଗାନମାନଙ୍କୁ ପରାସ୍ତ କରି ବିଦ୍ରୋହ ଦମନ କଲେ ଏବଂ ଦୁର୍ଗମାନ ସୁଦୃଢ଼ କଲେ । ଶାନ୍ତି ସ୍ଥାପିତ ହେଲା ଏବଂ ୧୫୯୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଦିଲ୍ଲୀ ସାମ୍ରାଜ୍ୟଭୁକ୍ତ ହେଲା ।

ରାମଚନ୍ଦ୍ର ଦେବ ୧୫୯୨ ବର୍ତ୍ତମାନକାଳ ମଧ୍ୟରେ ୧୨୯ ଗୋଟି ଦୁର୍ଗର ଅଧିପତି ହେଲେ ଏବଂ ରାଜତ୍ୱ କଲେ । ଆଫଗାନମାନଙ୍କୁ ଦମନ କରିଦେଇ ସମ୍ରାଟଙ୍କ କର୍ମସ୍ପୃହା ଦେଖାଇ; ୩୦୦୦ ଅଶ୍ୱାରୋହୀ ସୈନ୍ୟ ରଖିବାର କ୍ଷମତା ପାଇଲେ ।

ରାମଚନ୍ଦ୍ର ଦେବଙ୍କ ରାଜ୍ୟର ଆୟ ୬୧୫୬୧ ପାଉଣ୍ଡ । ଏହି ସମୟରୁ ଓଡ଼ିଶାରୁ ଆଫଗାନ ସମ୍ପର୍କ ଛୁଟିଲା ଏବଂ ମୋଗଲମାନେ ରାଜତ୍ୱ କଲେ ।

ଆଫଗାନମାନେ କେବଳ ପାଶବିକ ବଳ ପ୍ରୟୋଗ କରି ଯେପରି ରାଜ୍ୟଲାଭ କରିଥିଲେ ସେହିପରି ହରାଇ ବସିଲେ । ଅଧର୍ମ ଅନ୍ୟାୟ କେତେ ଦିନ ରାଜତ୍ୱ କରିପାରେ ? ଆଫଗାନମାନେ ପରାସ୍ତ ହୋଇ ସୁଦ୍ଧା ଉତ୍କଳ ଲାଳସା ଛାଡ଼ି ପାରିଲେ ନାହିଁ । ୧୫୯୯ ମସିହାରେ ପୁଣି ବିଦ୍ରୋହ ହେଲେ, ମାତ୍ର ପରାସ୍ତ ହେଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆଫଗାନମାନେ ବିଦ୍ରୋହୀ ହେଲେ, ମାତ୍ର ପରାସ୍ତ ହେଲେ । ଏହିପରି ବାରମ୍ବାର ପରାସ୍ତ ହୋଇ ଶେଷରେ ନିରସ୍ତ ହେଲେ । କିଛି କିଛି ଜମି ହାସଲ କରି ପ୍ରଜା ହୋଇ ବାସ କଲେ । ପ୍ରଜା ହୋଇ ବାସ କଲେ ସତ, କିନ୍ତୁ ମନରୁ "ଆମେ ନବାବ ଜାତି" ଗର୍ବ ଛାଡ଼ିଲେ ନାହିଁ । ଶିଳ୍ପ ବାଣିଜ୍ୟାଦି କଲେ ନାହିଁ । କ୍ରମେ ନିର୍ଦ୍ଧନ ହୋଇଗଲେ । ଅମୀର ଥିଲେ, ଫକୀର ହେଲେ ।

କଟକ ଜିଲ୍ଲାର ଲୋକସଂଖ୍ୟା ମଧ୍ୟରୁ ମୁସଲମାନ ପ୍ରାୟ ଏକ ଚତୁର୍ଦ୍ଦଶାଂଶ । ପୁରୀ ଲୋକସଂଖ୍ୟାରୁ ଏମାନେ ପ୍ରାୟ ଶତକଡ଼ା ୧ । ଏହିପରି ଆଫଗାନ ଅତ୍ୟାଚାରର ଶେଷ ହେଲା ।

୧୬୦୦ ଖ୍ରୀଷ୍ଟାବ୍ଦରେ ଆକବର ବାଦଶାହ ବଙ୍ଗଳା ସହିତ ଓଡ଼ିଶାର ଶାସନଭାର ବଡ଼ପୁଅକୁ ଦେଲେ । ପାଞ୍ଚବର୍ଷ ପରେ ଆକବରଙ୍କ ମୃତ୍ୟୁବେଳେ ଏ ଶାସନଭାର ନାତି ପାଇବ ବୋଲି କହିଗଲେ । ମାତ୍ର ନୂତନ ବାଦଶାହ ଏ ଶାସନଭାର ତାଙ୍କ ଭାଇଙ୍କି ଅର୍ପଣ କଲେ । ପୁନଶ୍ଚ ୧୬୧୨—୨୨ ପର୍ଯ୍ୟନ୍ତ ଏ ଶାସନଭାର ସମ୍ରାଟଙ୍କ ଆଜ୍ଞାନୁସାରେ ତାଙ୍କ ଶାଳକଙ୍କ ହସ୍ତରେ ଅର୍ପିତ ହେଲା ।

୧୬୨୧ ଖ୍ରୀଷ୍ଟାବ୍ଦରେ ସାହାଜାହାନ ଲଗି ବିଦ୍ରୋହୀ ହୋଇ ଓଡ଼ିଶାକୁ ପଳାଇ ଆସିଲେ। ଏଠାରେ ସୁଦ୍ଧାକର ସମ୍ରାଟଙ୍କ ଶାସନକର୍ତ୍ତାଙ୍କୁ ମାରିପକାଇ ୧୬୨୨—୧୬୨୪ ସାଲ ପର୍ଯ୍ୟନ୍ତ ବଙ୍ଗଦେଶ ଶାସନ କଲେ। ୧୬୨୪ରେ ସେଠାରେ ପରାସ୍ତ ହୋଇ ପୁନଶ୍ଚ ଓଡ଼ିଶାକୁ ପଳାଇ ଆସିଲେ।

୧୬୨୮ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସରେ ଜାହାଙ୍ଗୀର ତାଙ୍କ କାଗଜପତ୍ରରେ ଓଡ଼ିଶା ସମ୍ବନ୍ଧେ କେତେକ କଥା ଲେଖିଥିଲେ। ତାହା ବିହାର-ଓଡ଼ିଶା ରିସର୍ଚ୍ଚ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା। ତାର ନକ୍ସ ଜନ୍ମରେ ପ୍ରକାଶିତ ହେଲା।

ଅଉରଙ୍ଗଜେବଙ୍କ ରାଜତ୍ୱ ପ୍ରାରମ୍ଭ ସମୟରେ ମାଲୁ (ମାଲୁଦ) ମୋଗଲବନ୍ଦି ଓଡ଼ିଶାର ଦକ୍ଷିଣ ସୀମା ଥିଲା। ତହୁଁଆଡ଼କୁ କୁତବଶାହି ଜିଲ୍ଲାର ଚିକାକୋଲ। ଏଥିରୁ ଗୋଲକୁଣ୍ଡାକୁ ୨୦୦୦୦ ଟଙ୍କା ଦିଆଯାଉଥିଲା।

ଏ ସମୟରେ ମୁଁ ଖବର ପାଇଲି ଯେ ମକର ଖାଁ ଓଡ଼ିଶାର ଶାସନକର୍ତ୍ତା ଥିଲେ। ସେ ଖୋର୍ଦ୍ଧା ଜୟ କଲେ। ଓଡ଼ିଶା ରାଜା ରାଜମହେନ୍ଦ୍ରୀକୁ ପଳାୟନ କଲେ। ଗୋଲକୁଣ୍ଡା ଓ ଓଡ଼ିଶା ମଧ୍ୟରେ ଦୁଇ ଜମିଦାର, ଯଥା—ଖୋର୍ଦ୍ଧା ରାଜା ଓ ରାଜମହେନ୍ଦ୍ରୀ ରାଜା। ଖୋର୍ଦ୍ଧା ଅଧିକାରକୁ ଆସିଲା; ଏଥର ରାଜମହେନ୍ଦ୍ରୀ ପାଳି।

ଖ୍ରୀ ୧୬୨୯—୩୦ ଶୀତ ସମୟରେ ବାଖର ଖାଁ ଓଡ଼ିଶାର ଶାସନକର୍ତ୍ତା ହେଲେ। ସେ ପିପିଲିକୁ ଗଲେ। ସେ କୁତବଶାହି ଶ୍ରେଷ୍ଠ ରାସ୍ତା ଛଜିପୁଅରଠାରୁ ୪ମାଇଲ ଏବଂ ଓଡ଼ିଶା ମଧ୍ୟରେ ମହେନ୍ଦ୍ରଠାରୁ ୨୪ମାଇଲ ପର୍ଯ୍ୟନ୍ତ ଲୁଟପାଟ କରି ଛାରଖାର କଲେ। ବର୍ଷା ସମୟ ହେବାରୁ ଫେରି ଆସିଲେ। ପୁନଶ୍ଚ ୧୬୩୦ ଶରତ୍ କାଳରେ ଦୁଇ ଜମିଦାର ଅଲୀ, ଖଲ୍ଲିକୋଟ ଓ କୁହାଲିମାନଙ୍କ ସୈନ୍ୟ ସହିତ ଯାତ୍ରା କଲେ। ଡିସେମ୍ବର ମାସ ଶେଷଭାଗରେ ମନସୁରଗଡ଼ଠାରେ ପ୍ରବେଶ ହେଲେ। ଏ ଦୁର୍ଗ ଅଇଶପୁରଠାରୁ ୮ମାଇଲ ଦୂରରେ ଅବସ୍ଥିତ। ମନସୁର ନାମକ ଗୋଲକୁଣ୍ଡାର ଜଣେ କର୍ମଚାରୀ ପ୍ରସ୍ତୁତ କରିଥିଲେ। ଏଠାରେ ଯୁଦ୍ଧ ହେଲା। ବାଖର ଦୁର୍ଗ ଅଧିକାର କରି ଫେରିଗଲେ। କୁତବଶାହିମାନେ ପୁଣି ବିଦ୍ରୋହୀ ହେଲେ। ମାତ୍ର ବାରମ୍ବାର ପରାଜିତ ହେଲେ। ବାଖର ଖାଁ ଜମିଦାର ଓ ପ୍ରଜାମାନଙ୍କ ଉପରେ ବଡ଼ ଅତ୍ୟାଚାର କଲେ। ସାହାଜାହାନ ଏ କଥା ଶୁଣିପାରି ୨୪-୬-୧୬୩୨ରୋତକୁ ବରଖାସ୍ତ କଲେ। ବାଖରଖାଁ ଜମିଦାରମାନଙ୍କୁ କଏଦ

କରି ଗ୍ରାମସ୍ଥ ଅଧିବାସୀ କରୁଥିଲେ। ୨୦୦ ଜଣଙ୍କୁ ମାରି ପକାଇଲେ। ମାତ୍ର ଜଣେ ପଳାୟନ କରି ଶାହାଜାହାନଙ୍କୁ ସମ୍ବାଦ ଦେଲା।

ପଳାତକ ଜଣେ ଶାହାଜାଦାମାନଙ୍କୁ ଜଣାଇଲା ଯେ ବାକର ଖାଁ ୫୦ଲକ୍ଷ ଟଙ୍କା ନେଇଛି। ଶାହାଜାହାନ ତାଙ୍କୁ ତଲବ କରି ହିସାବ ବୁଝିଲେ।

ବାକରଙ୍କ ପରେ ମତାକଡ ଖାଁ ଶାସନକର୍ତ୍ତା ନିଯୁକ୍ତ ହେଲା। ସେ ଦ୍ୱିଥମ-ରୂପେ ଶାସନକରି ୧୭-୧୦-୧୬୪୧ ଖ୍ରୀଷ୍ଟାବ୍ଦରେ କଟକଦୁର୍ଗରେ ପ୍ରାଣତ୍ୟାଗକଲା।

ଶାଜଓ୍ୱାଜ ଖାଁ (୧୬୪୧—୧୬୪୨), ମହମ୍ମଦ ଜମନ ତେହେରାନୀ (୧୬୪୨—୧୬୪୫), ମତାକଡ ଖାଁ (୧୬୪୫—୧୬୪୮), ତରବିୟତ ଖାଁ (୧୬୪୮—୧୬୫୫) ପର୍ଯ୍ୟନ୍ତ ଶାସନକାର୍ଯ୍ୟ ଚଳାଇଥିଲେ। ୧୬୫୭ ସେପ୍ଟେମ୍ବର ମାସଠାରୁ ୧୬୬୦ ଖ୍ରୀଷ୍ଟାବ୍ଦ ମେ ମାସ ପର୍ଯ୍ୟନ୍ତ ଅରାଜକ ହେଲା। ଶାହାଜାହାନ ପୀଡ଼ିତ ହେବାରୁ ପୁତ୍ରମାନଙ୍କ ମଧ୍ୟରେ ବିବାଦ ମହାଯୁଦ୍ଧ ଆରମ୍ଭ ହେଲା। ୧୬୬୦ ରେ ସୁଜା ପଳାୟନ କଲା ଓ ଆଓରଙ୍ଗଜେବ ଏକାଧିପତ୍ୟ କଲେ। ସୁଜା ସମସ୍ତ ସୈନ୍ୟମାନଙ୍କୁ ନେଇ ମୀରଜୁମଲା ସଙ୍ଗେ ଟେକମହଲ ଓ ମାଲଦାଠାରେ ଯୁଦ୍ଧ କଲା। ଓଡ଼ିଶାର ରାଜାମାନେ ଟଙ୍କା ଦେଲେ ନାହିଁ। ଅଧିକାଂଶ ଦୁର୍ଗ ନିର୍ମାଣ କରି ଲୁଟପାଟ ଆରମ୍ଭ କଲେ।

୧୬୬୧ ମସିହାରେ ମୀରଜୁମଲା ପଶ୍ଚିମ ବଙ୍ଗଳାରେ ସ୍ଥାୟୀ ହୋଇ ବସିଲା। ତା ପାଖରେ ଯଦେଶ୍ୱ ସୈନ୍ୟଥିଲେ। ସେଥିରୁ ଖେତେଜ ଓଡ଼ିଶାକୁ ପଠାଇଲା। ସେ ଅଳ୍ପଦିନ ଶାସନ କରିଥିଲା। ତାଙ୍କର ପ୍ରଥମ ଆଦେଶ ହେଲା ଯେ ଓଡ଼ିଶାର ସବୁ ମସଜିଦ୍‌ରେ ଖୁତବା ପାଠ ହେବ, ଆଓରଙ୍ଗଜେବଙ୍କ ନାମରେ। ଅପଣା ନିଯୁକ୍ତି ବିଷୟ ଜଣାଇ ଦେବା ଲାଗି ପରଓ୍ୱାନା ହେଲା ଏବଂ ଆଦେଶ ହେଲା ଯେ ନାରାୟଣଗଡ଼ଠାରେ ସମସ୍ତେ ତାଙ୍କୁ ସାକ୍ଷାତ କରିବେ। ସେଠାରୁ ସେ ମେଦିନୀପୁର ଯିବେ। ଏଠାରୁ ନିର୍ଦ୍ଦିଷ୍ଟ ଦିନ ଯାଇ ରାଜା ନୀଳକଣ୍ଠ ଦେବଙ୍କ ଭ୍ରାତାମାନଙ୍କୁ, ଭରତ ଚନ୍ଦ୍ରଭାଣ୍ଡ ରାଇ ହୋଟୀନାଥଙ୍କୁ, ରାଜା ମୁକୁନ୍ଦଦେବଙ୍କ କର୍ମଚାରୀଙ୍କୁ ଏବଂ ନିକଟବର୍ତ୍ତୀ ଅନ୍ୟାନ୍ୟ ଜମିଦାରମାନଙ୍କୁ ବନ୍ଦୀ କରି ନେଇଥିଲା। ଏମାନଙ୍କ ଅନୁପସ୍ଥିତିରେ ଟଙ୍କା ଆଦାୟ ହୋଇ ପାରିଲା ନାହିଁ। ସୁତରାଂ ମୋଗଲ ଫଉଜଦାର ସେମାନଙ୍କୁ ଜାମିନ ନେଇ ଛାଡ଼ିଦେଲା।

ଇତିମଧ୍ୟରେ ଖାନଦୁରାନ ଶାସନକର୍ତ୍ତା ହେଲେ (୧୬୬୦—୧୬୬୭)। ତାଙ୍କର ପ୍ରଥମ ଉଦ୍ୟମ ଓଡ଼ିଶାର ପୁନର୍ବିଜୟ। ସେ ଅପ୍ରକଳତାଃ ବିଷୟ ଜନ୍ମ-ଲିଖିତମତେ ବର୍ଣ୍ଣନା କରିଅଛନ୍ତି।

ଶାସନ ଶିଥିଳତା ହେତୁ ଜମିଦାରମାନେ ଅମାନ୍ୟା ହୋଇଅଛନ୍ତି । କାଠଯୋଡ଼ି ଅପରପାର୍ଶ୍ୱର ଜମିଦାରମାନେ ଖଜଣା ନ ଦେଇ ସ୍ୱତ୍ୱ ଘୋଷଣା କରିଥିଲେ । ହରିପୁର (ମୟୁରଭଞ୍ଜ) ଜମିଦାର କୃଷ୍ଣଭଞ୍ଜ ପ୍ରଧାନ ଜମିଦାର । ସେ କ୍ଷମତା ବିସ୍ତାର କରି ମେଦିନୀପୁରଠାରୁ ଉତ୍ତର ପାଏ ୫୦ ରୁ ୬୦ କୋଶ ଅଧିକାର କରି ଲୋକମାନଙ୍କ ସମ୍ପତ୍ତି ନେବାକୁ ଅତ୍ୟାଚାର କରୁଅଛନ୍ତି ! କେନ୍ଦୁଝର ଜମିଦାର ଲକ୍ଷ୍ମୀନାରାୟଣ ଭଞ୍ଜ ମାଲିକ ବା ନାଇକ ଦୁର୍ଗ ଅଧିକାର କରନ୍ତି । ବର୍ଷ ହେଲା ଏମାନେ ସୈନ୍ୟ ସଂଗ୍ରହ କରି ଯୁଦ୍ଧ ଲାଗି ପ୍ରସ୍ତୁତ ହୋଇ ଅଛନ୍ତି । ହିଜଲି ଜମିଦାର ବାହାଦୂର ବିରଦ୍ରାଜ୍ । ଲୁଟେରା ରଏତଙ୍କୁ ମେଳକରି ଜଙ୍ଗଲ ମଧ୍ୟରେ ଦୁର୍ଗ ନିର୍ମାଣ କରି ମନ୍ଦ ଉଦ୍ଦେଶ୍ୟରେ ଅଛି ।

ଖାନଦୁରାନ ଆଲାହାବାଦରେ ସୁବେଦାର ଥିଲେ । ୧୭୬୦ ମସିହା ଅପ୍ରେଲ ୩ ତାରିଖରେ ନାୟବ୍ ପରଓ୍ୱାନା ପାଇ ବର୍ଷା ସମୟରେ ଚଳି ବର୍ଷା ନ ମାନି ମେଦିନୀପୁରରେ ସେପ୍ଟେମ୍ବର ମାସ ୨୬ ତାରିଖରେ ପ୍ରବେଶ ହେଲେ । ସେଠାରେ କେତେ ଦିନ ରହି ଶାସନ ବନ୍ଦୋବସ୍ତ କରି ଜଲେଶ୍ୱର ଗଲେ । ଜମିଦାର-ମାନଙ୍କୁ ସାକ୍ଷାତ କରିବା ଲାଗି ଆଦେଶ ହେଲା । ପ୍ରଥମେ ହିଜଲି ଆକ୍ରମଣ କରିବାର ବାସନା ଥିଲା । ମାତ୍ର ଦୁର୍ଗମ ପଥ ଯୋଗୁଁ ବିରତ ହେଲେ । ଅକ୍ଟୋବର ଶେଷରେ ଜଲେଶ୍ୱରଠାରେ ପ୍ରବେଶ ହେଲେ । ଖାନଦୁରାନ ପ୍ରବେଶ ବାର୍ତ୍ତା ପାଇ ବାହାଦୂର ଓ କୃଷ୍ଣଭଞ୍ଜମାନେ ବଶ୍ୟତା ସ୍ୱୀକାର କଲେ । ରେମୁଣାର ମୋଗଲ ଫୌଜଦାର ଏ କଥା ଶୁଣି ସମ୍ବାଦ ଦେଲେ । ହରିହରପୁର ଭଞ୍ଜେ ଆସିଲେ; ମାତ୍ର ତାଙ୍କର ବଡ ଦୁର୍ଦ୍ଦଶା ହେଲା । ଦୁରାନଙ୍କ ଶୁଭଦିନ ମିଳୁ ନାହିଁ କହି ମାସେ ଯାଏ ଦେଖା ଦେଲେ ନାହିଁ । ଖଜଣା କେତେ ଦେବେ ତହିଁର ସ୍ଥିର ହେବାକୁ ଯୁକ୍ତି କଲେ, ମାତ୍ର ହାରି ଗଲେ । ଉଦଣ୍ଡ ଜମିଦାର, ନରସିଂହପୁର ଜମିଦାର, ଘାଟଶିଳାର ଜଗନ୍ନାଥ ଧଳ ଓ ନଲଗିର ଜମିଦାର ହରିଚନ୍ଦନ ମାନେ ଅସ୍ତ୍ରତ୍ୟାଗ କରି ବନ୍ଦୀ ହେଲେ । ମୟୂରଭଞ୍ଜ ରାଜାଙ୍କ ଅଧୀନସ୍ଥମାନେ ଗୋଲମାଲ କଲେ । ଦୁରାନ ସେମାନଙ୍କୁ ଦଣ୍ଡଦେବାକୁ ଯାଇ ରେମୁଣାଠାରେ ରହିଲେ । ଖଲ କର୍ମ୍ମୀଭଞ୍ଜ ବଶ ହେଲା, କ୍ଷମାପ୍ରାର୍ଥନା କଲା ଏବଂ ତାଙ୍କ ମାତା ଅହଲ୍ୟା, କେତେ ଟଙ୍କା ପୁରସ୍କାର (ପେଶ୍‌କଶ୍‌) ଦେଇ ପୁଅ ଲାଗି ରାଜଖାତର ଟୀକା ଓ ଜମିଦାରୀ ପ୍ରାର୍ଥନା କରିବାରୁ ଦୁରାନ ସମ୍ମତ ହେଲେ ।

ସେଠାରୁ ଦୁରାନ କଟକ ଗଲେ । ଜଲେଶ୍ୱର ବିଷ୍ଣୁ ଚୌଧୁରୀ ଜମିଦାର ଶରଣାଗତ ହେଲେ । ଅନ୍ୟାନ୍ୟ ଜମିଦାର ଓ ଖଣ୍ଡାଏତମାନେ ତାଙ୍କ ସାଥିରେ

ଆସିଥିଲେ । ସେତେବେଳେ ଉତ୍କଳର ରାଜା ମୁକୁନ୍ଦଦେବ ପୁଣି ଗୋଳମାଳ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କଲେ । ମୋଗଲ ସୈନ୍ୟମାନେ ବିଦ୍ରୋହ ଦମନ କରି ଅନେକ ଦୁର୍ଗ ନେଲେ । ୧୬ ତାରିଖ ଫେବୃଆରୀରେ ଦୁର୍ଗ କାଲୁପଡ଼ା, ମର୍ଚି, କର୍କାଚ, ଖରଗଡ଼ ଏବଂ ଅନ୍ୟ ସନଶୋଟି ଦୁର୍ଗ ନିକଟରେ ପ୍ରବେଶ ହେଲା । ଏସବୁ ଦୁର୍ଗମାନଙ୍କ ପର୍ବତ ନିକଟରେ ମୋଗଲ ସୈନ୍ୟ ପ୍ରବେଶ ହେଲେ । ଶତ୍ରୁଙ୍କର ଅସଂଖ୍ୟ ସୈନ୍ୟ, ଖଣ୍ଡାଇତ ଓ ବାଙ୍କି ରଣପୁର ଏବଂ ଅନ୍ୟାନ୍ୟ ଭୂସ୍ୱାମୀମାନେ ବନ୍ଧୁକଧାରୀ ମାନଙ୍କ ସହିତ ମିଶି ଯୁଦ୍ଧ କଲେ । ଶତ୍ରୁପକ୍ଷ ସୈନ୍ୟମାନେ ତୋଡ଼ାଦାର ବନ୍ଧୁକ, ତୀର, ବର୍ଚ୍ଛା, ଖଣ୍ଡା, ଢାଲ ଓ ସିନ୍ଧୁ ପ୍ରଭୃତି ବ୍ୟବହାର କଲେ, ମାତ୍ର ଶେଷରେ ହାରିଲେ । ସାତ ଦୁର୍ଗ ମୋଗଲ ଅଧିକାରଭୁକ୍ତ ହେଲା । ଦୁଇ ଦିନ ମଧ୍ୟରେ ଶାନ୍ତି ସ୍ଥାପିତ ହେଲା ଓ ଥାନା ବସିଲା ।

୧୬୭୧ ମସିହା ଫେବୃଆରୀ ୨୦ ତାରିଖରେ ଦୁର୍ଗ ଘେରାଉ କଲେ ଏବଂ ଏକ ମାଇଲ ଦୂରରେ ଛାଉଣୀ ପକାଇଲେ । ରାଜା ପଳାୟନ କଲେ ।

ବନ୍ଦୋବସ୍ତ ଭଲ ହେଲା ଏବଂ ଅନେକଲୋକ ବନ୍ଦୀ ହେଲେ । ଗତ ୫୦ ବର୍ଷ ମଧ୍ୟରେ କୌଣସି ସୁବେଦାର ଏଠାକୁ ଆସି ନଥିଲେ । ମୁକୁନ୍ଦ ଦେବଙ୍କ ପାଇକମାନେ ଭ୍ରମରବରଙ୍କୁ ଗାଦିରେ ବସାଇଲେ । ସମସ୍ତେ ବଶ୍ୟତା ସ୍ୱୀକାର କଲେ । ମୁକୁନ୍ଦଦେବ ଓ ଜଗତସିଂହନାୟକମାନେ ଦୁର୍ଗକୁ ସାକ୍ଷାତ କଲେ । ୮।୨।୧୬୯୧ରେ କେନ୍ଦୁଝର ଦୁର୍ଗ ଅଧିକାର କରାଗଲା ପରେ ବାହାଦୁର ସଂଗ୍ରାମରେ ଧୃତ ହେଲା । ରଣପୁର ଜମିଦାର ଖଣ୍ଡ ଜରେନ୍ଦ୍ର ଓ ନଳପଡ଼ା, ଭୂମପଡ଼ା ଜମିଦାରମାନେ ବଶ୍ୟତା ସ୍ୱୀକାର କରି କର ପ୍ରଦାନ କଲେ । ଅନ୍ୟାନ୍ୟମାନେ ପରାଜିତ ହେଲେ । ମାଲୁଦର ମୋଗଲ ଫୌଜଦାର ଅନାଗ୍ର ଜମିଦାର ସିକାନ ମାଲୁଦ ଜମିଦାର କୁମାର ଗୁରୁଙ୍କ ବିଦ୍ରୋହ ଦମନ କଲା । ମିଶନ ମହମଦଖାନ କଣକା ଜମିଦାରୀ ଅଧିକାର କଲା, ରାଜାଙ୍କୁ ସମୁଦ୍ର ସଅଯ୍ଯ ଖଜା ନାମକ ଦୁର୍ଗକୁ ତଡ଼ିଦେଲା । ସେଠାରେ ତାଙ୍କୁ ଦେଖାଣ୍ଡି କରିବା ଲାଗି ମହାନଦୀକୁ ଛଅ ବୋଟ ଓ ବଡ଼ ବୋଟମାନ କୁଜଙ୍ଗ ଜମିଦାର ଗୋପାଳ ସାହାଣ୍ଠରେ ପଠାଯାଇ ଥିଲା ।

ରାଜଗଡ଼ା କୁଜଙ୍ଗ ମଧୁପୁର ଜମିଦାର ବାକି ଜଜଣା ଲାଗି ବନ୍ଦୀ ହେଲେ । କୁଜଙ୍ଗ ଗୋପାଳ ଦଣ୍ଡ ଦେଇପଣ ହେଲା । କଳପ ଦୁର୍ଗ ଅଧିକୃତ

ହେଲା । କିଲ୍ଲାଦାର ଶ୍ରୀଚନ୍ଦନ କ୍ଷମା ପ୍ରାର୍ଥନା କଲା । ପ୍ରାଣରକ୍ଷା ହେଲା, ମାତ୍ର ବନ୍ଦୀ ହେଲା । କଟକ ଦୁର୍ଗ ଏହାପର ଅଧିକୃତ ହେଲା । କାଇଲ୍‌କଟ (କାଶୀଗଡ଼ ଖଣ୍ଡ) ଜମିଦାରଙ୍କ ପୁଅମାନେ ବନ୍ଦୀ ହେଲେ ।

ରାଜା ନୀଳକଣ୍ଠ ଦେବ ସମ୍ରାଟଙ୍କ ପକ୍ଷ ହେଲେ ଓ ବିଶ୍ୱାସୀ ହେଲେ । କୁତବଶାହ ପ୍ରଶଂସା ତାଙ୍କ ନାଟିଲା ଥିଲା । ସେ ଗଜଧର ଦ୍ୱାରା ଶାସନ କରୁଥିଲେ । ତାଙ୍କ ସନ୍ତାନମାନେ ବନ୍ଦୀଥିଲେ, ସେମାନେ ମୁକ୍ତ ହେଲେ; ଶାନ୍ତି ସ୍ଥାପିତ ହେଲା ।

ତେଲିଙ୍ଗଣା ଦେଶରେ ସମ୍ପୃକ୍ତ ହୀରା ଥିଲେ । ଗୁରୁଘାଟ ମଧ୍ୟରେ ହୀରା ପ୍ରଧାନ ପୁରସ୍କାର ଥିଲା । ୧୬୬୨ ମସିହାରେ ସମ୍ରାଟଙ୍କ ପୁତ୍ର ବିବାହ ହେଲେ ୫ ହୀରା ପୁରସ୍କାର ପଠାଯାଇ ଥିଲା । ୧୬୬୮ ମସିହାରେ ସାହାଯ୍ୟାନ ଖାନ ବାକରଖାଁ ତାରୁ ୫ ହୀରା ପାଇଥିଲେ ଏବଂ ୧୬୭୦ରେ ମାତକଦଖାଁ ତାରୁ ୮ ହୀରା ପାଇଥିଲେ । ଖାଁ ଦୁରାନ ୧୫ ଲକ୍ଷ ଟଙ୍କା ଓ ୭ ହସ୍ତୀ ବାହୁ ପଠାଇଥିଲେ । ରାଜମହେନ୍ଦ୍ରୀ ଏ ଟଙ୍କା ଯାଇ ବଙ୍ଗଳା ଖଜଣା ସାମିଲରେ ପଠାଗଲା ।

ଗୋଲକୁଣ୍ଡା ଓଡ଼ିଶା ଅନ୍ତର୍ଗତ ଥିଲା । ଏଥିରୁ ଆଠ ହଜାର ଟଙ୍କା ଖଜଣା ଆଦାୟ ହେଉଥିଲା । ସାରଙ୍ଗଗଡ଼ ଲାଗି ପୁରୁଷୋତ୍ତମଦେବ ୧୦୦୦୦ ଟଙ୍କା ଓ ଭାରସ୍ତ ପିଷ୍‌ ଦେଲେ । ଜମିଦାର ଖଜଣା ନଥିଲା, ଦୁଇତିନ ବର୍ଷରେ ଥରେ ନଜର ଦେଉଥିଲେ । ଖଜଣା ଆଦାୟ ଲାଗି ମହାଜନ କୋଠାଘର ହେଉଥିଲା, ଫସଲ ନୀଳାମ ହେଉଥିଲା, ଦ୍ରବ୍ୟ ଆଦାୟ ହେଉଥିଲା । ମଳାଙ୍କି ବୋଟଦ୍ୱାରା ଧାନ ପଠାଯାଉଥିଲା, ମହମ୍ମଦ ବାର୍ଷିକ ବାଲେଶ୍ୱର ବନ୍ଦରରୁ ଜାହାଜ ଦ୍ୱାରା ବାଣିଜ୍ୟ ଥିଲା । ହରିଶପୁର ବନ୍ଦରଠାରେ ହଲାଣ୍ଡ କାରିଗର ଥିଲେ । ସେମାନେ ଯାଇ ବାଲେଶ୍ୱର ବନ୍ଦରଠାରେ ଜାହାଜ ନିର୍ମାଣ କରୁଥିଲେ ।

ପ୍ରଜାମାନଙ୍କଠାରୁ ଋଣ ନେଇ ମୂଳ ଖଜଣାରେ ମଜୁରୀ ଦେଉଥିଲେ । ଏଥିରୁ ଟଙ୍କା ମଧ୍ୟ ବଞ୍ଚାଉ ଥିଲା ।

## ଓଡ଼ିଶାର ମୋଗଲ ସୁବେଦାରମାନଙ୍କ ନାମ

| | | |
|---|---|---|
| ୧ । ବାକର ଖାଁ ନାଜିମଦୌଲା | ୧୬୨୨—୩୨ | ଖ୍ରୀଷ୍ଟାବ୍ଦ |
| ୨ । ମାତାକଦ୍ ଖାଁ | ୧୬୩୨—୪୧ | ,, |
| ୩ । ଶାହଜାଦ୍ନା ଖାଁ | ୧୬୪୧—୪୨ | ,, |
| ୪ । ମହମ୍ମଦ ଜମାନ ତେହରାଣୀ | ୧୬୪୨—୪୫ | ,, |

୫ । ମାତକଦ୍ ଖାଁ ୧୬୪୭—୪୮ ,,
୬ । ତରବିୟତ ଖାଁ ୧୬୪୮—୫୬ ,,

( ୧୬୫୬—୫୯ ଅରାଜକ )

୭ । ଖାନଦୌରାନ ଖାଁ ୧୬୫୯—୬୦ ,,
୮ । ତାନବୁନ୍ ୧୬୬୦—୬୭ ,,
୯ । ତରବିୟତ ଖାଁ ୧୬୬୭—୬୯ ,,
୧୦ । ସାଫି ଖାଁ ୧୬୬୯—୭୦ ,,
୧୧ । ରସିଦ୍ ଖାଁ ୧୬୭୦—୭୨ ,,
୧୨ । ସାଏସ୍ତ ଖାଁ ୧୬୭୨—୭୬ ,,
୧୩ । ନରୁଲ ୧୬୭୬—୭୮ ,,
୧୪ । କାମଗର ଖାଁ ୧୬୭୮—୧୭୦୪ ,,
୧୫ । ମୁର୍ଶିଦକୁଲି ଖାଁ ୧୭୦୪—୨୫ ,,

ମିର୍ଜା ମହମ୍ମଦଷୋଳ, ମୀରଇସ୍‌ମାଲ, ମିର୍ଜା ଇବ୍ରାହିମକବ୍ର, ମହମ୍ମଦ-ହାସିମ୍, ମହମ୍ମଦତାହିର, ମହମ୍ମଦଜକି, ଖାଜା ମହମ୍ମଦମମୀନ୍ ୧୬୬୬—୭୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦେଓ୍ୱାନ ଥିଲେ । ବିଶୃଙ୍ଖଳା ଥିଲା । ଦେଓ୍ୱାନମାନେ ଯା ଇଚ୍ଛା ତା କରୁଥିଲେ । ଅମଲାମାନଙ୍କଠାରୁ ଟଙ୍କା ନେଇ କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ଏ ଅମଳକୁ ଏକପ୍ରକାର ଅରାଜକ କହିଲେ ଚଳେ । ପ୍ରଜାମାନେ ଜମି ଛାଡ଼ି ପଳାଇ ଯାଉଥିଲେ । ଆଓରଙ୍ଗଜେବ ବ୍ୟବହାର୍ଯ୍ୟ ପଦାର୍ଥ ଉପରୁ ଶୁଳ୍କ ଉଠାଇ ଦେଇଥିଲେ । ହେକସୁଲେନ୍ଦ କଟକର ମହତାସିବ ହେଲେ । ଧାଳକ ଚିଣ୍ଡୀ ବନ୍ଦ କରାଗଲା । ମୁସଲମାନ ଶାସନକର୍ତ୍ତାମାନେ ଧାର୍ମିକ ଲୋକମାନଙ୍କୁ ଜମିର ବାହେଲ ସନନ୍ଦି ଦାନ କରୁଥିଲେ (ମୁସଲମାନ ଧର୍ମରେ ଧାର୍ମିକ) । ହିନ୍ଦୁ ଦେଉଳ ଭାଙ୍ଗି ମସଜିଦ୍ କରିବାର ଦଣ୍ଡ ଥିଲା ।

ନମୀରଗଡ଼—ମୁଣ୍ଡଳି ବାଲୁପଡ଼ାଠାରୁ ଉତ୍ତର-ପଶ୍ଚିମ ଏକ ମାଇଲ ଦୂର ।

କୁଳଦ୍ୱାର—ଖଣ୍ଡଦ୍ୱାର କଟକଠାରୁ ୮ ମାଇଲ ।

ମାଇବ୍ – ପଶ୍ଚିମ କେନ୍ଦୁଝରର ପ୍ରବେଶ ଦ୍ୱାରରେ ।

୧୬୯୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଜଣେ ଅଫଗାନ ଜମିଦାର ରହିମ ଖାଁ ବିଦ୍ରୋହୀ ହେଲେ । ୩ ବର୍ଷ ଯୁଦ୍ଧ ହେଲା । ଢାକା ଓ ନସ୍ୱାନଣୀ ଯୁଦ୍ଧକ୍ଷେତ୍ର ହେଲା । ଏହି ଯୁଦ୍ଧ ହେତୁ ଫରାସୀ, ଡଚ୍ ଓ ଇଂରେଜମାନେ ବାଣିଜ୍ୟକୋଠି ପାଇବାର

ଅନୁମତି ପାଇଲେ । ଅଫଗାନର ଏହି ଶେଷ ଚେଷ୍ଟା ବିଫଳ ହେଲା । ଏ ଯୁଦ୍ଧରେ ଦୁଇଗୋଟି ଲୋମହର୍ଷଣ କାଣ୍ଡ ଘଟିଲା । ବର୍ତ୍ତମାନ ଅବରୋଧ ହେଲାବେଳେ ରାଜାନ୍ତଃ-ପୁରର ସ୍ତ୍ରୀମାନେ ବିଷଖାଇ ମରିଗଲେ । ଜଣେ ଦାସୀଥିଲା, ତାଙ୍କୁ ଦେଖିଲେ; ମାତ୍ର ସେ ଆତ୍ମସମର୍ପଣ କଲାନାହିଁ । ବଳପ୍ରୟୋଗ କରିବାରୁ ସେ ଛୁରିଦ୍ୱାରା ଶତ୍ରୁଙ୍କୁ ହତ୍ୟାକରି ପରେ ଆତ୍ମହତ୍ୟା କଲା । ୧୬୯୮ରେ ଅଫଗାନମାନେ ପୂର୍ଣ୍ଣ ପରାଜିତ ହେଲେ । ସେହିଦିନଠାରୁ ସେମାନଙ୍କ ନାମ ଶୁଣା ନାହିଁ ।

୧୭୦୪ ଖ୍ରୀଷ୍ଟାବ୍ଦରେ ମୁର୍ଶିଦକୁଲି ଖାଁ ବଙ୍ଗଳାର ଏକମାତ୍ର ଶାସନକର୍ତ୍ତା ନିଯୁକ୍ତ ହେଲେ । ଓଡ଼ିଶାରୁ ସହଜରେ କର ଆଦାୟ ହେଉ ନଥିବାର ଦେଖି ସେ ସୈନ୍ୟମାନଙ୍କ ହାତରେ ରାଜସ୍ୱ ଅଦାୟର ଭାର ଦେଲେ । ସେମାନେ ଭୟଦେଖାଇ ରାଜସ୍ୱ ଅଦାୟ କଲେ । ଆଦାୟ ରାଜସ୍ୱରୁ ଯଥେଚ୍ଛା ଆତ୍ମସାତ୍ କଲେ । କ୍ରମେ ଶାସନକର୍ତ୍ତାଙ୍କ କ୍ଷମତା ବୃଦ୍ଧି ହେଲା । ସେ ତାଙ୍କ ଜାମାତା ସୁଜାଉଦ୍ଦିନଙ୍କୁ ଓଡ଼ିଶା ଶାସନ କରିବାକୁ ପଠାଇଲେ । ସେ ୧୭୦୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଉତ୍ତରାଂଶକୁ ଅର୍ଥାତ ମେଦିନୀପୁର ପ୍ରଦେଶକୁ ବଙ୍ଗଳା ସାମିଲ କଲେ । ୧୭୨୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଠିକ୍‌ଭାବେ ଶାସନକାର୍ଯ୍ୟ ଚଳାଇଲେ । ସେ ଯୋଡ଼ା ଡାକ ବସାଇଲେ । ପଥ ସୁଗମ ହେବା ଏବଂ ମୁର୍ଶିଦାବାଦ ପର୍ଯ୍ୟନ୍ତ ଡାକ ବସିବାରୁ ଅନେକ ବନ୍ଦୋବସ୍ତ ଲାଗିଗଲା ।

୧୭୨୫—୩୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନାଏବ ମହମ୍ମଦ ତକିଖାଁ ବଙ୍ଗର ଶାସନ-କର୍ତ୍ତା ହେଲେ । ଏ ସୁଜା ଏବଂ ଦିନ୍ ମହମ୍ମଦ, ଯେ କି ବଙ୍ଗ-ବିହାର-ଓଡ଼ିଶାର ନିଜାମ ଥିଲେ, ତାଙ୍କ ଭଗ୍ନୀକୁ ଶାସନ କଲେ । ଏ ଅମଳରେ ଓଡ଼ିଶାର ସୀମା ଅନେକ ଖର୍ବତା ପ୍ରାପ୍ତହେଲା । ଜଳେଶ୍ୱର ଦେଉଳରେ ଅବଶିଷ୍ଟାଂଶ ଅର୍ଥାତ୍ ତମଲୁକ, ମେଦିନୀପୁର ଓ ସୁବର୍ଣ୍ଣରେଖାର ମଧ୍ୟବର୍ତ୍ତୀ ସ୍ଥାନମାନ ବଙ୍ଗ ସାମିଲ ହେଲା । ନିଜାମ ଗଭର୍ଣ୍ଣମେଣ୍ଟ ବଳଦ୍ୱାରା ହେଉ ବା କୌଶଳଦ୍ୱାରା ହେଉ ଚିଲିକା ହ୍ରଦ ଓ ମହେନ୍ଦ୍ର-ପର୍ବତଠାରୁ ଚିଲିକା ପର୍ଯ୍ୟନ୍ତ ଦେଶର ଦଖଲ ପାଇଲେ । ଫଳତଃ ଓଡ଼ିଶା ରାଜାଙ୍କ କ୍ଷମତା ଓ ଅଧିକ ଅନେକ ହ୍ରାସ ହୋଇଗଲା । କାରଣ ଏଥିପୂର୍ବେ ଖୋର୍ଦ୍ଧା ରାଜାଙ୍କ କ୍ଷମତା ମହେନ୍ଦ୍ରଠାରୁ ଚକାକୋଳ ପର୍ଯ୍ୟନ୍ତ ଥିଲା । ଏହି ଶାସନକର୍ତ୍ତା ଓ ଖୋର୍ଦ୍ଧା ରାଜା ରାମଚନ୍ଦ୍ର ଦେବଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ଶେଷରେ କଟକରେ ବନ୍ଦୀ ହେଲେ । ମୁସଲମାନମାନେ ଖୋର୍ଦ୍ଧାକୁ କେତେଦିନ ଦଖଲ କଲେ ଏବଂ ବାଣପୁର ଠାରୁ ବଳବନ୍ତ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ୨୨ ଥାନା ବସାଇଲେ ଏବଂ ଲୋକମାନଙ୍କ ମଧ୍ୟରେ ଶାନ୍ତି ସ୍ଥାପନ କରିବାର ଚେଷ୍ଟାକଲେ । ରାମଚନ୍ଦ୍ର ଦେବଙ୍କ ମୃତ୍ୟୁପରେ ବୀର-କେଶରୀ ଦେବ ରାଜା ହେଲେ ଏବଂ ସେ ଥାନାମାନ ଉଠିଗଲା ।

ଖ୍ରୀ. ୧୭୪୦ରେ ଆଲିବର୍ଦ୍ଦିଖାଁ ବଙ୍ଗଳାର ଶାସନକର୍ତ୍ତା ହେଲେ । ସ୍ଥାନୀୟ ଶାସନକର୍ତ୍ତା ମୁର୍ଶିଦକୁଲିଖାଁଙ୍କ ସହିତ ତାଙ୍କର ବିବାଦ ହେଲା । ବୀରକେଶରୀଦେବ ସ୍ଥାନୀୟ ଶାସନକର୍ତ୍ତାଙ୍କ ପକ୍ଷାବଲମ୍ବନ କଲେ ଏବଂ ଏହାଙ୍କ ସାହାଯ୍ୟ ପାଇ ସ୍ଥାନୀୟ ଶାସନ କର୍ତ୍ତାଙ୍କ ଜାମାତା ବାକର ଖାଁ କେତେ ସମୟ ପର୍ଯ୍ୟନ୍ତ ବିବାଦ ଲଗାଇଲେ ।

୧୫୯୦ ଖ୍ରୀଷ୍ଟାବ୍ଦଠାରୁ ୧୭୦୭ ଖ୍ରୀଷ୍ଟ ପର୍ଯ୍ୟନ୍ତ ମୋଗଲ ସମ୍ରାଟ ଆକବରଙ୍କର ଦୃଢ଼ ହସ୍ତ ମନ୍ତ୍ରୀଙ୍କ ସୁଶାସନ ହେତୁ ଓଡ଼ିଶାରେ କିଛିଏ ଶାନ୍ତି ଥିଲା; ମାତ୍ର ଅନ୍ୟାନ୍ୟ ସମୟରେ ଓଡ଼ିଶା କେବଳ ଅଶାନ୍ତି ଓ ଲୁଟପାଟର ଲୀଳାକ୍ଷେତ୍ର ଭୂମି ହୋଇଥିଲା ।

କଥା ଅଛି, "ଛିଦ୍ରେଷ୍ୱନର୍ଥା ବହୁଳୀ ଭବନ୍ତି" ଅର୍ଥାତ୍ ବିପଦ ଆସିଲେ ବେଳେ ବହୁଧା ହୋଇ ଆସେ । ଆଫଗାନମାନେ ଆସି ଓଡ଼ିଶାରେ ଅତ୍ୟାଚାର କାଣ୍ଡ ଶେଷ ନ ହେଉଣୁ ମୋଗଲମାନଙ୍କ ଅତ୍ୟାଚାର ଆରମ୍ଭ ହେଲା । ମୋଗଲମାନଙ୍କ ଅତ୍ୟାଚାର ଶେଷ ନ ହେଉଣୁ ମରହଟ୍ଟାମାନଙ୍କ ଅତ୍ୟାଚାର ଆରମ୍ଭ ହେଲା । ଏତେ ଅତ୍ୟାଚାର ସହ୍ୟ କରି କେଉଁ ଦେଶ ଉଠି ପାରେ ? ମୋଗଲମାନଙ୍କ ଅତ୍ୟାଚାର ଦ୍ୱାରା ଓଡ଼ିଶାର ବହୁ କ୍ଷତି ହେଲା । ଅନ୍ୟ କଥା ଦୂରରେ ଥାଉ ଲୋକ ସୁଖଶାନ୍ତିରେ ଆପଣା ଇଷ୍ଟଦେବତାଙ୍କ ପୂଜା କରିବାର ସୁବିଧା ପାଇଲେ ନାହିଁ ।

୧୭୪୨—୪୩ ଖ୍ରୀଷ୍ଟାବ୍ଦରେ ବେରାର ମରହଟ୍ଟାମାନେ ବହୁତ ସୈନ୍ୟ ନେଇ ଓଡ଼ିଶାରେ ଦେଖା ଦେଲେ । ଭାସ୍କର ପଣ୍ଡିତ, ଆଲୀଶା ଏବଂ ଅନ୍ୟାନ୍ୟ ସରଦାରମାନେ ସୈନ୍ୟମାନଙ୍କ ସହିତ ଆସିଥିଲେ । ଏମାନଙ୍କ ଆଗମନର ଉଦ୍ଦେଶ୍ୟ ଚଉଠ ଆଦାୟ କରିବା ।

ସେତେବେଳେ ଓଡ଼ିଶାରେ ଉପଯୁକ୍ତ ସଂଖ୍ୟକ ସୈନ୍ୟ ନ ଥିଲେ । ସୁତରାଂ ମରହଟ୍ଟାମାନଙ୍କୁ ବାଧା ଦେବା ଅସମ୍ଭବ ହେଲା । ମରହଟ୍ଟାମାନେ ଅବାଧରେ ବାରବାଟୀ ଦୁର୍ଗ ପର୍ଯ୍ୟନ୍ତ ସମସ୍ତ ସ୍ଥାନକୁ ଲୁଟପାଟ କରି ଗୁରୁତର କଲେ, ସର୍ବସ୍ୱ ସ୍ଥାନରେ ଯେଉଁଠି ଯାହା ପାଇଲେ ତାହା ନେଲେ । ପରବର୍ଷ ଏହି ଦୁର୍ଗ ଅଧିକୃତ ହେଲା । ରଘୁଜୀ ଭୋଁସଲେ ସଙ୍ଗର ଅଧିକ ସୈନ୍ୟ ନେଇ ସ୍ୱୟଂ ଆଗମନ କଲେ ଏବଂ ବିଖ୍ୟାତ ହବିବୁଲ୍ଲା ଏହାଙ୍କ ସାଥିରେ ଆସିଲେ ।

ଆଲିବର୍ଦ୍ଦିଖାଁ ବହୁତ ଚେଷ୍ଟା ସତ୍ତ୍ୱେ ଦେଶକୁ ମରହଟ୍ଟା ଅତ୍ୟାଚାରରୁ ରକ୍ଷା କରି ପାରିଲେ ନାହିଁ । ଶେଷରେ ନବାବ ଓ ଭୋଁସଲାଙ୍କ ମଧ୍ୟରେ ଏହିପରି ସନ୍ଧି ହେଲା ଯେ ବଙ୍ଗ, ବିହାର, ଓଡ଼ିଶା ଲାଗି ମରହଟ୍ଟାମାନେ ବାର୍ଷିକ ସହିତ ୧୨୦୦୦୦୦

ଟଙ୍କା ଚଉଠ ପାଇବେ । ବଙ୍ଗ ଶାସନକର୍ତ୍ତା ଏ ସନ୍ଧିର ସର୍ତ୍ତ ରକ୍ଷାକରି ପାରିଲେ ନାହିଁ । ସୁତରାଂ ପୁନର୍ବାର ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଆକ୍ରମଣ କଲେ । ରାଜା ଯାନୋଜୀ ଭୋଁସଲା ଏବଂ ମୀର ହବିବୁଲ୍ଲାମାନେ ସେନାପତି ହୋଇ ଆସିଲେ । ଏମାନେ ସେହି ବର୍ଷ ଅଶେଷ ଅସଂଖ୍ୟ ସୈନ୍ୟମାନଙ୍କ ବ୍ୟୟଭାର ବହନ କରିବା ଲାଗି ଓଡ଼ିଶା ପ୍ରଦେଶ ବାଣ୍ଟିବାର ପ୍ରସ୍ତାବ କଲେ । ଓଡ଼ିଶାର ଆୟ ତେତେବେଳେ ଷୋଳ ଲକ୍ଷ ଧରା ଯାଉଥିଲା । ସୁବର୍ଣ୍ଣ ପଟାସପୁରଠାରୁ ବରୁଆ ପର୍ଯ୍ୟନ୍ତ ଅଫଗାନ ସୈନ୍ୟଙ୍କ ବ୍ୟୟ ନିମିତ୍ତ ରକ୍ଷିତ ହେଲା । ଏଥିର ଆୟ ୪ ଲକ୍ଷ । ବରୁଆଁଠାରୁ ମାଲୁଦ ପର୍ଯ୍ୟନ୍ତ ମରହଟ୍ଟା ସୈନ୍ୟଙ୍କ ବ୍ୟୟ ନିମିତ୍ତ ରକ୍ଷିତ ହେଲା । ଏଥିର ଆୟ ବାର ଲକ୍ଷ । ମହାନଦୀ ନିକଟ ଚଉଦ୍ୱାର ଦୁର୍ଗରେ ବସି ଏମାନେ ବନ୍ଦୋବସ୍ତ କରି ନେଲେ ।

ଅଳ୍ପ ସମୟ ପରେ ହବିବୁଲ୍ଲା ଖାଁ ହତ୍ୟା ହେଲା । ଯାନୋଜୀ ଭୋଁସଲା ପଟାସପୁରଠାରୁ ମାଲୁଦ ପର୍ଯ୍ୟନ୍ତ ସମସ୍ତ ଭୂଖଣ୍ଡର ଅଧିକାରୀ ହେଲେ । ବାଲେଶ୍ୱର ନିକଟ ରଙ୍ଗତେଡ଼ା ଦୁର୍ଗରେ ହବିବୁଲ୍ଲା ହତ୍ୟା ହେଲେ । ଯାନୋଜୀ ଜଣେ ସର୍ଦ୍ଦାରଙ୍କୁ ଛୋଟିଏ ଲେଖାଏଁ ମାସୁହାଲ ଦେଲେ । ଏହିପରି ଦୁରବସ୍ଥାରେ କେତେକ ଦିନ ଚଳିବା ପରେ ଆଲିବର୍ଦ୍ଦି ଖାଁଙ୍କ ସହିତ ନୂତନ ସନ୍ଧି ହେଲା । ମେଦିନୀପୁର ଓ ଅନ୍ୟାନ୍ୟ ନିକଟବର୍ତ୍ତୀ ଜମିଦାରମାନେ ଅତ୍ୟାଚାର ପ୍ରପୀଡ଼ିତ ହୋଇ କିଛିରୁ ରକ୍ଷା ପାଇବା ଲାଗି ଯାହା କିଛି ଟଙ୍କା ଚଉଠ ସ୍ୱରୂପ ବଙ୍ଗଳାର ମୁକରରୀ ଟଙ୍କା ସହିତ ଦେଇ ପୁଣି ସନ୍ଧି କରିବାଲାଗି ଆଲିବର୍ଦ୍ଦି ଖାଁଙ୍କୁ ପ୍ରବର୍ତ୍ତାଇଲେ । ମସାଲିହଦିନଙ୍କୁ ମୁର୍ଶିଦାବାଦ ଦରବାରରୁ ନାଗପୁରକୁ ପଠାଗଲା । ତାଙ୍କୁ ସନନ୍ଦ ଦିଆଗଲା ଯେ ସେ ଏଥିର ସର୍ତ୍ତମାନ ସ୍ଥିର କରିବେ । ସ୍ଥିର ହେଲା — ସୁବାର ଚଉଠ ୧୨୦୦୦୦୦ ଟଙ୍କା ବାର୍ଷିକ । ଓଡ଼ିଶା ସୁବା (ଅର୍ଥାତ୍ ପଟାସପୁରଠାରୁ ମାଲୁଦ ପର୍ଯ୍ୟନ୍ତ) ବଙ୍ଗଳାର ନିଯୁକ୍ତ ଜଣେ ସୁବେଦାର ଦ୍ୱାରା ଶାସିତ ହେବ ଏବଂ ସେ ନିଯୁକ୍ତ ଜଣେ ମରହଟ୍ଟା ଭୋଁସଲାଙ୍କ କର୍ମଚାରୀଙ୍କ ଉକ୍ତରୂପ ଚଉଠ ୪୦୦୦୦୦ ଟଙ୍କା ଆଦାୟ ଦେବ, ଅବଶିଷ୍ଟ ଆଠ ଲକ୍ଷ ମୁର୍ଶିଦାବାଦ ଟ୍ରେଜେରୀରୁ ଆଦାୟ ହେବ । ମରହଟ୍ଟା ସୈନ୍ୟମାନେ ଶୀଘ୍ର ଓଡ଼ିଶା ତ୍ୟାଗ କରି ଯିବେ ।

ଉପରୋକ୍ତ ମତରେ ସନ୍ଧି ସ୍ଥିର ହେବାରୁ ଯାନୋଜୀ ଭୋଁସଲା ଓଡ଼ିଶା ତ୍ୟାଗ କଲେ; ମହମ୍ମଦ ମସାଲିଅ ଦିନ ନାମକ ସୁବେଦାର ହେଲେ ଏବଂ ସେଓ ଭଟ୍ଟ ସାଠୀ ମରହଟ୍ଟାଙ୍କ ପକ୍ଷରୁ କର୍ମଚାରୀ ନିଯୁକ୍ତ ହେଲେ ଏବଂ ତାଙ୍କ ଉପରେ ଚଉଠ ଆଦାୟ କରିବାର ଭାର ନ୍ୟସ୍ତ ହେଲା ।

ମସ୍ଲିଅଃ ଦୁଇବର୍ଷ ଚଉଠ ଅଦାୟ କରିଦେବା ପରେ କାର୍ଯ୍ୟ ତ୍ୟାଗ କରିବା ଲାଗି ଅନୁମତି ପ୍ରାର୍ଥନା କଲା । ଭାରତ ଦେଶର ଅର୍ଥ ଉଣା ହୋଇଥିଲା । ସେ ଚଉଠ ଅଦାୟ କରିପାରିବାକୁ ଅକ୍ଷମ ହେଲା । ବସ୍ତୁତ ସୈନ୍ୟ ନ ରଖିଲେ ଖଣ୍ଡାଏତ ଓ କ୍ଷତ୍ରୀୟ ଜମିଦାରମାନଙ୍କୁ ଶାସନ କରିବା ଅସମ୍ଭବ; ମାତ୍ର ସୈନ୍ୟ ରଖିଲେ ଦେଶର ସମସ୍ତ ରାଜସ୍ୱ ସେମାନଙ୍କ ଖର୍ଚ୍ଚରେ ବ୍ୟୟ ହେଲେ ଚଳିବାର ଅସମ୍ଭବ ହେଉଥିଲା । ଏମନ୍ତ ଯୁକ୍ତିଯୁକ୍ତ କାରଣ ଦେଖି ଅଲିବର୍ଦ୍ଦି ଖାଁ ଆଉ ବେଶି ଦିନ ଏ ଦେଶ ହସ୍ତେ ରକ୍ଷା କରିପାରିବାର ଅସମ୍ଭବ ମନେକଲେ ଏବଂ ମରହଟ୍ଟାମାନଙ୍କୁ ସମ୍ପୂର୍ଣ୍ଣ ଶାସନ-ଭାର ଅର୍ପଣ କଲେ । ସୁତରାଂ ୧୭୫୧—୫୨ ଖ୍ରୀଷ୍ଟାବ୍ଦରୁ କଟକ ସୁବା ମରହଟ୍ଟା-ମାନଙ୍କ ସମ୍ପୂର୍ଣ୍ଣ ଅଧିକାରରେ ଆସିଲା ।

ମୋଗଲମାନେ ଓଡ଼ିଶା ଅଧିକାର ତ୍ୟାଗ କରି ଅବ୍ୟାହତ ହେଲେ । ଓଡ଼ିଶା ବିଦେଶୀ ଦେଶ; ଗଲା, ଭଲ ହେଲା ବୋଲି ମନେକଲେ ।

୧୭୫୧—୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାଙ୍କ ଶାସନାଧୀନରେ ରହିଲା । ଏ ଶାସନାଧୀନରେ ଦେଶର ସୁଖ, ଶାନ୍ତି ସମସ୍ତ ସମୂଳେ ବିନାଶ ହେଲା । ଅଶାସନ, ଅରାଜକତା, ଲୁଟପାଟ, ଅତ୍ୟାଚାର, ଅନ୍ୟାୟାଚାରର ଦେଶ ବିହାର ଭୂମି ହୋଇ ଉଠିଲା । ସମାଜ ଏ ଅବସ୍ଥାରେ ବଞ୍ଚିବା ଅସମ୍ଭବ । ଜିଲାର ବଡ ବଡ ଫୌଜଦାରୀ, ସୁବାଦାରୀ, ଦେୱାନ ଓ ଦାରବାଟୀର କଲଦାର୍ଯ୍ୟ କାର୍ଯ୍ୟମାନ ନାଗପୁର-ଠାରେ କିଣା ବିକା ହେଲା । ଏକା କାର୍ଯ୍ୟ ଦୁଇ ଜଣ ଲୋକ ଏକ ସମୟରେ ପାଇଲେ ଏବଂ ସେ ଉଭୟ ନିଯୁକ୍ତ ହେଲା, ସେ କାର୍ଯ୍ୟ ତ୍ୟାଗ କରିବାକୁ ନାନା-ପ୍ରକାର ଆପତ୍ତି କଲା । ଅଧିନାୟକର ଦ୍ୱାରା ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ନାନାପ୍ରକାର ଗଣ୍ଡଗୋଳ ଆରମ୍ଭ ହେଲା । ଦାବିଦାରମାନେ ପରସ୍ପର ମଧ୍ୟରେ କଳହ ଉପରାନ୍ତ ମନାନ୍ତର ଓ ଯୁଦ୍ଧ ଆରମ୍ଭ କଲେ । ନାଗପୁରଠାରୁ ନଗଦ ଟଙ୍କା ପଠାଇବା ତାଗିଦାରେ ପ୍ରପୀଡ଼ିତ ହୋଇ କର୍ମଚାରୀମାନେ ଲୋକମାନଙ୍କଠାରୁ ଅନ୍ୟାୟରେ ଟଙ୍କା ଆଦାୟ କଲେ ଏବଂ ନିଜର କାର୍ଯ୍ୟ ଉର୍ଦ୍ଦି ଦେବାକୁ ଯେତେ ଟଙ୍କା ବ୍ୟୟ କରିଥିଲେ ତେଗୁଣିକ ପ୍ରଜାଙ୍କଠାରୁ ଆଦାୟ କଲେ । ଦେଶର ନାନା ସ୍ଥାନରେ ସୈନ୍ୟ ରହିଥିଲେ ମଧ୍ୟ ପାଇକ ଓ ଖଣ୍ଡାଏତମାନେ ବିଶୃଙ୍ଖଳ ହେଲେ । ସମୁଦ୍ରକୂଳ ଓ ପାର୍ବତ୍ୟ ପ୍ରଦେଶର ଖଣ୍ଡାଏତ ଓ ପାଇକମାନେ ଦେଶ ମଧ୍ୟକୁ ଆସି ଲୁଟପାଟ ଆରମ୍ଭ କଲେ । ଲୋକମାନେ ଅତ୍ୟାଚାର ଭୟରେ ଘରଦ୍ୱାର ଛାଡ଼ି ଜଙ୍ଗଲରେ ଲୁଚି ରହିଲେ । ସେମାନଙ୍କ ହାତରେ ଶାସନ ରହିଲା ନାହିଁ । ନିମ୍ନଲିଖିତ ସୁବେଦାର-ମାନେ ଓଡ଼ିଶା ଶାସନ କଲେ ।

୪ ମେଓିଭଞ୍ଜ ସାଲ୍ଭ—୧୭୫୫-୧୭୬୨ ଖ୍ରୀଷ୍ଟାବ୍ଦ । ଏ ପୂର୍ଣ୍ଣ କ୍ଷମତା ପାଇ ଆଠବର୍ଷ ଶାସନ କଲେ । ସେ ଜମା ବନ୍ଦୋବସ୍ତ କରିଥିଲେ । ଓଡ଼ିଶା ପ୍ରଦେଶର ରାଜସ୍ୱ ବାର୍ଷିକ କାମ ମାତ୍ର ୧୮୦୦୦୦୦ ଟିକା ଟଙ୍କା ସ୍ଥିର ହେଲା । ଏଥିମଧ୍ୟରୁ ୧୪୦୦୦୦୦ ଭୂରାଜସ୍ୱ ଏବଂ ୪୦୦୦୦୦ ଅବୱାବ । ଏହାଙ୍କ ଶାସନରେ ଖୋର୍ଦ୍ଧା ମହାରାଜାଙ୍କ ଉଲକା ଆପଣାର ଶକ୍ତି ପ୍ରାପ୍ତ ହେଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ଖେମଣ୍ଡିର ବିଖ୍ୟାତ ଜମିଦାର ନାରାୟଣ ଦେବ, ସେ କି ଓଡ଼ିଶା ରାଜାଙ୍କ ବଂଶଧର ଥିଲେ, ସେ ବାଙ୍କୁର ଦେଇ ଖୋର୍ଦ୍ଧା ଆକ୍ରମଣ କଲେ । ତଦାନୀନ୍ତନ ରାଜା ବୀରକେଶରୀଦେବ ମରହଟ୍ଟାମାନଙ୍କ ଆଶ୍ରୟ ନେଲେ । ମରହଟ୍ଟାମାନେ ଏ ଯୁଦ୍ଧରେ ସମସ୍ତ ବ୍ୟୟ ଓଡ଼ିଶା ରାଜାଙ୍କଠାରୁ ପାଇବା ସର୍ତ୍ତରେ ଆଶ୍ରୟ ଦେଲେ । ମରହଟ୍ଟାମାନଙ୍କ ସାହାଯ୍ୟରେ ଖେମଣ୍ଡି ପରାସ୍ତ ହେଲେ । ମାତ୍ର ବୀରକେଶରୀ ଦେବ ଟଙ୍କା ଦେଇ ନ ପାରିବାରୁ ଆପଣା ରାଜ୍ୟର ପ୍ରଧାନ ଅଂଶ ଲେମ୍ବାଇ, ରହଙ୍ଗ, ପୁରୁଷୋତ୍ତମ ଛେତ୍ର ପ୍ରଭୃତି ମାହାଲମାନ ଟଙ୍କା ପରିଶୋଧ ପର୍ଯ୍ୟନ୍ତ ମରହଟ୍ଟାଙ୍କ ଦଖଲରେ ଛାଡ଼ିଦେଲେ । ଦୟାନଦୀ ସମୁଦ୍ର ଓ ଚିଲିକା ମଧ୍ୟସ୍ଥିତ ସମସ୍ତ ମାହାଲ ଏବଂ ୧୪ ରାଜାଙ୍କ ରାଜସ୍ୱ ଏଥି ମଧ୍ୟରେ ଥିଲା । ମରହଟ୍ଟାମାନେ ଆପଣା ଅଧୀନ ରଖି ଆଦାୟ ଅସୁଲ କଲେ ଏବଂ ପରେ ଆଉ ସେ ମାହାଲ ଫେରି ଛାଡ଼ି ଦେଲେ ନାହିଁ । ଏଥିରେ ମରହଟ୍ଟାମାନଙ୍କର ସ୍ୱଦେଶ କିଛି ଲାଭ ହେଲା ତାହା ନୁହେଁ । ଖୋର୍ଦ୍ଧା ରାଜାମାନଙ୍କ ପତନ ଶୀଘ୍ର ବୃଦ୍ଧି ହେଲା ଏବଂ ଅନ୍ୟାନ୍ୟ ଜମିଦାରମାନଙ୍କଠାରୁ ଟଙ୍କା ଆଦାୟ କରିବାକୁ ଯାଇ ସେମାନଙ୍କ ସହିତ ପ୍ରବର୍ତ୍ତ କଳହ ମନାନ୍ତର ବୃଦ୍ଧି ହେଲା । ଏଥିରେ ଲୋକକଷ୍ଟ ଓ ଧନକ୍ଷୟ ଯାର ହେଲା । ୧୭୬୩ ଖ୍ରୀଷ୍ଟାବ୍ଦରେ ମେଓିଭଞ୍ଜ ବଶୀଭୂତ ହେଲେ । ଶମଜ ସର୍ବ ଓ ଭଦ୍ରକର ଶୋଧାର୍ଥିମାନେ ପରେ ଶାସନଭାର ଚଳାଇଲେ, ମାତ୍ର ଅଳ୍ପ ସମୟ ନିମିତ୍ତ । ପରେ ଭବାନୀ କାଳୁ ପଣ୍ଡିତ ସନନ୍ଦ ନେଇ ସୁବେଦାର ନିଯୁକ୍ତ ହୋଇ ଓଡ଼ିଶାକୁ ଆସିଲେ । ସାବକ ସୁବେଦାର ସହଜରେ ଛାଡ଼ିବା ଲୋକ ନୁହେ । ସେ ପୂର୍ବପରି ରାଜତ୍ୱର ପାଇକମାନଙ୍କୁ ନେଇକରି ଗୋଳମାଳ ଆରମ୍ଭ କଲା ଏବଂ ଅନେକ ଦିନ ଯାଏ ନବ ଅଧିକାରୀଙ୍କ ଶାସନରେ ବାଧା ଜାତ କଲା । ଅନ୍ୟାନ୍ୟ ଜିଲ୍ଲାର ପାଇକମାନେ ବିପକ୍ଷ ପକ୍ଷ ସମର୍ଥନ କଲେ । ନାନା ଦିଗରୁ ସୈନ୍ୟ ଆସିଲେ । ବିଦ୍ରୋହ ଦମନ ହେବା ପରେ ଆଠ, ହରିହରପୁର, ଖଣ୍ଡିଙ୍କର, ଦେଓଗାଁ ପ୍ରଭୃତି ସ୍ଥାନମାନଙ୍କ ଭୂସ୍ୱାମୀମାନଙ୍କର ବିପଦ ଉପସ୍ଥିତ ହେଲା । କନିକା, କୁଜଙ୍ଗ ଓ ରଣେ ପାଇକମାନେ ଅତ୍ୟନ୍ତ ଅତ୍ୟାଚାର ଆରମ୍ଭ କଲେ । ଓଡ଼ିଶାର ଅଧିସ୍ୱ ଜମିଦାର ଓ ସେମାନଙ୍କ ପକ୍ଷର ଲୋକମାନେ ଏ ସମସ୍ତ ଘଟଣାଦ୍ୱାରା ଉତ୍ତେଜିତ ହେଲେ ଏବଂ ବହୁକାଳ ପର୍ଯ୍ୟନ୍ତ ଏମାନେ ଶାନ୍ତ ହେଲେ ନାହିଁ । ୧୭୬୭

ଖ୍ରୀଷ୍ଟାବ୍ଦରେ ଭବାନୀ ପଣ୍ଡିତ କାର୍ଯ୍ୟ ଭାର ନେଲେ ଏବଂ ସମ୍ଭାଜୀ ଗଣେଶ ତାଙ୍କର ଉତ୍ତରାଧିକାରୀ ହେଲେ । ଏହାଙ୍କ ବନ୍ଦୋବସ୍ତ ଅତି କଠୋର ଥିଲା । ସେ ଭୂସ୍ୱତ୍ୱ-ମାନଙ୍କ ଉପରେ ନାନାପ୍ରକାର ନୂତନ କର ଧାର୍ଯ୍ୟ କଲେ । କାବିଲ, ହସ୍ତର, ଅସୁନା, ମାଲିକ, ଖରଦଗି ମୁରସିଦ ଓ ଉଗବ୍ରଜ ଜମିମାନ ବାଜ୍ୟାପ୍ତ କଲେ । ଏମାନେ ବଡ଼ଲୋକ ଥିଲେ; ମାତ୍ର ଦ୍ୱିଜସ୍ୱତ୍ୱକାରୀର ଅବଶ୍ୟକ ହେତୁ ଭିନ୍ନ ଭିନ୍ନ ଦୈବ୍ୟସ୍ଥଳମାନଙ୍କୁ ସେମାନେ ରାଜସ୍ୱ ଦେଲେ ।

ଦୁଇବର୍ଷ ଛତ୍ରିରୁ ବାବାଜି ନାଏକ ନାମକ ଜଣେ ମହାଜନ ସୁବେଦାରୀ ସରଞ୍ଜାମ ପାଇଲା । ମାତ୍ର ପ୍ରଜାଜନ ଲୋକ ଅସନ୍ତୋଷ ଉତ୍ପାଦନ କଲା ଏବଂ ୧୭୭୦ ଖ୍ରୀଷ୍ଟାବ୍ଦରେ ତାର ମୁକରଦ୍ଦମା ସ୍ଥିର ହେଲା । କଟକ ଜିଲ୍ଲାରେ ଦୁର୍ଭିକ୍ଷ ହେଲା ୧୭୭୦-୭୧ ସାଲରେ । ଦେଶ ଛାରଖାର ହେଲା । ଲୋକେ ଦୁଇବେଳା ଖାଇବା ମିଳିଲା ନାହିଁ ଏବଂ ଅନେକ ଲୋକ ମଲେ । ସୈନ୍ୟମାନଙ୍କ ମଧ୍ୟରେ ଗୋଳମାଳ ଆରମ୍ଭ ହୋଇ ଦୁର୍ଦ୍ଦଶା ବୃଦ୍ଧି କଲା ।

ଶିବାଜି ଭୋଁସଲା ନାଗପୁରରେ ଗାଦିନସୀନ ହେବାରୁ ମାଧଜି ହରି କଟକର ଶାସନକର୍ତ୍ତା ହୋଇ ଆସିଲେ । ସେ ତାଙ୍କ ପୂର୍ବବର୍ତ୍ତୀ ଶାସନକର୍ତ୍ତାଙ୍କୁ ଜେଲ ଦେଲା ଏବଂ ଦେଶରେ ରାଜସ୍ୱ ବୃଦ୍ଧି କରିବାର ବନ୍ଦୋବସ୍ତ କଲା । ଇତି ମଧ୍ୟରେ ମାଧଜି ଭୋଁସଲା ନାଗପୁର ସିଂହାସନାରୋହଣ କରିବାରୁ ଶାସନ କାର୍ଯ୍ୟର ପରିବର୍ତ୍ତନ ଘଟିଲା । ପୁଣି ବାବାଜି ନାଏକ ସୁବେଦାରୀ ପଦ ପାଇଲା ଏବଂ ଜେଲରୁ ଆସି ଏକାଦିକ୍ରମେ ଶାସନକର୍ତ୍ତା ହେଲା । ବସ୍ତୁତ କଳା ଦୌଳିରେ ବାବାଜିଙ୍କ ପ୍ରକୃତି ଗଲା ଓ ମାଧଜି ତାଙ୍କ କାର୍ଯ୍ୟରେ ବାହାଲ ହେଲେ । ୧୭୭୭ ସାଲରେ କଟକରେ ଶସ୍ୟ ବଡ଼ ଦୁର୍ମୂଲ୍ୟ ହେଲା । କଟକ ଏକ ଟେର ଚାଉଳ ଦଶ ପଣକୁ ମିଳିବାର କଷ୍ଟ ହେଲା । ଏହିବେଳୁ କାରଣରୁ ସାତ ଲକ୍ଷ ଟଙ୍କା ରାଜସ୍ୱ ଛାଡ଼ ଦିଆଯାଇ ଥିଲା । ୧୭୭୭ ବା ୧୭୭୮ ଖ୍ରୀଷ୍ଟାବ୍ଦରେ ରାଜାରାମ ପଣ୍ଡିତ ସୁବେଦାର ଥିଲେ । ରାଜାରାମ ପୂର୍ବରେ ସୁବେଦାରଙ୍କ ଅଧୀନରେ କର୍ମଚାରୀ ଥିଲେ ଓ ସକଳ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଥିଲା । ରାଜାରାମ ବଡ଼ ଗୁଣବାନ ଓ କାର୍ଯ୍ୟଦକ୍ଷ ଲୋକ ଥିଲେ ଏବଂ ସକଳ କାର୍ଯ୍ୟରେ ତାଙ୍କର ଦକ୍ଷତା ଥିଲା । ତାଙ୍କ ଅମଳରେ ଶାସନ ବିଭାଗର ମର୍ଯ୍ୟାଦା ଓ ପ୍ରାଧାନ୍ୟ ବୃଦ୍ଧି ହେଲା । ସେ ମୌରସୀ ଚୌଧୁରୀ, କାନୁନଗୋ ବା ତାଲୁକଦାର ପ୍ରଭୃତି ରହିତ କରି ଆପଣା କର୍ମଚାରୀଙ୍କ ଦ୍ୱାରା ଭୂସ୍ୱତ୍ୱମାନଙ୍କଠାରୁ ଖଜଣା ଆଦାୟ କଲେ । ସେ ପ୍ରଥମେ ଖୋର୍ଦ୍ଧା ମହାରାଜାଙ୍କ ଉପରେ କର ଧାର୍ଯ୍ୟ କଲେ । ରାଜା ବୀରକେଶରୀଦେବ ୪୧ ବର୍ଷ ରାଜା ହେଲା ପରେ ପାଗଳ ହେଲେ ଓ ନାନାପ୍ରକାର ଅମାନୁଷିକ କାର୍ଯ୍ୟ କଲେ । ମରହଟ୍ଟାମାନେ ଏ ସୁଯୋଗ ଛାଡ଼ିଲେ

| | | |
|---|---|---|
| ୫ । ଦଲୁଆଣ ସୁବର୍ଣ୍ଣ | ଟ | ୩୭୮୮୧ |
| ୬ । ଖୁର୍ଦ୍ଦାର ପୁରୁଷୋତ୍ତମ ଭଞ୍ଜ | ଟ | ୧୦୮୮୩୧ |
| ୭ । ବୁଜଙ୍ଗର ରଘୁନାଥ ସିଂହ | ଟ | ୯୧୨୨୧ |
| ୮ । ମଧୁପୁର ସୁବଡ଼େଇ | ଟ | ୫୯୨୧୧ |
| ୯ । କେନ୍ଦୁପୁର ତେଜସ୍ୱର ଧଳ | ଟ | ୬୦୭୦୧ |
| ୧୦ । ନାଗପୁର ସୁନଗା | ଟ | ୯୭୦୨୧ |
| ୧୧ । ଛତ୍ରପୁର ଜଗନ୍ନାଥ ଧଳ | ଟ | ୧୨୧୭ ୧ |
| ୧୨ । କାଶୀପୁରାର ମହମ୍ମଦସ୍ୱାନ | ଟ | ୨୦୦୦୧ |
| ୧୩ । ଅନ୍ତର୍ଦ୍ଧୀପୁରା ଗିରିଧାରୀ କାସୂଳ | ଟ | ୭୨୩୫୧ |
| ୧୪ । ଗଜପୁରା ସନ୍ତଭଞ୍ଜ | ଟ | ୪୭୦୦୧ |
| ୧୫ । ନଉଗାର ଓଗର | ଟ | ୫୬୩୦୧ |
| ମୋଟରେ ୨୭ ମାହାଲ ଓ ଜମା ମୋହାଲ | ଟ | ୮୭୨୫୯୮୧ |

ଅନ୍ତର୍ବର୍ତ୍ତୀ ଶ୍ରୀ ଉଡ଼ିଶାର ଯେଉଁ ଅଂଶ ନାଗପୁରଭୁକ୍ତ ଥିଲେ ତାହାର ରାଜସ୍ୱ ଟ ୨୨୭୩୨୮ ଏବଂ ମରହଟ୍ଟାମାନଙ୍କ କୁଶାସନ ହେତୁ ୧୭୮୮-୮୯ରେ ଜମା ଟ ୨୧୨୦୪୧୫ କୁ ବଢ଼ି ଆସିଲା । ଏ ଜମା ମଧ୍ୟରେ ଟ ୧୫୦୦୭୯୯ ହେଉ, କାରଣ ଟ ୬୨୦୬୧୬ କେବଳ ନାମ ମାତ୍ର ଜମା ଥିଲା, ଆଦାୟ ହେଉ ନ ଥିଲା । ଖୋର୍ଦ୍ଧା ରାଜା ବୀରକେଶରୀଦେବଙ୍କ ରାଜ୍ୟ ସ୍ୱତନ୍ତ୍ର ହେବାରୁ କେବଳ ଏଥିରୁ ଅନେକ ଅର୍ଥାତ୍ ପ୍ରାୟ ୩ ଲକ୍ଷ ଟଙ୍କା ମରହଟ୍ଟା ଜମାବନ୍ଦ ଭୁକ୍ତ ହେଲା ।

ମୋଗଲମାନଙ୍କ କାଗଜପତ୍ରରେ ଦୁଇ ପ୍ରକାର ଜମାର ଉଲ୍ଲେଖ ଥିଲା । ଯଥା - ତଙ୍କାରକମ୍ ଓ କାମିଲ୍ । ପ୍ରଥମଟି ଟଙ୍କାରେ ଏବଂ ଦ୍ୱିତୀୟଟି କଉଡ଼ିରେ ପ୍ରକାଶିତ ହେଉଥିଲା । ପ୍ରଥମ ଜମାଟି ଜାହାଙ୍ଗୀର ଏବଂ ସେହି ଜମାରେ ଜାଗିର ଜମିମାନ ଦିଆଯାଉଥିଲା । କାମିଲ୍ ଅର୍ଥ ସଂଶୋଧିତ ଜମା । ଜାମନ ମହମ୍ମଦ ଏ ଜମା ସଂଶୋଧନ କରିଥିବା ହେତୁ ଏହାର ନାମ କାମିଲ ବୋଲି କେହି କେହି କହନ୍ତି । ଗ୍ରାଣ୍ଟ ସାହେବଙ୍କ ମତରେ ଯାଫର ଖାଁ ହେଯୋଦପ୍ତ କରି କହିଲେ, "ତୁମର ଜମା କାମିଲ୍", ସୁତରାଂ ଏପରି ନାମ ହେଲା ।

ମରହଟ୍ଟାମାନଙ୍କ କାଗଜପତ୍ରରୁ ନିମ୍ନଲିଖିତ ହିସାବ ମିଳେ ।

ମୋଗଲ ଜମାବନ୍ଦୀ—

| | |
|---|---|
| ୧୩ ସର୍କାର | ୨୯୭ ମାହାଲ |
| ବଙ୍ଗଳାରେ ଅମୁଲ୍ | ୨୭ ,, |
| | ୨୭୦ ମାହାଲ ଜମା |

ମରହଟ୍ଟା ଜମାବନ୍ଦୀ—

ଭୌଁସଲାଙ୍କ ତହସିଲ୍ ଟ ୨୪୨୨୩୬୫୮ ବା ୪୭୩୨୮୯୩ ପାଉଣ୍ଡ । ଏଥି ମଧ୍ୟରେ

| | | |
|---|---|---|
| ମାହାଲରୁ | ଟ ୨୨୪୦୬୯।୮ | ବା ୩୨୪୨୧୭୮ |
| କଲିକାତା | ଟ ୧୮୯୫୭।୮ | ବା ୧୦୧୩୮୨୫ |

ଖର୍ଚ୍ଚ—

| | |
|---|---|
| ନାଗପୁର ସେକ୍ରେଟାରୀଙ୍କୁ ଖରାଜି | ଟ ୭୦୦୦୦୦ |
| ଅମୁଲ୍ ଖର୍ଚ୍ଚ ଓ ସୈନ୍ୟମାନଙ୍କ ଖର୍ଚ୍ଚ | ଟ ୯୦୦୦୦୦ |
| | ଟ ୧୬୦୦୦୦୦ |

=ସିକା ଟଙ୍କା ୧୩୬୦୦୦୦୦ ମରହଟ୍ଟାମାନେ ଅଦାୟ କରୁଥିଲେ ।

୧ । ମେଓଜଣ୍ଟ ସାମନ୍ତଙ୍କ ୧୭୫୯ ଖ୍ରୀ: ବନ୍ଦୋବସ୍ତ —

| | |
|---|---|
| ସୁନା ମୋହର | ୨୩୯ |
| ଟଙ୍କା | ଟ ୩୮୨୮୨୯୫ |
| କଉଡ଼ି | କା ୨୬୮୨୪୫୨/ |

୨ । ସମ୍ବଲ ଗଡ଼େଶ ୧୭୬୦ ଖ୍ରୀ: ବନ୍ଦୋବସ୍ତ—

| | |
|---|---|
| ଅସର୍ଫି | ୧୯ |
| ଟଙ୍କା | ଟ ୭୦୧୩୯୪ ୫ |
| କଉଡ଼ି | କା ୪୨—୭୬୬୬ |

| | | |
|---|---|---|
| ୩ । ରାଜାରାମ ପଣ୍ଡିତଙ୍କ ବନ୍ଦୋବସ୍ତ | | ଟ ୯୧୦୩୧୮୫୮/ |
| | କଉଡ଼ି | କା ୬୩୩୬୬୮୫ |
| ୪ । ଭଙ୍ଗାଜି ରଘୁଦେବଙ୍କ ବନ୍ଦୋବସ୍ତ | | ଟ ୧୬୧୪୩୨ |
| | କଉଡ଼ି | କା ୫୭୬୮୨୨୪ |

୧୮୦୩ ମସିହାରେ ବ୍ରିଟିଶ ରାଜତ୍ୱ ଆରମ୍ଭ ହେବାରୁ ସିକା ଏକ ଟଙ୍କାର ମୂଲ୍ୟ ୪ କାହାଣ କଉଡ଼ି ସ୍ଥିର ହେଲା ଏବଂ ୧୮୦୭ ମସିହାଠାରୁ ରାଜସ୍ୱ ଟଙ୍କାରେ ଅଦାୟ ହେଉଛି । ସନ ୧୨୨୯ ବା: ୧୮୨୧ ଖ୍ରୀଷ୍ଟାବ୍ଦ ବନ୍ଦୋବସ୍ତ ନିମ୍ନଲିଖିତମତେ ଜମା ଧାର୍ଯ୍ୟ ହେଲା ।

୧ । ମୋଗଲବନ୍ଦି (ପଟାସପୁର ପ୍ରଗନା ପ୍ରଭୃତି ବାଦ ଯାହାର ଜମା ମରହଟ୍ଟାମାନେ ୩୦୦୦୦ ଟଙ୍କା ଧାର୍ଯ୍ୟ କରିଥିଲେ) ।
ଟ ୧୨୭୪୩୮

୨ । ଖାସମାହାଲ୍ କିଲ୍ଲା ବୋର୍ଦ୍ଦ । ସେ ମରହଟ୍ଟାମାନଙ୍କୁ ୧୦୦୦୦ ଟଙ୍କା ପେସ୍‌କସ୍ ଦେଉଥିଲା ।
ଟ ୨୧୧୭୯

୩ । ୩୯ ରାଜାଙ୍କଠାରେ ମୁକରରି ଟ ୧୨୮୪୧୯

ମୋଟ ଟ ୧୪୪୫୯୫୦

୪ । ଲୁଣ ଟ ୧୯୦୦୦୦୦

୫ । ଯାତ୍ରୀକର ପ୍ରଭୃତି ଟ ୧୦୦୦୦୦

ମୋଟ ଟ ୩୪୪୫୯୭୦

ଏପର୍ଯ୍ୟନ୍ତ ଆମ୍ଭେ ପ୍ରାଚୀନ ଉତ୍କଳର ଅର୍ଥ ସମ୍ବନ୍ଧେ କିଞ୍ଚିତ୍ ଆଭାସ ଦେଲୁଁ । ଉତ୍କଳୀୟ ରାଜାମାନଙ୍କ ସମୟରେ ବାସ୍ତୁ କିପରି ଥିଲା ତାର କିଞ୍ଚିତ ଆଲୋଚନା କରିବା ଆବଶ୍ୟକ । ବାସ୍ତୁର କୌଣସି ବିବାଦ ନ ଥିଲେ ମଧ୍ୟ ବାସ୍ତୁସଙ୍କୁଳ ଅନୁଷ୍ଠାନମାନ ଦେଶର ମୂକସାକ୍ଷୀ ସ୍ୱରୂପ ଅଦ୍ୟାପି ବିଦ୍ୟମାନ ଅଛି ଏବଂ ସେଗୁଡ଼ିକ ବାସ୍ତୁର ପରିମାପକ ସ୍ୱରୂପ ।

କେବଳ ଭୁବନେଶ୍ୱର ମନ୍ଦିର, ଜଗନ୍ନାଥ ମନ୍ଦିର ଇତ୍ୟାଦି ବୃହତ୍ ବୃହତ୍ ଶିଳ୍ପଶାସ୍ତ୍ରକାର୍ଯ୍ୟ ସମନ୍ୱିତ ମନ୍ଦିରମାନ, ବିନ୍ଦୁସାଗର, ନରେନ୍ଦ୍ର, ମାର୍କଣ୍ଡ ପ୍ରଭୃତି ବୃହତ୍ ବୃହତ୍ ଜଳାଶୟମାନ, କାଠଯୋଡ଼ିର ପଥରବନ୍ଧ, ଅଠରନଳା ପ୍ରଭୃତି କାର୍ଯ୍ୟମାନ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥାର ପରିଚୟସୂଚକ ଓ ପରିମାପକ । ରାଜ-ଭଣ୍ଡାରରୁ ବ୍ୟୟ ହୋଇ ଉପରୋକ୍ତ କାର୍ଯ୍ୟମାନଙ୍କ ବ୍ୟତୀତ ଦେଶର ଚତୁର୍ଦ୍ଦିଗରେ ଅସଂଖ୍ୟ ଦେବମନ୍ଦିର ଓ ପୁଷ୍କରିଣୀ ଦେଖାଯାଏ । ଏଗୁଡ଼ିକ ଲୋକସାଧାରଣଙ୍କ ସ୍ୱଚ୍ଛଳ ଅବସ୍ଥାର ପରିଚୟସୂଚକ ଓ ପରିମାପକ । ଏ ପ୍ରକାର ସାଧାରଣ କାର୍ଯ୍ୟ ବ୍ୟତୀତ ଆମ୍ଭେମାନେ ଅନ୍ୟ ପ୍ରକାର ବାସ୍ତୁର ପରିଚୟ ପାଉଁ । ଉତ୍କଳୀୟ ରାଜାମାନେ

ମୁକ୍ତହସ୍ତ ହୋଇ ଈଶ୍ବର, ବ୍ରାହ୍ମଣ ଓ ଅନ୍ୟ କାର୍ଯ୍ୟରେ ବିପୁଳ ଭୂମିଦାନ କରିଯାଇ ଅଛନ୍ତି । ଏହାର ନିଦର୍ଶନ ବର୍ତ୍ତମାନ ପୁରୀ ଜିଲ୍ଲା ଭିତରେ ରହିଅଛି । ବ୍ରାହ୍ମଣମାନଙ୍କୁ ଟଙ୍କା ଦାନ, ମଠମାନଙ୍କୁ ଦାନ, ଦେବବ୍ରତ ଲାଗି ଦାନ, ଦେବତାମାନଙ୍କ ଭୋଗ ରାଜନୀତିଗତ ଜାଗାଯାତ୍ରା ଲାଗି ବିପୁଳ ଅର୍ଥଦାନ ଓ ଭୂମିଦାନ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥାର ଅକାଟ୍ୟ ପ୍ରମାଣ ।

ଲୋକସାଧାରଣଙ୍କ ଉପକାରାର୍ଥେ ଏହି ସମସ୍ତ ବ୍ୟୟ ହେଉଥିଲା ଏବଂ ରାଜ୍ୟରକ୍ଷା ଲାଗି ସୈନ୍ୟମାନଙ୍କ ବ୍ୟୟ ଥିଲା । ଉପରୋକ୍ତ କାର୍ଯ୍ୟରେ ଯେତେ ବ୍ୟୟ ହୋଇଥିଲା ସେ ସମସ୍ତର ପ୍ରମାଣ ସମ୍ପୂର୍ଣ୍ଣରେ ମିଳି ପାରିବ ନାହିଁ । ପ୍ରମାଣ ସ୍ୱରୂପ ସେ କେତେ ଗୋଟିର ପ୍ରମାଣ ମିଳୁଛି ତାହାର ଆଲୋଚନା ନିମ୍ନରେ ଦିଆଯାଉଅଛି ।

୧ । ଜଗନ୍ନାଥ ଦେଉଳ ନିର୍ମାଣ ଲାଗି ଅନଙ୍ଗଭୀମଦେବ ଦେଲେ ସୁନା ୧,୨୧୦୦୦୦ ମାଢ଼ ଓ ଜଗନ୍ନାଥ ଦେବଙ୍କ ଅଲଙ୍କାର ଲାଗି ୪୦୦୦୦ ମାଢ଼ ଓ ୧୩୨ । ୮ ବାଟି ଭୂମିଦାନ କରିଥିଲେ । ଏହାଙ୍କ ପୂର୍ବ ରାଜାମାନେ ମଧ୍ୟ ସହସ୍ର ସହସ୍ର ବାଟି ଭୂମି ଜଗନ୍ନାଥଙ୍କୁ ଦାନ କରିଥିଲେ । ଏହାର ବିଶେଷ ବିବରଣ ଗଙ୍ଗବଂଶ ଅଧ୍ୟାୟରେ ଦିଆଯିବ । ଏହାଙ୍କ ଅନ୍ୟାନ୍ୟ ବ୍ୟୟ ସମ୍ବନ୍ଧେ ରାଜବଂଶାନୁଚରିତ ଦେଖ ।

୨ । କୋଣାର୍କ ମନ୍ଦିର ନିର୍ମାଣ କାର୍ଯ୍ୟରେ ଓଡ଼ିଶାର ବାର ବର୍ଷର ରାଜସ୍ୱ ବ୍ୟୟିତ ହୋଇଥିଲା । ସେତେବେଳେ ବାର୍ଷିକ ରାଜସ୍ୱ ୭ କୋଟି ଟଙ୍କା ଥିଲା ।

୩ । ପୁରୁଷୋତ୍ତମଦେବ ସପ୍ତଦଶ ଶାସନ କରାଇ ୧୫୧୭ । ୯୩ ବାଟି ଭୂମି ଦାନ ଦେଇଥିଲେ ।

ଅନ୍ୟାନ୍ୟ ରାଜାମାନଙ୍କ ଦାନ ସମ୍ବନ୍ଧେ ରାଜବଂଶାନୁଚରିତ ଓ ଶୋଭାଯାତ୍ରା ଲାଗି ଦ୍ରଷ୍ଟବ୍ୟ ।

ଏତେ ଅର୍ଥ ଓ ବ୍ୟୟ ସତ୍ତ୍ୱେ ପ୍ରଜାମାନଙ୍କଠାରୁ କେତେ ରାଜସ୍ୱ ଆଦାୟ ହେଉଥିଲା ତାର ନିଦର୍ଶନ ପୂର୍ବେ ଦେଇଅଛୁଁ । ଓଡ଼ିଶାର ଅଙ୍ଗହାନି ହେବା ପରେ ଆୟ ଊଣା ହୋଇ ଆସିଲା ଏବଂ ଭୂରାଜସ୍ୱ କ୍ରମେ ବୃଦ୍ଧି ହେଲା ।

ଉତ୍କଳର ପ୍ରାଚୀନ ଆର୍ଥିକ ଅବସ୍ଥା ସତ୍ତ୍ୱେ ବାରମ୍ବାର ଦୁର୍ଭିକ୍ଷ ଦେଖା ଦେଇଥିଲା । ବର୍ଷା । ତୋଫାନ ସାଧାରଣତଃ ଏହି ଦୁର୍ଭିକ୍ଷମାନଙ୍କର କାରଣ ଥିଲା । ନିମ୍ନଲିଖିତ ସମୟମାନଙ୍କରେ ଦୁର୍ଭିକ୍ଷ ହୋଇଥିବାର ପରିଚୟ ମିଳେ ।

କପିଳେନ୍ଦ୍ର ଦେବଙ୍କ ୧୧ ଅଙ୍କ ଅର୍ଥାତ୍ ୧୪୪୪ ଖ୍ରୀଷ୍ଟାବ୍ଦରେ ପ୍ରଥମବାର ଓଡ଼ିଶାରେ ଦୁର୍ଭିକ୍ଷ ଦେଖା ଦେଇଥିବାର ପରିଚୟ ମିଳେ । ଏଥିର ଧାନ ଭରଣକୁ ୧୦୮ କାହାଣ କଉଡ଼ି ହୋଇଥିଲା । ଏହାଙ୍କ ୨୭ ଅଙ୍କ ଦୁର୍ଭିକ୍ଷ ସମୟରେ ଧାନ ଭରଣକୁ ୧୦୩ କାହାଣ । ୩୨ ଓ ୩୩ ଅଙ୍କରେ ଦବା ଘୋର ବତାସ ଓ ଦୁର୍ଭିକ୍ଷ ହୋଇଥିଲା ।

୨ । ପ୍ରତାପରୁଦ୍ର ଦେବଙ୍କ ୧୩ ଅଙ୍କରେ ଯେ ଦୁର୍ଭିକ୍ଷ ହୋଇଥିଲା ଧାନ ଭରଣର ମୂଲ୍ୟ ହେଲା ୧୨୦ କାହାଣ ।

୩ । ମୁକୁନ୍ଦଦେବଙ୍କ ୧୮ ଅଙ୍କରେ ଦୁର୍ଭିକ୍ଷ—ଧାନ ଭରଣକୁ ୪୫ କାହାଣ ।

୪ । ବଙ୍ଗାଳି ବିଦ୍ୟାଧରଙ୍କ ରାଜତ୍ବ ସମୟରେ ଦୁର୍ଭିକ୍ଷ ହୋଇଥିଲା—ଧାନ ଭରଣକୁ ୭୦ କାହାଣ ।

୫ । ୧ମ ନରସିଂହ ଦେବଙ୍କ ୧୦ ଅଙ୍କରେ ଦୁର୍ଭିକ୍ଷ—ଧାନ ଭରଣ ୨୪ କାହାଣ ।

୬ । ୨ୟ ନରସିଂହ ଦେବଙ୍କ ୯ ଅଙ୍କରେ ଘୋର ଦୁର୍ଭିକ୍ଷ ହୋଇଥିଲା ।

ଓଡ଼ିଶାର ଦୁର୍ଭିକ୍ଷ ମୋଗଲମାନଙ୍କ ଆଗମନ ସଙ୍ଗେ ସଙ୍ଗେ ଆଗମନ କରି ଏ ଯାଏ ଓଡ଼ିଶାରେ ସ୍ଥାୟୀ ବସତି କରି କରାଳ ମୃତ୍ୟୁବ୍ୟାଦାନ ପୂର୍ବକ ଓଡ଼ିଶାବାସୀମାନଙ୍କୁ ଲଣ୍ଡଭଣ୍ଡ କରୁଅଛି ।

ଓଡ଼ିଶାର ଦୁର୍ଭିକ୍ଷ ବେଳେ ଲୋକେ ନର୍ଦ୍ଦିକ୍ରମେ ଖାଇପିଇ କାଳାତିପାତ କରୁଥିଲେ । ରାଜା ଗଜପତିପ୍ରତାପଙ୍କ ୫ ଅଙ୍କରେ ଅର୍ଥାତ୍ ୧୫୪୬ ଖ୍ରୀଷ୍ଟାବ୍ଦରେ ଧାନ ଭରଣ କା ୩୪/ ଥିବା ବିଷୟ ମାଦଳାପଞ୍ଜିରୁ ପ୍ରମାଣ ମିଳେ ।

# ଗୃହନିର୍ମାଣ ପ୍ରଥା

ଏ ସମ୍ବନ୍ଧରେ ଗୋଟିଏ ବଢ଼ାଇ ଘରୁ ଖଣ୍ଡିଏ ଶିଳ୍ପଶାସ୍ତ୍ର ନାମକ ପ୍ରାଚୀନ ତାଳପତ୍ର ପୋଥି ପାଇଥିଲୁଁ । ପୁସ୍ତକର ରଚୟିତା କିଏ ସେ ବିଷୟ ସେଥିରେ କିଛି ଉଲ୍ଲେଖ ନାହିଁ । କେବେ ତାହା ରଚିତ ହୋଇଥିଲା ତାହାର ମଧ୍ୟ ନିଦର୍ଶନ ନାହିଁ । ତହିଁରେ ଲେଖାଥିବା ବିଷୟଗୁଡ଼ିକର ସାରମର୍ମ କ୍ରମରେ ଲେଖାଯାଉଛି ।

ଭୂମି ନିର୍ବାଚନ—ଯେଉଁ ଭୂମିରୁ ସୁଗନ୍ଧ ବାହାରୁଥିବ ଏବଂ ବୃକ୍ଷଲତା ଦ୍ୱାରା ଶୋଭିତ ହୋଇଥିବ, ସେ ଜମି ଗୃହନିର୍ମାଣ ନିମିତ୍ତ ଶୁଭପ୍ରଦ । ଭୂମି ୪ ପ୍ରକାର ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

ବ୍ରାହ୍ମଣ ଜାତୀୟ ଭୂମି— ଶୁକ୍ଳବର୍ଣ୍ଣ, କଷାୟ, ଘୃତଗନ୍ଧ ।

କ୍ଷତ୍ରିୟ ଜାତୀୟ ଭୂମି— ରକ୍ତବର୍ଣ୍ଣ, ଅମ୍ଳ, ରକ୍ତଗନ୍ଧ ।

ବୈଶ୍ୟ ଜାତୀୟ ଭୂମି—ପୀତବର୍ଣ୍ଣ ତିକ୍ତ, କ୍ଷାରଗନ୍ଧ ।

ଶୂଦ୍ର ଜାତୀୟ ଭୂମି— କୃଷ୍ଣବର୍ଣ୍ଣ, ମଧୁ, ମଦ୍ୟଗନ୍ଧ ।

ଭୂମିର ଜାତି ପରୀକ୍ଷା ପ୍ରଣାଳୀ—ଦାବଣୀ ମନ୍ତ୍ରୋଚ୍ଚାରଣ ପୂର୍ବକ ଭୂମିରେ ତିଳ ବୁଣିବ । ବ୍ରହ୍ମଜାତି ଭୂମି ହୋଇଥିଲେ ୮ ଦିନରେ ଗଛ ହେବ, କ୍ଷତ୍ରିୟ ଜାତି ହୋଇଥିଲେ ୫ ଦିନରେ ଗଛ ହେବ, ବୈଶ୍ୟ ଜାତି ହୋଇଥିଲେ ୭ ଦିନରେ ଏବଂ ଶୂଦ୍ର ଜାତୀୟ ହୋଇଥିଲେ ୯ ଦିନରେ ଗଛ ହେବ ।

ନିଜଜାତି ଭୂମିରେ ରହିଲେ ଲୋକ ସୁଖୀ ଅର୍ଥାତ୍ ବ୍ରାହ୍ମଣ ସ୍ୱଜାତି ଭୂମି ଉପରେ ଗୃହ ନିର୍ମାଣ କରିପାରେ. କ୍ଷତ୍ରିୟ ବ୍ରାହ୍ମଣ ଜାତି ବ୍ୟତୀତ ଅନ୍ୟ ୩ ଜାତି ଭୂମି ଉପରେ ଗୃହ ନିର୍ମାଣ କରିପାରେ, ବୈଶ୍ୟ ବ୍ରାହ୍ମଣ ଓ କ୍ଷତ୍ରିୟ ବ୍ୟତୀତ ଅନ୍ୟ ଦୁଇ ଜାତି ଭୂମି ଉପରେ ରହିଲେ ସୁଖୀ ଏବଂ ଶୂଦ୍ର କେବଳ ଆପଣା ଜାତୀୟ ଜମି ଉପରେ ଗୃହ କଲେ ସୁଖୀ ହେବ । ଅନ୍ୟଥା କଲେ ଲୋକ ଦୁଃଖଭାଜନ ହୁଏ ।

ସ୍ୱକାଶେଷ୍ଟ ଭୂମି ଉପରେ ବାସ କଲେ ଅର୍ଥଲାଭ ହୁଏ ଏବଂ ନେଷ୍ଟ ଭୂମିରେ ବାସ କଲେ ଅର୍ଥହାନି ହୁଏ ଏବଂ ଦୁଃଖରେ କାଳ କଟାଏ ।

ଭୂମି ବର୍ଣ୍ଣରେ ହୀନ ହେବ ଏବଂ ଗୃହସ୍ଥ ବର୍ଣ୍ଣରେ ଶ୍ରେଷ୍ଠ ହୋଇଥିବ ଏପରି ସ୍ଥାନରେ ରହିଲେ ଧନ-ଜନ-ଗୋପ-ଲକ୍ଷ୍ମୀ ମାଡ଼ିଯାନ୍ତି ।

ଭୂମିର ଆକାର—ଆୟତ, ଚତୁରସ୍ର, ବୃତ୍ତ, ଭଦ୍ରାସନ, ଚକ୍ର, ବିଷମବାହୁ, ତ୍ରିକୋଣ, ଶକଟାକାର, ଦଣ୍ଡପ୍ରଣାମ, ପଣବ, ମୃଦଙ୍ଗ, ବ୍ୟଜନ, କୂର୍ମପୃଷ୍ଠ, ସୂର୍ପ, ଚକ୍ର ଓ ଧନୁ ଏପରି ୧୬ ପ୍ରକାର ।

କେଉଁ ମାସରେ ଗୃହ ଆରମ୍ଭ କରିବ ବୈଶାଖରେ ଧନଲାଭ, ଜ୍ୟେଷ୍ଠ ମାସରେ ଗୃହସ୍ଥର ମୃତ୍ୟୁ, ଆଷାଢ଼ରେ ଧନହାନି, ଶ୍ରାବଣରେ ଭୂମିଲାଭ, ଭାଦ୍ରବରେ ସର୍ବନାଶ, ଆଶ୍ୱିନରେ ସ୍ତ୍ରୀନାଶ, କାର୍ତ୍ତିକରେ ବହୁଧାନ୍ୟ, ମାର୍ଗଶିରରେ ସମ୍ପତ୍ତି ଲାଭ, ପୌଷମାସରେ ଚୌରଭୟ, ମାଘ ମାସରେ ଅଗ୍ନିଭୟ, ଫାଲ୍‌ଗୁନରେ ରତ୍ନଲାଭ, ଚୈତ୍ରରେ ଶୋକ ।

ରବିଶୁଦ୍ଧି—ପ୍ରଥମେ ସୂର୍ଯ୍ୟ ଗୋଚରରେ ତୃତୀୟ, ଷଷ୍ଠ, ଦଶମ, ଏକାଦଶ ଏ ଚାରି ରାଶିରୁ ଏକ ରାଶି ଶୁଭ ହେବ । ଦ୍ୱିତୀୟ, ପଞ୍ଚମ, ନବମ ଏତେସ୍ଥାନରେ ଥିଲେ ତେର ଦିନ ଉତ୍ତାରୁ ଶୁଭ । ଚତୁର୍ଥ, ସପ୍ତମ, ଅଷ୍ଟମ, ଦ୍ୱାଦଶ ଏତେଠାରେ ସୂର୍ଯ୍ୟ ଥିଲେ ଘର ବିପ୍ନ ହୁଏ ।

ତିଥିଫଳ—ପ୍ରତିପଦରେ ଗୃହାରମ୍ଭ କଲେ ଦୁଃଖ ଭୂଗେ ମିଳେ, ଷଷ୍ଠୀରେ ଅର୍ଥନାଶ, ପଞ୍ଚମୀରେ ଉଚ୍ଚାଟ, ଦଶମୀରେ ଚୌରଭୟ, ଏକାଦଶୀ ଦ୍ୱାଦଶୀରେ ନୃପଭୟ, ପୌର୍ଣ୍ଣମୀରେ ସ୍ତ୍ରୀର ମୃତ୍ୟୁ, ଅମାବାସ୍ୟାରେ ଗୃହସ୍ଥର ମୃତ୍ୟୁ, ଚତୁର୍ଥୀ, ନବମୀ, ଚତୁର୍ଦ୍ଦଶୀରେ ଶସ୍ତ୍ରଭୟ ।

ଦ୍ୱିତୀୟା, ତୃତୀୟା, ସପ୍ତମୀ, ଅଷ୍ଟମୀ, ତ୍ରୟୋଦଶୀ ଏ ପାଞ୍ଚ ତିଥି ଶୁଭ । ସ୍ଥିର ଲଗ୍ନ ଓ ଶୁଭ ବେଳାରେ ଗୃହାରମ୍ଭ ଶୁଭ ଦେଲେ ଶ୍ରୀସମ୍ପତ୍ତି ଲାଭ ହୁଏ ।

ବାର ବିଚାର – ସୋମବାରେ କଳହ, ରବିବାରେ ଅଗ୍ନିଭୟ, ଶନିବାରେ ଶୋକ, ମଙ୍ଗଳବାରେ ପତିନାଶ, ବୁଧ, ଗୁରୁ ଓ ଶୁକ୍ରବାରେ ଧନ ସମ୍ପତ୍ତି ଲାଭ ।

ନକ୍ଷତ୍ର ଫଳ—୨।୩।୬।୭।୯।୧୧।୧୪।୧୬।୧୭।୨୦।୨୪।୨୫ ଓ ୨୭ ଏ ନକ୍ଷତ୍ରମାନ ଅଶୁଭ, ଅବଶିଷ୍ଟ ନକ୍ଷତ୍ର ଶୁଭ । ରବି ଯେଉଁ ନକ୍ଷତ୍ରରେ ଥିବା ସେଠାରୁ

ଚତୁର୍ଥ ନକ୍ଷତ୍ର ଶୁଭ । ଦଶମ ନକ୍ଷତ୍ର, ଦ୍ଵାଦଶ, ଏକାଦଶ ନକ୍ଷତ୍ର ଛତ୍ରଦଣ୍ଡ, ଏକୋନବିଂଶ ନକ୍ଷତ୍ର ଧୂମଦଣ୍ଡ ଏବଂ ତ୍ରୟୋବିଂଶ ନକ୍ଷତ୍ର ମୃତ୍ୟୁଦଣ୍ଡ । ମୃତ୍ୟୁ ଦଣ୍ଡରୁ ବିନାଶ ଧୂମ୍ର ଦଣ୍ଡରେ ମୃତ୍ୟୁ, ଛତ୍ର ଦଣ୍ଡରେ ସ୍ଥାନ ଚଳନ, ମୂଳ ଦଣ୍ଡରେ ଧନ ନାଶ ।

$$ଆୟ = \frac{ଦୀର୍ଘ \times ପ୍ରସ୍ଥ}{୮}$$ ବାସ୍ତୁ ହେବେ ବଟଣ୍ଡ ହେବ ତାହା ଦୀର୍ଘ, ସହିତ ଗର୍ଭ ହେବେ ହେବ ତାହା ପ୍ରସ୍ଥ । ଦୀର୍ଘକୁ ପ୍ରସ୍ଥରେ ଗୁଣି ଆଠରେ ହରିଲେ ଅବଶିଷ୍ଟାଂଶ ଅଙ୍କରୁ ଆୟ ଜଣା ପଡ଼ିବ । (୧) ଧ୍ଵଜ ଆୟ, (୨) ଧୂମ୍ର ଆୟ, (୩) ସିଂହ ଆୟ, (୪) ଶ୍ଵାନ ଆୟ, ( ) ବୃଷ ଆୟ, (୬) ଖର ଆୟ, (୭) ଗଜ ଆୟ, (୮) ଧ୍ଵାଂକ୍ଷ ଆୟ ।

ଦେବାଳୟ ଧ୍ଵଜଆୟରେ, ହୋମଶାଳା ଧୂମ୍ର ଆୟରେ, ଶ୍ରୀଘର ସିଂହ ଆୟରେ, କୁଟୁଣୀଶାଳା ଶ୍ଵାନଆୟରେ, ଗୋଶାଳା ବୃଷଆୟରେ, ଅଶ୍ଵଶାଳା ଖରଆୟରେ, ଭଣ୍ଡାରଘର ଗଜଆୟରେ, ଶସ୍ତ୍ରଗୃହ ଧ୍ଵାଂକ୍ଷଆୟରେ ନିର୍ମାଣ କରିବ ।

ଗୃହର ସ୍ଥିତି ନକ୍ଷତ୍ର—ଘରପିଣ୍ଡ ଅର୍ଥାତ୍ $\frac{ଦୀର୍ଘ \times ପ୍ରସ୍ଥ \times ୮}{୨୭}$ ଅବଶିଷ୍ଟାଂଶ ଅଙ୍କରୁ ଗୃହର ସ୍ଥିତି ନକ୍ଷତ୍ର ଜଣା ପଡ଼ିବ । ରାଶି ବା ଏକ ପାଦ ରହିଲେ ଅଦ୍ଭୁତ ଫଳ ହୁଏ । ଦ୍ଵିପାଦ ତ୍ରିପାଦ ହେବ ଏବଂ ଅଧିକ ନାଶ ନ ହେଲେ ସୁଖପ୍ରଦ ହୁଏ । ଏ ଘର ନକ୍ଷତ୍ର ଯେତେକ ଅଙ୍କ ହେବ ତାକୁ ଆଠରେ ହରିବ ଅବଶିଷ୍ଟାଙ୍କ ବ୍ୟୟଭାଗ ହେବ । ଘରର ନକ୍ଷତ୍ରକୁ ୪ରେ ଗୁଣିବ, ଫଳକୁ ୯ ଦ୍ଵାରା ହରିବ, ଯାହା ରହିବ ତାହା ନବାଂଶ । (୧) ତସ୍କର, (୨) ଭୋଗୀ, (୩) ବିଚକ୍ଷଣ (୪) ଦାତା, (୫) ନୃପତି (୬) ଅବସ୍ଥ, (୭) ନପୁଂସକ, (୮) ଧନେଶ୍ଵର (୯) ଦେବାଳୟ ।

$\frac{ଘରପିଣ୍ଡ \times ଘର\ ନକ୍ଷତ୍ର}{୮}$ = ଅବଶିଷ୍ଟାଙ୍କ ନାଗ । (୧) ଅନନ୍ତ, (୨) ବାସୁକି, (୩) ତକ୍ଷକ, (୪) କର୍କଟ, (୫) ଶଙ୍ଖ, (୬) କୁଳିକ, (୭) ପଦ୍ମ, (୮) ମହାପଦ୍ମ ।

$\frac{ଘରପିଣ୍ଡ \times ୮}{୧୦}$ = ଅବଶିଷ୍ଟାଙ୍କ ଘରର ଆୟୁ । ଆୟୁ ଯେତେ ହେବ ତାକୁ * ଦ୍ଵାରା ଭାଗ କରିବ । ଅବଶିଷ୍ଟାଙ୍କ ଘରର ମରଣ ସୂଚକ । * ଅର୍ଥ ମହାଭୂତ ପୃଥ୍ଵୀ, ଅପ୍, ତେଜ, ବାୟୁ ଓ ଆକାଶ ।

(୧) ପୃଥ୍ଵୀ ରହିଲେ ଘର ଭୂକମ୍ପରେ ହୋଇ ଭାଙ୍ଗିଯିବ, (୨) ଅପ୍‌ରେ ଗୃହ ଭାଙ୍ଗି ଜଳରେ ଭାସିବ, (୩) ତେଜ ପଡ଼ିଲେ ଅଗ୍ନିରେ ଦହନ ହେବ, (୪) ବାୟୁ ପ୍ରବାହରେ ଭାଙ୍ଗିଯିବ, (୫) ଆକାଶ ପଡ଼ିଲେ ବଜ୍ରପାତରେ ଭାଙ୍ଗିଯିବ ।

ପୃଥିବୀପୃଷ୍ଠ ଅଗ୍ରନ୍ତୁ=ବିନ୍ଦୁ ଲୁଷାଗ୍ର । ୪ ଲୁଷାଗ୍ର=ଯୂକା; ୪ଯୂକା=୧ × ଯବ; ଯବ=୧ ଅଙ୍ଗୁଳି । ଏ ପ୍ରମାଣରେ ବସ୍ତୁକୁ ମାପିବ । ଅଙ୍ଗୁଳି ଯାଙ୍ଗୁଳି ପ୍ରମାଣ ସ୍ଥିର ହେବ ।

ଶ୍ରାବଣ, ଆଶ୍ୱିନ, କାର୍ତ୍ତିକ ଏ ତିନି ମାସରେ ନାଗର ଶିର ପୂର୍ବରେ ଥାଏ । ଫାଲ୍‌ଗୁନ, ଚୈତ୍ର, ବୈଶାଖରେ ପଶ୍ଚିମଦିଗକୁ ଥାଏ ।

ବାସ୍ତୁ ଦେବତା ସର୍ପଗାତ୍ର ଦେବତା । ବାମଅଙ୍ଗ ମାଡ଼ି ଶୋଇଥାଏ, ଚାରିମାସେ ପ୍ରଦକ୍ଷିଣ କରି ଭୂମି ଭ୍ରମି ବୁଲେ । ନାଗର ଶିର ଭାଦ୍ରବ ପୂର୍ବ ଦିଗରେ ଥାଏ । ଐଶାନ୍ୟ କୋଣରୁ ୧ ମାସ ନେଇ ଉତ୍ତମପଦରେ ଭଜିଥାଏ, ଦିଗରେ ୧୦ ଦିନ ଶୟନ କରେ ।

ଶିରଶ୍ରୁତି, ଶଲ୍ୟମାନଙ୍କରେ ପୋଥିକା ନାହିଁ । ତିନି ଦିନ ମାତ୍ରଥାଏ, ଦିନେ ଶୁଣିଥାଏ । ସେଥିରେ ଖୁଣ ହେଲେ ପଣ୍ଡ ଭୋଗ ହୁଏ । ନାଗର ଶରୀର ୮ ଭାଗ । (୧) ଫଣିଶିର, (୨) କଣ୍ଠ, (୩) ହୃଦୟ, (୪) କଟିଦେଶ, (୫) ନାଭି, (୬) ଲିଙ୍ଗ, (୭) ଜାନୁଦେଶ, (୮) ପୁଚ୍ଛ । ଉଦର ଦେହ ପାଣ୍ଡିପ୍ରଦ ।

ଶିରରେ ଖୁଣ ହେଲେ ସ୍ୱାମୀ ମୃତ୍ୟୁ ପାଆନ୍ତି, ହୃଦୟରେ ହେଲେ ଶ୍ରୀହାନି ହୁଏ, ନାଭିରେ ହେଲେ ନାନା ବିରୋଧ ହୁଏ ଓ ଶତ୍ରୁଭୟ ହୁଏ, ପୁଚ୍ଛଦେଶରେ ରୋଗବ୍ୟାଧି ହୁଏ, ଜାନୁରେ ହେଲେ ସର୍ବ ପ୍ରବାସୀ, ଲାଙ୍ଗୁଳରେ ହେଲେ ନାନା ବାଧା । ଭୂମିରେ ଶରଣ ପଞ୍ଚକ ହେଲେ ଖୁଣ ଦେବା ନିଷେଧ ।

ଶରଣପଞ୍ଚକ—ଉତ୍ତରଷାଢ଼ା ୪ ନକ୍ଷତ୍ରକୁ ଶରଣପଞ୍ଚକ କହନ୍ତି । ତହୁଁ ଅନୁକ୍ରମି ଜ୍ୟୋତିଷର ମତରେ ଓ ବୃହସ୍ପତି ଭଲେ ଶରଣପଞ୍ଚକ ହୁଏ ।

ଉତ୍ତରଷାଢ଼ା=ବିଶ୍ୱଦେବା—ଏଥିରେ ଅଗ୍ନିଭୟ ।

ଶ୍ରବଣା=ଶିଶୁଭୟ ।

ଧନିଷ୍ଠା=ରୋଗଭୟ ।

ଶତଭିଷା=ମରଣଭୟ ।

ପୂର୍ବଭାଦ୍ରପଦ=ନୃପଭୟ ।

ପୂର୍ବା ଧରିକରିବାକୁ ସ୍ଥାନକୁ ଖୁଣିଲେ ଅନେକ ବିପଦ ଘଟେ, ଭୂମିତଳେ ମୃତ୍ୟୁ ମରେ ।

ଭୂମି ଚତୁରସ୍ର ହେବ ବାହାରି କରି ଫଳମାନ କହାଯିବ, ସ୍ୱାତକର୍ମମାନ ନଥିବ ଏପରି ଭୂମି ବାସ୍ତୁର ଉପଯୋଗୀ ।

ସୂତ୍ର ପକାଇବାବେଳେ ଗୋରୁ ରୋଦନ କଲେ ଭୂମିରେ ଗୋରୁହାଡ଼ ଅଛି ବୋଲି ଜାଣିବ । ହାଡ଼ ନ କାଢ଼ି ଘର କଲେ ଗୃହସ୍ଥର ମୃତ୍ୟୁ ହୁଏ ।

ସୂତ୍ର ଧରିବାବେଳେ ଗଧ, ସର୍ପ ଓ ଉଲୁକ ଶବ୍ଦ ଶୁଣାଗଲେ ଗୃହସ୍ଥର ମୃତ୍ୟୁ ନିଶ୍ଚିତ । ବାମନ ଓ ଚର୍ମ· ରୋଗୀ, ଅଙ୍ଗବିକଳ ଦେଖିଲେ ଅଶୁଭ ହୁଏ, ଧନ ନଷ୍ଟ ହୁଏ ଓ ପ୍ରାଣପୀଡ଼ା ହୁଏ ।

ସୂତ୍ର ଧରିବାବେଳେ ହାତ ରକ୍ତ କଲେ ତଳେ ହାଡ଼ ହାଡ଼ ଅଛି ବୋଲି ଜାଣିବ । ଘରଓସାର ଯେତେ ହାତ, ଅଙ୍ଗୁଳ ଥିବ ହାତ ଓ ଅଙ୍ଗୁଳ ଯନଯୁକ୍ତ ଅଙ୍ଗୁଳ କରି ୯ ଦ୍ୱାରା ଭାଗ କରିବ, ଶୂନ୍ୟ ରହିବ, ଅବଶିଷ୍ଟକୁ ଜଣାଯିବ ଯେ ମଧ୍ୟ-ଭାଗ ଭୂମି ତଳେ ହାଡ଼ ହାତ ଅଛି ।

ସୂତ୍ର ଧରିବାବେଳେ ଘୋଡ଼ା ହେଁ ହେଁ ହେଲେ ଘୋଡ଼ାହାଡ଼ ଅଛି ବୋଲି ଜାଣିବ ।

ଘର ଯେତେ ହାତ ତାକୁ ତିନି ଭାଗ କରିବ । ପୂର୍ବଦିଗର ପ୍ରଥମ ଭାଗ ଯେତେ ହାତ ହେବ, ତାହା ନର୍ଣ୍ଣରରେ ଯେତେ ହାତ ଖୋଳିଲେ ହାଡ଼ ବାହାରିବ ।

ସୂତ୍ର ଧରିବାବେଳେ ଘୋରୁ ବୋବାଇଲେ ଘରତଳେ ଗୋରୁମୁଣ୍ଡ ଅଛି ବୋଲି ଜାଣିବ ।

ଘର ଯେତେ ହାତ ଲମ୍ବ ହେବ, ତାକୁ ତିନିଭାଗ କରି ପ୍ରଥମଭାଗ ଦକ୍ଷିଣ-ପର୍ଯ୍ୟନ୍ତ ଖୋଳାଇଲେ ମୁଣ୍ଡ ବାହାରିବ ।

ସୂତ୍ର ଧରିବାବେଳେ ମନୁଷ୍ୟ ବୋବାଳି ପକାଇଲେ ମନୁଷ୍ୟହାଡ଼ ଥିବାର ଜଣାଯିବ ।

ଘର ଯେତେ ହାତ ହେବ ତାକୁ ୧୬ ଭାଗ କରିବ । ଉତ୍ତର-ଦକ୍ଷିଣ ଘର ହେଲେ ଉତ୍ତରକୁ ଯୁଗଭାଗ ଛାଡ଼ିବ, ପଞ୍ଚମ ଭାଗ ଜଙ୍ଘ ଗଭୀର ଖୋଳିଲେ ମନୁଷ୍ୟ ହାଡ଼ ପାଇବ । ପୂର୍ବ-ପଶ୍ଚିମ ଘର ହୋଇଥିଲେ ଆଦ୍ୟ ଓ ପ୍ରାନ୍ତ ବୁଝିବ ।

ସୂତ୍ର ଧରିବାବେଳେ ଯଦି ସର୍ପ ଦେଖିବ, ତେବେ ଘର ତୋଳିବ ନାହିଁ । ତୋଳିଲେ ହାନି ହେବ, ସନ୍ତାନ ନାଶ ହେବ ।

ମୃତ୍ତା ଖଣ୍ଡିବାବେଳେ ଚୋଲିମାଳ ଦେଖିଲେ କନ୍ୟା ଘରକୁ ବଢ଼ିଲେ ସେ ଘର ସୁକ୍ରିୟତେ ।

ମୃତ୍ତା ଖଣ୍ଡିବାବେଳେ ମଣିଷି, ବସ୍ତ୍ର ସ୍ମୃତଠ କ୍ଷବ ଶବ ଦେଖିଲେ ସେ ଜାଗର ମୃତ୍ୟୁ ପ୍ରଭାବ ଜଣାଯିବ । ସେ ଘରେ ଲୋକମାନେ ଅନୁକଷ୍ଟରେ ମରନ୍ତି । ବେଙ୍ଗ ବୋବାଇଲେ ଗୃହସ୍ଥ ମରେ, ବିଲୁଆ ଶବ ଶୁଣିଲେ ମହାଭୟ ହୁଏ, ଗଧ ବୋବାଇଲେ ଧନଦୋଷ ହୁଏ । ସେ ଘରେ ବଡ଼ ହାଣ୍ଡି ଥାଏ ।

ମୃତ୍ତା ଖଣ୍ଡିବାବେଳେ ବ୍ରାହ୍ମଣର ବେଦଧ୍ୱନି, ମେଘଗର୍ଜନ ଶୁଣାଗଲେ ବଡ଼ ଭାଗ୍ୟ ହୁଏ ।

ଶୁଭ ଦେବା ନିୟମ—ଶୁକ୍ର, ବୃହସ୍ପତି ଯୋଗରେ ଶୁଭ ଦେବେ । ବାସ୍ତୁ ଦଣ୍ଡ ଗର୍ତ୍ତରରେ ଖାତ ଖୋଳିବ, ଗୋମୟଦ୍ୱାରା ଲିପିବ । ଖାତ ପୂର୍ବୋତ୍ତରରେ ପୂର୍ଣ୍ଣକୁମ୍ଭରେ ସୁବର୍ଣ୍ଣାଦି ପଞ୍ଚରତ୍ନ ପକାଇବ । ଆମ୍ରଡାଳ ଉପରେ ଶ୍ରୀଫଳ ଦେବ । ପୂର୍ଣ୍ଣକୁମ୍ଭ ଘର ବାହାରେ ପୂର୍ଣ୍ଣ ଥିବ । ଦେବତାମାନଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେବ, ତାମ୍ବୁଳ ସମର୍ପଣ କରି ପୂଜା କରିବ । ଦେବତାମାନଙ୍କୁ ସ୍ତୁତି କରିବ, ଦର୍ଶନ ଉପରେ ଦଧି, ମାଛ, ଦର୍ପଣ ଥିବ । ମଙ୍ଗଳାରୋପଣ କରିବ । ବେଦଧ୍ୱନି କରାଇବ, ମହାଗଣାଙ୍କୁ ଷଡ଼ରସ ନୈବେଦ୍ୟ ଦେଇ, ନୂତନ ବସ୍ତ୍ର ଦେଇ ବରଣ କରିବ, ବିଶ୍ୱକର୍ମାଙ୍କୁ ପୂଜା କରିବ । "ହେ ବିଶ୍ୱକର୍ମା ମୋ ଗୃହାରମ୍ଭ କର" ବୋଲି ପ୍ରବୋଧି କହିବ । ଧାତ୍ରୀ ସୂତ୍ର ଓ ମଧ୍ୟମାନେ ବେଷ୍ଟିତ ଥିବେ । ପଞ୍ଚରତ୍ନ ଶୁକ୍ଳବର୍ଣ୍ଣ ସୂତାରେ ଶୁଭାରୋପଣ କରିବ । ଚନ୍ଦନ, ପୁଷ୍ପ ଦେବ । କର୍ମାନ୍ତେ ବ୍ରାହ୍ମଣଙ୍କୁ ଜ୍ୟୋତିଷଙ୍କୁ ଭୋଜନ ଓ ଦକ୍ଷିଣା ଦେବ । ଜ୍ୟୋତିଷମାନେ ଗ୍ରହପୂଜା କରିବେ, ବ୍ରାହ୍ମଣ ଆଶୀର୍ବାଦ କରିବେ । ଏପରି ଶୁଭ ଦେଲେ ଧନ ଜନ ବୃଦ୍ଧି ହୁଏ । ଶୁଭ ଖୋଳିବାବେଳେ ଧ୍ୱଜ, ଶୁକ୍ଳବସ୍ତ୍ର, କନକ ଛତ୍ର ଭୃଙ୍ଗାର ପୂର୍ଣ୍ଣକୁମ୍ଭ ଦେଖିଲେ ବହୁତ ଦ୍ରବ୍ୟ ଲାଭ ହୁଏ, ଶତ୍ରୁନାଶ ହୁଏ । ପାଷାଣ ଅଙ୍ଗାର, ହାଡ଼, ରକ୍ତାଦି କାଠ ବାଲି ଧାନ, ଇଟାଲିଆବର୍ତ୍ତ ଦନ୍ତ ଦେଖିଲେ ମାଟି ଖୋଳି ଗାତର ତଳେ ଅତି ଶୀତଳ ହୁଏ ସ୍ତ୍ରୀ-ଧନ-ପୁତ୍ର ନାଶ ହୁଏ ।

ମଙ୍ଗଳାରୋପଣ ଦ୍ରବ୍ୟ—ଭୂମି, ଦୀପ, ଫଳ, ଦୁବ, ପୁଷ୍ପ ଓ ଗୋରୋଚନା ଦଧି ଘୃତ ଇତ୍ୟାଦି । ବାସ୍ତୁ ଭୂମିରେ ଶୁଭ ଦେବା ବେଳେ ନିମ୍ନଲିଖିତ ବ୍ୟକ୍ତିମାନେ ଆସିବା ନିଷେଧ ।

ଉଦାହ, କଷ୍ଟାଶ୍ରିତ, ସନ୍ୟାସୀ, ରୋଗୀ, ତପୀ, କୁଷ୍ଠରୋଗୀ ।

ଦାର ଠାରୁ ନକ୍ଷତ୍ର ଭାଗ୍ୟ ଦେଖି ସ୍ତ୍ରୀ ଥାଇ ଶୁଭ ଲଗ୍ନରେ ଖାତ ଖୋଳା-ଯିବ । ଖାତରେ ଅଷ୍ଟଦଳ ଥାଇ ପଞ୍ଚରେଖା କାଟିବ । ତାର ମଧ୍ୟ ଗର୍ତ୍ତରେ ପଦ୍ମକେଶର ଥୋଇବ । ଭୂମିକୁ ଶୁଦ୍ଧ କରିବ । ଅଷ୍ଟଦଳକୁ ପୂଜା କରିବ, ମଙ୍ଗଳ ଧ୍ୱନି କରିବ । ଧୂପ ପୋଡିବ । ଉପରେ ଗୋଟିଏ ଇଟା ଚଉକଣ୍ଡ ଥୋଇବ । ଏପରି କଲେ ଦଂଶୀଜନ୍ତୁମାନେ ପଶିବେ ନାହିଁ ।

ଘରତୋଳା ଶେଷ ହେଲେ କେଉଁ ଦିଗକୁ ଢାଳୁଇଲେ କି ଫଳ ହୁଏ ?

ପୂର୍ବଦିଗକୁ ଗଡ଼ାଇଲେ ଧନ ପ୍ରାପ୍ତି ହୁଏ । ପଶ୍ଚିମରେ ଧନହାନି ହୁଏ । ଦକ୍ଷିଣେ ମୃତ୍ୟୁ, ଉତ୍ତରେ ଧନବୃଦ୍ଧି ।

ପୂର୍ବଅଡ଼କୁ ଉଚ୍ଚ ହେଲେ ଗୃହସ୍ଥ ଧନେଶ୍ୱର ହୁଏ, ଦକ୍ଷିଣ ଅଡ଼କୁ ଉଚ୍ଚ ହେଲେ ଧନବୃଦ୍ଧି, ପଶ୍ଚିମ ଅଡ଼କୁ ଉଚ୍ଚ ହେଲେ ଧନକ୍ଷୟ ଏବଂ ଉତ୍ତରଅଡ଼କୁ ଉଚ୍ଚ ହେଲେ ପତ୍ନୀନାଶ ହୁଏ ।

ଗର୍ଭ ୧୭, ଓସାର ୭ ହାତ = ଖଡ଼ବଳ ଚଳନଶୀଳ, ଖମ୍ବ ଧାଡ଼ିରେ ୭ ଗୋଟି ହେବେ । ଚାର କଡ଼କୁ ଦୁଇଆଡେ ଆଠ ଖମ୍ବ । ଗ୍ରାମ ଦରଜାର ୯ ହାତ, ପ୍ରାଙ୍ଗଣ ଚଉଡ଼ାଇ ୧୫ ହାତ । ପ୍ରାଙ୍ଗଣ ପିଣ୍ଡା ଉଚ୍ଚ ହେବ ୦.୨ ହାତ, ଏ ପିଣ୍ଡା ଉପରେ ଖମ୍ବ ଉଚ୍ଚ ହେବ ୬ ହାତ । ଏ ବାସ୍ତୁ ପ୍ରମାଣେ ଗର୍ଭ ୭ ହାତ, ଘରଅଗଣା ଓସାର ୧୨ ହାତ । ଖମ୍ବ ଚଉକୋଣ ସରୁ ବହଳ ହେବ । ଖମ୍ବମାନ ତାହା ଉପରେ ବସାଇବ । ଚଉକିରେ ପାଣି ନାଳ କରି ଖମ୍ବମାନଙ୍କରେ ଓଳମ ଦେଇ ପଳ-ସ୍ଥିତ । ଈଶାନ କୋଣ ଅଗ୍ନିକୋଣ ଦୁଇ କୋଣ ଖମ୍ବରେ ଦୁଇ ଉଦ୍ଧାର ମାନିବ । ୧୨ ହାତ ଉପରେ ଚିତ୍ରା କରାଇବ । ତହିଁରେ ପାଣି ପୂରାଇବ, ସ୍ଥିର ହୋଇ-ଥିବ । ହାତେ ଲମ୍ବରେ କାଠି ଗୋଟିଏ ଆଣିବ, ଏ କାଠିର ଏକଆଡ଼େ ସୂତ ହୋଇଥିବ । ସୂତ ନେଇ ପାଣିରେ ଲଗାଇବ । ଖମ୍ବ ଉପରକୁ ଝୁଣ୍ଟ ଦେବ । ଏ ଝୁଣ୍ଟ ଉପର ସ୍ଥାନରେ ଦେବ । ଖମ୍ବରେ ଗାର ଦେବ । ପ୍ରଥମ ଖମ୍ବ ଗାରଠାରୁ ଆଉ ଝୁଣ୍ଟ ପ୍ରମାଣରେ ପାଣିରେ ସୂତ ଲଗାଇବ । ପୁନଶ୍ଚ ଅନ୍ୟ ଖମ୍ବକୁ ନେବ । ଉପରୋକ୍ତ ପ୍ରକାରେ ଝୁଣ୍ଟ କାଠିରେ ସୂତ ଦେଇ ଶେଷ ଯାଏ ଖମ୍ବ ମାପ କରିବ । ତୁରନ୍ତ ଖମ୍ବ ସେହି ପ୍ରକାରେ ଦେବ । ଖମ୍ବ ମାପ ମଧ୍ୟଖମ୍ବ ମାପ ପ୍ରମାଣେ ଦେବ । ଏ ପ୍ରମାଣେ ପାଣିଆ ଖମ୍ବ କାଠି ଲାଗିବ । ଏପରି ହୁଅଇ ବଢ଼ଇ ଘର ହୁଏ । ଗାର ଯେତିକି ଉଚ୍ଚ ହେବ ଏହା ପାଣିଆ ଉପରକୁ ଝୁଣ୍ଟ ଦେବ । ଖମ୍ବମାନ ମୁଣ୍ଡିଆ । କରତେ ଓସାର ହେବ ତଦନୁସାରେ ଝୁଣ୍ଟ ଦେଇ ଚେଙ୍ଗିଖୁଣ୍ଟିକ । ଚଣ୍ଡି କରିବାକୁ ସମ ଭୂମିରେ ପାରିବ । ଏଥି ଉପରେ ସୂତା ଦେବ । ମଧ୍ୟିକଣ୍ଠ ଉଚ୍ଚ ନ ହେବ,

ଗାତ ହୋଇବ । ତନ୍ମଧ୍ୟରୁ ସୂତା କ୍ଷୁଦ୍ରାଗ୍ର ହେବ । ଏଥି ଉପରେ ଶ୍ରେଣୀ ଥୋଇବ । ଶ୍ରେଣୀମୂଳ ଦକ୍ଷିଣଆଡ଼କୁ ହେବ ଆଗ ଉତ୍ତରଆଡ଼କୁ ହେବ । କଠାଉ ଗର୍ଣ୍ଣି ହେବ । ଗର୍ଣ୍ଣି ଲମ୍ବ ବଡ଼ରେଖ ହେବ । ଶ୍ରେଣୀମୁଣ୍ଡ ପଞ୍ଚକଠାଉଆ ହେବ । ତାହାର କଠାଉଆ ଅର୍ଦ୍ଧ ଶ୍ରେଣିରେ ବଳୟକ ଖଣ୍ଡ ୩ ଅଙ୍ଗୁଳରୁ ୨ ଅଙ୍ଗୁଳ କଟାଇବ. ହୁଡ଼କ ପଥ ରହିବ ଏପରି ଗର୍ଣ୍ଣି ଯୋଡ଼ କରିବ । ଶ୍ରେଣୀ ଟାଣପାଖ ଉଦରକୁ ହେବ । ପାଖ ଟାଣ ତାହାର ଅଡ଼କୁ ହେବ । ଏ ଶ୍ରେଣୀ ଓସାର ଯେତେ ହେବ, ଏଥିରୁ ୨ ଭାଗ ସମ୍ମୁଖଦାରେ ବସିବ । ଉପରକୁ ଶ୍ରେଣୀ ଅଦୋଳା ହୋଇ ଥିବ । କଠାଉଆ ଗର୍ଣ୍ଣି କ ପିଣ୍ଡ ଗଣ୍ଡ ବା ଭୃଣ୍ଡାଗର୍ଣ୍ଣି, କଙ୍କପାଳିଆ ଗର୍ଣ୍ଣି କ ବାହୁଗର୍ଣ୍ଣି ଏପରି କଟାଇବ । ଏହିପରି ଶ୍ରେଣିମାନ ସମ୍ମୁଖରେ ରହିବ ।

ମଣ୍ଡିତ ଶ୍ରେଣୀ—ବଜ୍ର ଶ୍ରେଣି ପୂର୍ବୋକ୍ତ ମାପ କାଟିବ । ଉପରେ ତଳକୁ ରହିବ । ଏଥିରେ କାଣ୍ଡ କଥ ଗର୍ଣ୍ଣି ବସି ଯୋଡ଼ିବ । ଅନ୍ୟ ଶ୍ରେଣୀରୁ ଉପରେ ତଳକୁ କାଟିବ, ଉପରକୁ ଦୁଇ ଭାଗ ରହିବ । ଏଥିରେ କାଣ୍ଡ ଗର୍ଣ୍ଣି ବସି କାଟିବ । ଏ ପ୍ରକାର ଦୁଇ କୋଣ କାଟିବ । ଶ୍ରେଣୀ ମୁଣ୍ଡାଳିମାନ ସମ୍ମୁଖ ନକଲ ୮ ଅଙ୍ଗୁଳି ଚୌଖୁଣ୍ଟ ଥିବ । ତଳ ଖମ୍ବ ମଧ୍ୟରୁ ଗର୍ଭ ଯେତେ ମାପ ନିଅଯାଇଛି, ସେ ବାଉଁଶ ଉପରେ ରଖିବ । ଶ୍ରେଣୀ ମଧ୍ୟରେ ଦେବ । ଖମ୍ବ ତାହାର ଭିତର ହୋଇ ପାଇଥିଲେ ମଧ୍ୟରେ କରିବ । ଅନ୍ୟ ଶ୍ରେଣୀ ଏହି ପ୍ରକାର ଦେବ । ଶ୍ରେଣୀ ଜଙ୍ଘ ଯେତେ ଅଛି ତାକୁ ୩ ଭାଗ କରିବ ଉପରେ ଶ୍ରେଣୀକୁ କଟାଇବ । ଏ ପ୍ରକାର ଓସ୍ତ କରିବ । ଦୁଇ ଶ୍ରେଣୀ ମଧ୍ୟରେ ପଟ୍ଟ ଦେବ । ଶୁଳ ଉପରେ ସୂତା ବାନ୍ଧିବ । ଗର ଗର୍ଭର ତଳ ଭାଗରୁ ଏକ ଭାଗ ପ୍ରମାଣେ ଶୁଳ କାଟିବ । ଓସ୍ତ ପାଖେ ଯେ ସୂତା ବାନ୍ଧିଥିବ ସେ ସୂତା ଉପରକୁ କାଟି ଦେବ । ଉପର ଧାଳ ଭିତର ଖାଲଠାରୁ ଅଧିକ ହେବ । ଶୁଳ ଉପରେ ଶାକପଟା ରହିବ । ଗରଗର୍ଭ ୧୭ – ୭ ଗର୍ଭ = ୧୦ ଚକ୍ରପାଟୀ ଲମ୍ବ । ଦୁଇ ମୁଣ୍ଡରେ ମୁଣ୍ଡାଳ ଦେବ । ମୁଣ୍ଡାଳ ୬ ଅଙ୍ଗୁଳ ଚୌଖୁଣ୍ଟ ୧୨ ଅଙ୍ଗୁଳ । ସୁତରାଂ ଚକ୍ରପାଟୀ ଲମ୍ବ ୧୦ ହାତ ୧୧ ଅଙ୍ଗୁଳ । ଗର୍ଣ୍ଣି କଠାଉ ହେବ । ଗର୍ଣ୍ଣି ଲମ୍ବ ୧୬ ଅଙ୍ଗୁଳ । ଗର୍ଣ୍ଣି ମଧ୍ୟରୁ ବସିବ । ଚକ୍ରପାଟୀ ଉପରେ ଲାଗିବ ।

ଥୁଅ ଲମ୍ବ ଗର ଓସାର ଅପେକ୍ଷା ହାତକେ ୨ ଅଙ୍ଗୁଳ ବେଶି ଅର୍ଥାତ୍ ୭ ହାତ ୧୪ ଅଙ୍ଗୁଳ ଏବଂ କାଣ୍ଡ ଲମ୍ବ ୮ ହାତ । $\frac{\text{ଥୁଅ ଲମ୍ବ}}{\text{୩}}$ + ୧ ଭାଗ = ୮ ହାତ ।

ମୁଣ୍ଡାଟି ଯୋଜନ ଦର ସଙ୍କୀର୍ଣ୍ଣ ସ୍ଥା ୭ । ୧୨ ପ୍ରମାଣେ ଖମ୍ବ ତଳେ କରି ଭୃଣ୍ଡାଟି ଗର୍ଣ୍ଣି କରିବ । ଏଥିରୁ ଅନ୍ୟ ପ୍ରକାର କଲେ ଗର୍ଣ୍ଣି ଭେଦ ହେବ । ଗର୍ଣ୍ଣି ଘର ହେଲେ ଅତିକଷ୍ଟ କୁହାଯାଏ ।

କଂସ୍ୱ ୪ ହାତ ୧୬ ଅଙ୍ଗୁଳ । ଏଥିରେ ଚଉଖିଆ ଭୁଅ ୧୨ ଗଣ୍ଡାକୁ ଧରଣା ଚୌପାଖ ହା ୫ । ୧୬ ଅଙ୍ଗୁଳ = ୧୩୬ ଅଙ୍ଗୁଳ (ହାତକ ୨୪ ଅଙ୍ଗୁଳ ।) $\frac{୧୩୬}{୧୨ ଭୁଜ}$ = ୧୧।/ ଅଙ୍ଗୁଳ ପ୍ରମାଣରେ ଚୌକିଏ କାଠି ହେବ । ପାଞ୍ଚକାଠି ଉପରେ ପାଖକୁ ବାହା ଫୋଡ଼ି ତେଠାକୁ ୨୪ ଅଙ୍ଗୁଳ ହେବ. ବାହା ସଂଖ୍ୟା ୮୪ । ଏଠାରେ ଚୌକିଏ ଫୁଲ ଦେବ । ଏ ପାଞ୍ଚକାଠି ହେଲେ ମଝିଫୁଲ ଚୁଣ୍ଡାକ କାଠିକୁ ମଝିରେ ଖଣ୍ଡ କରିବ । ବାହା ଫୋଡ଼ା କଟାଣ ଠାରୁ ୨୪ ଅଙ୍ଗୁଳ ପ୍ରମାଣେ ବାହା ଫୋଡ଼ିବ । ଏପ୍ରକାରେ ଚୁଣ୍ଡାକ ଫୋଡ଼ିବ ।

ଚୁଣ୍ଡାକ ଦମ୍ଭ ଖୋଭା ଭାଗ - ଓସାର ୭ହାତ. ଏଥିର ୪ ଭାଗକୁ ଏକ- ଭାଗ ହା ୧ । ୧୮ ଅଙ୍ଗୁଳ । ଭୁଅ ହା ୭ । ୧୪ ଅଙ୍ଗୁଳ+ଚୁଣ୍ଡାକ ଖାଲ୍ ୭ ଅଙ୍ଗୁଳ = ହା ୭ । ୨୦ ଅଙ୍ଗୁଳ । ଭୁଅ ଲଗାଇ ଗୁଡ଼ ଭୁଣ୍ଡି ଲଗିବ । ଗୁଡ଼ଭୁଣ୍ଡି ୨୪ ଅଙ୍ଗୁଳ । ଏଥି ଉପରେ ଚାନ୍ଦକ ଗୁଡ଼ ଚୁଡ଼ବନ୍ଧା ବସିବ । ଗୁଡ଼ଭୁଣ୍ଡିର ଉପର ହା ୧ । ୧୨ ଅଙ୍ଗୁଳ । ଏପ୍ରକାର ତଳଶେଣିଆ ପରଲମ୍ବାଣ ପ୍ରଣାଳୀ । ୫ ଶେଣିଆ, ୭ ଶେଣିଆ, ୯ ଶେଣିଆ, ୧୧ ଶେଣିଆ ବା ୨୧ ଶେଣିଆ ସମସ୍ତ ୩ ଶେଣିଆପରି ଭୁଇ ସବୁ ପର ସମାନ ।

ପାର୍ଶ୍ୱ ୬ ହାତ ୧ ଅଙ୍ଗୁଳ ଲେଖାଏଁ ଦାଣ୍ଡ ବରସ୍ୱ, ୨୧ ହାତ ୩ ଅଙ୍ଗୁଳ ଓ ପ୍ରସ୍ଥ ଗର୍ଭ ୫ ହାତ ୧୨ ଅଙ୍ଗୁଳ ହେଲେ ଜଗମୋହନ ଓ ୬ ଶେଣିଆ । ଏଥିରେ ଖମ୍ବ ୭ ହାତ, ଓର ଲମ୍ବ ଖମ୍ବ ମଝିରୁ ୧୨ ହାତ । ଖମ୍ବ ମଝିରୁ ୩ ଭାଗ କରିବ, ଭାଗେ ଗୁଳ । ଦ୍ୱିତୀୟ ଗୁଳ ୩ ଅଙ୍ଗୁଳ ଉଣା. ତୃତୀୟ ଗୁଳ ୬ ଅଙ୍ଗୁଳ ଉଣା ୨ସୁଠାରୁ । ମଉଡ଼ ସର ହେଲେ ଭରଣ୍ଡିଗ୍ଭ ସିଦ୍ଧ । ଯେତେଗୁଳ ଅଣ୍ଟାଗୁଳ ପରି କରାଯିବ । ୩ ଅଙ୍ଗୁଳକୁ ବେଶି କାଟିଲେ ମଉଡ଼ ଢାଲ ହେବ । ୨୧ ଗୁଳକୁ ପାଞ୍ଚ ଅଙ୍ଗୁଳକୁ ବେଶି କାଟିବ ନାହିଁ, କାଟିଲେ ମୋଟ ହେବ । ଭରଣ୍ଡିଗ୍ଭ ହା ୯ ୧୬ ଅଙ୍ଗୁଳ । ବରସ୍ୱ ଶେଣି ହା ୭ । ୨୪ ଅଙ୍ଗୁଳ । ଅଧଳ ଶେଣି ହାତ ୨ ଅଙ୍ଗୁଳ । ରଣ୍ଡିହେଣି ୪ ଅଙ୍ଗୁଳ । ମୁଣ୍ଡିଆଳ ୧୨ ଅଙ୍ଗୁଳ । ଭୁଅ ହା ୧୩ । ୧୮ ଅଙ୍ଗୁଳ । ଓହାଣଠାରୁ ଚୁଡ଼ାଙ୍ଘ୍ରି ହା ୩ । ୫ ଅଙ୍ଗୁଳ । କାଣ୍ଡ ହା ୫ ୧୭୪ । ଶେଣି ତଳ ମଝିରୁ ଅଣେଣି କଳଶ ମଝି ହା ୪ । ୧୧ । ପିଣ୍ଡା ଓସାର ହେବା ଆନନ୍ଦେ [illegible] ଗୁଡ଼ୁକ ଭିତରକୁ ଚୁଲିଆ ଅଡ଼କୁ ଓସାର ଭିତରକୁ ୧୨ ଅଙ୍ଗୁଳ ପଶିବ ।

ଦ୍ୱାର ଲଗାଇବା ପ୍ରମାଣ - ୧ । ୬ । ୯ ଅର୍ଥାତ୍ ମେଷ, ସିଂହ, ଧନୁ ଏ ତିନି ରାଶିକୁ ପୂର୍ବ ଦିଗକୁ ଦ୍ୱାର ହେବ ପଶ୍ଚିମଦ୍ୱାର ହେବ । ଗୃହସ୍ୱାମୀ ପୂର୍ବଦିଗକୁ ଭିତରେ ପ୍ରବେଶ କରିବ । ଏଥିରେ ଧନ ବୃଦ୍ଧି ହୁଏ ।

ତୁଲ, ମିଥୁନ, କୁମ୍ଭ ରାଶିର ପଶ୍ଚିମ ଦିଗ ଓ ପୂର୍ବଦ୍ୱାର; ବଗ୍ଭ, କର୍କଟ, ମୀନ ରାଶିର ଉତ୍ତର ଦିଗ ଓ ଦକ୍ଷିଣଦ୍ୱାର; ଅବଶିଷ୍ଟ ୩ ରାଶିର ଦକ୍ଷିଣ ଦିଗ ଓ ଉତ୍ତରଦ୍ୱାର। ଧ୍ୱଜ ଓ ଧୂମ୍ର ବନ୍ଧ ପୂର୍ବଦିଗରେ କରିବ, ସିଂହ ଓ ଶ୍ୱାନବନ୍ଧ ଦକ୍ଷିଣରେ, ବୃଷ ଓ ଖରବନ୍ଧ ପଶ୍ଚିମରେ ଏବଂ ଗଜ ଓ ଧ୍ୱାଙ୍କ୍ଷବନ୍ଧ ଉତ୍ତର ଦିଗରେ କରିବ।

ବୃଷବନ୍ଧ ଘର—ପୂର୍ବଦ୍ୱାର।

ଗଜବନ୍ଧ ଘର—ଉତ୍ତର, ଦକ୍ଷିଣ ଦ୍ୱାର।

ଧ୍ୱଜବନ୍ଧ ଘର—ପଶ୍ଚିମ ଦ୍ୱାର।

ସିଂହବନ୍ଧ ଘର—ଉତ୍ତର ଦ୍ୱାର।

ପୂର୍ବଦ୍ୱାର କଲେ ଈଶାନ କୋଣରୁ ଗଣିବ, ଦକ୍ଷିଣ ଦ୍ୱାର କଲେ ଅଗ୍ନି କୋଣରୁ, ପଶ୍ଚିମ ଦ୍ୱାର କଲେ ନୈର୍ଋତ, ଉତ୍ତର ଦ୍ୱାର କଲେ ବାୟବ୍ୟ କୋଣରୁ ଗଣିବ।

ଅଗ୍ନିକୋଣ—ଅଗ୍ନିଭୟ, କନ୍ୟାନାଶ, ରାଜସମ୍ମାନ, ଦ୍ରୋଦନ କଷ୍ଟ, ବୈର ଜାଏ।

ଦକ୍ଷିଣ—ଅଳ୍ପ ସୁଖ, ଧନକ୍ଷୟ, ସୁତ ନାଶ।

ପଶ୍ଚିମଦ୍ୱାର—ସୁତ ପୀଡ଼ା, ଶତ୍ରୁ ବୃଦ୍ଧି, ଧନନାଶ, ରାଜଭୟ।

ଉତ୍ତର—ପ୍ରଥମରେ ଧନଜନ ବୃଦ୍ଧି, ଶେଷ ଭାଗରେ ଶତ୍ରୁପୀଡ଼ା, ଧନହାନି ଓ ସୁତନାଶ।

ପୂର୍ବଦିଗ ଗୃହ ଅ୦ ଭାଗ ହେବ, ଈଶାନ କୋଣଠାରୁ ୪ ଭାଗର ୩ ଭାଗ ଦ୍ୱାର ହେବ। ଦକ୍ଷିଣଦିଗ ଘରର ଅଗ୍ନି କୋଣଠାରୁ ୫ ଭାଗର ୨ ଭାଗରେ ଦ୍ୱାର କରିବ। ଉତ୍ତର ଦିଗ ଗୃହ ବାୟବ୍ୟ କୋଣଠାରୁ ୪ ଭାଗର ୩ ଭାଗରେ ଦ୍ୱାର କରିବ। ପଶ୍ଚିମ ଦିଗ ଗୃହର ନୈର୍ଋତ କୋଣଠାରୁ ୪ ଭାଗର ୩ ଭାଗରେ ଦ୍ୱାର କରିବ। ଏପରି କଲେ ଶୁଭ, ଅନ୍ୟଥା ଅଶୁଭ।

ଗୃହ ପଶ୍ଚିମଦିଗରେ ବଟବୃକ୍ଷ ଥିଲେ ଶତ୍ରୁର ଭୟ ହୁଏ, ଉତ୍ତର ଦିଗରେ ଉଦୁମ୍ବର ଥିଲେ ମୃତ୍ୟୁ, ଈଶାନ କୋଣରେ ରକ୍ତ ପୁଷ୍ପ ଥିଲେ ଶତ୍ରୁ ବୃଦ୍ଧି ହୁଏ। ଏ ବୃକ୍ଷରେ ସୁବର୍ଣ୍ଣ କୁସୁମ ଥିଲେ ମଧ୍ୟ ତ୍ୟାଜ୍ୟ।

ଗୃହଦ୍ୱାର ସମ୍ମୁଖରେ ମଲ୍ଲୀ, ମାଳତୀ, କୁନ୍ଦ, କାମୋଦ, ମନ୍ଦାରପୁଷ୍ପ ବୃକ୍ଷ ରହିଲେ ଧନ ଜନ ସମ୍ପଦ ବୃଦ୍ଧି ହୁଏ। ବେଲ, ତାଳବୃକ୍ଷ, କଦଳୀ, ପଣସ ବୃକ୍ଷମାନ ଶୁଭଫଳପ୍ରଦ।

କୃଷ୍ଣଣୀ, ଦେବଦାରୁ ଓ ଅଶୋକବୃକ୍ଷ ବୃକ୍ଷମାନ ଯେଉଁ ଦେଶରେ ଥିଲେ ମଧ୍ୟ ଶୁଭଫଳପ୍ରଦ।

ଗୃହ ପ୍ରବେଶ—ରବିବାର, ବୁଧବାର, ଗୁରୁବାର, ଶୁକ୍ରବାରମାନଙ୍କରେ ଗୃହପ୍ରବେଶ କରିବା। ଲଗ୍ନ୍ୟ କୁମ୍ଭ, ବୃଷ, ସିଂହ, ମିଥୁନ ରାଶି ଓ ହସ୍ତା, ସ୍ୱାତୀ, ପୁନର୍ବସୁ, ଶତଭିଷା ସ୍ୱାତୀ, ରୋହିଣୀ ରେବତୀ ଉତ୍ତରଫାଲ୍ଗୁନୀ, ଉତ୍ତରାଷାଢ଼ା, ଉତ୍ତରଭାଦ୍ରପଦ, ଚିତ୍ରା, ମୃଗଶିରା, ମୂଳା ଧନିଷ୍ଠା, ମଘା ନକ୍ଷତ୍ର ଓ ଶୁକ୍ଳପକ୍ଷର ତାରାଚନ୍ଦ୍ରଶୁଦ୍ଧି ଦେଖି ଗୃହପ୍ରବେଶ କରିବ।

ଲଗ୍ନଠାରୁ ଶୁଭଗ୍ରହମାନେ ୪ର୍ଥ, ସପ୍ତମ ଦଶମ, ଏକାଦଶ ସ୍ଥାନରେ ଥିବେ କନ୍ୟା ଲଗ୍ନ ସହିତ ଶୁଭଗ୍ରହମାନେ ଥିବେ, ତାହାକୁ ଶୁଭ ଗ୍ରହମାନେ ଦେଖୁଥିବେ, ଏମନ୍ତ ବୁଝି ଗୃହପ୍ରବେଶ କଲେ ଧନ ସମ୍ପତ୍ତି ହୁଏ ଓ ମଙ୍ଗଳ ଧ୍ୱନି ହୁଏ।

ଗୃହପ୍ରବେଶ ବେଳେ ବିଶ୍ୱକର୍ମାଙ୍କୁ ବରଣ କରି ଆଣିବ, ଫୁଲ ଚନ୍ଦନ ଦେବ। ପୂର୍ଣ୍ଣକୁମ୍ଭ ସ୍ଥାପିତ ହୋଇଥିବ, ବ୍ରାହ୍ମଣ ବେଦଧ୍ୱନି କରୁଥିବେ, ଦୈବଜ୍ଞ ମଙ୍ଗଳଧ୍ୱନି କରୁଥିବ, ସ୍ତ୍ରୀମାନେ ହୁଳହୁଳି ଦେଉଥିବେ, ଗୃହସ୍ଥ ସନ୍ମୁଖରେ ସୁବାସିତ ଫୁଲ ବସ୍ତ୍ର ଓ ଶଙ୍ଖ ବାଦ୍ୟ ଦଧି ଓ ଉତ୍ସବଘଣ୍ଟ ବଜାଇ ଗୃହରେ ପ୍ରବେଶ କରିବ, ଦେବ ବ୍ରାହ୍ମଣଙ୍କୁ ପୂଜା କରିବ, ହୋମ କରିବ। ସମସ୍ତେ ଶୁଭ ଧ୍ୱନି କରିବେ। ରାତିରେ ଗୀତାବାଦ୍ୟ ହେବ ଏବଂ ଉତ୍ସବ ରହିବ। ଏପରି କଲେ ଚିରସ୍ଥ ଧନ ଜନ ବୃଦ୍ଧି ହୁଏ, ଶତ୍ରୁ ପାଦପୂଜା କରେ, ମିତ୍ରଗଣମାନେ ସୁଖୀ ହୁଅନ୍ତି, ଲକ୍ଷ୍ମୀ ସ୍ଥିରନ୍ତି।

ବାସ୍ତୁ ପରିମାଣ—(୧) ଧ୍ୱଜବାସ୍ତୁ ଦୀର୍ଘ ହାତ ୨୯ ଓ ପ୍ରସ୍ଥ ହାତ ୨୯। ଦେବତା ଗୃହ। ଶୁଭ ରାଶି ୨୭ ଓ ୧୨। ଆୟୁ ୪୮ ବର୍ଷ। ଅଗ୍ନି ସଂଯୋଗେ ନାଶ।

ଦୀର୍ଘ ହାତ ୨୧।୨୯ ଓ ପ୍ରସ୍ଥ ହାତ ୨୯। ଏ ଧ୍ୱଜବାସ୍ତୁ। ଆୟୁ ୮ ବର୍ଷ। ଏଥିରେ ମହେଶ୍ୱର ବାସ କରନ୍ତି। ଦୀର୍ଘ ହାତ ୨୮ ଓ ପ୍ରସ୍ଥ ହାତ ୮।୮। ଏ ଧୂମ୍ରବାସ୍ତୁ। ଏଥିରେ ବ୍ୟୋମଘର ହୁଏ। ଆୟୁ ୪୮ ବର୍ଷ। ଜଳ ସଂଯୋଗରେ ନାଶ।

ନାହିଁ । ରାଜାଙ୍କୁ ବାରବାଟୀରେ କଏଦ କଲେ ଓ ତାଙ୍କ ନାତି ଦିବ୍ୟସିଂହ ବାର୍ଷିକ ୧୦୦୦୦ ସିକା ଟଙ୍କା ପେସ୍‌କସ୍ ନ ଦେଲେ ତାଙ୍କୁ ସାରଦେଶସ୍ୱାଙ୍କ ଉତ୍ତରାଧିକାରୀ ବୋଲି ସ୍ୱୀକାର କରିବେ ନାହିଁ ବୋଲି କହିଲେ ।

୧୭୯୨ ଖ୍ରୀଷ୍ଟାବ୍ଦରେ ରାଜାରାମ ପଣ୍ଡିତ କାର୍ଯ୍ୟରୁ ଅବସର ନେଲେ ଏବଂ ତାଙ୍କ ପୁତ୍ର ସଦାଶିବ ରାଓ ନାଜିମ ନିଯୁକ୍ତ ହେଲେ ଓ ତାଙ୍କ ପରେ ଚନ୍ଦନବାଲ୍ ନିଯୁକ୍ତ ହେଲେ । ଇଅଙ୍କ ପୁତ୍ରଦେବ, ବାଲ୍ୟାଜି କୁଅଁର (ବାରବାଟୀ ଦୁର୍ଗର ସେନାପତି)ମାନେ ଶାସନକାର୍ଯ୍ୟ ଚଳାଇଲେ । ଏହି ଅବସ୍ଥା ୧୮୦୩ ଯାଏଁ ଚାଲିଲା । ଏହି ବର୍ଷ ଓଡ଼ିଶା ଇଂରେଜମାନଙ୍କ ହସ୍ତରେ ପଡ଼ିଲା ।

ଏହି ଦୀର୍ଘକାଳ ଉତ୍କଳ ଜନନୀର ଉଦାର ବକ୍ଷ ଆଫଗାନ, ମୋଗଲ ଏବଂ ମରହଟ୍ଟା ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ଲୋକମାନଙ୍କ ଧନ, ଶାସ୍ତ୍ର, କଳାକାର୍ଯ୍ୟ, ଧନ ଧର୍ମ ପ୍ରଭୃତି ସମସ୍ତ ଜାତୀୟ ସମ୍ପଦଗୁଡ଼ିକ ଚୂର୍ଣ୍ଣୀଭୂତ ହୋଇଗଲା । ଦେଶରୁ ବାଣିଜ୍ୟ ବ୍ୟବହାର ଲୋପ ହେଲା, କଳାଶିଳ୍ପ ଲୋପ ହେଲା, କୃଷି ହ୍ରାସ ହେଲା, ଧର୍ମଚର୍ଚ୍ଚା ଲୋପ ହେଲା । ଚତୁର୍ଦ୍ଦିଗରୁ ଅସଂଖ୍ୟ ଚୋର ଲୁଟକ ଦେଶରେ ମାଡ଼ି ଆସି ଓଡ଼ିଶାକୁ ଛାରଖାର କରି ପକାଇଲା । ଅରାଜକତା ଚତୁର୍ଗୁଣ ବୃଦ୍ଧି ହେଲା । ବିଦ୍ୟାଚର୍ଚ୍ଚା ଲୋପ ହେଲା । ଲୋକେ ନିରାପଦ ଶାନ୍ତିରେ ଶୟନ କରି ପାରିଲେ ନାହିଁ । ଉନ୍ନତି ଲାଗି ଅବସର ମିଳିଲା ନାହିଁ । ଶାସନକର୍ତ୍ତାମାନେ ସର୍ବଦା ପ୍ରଜାମାନଙ୍କ ଆଡ଼କୁ ମୁଖବ୍ୟାଦାନ କରି ଶାଣିତ ଦୃଷ୍ଟିରେ ଚାହିଁ ରହିଲେ । ପ୍ରଜା ରକ୍ତକୁ ଶୋଷଣ କରି ଛଳ ବଳ କୌଶଳେ ନ୍ୟାଯ୍ୟାନ୍ୟାଯ୍ୟ ବାଦବଚନ ନ କରି ଧନ ଆଦାୟ କରିବାକୁ ବ୍ୟସ୍ତ ହେଲେ । ପ୍ରଜାମାନେ ସତତ ସଶଙ୍କିତ ଚିତ୍ତରେ କାଳଯାପନ କଲେ । କୃଷି, ବାଣିଜ୍ୟ, ବ୍ୟବହାର ଦିଗରେ ମନ ଦେବାର ଅବସର ପାଇଲେ ନାହିଁ । ଉତ୍କଳର ଅଙ୍ଗ ପ୍ରତ୍ୟଙ୍ଗ ଖଣ୍ଡ ଖଣ୍ଡ ହୋଇ ଛେଦିତ ହେଲା । ଗୋଟାଏ ଜାତି ଉପରେ ଏତେ ପ୍ରକାର ଅତ୍ୟାଚାର ହେଲେ ତା ପକ୍ଷରେ ବଞ୍ଚିକରି ରହିବା ଅସମ୍ଭବ ହେବା ସ୍ୱାଭାବିକ । ଆଜି ଯେ ଓଡ଼ିଆ ଜାତି ବଞ୍ଚି ରହିଛି ଏହାହିଁ ଆଶ୍ଚର୍ଯ୍ୟଜନକ କଥା !

# ଆର୍ଥିକ ଅବସ୍ଥା

ଭଗବତ କହିଲେ, "ଧନ ଅର୍ଜିଲେ ଧର୍ମ କର, ଧର୍ମେ ପ୍ରାପତ ନରହରି ।" ଆମ୍ଭ ଦେଶରେ ଧନ ଓ ଧର୍ମର ଏହା ହିଁ ଆଦର୍ଶ । ଧନାର୍ଜନ କର ମାତ୍ର ସେ ଧନର ସଦ୍‌ବ୍ୟୟ ଧର୍ମକାର୍ଯ୍ୟରେ ହେବା ଆବଶ୍ୟକ ।

ଯେଉଁ ଦେଶର ଲୋକମାନେ ଆପଣା ବ୍ୟବହାର୍ଯ୍ୟ ପଦାର୍ଥ ଲାଗି ପରମୁଖାପେକ୍ଷୀ ନ ହୁଅନ୍ତି ଏବଂ ଆପଣା ଦେଶଜାତ ପଦାର୍ଥ ଦ୍ୱାରା ଆପଣା କାର୍ଯ୍ୟ ଚଳାନ୍ତି, ସେହି ଦେଶକୁ ସମୃଦ୍ଧିଶାଳୀ ଦେଶ କୁହାଯାଏ । ଯେଉଁ ଦେଶ ଆପଣା ଦେଶଜାତ ପଦାର୍ଥ ଅନ୍ୟ ଦେଶକୁ ପଠାଇ ଧନ ଆଣିପାରେ, ସେ ଦେଶକୁ ପ୍ରକୃତରେ ଧନୀ ବୋଲି କୁହାଯାଏ ।

ଦେଶର ସର୍ବପ୍ରକାର ଆୟର ପରିମାଣ ଦେଖିଲେ ଦେଶର ଆର୍ଥିକ ଅବସ୍ଥାର କଳନା କରି ହୋଇପାରେ । ପ୍ରାଚୀନ ଉତ୍କଳ ଦେଶ କେତେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ରାଜା ସମସ୍ତ ପ୍ରଜାଙ୍କଠାରୁ କର ଗ୍ରହଣ କରି ପୁନଶ୍ଚ ପ୍ରଜାମାନଙ୍କ ହିତ-କାର୍ଯ୍ୟରେ ସେହି ଅର୍ଥ ବ୍ୟୟ କରୁଥିଲେ । ଏହା ହିଁ ପ୍ରାଚୀନ ହିନ୍ଦୁ ରାଜାମାନଙ୍କର ଆଦର୍ଶ ଥିଲା । ରଘୁ ମହାରାଜାଙ୍କ ଶାସନପ୍ରଣାଳୀ ବର୍ଣ୍ଣନା କଲାବେଳେ ମହାକବି କାଳିଦାସ କହିଛନ୍ତି—ସୂର୍ଯ୍ୟ ଯେପରି ସଜଳ ରସ ଟାଣିନେଇ ସହସ୍ରଗୁଣ ସେହି ରସକୁ ମେଘ ରୂପରେ ବାରି ବର୍ଷଣ କରନ୍ତି, ରଘୁ ମହାରାଜା ସେହିପରି ପ୍ରଜାମାନଙ୍କଠାରୁ କର ଗ୍ରହଣ କରି ପ୍ରଜାମାନଙ୍କ ହିତକାର୍ଯ୍ୟରେ ସେହି ଅର୍ଥ ବ୍ୟୟ କରୁଥିଲେ । ଏହା ହିଁ ଶାସନର ପ୍ରଧାନ ନୀତି ଥିଲା ।

ଜଳବାୟୁର ତାରତମ୍ୟାନୁସାରେ ଦେଶର ଲୋକମାନଙ୍କର ଖାଦ୍ୟ, ବସ୍ତ୍ର, ଘରଦ୍ୱାର ଓ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥମାନଙ୍କର ତାରତମ୍ୟ ହୋଇଥାଏ । ଯେଉଁ ଦେଶର ଆବଶ୍ୟକତା ଯେତେ ବେଶୀ ସେ ଦେଶର ଲୋକମାନେ ନୂତନ ନୂତନ ଅର୍ଥାଗମ ପନ୍ଥା ଆବିଷ୍କାର କରି ଅର୍ଥୋପାର୍ଜନ କରିବାରେ ତତ୍ପର ହୁଅନ୍ତି ଏବଂ ଆପଣା ଦେଶ ଲୋକମାନଙ୍କ ବାସନା ଚରିତାର୍ଥ କରିବାକୁ ଅକ୍ଷମ ହେଲେ ସେମାନେ

ଅନ୍ୟ ଦେଶ ଉପରେ ଆକ୍ରମଣ କରି ଛଳେ ବଳେ କୌଶଳେ ଅର୍ଥ ସଂଗ୍ରହ କରି ଆପଣା ଦେଶର ଅଭାବ ଦୂର କରିବାର ଚେଷ୍ଟା କରନ୍ତି । ଏହି ନୈସର୍ଗିକ ନିୟମର ବଶବର୍ତ୍ତୀ ହୋଇ ସଂସାରର ପ୍ରତ୍ୟେକ ଜାତିର ଲୋକେ ନାନୋତ୍ପାତ କରୁଛନ୍ତି । ଏହି ଅଭାବ ମୋଚନାର୍ଥେ ପ୍ରବଳ ଦୁର୍ବଳ ଉପରେ ଅତ୍ୟାଚାର କରେ । ସୁତରାଂ କଥା ଅଛି "ଜୋର ଯାହାର ମୁଲକ ତାର" ।

ଉତ୍କଳ ଦେଶ ସାଧାରଣତଃ ଗ୍ରୀଷ୍ମପ୍ରଧାନ ଦେଶ । ଏ ଦେଶରେ ଶୀତ ପ୍ରଭୃତି ଋତୁର ସମତା ଦେଖାଯାଏ । ସୁତରାଂ ଏ ଦେଶରେ ପୋଷାକ ପରିଚ୍ଛଦ ଅବଶ୍ୟକ ହେଉ ନାହିଁ । ସର୍ବଦା ଦେହକୁ ଆବୃତ କରି ରଖିବାର ଆବଶ୍ୟକ ନାହିଁ । ସୁତରାଂ ଖଣ୍ଡେ ଧୋତି, ଖଣ୍ଡେ ଚଦର ଏବଂ ଖଣ୍ଡେ ଗାମୁଛା ହେଲେ କାର୍ଯ୍ୟ ହୁଏ । ଆଉ ଯାହା ସେ ପରିଧାନ କରିବ ତାହା ଅଧିକ କଥା, ଆବଶ୍ୟକ ହେବୁ ନୁହେଁ । ଶୀତରକ୍ଷାପାଇଁ ବଡ଼ ବେଶି ହେଲେ ଖଣ୍ଡେ ମାଠ । ପ୍ରାଚୀନ କାଳରେ ଦେଶରେ କପା ହେଉଥିଲା, ସୂତା ହେଉଥିଲା, ଲୁଗା ବୁଣା ହେଉଥିଲା । ସୁତରାଂ ପରିଧାନ ଲାଗି ଉତ୍କଳ ଅନ୍ୟ ଦେଶକୁ ମୁହଁ ବାଇଁ ନଥିଲା । ପରିଧାନ ସମ୍ବନ୍ଧେ ପ୍ରତ୍ୟେକ ବ୍ୟକ୍ତିର ବ୍ୟୟ ଶୀତପ୍ରଧାନଦେଶୀୟ ଲୋକର ବ୍ୟୟଠାରୁ ଅନେକାଂଶରେ ଊଣା ।

ପ୍ରାଚୀନ ଉତ୍କଳର ଲୋକମାନେ ବଡ଼ ସରଳଭାବରେ ଜୀବନ କାଳ ନିର୍ବାହ କରୁଥିଲେ । ଆପଣା ଖାଇବା ପିଇବା ଇତ୍ୟାଦିରେ ବିଳାସିତା ନଥିଲା । ବାସଭବନ ନିର୍ମାଣ କରିବାରେ କୌଣସି ଆଡ଼ମ୍ବର ନଥିଲା । ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ମଧ୍ୟରେ ବିଳାସିତା ସ୍ଥାନ ପାଉ ନଥିଲା । ଯାହା ନ ହେଲେ ନ ଚଳେ ତାହାଦ୍ୱାରା ଜୀବନଯାତ୍ରା ନିର୍ବାହିତ ହେଉଥିଲା । ସ୍ୱଦେଶଜାତ ପଦାର୍ଥଦ୍ୱାରା ଆପଣା କାରବାର ବେଶ୍ ଚଳୁଥିଲା । ଏହା ବୋଲି ସେ ଲୋକେ ଧନୀ ନ ଥିଲେ ଏହା କୁହାଯାଇ ନପାରେ । ପ୍ରଚୁର ଧନ ଆପଣା ସୁଖ ସ୍ୱଚ୍ଛନ୍ଦତା ଓ ବିଳାସ ବାସନା ଚରିତାର୍ଥ କରିବାରେ ବ୍ୟୟିତ ନ କରି ଧର୍ମକାର୍ଯ୍ୟରେ ବ୍ୟୟିତ କରୁଥିଲେ ।

ଧର୍ମକାର୍ଯ୍ୟରେ ଲୋକ ମନ ବଳାଏ କେତେବେଳେ ? ଉଦରଜ୍ୱାଳା ଶାନ୍ତ ହେଲେ ଏବଂ ସାଂସାରିକ ଚିନ୍ତାରେ ବ୍ୟତିବ୍ୟସ୍ତ ନଥିଲେ ଲୋକ ଉଚ୍ଚଚିନ୍ତା କରିବାକୁ ମନ ବଳାଏ । ଯେଉଁ ଜାତି ବା ବ୍ୟକ୍ତିର ଆର୍ଥିକ ଅଭାବ ଏତେ ବେଶି ଯେ ସେ ତାହାର ଅଭାବ ପୂରଣ କରିବା ଲାଗି ନାନାପ୍ରକାର ପାଶବିକ ଉପାୟ ଅବଲମ୍ବନ କରିବାକୁ ବାଧ୍ୟ ହୁଏ, କେତେବେଳେ ଧର୍ମଭାବ ତା ମନରେ ସ୍ଥାନ ପାଇବ କିପରି ?

ସ୍ତୂପଙ୍କର ଗାତ୍ରସ୍ଥ ଜାତକର ଇତିହାସ ଆଲୋଚନା କଲେ ଏହି ସତ୍ୟ ପ୍ରମାଣିତ ହୁଏ।

ରାଜଭଣ୍ଡାରର ସଚ୍ଛଳ ଅବସ୍ଥା ଦେଖିଲେ ରାଜ୍ୟର ସଚ୍ଛଳ ଅବସ୍ଥା ଅଛି ବୋଲି ବୁଝିବାକୁ ହେବ। ପ୍ରଜାମାନଙ୍କ ଧନ ନାନାପ୍ରକାର ବାଟରେ ଯାଇ ରାଜଭଣ୍ଡାରରେ ଏକତ୍ରିତ ହୁଏ। ବର୍ଷାଜଳ ଯେପରି ନାନା ନଦୀ, ପୁଷ୍କରିଣୀ, କୂପ, ବାପି ପ୍ରଭୃତି ଜଳାଶୟମାନଙ୍କରେ ସ୍ଥାନ ପାଇ ଶେଷରେ ଆପଣା ଆପଣା ବାଟ ଦେଇ ସମୁଦ୍ରରେ ଏକତ୍ରିତ ହୁଏ ଏବଂ ସେଠାରୁ ଯାଇ ପୁଣି ନାନା ସ୍ଥାନକୁ ଯାଏ, ରାଜଭଣ୍ଡାର ଓ ପ୍ରଜାଧନ ମଧ୍ୟରେ ଠିକ୍ ଏହି ସମ୍ପର୍କ। ସୁତରାଂ ଦେଶର ଆର୍ଥିକ ଅବସ୍ଥା ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ରାଜଭଣ୍ଡାରର ଅବସ୍ଥା ଆଲୋଚନା କରିବାକୁ ହେବ।

ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ବିଷୟ ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ଉପରୁକ୍ତ ବିଷୟମାନଙ୍କ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। "ରାଜାନୁଗତ ଧର୍ମ" ବୋଲି କଥା ଅଛି। ଅର୍ଥାତ୍ ରାଜା ସମାଜର କର୍ଣ୍ଣଧାର। ରାଜା ଯେତେବେଳେ ଯେଉଁ ନୀତି ଅବଲମ୍ବନ କରନ୍ତି ପ୍ରଜାମାନେ ମଧ୍ୟ ସେହିମତ ଅନୁସାରେ ପରିଚାଳିତ ହୁଅନ୍ତି। ରାଜା ଯେଉଁ ଧର୍ମକାର୍ଯ୍ୟରେ ମନ ବଳାନ୍ତି ପ୍ରଜାମାନେ ମଧ୍ୟ ସେହି ପ୍ରବୃତ୍ତି ଅନୁକରଣ କରନ୍ତି ଏବଂ ରାଜନୀତି ସ୍ରୋତ ଦେଶରେ ପ୍ରବାହିତ ହୋଇ ପ୍ରଜାବୃନ୍ଦଙ୍କୁ ସେହି ସ୍ରୋତରେ ଭସାଇ ନିଏ। ଏହା ନୈସର୍ଗିକ ନିୟମ।

ପ୍ରାଚୀନ ଉତ୍କଳର ଅନେକ ବିଭବ ଲୋପ ହୋଇଅଛି ସତ, ମାତ୍ର ଯେଉଁ ଦେଉଳ, ପ୍ରାସାଦ, ପୁଷ୍କରିଣୀ ପ୍ରଭୃତି ଅଦ୍ୟାବଧି ମୂକସାକ୍ଷୀ ସ୍ୱରୂପ ବର୍ତ୍ତମାନ ଅଛି, ସେଗୁଡ଼ିକ ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ଓ ଧର୍ମାନୁରାଗ ବିଷୟର ଏକାଧାରରେ ପରିଚାୟକ ଓ ପ୍ରମାଣ। ପ୍ରାଚୀନ ଉତ୍କଳର ଆର୍ଥିକ ଅବସ୍ଥା ଉତ୍ତମ ନ ଥିଲେ ଏତେ ବ୍ୟୟ କରି ଅସଂଖ୍ୟ ଧର୍ମାନୁଷ୍ଠାନମାନ ସ୍ଥାପିତ ହୋଇ ନ ଥାନ୍ତା।

ପ୍ରାଚୀନ ଉତ୍କଳୀୟ ରାଜାମାନେ ଆପଣା ବାହୁବଳ ଦ୍ୱାରା ଅନେକ ରାଜ୍ୟ ଜୟ କରିଥିଲେ। ଗଙ୍ଗାଠାରୁ ରାମେଶ୍ୱର ପର୍ଯ୍ୟନ୍ତ ଆପଣା ଅଧିକାରଭୁକ୍ତ କରି ବହୁତ ଧନ ଉପାର୍ଜନ କରିଥିଲେ। ମାତ୍ର ଧନ ଆଣି ଆପଣା ବିଳାସବାସନା ଚରିତାର୍ଥ କରିବାରେ ବ୍ୟୟ କରି ନ ଥିଲେ। ଧର୍ମାନୁଷ୍ଠାନମାନ ସ୍ଥାପିତ କରି ଲୋକମାନଙ୍କ ଧର୍ମଚର୍ଚ୍ଚା ବୃଦ୍ଧି କରାଇବା ଏବଂ ନାନାପ୍ରକାର ଅଭାବ ଦୂର କରିବା କାର୍ଯ୍ୟରେ ସେ ଧନ ବ୍ୟୟିତ ହୋଇଥିବାର ସ୍ପଷ୍ଟ ପ୍ରମାଣ ମିଳେ।

କେହି କେହି କହନ୍ତି, ପ୍ରାଚୀନ ଉତ୍କଳ ଯଦି ସମୃଦ୍ଧିଶାଳୀ ଦେଶ ଥିଲା ତେବେ ଲୋକମାନେ କୋଠାଘର କରି ନଥିଲେ କାହିଁକି ? ଏ କଥାଟି ନିତାନ୍ତ ଅମୂଳକ ଯୁକ୍ତି । ଯେଉଁ ଦେଶର ଲୋକେ ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦେଉଳ ପ୍ରଭୃତି ଶିଳ୍ପସ୍ଥାପତ୍ୟ ନିର୍ମାଣ କରି ପାରିଥିଲେ ସେମାନେ ଇଚ୍ଛା କରିଥିଲେ ଆପଣା ଘର ପକ୍କା କରି ପାରି ଥାନ୍ତେ, ଏ କଥା ସହଜରେ ଜଣାଯାଏ । ଆମ୍ଭେ ଯେତେଦୂର ଅନୁମାନ କରୁଁ ଏବଂ ଏହାହିଁ ସୁନିଶ୍ଚିତ ଯେ ପକ୍କା ଘରର ଯୋଗ୍ୟ କେବଳ ଦେବତା ବୋଲି ଲୋକମାନଙ୍କର ଧ୍ରୁବ ବିଶ୍ୱାସ ଥିଲା । ଦେବତାଙ୍କ ତଳକୁ ସ୍ଥାନ ରାଜାଙ୍କର ! ସୁତରାଂ ରାଜାମାନଙ୍କର ବାସଗୃହ ମଧ୍ୟ ପଥର ଘର ଥିଲା । ଅନ୍ୟାନ୍ୟ ସାଧାରଣ ଲୋକ ଆପଣା ଇଷ୍ଟଦେବତାଙ୍କ ପାଇଁ ଛୋଟିଏ ଦେଉଳ ତୋଳାଇ, ଚୂନ ଲଗାଇଦେଇ ପାରୁଥିଲେ ଆପଣାକୁ ଧନ୍ୟ ମନେ କରୁଥିଲେ ! ଗ୍ରୀଷ୍ମପ୍ରଧାନ ଦେଶରେ କୋଠାଘରର ଆବଶ୍ୟକ ନାହିଁ । ଅଗ୍ନିଭୟ ବ୍ୟତୀତ ଖଡ଼ଘରର ଅନ୍ୟ କିଛି ଅସୁବିଧା ନାହିଁ । ଏ ସମ୍ବନ୍ଧେ ମଧ୍ୟ ଲୋକଙ୍କର ବିଶ୍ୱାସ ଥିଲା ଯେ ପାପ ଧନ ଘରେ ରହିଲେ ତାକୁ ଅଗ୍ନି ଖାଇଯାନ୍ତି । ଏ ସମସ୍ତ ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଆମ୍ଭ ଅନୁମାନଟି ଠିକ୍ ବୋଲି ବୋଧ ହୁଏ ନାହିଁ କି ?

ବ୍ୟୟରୁ ଆୟର ଅନୁମାନ କରାଯାଇ ପାରେ । ମାତ୍ର ଆୟ ସମ୍ବନ୍ଧରେ ସାକ୍ଷାତ୍ ପ୍ରମାଣ ମିଳୁଛି ତାହାର ଆଲୋଚନା ପ୍ରଥମେ କରିବା ଆବଶ୍ୟକ । ରାଜ୍ୟର ସୀମା ବୃଦ୍ଧି ହେଲେ ଆୟବୃଦ୍ଧି ହେବା ସ୍ୱାଭାବିକ । ମାଦଳାପାଞ୍ଜିରୁ ଜଣାଯାଏ ଯେ ଗଙ୍ଗବଂଶ ରାଜାମାନଙ୍କ ରାଜତ୍ୱ ପୂର୍ବେ ଓଡ଼ିଶାର ଆୟ ଥିଲା ୧୫୦୦୦୦୦ ମାତ୍ର ସୁବର୍ଣ୍ଣ । ସେତେବେଳେ ଉତ୍କଳର ସୀମା ଥିଲା ଉତ୍ତର-ଦକ୍ଷିଣରେ ୮୮ ମାଇଲ ଓ ପୂର୍ବ-ପଶ୍ଚିମରେ ୭୦ ମାଇଲ । କାଂସବାଂସ ନଦୀଠାରୁ ଋଷିକୁଲ୍ୟା ନଦୀଯାଏଁ ଉତ୍ତର-ଦକ୍ଷିଣ ସୀମା ଏବଂ ସମୁଦ୍ରଠାରୁ ଢେଙ୍କାନାଳ ପର୍ଯ୍ୟନ୍ତ ପୂର୍ବ-ପଶ୍ଚିମ ସୀମା ଥିଲା । ମାଦଳାପାଞ୍ଜି ଅନୁସାରେ ଚୂଡଙ୍ଗ ଅର୍କକ୍ଷେତ୍ରଠାରୁ ଦକ୍ଷିଣ-ଦିଗ ରାମନଗର ଦଣ୍ଡପାଟ ପର୍ଯ୍ୟନ୍ତ ଏବଂ ଉତ୍ତର ଦିଗରେ ଦକ୍ଷିଣ ମହୋଦଧି ଗଡ଼ଠାରୁ କାଂସବାଂସ ପର୍ଯ୍ୟନ୍ତ ଓ କାଂସବାଂସଠାରୁ ଋଷିକୁଲ୍ୟା ପର୍ଯ୍ୟନ୍ତ । ଏଥିପୂର୍ବ ସମୟର ଆୟ ସମ୍ବନ୍ଧରେ ମାଦଳାପାଞ୍ଜିରୁ ଅନ୍ୟ କିଛି ସମ୍ବାଦ ଜଣାଯାଉ ନାହିଁ । ସୁତରାଂ ୧୧୦୩ ଶକାବ୍ଦ ବା ୧୧୮୧ ଖ୍ରୀଷ୍ଟାବ୍ଦ ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀରେ ଉତ୍କଳର ଆୟ ବର୍ଷକୁ ୧୫ଲକ୍ଷ ମାତ୍ର ସୁବର୍ଣ୍ଣ ଥିବାର ପ୍ରଥମ ପରିଚୟ ମିଳେ । ହଣ୍ଟର ସାହେବଙ୍କ ହିସାବରେ ଏହାର ମୂଲ୍ୟ ୪୦୬୨୫୦ ପାଉଣ୍ଡ । ୧ ମୋହର ବର୍ଣ୍ଣକର ଚାରି ଭାଗରୁ ଏକ ଭାଗ । ୧ ବର୍ଣ୍ଣ=ଏକ ତୋଳା । ୧ ତୋଳାକୁ ୧

ଟଙ୍କା । ସୁତରାଂ ୨୫୦୦୦୦୦ ମୋହର=୩୭୫୦୦୦୦ ତୋଳା ବା ୩୭୫୦୦୦୦ ଟଙ୍କା ।

ବର୍ତ୍ତମାନ ଦେଖାଯାଏ ଯେ ୨ ମାଢ଼ରେ ୧ ଭରି ବା ୧ ମୋହର । ସୁତରାଂ ୧୫ ଲକ୍ଷ ମାଢ଼=୭୫୦୦୦୦ ଭରି । ମୋହରକର ମୂଲ୍ୟ ୨୦ ଟଙ୍କା ହେଲେ ୭୫୦୦୦୦୦ ଭରିର ମୂଲ୍ୟ ୧୫୦୦୦୦୦୦୦ ଟଙ୍କା ହେବ ।

ଗଙ୍ଗବଂଶୀୟ ରାଜାମାନଙ୍କ ଅମଳରେ ଓଡ଼ିଶାର ସୀମା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆୟ ମଧ୍ୟ ବୃଦ୍ଧି ହୋଇଥିଲା । ଅନଙ୍ଗଭୀମଦେବ ଉତ୍ତର ଦିଗରେ କାଂସବାଂସଠାରୁ ଦାମୋଦର ନଦୀ ପର୍ଯ୍ୟନ୍ତ ଏବଂ ଦକ୍ଷିଣ ଦିଗରେ ଋଷିକୁଲ୍ୟାଠାରୁ ରାଜମହେନ୍ଦ୍ରୀ ଦଣ୍ଡପାଟ ପର୍ଯ୍ୟନ୍ତ ରାଜ୍ୟ ପୂର୍ବରାଜ୍ୟ ସହିତ ଯୋଗ କଲେ । ଏହି ବୃଦ୍ଧି ରାଜ୍ୟର ଅଧିକ ଆୟ ୨୫୦୦୦୦୦ ମାଢ଼ ସୁନା=ଉପରୋକ୍ତ ହିସାବ ଅନୁସାରେ ୨ କୋଟି ଟଙ୍କା । ସୁତରାଂ ମୋଟ ଆୟ ୩୫ ଲକ୍ଷ ମାଢ଼ ସୁନା=୩ କୋଟି ୫୦ ଲକ୍ଷ ଟଙ୍କା । ଏ ତ ଗଲା ଭୂରାଜସ୍ୱ । ଅନ୍ୟାନ୍ୟ ବାବଦ ଆୟ ମିଶି ମୋଟ ବାର୍ଷିକ ଆୟ ୪୭୮୦୦୦ ମାଢ଼ ସୁନା=୧୭୮୮୦୦୦୦ ଟଙ୍କା । ଗଙ୍ଗବଂଶ ରାଜତ୍ୱ ସମୟରେ ଜମି ମାପ ହୋଇଥିଲା । ମୋଟ ଜମିର ପରିମାଣ ୭୨୨୮୦୦ ବାଟି । ଏଥିରୁ ଜଙ୍ଗଲ, ଝରଣା, ନଦୀ, ପର୍ବତ ପ୍ରଭୃତି ୧୪୮୦୦୦୦ ବାଟି ଛାଡ଼ି ଅବଶିଷ୍ଟ ୪୭୬୮୦୦୦ ବାଟିରୁ ରାଜସ୍ୱ ଆଦାୟ ହେଉଥିଲା । ମେଦିନୀପୁର ଅଞ୍ଚଳ ଓ ତମଲୁକ ଏ ସମୟରେ ଓଡ଼ିଶାର ଅନ୍ତର୍ଗତ ଥିଲା । ଦ୍ୱାଦଶ ଶତାବ୍ଦୀ ଶେଷକୁ ଓଡ଼ିଶାର ବାର୍ଷିକ ଆୟ ପୂର୍ବୋକ୍ତ ମତରେ ଥିଲା । ପ୍ରତାପରୁଦ୍ରଦେବ ଓ କପିଳେନ୍ଦ୍ରଦେବଙ୍କ ଅମଳରେ ଓଡ଼ିଶାର ସୀମା ସେତୁବନ୍ଧ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିବା କଥା ମାଦଳାପାଞ୍ଜିରୁ ପ୍ରମାଣିତ ହୁଏ । ସୁତରାଂ ଏମାନଙ୍କ ଅମଳରେ ଆୟ ଅଦ୍ଭୁତ ବୃଦ୍ଧି ହୋଇଥିବ । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା ସମୃଦ୍ଧିଶାଳୀ ପ୍ରଦେଶ ଥିବାର ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ।

| | | |
|---|---|---|
| ୧୫୯୪ | ଖ୍ରୀଷ୍ଟାବ୍ଦ | ଟ ୩୧୪୩୩୧୭୧ |
| ୧୭୪୮ | " | ଟ ୫୦୦୦୦୦୦୧ |
| ୧୭୫୪ | " | ଟ ୫୭୩୯୬୦୦୧ |
| ୧୭୭୫ | " | ଟ ୭୨୭୦୦୦୦୧ |
| ୧୭୯୦ | " | ଟ ୩୫୭୦୫୦୦୧ |
| ୧୭୯୨ | " | ଟ ୧୦୧୦୨୨୨୬୧ |
| ୧୭୯୭ | " | ଟ ୫୦୨୧୦୨୫୧ |

୧୬୯୭-୧୭୦୩ „ ଟ ୫୭୦୭୫୯
୧୭୦୭ „ ଟ ୩୫୭୦୫୦୦୯

ଷ୍ଟର୍ଲିଂ ସାହେବଙ୍କ ମତାନୁସାରେ ୧୭ ଶତାବ୍ଦୀରେ ଓଡ଼ିଶାର ଆୟ ୪୩୫୦୦୦ ପାଉଣ୍ଡ, ଅକବରଙ୍କ ସମୟରେ ୪୩୮୦୧୯ ପାଉଣ୍ଡ ଏବଂ ୧୭ ଶତାବ୍ଦୀରେ ୫୩୭୪୯୫ ପାଉଣ୍ଡ ବା ୪୯୬୧୪୯୭ ସିକା ଟଙ୍କା ବା ୫୩୭୪୯୫୫ ଟଙ୍କା ଥିଲା । ୧୮ଶ ଶତାବ୍ଦୀର ଆୟ ୫୭୦୭୫୦ ପାଉଣ୍ଡ ଏବଂ ବ୍ରିଟିଶ ରାଜତ୍ୱରେ ୫୪୦୦୦୦ ପାଉଣ୍ଡ । ଷ୍ଟର୍ଲିଂ ସାହେବ କହନ୍ତି, ଦେଶର ଆୟ ଯାହା, ବାସ୍ତ ଯାଇ ଅତି ଅଳ୍ପ ବଢ଼ିଲେ ।

ମୋଗଲମାନଙ୍କ ପୂର୍ବେ କ ହାରରେ କର ଧାର୍ଯ୍ୟ ହେଉଥିଲା ଦେଖାଯାଉ । ରାଜକେଶରୀଙ୍କ ଅମଳରେ ଅର୍ଥାତ୍ ୭୧୬—୭୩୮ ସାଲରେ ଭୂମି ବାଟିକୁ କର ୨ କାହାଣ ଥିଲା । ବଜ୍ରକେଶରୀଙ୍କ ଅମଳ ଅର୍ଥାତ୍ ୧୦୫୩—୧୦୭୮ ମଧ୍ୟରେ ଭୂମି ମାଣକୁ କର ଏକ କାହାଣ । ସୁଜନକେଶରୀଙ୍କ ଅମଳରେ ଭୂମି ବାଟିକୁ ୮ କାହାଣ ।

ଏଥିଉପରେ ଆମ୍ଭେମାନେ ରାଜା ଟୋଡରମଲଙ୍କ ବନ୍ଦୋବସ୍ତ ଦେଖିବାକୁ ପାଉଁ । ତାଙ୍କ ବନ୍ଦୋବସ୍ତର ନାମ ତକସିମ୍ ଜମା ଓ ଟଙ୍କାରକ୍ମ । ସେ ୧୨ ବର୍ଷ ପରିକାରେ ଜଲେଶ୍ୱର, ଭଦ୍ରଖ ଓ କଟକ ସରକାରମାନଙ୍କର ଜମିମାନ ଜରିପ କରାଇଥିଲେ । ପରେ ସେ ସବୁ ସଂଶୋଧନ ହେଲା । ତାହା କେବଳ ନକର ଅନୁମାନ-ଦ୍ୱାରା କରାଗଲା । ପ୍ରଜାମାନେ କ ହାରରେ ରାଜସ୍ୱ ଦେବାର ସ୍ଥିର ହୋଇଥିଲା ତାହା ସ୍ପଷ୍ଟରୂପେ ଜଣାଯାଉ ନାହିଁ ।

ମାତ୍ର ଅକ୍ବର ଫଜଲ ସମସ୍ତ ହିନ୍ଦୁସ୍ଥାନ ବିଷୟ ଲେଖିବାବେଳେ କହନ୍ତି ସେ ଦଶ ବର୍ଷର ଅମଳର ହୋଇଥିବା ହାରହାରି ସ୍ଥିର କରାଯାଇଥିଲା । ପ୍ରାଚୀନ ଜମା କାଏମ ରହିଥିଲା କି ବୃଦ୍ଧି ଜମା ହେଲା, ତାହା ସ୍ପଷ୍ଟରୂପେ ଜଣାଯାଉ ନାହିଁ । ମାତ୍ର ସାଧାରଣତଃ ଜଣାଯାଏ ଯେ ମୋଗଲମାନଙ୍କ ବନ୍ଦୋବସ୍ତ ଜମାଠାରୁ ବୋଧହୁଏ ହିନ୍ଦୁ ରାଜାମାନଙ୍କ ଜମା ବେଶି ଥିଲା । ମାତ୍ର ଓଡ଼ିଶା ରାଜାମାନେ ବାଜେ ବାବତରେ ପ୍ରଜାମାନଙ୍କଠାରୁ ଯାହା ଆଦାୟ କରୁଥିଲେ ତାକୁ ହିସାବରେ ନେଲେ ମୋଗଲମାନଙ୍କ ଜମା ପ୍ରାୟତ ସମାନ କିମ୍ବା ଅଳ୍ପ ତାରତମ୍ୟ ହୋଇପାରେ ।

ଅବୁଲ୍ ଫଜଲଙ୍କ ଇତିହାସରୁ ଜଣାଯାଏ ଯେ ସମସ୍ତ ସୁବାର ବନ୍ଦୋବସ୍ତ ଜମା ୧୬୦୭୫୩୩୭୩୭ ଦାମ ବା ଟ ୪୦୧୮୩୩୪୦ ଥିଲା ଏବଂ ଭଦ୍ରଖ ଓ କଟକ

ଉପକୂଳର ଜମା (ପୂର୍ବୋକ୍ତ ରେଖାଠାରୁ ଗଣନା) ୨୭୫୩୦୧୫ ଟଙ୍କା ଥିଲା । ପାର୍ବତ୍ୟ ପ୍ରଦେଶର ଜମିଦାରମାନଙ୍କ ଜମା ଏଥି ସହିତ ନଥିଲା ।

ଗ୍ରାଣ୍ଟ ସାହେବଙ୍କ ମତାନୁସାରେ ୧୬୨୭-୨୮ ସାଲ ମଧ୍ୟରେ ଅର୍ଥାତ୍ ଶାହାଜାହାନଙ୍କ ରାଜତ୍ୱ ବେଳେ ଓଡ଼ିଶା ଗୋଟିଏ ପୃଥକ୍ ସୁବା ହୋଇଥିଲା ଏବଂ ୩ ସରକାରରେ ବିଭକ୍ତ ହୋଇ ୨୨ ମହାଲ ଥିଲା ।

| | | |
|---|---|---|
| ୧ । କଟକ | ୧୦୦ ମହାଲ | ଟ ୩୫୮୧୦୨୩୯ |
| ୨ । ବରୁଣ୍ଡା | ୯ ,, | |
| ୩ । ଯାଜପୁର | ୫ ,, | |
| ୪ । ବାଦଶାହାନଗର | ୧୬ ,, | |
| ୫ । ଭଦ୍ରକ | ୧୯ ,, | |
| ୬ । ସୋର | ୧୬ ,, | |
| ୭ । ରେମୁଣା | ୨୦ ,, | ଟ ୧୫୮୦୪୭୪୯ |
| ୮ । ବସ୍ତା | ୧୦ ,, | |
| ୯ । ଜଳେଶ୍ୱର | ୨୨ ,, | |
| ୧୦ । ମାଲ୍‌ଝିଟିଆ | ୨୧ ,, | |
| ୧୧ । ଗୋଆଲପଡ଼ା | ୨୮ ,, | |
| ୧୨ । ମଜକୁରୀ | ୧୧ ,, | |
| | ୨୭୭ | ସର୍ବମୋଟ ଟ ୪୧୬୧୪୯୬୯ |

ଏଥିରେ ଓଡ଼ିଶା ରାଜାଙ୍କ ଦଖଲରେ ଥିବା ଏବଂ ଅନ୍ୟାନ୍ୟ ଗଡ଼ଜାତମାନ ଧୃତ ଅଛି । ଏ ସମସ୍ତର ରାଜସ୍ୱ ଟ ୮୭୩୫୧୮ ଏବଂ ଏଥି ମଧ୍ୟରୁ ଓଡ଼ିଶା ଗଜପତିଙ୍କ ଅଧୀନସ୍ଥ ଗଡ଼ଜାତର ରାଜସ୍ୱ ଟ ୭୧୫୭୧୭୯ । ଏହି ଶେଷୋକ୍ତ ଜମା ଉପରୋକ୍ତ ୪୦ ମହାଲର ଜମାରୁ ବାଦ ଦେଲେ ଅବଶିଷ୍ଟ ଆଇନ ଆକବରୀ ଲିଖିତ ଜମା ସହିତ ପ୍ରାୟ ସମାନ ।

ଗଡ଼ଜାତମାନଙ୍କରେ ୩୨ ମହାଲ, ଯଥା—

| | |
|---|---|
| ୧ । ଖୋର୍ଦ୍ଧା ଜିଲ୍ଲାର ୧୧ ମହାଲ | ଟ ୬୧୫୬୧୬୯ |
| ୨ । ଆଳର ମହେନ୍ଦ୍ର ରାଜା | ଟ ୨୬୧୨୧୧ |
| ୩ । ସାରଙ୍ଗଗଡ଼ର ରାମଚନ୍ଦ୍ର | ଟ ୩୬୯୭୮ |
| ୪ । ଚାମୁଣ୍ଡାହାଟୀର ସର୍ବେଶ୍ୱର ଭଞ୍ଜ | ଟ ୮୦୮୭୩ |

ଦୀର୍ଘ ହା ୬।୧୮ ଓ ପ୍ରସ୍ଥ ହା ୧୯।୯ । ଏ ଧୁମ୍ରବନ୍ଧ । ଏଥିରେ ଦୋଷମୁକ୍ତି ହୁଏ ।

ଦୀର୍ଘ ହା ୫।୧୫ ଅଙ୍ଗୁଳ ଓ ପ୍ରସ୍ଥ ହା ୨।୨ । ଏ ଧ୍ୱଜବନ୍ଧ ।

ଦୀର୍ଘ ୨୭ ହାତ ଓ ପ୍ରସ୍ଥ ୯ ହାତ ଏ ସିଂହବନ୍ଧ । ଏହା ଶ୍ରୀପଦ । ଆୟୁ ୨୪ ବର୍ଷ ନହେଲେ ୪୮ ବର୍ଷ ଏ ଘର ଅଗ୍ନିଯୋଗରେ ନଷ୍ଟ ହୁଏ ।

ଦୀର୍ଘ ୩୧ ହାତ ଓ ପ୍ରସ୍ଥ ୮ ହାତ । ଏ ସିଂହବନ୍ଧ । ଆୟୁ ୪୦ ବର୍ଷ । ବଜ୍ରାଘାତରେ ନାଶ ହୁଏ ।

ଦୀର୍ଘ ହା ୨୨।୨୨ ପ୍ରସ୍ଥ ହା ୩।୪ ଶ୍ୱାନବନ୍ଧ । ଏ ଘର କୁକ୍ଷୀଶାଳା । ଆୟୁ ୪୦ ବର୍ଷ । ତଡ଼ିତ ପଡ଼ି ନାଶ ହୁଏ ।

ଦୀର୍ଘ ହା ୧୮ ଓ ପ୍ରସ୍ଥ ୬ ହାତ । ଏ ଶ୍ୱାନବନ୍ଧ । ଆୟୁ ୨୪ ବର୍ଷ । ପବନାଘାତରେ ଭାଙ୍ଗିଯାଏ ।

ଦୀର୍ଘ ହା ୩।୫ ଓ ପ୍ରସ୍ଥ ହା ୨।୨ ଏ ବୃଷବନ୍ଧ । ଗୋଶାଳା । ଆୟୁ ୪୦ ବର୍ଷ । ବଜ୍ରାଘାତରେ ନାଶ ହୁଏ ।

ଦୀର୍ଘ ହା ୨।୨୫ ଓ ପ୍ରସ୍ଥ ହା ୫।୫ ଏ ବୃଷବନ୍ଧ । ଭଣ୍ଡାର ଘର । ଆୟୁ ୧୮ ବର୍ଷ ଅଗ୍ନିଯୋଗେ ନାଶ ହୁଏ ।

ଦୀର୍ଘ ହା ୧୭, ପ୍ରସ୍ଥ ହା ୭ । ଏ ଗଜବନ୍ଧ । ଆୟୁ ୨୧ ବର୍ଷ । ପୃଥ୍ୱୀ ଯୋଗେ ନାଶ ହୁଏ ରନ୍ଧନଶାଳା ଓ ଭଣ୍ଡାର ।

ଦୀର୍ଘ ହା ୧୫ ପ୍ରସ୍ଥ ହା ୯ । ଏ ଗଜବନ୍ଧ । ଏଥିରେ ଭଣ୍ଡାର ହେବ । ଆୟୁ ୧୪ ବର୍ଷ । ଅଚ୍ଛପର ରଖୁ ବର୍ଷା ଜଳ ଯୋଗେ ନାଶ ହେବ ।

ଦୀର୍ଘ ହା ୬।୨୭, ପ୍ରସ୍ଥ ହା ୨।୧୫ । ଏ ଧ୍ୱଜବନ୍ଧ । ଶଙ୍ଖଘର । [illegible] । ସିଂହବନ୍ଧ, ବୃଷବନ୍ଧ, ଗଜବନ୍ଧ ଏ ତିନି ବନ୍ଧରେ ସମସ୍ତ କାର୍ଯ୍ୟ ଶୁଭ ହୁଏ ।

ଘରର ମାପ ।

୩ ଶୋଣିଆ ଘର—ଓସାରର ୩ ଗୁଣରୁ ଏକଗୁଣ ଘରର ଉଚ୍ଚତା ।

୫ ,, ଓସାରର ୭ ,,

| | | | |
|---|---|---|---|
| ୭ | ,, | ଓସାରର ୫ | ,, |
| ୯ | ,, | ଓସାରର ୧୨ | ,, |
| ୧୧ | ,, | ଓସାରର ୧୫ | ,, |
| ୧୩ | ,, | ଓସାରର ୧୮ | ,, |
| ୧୫ | ,, | ଓସାରର ୨୧ | ,, |
| ୧୭ | ,, | ଓସାରର ୨୪ | ,, |
| ୧୯ | ,, | ଓସାରର ୨୭ | ,, |
| ୨୧ | ,, | ଓସାରର ୩୦ | ,, |

ବଡ଼ଦେଉଳ— ଦୀ ୨୨୨.୮/ । ଏଥିପରେ ଜଳଚକ୍ର ପାଦ ପଠ ଉପର ୨ହାତ ୨୨ ଅଙ୍ଗୁଳ । ବେଢ଼ ଦୀ ୧୨୦।୭ ଅଙ୍ଗୁଳ । ବେଢ଼ ଦକ୍ଷିଣ ପାର୍ଶ୍ୱରେ ହନୁମାନ ତେତିଶକୋଟି ଦେବତା ଦେଖ ବସିଛନ୍ତି । ଏଥିରେ ମୁଦାପାଟ ଲାଗିଛି ୧୦୦ ଖଣ୍ଡ ଶତ୍ରୁ ୭ ହଜାର ୯ ଶତ ୫୭ ଖଣ୍ଡ । ଜଗମୋହନ ଉପରେ ଶତ୍ରୁ ୨୮ । ଜଗମୋହନ ଦକ୍ଷିଣ ଦେଖ ସ୍ତମ୍ଭ ୨୮ ।

ମୁକ୍ତିମଣ୍ଡପ ମୁକ୍ତିମଣ୍ଡପ ଚଟାଣରେ ମୁକ୍ତାପାଟ ଲାଗିଛି ୨୦୦୦୦ ଖଣ୍ଡ, ସ୍ତମ୍ଭ ୧୨ ।

ରତ୍ନସିଂହାସନ—ଲମ୍ବ ଦୀ ୨୫।୨ ଅଙ୍ଗୁଳ, ଓସାର ଦୀ ୧୮।୨୫ ଅଙ୍ଗୁଳ । ବଡ଼ଠାକୁରଙ୍କ ଉଚ୍ଚ ଦୀ ୯।୨, ଜଗନ୍ନାଥଙ୍କ ଉଚ୍ଚ ଦୀ ୨।୭ ଓ ସୁଭଦ୍ରାଙ୍କ ଉଚ୍ଚ ଦୀ ୨।୪, ଉଚ୍ଚ ତଳ ବଇଠି ଦୀ ୨୧ ଅଙ୍ଗୁଳ ।

ଗରୁଡ଼—ରତ୍ନସିଂହାସନଠାରୁ ଗରୁଡ଼ ଦୀ ୧୦୮।୬ ଅଙ୍ଗୁଳ ଦୂରରେ ସ୍ତମ୍ଭ ଉପରେ ଅଛନ୍ତି । ସ୍ତମ୍ଭ ଉଚ୍ଚ ଦୀ ୨୪ ଓସାର ଦୀ ୩।୭, ମୋଟ ୩ ହାତ, ଅଗ୍ରଭାଗ ମୋଟ ଦୀ ୪।୨୨, କରପଦ୍ମ ଯୋଡ଼ି ବସିଛନ୍ତି ।

ମହାଦେବଙ୍କଠାରୁ ବୃଷଭ ୧୮ ଧନୁ ଦୂରରେ ଅଛନ୍ତି । ଉଚ୍ଚ ଦୀ ୨।୧୧ ।

ଭୋଗ ମଣ୍ଡପ ପୀଠ—ଦୈର୍ଘ୍ୟ ଦୀ ୭।୧୨, ଦୁଇ ଆଡ଼ଖଣ୍ଡ ୨ ଖଣ୍ଡ ମୋଟରେ ଦୀ ୧୨।୨ ଉଚ୍ଚତା ଦୀ ୧୦।୧୨ । ଏହା ପ୍ରତ୍ୟେକ ପାଦ ୧୮ ଅଙ୍ଗୁଳ ଭିତରେ ମାଟି ପୂରଣ ହେବ ।

ପାଦ ୯୨×୨୦୧୨=ଅଙ୍ଗୁଳି ଜଳ ଟୁକ=୨୮୮×୨୮୮=୮୨୯୪୪, ଏଥିରୁ ଭିତର ମାଟି ପେଲିବାକୁ ହେବ ।

ପୀଠର ଦୈର୍ଘ୍ୟ ୧୨ ହାତ ହେଲେ ଇହାବାଡ ହେବ ୧୨।୧୨ ଜଳଖାଏଁ। ଭୂଇଁ ପାଖରେ ୩ ହାତ ଗଲେ ଅବଶିଷ୍ଟ ଦୈର୍ଘ୍ୟ ୯ ହାତ, ପ୍ରସ୍ଥ ୯ ହାତ = ଅଙ୍ଗୁଳି ୨୧୬ × ୨୧୬ = ୪୬୬୫୬ | ୮୨୯୪୪ − ୪୬୬୫୬ = ୩୬୨୮୮ ପୀଠର ଉଚ୍ଚ ହା ୨।୧୨ = ୨୦ ଅଙ୍ଗୁଳି।

୩୬୨୮୮ × ୨୦ = ୭୨୫୭୬୦ ÷ ଇଟା ତୋଟାକୁ ୧୮ ଅଙ୍ଗୁଳି×୧୨ ଅଙ୍ଗୁଳି×୪ ଅଙ୍ଗୁଳି = ୮୪୦ ଖଣ୍ଡ ଲାଗିଲା।

ବାଲୁଅ ଗଦା — ଦୈର୍ଘ୍ୟ ୪ ହାତ, ଗଭୀର ୨୦ ହାତ, କେତେ ବହଳ ୩ ଅଙ୍ଗୁଳି, ଉଚ୍ଚ ୭ ଅଙ୍ଗୁଳି। କେତେ ଘନ ବାଲି ଲାଗିବ?

$$\frac{୨୨ × ୨୦}{୭} = \frac{୨୮୦ \text{ ଅଙ୍ଗୁଳି ଗଭୀର}}{୭ \text{ ଇଞ୍ଚ}} = ୮୦ \text{ ଘନ ବାଲି ଲାଗିବ।}$$

ମାଟିକୋଠା ସଂଖ୍ୟା — ଦୈର୍ଘ୍ୟ ୧ ବାହାଣ ୪ ପଦକା, ଓସାର ପଦକାଏ, ଏଥିରୁ କ୍ଷେତ୍ର ଫଳକାଏ। ୮ ପଦକ = ୧ ଗୁଣ୍ଠ = ଦୈର୍ଘ୍ୟ ୧ ନାଡି, ଗଭୀର ୧ ନାଡି ୨୮ ଗୁଣ୍ଠ = ୧ ଓଆଣ = ଦୈର୍ଘ୍ୟ ୪ ନାଡି ଓ ପ୍ରସ୍ଥ ୪ ନାଡି। ମାଟି ୪ ନାଡି ୪ ପଦକା ୧୬ ବିଶ୍ୱା ୨୦ ବାଣୀ। ତୌଳିକା = ୧୭ ପଦକା ୭୬୮୩୨ ବିଶ୍ୱା ୨୨୧୧୮ ଅଙ୍ଗୁଳି। ଗୁଣ୍ଠ = ୨୪ ପଦକା ୪୦୯୦ ବିଶ୍ୱା ୨୭୭୧୪୪ ବାଣୀ = ୧୬ ହାତ ୯୨୧୨ ଅଙ୍ଗୁଳି।

ସ୍ତମ୍ଭସ୍ଥାପନ — ଐଶାନ୍ୟ କୋଣରେ ସ୍ତମ୍ଭ ପୋତାଯିବ। ସ୍ତମ୍ଭଗାତ ବାସ୍ତୁ ଦଣ୍ଡରେ ୧୪ ଅଙ୍ଗୁଳି। ଗାତ ପୂଜା କରିବ। ସ୍ତମ୍ଭ ମଧ୍ୟରେ ସୂତ୍ର ଦେବ। ଶିରରେ ସ୍ୱାଦଶ ବସ୍ତ୍ର ଦେବ। ଚନ୍ଦନ କୁଙ୍କୁମ 'ସ୍ୱାସ୍ତି' ସ୍ତମ୍ଭ ସ୍ନାନ କରାଇବ। କୁମ୍ଭ ସ୍ନାନ କରିବ। ବସ୍ତ୍ର ତିନି ବୁଲାଇ କହିବ ' ମୂଳେ ମହାଲକ୍ଷ୍ମୀ, ମଧ୍ୟେ ପାର୍ବତୀ, ଅଗ୍ରେ ସରସ୍ୱତୀ ଜଣ୍ଣେଦେବ ତ'' କହି ଗୁହସ୍ଥ ସ୍ତମ୍ଭରେ ସୂତ୍ର ଦେବ। ତିନି ସ୍ଥାନରେ ଗନ୍ଧ ପୁଷ୍ପ ଧୂପ ଦୀପ ଅର୍ଘ୍ୟ ନୈବେଦ୍ୟ ଦେବ ଦୁବ ତଣ୍ଡୁଳ ଦେଇ ସ୍ତମ୍ଭକୁ ସମ୍ମୁଖ କରାଇବ। ତିନିଥର ପ୍ରଦକ୍ଷିଣ କରି ନମସ୍କାର କରିବ। ସ୍ତମ୍ଭକୁ ପ୍ରଦକ୍ଷିଣ କରାଇବ, ''ଧନ ପୁଣି କଳାସି ଦେଅ'' ବୋଲି କରି ପ୍ରାର୍ଥନା କରିବ। ସ୍ତମ୍ଭକୁ ତୋଳି କରି ଆତ୍ମସମର୍ପଣ କରିବ। 'ସ୍ୱସ୍ତି ଭେଭଦ' ମନ୍ତ୍ର ପଢ଼ି ସ୍ତମ୍ଭକୁ ଗାତରେ ପକାଇବ। ଶୁକ୍ଳଧାନ୍ୟ, ଦୁବସ୍ତି, ବୃକ୍ଷବଳ୍କି, ପାଷାଣ, ଇଟା, ଗୁଆ ଗାତରେ ପକାଇବ। ସୁବର୍ଣ୍ଣ ୩ ଅଙ୍ଗୁଳା ମୁଦ୍ରିକା 'ସ୍ୱସ୍ତି ଭେଭଦ' ବୋଲି ଗାତରେ ପକାଇବ। କାଗ କୋଳରେ ସ୍ତମ୍ଭ ବସାଇବ। ପରେ ଅର୍ଘ୍ୟ ଦେବ।

ଅଷ୍ଟାବକ୍ର ୫ ହାତକୁ ଟୁଳ ହା ୧ । ୧୬ ଓ ୭ ହାତକୁ ଗୁଳି ହା ୧ । ୯ ଏବଂ ୯ ହାତ ଉର୍ଦ୍ଧ୍ୱାକୁ ଗୁଳ ହା ୧ । ୨୨ ଇତ୍ୟାଦି ।

ଠାକୁର ନିର୍ମାଣ—ଶ୍ରୀକୃଷ୍ଣ ମୂର୍ତ୍ତି ନିର୍ମାଣ କଲେ ଉଚ୍ଚ ହେବ ୮ ବିତ୍ତା ୪ ବିତ୍ତା ୯ ବା ୨୧ ଅଥବା ୧୩ ଆଙ୍ଗୁଳି । ୬, ୭, ୧୨ ବିତ୍ତା ୩ ଆଙ୍ଗୁଳି କରିବ ନାହିଁ । ଏପରି କଲେ ସେ ଠାକୁର ଯେଉଁଠାରେ ରହିବେ ସେଠାରେ କଳହ ହୁଏ, ପ୍ରଜାଙ୍କର ସର୍ବନାଶ ହୁଏ, ଗୃହସ୍ଥର ପୁତ୍ରଶୋକ ହୁଏ ବା ନାନାପ୍ରକାର ରୋଗ ଘଟେ ।

ଶ୍ରୀକୃଷ୍ଣ ୮ ଭାଗ ଶ୍ରୀରାଧିକା ୫ ଭାଗ । ଶ୍ରୀକୃଷ୍ଣ ଅଠ ଅଙ୍ଗୁଳିଠାରୁ ୧୦୮ ଅଙ୍ଗୁଳି ଯାଏଁ ଯେତେ ଉଚ୍ଚ ହେବେ ଶ୍ରୀରାଧା ତାହାଠାରୁ ୨୫/ ଆଙ୍ଗୁଳି ଊଣା ହେବେ ।

କୁଣ୍ଡ—ଲମ୍ବ ହା ୧ । ୧୮ ଅଙ୍ଗୁଳି, ଓସାର ୧୪ ଅଙ୍ଗୁଳି, ପୁଷ୍କର ୧୯ ଅଙ୍ଗୁଳି ୧୯ ଠାଅ. ମୁଣ୍ଡ ୪ ଭାଗ ୧ ଅଙ୍ଗୁଳି, ମୁଠା ଅ ୬୫ । ଧାରଣି ଅ ୨୬୫, ତାହାର ଲମ୍ବ ଅଗଦାଣ୍ଡ ୩ ଭାଗ, ମୁଣ୍ଡ କେଣ୍ଟ ୩ ଭାଗ, ଗୁଡ ଅ ୪୫, ଧାରଣି ୧୮ ଅଙ୍ଗୁଳି କୁରଡି ଲମ୍ବ ୨୭ ଅଙ୍ଗୁଳି, ଘର୍ଘଣ୍ଟି ଅ ୨୫, ମୋଟ ଅ ୧୫ । ବେଣ୍ଟ ହା ୧ । ୧୨ ଅଙ୍ଗୁଳି । ଏ ଶସ୍ତ୍ରର କାର୍ଯ୍ୟାରମ୍ଭ କଲବେଳେ ବଢ଼ାଇମାନେ ମନ୍ତ୍ର ପାଠ କରିବେ ନଚେତ୍ ନରକଗାମୀ ହେବେ । ପଦ୍ମପୁରାଣରେ ଏହାର ବିଶେଷ ବିବରଣ ଅଛି ।

ସୁଳିଂଚିଛିଦ୍ର ଖଣ୍ଡ - ଦୀର୍ଘ ହା ୪।/, ଉଚ୍ଚ ହା ୦।/, ପ୍ରଥମ ପାହାଚ ହାତ ୧।୧, ଦ୍ୱିତୀୟ ପାହାଚ ହା ୨।୨ ଓ ତୃତୀୟ ପାହାଚ ୨୦ ଅଙ୍ଗୁଳି ।

ସ୍ନାନ ମଣ୍ଡପ—ଦୀର୍ଘ ଉଚ୍ଚ ୭ ହାତ, ପ୍ରସ୍ଥ ୭ ହାତ, ଉଚ୍ଚାଣି ୩ ହାତ, ପାହାଚ ୧୩ । ଏଥିରେ ୧୬୯୨ ଖଣ୍ଡ ପଥର ଲାଗିବ ।

ଦୋଳ ମଣ୍ଡପ—ଦୀର୍ଘ ଉଚ୍ଚ ୮ ହାତ, ପ୍ରସ୍ଥ ଓସାର ୭ ହାତ ମଧ୍ୟରେ ଦୋଳମଣ୍ଡପ ଦୁଇସ୍ତମ୍ଭ ଉପର ମୁଣ୍ଡ ଉଚ୍ଚ ୯ ହାତ । ପଥର ଲାଗିବ ୪୦୩୨୧୨ ଖଣ୍ଡ ।

ପାଲଙ୍କି ଖଣ୍ଡ—ଦୀର୍ଘ ହା ୩।୯୮/, ପ୍ରସ୍ଥ ହା ୨।୧୮/, ଚୌପାଢ଼ି କୁରଡ଼ି ଦୁଇପାଖ ହା ୩।୧୨ । ଏଥି ଉପରେ ହାତି ଦୁଇପାଖ ହା ୧।୨୫, ଖୁରା ଉଚ୍ଚ ଅ ୮, ମୁହଁଅ ୪, ଉଚ୍ଚାଣି ସିଂହାସନ ଦୀର୍ଘ ହା ୨।୧୨ ଓ ପ୍ରସ୍ଥ ୮ ଅଙ୍ଗୁଳି ।

ମାର୍ଗଶିର, ବୈଶାଖ ଓ ଫାଲ୍‌ଗୁନ ଏ ତିନମାସରୁ ମାସେ । ହସ୍ତା, ରୋହିଣୀ ଷମୀ, ଚିତ୍ରା ଏ ଉତ୍ତରମାନ, ମୃଗ, ମୂଳା, ଧନିଷ୍ଠା, ରେବଣୀ, ଅନୁରାଧା, ଅଶ୍ୱିନୀ, ରେବତୀ, ଅଶ୍ଳେଷା ନକ୍ଷତ୍ର, ତାରାଚନ୍ଦ୍ର ଶୁଦ୍ଧି ଦେଖି ପାଲିଙ୍କି ନିର୍ମାଣ କରାଯିବ ।

ଗଜ ପ୍ରମାଣ—ଦୁଇଯବ = ୧ ଅଙ୍ଗୁଳି, ୪ ଅଙ୍ଗୁଳି = ୧ ଚଟକ, ୧୨ ଅଙ୍ଗୁଳି = ଏକ ବିତସ୍ତି, ୨୪ ଅଙ୍ଗୁଳି = ଏକ ହାତ, ୩୬ ଅଙ୍ଗୁଳି = ଏକ କୋଡ଼ହାତ, ୭୨ ଅଙ୍ଗୁଳି = ଏକ ଗଜ ।

# ଶିଳ୍ପ

ପଣ୍ଡିତ ମାନ୍ୟପନ୍ନାଲାଲ କହିଛନ୍ତି, ଯେଉଁ ଲୋକମାନେ ସେମାନଙ୍କ ପୁରାତନ ଇତିହାସ ଓ ସାହିତ୍ୟ ବିଷୟରେ ବେଶ୍ ଅନୁଭବ ନ କରନ୍ତି ସେମାନେ ଆପଣା ଜାତୀୟ ଜୀବନର ମୂଳଦୁଆ ହରାଇ ବସନ୍ତି। ସେହି ଜାତି ସେତେବେଳେ ରାଜନୈତିକ ଅବନତିର ଚରମ ସୀମାରେ ପହଞ୍ଚେ ସେତେବେଳେ ତାର ପୁରାତନ ସାହିତ୍ୟ ଆଡ଼କୁ ଚାହିଁ ଏବଂ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଭବିଷ୍ୟତ ଲାଗି ଦମ୍ଭ ପାଆନ୍ତି।

ଉତ୍କଳ ଆଜି ସବୁ ହରାଇ ବସିଛି। ଧନ ମାନ ଜ୍ଞାନ ଗୌରବ ଶିଳ୍ପ ବାଣିଜ୍ୟ ସମସ୍ତ ମ୍ରିୟମାଣ ହୋଇଛି। ଉତ୍କଳ ବର୍ତ୍ତମାନ ଘୋର ଅଜ୍ଞାନ-ତମିସ୍ରାନ୍ଧକାର କବଳିତ ହୋଇ ପଡ଼ିଛି। ଉତ୍କଳର ପୂର୍ବ ତେଜପୁଞ୍ଜ ବାହିନୀର ପୂର୍ବ ଗୌରବ ନାହିଁ। ଉତ୍କଳର ଏହି ପତନଶୀଳ ଅବସ୍ଥା ଦେଖିଲେ ମନରେ ନାନା ଦାରୁଣ ଚିନ୍ତା ଉପସ୍ଥିତ ହୁଏ। ଆଜି ଉତ୍କଳ ଅନ୍ୟାନ୍ୟ ଜାତିମାନଙ୍କର ବହୁ ପଛର ପାନ୍ଥ। ଆଜି ଉତ୍କଳର ଏହି ମ୍ରିୟମାଣ ଅବସ୍ଥା ଦେଖି ଅନ୍ୟାନ୍ୟ ଜାତିମାନେ ଉତ୍କଳର ପୁରାତନ ଗୌରବର ଧ୍ୱଂସାବଶେଷ କୀର୍ତ୍ତି ମୂର୍ତ୍ତିକୁ ଉତ୍କଳର ବୋଲି କହିବାକୁ ଅନିଚ୍ଛୁକ।

ଶିଳ୍ପ ଜାତୀୟ ଜୀବନ ଏବଂ ଜାତୀୟ ଗୌରବର ପ୍ରତୀକ ସ୍ୱରୂପ। ଯେଉଁ ଜାତିର ଜାତୀୟ ଭାବ ଯେତେ ଉନ୍ନତ, ସେ ଜାତିର ଶିଳ୍ପ ସେତେ ଉନ୍ନତ। ଜାତି ଯେଉଁ ଭାବରେ ଶିଳ୍ପ-ନୈପୁଣ୍ୟ ପ୍ରକଟ କରେ ତହିଁରେ ତାହାର ଭାବଗୁଡ଼ିକ ପ୍ରତିଫଳିତ ହୁଏ। ଏହି ଆଦର୍ଶ ନେଇ ଦେଖିଲେ ଓଡ଼ିଶା ଶିଳ୍ପର ଅଧୁନାତନ ଅବସ୍ଥା ଓ ପତନାବସ୍ଥା ସହଜରେ ଜଣାପଡ଼ିବ।

ଓଡ଼ିଶାର ଅନ୍ୟାନ୍ୟ ଶିଳ୍ପ ମଧ୍ୟରେ ପାଷାଣ ଖୋଦିତ ଶିଳ୍ପ ସର୍ବୋତ୍କୃଷ୍ଟ। ଓଡ଼ିଶାରେ ବର୍ତ୍ତମାନ ଯେଉଁ ଦେବମନ୍ଦିରଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିଛି ସେଗୁଡ଼ିକ ପ୍ରାଚୀନ ଶିଳ୍ପୋନ୍ନତିର ମୂକସାକ୍ଷୀ ସ୍ୱରୂପ। ଭୁବନେଶ୍ୱରରେ ଥିବା [illegible] ଦେଉଳ ଏବଂ କୋଣାର୍କ ଦେଉଳରେ

ଓଡ଼ିଆମାନେ ସେମାନଙ୍କ ଶିଳ୍ପନୈପୁଣ୍ୟର ପରାକାଷ୍ଠା ଦେଖାଇ ପାରିଛନ୍ତି । କିନ୍ତୁ ଅନେକ ବୈଦେଶିକ ଲେଖକ ଏଗୁଡ଼ିକୁ ଓଡ଼ିଆଙ୍କଦ୍ୱାରା ହୋଇଛି ବୋଲି କହିବାକୁ କୁଣ୍ଠିତ । କେହି କହନ୍ତି, ଏ ଦେଉଳଗୁଡ଼ିକ ଗ୍ରୀକ୍ ଶିଳ୍ପୀମାନଙ୍କ ଦ୍ୱାରା ହୋଇଥିଲା; କେହି କହନ୍ତି, ବଙ୍ଗାଳୀମାନେ କରିଥିଲେ ଇତ୍ୟାଦି । ସମ୍ପ୍ରତି ଜଣେ ବଙ୍ଗୀୟ ଲେଖକ ଶ୍ରୀଯୁକ୍ତ ମନମୋହନ ଗାଙ୍ଗୁଲି ଓଡ଼ିଶାର କଳା ଭିତ୍ତିକରି 'ଓଡ଼ିଶା ଏବଂ ତାର ଧ୍ୱଂସାବଶେଷ' ନାମକ ଗୋଟିଏ ପୁସ୍ତକ ଲେଖି (୧୯୧୨) ମସିହାରେ ପ୍ରକାଶ କରିଛନ୍ତି । ସେ ମହାଶୟ ଜଣେ ପ୍ରକୃତ ପ୍ରତ୍ନତତ୍ତ୍ୱବିତ୍ । ସେ ସ୍ୱଦେଶପ୍ରେମ-ସ୍ରୋତରେ ଭାସି ସତ୍ୟର ଅପଲାପ କରି ନାହାନ୍ତି । ସେ ମହାଶୟ ସ୍ଥିର ସିଦ୍ଧାନ୍ତ କରିଛନ୍ତି ଯେ ଓଡ଼ିଶାର ଶିଳ୍ପ ସ୍ୱତନ୍ତ୍ର ଧରଣର, ଅନ୍ୟ କୌଣସି ଦେଶର ଧରଣ ଓଡ଼ିଶା ଶିଳ୍ପ କାର୍ଯ୍ୟରେ ପ୍ରତିଫଳିତ ହୋଇ ନାହିଁ । ଉପରୋକ୍ତ ଦେବାଳୟ ମାନଙ୍କରେ ଯେ ସମସ୍ତ ଶିଳ୍ପକୃତି ଦେଖାଯାଏ ସେ ସମସ୍ତ ଓଡ଼ିଆ ହାତର । ଏହି ସିଦ୍ଧାନ୍ତ ଲାଗି ଆମ୍ଭେ ତାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁଁ ।

ଉତ୍କଳରେ କେତେଗୁଡ଼ିଏ ଗୁମ୍ଫା ଦେଖାଯାଏ, ଯଥା—ଖଣ୍ଡଗିରି, ଉଦୟଗିରି, ଧଉଳି । ଏ ସ୍ଥାନମାନଙ୍କରେ ଅନେକଗୁଡ଼ିଏ ଶ୍ରେଷ୍ଠ ଗୁମ୍ଫା ଦେଖାଯାଏ । ଗୁମ୍ଫାମାନଙ୍କ ମଧ୍ୟରୁ କେହି ଏକତଳ ବା କେହି ଦ୍ୱିତଳ । ଏ ସମସ୍ତ ଜୈନ ଓ ବୌଦ୍ଧ ଯୁଗରେ ପ୍ରସ୍ତୁତ ହୋଇଥିବାର ସମ୍ଭବ । ଭାରତରେ ବୌଦ୍ଧ ଓ ଜୈନମାନେ ବିଶେଷ ପ୍ରତାପଶାଳୀ ଥିଲେ ଏବଂ ଏମାନେ ଉତ୍କଳକୁ ଆସିଥିଲେ ।

(୧) ବୌଦ୍ଧ ଓ ଜୈନଯୁଗ—୫ ଖ୍ରୀ. ପୂ. ଠାରୁ ୪ ରୁ ୬ ଏ. ଡ଼ି. ପର୍ଯ୍ୟନ୍ତ ।

(୨) ଶୈବଯୁଗ—୬ ରୁ ୭ ଏ. ଡ଼ି. ଠାରୁ ୧୨ ଏ. ଡ଼ି. ପର୍ଯ୍ୟନ୍ତ ।

(୩) ବୈଷ୍ଣବଯୁଗ—୧୨ ଏ. ଡ଼ି. ଠାରୁ ଆଜ ପର୍ଯ୍ୟନ୍ତ ।

ଏହି ଗୁମ୍ଫାମାନ ଜୈନ ଓ ବୌଦ୍ଧ ଯୁଗରେ ଖୋଦିତ ହୋଇଥିବାର ଅନୁମିତ ହୁଏ । କେହି କେହି କହନ୍ତି, କାଷ୍ଠ ଆଦର୍ଶ ଦେଖି ଏହି ଗୁମ୍ଫାମାନ ପ୍ରସ୍ତୁତ ହୋଇଛି । ଲକ୍ଷ୍ମଣ ଓ ଲୋକଲ୍ଲୁକ୍ ଏଙ୍କ ମତରେ ତପସ୍ୱୀ ଶୈଳ ଧରଣରେ ଏ ଗୁମ୍ଫାଗୁଡ଼ିକ ନିର୍ମିତ । ମାତ୍ର ଏ ଧାରଣା ଅମୂଳକ ।

ଉଦୟଗିରି ଗୁମ୍ଫାମାନ ସର୍ବୋତ୍କୃଷ୍ଟ ଏବଂ ଭାରତର ପୁରାତନ ଗୁମ୍ଫା । ରାଣୀଗୁମ୍ଫା ଦ୍ୱିତଳ । ଏଥିରେ ସୈନ୍ୟମୂର୍ତ୍ତିମାନ ଖୋଦିତ ହୋଇଛି ଏବଂ ବୌଦ୍ଧ

ଚିତ୍ରମାନ ମଧ୍ୟ ଦେଖାଯାଏ । ଗଣେଶ ଗୁମ୍ଫା ଦ୍ୱିତଳ । ଏଥିରେ ତ୍ରିଶୂଳ ଓ ମକର ଚିହ୍ନ ଅଛି । ସୁତରାଂ ଏଗୁଡ଼ିକ ବୌଦ୍ଧ ଗୁମ୍ଫା । ଜୟବିଜୟ ଗୁମ୍ଫାଟି ଦ୍ୱିତଳ ଏବଂ ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ନିର୍ମିତ ବୋଲି ଅନୁମିତ ହୁଏ । ସ୍ୱର୍ଗପୁରୀ ଗୁମ୍ଫା ଦ୍ୱିତଳ । ବାଘ ଗୁମ୍ଫା, ସର୍ପ ଗୁମ୍ଫା, ହାତୀ ଗୁମ୍ଫାମାନ କ୍ଷୁଦ୍ର । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଓ ଫିନ୍‌ଦେସଙ୍କ ମତରେ କଳିଙ୍ଗରାଜା ଐର ଏ ଗୁମ୍ଫା-ଗୁଡ଼ିକ ନିର୍ମାଣ କରାଇଥିଲେ । ଡାକ୍ତର ଭଗବାନ ଲାଲ ଇନ୍ଦ୍ରଜୀଙ୍କ ମତରେ ଏଗୁଡ଼ିକ ଜୈନଙ୍କର ।

ଖଣ୍ଡଗିରିରେ ଚଉଦଗୋଟି ଗୁମ୍ଫା ଅଛି । ସାତ ଘର ବା ୭ ବାଖର, ୨ ନବ-ମୁନି, ୩ ଅନନ୍ତ । ପ୍ରଥମ ଦୁଇଟି ଜୈନ ମନ୍ଦିର ଏବଂ ଦ୍ୱିତୀୟଟି ବୌଦ୍ଧ ମନ୍ଦିର ।

ଏଥିରେ ଯେଉଁ ମୂର୍ତ୍ତିମାନ ଖୋଦିତ ହୋଇଛି ତାହା ନିମ୍ନରେ ଦିଆଗଲା ।

୧ । ଋଷଭଦେବ—ବୃଷ—ଦୁଇପାର୍ଶ୍ୱରେ ଦୁଇଜଣ ଲୋକ ହସ୍ତରେ ବାଦ୍ୟଯନ୍ତ୍ର ଧରିଛନ୍ତି ଏବଂ ଅନ୍ୟ ଏକଜଣ ଚାମର ବ୍ୟଜନ କରୁଛି । ଦୁଇଜଣ ସାଷ୍ଟାଙ୍ଗରେ ଶୋଇଛନ୍ତି, ତଳକୁ ନାରୀ ହାତ ଯୋଡ଼ି ଉଭାହୋଇଛି । ଜଣେ ଛତ୍ର ଧରି ଠିଆ ହୋଇଛି । ସିଂହ, ଗଣ୍ଡ ବୃକ୍ଷଙ୍କର ଚିହ୍ନ ମଧ୍ୟ ଦେଖାଯାଏ ।

୨ । ଅଜିତନାଥ—ହସ୍ତୀ—ଦୁଇଜଣ ଚାମର ବ୍ୟଜନ କରୁଛନ୍ତି ।

୩ । ସମ୍ଭବନାଥ—ଧ୍ୟାନମଗ୍ନ, ପଦ୍ମାସନ, ପରିଷଦବର୍ଗ ବାଦ୍ୟଯନ୍ତ୍ର ଧରିଛନ୍ତି, ଅଶ୍ୱ, ସିଂହ ।

୪ । ଧ୍ୟାନୀ—ଅଭିନନ୍ଦନ ନାଥ—ଦୁଇପାର୍ଶ୍ୱରେ ଦୁଇଟି ପଦ୍ମ, ମର୍କଟ ବାହନ ।

୫ । ନ ୩ ନ୍ୱର ମୂର୍ତ୍ତିପରି, ହଂସବାହାନ, ସୁମତିନାଥ ।

୬ । ନ ୩ ନ୍ୱର ମୂର୍ତ୍ତିପରି, ପଦ୍ମନାହାନ, କୁମ୍ଭ, ଜଳସାପ, ପଦ୍ମ, ପ୍ରଭୁ ।

୭ । ଧ୍ୟାନୀ ସୁପାର୍ଶ୍ୱନାଥ, ସ୍ୱସ୍ତିକବାହନ ।

୮ । ଚନ୍ଦ୍ରପ୍ରଭୁ—ଚନ୍ଦ୍ରମୂର୍ତ୍ତି ।

୯ । ନ ୮ ନ୍ୱର ମୂର୍ତ୍ତିପରି, ଚନ୍ଦ୍ର, ମୟୂର ।

୧୦ । ତୀର୍ଥଙ୍କର ମୂର୍ତ୍ତି, ଉପରେ ଶୁଭ ।

୧୧ । ୧୦ ପଣ୍ଡ, ସର୍ପ ଉପରେ ପଦ୍ମାସନ, ନେମିନାଥ, ୨୧ ତୀର୍ଥଙ୍କର ।

୧୨ । ୧୦ ପଣ୍ଡ ଅସ୍ପଷ୍ଟ ।

୧୩ । ୧ ପଣ୍ଡ ମୂର୍ତ୍ତିଭଙ୍ଗା ।

୧୪ । ୫ ପଣ୍ଡ ଧ୍ୟାନୀ, କୁମ୍ଭୀର, ସୁବିଧିନାଥ, ୯ ତୀର୍ଥଙ୍କର ।

୧୫ । ଅସ୍ପଷ୍ଟ ।

୧୬ । ୧୫ ପଣ୍ଡ ସୁମେରୁଧାରା ପାର୍ଶ୍ୱରେ, ମୂର୍ତ୍ତିଭଙ୍ଗା ହରିଣ, ଶାନ୍ତିନାଥ ।

୧୭ । ଧ୍ୟାନୀ କୁନ୍ଥୁନାଥ, ମେଷ ।

୧୮ । ୧୪ ପଣ୍ଡ, ମତ୍ସ୍ୟ, ତୀର୍ଥଙ୍କରଙ୍କର ମସ୍ତକୋପରି ନାହିଁ ସମ୍ଭବତଃ ଜାଲୁଣନ ।

୧୯ । ଧ୍ୟାନୀ, କୁମ୍ଭ ମଲ୍ଲିନାଥ ୧୯ ।

୨୦ । ୧୫ ପଣ୍ଡ ଧ୍ୟାନୀ, ଜାଲୁଣନ ଲିଭା, ନମିନାଥ ୨୧ ।

୨୧ । ୧୫ ପଣ୍ଡ, ଧ୍ୟାନୀ, କଚ୍ଛପ, ମୁନି ସୁବ୍ରତନାଥ ୨୦ ।

୨୨ । ଧ୍ୟାନୀ, ମୟୂର, ଶଙ୍ଖ, ନେମିନାଥ ୨୨ ।

୨୩ । ସର୍ପ, ଦୁଇ ପଶୁ, କୁମ୍ଭ, ପାଣି ଅନାବୃତ୍ତ ଅବସ୍ଥାରେ, ତଣ୍ଡା ।

୨୪ । ଦୁଇ ପଶୁ ସଅତ୍ୱସ୍ତ, ସିଂହ, ମହାବୀର ସ୍ୱାମୀ, ଅନନ୍ତ ଗୁମ୍ଫା । ଟୋଟିଏ ବୌଦ୍ଧ ଗୁମ୍ଫା, ଦେବସଭା, ନେଟ୍ର ଖଣ୍ଡ ସ୍ତମ୍ଭ ।

ଏ କେତେ କାଳର କଥା । ସେ କାଳରେ ପଥର ଫୁଟାଇବାର ଯନ୍ତ୍ର ଆବିଷ୍କୃତ ହୋଇ ନ ଥିଲା । ସୁତରାଂ ପଥରକୁ ଖୋଳି ଘର କରିବା, ପୁଣି ତା ଉପରେ ଚିତ୍ର ଖୋଦିତ କରିବା କେତେ କଠିନ କାର୍ଯ୍ୟ ସହଜରେ ବୁଝି ହେଉଛି । ସେଠି ପାହାଡ଼ରେ ଏ ସମସ୍ତ ଖୋଳା ଯାଇଛି ସେ ସମସ୍ତ କଡ଼ାପଥର । ଗୁମ୍ଫାଗୁଡ଼ିକ ଟିକିଏ ଢାଲୁ ଭାବରେ ଖୋଳା ଯାଇଛି । ଏଥିହେତୁ ପାଣି ଗଡ଼ି ଯିବାର ସୁବିଧା ହୋଇଛି । ଇଞ୍ଜିନିୟର ମହାଶୟ ଏସମସ୍ତ ଗୁମ୍ଫାମାନଙ୍କ ଛାତ, ଦ୍ୱାର ଓ ସ୍ତମ୍ଭ ମାପ କରି ସ୍ଥିର କରିଛନ୍ତି ଯେ ଗାଣିତିକ ନିୟମ ଠିକ୍ ଅଛି । ସେହି ନିୟମରେ ଏଗୁଡ଼ିକ ନିର୍ମିତ, ଆଧୁନିକ ଯେ କୌଣସି ଇଞ୍ଜିନିୟର ସମ୍ମତ ହେବେ ।

ହଣ୍ଟର ସାହେବଙ୍କ ମତରେ ଭାରତରେ ଯେତେ ମନୁଷ୍ୟ ବାସସ୍ଥାନ ଆବିଷ୍କୃତ ହୋଇଛି, ତନ୍ମଧ୍ୟରେ ଏହି ଗୁମ୍ଫାଗୁଡ଼ିକ ପ୍ରଥମ ମନୁଷ୍ୟବାସୋପଯୋଗୀ

ଗୃହ । ଏହି ଗୁମ୍ଫାମାନ କ୍ରମୋନ୍ନତ ପଥରେ ଅଗ୍ରସର ହୋଇ ବର୍ତ୍ତମାନ ଗୃହାକାରରେ ପରିଣତ ହୋଇଛି । ଏ ଧାରଣା ସମ୍ପୂର୍ଣ୍ଣ ଅମୂଳକ । ଏ ସମସ୍ତ ଗୁମ୍ଫାମାନଙ୍କରେ ଯେଉଁ ମୂର୍ତ୍ତିମାନ ଖୋଦିତ ହୋଇଛି ସେ ସମସ୍ତଙ୍କୁ ନିରୀକ୍ଷଣକରି ଦେଖିଲେ ଜଣାଯିବ ଯେ ପୁରାତନ ଶିଳ୍ପୀମାନେ ଅଦ୍ଭୁତ ରେଖି ମନୋହର ଦ୍ରବ ଭୂଷି ଶାରଦା ବିଦ୍ୟାରେ ସୁପଣ୍ଡିତ ଥିଲେ । ଅନେକ ଜଳଜନ୍ତୁ ସମ୍ବନ୍ଧରେ ସେମାନଙ୍କ ଜ୍ଞାନ ଥିଲା । ହାତୀ ଚଢ଼ିବ ବନ୍ଧୁଳଚିତ୍ରରୁ ଜଣାଯାଏ ଯେ ସେତେବେଳେ ଓଡ଼ିଶାରେ ବହୁତ ହାତୀ ଥିଲେ । ଓଡ଼ିଶାରେ ଅପ୍ରାପ୍ୟ କେତେକ ଜୀବଜନ୍ତୁଙ୍କ ମୂର୍ତ୍ତି ଖୋଦିତ ଅଛି ।

କେଉଁ ସମୟରେ କେଉଁ ଗୁମ୍ଫା ଖୋଦିତ ହୋଇଥିଲା ଏକଥା ସ୍ଥିର କରିବା ସହଜ ନୁହେଁ । ତେବେ ଯେତେ ଦୂର ଅନୁମାନ ଦ୍ୱାରା ସିଦ୍ଧାନ୍ତ କରାଯାଇଛି, ତାହା ନିମ୍ନରେ ଦିଆଗଲା ।

ହାତୀଗୁମ୍ଫା— ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ପୂର୍ବେ ।

ଅନନ୍ତ ଗୁମ୍ଫା— ,, ୧୫୦ ଠାରୁ ୨୦୦ ବର୍ଷ ପୂର୍ବେ ।

ରାଣୀଗୁମ୍ଫା— ,, ୨୦୦ ,, ୧୦୦ ,, ,,

ଜୟବିଜୟ— ,, ୨୦୦ ,, ୧୦୦ ,, ,,

ଗଣେଶ— ,, ୧୦୦ ,, ୧ ,, ,,

ସ୍ୱର୍ଗଗୁମ୍ଫା— ,, ୧୦୦ ,, ୧ ,, ,,

ନବମୁନିଗୁମ୍ଫା— ଖ୍ରୀଷ୍ଟାବ୍ଦ ୫୦ ଠାରୁ ୧୦୦ ବର୍ଷ ମଧ୍ୟରେ ।

ଧଉଳି ପାହାଡ଼ – କିମ୍ବଦନ୍ତୀ ଅଛି ଯେ ବୁଦ୍ଧଦେବଙ୍କ ଦନ୍ତ ସିଂହଳ ଦ୍ୱୀପକୁ ନୀତ ହେବା ପୂର୍ବରୁ ଏହିଠାରେ ରକ୍ଷିତ ହୋଇଥିଲା । ଏ ଘଟଣା ଖ୍ରୀଷ୍ଟ ୪୦୦ ବର୍ଷ ମଧ୍ୟରେ ଘଟିଥିଲା ।

ଅଶ୍ୱଥମା ପାହାଡ଼ରେ ଅଶୋକଙ୍କ ଏକାଦଶାଜ୍ଞା ଖୋଦିତ ହୋଇଅଛି । ଅଶ୍ୱଥମା ପାହାଡ଼ ଧଉଳିକି କହନ୍ତି । ଅଶୋକ କଳିଙ୍ଗ ରାଜ୍ୟକୁ ଜୟ କରିଥିଲେ ।

୧ । ଜୀବବଧ ନିଷେଧ ।

୨ । ପୀଡ଼ିତ ବ୍ୟକ୍ତିର ଚିକିତ୍ସା ।

୩ । ସତ୍ୟରକ୍ଷା, ପାପର ଦମନ, ପିତାମାତା ଆତ୍ମୀୟମାନଙ୍କ ପ୍ରତି କର୍ତ୍ତବ୍ୟ, ବ୍ରାହ୍ମଣମାନଙ୍କ ପ୍ରତି କର୍ତ୍ତବ୍ୟ ।

୪ । ଶସ୍ତ୍ର ଅକ୍ଷର ବିଶଦ ବ୍ୟାଖ୍ୟା ।

୫ । ଧର୍ମ ପ୍ରବର୍ତ୍ତନ ଯୁକ୍ତି ।

୬ । ଉପଦେଶର ଯୁକ୍ତି ।

୭ । ଅନୁତାପର ଆବଶ୍ୟକତା ।

୮ । ରାଜାଙ୍କ କର୍ତ୍ତବ୍ୟ ।

୯ । ସୁଖର ମୂଲ୍ୟ ।

୧୦ । ମହାନୁଭବତା ।

୧୧ । ଲୋକେ ଏ ସମସ୍ତ ଆଜ୍ଞା ପ୍ରତିପାଳନ କରନ୍ତୁ ।

କେହି କେହି କହନ୍ତି ଯେ ଓଡ଼ିଶା ଶିଳ୍ପ ଉପରେ ଗ୍ରୀକ୍ ରୋମାନ୍ ଶିଳ୍ପର ଆଧିପତ୍ୟ ଅଛି । ଖଣ୍ଡଗିରିରେ ଯେଉଁ ଦ୍ୱାରପାଳ ଅଛି ସେ ଚପକନ ଓ ବୁଟ୍‌ଯୋତା ପିନ୍ଧିଥିବାର ଦେଖି ଇଉରୋପୀୟ ପଣ୍ଡିତମାନେ କହନ୍ତି, ଏହା ନିଶ୍ଚିତ ଯୋଣୀ ବୈଦେଶିକ ପ୍ରଭାବରେ କାରିଗରି । ରାଜେନ୍ଦ୍ରଲାଲ ମିତ୍ର ମହାଶୟ କହନ୍ତି ଯେ ଆମ୍ଭମାନଙ୍କର ବୁଟ୍‌ଯୋତା ଥିଲା । ପିଙ୍କ ସାହେବ ମହୋଦୟ କହନ୍ତି, ଭାରତବାସୀ ଗ୍ରୀସ ଦେଶକୁ ଯାଇ ସେଠାରେ ଉପନିବେଶ ସ୍ଥାପନ କରିଥିଲେ । ଗ୍ରୀକ୍ ପଣ୍ଡିତ ପିଥାଗୋରାସ୍ ଶାକ୍ୟମୁନିଙ୍କ ନିକଟକୁ ଭାରତକୁ ଆସିଥିଲେ । ଯଦି ଏହାହିଁ ସତ୍ୟ, ତେବେ ଗ୍ରୀକ୍‌ମାନେ ଭାରତବାସୀଙ୍କଠାରୁ ଅନୁକରଣ କଲେ କି ଭାରତବାସୀ ଗ୍ରୀକଙ୍କଠାରୁ ଅନୁକରଣ କଲେ ଏକଥା କିପରି ବୁଝାଯିବ ?

ଭାରତୀୟ ଶିଳ୍ପ ଓ ଗ୍ରୀକ ଶିଳ୍ପ ମଧ୍ୟରେ ବହୁତ ପ୍ରଭେଦ ଅଛି । ଗ୍ରୀକ୍‌ର ସ୍ତମ୍ଭମାନ ସମଗୋଲାକାର, ମାତ୍ର ଭାରତର ସ୍ତମ୍ଭ ନାନା ପ୍ରକାରର ଅଟେ ।

ବ୍ରହ୍ମକାନ୍ତ — ସମଚତୁରସ୍ର

ଶିବକାନ୍ତ — ପଞ୍ଚକୋଣବିଶିଷ୍ଟ

ସ୍କନ୍ଦକାନ୍ତ — ଷଟ୍‌କୋଣବିଶିଷ୍ଟ

ବିଷ୍ଣୁକାନ୍ତ — ଅଷ୍ଟକୋଣବିଶିଷ୍ଟ

ରୁଦ୍ରକାନ୍ତ — ଷୋଡ଼ଶକୋଣବିଶିଷ୍ଟ

ଏପରି ଅନେକ ସ୍ତମ୍ଭ ଶେଷୋକ୍ତ ପ୍ରକାର ଅଟେ ।

ଗ୍ରୀକମାନଙ୍କ ଗାଣିତିକ ନିୟମ ଭାରତୀୟ ନିୟମଠାରୁ ପୃଥକ୍ । ମାତ୍ର ଫର୍ଗୁସନ ଭିନସେଣ୍ଟ ସ୍ମିଥ୍ ମଧ୍ୟ କହନ୍ତି ଯେ ଗ୍ରୀକ୍‌ମାନେ ଭାରତକୁ ଆସିବା ପରେ

ଭାରତରେ ପଥର କାମ ଆରମ୍ଭ ହେଲା । ଏନ୍‌ସାଇକ୍ଲୋପିଡ଼ିଆ ନାମକ ବିଶ୍ୱକୋଶ ଗ୍ରନ୍ଥରେ ମଧ୍ୟ ଏହି କଥା ଲେଖା ଅଛି । ସାର୍ ଫର୍ଗସ ଏଣ୍ଡ ବର୍ଜ୍ ସାହେବ ତାଙ୍କ "ଭାରତୀୟ ଶିଳ୍ପ" ନାମକ ପୁସ୍ତକରେ ଏହିମତ ପ୍ରକାଶ କରିଛନ୍ତି । ସେ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ପ୍ରଥମ ଭାଗରେ ଭାରତକୁ ଆସିଥିଲେ । ସେ ଭାରତରେ ଅଳ୍ପକାଳ ଥିଲେ । ସେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ଥିଲେ । ଓଡ଼ିଶାକୁ କେବେ ଆସି ନ ଥିଲେ । ଏତେ ଅଳ୍ପକାଳ ମଧ୍ୟରେ ଓଡ଼ିଆମାନେ ସେ ଶିଳ୍ପକାର୍ଯ୍ୟ ଗ୍ରୀକ୍‌ମାନଙ୍କଠାରୁ ଶିଖିନେଲେ ଏକଥା ନିତାନ୍ତ ଅଯୌକ୍ତିକ ଓ ଅମୂଳକ । ଇଂରେଜମାନେ ୨ ଶତକ ଭାରତରେ ତଥା ଓଡ଼ିଶାରେ ଥାଇ ଶିଳ୍ପାଦି କାର୍ଯ୍ୟର କୌଣସି ପରିବର୍ତ୍ତନ ଘଟାଇ ପାରି ନାହାନ୍ତି । ମାତ୍ର ଆଲେକ୍‌ଜାଣ୍ଡର ଓଡ଼ିଶାଠାରୁ ସୁଦୂର ପ୍ରଦେଶରେ ରହି ସେ ଶିଳ୍ପ ଧାରା ପରିବର୍ତ୍ତନ କରିଦେଲେ ଏକଥା ଆଦୌ ବିଶ୍ୱାସ କରି ଯାଇ ନପାରେ । ଓଡ଼ିଶାର ଗୁମ୍ଫାଗୁଡ଼ିକ ଆଲେକ୍‌ଜାଣ୍ଡରଙ୍କ ସମ-ସାମୟିକ । ଆଜିକାଲି ଓଡ଼ିଶାରେ ପୁରାତନ କୋଠାଘର ପ୍ରଭୃତି ଦେଖାଯାଉ ନ ଥିବାରୁ ବୈଦେଶିକମାନେ ଏହିପରି ଭ୍ରମ ଧାରଣା କରିଥାନ୍ତି । ଓଡ଼ିଶା ରାଜା-ମାନଙ୍କର କୋଠାଘର ଥିଲା, ମାତ୍ର କାଳକ୍ରମେ ଲୋପ ପାଇଛି । ଭୁବନେଶ୍ୱର ଶିଶୁପାଳ ପ୍ରଭୃତି ସ୍ଥାନରେ ଅନେକ ପୁରାତନ କୋଠାର ଚିହ୍ନ ପରିଲକ୍ଷିତ ହୁଏ । ମାତ୍ର ସେଗୁଡ଼ିକ କାଳର କରାଳ କବଳରେ । ଅଦ୍ୟାବଧି ପରୀକ୍ଷା ପ୍ରାଚୀର ଓ କୋଠାଘର ପ୍ରଭୃତିର ଭଗ୍ନାବଶେଷ ଦେଖାଯାଏ । କ୍ରମେ ଲତାଗୁଳ୍ମ ଆଚ୍ଛାଦିତ ହୋଇ ଅଦୃଶ୍ୟ ହେବାକୁ ବସିଲାଣି । ଆଉ କେତେଦିନ ପରେ ତାର ଅସ୍ତିତ୍ୱ ରହିବ ନାହିଁ । ଏହି ଧ୍ୱଂସାବଶେଷଗୁଡ଼ିକ ପୁରା ଶିଳ୍ପନୈପୁଣ୍ୟର ଚିହ୍ନ ସ୍ୱରୂପ ।

ଡାକ୍ତର ବାରଗେସ କହନ୍ତି ଏବଂ ଅନ୍ୟାନ୍ୟ କେତେକ ପାଶ୍ଚାତ୍ୟ ପଣ୍ଡିତମାନେ ସ୍ୱୀକାର କରନ୍ତି ଯେ ଓଡ଼ିଶାବାସୀମାନେ ପୋଲ ପ୍ରଭୃତି କାମ କରି ଜାଣୁଥିଲେ; ଏଗୁଡ଼ିକ ମଧ୍ୟ ଶିଳ୍ପ କାମ ।

ମାଦଳାପାଞ୍ଜିରୁ ଦେଖାଯାଏ, ଯବନମାନେ ୧୪୬ ବର୍ଷକାଳ ଓଡ଼ିଶାରେ ଶାସନ କରୁଥିଲେ ଏବଂ ଏହି ଯବନମାନେ ଗ୍ରୀକ୍ ଲୋକ । ଯବନ ଅର୍ଥ ତୁର୍କ, ପାର୍ଶି, ଆରବୀ, ଗ୍ରୀକ, ହୁଣ ଓ ମୋଗଲ ହୋଇପାରେ । ହରିବଂଶରେ ଲେଖାଅଛି, ରାଜା ସଗର ଯବନମାନେ ବେଦ ପାଠ କରି ପାରିବେ ନାହିଁ ବୋଲି ନିଷେଧ ଆଜ୍ଞା ଜାରି କରିଥିଲେ । ସ୍ମାର୍ତ୍ତ ବୌଧାୟନ ଗ୍ରନ୍ଥରେ ଯବନ ଅର୍ଥ ମ୍ଲେଚ୍ଛ ବୋଲି ଲେଖାଅଛି । ଅର୍ଥାତ୍ ମ୍ଲେଚ୍ଛ ଓ ଯବନ ଏକାର୍ଥବୋଧକ ଶବ୍ଦ । ମତ୍ସ୍ୟପୁରାଣରେ ଯବନମାନଙ୍କୁ ବର୍ଣ୍ଣନା କରିଛନ୍ତି କୃଷ୍ଣାଞ୍ଜନସମପ୍ରଭ, ମାତ୍ର ଗ୍ରୀକ୍‌ମାନଙ୍କର ବର୍ଣ୍ଣ ସେପରି ନୁହେଁ । ରାମାୟଣରେ ଲେଖାଅଛି, ବଶିଷ୍ଠଙ୍କ ଯବନ ସୈନ୍ୟମାନେ

ଦେବତାଙ୍କ ପୀଢ଼ ପର୍ଯ୍ୟନ୍ତ ପିନ୍ଧିଥିଲେ । ମାତ୍ର ଗ୍ରୀକ୍‌ମାନଙ୍କ ପୋଷାକ ଏପରି ନୁହେଁ । ଏଥିରୁ ଜଣାଯାଏ ଯବନ ଅର୍ଥ ଅନାର୍ଯ୍ୟ । ପରାଶର ସଂହିତାରେ ଲେଖାଅଛି—

ଭୂମ ପର୍ବତ ବିନ୍ଧ୍ୟାଦ୍ରି ତଦାଶକ ପ୍ରସ୍ଥାଭଣ୍ଡ୍ୟୋଃ
ମଧ୍ୟେ ତୁ ଯାବନେ ଦେଶୋ ମ୍ଲେଚ୍ଛଦେଶ ଉତଃପରମ୍ ।

କାଳିଦାସ ପାରସ୍ୟବାସୀମାନଙ୍କୁ ମ୍ଲେଚ୍ଛ ବୋଲି କହିଥିଲେ । ଏ ସମସ୍ତ ଆଲୋଚନା କଲେ ଯବନ ଅର୍ଥରୁ ଗ୍ରୀକ୍ ଆସିଲା କପରି ଆମ୍ଭେମାନେ କିଛି ବୁଝି ପାରୁ ନାହିଁ । ଏ ପ୍ରକାର ଧାରଣା କରନ୍ତୁ ଅମୂଳକ । ଭାରତର ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶା ଉନ୍ନତ ଥିଲା । ଜେନେରେଲ କନିଂହାମ କହନ୍ତି ଯେ ଅଲେକଜାଣ୍ଡରଙ୍କର ଭାରତାଗମନ ପୂର୍ବରୁ ପ୍ରସ୍ତର ଉପରେ ଶିଳ୍ପକାର୍ଯ୍ୟ କରି ଜାଣିଥିବାର ଅଜ୍ଞତା ଭାରତୀୟମାନଙ୍କର ଥିଲା । ଶିଳ୍ପପ୍ରଧାନ ଉତ୍କଳରେ ତାଙ୍କର ବହିର୍ଗତ ଲେଖିଅଛନ୍ତି ଯେ ଭାରତୀୟ ଶିଳ୍ପରେ କୃତ୍ରିମତା ନାହିଁ, ଏହା ମୌଳିକ ଶିଳ୍ପ । ଫାହିଆନ ତାଙ୍କ ଭ୍ରମଣବୃତ୍ତାନ୍ତରେ ଲେଖିଛନ୍ତି ଯେ ସେ ଯେଉଁ ଶିଳ୍ପକାର୍ଯ୍ୟ ଦେଖିଥିଲେ ହେଟ୍‌ଗ୍ରୀକ ଶର୍ମ୍ମିଦାର ଓ ବୁଦ୍ଧଙ୍କ ବହୁକାଳ ପୂର୍ବରୁ ଥିଲା । ଅଗ୍ନିପୁରାଣ ଓ ମତ୍ସ୍ୟପୁରାଣମାନଙ୍କରେ ଶିଳ୍ପ ବିଷୟରେ ବହୁତ ନିୟମ ଅଛି ।

୧ । ଶିଳା ନ୍ୟାସସ୍ତୁ କର୍ତ୍ତବ୍ୟଃ ପ୍ରାସାଦେ ତୁ ଶିଳାମୟେ
ଇଷ୍ଟକାନାନ୍ତୁ ବିନ୍ୟାସଃ ପ୍ରାସାଦେ ଚେଷ୍ଟକାଳୟେ ।

୨ । ଅଧାବେଦ୍ୟଂ ସମାସେନ ଶିଳା ଲକ୍ଷଣମୁତ୍ତମଂ
ଶିଳାନ୍ୟାସ ବିଧାନଞ୍ଚ ପ୍ରୋଚ୍ୟତେ ତଦନନ୍ତରଂ ।
ଶିଳା ବା ଇଷ୍ଟକା ବାପି ତତ୍ତସ୍ୟା ଲକ୍ଷଣାନ୍ୱିତା
ପ୍ରାସାଦାର୍ଥୀ ବିଧାନେନ ନ୍ୟସ୍ତବ୍ୟାଃ ସୁମନୋହରାଃ ।

ଭାଗବତ ଦଶମସ୍କନ୍ଧ ପଞ୍ଚାଶାଧ୍ୟାୟେ—

ସୁରଦ୍ରୁମ ଲତୋଦ୍ୟାନ ବିଚିତ୍ରୋ ପବନାନ୍ୱିତଂ
ହେମଶୃଙ୍ଗୈ ଦିବିସ୍ପୃଗ୍ଭିଃ ସ୍ଫଟିକାଦ୍ୱାଳକୋ ପୁରୈଃ ।

ଭବିଷ୍ୟପୁରାଣେ—

କୋଟି କୋଟି ଗୁଣଂ ପୁଣ୍ୟଂ ଫଳଂ ଦ୍ୟାବଦ୍ଧକାଳୟେ
ଦ୍ୱିପରାର୍ଦ୍ଧ ଗୁଣଂ ପୁଣ୍ୟଂ ଶୈଳଜେ ତୁ ବିଦୁର୍ବୁଧାଃ ।

ମହାନିର୍ବାଣତନ୍ତ୍ରେ—

ଭାସ୍କର ଗୃହଦ୍ୱାରେ ତୁ ଚନ୍ଦ୍ରାର୍କମୁଦ୍ରାଂ ଭବେତ୍
ତତୋଽଗ୍ରତ ଗୃହଂ ପୂର୍ଣ୍ଣଂ ଶିଳାଭେଦ୍ୟ ପ୍ରଧାନତଃ ।

କୁବ୍ଜିକାତନ୍ତ୍ରେ—

ଦୃଷଦାସ୍ତମଣ୍ଡପେ ପୂର୍ଣ୍ଣଂ ମଣ୍ଡପେ ତତ୍ କଲ୍ପିତଂ ଦ୍ୱିଜାଃ
ତଦ୍ଧାରଣଭୂମୌ ପୂର୍ଣ୍ଣଂ କୁଟେଶ୍ୱରମଣ୍ଡପେ ଭବେତ୍
ତଦ୍ଧାରଣଶୃଙ୍ଗାପି କଲ୍ପିତେ ଶୈଳ ମନ୍ଦିରେ ।

ଏ ସବୁ ତ ଆଜିକାଲିର କଥା ନୁହେଁ, ଆଲେକଜାଣ୍ଡରର ଭାରତକୁ ଆଗମନ କରିବାର ସହସ୍ରାବ୍ଦୀ ପୂର୍ବେ ଏ ଗ୍ରନ୍ଥମାନ ରଚିତ ହୋଇଥିଲା । ସୂତ୍ରଗ୍ରନ୍ଥଙ୍କର ପ୍ରାଚୀନତ୍ୱ ନିର୍ବିବାଦସିଦ୍ଧ । ତେବେ ଯେବେ ହିନ୍ଦୁମାନଙ୍କୁ ଶିଳାଶିଳ୍ପ ବିଷୟ ଜଣା ନଥିଲା ସେମାନେ ଏ ସବୁ ଗ୍ରନ୍ଥ ଲେଖିଥାନ୍ତେ କିପରି ? ସୁତରାଂ ଯେଉଁମାନେ କହନ୍ତି ଯେ ଭାରତୀୟମାନେ ଗ୍ରୀକ୍‌ମାନଙ୍କଠାରୁ ଶିଳ୍ପଶିକ୍ଷା କରିଥିଲେ ସେମାନେ ନିତାନ୍ତ ଭ୍ରାନ୍ତ ।

ଯେଉଁ ଦୀର୍ଘ ସମୟକାଳଭୋଗ୍ୟ ଏବଂ ସ୍ଥାୟୀ ମନୁଷ୍ୟ ଦେହପକ୍ଷ ଉପକରଣ ଦ୍ୱାରା ଗୃହନିର୍ମାଣ କରିବାକୁ ସମର୍ଥକ । ଉତ୍କଳରେ ଶତ ଶତ ପାଷାଣ ନିର୍ମିତ ଦେବାଳୟମାନ ବହୁଳ ପରିମାଣରେ ଦେଖାଯାଏ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ସାନ ହେଉ ବା ବଡ଼ ହେଉ ଗୋଟା ଲେଖାଏଁ ଦେଉଳ ଦେଖାଯାଏ । ଅତି ପ୍ରାଚୀନ ଦେଉଳମାନ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ବର୍ତ୍ତମାନ ଦୃଷ୍ଟିଗୋଚର ହୁଏ । ମାତ୍ର ମନୁଷ୍ୟବାସୋପଯୋଗୀ କୋଠାଘର ଅତି ଅଳ୍ପ ଦେଖାଯାଏ । କେତେକ ପୁରୁଣା ବଡ଼ ଘରକୁ ବାଦ ଦେଲେ ଅନ୍ୟାନ୍ୟ ସମସ୍ତ ସାଧାରଣ ଗୃହ କାଠ ବାଉଁଶ ମାଟି ପ୍ରଭୃତି ଉପାଦାନରେ ନିର୍ମିତ । ଧନାଭାବ ଏହାର କାରଣ ନୁହେଁ । ଆଗେ ଲୋକେ ବେଶ୍ ସୁଖରେ ଥିଲେ । ଇଚ୍ଛା କରିଥିଲେ ଅତି ସହଜରେ ଆପଣା ଆପଣା ଘର ଇଟା ପଥର ପ୍ରଭୃତି ଉପକରଣରେ ପ୍ରସ୍ତୁତ କରି ପାରିଥାନ୍ତେ । କିନ୍ତୁ ସେମାନେ ସେ ଦିଗକୁ ଦୃଷ୍ଟି ଦେଇ ନ ଥିଲେ । ଦେବାଳୟ ଉତ୍କୃଷ୍ଟ ପଦାର୍ଥରେ ନିର୍ମିତ ହେବାର ଉପଯୋଗୀ ବୋଲି ଧର୍ମପ୍ରାଣ ହିନ୍ଦୁର ବିଶ୍ୱାସ ଥିଲା । ସେହି ଧର୍ମବିଶ୍ୱାସରେ ଆପଣାର ନଶ୍ୱର ଦେହ ପ୍ରତି ଅନାସ୍ଥା ପ୍ରଦର୍ଶନ କରି କେବଳ ସ୍ରଷ୍ଟା ଈଶ୍ୱରଙ୍କୁ ସ୍ଥାୟୀ ଉପକରଣରେ ନିର୍ମିତ କରୁଥିଲେ ଏବଂ ଆପଣା ଧନକୁ ସେହି କାର୍ଯ୍ୟରେ ବ୍ୟୟିତ କରି ଆପଣାକୁ ଧନ୍ୟ ମନେ କରୁଥିଲେ । ଅନେକ ଧର୍ମପ୍ରାଣ ହିନ୍ଦୁ ବହୁ ବ୍ୟୟ କରି ବଡ଼ ବଡ଼ ପୁଷ୍କରିଣୀ ଖୋଳାଇ ଦେଇଛନ୍ତି, କୂପ ବାପୀ

ଖୋଲାଇ ଦେଇଛନ୍ତି, ଦେଉଳ ତୋଳାଇ ଦେଇଛନ୍ତି । ମାତ୍ର ଇଚ୍ଛା କରିଥିଲେ କଣ ଅନ୍ୟ ବ୍ୟକ୍ତିକୁ କୋଠାଘର କରି ପାରୁ ନ ଥାନ୍ତେ । ଏବେ ସେହି ଧର୍ମବିଶ୍ୱାସ ଲୁଣା ହୋଇ ଆସିଲାଣି । ଏବେ ହାତରେ ପଇସା ହେଲେ କେତେ ଦୋମହଲା ଘର କରି ପିଲଙ୍କ ପାଇଁ ସଞ୍ଚୟ କରିବାକୁ ଅନେକଙ୍କର ଇଚ୍ଛା । ମାତ୍ର ପୂର୍ବେ ସେପରି ଇଚ୍ଛା ମନରେ ସ୍ଥାନ ପାଉ ନଥିଲା । ସର୍ବୋତ୍କୃଷ୍ଟ ସ୍ଥାନ ସର୍ବୋତ୍କୃଷ୍ଟ ମନ୍ଦିର ଦେବଦେବୀଙ୍କ ଓ ଦେବଯୋଗ୍ୟ ବୋଲି ବିଶ୍ୱାସ ଥିଲା । ଅନ୍ୟ ବଡ଼ଲୋକ ଅର୍ଥାତ୍ ରଜା ବା ବଡ ଜମିଦାରମାନେ କେବଳ ବିଳାସଭବନରେ ବାସ କରୁଥିଲେ । ସୁତରାଂ ସୁନ୍ଦର କୋଠାଘର ସଂଖ୍ୟା ଓଡ଼ିଶାରେ ଅତି ଅଳ୍ପ ଥିଲା ।

ବର୍ତ୍ତମାନ ଦେଖାଯାଉଁ ଶିଳ୍ପ କେତେ ପ୍ରକାର ।

( ) ଧର୍ମ ସମ୍ବନ୍ଧୀୟ—ଜଗନ୍ନାଥ ଦେଉଳ, ଭୁବନେଶ୍ୱର ଦେଉଳ ପ୍ରଭୃତି ।

(୨) ସ୍ମୃତି ସମ୍ବନ୍ଧୀୟ – ତାଜମହଲ ।

(୩) ସାଧାରଣ – କଟେଜ୍ କୁଞ୍ଜ ପ୍ରଭୃତି ।

(୪) ସୈନ୍ୟ ସମ୍ବନ୍ଧୀୟ — କିଲ୍ଲାଦର ପ୍ରଭୃତି ।

(୫) ଗୃହସ୍ଥ ସମ୍ବନ୍ଧୀୟ — କୋଠାଘର ପ୍ରଭୃତି ।

ଓଡ଼ିଶାରେ ପ୍ରଥମ ଶ୍ରେଣୀର ଶିଳ୍ପ ଦେଖାଯାଏ । ଏହି କାରଣରୁ ଓଡ଼ିଶାର ମନ୍ଦିରଗୁଡ଼ିକ ଓଡ଼ିଆଙ୍କ ଧର୍ମପ୍ରାଣତା ଏବଂ ରୁଚିର ପରିଚାୟକ ଓ ପରିମାପକ । ଶିଳ୍ପ ହିଁ ଜାତିର ରୁଚିର ମାପକାଠି । ଯେତେ ଜାତିର ରୁଚି ଯେତେ ବେଶୀ, ସେ ଦେଶର ଶିଳ୍ପ ସେତେ ଉନ୍ନତ, ସୁନ୍ଦର, ସୂକ୍ଷ୍ମ । ଓଡ଼ିଆ ଶିଳ୍ପୀମାନଙ୍କ ହସ୍ତ, ଚକ୍ଷୁ କେତେ ଉନ୍ନତ ଅବସ୍ଥାପ୍ରାପ୍ତ ହୋଇଥିଲା କୋଣାର୍କ ଦେଉଳ ଓ ଭୁବନେଶ୍ୱର ଦେଉଳରେ ଥିବା ସୂକ୍ଷ୍ମକୋଦିତ ମୂର୍ତ୍ତିଗୁଡ଼ିକ ତାହାର ସାକ୍ଷୀ । ଏଥିର ବିଶେଷ ବର୍ଣ୍ଣନା ଆବଶ୍ୟକ ନାହିଁ । ଯେ ଥରେ ସେ କାମ ଦେଖିଛି ସେ ମୁକ୍ତକଣ୍ଠରେ ସ୍ୱୀକାର କରିବ ଯେ ଓଡ଼ିଆମାନେ ଶିଳ୍ପବିଦ୍ୟାରେ କେତେଦୂର ଉନ୍ନତି ଲାଭ କରିଥିଲେ । ଶିଳ୍ପ ହିଁ ଜାତିର ଜୀବନ, ଜାତିର ରୁଚି, ଜାତିର ଚରିତ୍ର, ଜାତିର ଆଚାର ବ୍ୟବହାର ପ୍ରଭୃତିର ଦର୍ପଣ ସ୍ୱରୂପ । ଓଡ଼ିଶାର ଇତିହାସ ଧାରାବାହିକରୂପେ ଲେଖା ନାହିଁ ସତ କିନ୍ତୁ ଏହି ଦେଉଳଗୁଡ଼ିକରେ ଓଡ଼ିଶାର ପୁରାତନ ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିଖିତ ହୋଇଛି ।

ଭାରତୀୟ ଶିଳ୍ପର ନାନାପ୍ରକାର ପଦ୍ଧତି, ଯଥା—(୧) ଦ୍ରାବିଡ ଦେଶୀୟ (୨) ଚାଲୁକ୍ୟ ଦେଶୀୟ, (୩) ଆର୍ଯ୍ୟ । ପ୍ରଥମ ପଦ୍ଧତିର ଅନୁସାରେ ମୂଳଭିତ୍ତି ଅଷ୍ଟଭୁଜାକାର, ମାତ୍ର ଉପରେ ସ୍ତୂପଗମନ-ରେଖାକାର । ଦ୍ୱିତୀୟ ପଦ୍ଧତିର ଅନୁସାରେ ମୂଳଭିତ୍ତି ନକ୍ଷତ୍ରାକାର ଏବଂ ଉପର ସ୍ତୂପଗମନରେଖାକାର । ତୃତୀୟ ପଦ୍ଧତି ଅନୁସାରେ ମୂଳଭିତ୍ତି ଚତୁରସ୍ର ଏବଂ ଉପର ବକ୍ରରେଖାବିଶିଷ୍ଟ ।

ଉତ୍କଳରେ ଯେଉଁ ଦେବାଳୟମାନ ଅଛି ସେ ସମସ୍ତ ଏହି ତୃତୀୟ ପଦ୍ଧତିମୂଳକ; ଅନ୍ୟ ଦେଶୀୟ ପଦ୍ଧତି ଏଥିରେ ମିଶ୍ରିତ ହୋଇନାହିଁ କିମ୍ବା ଅନ୍ୟ କୌଣସି ପଦ୍ଧତିକି ଅନୁକରଣ କରି ପ୍ରସ୍ତୁତ ହୋଇନାହିଁ । ଉତ୍କଳର ଦେଉଳ ନିର୍ମାଣ ପଦ୍ଧତି ସ୍ୱତନ୍ତ୍ର ଏବଂ ସ୍ଥାନୀୟ । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଯେଉଁ ବହୁ ଦେବାଳୟ ପ୍ରଭୃତି ଦେଖାଯାଏ ତାହା ସମସ୍ତ ମିଶ୍ରିତ । ଧାରୱାରର ମନ୍ଦିରଗୁଡ଼ିକ ଦ୍ରାବିଡ ଦେଶୀୟ ପଦ୍ଧତି ଅନୁସାରେ ନିର୍ମିତ । ମଥୁରା ବୃନ୍ଦାବନ, ବନାରସ ପ୍ରଭୃତିର ମନ୍ଦିରମାନ ମିଶ୍ରିତ ପଦ୍ଧତିମୂଳକ । ଆର୍ଯ୍ୟ ପଦ୍ଧତି, [illegible] ପଦ୍ଧତି ଏବଂ ଅନ୍ୟାନ୍ୟ ପଦ୍ଧତି ସମ୍ମିଶ୍ରଣରେ ଏ ମନ୍ଦିରଗୁଡ଼ିକ ନିର୍ମିତ । ମାତ୍ର ଓଡ଼ିଶା ମନ୍ଦିରମାନ ଆପଣା ଦେଶୀୟ ବିଶୁଦ୍ଧ ପଦ୍ଧତିମୂଳକ ଥିବାରୁ ଏହାର ଭାବ ସୌନ୍ଦର୍ଯ୍ୟ ସର୍ବଶ୍ରେଷ୍ଠ । ଉତ୍କଳୀୟମାନଙ୍କ ପକ୍ଷରେ ଏହା କି ଗୁଣ ଗୌରବର ବିଷୟ ! କେଉଁ ଦେଶ ଶିଳ୍ପଜଗତରେ ଏପରି ଗର୍ବ କରିପାରେ ? ଫାର୍ଗୁସନ୍ ମହାଶୟ ଜଣେ ଭାସ୍କର୍ଯ୍ୟନିପୁଣ ଏବଂ ତାଙ୍କର ଶିଳ୍ପବିଦ୍ୟାରେ ଦକ୍ଷତା ଅଛି । ସେ ବହୁତ ପରିଶ୍ରମ ସହିତ ଏ ତଥ୍ୟଗୁଡ଼ିକ ଅବଲୋକନ କରି ଉତ୍କଳ ଇତିହାସରେ ଗୋଟିଏ ନୂତନ ଅଧ୍ୟାୟ ଲିଖାଇ ଦେଇ ଅଛନ୍ତି ଏବଂ ଯେଉଁମାନେ ଅନ୍ୟ ପ୍ରକାର ଭାବନ୍ତି ସେମାନେ ଆପଣାର ସଙ୍କୀର୍ଣ୍ଣତା ମନରୁ ଦୂର କରି ଓଡ଼ିଆମାନଙ୍କ ପୈତୃକ ସ୍ୱତ୍ୱ ସମ୍ପତ୍ତିରୁ ସେମାନଙ୍କୁ ବଞ୍ଚିତ କରିବା ଲାଗି ଆଉ ଦୁଃସାହସପୂର୍ବକ ଚେଷ୍ଟା କରିବେ ନାହିଁ ।

ଓଡ଼ିଆ ମନ୍ଦିରମାନଙ୍କର କେତେଗୁଡ଼ିଏ ବିଶେଷତ୍ୱ ଅଛି ଯାହା ଅନ୍ୟତ୍ର ମିଳେ ନାହିଁ । ପ୍ରତ୍ୟେକ ମନ୍ଦିରର ବିଭିନ୍ନ ଅଂଶ ଭିନ୍ନ ଭିନ୍ନ ନାମରେ କଥିତ ହୁଏ ।

୧ । ବିମାନ—ଏଠାରେ ଠାକୁର ବସନ୍ତି ।

୨ । ଜଗମୋହନ ଏଠାରେ ଦର୍ଶକମାନେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି ।

ଏ ଦୁଇଟିଯାକ ଚତୁରସ୍ର । ପ୍ରଥମଟି ଉପରେ ବକ୍ରରେଖ ଅଥବା ଅଶ୍ୱତ୍ଥାକୃତି ଓ ଶେଷ ପିରାମିଡାକାର ସମାନ୍ତର ପାର୍ଶ୍ୱ । ବକ୍ରରେଖାବିଶିଷ୍ଟ ରେଖ

ସପ୍ତରେଖା ବିଶିଷ୍ଟ ପ୍ରାସାଦ ଏବଂ ତ୍ରିପଗବିଶିଷ୍ଟ ତଦୂର୍ଦ୍ଧ୍ୱ ଛେଦ ଉପରେ ସୂଚୀଯୁକ୍ତ-ବିଶିଷ୍ଟ ପ୍ରାସାଦ।

୩। କୀଟ ମନ୍ଦିର।

୪। ଭଦ୍ର ମନ୍ଦିର।

ସାଧାରଣତଃ ମୂଳ ଛବି ଦେଖାଯାଏ ନାହିଁ। ଚଣ୍ଡୀଦାସ ସମାଦ୍ଦାରଙ୍କ ପରି ପ୍ରତ୍ନତତ୍ତ୍ୱ। ଶିଳ୍ପଶାସ୍ତ୍ରଙ୍କ 'ଶୋଭାପତ୍ରିକା ପରି ନୁହେଁ। ଉତ୍କଳ ଶୈଳୀର ଏ ଗୋଟିଏ ସ୍ୱତନ୍ତ୍ର ପଦ୍ଧତି। ଏଥିରୁ ଜଣାଯାଏ ଯେ ନାଗର କପର ସ୍ଥାପତି ଦେହ ଉପର ସ୍ଥାପତ୍ୟକଳାର ଦେହ, ଏ ବିଷୟରେ ଓଡ଼ିଶା ଶିଳ୍ପୀମାନଙ୍କର ଧାରଣା ଅଭିଜ୍ଞତା ଥିଲା। ବର୍ତ୍ତମାନ ଲୁପ୍ତ ପ୍ରାଚୀନ ସ୍ୱରୂପ ଅର୍ଥାତ୍ ବର୍ତ୍ତମାନ ଅବସ୍ଥା ଦେଖି ଭୂତକାଳର ଅବସ୍ଥା ଜଣା ଯାଇପାରେ।

୫। ଆମଳକ ଶିଳା (ବେକି), ୬। ଖପୁରି, ୭। କଳସ ଶୁଦ୍ଧ, ୮। ଶିବ ମନ୍ଦିରରେ ତ୍ରିଶୂଳ ଏବଂ ବିଷ୍ଣୁ ମନ୍ଦିରରେ ଚକ୍ର।

ପାଗ ଅନୁସାରେ ଦେଉଳର ଭିନ୍ନ ଭିନ୍ନ ନାମ ଅଛି, ଯଥା—ରଥପାଗ, କନକପାଗ, ଅନର୍ଥପାଗ।

ଦେଉଳମାନ ଭିନ୍ନ ଶ୍ରେଣୀରେ ବିଭକ୍ତ :—

(୧) ଏକରଥ, (୨) ତ୍ରିରଥ, (୩) ପଞ୍ଚରଥ, (୪) ସପ୍ତରଥ, (୫) ନବରଥ।

ଏକରଥ ଦେଉଳ ପ୍ରାଚୀନ ଶ୍ରେଷ୍ଠ ଦେଉଳ। ତ୍ରିରଥ ବ୍ରାହ୍ମଣ ଜାତୀୟ, ପଞ୍ଚରଥ କ୍ଷତ୍ରିୟ ଜାତୀୟ, ସପ୍ତରଥ ବୈଶ୍ୟ ଜାତୀୟ ଏବଂ ନବରଥ ଶୂଦ୍ର ଜାତୀୟ ଦେଉଳ। ବୈତାଳ ଦେଉଳର ବିମାନ ଏକରଥ ଓ ପରଶୁରାମଙ୍କ ଜଗମୋହନ ଏକରଥ। ପରଶୁରାମେଶ୍ୱର ଦେଉଳର ବିମାନ ତ୍ରିରଥ। ରାଜରାଣୀ, ବ୍ରହ୍ମେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର, ସୋମେଶ୍ୱର, ସିଦ୍ଧେଶ୍ୱର, କେଦାରେଶ୍ୱର, ସୁବର୍ଣ୍ଣକେଦାରେଶ୍ୱର, ଗଉରୀ, ଯମେଶ୍ୱର, ଲିଙ୍ଗରାଜଙ୍କ ଦେଉଳର ବିମାନ, ଅନନ୍ତ ବାସୁଦେବଙ୍କ ଦେଉଳମାନ ପଞ୍ଚରଥ। ପୁରୀ ଦେଉଳର ବିମାନ ଓ ଜଗମୋହନ ସପ୍ତରଥ।

ଭୂମିଛେଦ ଉପରସ୍ଥ ପ୍ରାସାଦ ଦୁଇ ପ୍ରକାର, ଯଥା—

(୧) ରେଖା ଦେଉଳ, (୨) ପୀଢ଼ ଦେଉଳ (ଜଗମୋହନ, ନାଟ, ପାଦୁଘର)। ପୀଢ଼ ଦେଉଳ ଦୁଇ ପ୍ରକାର, ଯଥା—କାଠକ୍ଷଣା ଓ ନାହ୍ୟଶୃଙ୍ଗ।

ନାଠସ୍ଥଳୀ ପୀଢ଼ ସକଷେତ୍ରର ଦୁଇତୃତୀୟାଂଶ । ଲିଙ୍ଗରାଜଙ୍କ ଦେଉଳର ଜଗମୋହନ ଏବଂ ଅନନ୍ତବାସୁଦେବଙ୍କ ଦେଉଳର ବାଡ଼ ଏହି ଶ୍ରେଣୀର । ନାହ୍ନାସ୍ଥଳଙ୍କ ପୀଢ଼ ସକଷେତ୍ରର ସମାନ ଲମ୍ବା ପସ୍ଥାଂଶରୁ ପଞ୍ଚମାଂଶ । ମୁକ୍ତେଶ୍ୱର ଦେଉଳର ଜଗମୋହନ ଏବଂ ଭରିକେଶ୍ୱର ଦେଉଳର ଭୋଗମଣ୍ଡପ ଏହି ଶ୍ରେଣୀର ।

ମୋହନ (ପୀଢ଼ଦେଉଳ) ତିନି ପ୍ରକାର, ଯଥା—(୧) ଘଣ୍ଟାଶ୍ରୀମୋହନ, (୨) ଭଦ୍ରମୋହନ, (୩) ପୀଢ଼ମୋହନ । ଲିଙ୍ଗରାଜଙ୍କ ଦେଉଳରେ ୧ମ ଶ୍ରେଣୀର ମୋହନ । ଏଥିରେ ଅମଳଶ୍ରୀ ଓ ପାତଧାର କଳସ ଥାଏ । ମୁକ୍ତେଶ୍ୱର, ସିଦ୍ଧେଶ୍ୱର ଓ ରାଜରାଣୀ ଦେଉଳରେ ୨ୟ ଶ୍ରେଣୀର ମୋହନ । ଏଥିରେ କାନ୍ତ ଦେଖାଯାଏ ନାହିଁ । ପୀଢ଼ ଓ କଳସ କେବଳ ଥାଏ । ଜଗନ୍ନାଥ ଦେଉଳ ଓ ଲିଙ୍ଗରାଜଙ୍କର ନାଟମନ୍ଦିରରେ ୩ୟ ଶ୍ରେଣୀର ମୋହନ ।

ଚତୁରସ୍ରର ଏକ ବାହୁକୁ ୨୦ ଭାଗରେ ବିଭକ୍ତ କଲେ ୪ ଭାଗ କନକପାଗ, ୩ ଭାଗ ଅନର୍ଥପାଗ ଏବଂ ୬ ଭାଗ ରାହାପାଗର ପରିମାଣ ହେବ । କନକପାଗର ଲମ୍ବା ସହିତ କାନ୍ଥର ବହଳ ସମାନ ।

ରେଖା ଦେଉଳର ବିଭିନ୍ନାଂଶ, ଯଥା—

(୧) ତଳପତନ, (୨) ପୀଠ, (୩) ବାଡ଼, (୪) ରେଖା ବା ରଥକ, (୫) ବେକି, (୬) ଆମଳକ ଶିଳା, (୭) ଖପୁରି, (୮) କଳସ, (୯) ତ୍ରିଶୂଳ ବା ଚକ୍ର ।

ବାଡ଼ର ବିଭିନ୍ନାଂଶ, ଯଥା—(୧) ଜଙ୍ଘା, (୨) ପାବର ବାରଣ୍ଡି, (୩) ଢକାଂଶି, (୪) ସିକର, (୫) ପତ୍ରକାଯ ।

ଜଙ୍ଘାର ବିଭିନ୍ନାଂଶ, ଯଥା—ପାଦ କୁମ୍ଭ ପାଟ କାଣି ବସନ୍ତ ।

ତଳ ଜଙ୍ଘା = ଉପର ଜଙ୍ଘା

ତଳ ବାରଣ୍ଡି = ଉପର ବାରଣ୍ଡି

( ବାରଣ୍ଡି ଜଙ୍ଘାଠାରୁ କିଛି ଊଣା )

ବନ୍ଧନ = ୧/୩ ଜଙ୍ଘା ବା ବାରଣ୍ଡିର

ବେକି—୧/୩ ଗଳପିଢ଼ର

ଶ୍ରୀ—୨ ୨/୩ ବେକର

ଖପୁରି—୨/୩ ଶ୍ରୀର

ଗଣ୍ଡି  ୨ ଶୀର

ବେଢ଼ି—ଶିଖରାଧାରର

ଖିଙ୍ଖୁଳ ପାଖୁଡ଼ା—୨ ଶୀର

ଆମଲକ ଶିଳା —୨ ଖିଙ୍ଖୁଳର

ଖପୁରି—୨ ଆମଲକ ଶିଳାର

କଳଶସନ୍ଧ —୨ ଖପୁରିର

ବେକ—ଆମଲକ ଶିଳାର

ଶିଖରାଧାର—୨ ଆମଲକ ଶିଳାର

ଆମଲକ ଶିଳା—ଆମଲକ ଖପୁରିର

କଳଶ ପଦ୍ମ ବେଢ଼ା—୨ କଳଶ ଖଣ୍ଡିର

କଳଶ ବେକ—୨ କଳଶ ଖଣ୍ଡିର

ଶିଖରାଧାର - କଳଶ ବେକର

କଳଶ—୧ ୨ ଆମଲକ ଶିଳାର

ହସ୍ତ ଚତୁର୍ଥାଂଶ = ବେକି = କଣ୍ଠ । ବେକି ଦୁଇ ପ୍ରକାର ଯଥା—ପଦ୍ମ ବେକି, ଜାତ୍ୟସ୍ଥଣ ବେକି । ବେକି ଉପରେ ଖପୁରି, ତଦୁପରି ସିଂହ । ଏହି ଦେବମନ୍ଦିରମାନ ପ୍ରସ୍ତୁତ କରିବାର ଅଗ୍ନିପୁରାଣରେ ଥିବା ନିୟମାବଳୀ ଅକ୍ଷରେ ଅକ୍ଷରେ ପ୍ରତିପାଳିତ ହୋଇଅଛି । ହୋଇପାରେ ଏଥିରୁ ବୈଦେଶିକ ପଦ୍ଧତିମୂଳକ ଏବଂ ଦାକ୍ଷିଣାତ୍ୟ ପଦ୍ଧତି ଅନୁସାରେ ନିର୍ମିତ ହୋଇଥିବାର ଅନୁମାନ କରାଯାଏ ।

ଏହି ଦେବମନ୍ଦିରଗୁଡ଼ିକର ସ୍ଥାନ ନିର୍ଦ୍ଦେଶ କରିବାରେ ବୈଜ୍ଞାନିକ ନିୟମ ପ୍ରତିପାଳିତ ହୋଇଛି । ଏକ୍‌କର୍ଣ୍ଣିସ୍ଥ ପଥଦ୍ୱାରା ଏକ୍ କର୍ଣ୍ଣିସ୍ଥ ହୋଇଥିବାର ଦେଖାଯାଏ । ସବୁ ଦେଉଳର ମୁଖ ପୂର୍ବଦିଗକୁ, କେବଳ ମୁକ୍ତେଶ୍ୱର ଓ ପରଶୁରାମେଶ୍ୱର ଦେଉଳର ମୁଖ ଭିନ୍ନ ଦିଗକୁ । କୋଣାର୍କ ଦେଉଳରେ ଏକ୍ କରୁଣ ସମ୍ମୁଖରେ ଏକ ଶ୍ରେଣୀ ପ୍ରଭେଦ ଦେଖାଯାଏ । ପୂର୍ବେ ଦେଉଳ ତୋଳା ପ୍ରାରମ୍ଭରୁ ଚୂନପଥର ବ୍ୟବହାର କରାଯାଉଥିଲା । ସେ କାଳରେ ସିମେଣ୍ଟ ନ ଥିଲା ସତ, କିନ୍ତୁ ଏକ ଲୁହାର ଜଣିବା ଲାଗି ଶଙ୍କୁ ବ୍ୟବହାର କରାଯାଉଥିଲା । ଆଲୀପତନଦ୍ୱାରା ଏକ୍‌ନଟ୍ଟପଣ କରାଯାଉଥିଲା । କାରିଗରି ଉପରେ ସ୍ଥାପତ୍ୟ ଓ ଦୃଢ଼ତା ହେବ ବାହାଘି ତତ୍କାଳୀନ ମୂଳମନ୍ତ୍ର ଥିଲା । ସେ କାଳରେ ଶିଳ୍ପୀ ଠକାଠକି କାମ କରୁନଥିଲେ । ଧର୍ମରେ ବିଶ୍ୱାସ ଥିଲା । ଏକାଳ ପରି ପେଟଚିନ୍ତା ନଥିଲା; ଖାଦ୍ୟଦ୍ରବ୍ୟ ଏତେ ମହର୍ଘ ନ ଥିଲା । ସୁତରାଂ

ଅଳ୍ପ ମନୁଷ୍ୟ ଦ୍ୱାରା କ୍ଷୁଦ୍ର ପୋଥି କର୍ଣ୍ଣିକାରେ ଦେବତା କାର୍ଯ୍ୟରେ ଲାଗିବା ସାଥିରେ ଆପଣା ଦେଶର ମର୍ଯ୍ୟାଦା ଓ ଗୌରବ ବୃଦ୍ଧି କରିବାରେ କିପରି ନିଯୁକ୍ତ ଥିଲେ ।

ଆଜି ଦେବମାନଙ୍କ କାର୍ଯ୍ୟ ଦେଖିବା ଲାଗି କେତେ ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତ-ମାନେ କେତେ ବାଧାବିପତ୍ତି ଅତିକ୍ରମ କରି ଦେଖି ଯାଉଛନ୍ତି । ଆଜି ଯେଉଁ ଶିଳ୍ପୀ-ମାନେ କାହାନ୍ତି ମାତ୍ର ସେମାନଙ୍କ ଶିଳ୍ପନୈପୁଣ୍ୟ ସେମାନଙ୍କୁ ଅମର କରି ରଖିଛି । ଆଜି ସେହି ପୂର୍ବପୁରୁଷମାନେ ଆମ୍ଭମାନଙ୍କ ଅଧୋଗତି ଦେଖି ମନରେ ଦାରୁଣ କଷ୍ଟ ଅନୁଭବ କରୁ ନ ଥିବେ କି ? ଆମ୍ଭେମାନେ ସେହି ଶିଳ୍ପୀମାନଙ୍କ ବଂଶଧର, ଏକଥା ଜଗତ ସମ୍ମୁଖରେ କହିବାକୁ ଆମ୍ଭମାନଙ୍କୁ ଲଜ୍ଜାବୋଧ ହୁଏ ନାହିଁ କି ? ଆମ୍ଭେମାନେ କଣ ହେତୁ ସେମାନଙ୍କ ଅପେକ୍ଷା ଅଧିକ ଶିକ୍ଷିତ ଓ ସଭ୍ୟ ! ଯଦି କାହାର ମନରେ ଏପରି ଗର୍ବ ଥାଏ ସେ ଥରେ ସେହି ଦେବାଳୟମାନଙ୍କ ନିକଟରେ ଦଣ୍ଡାୟମାନ ହୋଇ କ୍ଷଣେ ଚିନ୍ତା କଲେ ତାର ଗର୍ବ ଚୂର୍ଣ୍ଣୀଭୂତ ହେବ । ଆଜି ସେହି ପୁରାତନ ଜୀର୍ଣ୍ଣଶୀର୍ଣ୍ଣ କୀର୍ତ୍ତି ଦେଖି ସେଗୁଡ଼ିକ ଆମ୍ଭ ପୂର୍ବପୁରୁଷମାନଙ୍କ କୀର୍ତ୍ତି ବୋଲି ଗର୍ବ କରିଥାଉ । ମାତ୍ର ଆମ୍ଭେ କି କୀର୍ତ୍ତି ରଖି ଯିବେ ? ଆମ୍ଭ ପୁଅନାତି ମାନେ କଣ ଦେଖି ଆମ୍ଭମାନଙ୍କ କଥା ମନେ ପକାଇବେ ? ଥରେ ଥରେ ମାତ୍ର ଏକଥା ଚିନ୍ତା କରିବା ସେ କିପରି ବୁଝି ପାରିବ ଯେ ଆମ୍ଭମାନଙ୍କ ଶିକ୍ଷାକୁ ଧିକ୍ । ଆମ୍ଭେମାନେ ଶିକ୍ଷିତ ବୋଲି ଯାହା ଗର୍ବ କରୁ ତାହା ବୃଥା । ଆମ୍ଭ ଶିକ୍ଷାଲାଗି ଯେଉଁ ବ୍ୟୟ ହେଉଛି ସେଗୁଡ଼ିକ ବୃଥା ବ୍ୟୟ ନୁହେଁ କି ? ଆମ୍ଭେ ଥିଲେ କଣ, ନ ହେଲେ କଣ ? ପ୍ରତ୍ୟେକ ଉତ୍କଳୀୟ ଏ ପ୍ରଶ୍ନ ଆପଣାକୁ ପଚାରିଲେ କି ଉତ୍ତର ପାଇବ ?

ଉତ୍କଳର ମନ୍ଦିରକାର୍ଯ୍ୟ ବା ଖୋଦିତ ଚିତ୍ରମାନ ଧର୍ମଭାବମୂଳକ ଏବଂ ସ୍ୱାର୍ଥତ୍ୟାଗର ଜ୍ୱଳନ୍ତ ଉଦାହରଣ । ଈଶ୍ୱରଙ୍କୁ ଯାହା ଅର୍ପଣ କରାଯିବ ତାହା ଈଶ୍ୱରୋପଯୋଗୀ ହେବାର ବିଧେୟ ବୋଲି ଉତ୍କଳୀୟମାନଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ।

ଉତ୍କଳୀୟ ଦେଉଳମାନଙ୍କରେ ଯେଉଁସବୁ ଖୋଦିତ ଚିତ୍ରମାନ ଦେଖାଯାଏ ତାକୁ ତିନି ଭାଗରେ ବିଭକ୍ତ କରି ଯାଇପାରେ । ଯଥା—ଆନୁମାନିକ, ସାଦୃଶ୍ୟ-ପ୍ରଦର୍ଶକ, କେବଳ ଶୋଭାବର୍ଦ୍ଧକ । ସାଦୃଶ୍ୟ-ପ୍ରଦର୍ଶକ ପ୍ରତିମୂର୍ତ୍ତିମାନ ମଧ୍ୟ ଦୁଇ ଶ୍ରେଣୀରେ ବିଭକ୍ତ; ଯଥା—ପ୍ରାକୃତିକ ଓ ବ୍ୟାବହାରିକ ।

ଅଗ୍ନିପୁରାଣରେ ଦଶପାଳମାନଙ୍କ ସ୍ଥାନ ନିର୍ଦ୍ଦେଶ କରି ଯାଇଛି । ପ୍ରଥମେ ଦ୍ୱାରପାଳ ଅର୍ଥାତ୍ ଅଷ୍ଟଦିଗପାଳ । ଗର୍ଭମୁଦ୍ରା, ଧ୍ୟାନମୁଦ୍ରା, ବାଲ୍ୟମୁଦ୍ରା, ବଳମୁଦ୍ରା ଓ ଦେବୀ ଶମିକ ବସ୍ତ୍ରରେ ରକ୍ଷିତ ହେବ । ତତ୍ପରେ ଅଷ୍ଟପର୍ଣ୍ଣୀ, ନାଗନାରୁଣୀ, ଶାର୍ଦ୍ଦୂଳ, ଓଲଟ ଗଜ, ବିରାଳ ସିଂହ, ଓଲଟ ସ୍ୱାନ ସିଂହ ଓଲଟ ଭଦ୍ରା ଗଜ

ସିଂହଙ୍କ ସ୍ଥାନ । ଦ୍ୱାର ମୂର୍ତ୍ତିରେ ଶାଳ, ବଉଦ୍ଧାର୍ତ୍ତି ଇତ୍ୟାଦି ଓ ଗଜଲକ୍ଷ୍ମୀ, ମହାଲକ୍ଷ୍ମୀଙ୍କ ସ୍ଥାନ; କବାଟରେ ଗଙ୍ଗାଯମୁନା, ମହାକାଳ, ନନ୍ଦ ପୁରୁଷଙ୍କ ସ୍ଥାନ । ତଦୁପରି ଭୃଙ୍ଗୀ, ନବଗ୍ରହ ମୂର୍ତ୍ତି ବେତାଳ, ଦ୍ୱାରପାଳ, କୀର୍ତ୍ତିମୁଖ, ରୁଦ୍ରମୁଣ୍ଡ ମାଳାର ସ୍ଥାନ । ଏଗୁଡ଼ିକ କେବଳ ଶୋଭାବର୍ଦ୍ଧକ ।

ନାନାପ୍ରକାର ଲତାର ଚିତ୍ର ଦେଖାଯାଏ ଯଥା—ଫୁଲଲତା, ଚନ୍ଦ୍ରଲତା, ପଦ୍ମଲତା, ବନଲତା । ମାଳି ଫୁଲ ଫାଳିକା, ଜାଲି, ଫାଦତ୍ରନ୍ତି ଜାଲି, ଗାଣ୍ଠି-ଜାଲି, ଢାଙ୍କ ଜାଲି, ବିଲଗୋଳ ଜାଲି, ଫୁଲ ଜାଲି, ଇତ୍ୟାଦି ନାନାପ୍ରକାର ଖୋଦିତ ଚିତ୍ର ଦେଖାଯାଏ । ଏ ସମସ୍ତ ଖୋଦିତ ଚିତ୍ରରେ ଜ୍ୟାମିତିକ ନିୟମ ପ୍ରତିପାଳିତ ହୋଇଅଛି ।

ମନ୍ଦିର ଭିତରେ କୌଣସି ଚିତ୍ର ଖୋଦିତ ହୋଇନାହିଁ । ଏଠାରେ ମଧ୍ୟ ଉନ୍ନତିର ଆବଶ୍ୟକତା ନାହିଁ । ଅନ୍ତର୍ଦେଶରେ ଭକ୍ତିର ଆବଶ୍ୟକତା, ଏଠାରେ ବାହ୍ୟ ସୌନ୍ଦର୍ଯ୍ୟର ଆବଶ୍ୟକତା ନାହିଁ । ସୁତରାଂ ସେମାନେ ଜାଣି ଶୁଣି ଭିତର ପ୍ରଦେଶରେ କୌଣସି ଚିତ୍ର ଖୋଦିତ କରି ନ ଥିଲେ । ଆନୁମାନିକ ଚିତ୍ରଗୁଡ଼ିକ ଶିଳ୍ପଶାସ୍ତ୍ରର ପରିସ୍ଫୁଟକ । ରଙ୍ଗ ନ ଦେଇ ଶିଳ୍ପୀମାନେ ବଡ଼ ବୁଦ୍ଧିମାନର କାର୍ଯ୍ୟ କରିଛନ୍ତି । କୌଣସି କଳାସମ୍ମତ ଶୋଭାବର୍ଦ୍ଧକ ନକ୍ସା ଚିତ୍ରମାନ ବ୍ୟବହୃତ ହୋଇନାହିଁ ।

ଶାର୍ଦ୍ଦୂଳ ବିଭିନ୍ନ ଜନ୍ତୁ ସିଂହ, ହାତୀ, ଘୋଡ଼ା, ମର୍କଟ, ଷଣ୍ଢ, ମକର -ପ୍ରଭୃତି ଚିତ୍ର ଖୋଦିତ କରି ଶିଳ୍ପୀମାନେ ପ୍ରାଣୀବିଦ୍ୟା ଅବଗତ ଥିବାର ପରିଚୟ ଦେଇଛନ୍ତି ।

ମନୁଷ୍ୟ ପ୍ରତିମୂର୍ତ୍ତି ଖୋଦିତ ହୋଇଅଛି ଏବଂ ସେଗୁଡ଼ିକର ତାଳ ଠିକ୍ ଅଛି ଅର୍ଥାତ୍ ଅଙ୍ଗପ୍ରତ୍ୟଙ୍ଗମାନ ଯଥାସ୍ଥାନରେ ଓ ଯଥା ନିୟମରେ ବସାଯାଇଛି । ତାଳର ନିୟମ ଶୁକ୍ରନୀତିରେ ଲେଖାଅଛି

ସ୍ୱ ସ୍ୱ ମୁଷ୍ଟେଶ୍ଚତୁର୍ଥୋଂଶୋ ହ୍ୟଙ୍ଗୁଳଂ ପରିକୀର୍ତ୍ତିତଂ
ତଦଙ୍ଗୁଳୈ ଦ୍ୱାଦଶଭିର୍ଭବେତ୍ ତାଳସ୍ୟ ଦୀର୍ଘତା ।

ଗ୍ରୀକ ଓ ରୋମୀୟ ପ୍ରଣାଳୀ ଏହାଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଭାରତୀୟ ଶିଳ୍ପ କଳ୍ପନାସମ୍ଭୂତ, ଅନୁକରଣସମ୍ଭୂତ ନୁହେଁ । ଅନ୍ତର୍ଦେଶରେ କେବଳ ଈଶ୍ୱର-ମାହାତ୍ମ୍ୟ ପ୍ରଦର୍ଶକ ମୂର୍ତ୍ତି ଦେଖାଯାଏ । ସନ୍ନ୍ୟାସୀମାନଙ୍କ ଶରୀର କୃଶ ।

ଉତ୍କଳୀୟ ଦେବମନ୍ଦିରମାନଙ୍କର ବହିର୍ଦେଶରେ କେତେଗୁଡ଼ିଏ ଅଶ୍ଳୀଳ ପ୍ରତିମୂର୍ତ୍ତି ଦିଆଯାଇଛି । ଏ ସମ୍ବନ୍ଧେ ନାନା ମତ ଶୁଣାଯାଏ । କେହି କହନ୍ତି,

ଅଶ୍ଳୀଳ ମୂର୍ତ୍ତି ଥିଲେ ବଜ୍ର ପଡ଼େ ନାହିଁ । ଏ ମତ କେତେଦୂର ସମୀଚୀନ ତାହା କୁହାଯାଇ ନ ପାରେ । ମାତ୍ର ଜଗନ୍ନାଥଙ୍କ ବଡ଼ଦେଉଳ ଉପରେ ଥରେ ବଜ୍ରପାତ ହୋଇଥିବା ହେତୁ ଆମ୍ଭେମାନେ କହୁଁ ଯେ ଏ ମତ ଠିକ୍ ନୁହେଁ । କେହି କେହି କହନ୍ତି ଯେ, ଯେ ଦର୍ଶନ କରିବାକୁ ଯିବ ତାର ଧର୍ମଭାବ ପରୀକ୍ଷା କରିବା ଲାଗି ଏ ଚିତ୍ରଗୁଡ଼ିକ ଦିଆଯାଇଛି । ଦେବତାଙ୍କ ସହିତ ଏ ମୂର୍ତ୍ତିଗୁଡ଼ିକର କିଛି ସମ୍ପର୍କ ନାହିଁ । ଏଗୁଡ଼ିକ ଦେଉଳର ବହିର୍ଦ୍ଦେଶର ଅଧୋଭାଗରେ ଅବସ୍ଥିତ । ସେଠାରୁ ବହୁ ଦୂରରେ ଦେବତା ଅଛନ୍ତି । ଏ ସମସ୍ତ ଚିତ୍ରିତ ସାଂସାରିକ ଭାବର ପରିଚୟସୂଚକ । ଏ ଭାବ ତ୍ୟାଗ କରି ଲୋକ ଯେତେବେଳେ ଏକାଗ୍ରମନରେ ଈଶ୍ୱରଚିନ୍ତାରେ ନିମଗ୍ନ ହେବ, ତାର ଦୃଷ୍ଟି ଅଧୋଭାଗରେ ନରହି ଊର୍ଦ୍ଧ୍ୱଭାଗକୁ ଗମନ କରିବ । ସେତେବେଳେ ଏ ଅଶ୍ଳୀଳ ମୂର୍ତ୍ତିମାନ ତାର ନୟନଗୋଚର ହେବ ନାହିଁ । ଯାହାର ମନରେ ଆବିଳତା ଅଛି ତା ଦୃଷ୍ଟି ଏ ମୂର୍ତ୍ତିମାନଙ୍କ ଦ୍ୱାରା ଆକର୍ଷିତ ହୋଇପାରେ କିନ୍ତୁ ତାହାହେଲେ ସେ ଦେଉଳ ଭିତରକୁ ଯିବା ଲାଗି ଅଧିକାରୀ ହୋଇନାହିଁ ବୋଲି କହିବାକୁ ହେବ । ଏ ମତଟି ନିତାନ୍ତ ଅଯୌକ୍ତିକ ବା ଅମୂଳକ ବୋଲି ବୋଧ ହେଉନାହିଁ । ବରଂ ଏହି ମତଟିରେ ମନ ମାନୁଛି ।

ଖୋଦିତ ଚିତ୍ରମାନଙ୍କ ଉପରେ ରଙ୍ଗ ବ୍ୟବହୃତ ହୋଇ ନ ଥିବା ଉତ୍କଳୀୟ ଶିଳ୍ପର ଅନ୍ୟ ଏକ ବିଶେଷତ୍ୱ । ରଙ୍ଗ ବ୍ୟବହାର କଲେ ପ୍ରକୃତ ଭାସ୍କରକାର୍ଯ୍ୟର ମହତ୍ତ୍ୱ ଦେଖାଯିବ ନାହିଁ । କିନ୍ତୁ ଔଡ଼ିଶାର ଅନେକ ଦେଉଳ କାଳିଆ ଦେଖାଯାଏ, କାରଣ ପଥରଖଣ୍ଡମାନ କୌଣସି ରଙ୍ଗଦ୍ୱାରା ରଞ୍ଜିତ ହୋଇଥିଲା । ସବୁ ଖୋଦିତ କରିବାରେ ଜ୍ୟାମିତିକ ଅନୁମାନଦ୍ୱାରେ କୋଣ କରାଯାଇଛି ।

ପ୍ରାସାଦ ନିର୍ମାଣ କାର୍ଯ୍ୟରେ ପଥର, କାଠ, ଇଟା, ଲୁହା ଓ ଚୂନ ଆଦି ଉପକରଣମାନ ବ୍ୟବହୃତ ହୋଇଥିଲା । ଉତ୍କଳରେ ପର୍ବତ ପାହାଡ଼ର ଅଭାବ ନାହିଁ କି ପଥରର ଅଭାବ ନାହିଁ । ନୀଳଗିରି ପାହାଡ଼ରେ ଅତି ଉତ୍କୃଷ୍ଟ ପଥର ମିଳେ । ପଥର ଅନେକ ପ୍ରକାରର ଅଛି—

(୧) ବଉଳା କୁଣ୍ଡା, (୨) ନଗୁଳ ବଉଳା, (୩) ମୋଟା ବଉଳା, (୪) ଚିକଣିଆ କୁଣ୍ଡା, (୫) ଖଡ଼ିଆ କୁଣ୍ଡା, (୬) ରଙ୍ଗ ଡାଳିମ୍ବ । ଚିକଣିଆ କୁଣ୍ଡା ତିନି ପ୍ରକାର, ଯଥା—କାଳିଆ, ନୀଳଦିଆ, କାଇଆ । ଖଡ଼ିଆ କୁଣ୍ଡା ତିନି ପ୍ରକାର, ଯଥା—ସଫା, ବାଲିଆ, ଫୁଲଖଡ଼ିଆ । ରଙ୍ଗ ଡାଳିମ୍ବ ତିନି ପ୍ରକାର, ଯଥା—ସଫା, ମାଟିଆ, ମିଶା ଖଡ଼ିଆ । ଆଉ ଏକ ପ୍ରକାର ପଥର ଅଛି ତାକୁ ମାକଡ଼ା ପଥର କହନ୍ତି । ମାକଡ଼ା ପଥର ଦୁଇ ପ୍ରକାର ଯଥା—ସେମ୍ବୁଟିଆ ମାକଡ଼ା ଓ ମୁଗେଇ ମାକଡ଼ା ।

ପୁରାତନ ଇଟା ବର୍ତ୍ତମାନ ଇଟା ଅପେକ୍ଷା ବଡ଼ ଓ ଶକ୍ତ । ପୂର୍ବେ ଇଟା ହସ୍ତଦ୍ୱାରା ଯୋଡ଼ା ହେଉଥିଲା । ଇଟା ଉପରେ ହସ୍ତ ଦାଗ ସ୍ପଷ୍ଟ ଦେଖା ଯାଉଥାଏ । କୋଠଦେଶର ପୁରାତନ ଜମିଦାର ସ୍ୱର୍ଗୀୟ ଅଭିରାମ ରାଉତସିଂହଙ୍କ ଘର ଗୋଟିଏ ପୁରାତନ ଘର । ତାଙ୍କର କେତେ ଖଣ୍ଡି କୋଠାଘର ଓ ଇଟା ପାଚେରୀ ଥିଲା । ସେସବୁ କ୍ରମେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ଭଗ୍ନାବସ୍ଥା ପ୍ରାପ୍ତ ହେଲଣି । ସେ ଘର ମରାମତି ଅନାଦର । ସେସବୁ କାନ୍ଥରେ ଯେଉଁ ଇଟା ବ୍ୟବହୃତ ହୋଇଛି ତାହା ସେହି ପୁରାତନ ଇଟା । ମୁଁ ସେଥିରୁ କେତେଖଣ୍ଡି ଇଟା ଦେଖିଥିଲି । ସେଥିରେ ହସ୍ତଦାଗ ଆଙ୍ଗୁଠି ଅଛି । ଏ ଇଟାର ଲମ୍ବ ୧୩ ଇଞ୍ଚ, ଓସାର ୧୦ ଇଞ୍ଚ ଓ ବହଳ ୩ ଇଞ୍ଚ ।

ଇଜିପ୍ଟ ଓ କାଲଡିଆର ଲୋକମାନେ ଏହି ପ୍ରଣାଳୀରେ ଇଟା ପ୍ରସ୍ତୁତ କରନ୍ତି । ପଥରଖଣ୍ଡମାନ ଉପଯୁକ୍ତ ସ୍ଥାନରେ ଦୃଢ଼ଭାବରେ ରକ୍ଷିତ କରିବା ଲାଗି ଦେଉଳମାନଙ୍କରେ ଲୁହାଧାରଣା ବ୍ୟବହାର କରା ଯାଇଛି । ଦେଉଳର ଭିତରପଟ ପଲସ୍ତରା ହୋଇଛି କିନ୍ତୁ ବାହାର ପଟରେ ପଲସ୍ତରା ଦିଆଯାଇ ନାହିଁ । ପଲସ୍ତରା ଦେଲେ ଖୋଦିତ କାମଟି ଯୋଡ଼ି ହୋଇ ପଡ଼ନ୍ତା ଏବଂ ଶିଳ୍ପୀର କାର୍ଯ୍ୟଦକ୍ଷତା ପ୍ରକାଶିତ ହେବ ନାହିଁ । ସୂକ୍ଷ୍ମ କାମଗୁଡ଼ିକ ପଲସ୍ତରା କରାଯାଇଥିଲେ କାରିଗରର ହାତଗୁଣ ଜଣାପଡ଼ନ୍ତା କିପରି ? ଏହି ଉଦ୍ଦେଶ୍ୟରେ ଦେଉଳ ବାହାର ପଟ ପଲସ୍ତରା ହୋଇନାହିଁ । ଏହା ଓଡ଼ିଶା ଶିଳ୍ପର ଗୋଟିଏ ବିଶେଷତ୍ୱ ।

କୋଣାର୍କ ମନ୍ଦିରରେ ଲୁହା କଡ଼ି ବ୍ୟବହୃତ ହୋଇଥିବାର ଦେଖାଯାଏ । ଦିଲ୍ଲୀରେ ଗୋଟିଏ ଲୁହାସ୍ତମ୍ଭ ଅଛି, ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଏ ସ୍ତମ୍ଭଟିର ବ୍ୟାସ ୧୬ ଇଞ୍ଚ ଭୂମି ଉପରୁ ଲମ୍ବ ୨୨ ଫୁଟ, ଲମ୍ବ ୫୦ ଫୁଟ, ଓଜନ ୧୮ ଟନ । ଏ ପ୍ରକାଣ୍ଡ ଲୁହା କାମଗୁଡ଼ିକ କିପରି କରି ପାରୁଥିଲେ ଏ ବିଷୟରେ ନାନା ମତଭେଦ ଦେଖାଯାଏ । କିନ୍ତୁ ଏ ସବୁ କାମ ଦେଖିଲେ ସ୍ପଷ୍ଟ ପ୍ରମାଣମାନ ମିଳେ ଯେ ପୂର୍ବେ ହିନ୍ଦୁମାନେ ଲୁହାକୁ ତରଳାଇ ନାନା ଜିନିଷ ପ୍ରସ୍ତୁତ କରିବା ପ୍ରଥା ସେମାନଙ୍କୁ ଜଣାଥିଲା । ପ୍ରସିଦ୍ଧ ଇଞ୍ଜିନିୟର ଜନ ଅଣ୍ଡର୍ସନ୍ ୧୮୭୧ ମସିହାରେ ଲେଖିଛନ୍ତି ଯେ ‘ଯେତେବେଳେ ଇଉରୋପରେ କୁରାଢ଼ି ଓ ତରବାରୀ କେବଳ ଫଳକ ବ୍ୟବହାର କରୁଥିଲେ, କେଲ୍ଟ ଓ ସାରାକେନ୍‌ମାନେ ଅସଭ୍ୟ, ପୂର୍ବ ବଂଶଙ୍କ ଧନ ସମ୍ପତ୍ତି ଲୁଟପାଟ କରୁଥିଲେ ଓ ଇଉରୋପ ଅନ୍ଧକାରାଚ୍ଛନ୍ନ ଥିଲା, ସେତେବେଳେ ଭାରତରେ ହିନ୍ଦୁମାନେ ଏପରି ଲୁହାକାମ କରି ଜାଣିଥିଲେ’’ । ଦିଲ୍ଲୀର ଲୌହସ୍ତମ୍ଭ ଏବଂ କୋଣାର୍କର ଲୌହ କଡ଼ି ଦେଖିଲେ ସ୍ପଷ୍ଟ ପ୍ରମାଣମାନ ମିଳେ ଯେ ଉତ୍କଳ ଭାରତର ଅନ୍ୟାନ୍ୟ ପ୍ରଦେଶ ସହିତ ସମଭାବରେ ଉନ୍ନତପଥରେ ଅଗ୍ରସର

ହୋଇଥିଲା । ଓଡ଼ିଆମାନେ ମଧ୍ୟ ଲୌହନିର୍ମିତ ଉତ୍କୃଷ୍ଟ ବ୍ୟବହାର୍ଯ୍ୟ ପଦାର୍ଥମାନ ପ୍ରସ୍ତୁତ କରିପାରୁଥିଲେ ।

ଆଜି ଅବଶ୍ୟ ଓଡ଼ିଆ ଜାତିର ମହାନ ଦୁର୍ଦ୍ଦଶାଗ୍ରସ୍ତ । ପେଟକୁ ଦାନା ମିଳୁନାହିଁ, ପିନ୍ଧିବାକୁ ଲୁଗା ମିଳୁନାହିଁ, କେବଳ ହାତ ବଢ଼ାଇ କାମ ଦେଖାଇ ପାରୁ ନାହାନ୍ତି. ସେ କୌଶଳ ସୂକ୍ଷ୍ମ ନାହିଁ, ସେ କଳା-କୁଶଳତା ନାହିଁ । ଜାତୀୟ ଜୀବନ ଉପରେ ବିଷାଦ କାଳିମା ରେଖା ଅଙ୍କିତ ହୋଇଛି । ସର୍ବଦା ଅନ୍ଧକାରର ବାସ୍ତ । ଉନ୍ନତିର ଲୋପ ହୋଇଛି । ମାତ୍ର ଉତ୍କଳର ପୂର୍ବକାଳୀନ ଅବସ୍ଥା ଏପରି ନଥିଲା । ଆଜି ଉତ୍କଳୀୟମାନଙ୍କର ଦୁର୍ଦ୍ଦଶା ଦେଖି ଅନ୍ୟ ଦେଶୀୟ ଲୋକମାନେ ଏ ଶିଳ୍ପକାର୍ଯ୍ୟଗୁଡ଼ିକ ଓଡ଼ିଆଙ୍କ ଦ୍ୱାରା ହୋଇପାରିବାର ସମ୍ଭାବନା ନାହିଁ ବୋଲି ଅନୁମାନ କରୁଛନ୍ତି ସତ, କିନ୍ତୁ ସେମାନଙ୍କର ଚିନ୍ତା କରିବା ଉଚିତ ଯେ ସେମାନେ ଭିନ୍ନ ବିଷୟ ପ୍ରତି ଲକ୍ଷ୍ୟ ରଖି ଏ ସିଦ୍ଧାନ୍ତରେ ଉପଗତ ହୁଅନ୍ତି କି ? ଆମ୍ଭ ଘର ଜିନିଷକୁ ଆମ୍ଭର ବୋଲି ପ୍ରମାଣ କରି ନ ପାରିଲେ ତାକୁ ଅନ୍ୟଦେଶୀୟ ଲୋକମାନେ ତାଙ୍କର ବୋଲି କହି ପ୍ରମାଣ ସୃଷ୍ଟି କରିବାରେ ବ୍ୟସ୍ତ । ଏହି ଉଦ୍ଦେଶ୍ୟରେ ଅନେକ ଲୋକ ଅନେକ ପ୍ରକାର ଲେଖା ଲେଖି ଯାଉଛନ୍ତି । ପଚାଶ ବର୍ଷ ପରେ ଏହି ଲେଖା ସବୁ ପ୍ରମାଣରୂପେ ବ୍ୟବହୃତ ହେବ । କି ପରିତାପର ବିଷୟ ! ଓଡ଼ିଆଙ୍କୁ ଦୁର୍ବଳ ଦେଖି ତାର ସେହି ଧ୍ୱଂସାବଶେଷ ଜାତୀୟ ସମ୍ବଳତକ ନେଇ ଅପଣାର ଗୌରବ ବଢ଼ାଇଲେ କି ଯଶ ଅର୍ଜିତ ହେଲା ? ଗୋଟାଏ ଜାତିର ନ୍ୟାଯ୍ୟ ଦାବିରୁ ତାକୁ ବଞ୍ଚିତ କଲେ କି ପାପ ହେବ ତାହା କି ବୁଝି ପାରୁନାହିଁ ? ସର୍ବଶ୍ରେଷ୍ଠ ବିଚାରପତି ଦୟାମୟ ଭଗବାନଙ୍କ ନିକଟରେ ବିଚାର ହେବାବେଳେ କି ଜବାବ ହେବ ? ଆମ୍ଭେମାନେ ଦୁର୍ବଳ ସତ୍ୟ, କିନ୍ତୁ ଦୁର୍ବଳର ସହାୟ ଭଗବାନ । ପରଧନ ଜିନିଷରେ ଆପଣା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କଲେ କିଛି ଲାଭ ନାହିଁ ।

ଭୁବନେଶ୍ୱର ଦେଉଳମାନ ଜଗନ୍ନାଥ ଦେଉଳ ଅପେକ୍ଷା ପ୍ରାଚୀନ । ମୁହଁ ଭୁବନେଶ୍ୱର ଦେଉଳମାନଙ୍କ କଥା କହୁଛି । ଏହି ଦେଉଳମାନଙ୍କ ଛଡ଼ା ଆଉ କେତେଗୁଡ଼ିଏ ଜାଗା ଦୃଷ୍ଟିଗୋଚର ହୁଏ ।

୧ । ସହସ୍ରଲିଙ୍ଗ ବା ଦେବୀପାଦହରା ପୁଷ୍କରିଣୀ—ଏହାର କୂଳପାଖରେ ୧୦୦ କ୍ଷୁଦ୍ର ଦେଉଳ ଅଛି ।

୨ । ବିନ୍ଦୁସାଗର ବା ସରୋବର—ଲମ୍ବ ୧୩୦୦ ଫୁଟ ଏବଂ ପ୍ରସ୍ଥ ୭୦୦ ଫୁଟ ମଧ୍ୟରେ ପାପଦର୍ଶୀ । ଏଠାରେ ପ୍ରଭୁଙ୍କର ଚନ୍ଦନଯାତ୍ରା ହୁଏ ।

୩ । ପାପନାଶିନୀ ପୁଷ୍କରିଣୀ—ଯମେଶ୍ୱର ଦେଉଳର ପୂର୍ବ ।

୪ । ରାମକୁଣ୍ଡ—ରାମେଶ୍ୱର ଦେଉଳର ପଶ୍ଚିମ ।

୫ । ଗଉରୀକୁଣ୍ଡ—ଗଉରୀ ଦେଉଳର ପଶ୍ଚିମ । ଏହା ନିକଟରେ ଖୁଲାଥିବା ଟେଲ୍ ଗୋଟିଏ କୁଣ୍ଡ ଅଛି । ଅନ୍ୟଟିର ନାମ ଜଣାନାହିଁ ।

୬ । ମରୀଚି କୁଣ୍ଡ—ମୁକ୍ତେଶ୍ୱର ଦେଉଳର ଦକ୍ଷିଣ ।

ଭୁବନେଶ୍ୱର ଦେଉଳମାନ ଯଯାତିକେଶରୀଙ୍କ ଅମଳରେ ନିର୍ମିତ ହୋଇଥିଲା । ଲିଙ୍ଗରାଜଙ୍କ ଦେଉଳ ଯଯାତିକେଶରୀ ନିର୍ମାଣ କରାଇଥିଲେ । ଯଯାତିକେଶରୀ ୯୦୦ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ ।

ଦକ୍ଷିଣ ପ୍ରଦେଶର ବିଜାପୁର ନଗରରେ ଥିବା ଦୁର୍ଗାଦେବୀଙ୍କ ମନ୍ଦିରରେ ଓଡ଼ିଶାର ଶିଳ୍ପକଳା ଅନୁସାରେ କାମ ହୋଇଥିବାର ଦେଖାଯାଏ ।

ଗାଙ୍ଗୁଲି ମହାଶୟଙ୍କ ମତରେ ଗୁପ୍ତବଂଶର ରାଜା ସମୁଦ୍ରଗୁପ୍ତ ଓଡ଼ିଶା ଜୟ କରି ୩୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । କିନ୍ତୁ ସ୍ୱର୍ଗତ ଷ୍ଟାର୍ଲିଙ୍ଗଙ୍କ ଇତିହାସ ଓ ମାଦଳାପାଞ୍ଜିରୁ ଦେଖାଯାଏ ଯେ ୩୨୪ ଖ୍ରୀଷ୍ଟାବ୍ଦରେ ରକ୍ତବାହୁ ଓଡ଼ିଶା ଆକ୍ରମଣ କରିଥିଲା । ୪୭୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଯବନମାନେ ଶାସନ କରୁଥିଲେ । ମାଦଳାପାଞ୍ଜିରେ ଯବନମାନଙ୍କ କଥା ଲେଖା ଅଛି । ସମୁଦ୍ରଗୁପ୍ତ ଯେବେ ଓଡ଼ିଶା ବିଜୟ କରିଥାନ୍ତେ, ତେବେ ଅବଶ୍ୟ ମାଦଳାପାଞ୍ଜିରେ ଲେଖାଥାନ୍ତା ।

କିନ୍ତୁ ଏହି ସମୁଦ୍ରଗୁପ୍ତଙ୍କ ସମ୍ବନ୍ଧେ ପୃଥିବୀ ଇତିହାସରେ କ'ଣ ଲେଖା ଅଛି ଦେଖନ୍ତୁ ।

ସମୁଦ୍ରଗୁପ୍ତ ତାଙ୍କ ନିଜର ଓ ପିତୃପୁରୁଷମାନଙ୍କ ଗୌରବ କାହାଣୀ ଆଲ୍ଲାହାବାଦ ସ୍ତମ୍ଭରେ ଖୋଦିତ କରାଇଥିଲେ ।

( ପୃଥିବୀ ଇତିହାସ ୨ୟ ଖଣ୍ଡ ୪୧୯ପୃଷ୍ଠା )

ଅଧୁନା ପ୍ରତିପନ୍ନ ହୋଇଛି ଯେ ବିକ୍ରମାଦିତ୍ୟ ଅଭିଧେୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ସମୟରେ ଅର୍ଥାତ୍ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ମହାକବି କାଳିଦାସ ଆବିର୍ଭୂତ ହୋଇଥିଲେ । ହୁଏନ୍‌ସାଂ ତାଙ୍କ ଭ୍ରମଣବୃତ୍ତାନ୍ତରେ ବଙ୍ଗଦେଶର ନାମୋଲ୍ଲେଖ କରିନାହାନ୍ତି । ମାତ୍ର ସମତଟ (ସାନ ମୋ—ତା—ଲୁ) ଦେଖିଥିବାର ଲେଖିଅଛନ୍ତି । ଏହି ସମତଟ ସମୁଦ୍ରଗଡ଼ ଭିନ୍ନ ଅନ୍ୟ କାହିଁ ନୁହେଁ

ସମୁଦ୍ରଗଡ଼ ସମୁଦ୍ରଗୁପ୍ତଙ୍କ ରାଜଧାନୀ ଥିଲା । ବିକ୍ରମାଦିତ୍ୟ ଉପାଧିଧାରୀ ଚନ୍ଦ୍ରଗୁପ୍ତଙ୍କ ଅନ୍ତରୁ ପାଟଳିପୁତ୍ର ପ୍ରତିଷ୍ଠାନ୍ନ ହୋଇଥିଲେ । ବିହାର ଏବଂ ଓଡ଼ିଶା ପ୍ରଦେଶ ପୂର୍ବେ ଓ ପରେ ଅନେକଦିନ ପର୍ଯ୍ୟନ୍ତ ଦୁଇ ପ୍ରକାର ସୀମାଭୁକ୍ତ ଥିଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ବିହାର ଓଡ଼ିଶାକୁ ଏକ ପ୍ରଦେଶ ରୂପରେ ରଖିଥିଲେ । ଏ କାରଣରେ ବଙ୍ଗ, ବିହାର, ଓଡ଼ିଶା ପ୍ରଭୃତିର ଗୌରବକାହାଣୀ ଏକା ବଙ୍ଗ ନାମରେ କଳ୍ପିତ ହେଲେ ଅଧିକ ଦୋଷ ନାହିଁ । ମହାରାଜ ଗୁପ୍ତଙ୍କଠାରୁ ଗୁପ୍ତବଂଶର ଆରମ୍ଭ । ଏମାନେ ବୈଶ୍ୟବଂଶୀୟ । ଚନ୍ଦ୍ରଗୁପ୍ତ ୩୨୦ ଖ୍ରୀଷ୍ଟାବ୍ଦରେ ରାଜତ୍ୱ ଆରମ୍ଭ କଲେ । ସେତେବେଳେ ସମ୍ରାଟ ବା ଚକ୍ରବର୍ତ୍ତୀ ଓ 'ବିକ୍ରମାଦିତ୍ୟ' ଏହି ଗୋଟିଏ ଉପାଧି ମଧ୍ୟରେ ପରିଗଣିତ ହେଉଥିଲା । ଯେ ଭାରତବର୍ଷରେ ଅପ୍ରତିହତ ବିସ୍ତାର କରିଥିଲା ସେ "ବିକ୍ରମାଦିତ୍ୟ" ନାମରେ ଅଭିହିତ ହେଉଥିଲା ।

( ପୃଥିବୀ ଇତିହାସ ୪ର୍ଥ ଖଣ୍ଡ ୧୪୬, ୧୫୧, ୧୬୧, ୧୬୪ ପୃଷ୍ଠା )

ଏପରି ହାନି ଓଡ଼ିଶା ଜାତୀୟ ଇତିହାସକୁ ପରିପୁଷ୍ଟ ଓ ପରିବର୍ଦ୍ଧିତ କରିବାକୁ ହେଲେ ଉତ୍କଳ ଇତିହାସ ବଡ଼ ଦୁଃଖ ମୋଟା ହୋଇପାରେ । ମାତ୍ର ଐତିହାସିକ ତଥ୍ୟରାଜି ଆଶ୍ରୟ ନ କଲେ ଇତିହାସର ଅଙ୍ଗ ପରିବର୍ଦ୍ଧିତ ହୋଇ ନ ପାରେ । ସ୍ୱପକ୍ଷୀୟ ମନ୍ତବ୍ୟ ପାଠ କଲେ ପୂର୍ଣ୍ଣ ଐତିହାସିକ ତଥ୍ୟର ପରିଚୟ ମିଳୁଅଛି; ଅଧିକ ବ୍ୟାଖ୍ୟା ଅନାବଶ୍ୟକ । ସମୁଦ୍ରଗୁପ୍ତ ଉତ୍କଳରେ ରାଜତ୍ୱ କରିଥିବା ବିଷୟ ସମ୍ପୂର୍ଣ୍ଣ ଅମୂଳକ । ଅନ୍ୟ ପ୍ରଦେଶରୁ ମାରୁ କଥା ନେଇ ଦେବେ ବଙ୍ଗର ଗୌରବ ବୃଦ୍ଧି କରାଯାଏ ତେବେ ନାଚାର ।

ଉତ୍କଳର ଶିଳ୍ପ ଗୌରବ : ଶିଳ୍ପୋନ୍ନତି ଲାଗି ଉତ୍କଳ ପରମୁଖାପେକ୍ଷୀ ହୋଇନାହିଁ । ଉତ୍କଳ ଯାହା କରିଥିଲା ତାହା ଆପଣା ବାହୁବଳ ଓ ବୁଦ୍ଧିବଳ-ଦ୍ୱାରା ।

ମୁକ୍ତେଶ୍ୱର ଦେଉଳରେ ଓଡ଼ିଆମାନେ କାରିଗରୀର ଚରମ ସୀମା ଦେଖାଇ ଯାଇଅଛନ୍ତି । ସ୍ଥାପତ୍ୟଶିଳ୍ପ ମଧ୍ୟରେ ଏଟା କାରିଗରୀର ଚରମରୂପ । ମୁକ୍ତେଶ୍ୱର ଦେଉଳ ସିଦ୍ଧାରଣ୍ୟ ମଧ୍ୟରେ ଅବସ୍ଥିତ ଏବଂ ଏହା ଲିଙ୍ଗରାଜ ଦେଉଳଠାରୁ ଅଳ୍ପମାତ୍ର ଦୂରରେ । ଉତ୍କଳୀୟ ଶିଳ୍ପକୃତି—ଖଣ୍ଡ ଏହି ମୁକ୍ତେଶ୍ୱର ଦେଉଳରେ ପୂର୍ଣ୍ଣ ବିକାଶ ପାଇଥିବା ପରି ଜଣାଯାଏ । ଏ ଦେଉଳଟି ଉତ୍କୃଷ୍ଟ ଆଦର୍ଶ । ଏ ଦେଉଳର ମୁଖ ପଶ୍ଚିମକୁ । ଉଚ୍ଚତା ୩୫ ଫୁଟ ହେବ । ଏ ଦେଉଳଟି ପଞ୍ଚରଥ । ଉତ୍ତର, ଦକ୍ଷିଣକୁ ଦୁଇଟି ଜନ୍ମା ପଞ୍ଜର ଅଛି । ଏଥିରେ ଯେଉଁ ସର୍ପମାଳା ଖୋଦିତ ହୋଇଛି ତାହା ଅତି ସୁନ୍ଦର ।

ଗୋଟିଏ ଯାବୁ (ଜଣ୍ଡା) ଗୋଟିଏ ମର୍କଟକୁ ଧରି ପୋଡ଼ାଉଛି ଏବଂ ଅନ୍ୟ ଗୋଟିଏ ମର୍କଟ ଗଛଡାଳରେ ଓଳମ୍ବି ହୋଇ ତାହାର ଦୁର୍ଦ୍ଦଶା ଦେଖୁଛି । ଗନ୍ଧର୍ବ ଓ ଅପ୍ସରାମାନଙ୍କ ରୂପ ଅତୀବ ପ୍ରଶଂସନୀୟ । ଦୁଇଟି ସ୍ତ୍ରୀ ଲୋକ ବାଦ୍ୟଯନ୍ତ୍ର ବଜାଉଛନ୍ତି ଏବଂ ବାଦ୍ୟଯନ୍ତ୍ର ଉପରେ ଶୁକପକ୍ଷୀ ବସିଛି । ସପ୍ତର୍ଷି ମୂର୍ତ୍ତି ବଡ଼ ସୁନ୍ଦର ହୋଇଛି । ଏ ଦେଉଳର କାର୍ଯ୍ୟଗୁଡ଼ିକ ଅତି ସୁନ୍ଦର, ସୂକ୍ଷ୍ମ ଅଥଚ କାହିଁ ଖୁଣ ଦେଖାଯାଏ ନାହିଁ । ଏ ଦେଉଳର କାରିଗରି ସରି ପୃଥିବୀରେ ଅନ୍ୟ କେଉଁଠି କାରିଗର ଅଛି କି ନା ସନ୍ଦେହ । ଉତ୍କଳୀୟ ଶିଳ୍ପୀମାନଙ୍କ ବୁଦ୍ଧି, ବିଦ୍ୟା, ତୀକ୍ଷ୍ଣ ଦୃଷ୍ଟି, ସୌନ୍ଦର୍ଯ୍ୟାନୁଭବ ଶକ୍ତି, ହାତ ସଫାଇ ଏହିଠାରେ ଦେଖାଯାଏ ।

ମୁକ୍ତେଶ୍ୱର ଦେଉଳ ନିକଟରେ ଏ ଦେଉଳଟି ପଞ୍ଚରଥ, ଜଗମୋହନ ଓ ନନକଶାକାରବିଶିଷ୍ଟ । ନାଟମନ୍ଦିରଠାରୁ ଜଗମୋହନ ଭିତରକୁ ଯିବା ଲାଗି ପଶ୍ଚିମଦ୍ୱାର ପାର୍ଶ୍ୱ ଖୋଦିତ ଲିପି ଅଛି । ଏହି ଲିପିରୁ ଜଣାଯାଏ, ଲଳାଟେନ୍ଦୁ ମହାରାଜଙ୍କ ସେବା ପୂଜା ଲାଗି ଉଦ୍ୟୋତକେଶରୀଙ୍କ ରାଜା ଗନ୍ଧିଳେଶ୍ୱର ଦେବ ଅନେକ ଦେବଦାସୀଙ୍କୁ ସମର୍ପି ନିଯୁକ୍ତ କରିଥିଲେ । ସିଦ୍ଧେଶ୍ୱର ଦେଉଳ ନିକଟରେ ଭଗବତୀଙ୍କ ଦେଉଳ ।

ଅନ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଦ୍ରଷ୍ଟବ୍ୟ ଦେଉଳ 'ଅନନ୍ତବାସୁଦେବ' । ମୁକ୍ତେଶ୍ୱର ଦେଉଳ ପରି ଏ ଦେଉଳ ମଧ୍ୟ ଶିଳ୍ପଶୋଭାରେ ସୁଶୋଭିତ । ଏଥିରେ ମନୋହର ଚିତ୍ରକାର୍ଯ୍ୟମାନ ଅକ୍ଷତ ଅବସ୍ଥାରେ ଅଦ୍ୟାପି ଦର୍ଶକ ମନ ହରଣ କରୁଛି । ଏ ଦେଉଳରେ ଖୋଦିତ ଥିବା ଫୁଲ୍‌ମନ୍ଦ ଲତାରେ ବିଶେଷ ଶିଳ୍ପଚାତୁରୀ ପ୍ରଦର୍ଶିତ ହୋଇଛି । ଅନନ୍ତବାସୁଦେବ ଓ ମେଘେଶ୍ୱର ଦେଉଳର ପଶ୍ଚିମ ପ୍ରାଚୀରରେ କେତେକ ଖୋଦିତ ଲିପି ଅଛି । ଏହି ଲିପି ଦେଖି ଶାସ୍ତ୍ରୀ ମହାଶୟ ଲେଖିଅଛନ୍ତି ଯେ ଏଥିରୁ ଦେଖାଯାଏ ଏହି ଲିପିଗୁଡ଼ିକ ବାଚସ୍ପତି ମିଶ୍ର ତାଙ୍କ ବନ୍ଧୁ ଭବଦେବ ଭଟ୍ଟଙ୍କ ପ୍ରଶଂସାରେ ଲେଖିଥିଲେ । ବାଚସ୍ପତି ବଙ୍ଗାଳୀ ରାଢ଼ୀ ବ୍ରାହ୍ମଣ ଥିଲେ ଏବଂ ସେ ହରିବର୍ମା ଦେବଙ୍କର ମନ୍ତ୍ରୀ ଥିଲେ । ହରିବର୍ମାଦେବ ବଙ୍ଗଳାର ରାଜା ଥିଲେ । ଭବଦେବ ଉକ୍ତ ଦେଉଳ ନିର୍ମାଣ କରାଇଥିଲେ ଏବଂ ବିନ୍ଦୁସରୋବର ଖୋଳାଇଥିଲେ । ହରିବର୍ମାଙ୍କ ରାଜଧାନୀ ବିକ୍ରମପୁର ଥିଲା । ସେ ୧୦ମ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରିଥିଲେ । ବାଚସ୍ପତି ବେଦାନ୍ତ ତତ୍ତ୍ୱସମୀକ୍ଷା । ଦେଉଳ ୧୦ମ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବ । ବାଚସ୍ପତି ୮୯୮ ଶକ ବା ୯୭୬ ଖ୍ରୀଷ୍ଟାବ୍ଦରେ ସାଂଖ୍ୟତତ୍ତ୍ୱ-କୌମୁଦୀ ଲେଖିଥିଲେ । ଏ ମତରେ ମଧ୍ୟ କିଛି ଐତିହାସିକ ଜଟିଳତା ଅଛି ।

ପ୍ରଥମରୁ ଦେଖାଯାଉ ଯେ ମିଶ୍ର ବ୍ରାହ୍ମଣ ମିଥିଳା ଓ ଉତ୍କଳ ବାହାର ଅନ୍ୟତ୍ର ନଥିବେ । ବଙ୍ଗଳାରେ ମିଶ୍ର ବ୍ରାହ୍ମଣ ଆଦୌ ନଥିଲେ । କୌଣସି ଉତ୍କଳୀ ବା

ନିର୍ମିତ ଥିଲା? ବ୍ରାହ୍ମଣ ମାନେ ବଙ୍ଗଳାକୁ ଉଠିଆସି ରହିଥିବା ସେହିପରି ହୋଇପାରେ । ଅନ୍ୟଥା ମିତ୍ର ବ୍ରାହ୍ମଣ ବଙ୍ଗଳାର ଆଦିମବାସୀ ବ୍ରାହ୍ମଣ ନୁହନ୍ତି । ଗାଙ୍ଗୁଲି ମହାଶୟ ଲେଖିଛନ୍ତି ଯେ ଭାରତୀୟଙ୍କ କେହି କେହି ଏ ମନ୍ଦିର ଥିଲା ବୋଲି ସନ୍ଦେହ କରନ୍ତି । ଏହା ତ କଳ୍ପନାର କଥା । କିନ୍ତୁ କି କାରଣରୁ ଏ ସନ୍ଦେହ ହେଲେ ତାର ପର୍ଯ୍ୟାଲୋଚନାର କାରଣ ଗାଙ୍ଗୁଲି ମହାଶୟ ନ ଲେଖି ଅନ୍ୟାୟ କରିଛନ୍ତି । ଏ ସମ୍ବନ୍ଧରେ ପୂର୍ଣ୍ଣ ଆଲୋଚନା ଲେଖିବାକୁ ହେଲେ ଗାଙ୍ଗୁଲି ମହାଶୟ ସେଠି ଖୋଦିତ ଲିପି ଉପରେ ନିର୍ଭର କରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ସେ ଲିପିଗୁଡ଼ିକ ଏଠାରେ ଉଦ୍ଧାର କରିବା ଆବଶ୍ୟକ । ମାତ୍ର ପ୍ରବନ୍ଧର କଳେବର ବୃଦ୍ଧି ହେବା ଆଶଙ୍କାରେ ତାହା ଏଠାରେ ନଦେଇ ଖୋଦିତଲିପିମୂଳକ ପୃଥକ୍ ପରିଚ୍ଛେଦରେ ଏ ବିଷୟ ଆଲୋଚନା କରାଯିବ ।

ବୋଇତାଳି ଦେଉଳରେ ଅନେକଗୁଡ଼ିଏ କାରୁକାର୍ଯ୍ୟ ଦେଖାଯାଏ । ଯୋଦ୍ଧାସିଂହ, ଶୃଙ୍ଖଳ, ପୂର୍ଣ୍ଣକୁମ୍ଭ, ନାନାପ୍ରକାର ଲତାଆଦି ଦେଉଳର ଶୋଭା ବର୍ଦ୍ଧନ କରୁଛି ।

ଏ ଦେଉଳଟିର ଗଠନ ସେପରି ଏଥିରେ ବିସ୍ତୃତ ଭାବରେ ସୁନ୍ଦର କାର୍ଯ୍ୟମାନ ଖୋଦିତ ହୋଇଅଛି । ଏ ଦେଉଳରେ ତିନିଗୋଟି କଳସ ଅଛି । ଏ ଦେଉଳରେ ବିଶେଷ ଶିଳ୍ପନୈପୁଣ୍ୟ ଦେଖାଯାଇଛି । ଏ ଦେଉଳରେ ବିଭିନ୍ନ ପ୍ରକାରର ଚିତ୍ର ଖୋଦିତ ହୋଇଛି । ଅନେକ ସ୍ତ୍ରୀ ମୂର୍ତ୍ତି, ମନୁଷ୍ୟ ମୂର୍ତ୍ତି, ଗଜପୃଷ୍ଠର ସିଂହ, ଦେବଦେବୀ ମୂର୍ତ୍ତି, ଅନ୍ୟାନ୍ୟ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟବର୍ଦ୍ଧକ ଚିତ୍ରମାନ ଖୋଦିତ ହୋଇଥିବାରୁ ଦେଉଳଟି ଅତି ନୟନତୃପ୍ତିକର ହୋଇଛି । ମିତ୍ର ମହାଶୟ ଲେଖିଛନ୍ତି ଯେ ଏ ଦେଉଳର ନାମ ଏକାମ୍ର ପୁରାଣ ବା ଏକାମ୍ର ଚନ୍ଦ୍ରିକାରେ ଦେଖାଯାଏ ନାହିଁ ! ସମ୍ଭବତଃ ଏହାର ଭିନ୍ନ ନାମ ଥିଲା । ଏ ଦେଉଳଟି ୯ମ ଶତାବ୍ଦୀରେ ନିର୍ମିତ ହୋଇଥିବାର ଜଣାଯାଏ ।

କପାଳିନୀ ଦେଉଳରେ ଚାମୁଣ୍ଡା ବା ଦୁର୍ଗାଙ୍କର ଭୟଙ୍କର କପାଳିନୀ ମୂର୍ତ୍ତି ଅଛି । ଏ ଦେଉଳ ୮ ଶତାବ୍ଦୀରେ ନିର୍ମିତ । ଭୁବନେଶ୍ୱରରେ ସେତେଗୁଡ଼ିଏ ଦେଉଳ ଅଛି ସବୁଥିରେ କିଛି ନା କିଛି କାରିଗରୀ ଦେଖାଯିବ । ଭୁବନେଶ୍ୱରରେ ଅନେକ ଦେଉଳ ଅଛି । ପ୍ରଧାନ କେତେ ଗୋଟିର ନାମ ନିମ୍ନରେ ଦିଆଗଲା :— ଅନନ୍ତବାସୁଦେବ, ଗୋପାଳୁଣୀ, ତ୍ରିପୁରୁଷ, କାର୍ତ୍ତିକେୟ, ଗଣେଶ, ବୃଷଭ, ପାର୍ବତୀ, ଲିଙ୍ଗରାଜ, ଏକାମ୍ରେଶ୍ୱର, ଉତ୍ତରେଶ୍ୱର, ଯମେଶ୍ୱର, ଚିତ୍ରକେଶ୍ୱର, ସିଦ୍ଧେଶ୍ୱର, ଲକ୍ଷ୍ମଣେଶ୍ୱର, ଶତ୍ରୁଘ୍ନେଶ୍ୱର, ଈଶାନେଶ୍ୱର, ଭରତେଶ୍ୱର, ଶ୍ରୀକଣ୍ଠେଶ୍ୱର,

ଲକୁଳୀଶ୍ୱର, ଯୋଗେଶ୍ୱର, ଶ୍ରୀକଣ୍ଠୀଶ୍ୱର, ଦର୍ଘେଶ୍ୱର, ଅକ୍ରୂରେଶ୍ୱର, ଦମସ୍ତେଣେଶ୍ୱର, ଚକ୍ରେଶ୍ୱର, ତ୍ରୁଟେଶ୍ୱର, ଗୋକର୍ଣ୍ଣେଶ୍ୱର, ଉପେନେଶ୍ୱର, ସ୍ୱଳେଶ୍ୱର କପାଳମୋଚନେଶ୍ୱର, ପୂର୍ଣ୍ଣବ୍ରହ୍ମେଶ୍ୱର, ଅଲବୁକେଶ୍ୱର, ଗ୍ରୀଷ୍ମେଶ୍ୱର, ଭୀମେଶ୍ୱର ଧଞ୍ଜଖଣ୍ଡେଶ୍ୱର, ବଶିଷ୍ଠ ଓ ବାମଦେବ, ଗଣେଶ୍ୱର, ପୀତାମାଳୁଶ୍ୱର, ଗୋ-ସହସ୍ରେଶ୍ୱର, ପରଦାରେଶ୍ୱର, ଯମାନେଶ୍ୱର, ରୁଦ୍ରେଶ୍ୱର, ଲୁକ୍ଲୁଟେଶ୍ୱର, କପାଳମୀ କୃତେଶ୍ୱର ଦକ୍ଷେଶ୍ୱର, ଯୋଗମାତା ଶ୍ୱଧା, ଈଶାନେଶ୍ୱର, ଯମେଶ୍ୱର, ଲକ୍ଷ୍ମୀଶ୍ୱର ଭୂତେଶ୍ୱର, ସୁଲୋକେଶ୍ୱର, କୋଟିତୀର୍ଥେଶ୍ୱର, ସ୍ୱର୍ଣ୍ଣଜଳେଶ୍ୱର, ଶବରେଶ୍ୱର, ସୁବର୍ଣ୍ଣେଶ୍ୱର, ସିଦ୍ଧେଶ୍ୱର, ମୁକ୍ତେଶ୍ୱର, ଶନେଶ୍ୱର, କେଦାରେଶ୍ୱର, ମଲ୍ଲିକେଶ୍ୱର, ସ୍ୱଟକେଶ୍ୱର, ବୈତାଳେଶ୍ୱର, ଶିଂହେଶ୍ୱର, ପୂର୍ବେଶ୍ୱର, ଲୋକନାଥ ଅକ୍ଷୟଶୃଙ୍ଗେଶ୍ୱର ଅମ୍ରାତକେଶ୍ୱର, ମଣ୍ଡପେଶ୍ୱର, ଭୀମେଶ୍ୱର, ଭୈରବେଶ୍ୱର, ସୁନ୍ଦରେଶ୍ୱର, କପିଳେଶ୍ୱର, ସୂର୍ଯ୍ୟେଶ୍ୱର । ପୁଷ୍କରିଣୀ ମଧ୍ୟରେ ବିନ୍ଦୁ ସରୋବର, କେଦାର କୁଣ୍ଡ, ବ୍ରହ୍ମକୁଣ୍ଡ, କପିଳକୁଣ୍ଡ, ଗଙ୍ଗା ଯମୁନା ଇତ୍ୟାଦି ପ୍ରତ୍ୟେକ ଦେଉଳ ନିକଟରେ ଗୋଟିଏ ଲେଖାଏଁ କୁଣ୍ଡ ବା ପୁଷ୍କରିଣୀ ଅଛି । ଏ ସମସ୍ତ ଉତ୍କଳ ଶିଳ୍ପ ଓ ସ୍ଥାପତ୍ୟ କାର୍ଯ୍ୟର ମୃଦଶାଳୀ ସ୍ୱରୂପ ।

ଉତ୍କଳର ଦ୍ୱିତୀୟ ଶିଳ୍ପାଗାର ଜଗନ୍ନାଥ ବଡଦେଉଳ । ଭୁବନେଶ୍ୱରର ଦେଉଳମାନଙ୍କ ପରି ଏଠାରେ ବହୁତ ସ୍ଥାପତ୍ୟକାର୍ଯ୍ୟ ନାହିଁ । ବଡଦେଉଳର ସିଂହଦ୍ୱାର ପୂର୍ବଦିଗକୁ । ଦେଉଳଦ୍ୱାର ପଶ୍ଚିମ ଓ ଦକ୍ଷିଣଦିଗକୁ ହେବାର ଶୁଦ୍ଧ । ମାତ୍ର ଉତ୍କଳର ଅଧିକାଂଶ ଦେଉଳର ମୁଖ ପୂର୍ବଦିଗକୁ ଥିବାର ଦେଖାଯାଏ । ବଡଦେଉଳର ଚତୁର୍ଦ୍ଦିଗକୁ ଚାରିଗୋଟି ଦ୍ୱାର ଅଛି । ଦେଉଳର ଚାରିପାର୍ଶ୍ୱରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଅଛି । ଏହାକୁ ବାହାର ବେଢ଼ା ପ୍ରାଚୀର କହନ୍ତି । ଉଚ୍ଚରେ ୨୦ ଫୁଟଠାରୁ ୨୪ ଫୁଟ ପର୍ଯ୍ୟନ୍ତ । ଲମ୍ବ ୬୬୫ ଫୁଟ × ୬୪୦ ଫୁଟ । ଦେଉଳର ଭିତରଭାଗର ଚାରିଗୋଟି ନାମ ଅଛି, ଯଥା— ସିଂହଦ୍ୱାର, ହସ୍ତୀଦ୍ୱାର, ଖଞ୍ଜାଦ୍ୱାର, ଅଶ୍ୱଦ୍ୱାର କିମ୍ବା ପୂର୍ବଦ୍ୱାର ଉତ୍ତରଦ୍ୱାର, ପଶ୍ଚିମଦ୍ୱାର ଓ ଦକ୍ଷିଣଦ୍ୱାର । ଅରୁଣ ସ୍ତମ୍ଭଟି ଉପରେ ୩୪ ଫୁଟ । ଭିତର ବେଢ଼ାର ପରିମାଣ ୪୨୦ ଫୁଟ × ୩୧୫ ଫୁଟ । ଦେଉଳରେ ଅନେକଗୁଡ଼ିଏ ପ୍ରସ୍ତରମୂର୍ତ୍ତି ଅଛି; ଯଥା—ବ୍ରହ୍ମା, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଗରୁଡ଼ପରେ ନାରାୟଣ, ହନୁମାନ, ଖାକଅଧନନ, ସିଂହ, ଗଜ, ଲକ୍ଷ୍ମୀନୃସିଂହ, ଦ୍ୱାରପାଳ, ହରିହର, ଗୋବର୍ଦ୍ଧନଧାରୀ କୃଷ୍ଣ, ବାମନ, ବରାହ, ନୃସିଂହ, ଦୋଳଯାତ୍ରା ଇତ୍ୟାଦି ଜଗମୋହନ ଉପରେ ଅନେକଗୁଡ଼ିଏ କାରୁକାମ ହୋଇଛି ।

ସାକ୍ଷୀଗୋପାଳଙ୍କ ଦେଉଳରେ ବିଶେଷ କିଛି ସ୍ଥାପତ୍ୟକାର୍ଯ୍ୟ ନାହିଁ ।

ସ୍ଥାପତ୍ୟ ଶିଳ୍ପ ଭଣ୍ଡାର କୋଣାର୍କ ଦେଉଳ । ଏ ଦେଉଳ ନିର୍ମାଣ କରି ଶିଳ୍ପୀମାନେ ସେମାନଙ୍କ ବିଦ୍ୟାବୁଦ୍ଧି, ଜ୍ଞାନବିଜ୍ଞାନ ଓ ଶିଳ୍ପଚାତୁରୀର ପରାକାଷ୍ଠା ଦେଖାଇଛନ୍ତି । ଏପରି ନୟନମନମୁଗ୍ଧକର ଶିଳ୍ପକାର୍ଯ୍ୟ ପୃଥିବୀରେ ଅନ୍ୟତ୍ର ଅଛି କି ନା ସନ୍ଦେହ । ସର୍ବୋତ୍କୃଷ୍ଟ ଭାସ୍କର୍ଯ୍ୟ-କାର୍ଯ୍ୟଦ୍ୱାରା ଏ ଦେଉଳ ଆଚ୍ଛାଦିତ ହୋଇଥିବା ପରି ଜଣାଯାଏ । ଏ ଦେଉଳଟି ରଥ ଦେଉଳ । ଗୋଟିଏ ରଥ ପରି ନିର୍ମିତ । ଏଥିରେ ୨୪ ଗୋଟି ପ୍ରସ୍ତର ନିର୍ମିତ ଚକ ଅଛି । ବିମାନର ଦକ୍ଷିଣ ମୁହଁଅଙ୍ଗରେ ୬, ଉତ୍ତରରେ ୬, ଜଗମୋହନ ଉତ୍ତରରେ ୪ ଓ ଦକ୍ଷିଣରେ ୪, ପ୍ରଧାନ ପାହାଚର ଦକ୍ଷିଣ ଭାଗକୁ ୨ ଓ ଉତ୍ତରଭାଗକୁ ୨ । ଗ୍ରହପାଶରେ ତିନିଗୋଟି ବଡ ବଡ ସୂର୍ଯ୍ୟମୂର୍ତ୍ତି ଅଛି । ନବଗ୍ରହ, ଚତୁର୍ମୁଖ ବ୍ରହ୍ମା, ଚତୁର୍ଭୁଜ ବିଷ୍ଣୁ, ସିଂହାସନ ଉପରେ ଅବସ୍ଥିତ କୁକ୍କୁଟମୁଖ ପକ୍ଷୀ ବା ସ୍ୱର୍ଗଅପ୍ସରା, ବାଦ୍ୟଯନ୍ତ୍ରଧାରୀ ସ୍ତ୍ରୀ, ହସ୍ତୀ, ଅଶ୍ୱ, ସର୍ପ, ହଂସ, କେତକୀ ଇତ୍ୟାଦି ଅସଂଖ୍ୟ ପ୍ରତିମୂର୍ତ୍ତି ଖୋଦିତ ହୋଇଛି । ମୂର୍ତ୍ତି-ଗୁଡ଼ିକୁ ଆଖିରେ ନ ଦେଖିଲେ କଳାକୁଶଳତା ବୁଝିପାରିବ ନାହିଁ । ଓଡ଼ିଆମାନେ ଏ ଦେଉଳରେ ଯେଉଁ କଳାକୁଶଳତା ଦେଖାଇଛନ୍ତି ତାହା ଲେଖାଦ୍ୱାରା ବର୍ଣ୍ଣନା କରିବା ସହଜ ନୁହେଁ । କୌଣସି ଲେଖକ ଏ ଦେଉଳ ବା ଭୁବନେଶ୍ୱର ଦେଉଳରେ ପ୍ରଦର୍ଶିତ ହୋଇଥିବା କାରୁକାର୍ଯ୍ୟମାନଙ୍କର ବିବରଣ ଦେବାକୁ ଅକ୍ଷମ । ଏ ଦେଉଳରେ ବଡ ବଡ ଲୁହାକଡ଼ି ବ୍ୟବହୃତ ହୋଇଥିଲା । ଗୋଟିଏ ଗୋଟିଏ ଲୁହାକଡ଼ିର ପରିମାଣ ୩୮'—୯" × ୮'-୬" । ଦେଉଳର ପୂର୍ବଦ୍ୱାରରେ ଯେଉଁ ପ୍ରକାଣ୍ଡ ନବଗ୍ରହ ମୂର୍ତ୍ତିସମନ୍ୱିତ ପ୍ରସ୍ତରଖଣ୍ଡ ଥିଲା, ତାହା ଗୋଟିଏ ଦର୍ଶନୀୟ ବସ୍ତୁ । ଏହାର ଓଜନ ୨୬-୭ ଟନ୍, ଲମ୍ବ ୧୯'-୧୦" × ୩'-୯"×୪'-୯" । ୧୮୯୩ ମସିହାରେ ଏ ପ୍ରସ୍ତରଖଣ୍ଡ ଦ୍ୱିଖଣ୍ଡିତ କରାହୋଇଥିଲା, କାରଣ ଓଜନ ଊଣା ହେଲେ କଲିକତାକୁ ନିଆଯିବ । ନାଓ ଏ ଯୁଗରେ ମଧ୍ୟ ତାକୁ ନେଇ ପାରିଲେ ନାହିଁ । ଏତେ ବଡ ବଡ ପ୍ରସ୍ତରଖଣ୍ଡମାନ କେତେ ଦୂରରୁ ଆଣି କିପରି ଉପାୟରେ ଦେଉଳ ଉପରକୁ ନେଇ ବସାଇଥିଲେ, ତାହା ବର୍ତ୍ତମାନ ଆମ୍ଭମାନଙ୍କ ସ୍ଥୂଳବୁଦ୍ଧିର ଅଗୋଚର । ଅନ୍ୟାନ୍ୟ କେତେଗୁଡ଼ିଏ ଲୁହାକଡ଼ି ପଡ଼ିଛି, କାହାରି ଲମ୍ବ ୨୦'-୧୦", କାହାର ୨୧'-୬" ଏବଂ କାହାର ଲମ୍ବ ୨୩' ।

କୋଣାର୍କର ଦକ୍ଷିଣ-ପୂର୍ବରେ ରାମଚଣ୍ଡୀ ଠାକୁରାଣୀଙ୍କ ଦେଉଳ । ଏଥି ଉପରେ ଅନେକଗୁଡ଼ିଏ ମୂର୍ତ୍ତି ଖୋଦିତ ଅଛି, ଯଥା—ମକର ବାହନ ଉପରେ ଗଙ୍ଗାଦେବୀ, ମେଣ୍ଢା ବାହନ ଉପରେ ଅଗ୍ନିଦେବ, ନୃସିଂହ, ମହିଷମର୍ଦ୍ଦିନୀ, ଜଗନ୍ନାଥ, ଶିବଲିଙ୍ଗ, ପୀତାମ୍ବର, ବିଷ୍ଣୁ, ସୂର୍ଯ୍ୟ ଇତ୍ୟାଦି ।

ଉତ୍କଳର ସମସ୍ତ ବିଭବ ଲୋପ ପାଇଛି, ମାତ୍ର ଏ ଶିଳ୍ପବିଭବ ଅଦ୍ୟାବଧି ଅକ୍ଷୁଣ୍ଣଭାବରେ ରହିଛି । କଳାକୁଶଳତାର ମୂର୍ତ୍ତିମାନ ସ୍ୱରୂପ ଏହି ଦେଉଳଗୁଡ଼ିକ

ଅଳ୍ପ ପ୍ରାଚୀନ ଓଡ଼ିଆ ଜାତିର ମହତ୍ତ୍ୱକୁ ପରିଚୟ ଦେଉଛନ୍ତି । ଆଜି ଶତ ଶତ ପ୍ରତ୍ନତତ୍ତ୍ୱବିତ୍ ମହାନୁଭବ ପଣ୍ଡିତମାନେ ଓଡ଼ିଆମାନଙ୍କ ପ୍ରାଚୀନ କୀର୍ତ୍ତିକଳାପ ଦେଖିବାକୁ ଉତ୍କଳକୁ ଧାଉଁଛନ୍ତି । କପୂର ଯାଇ କନା ଥିବାପରି ଏ ଦେଉଳଗୁଡ଼ିକ ପଡ଼ିଛି ସତ, କିନ୍ତୁ ଯେତେବେଳେ ଉତ୍କଳବାସୀମାନଙ୍କର ଜ୍ଞାନ ହେବ, ଯେତେବେଳେ ସେମାନଙ୍କର ଚକ୍ଷୁ ଉନ୍ମୀଳିତ ହେବ, ସେତେବେଳେ ସେମାନେ ଏ ଦେଉଳଗୁଡ଼ିକୁ ନିରୀକ୍ଷଣ କରି ଦେଖିଲେ ଆପଣାର କାରୁଦକ୍ଷତା ଅନୁଭବ କରିପାରିବେ ।

ଏହି ଶିଳ୍ପକାର୍ଯ୍ୟମାନଙ୍କରୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଅନେକ କଥା ଅନୁସନ୍ଧାନ ଦ୍ୱାରା ସ୍ଥିର କରିପାରନ୍ତି । ସାମାଜିକ ଅବସ୍ଥା, ଅସ୍ତ୍ରର ବ୍ୟବହାର, ଧର୍ମଶିକ୍ଷା ପ୍ରଭୃତି କେତେବେଳେ କେତେଦୂର ଉନ୍ନତ ହୋଇଥିଲା ଏ ଶିଳ୍ପଗୁଡ଼ିକ ସେ ସମସ୍ତର ନିଦର୍ଶନ ସ୍ୱରୂପ ।

ପୋଷାକ ପରିଚ୍ଛଦ ସଭ୍ୟତାର ପ୍ରଥମ ସୋପାନ । ଅବଶ୍ୟ ଭିନ୍ନ ସ୍ଥାନର ଜଳବାୟୁର ତାରତମ୍ୟାନୁସାରେ ପୋଷାକ ପରିଚ୍ଛଦର ପାର୍ଥକ୍ୟ ହୋଇପାରେ । ମାତ୍ର ଯେଉଁ ଜାତି ସଭ୍ୟ ବୋଲି ପରିଚିତ, ତାହାର ପୋଷାକ ପରିଚ୍ଛଦ ବ୍ୟବହାର କରିବା ପ୍ରଥମ କର୍ତ୍ତବ୍ୟ । ସଭ୍ୟଜାତି କେବଳ ଉଲଙ୍ଗ ଅବସ୍ଥାରେ ରହେ ନାହିଁ କିମ୍ବା ବଲ୍‌କଲ ପତ୍ର ପ୍ରଭୃତି ଦ୍ୱାରା ଶରୀର ଆବୃତ କରେ ନାହିଁ । ସୁତରାଂ ସଭ୍ୟ ଓ ଅସଭ୍ୟ ମଧ୍ୟରେ ପୋଷାକଟି ପ୍ରଧାନ ପରିଚାୟକ ।

ପୋଷାକ ଅର୍ଥରେ ହସ୍ତପ୍ରସ୍ତୁତ ପୋଷାକ କଥା କହୁଛୁ । ସଭ୍ୟତା ବୃଦ୍ଧି ସଙ୍ଗେ ସଙ୍ଗେ ମନୁଷ୍ୟର ପୋଷାକ ପରିଚ୍ଛଦର ବିଭିନ୍ନତା ବୃଦ୍ଧି ହୁଏ । ବୁଦ୍ଧି ବୃତ୍ତି ଯେତେ ବେଶି ପ୍ରସ୍ଫୁଟିତ ହୁଏ ମନୁଷ୍ୟ ସେତେ ସୌନ୍ଦର୍ଯ୍ୟାନୁଭବ କରିପାରେ । ସୌନ୍ଦର୍ଯ୍ୟ ଅନୁଭବ କରି ପାରିଲେ ମନୁଷ୍ୟ ତଦ୍ୱାରା ଆପଣାକୁ ସୁଖୀ ବୋଲି ମନେ କରେ । ଏହି ସୁଖାନ୍ୱେଷଣ ଇଚ୍ଛା ହିଁ ମନୁଷ୍ୟ ଜୀବନର ପ୍ରଧାନ ଲକ୍ଷ୍ୟ । ସେ ସୁଖ କ'ଣ ? ଏ କଥା ଏଠାରେ ବର୍ଣ୍ଣନା ବିଷୟ ନୁହେଁ । ଏହି ସୁଖାନ୍ୱେଷଣ ପ୍ରଥମେ ପାର୍ଥିବ ବସ୍ତୁରେ ଆବଦ୍ଧ ଥାଏ । ଏହି ପାର୍ଥିବ ସୁଖାନ୍ୱେଷଣ ମଧ୍ୟରୁ ନାନା ବର୍ଣ୍ଣର, ନାନା ଢଙ୍ଗର, ନାନା ପ୍ରକାରର, ନାନା ପଦାର୍ଥପ୍ରସ୍ତୁତ ବସ୍ତ୍ରର ଆବଶ୍ୟକତା ଅନୁଭବ କରେ ଏବଂ ଏହି ହେତୁରୁ ଆଜି ଆମ୍ଭେମାନେ ହାଟ ବଜାରରେ ନାନାପ୍ରକାର ପୋଷାକ ପରିଚ୍ଛଦ ଦେଖିବାକୁ ପାଉଁ ।

ଅନେକ ଦେଉଳରେ ଯେଉଁ ମୂର୍ତ୍ତିଗୁଡ଼ିକ ଦେଖୁଁ ସେମାନେ ନାନା ପ୍ରକାର ପୋଷାକ ପିନ୍ଧି ଥିବାର ଦେଖାଯାଏ । କୌଣସି ଦେବୀ ରେଶମୀ ଲୁଗା ପିନ୍ଧିଥିବାର

ଜଣାଯାଏ । ସ୍ତ୍ରୀମାନେ ନାନାପ୍ରକାର ପୋଷାକ ପରିଚ୍ଛଦ ପରିଧାନ କରିଥିବାର ଦେଖାଯାଏ । ସୂକ୍ଷ୍ମକାର୍ଯ୍ୟ ଲୁଗାଉପରେ ନାନା ପ୍ରକାରର ଦେଖାଯାଏ । ଲୁଗା ଧଡ଼ିରେ ନାନା ପ୍ରକାରର କାରୁକାର୍ଯ୍ୟ ଦେଖାଯାଏ ।

ଏସବୁ ମୂର୍ତ୍ତିମାନଙ୍କୁ ତନ୍ନ ତନ୍ନ କରି ଦେଖିଲେ ଜଣାଯାଏ ଯେ ଓଡ଼ିଆମାନେ କେତେବେଳେ ଶ୍ମଶ୍ରୁ ଧାରଣ କରୁଥିଲେ, କ୍ଷୁଦ୍ର ଯୋଡ଼ା ମାରୁଥିଲେ, ନାନାପ୍ରକାର ଅଳଙ୍କାର, ଯଥା—ଚୁଡ଼ି ବଳା, ତାଡ଼, ପାହୁଡ଼, ବଳା, କାଞ୍ଚି, ପାପଡ଼ି, ପାଉଁଜି, ଝୁମ୍କିଆ, ଚନ୍ଦ୍ରକଳା ନାନାପ୍ରକାର ଧାତୁ ରଚିତ ହାର, ମଣିମୁକ୍ତାଖଚିତ ଅଳଙ୍କାର, କେୟୂର, କୁଣ୍ଡଳ ବସଣୀ ମଞ୍ଜିକଟୀ, ବଟ, ଚନ୍ଦ୍ରମୁଦ୍ରି, ଦଣ୍ଡି ପ୍ରଭୃତି ଅଙ୍ଗଅଳଙ୍କାର ବ୍ୟବହାର କରୁଥିଲେ । ଶଙ୍ଖ, ମହୁରି, ବେଣୁ, ଘଣ୍ଟା, ଝାଞ୍ଜ, ମୃଦଙ୍ଗ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା । ନାନାପ୍ରକାରର ଅସ୍ତ୍ରଶସ୍ତ୍ର ମଧ୍ୟ ବ୍ୟବହାର ହେଉଥିଲା ବୋଲି ଜଣାଯାଏ, ଯଥା—ବର୍ଚ୍ଛା, ଖଣ୍ଡା, ତରବାରି, କଟାରି, ଢାଲ, ଭାଲା, ଫର୍ଶା, କାଣ୍ଡବାଉଁଶ ବାଡ଼ି ଲୁଣ୍ଠ ଇତ୍ୟାଦି । ପାଲିଙ୍କି, ଦୋଳା, ଘୋଡ଼ା, ହାତୀ ପ୍ରଭୃତି ଯାନ ସ୍ୱରୂପ ବ୍ୟବହୃତ ହେଉଥିଲା । ଘୋଡ଼ାକୁ ଅସ୍ତବ୍ୟ କରିବା ଲାଗି ଚାବୁକ ଥିଲା । ଏବଂ ହାତୀ ଲାଗି ଅଙ୍କୁଶ ଥିଲା । ନଳୀକୁଣ୍ଡ ଓ ଜଳପାତ୍ର, ଖାଦ୍ୟପାତ୍ର ବ୍ୟବହୃତ ହେଉଥିବାର ଦେଖାଯାଏ । ଏ ସମସ୍ତ ବିଷୟ ଦେଖିଲେ ଜଣେ ଭାବିବ ଯେ ଓଡ଼ିଆମାନେ କେତେବେଳେ ସୁସଭ୍ୟ ଥିଲେ । ଏହିସବୁର ସମସ୍ତ ଉପକରଣ ଦେଖି ଯଦି କେହି କହେ ଯେ ଓଡ଼ିଆମାନେ କେତେବେଳେ ଅସଭ୍ୟ ଥିଲେ, ତେବେ ଆମ୍ଭେମାନେ ଏ ଉକ୍ତି କେବଳ ଈର୍ଷାଜନକ ବୋଲି ବାଧ୍ୟ ହୋଇ କହିବୁଁ ।

ଆଉ ଗୋଟିଏ କଥା ଦେଖାଯାଏ ଯେ ଗୋଟିଏ କନ୍ୟା ଠିଆ ହୋଇ ଲେଖୁଥିବାର ଚିତ୍ର । ଏଥିରୁ ଜଣାଯାଏ କେତେବେଳେ ଓଡ଼ିଆ ସ୍ତ୍ରୀମାନେ ଲେଖାପଢ଼ା ଜାଣୁଥିଲେ । ବାଳିକା ଯୋଉଁଥିରେ ଲେଖୁଛି ସେହି ଲେଖନ ପତ୍ର ଦସ୍ତକାଣ୍ଡି, ବରଂ ଆଜିକାଲିର ଖାତାପରି ଦେଖାଯାଏ । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଲେଖିଛନ୍ତି ଯେ ବଙ୍ଗ ମହିଳାଙ୍କ ଅପେକ୍ଷା ଓଡ଼ିଆ ମହିଳାମାନେ ଲେଖାପଢ଼ାରେ ବିଶେଷ ପଟୁ ।

କେଶବିନ୍ୟାସ ପ୍ରଣାଳୀର ଅନ୍ୟ ଗୋଟିଏ ଅଙ୍ଗ । ସେକାଳର ସ୍ତ୍ରୀ ମୂର୍ତ୍ତି ଦେଖିଲେ ଜଣାଯାଏ ଯେ ଏମାନଙ୍କର କେଶବିନ୍ୟାସ ପ୍ରଣାଳୀ ବଡ଼ ମନୋହର ଥିଲା । ଭିନ୍ନ ଭିନ୍ନ ପ୍ରକାରର ଖୋସା, ବେଣୀ, ଚୂଳି ପ୍ରଭୃତି ନାନା ପ୍ରକାରର ସୁନ୍ଦର କେଶବିନ୍ୟାସ ପ୍ରଚଳିତ ଥିଲା । ମୁହଁ ଦେଖିବା ଲାଗି ଦର୍ପଣ ବ୍ୟବହୃତ ହେଉଥିଲା ।

ପ୍ରଫେସର ଲାଇବନ୍ କହନ୍ତି ଯେ ମନୁଷ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖାଇବା ହିଁ ଶିଳ୍ପର କାର୍ଯ୍ୟ । ସୁତରାଂ ଉଲଙ୍ଗ ମୂର୍ତ୍ତି ଆବଶ୍ୟକ ଏବଂ ଓଡ଼ିଆମାନେ ଉଲଙ୍ଗ ମୂର୍ତ୍ତିଖୋଦିତ କରିବାଦ୍ୱାରା ଶିଳ୍ପର ଉପଯୁକ୍ତ ଜ୍ଞାନ ବିଷୟକ ରୁଚି ଦେଖାଇ ଯାଇଅଛନ୍ତି ।

ଏ ସମସ୍ତ ଶିଳ୍ପକାର୍ଯ୍ୟ ଦେଖିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏ ସମସ୍ତ ଦେଉଳ ନିର୍ମିତ ହେବାର ବହୁକାଳ ପୂର୍ବରୁ ଓଡ଼ିଆମାନେ ସଭ୍ୟତାର ଉଚ୍ଚତମ ସୋପାନରେ ଆସୀନ ଥିଲେ । ଏ ସମସ୍ତ ସୂକ୍ଷ୍ମକାର୍ଯ୍ୟରେ ଓଡ଼ିଆ ଶିଳ୍ପୀମାନେ ଯେଉଁ ପୂର୍ଣ୍ଣ ସୌନ୍ଦର୍ଯ୍ୟବୋଧାନୁଭବ ଶକ୍ତି ପାଇଥିବାର ପରିଚୟ ଦେଇ ଯାଇଛନ୍ତି, ତାହା ଦଶ ପନ୍ଦର ବର୍ଷର ଅଭିଜ୍ଞତା ନ ଥିବାର ସ୍ପଷ୍ଟ ଜଣାଯିବ ।

ଏ ଅଭିଜ୍ଞତା ଅଳ୍ପଦିନର ଅଭିଜ୍ଞତା ନୁହେଁ, ବରଂ ଏଗୁଡ଼ିକ ପରମ୍ପରା ଅଭିଜ୍ଞତାର ପୂର୍ଣ୍ଣ ପରିଚାୟକ । ଆଉ ଗୋଟିଏ କଥା ଏହି ଯେ ଉପରୋକ୍ତ ଦେଉଳମାନଙ୍କରେ ଯେଉଁ ସୂକ୍ଷ୍ମ, ସୁନ୍ଦର ଶିଳ୍ପକାର୍ଯ୍ୟମାନ ଅଛି ତହିଁରୁ ଶିଳ୍ପୀମାନଙ୍କ ହାତ ଓ ଯନ୍ତ୍ରକେତେ ଦୂର ଶିକ୍ଷିତ ଥିଲା ତାହା ସ୍ପଷ୍ଟ ଜଣାଯିବ । ଏ ପ୍ରକାର ହାତ ସଫାଇ ଦଶ ପାଞ୍ଚ ବର୍ଷର ଶିକ୍ଷାପ୍ରସୂତ ନୁହେଁ, ବରଂ ପୁରୁଷାନୁକ୍ରମେ ଯେ ଶିକ୍ଷା ପୈତୃକ ବିଦ୍ୟା ଥିବାର ଜଣାଯାଏ ବଂଶଗତ ଶିକ୍ଷାଃ ଗୁଣରୁ ଅଙ୍ଗ ପ୍ରତ୍ୟଙ୍ଗ ତଦୁପଯୋଗୀ ହୋଇଯିବାର ସ୍ୱାଭାବିକ ଏବଂ ବିଜ୍ଞାନସମ୍ମତ । ସୁତରାଂ ମୁଁ କହେଁ, ଏ ଶିଳ୍ପକାର୍ଯ୍ୟମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଓଡ଼ିଆମାନଙ୍କର ସଭ୍ୟତା ଅତି ପ୍ରାଚୀନ କାଳର କଥା ।

ଶିଳ୍ପବିଦ୍ୟା ବହୁ ପ୍ରାଚୀନ କାଳରୁ ହିନ୍ଦୁମାନଙ୍କୁ ଜଣାଥିଲା । କେତେକ ପାଶ୍ଚାତ୍ୟ ପଣ୍ଡିତ କହନ୍ତି ଯେ ଆଲେକଜାଣ୍ଡରଙ୍କ ଭାରତାଗମନ ପୂର୍ବେ ଭାରତବାସୀମାନେ ଶିଳ୍ପବିଦ୍ୟା ଜାଣି ନ ଥିଲେ । ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଆଲେକଜାଣ୍ଡର ଖ୍ରୀଷ୍ଟପୂର୍ବ ୩୨୬ରେ ଭାରତକୁ ଆସିଥିଲେ ଏବଂ କେବଳ ୮୦ ବର୍ଷ ଥିଲେ । କିନ୍ତୁ ଅଶୋକଙ୍କ ରାଜତ୍ୱ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୨୫୦ ବର୍ଷ ପୂର୍ବେ ଭାରତରେ ଭାସ୍କରକାର୍ଯ୍ୟ ବିଦ୍ୟମାନ ଥିବାର ଭୂରିଭୂରି ପ୍ରମାଣ ଅଛି । ରାମାୟଣ, ମହାଭାରତ ଓ ପାଣିନି ପ୍ରଭୃତି ଗ୍ରନ୍ଥମାନଙ୍କରେ ଅଟ୍ଟାଳିକା, ଗୋପୁର, ସ୍ତମ୍ଭ, ଇଷ୍ଟକ, ତୋରଣ, ହର୍ମ୍ମ୍ୟ, ପ୍ରାସାଦ, ବିମାନ ମନ୍ଦିର, ଦେବାୟତନ, ସଭା, ଗୋପୁର, ତକ୍ଷକ, ବର୍ଦ୍ଧକି ଇତ୍ୟାଦି ଶବ୍ଦ ଦେଖାଯାଏ ଏବଂ ଏସବୁ ଶିଳ୍ପଜ୍ଞାନର ପରିଚାୟକ । ସୁତରାଂ ଓଡ଼ିଆମାନେ ଭୁବନେଶ୍ୱର ଓ କୋଣାର୍କ ମନ୍ଦିରମାନ ନିର୍ମାଣ ହେବାର ବହୁକାଳ ପୂର୍ବରୁ ଶିଳ୍ପବିଦ୍ୟାରେ ଅଭିଜ୍ଞତା ଲାଭ କରିଥିଲେ । ଶିଳ୍ପବିଦ୍ୟା ବିଷୟକ ଅଭିଜ୍ଞତା ସଭ୍ୟତାର ପୂର୍ଣ୍ଣ ପରିଚାୟକ ।

ପ୍ରକୃତି ନିଜେ ସର୍ବୋତ୍କୃଷ୍ଟ ଶିଳ୍ପୀ । ପ୍ରକୃତିର ସୃଷ୍ଟିରାଜି ଅବଲୋକନ କଲେ ଜଣାଯାଏ ଯେ ଶିଳ୍ପକଳାରେ ପ୍ରକୃତିର ଅସାଧାରଣ ଅଭିଜ୍ଞତା । ମାନବ ଜଗତରେ ହେଉ, ପ୍ରାଣୀ ଜଗତରେ ହେଉ, ପଶୁପକ୍ଷୀ ଜଗତରେ ହେଉ, ଉଦ୍ଭିଦ ବା ଜଡ଼ ଜଗତରେ ହେଉ ସେହି ସବୁରେ ହିଁ ଦେଖିବ ପ୍ରକୃତିର ପ୍ରକୃଷ୍ଟ ଶିଳ୍ପକୁଶଳତା । ବିଚିତ୍ର ବର୍ଣ୍ଣପୂର୍ଣ୍ଣ ଏହି ସୃଷ୍ଟିସବୁକୁ ପ୍ରକୃତିର ଶୋଭାଭଣ୍ଡାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରକୃତିଦେବୀ ଅତି ସହଜ ପ୍ରକାରରେ ଅପୂର୍ବ ଶିଳ୍ପକୁଶଳତା ଦେଖାଇ ଏ ଭଣ୍ଡାରରେ କେତେ ବିଚିତ୍ର ରଙ୍ଗ ପୂର୍ଣ୍ଣ କରି ରଖିଛି । ସେହି ମାନବ ଶିଳ୍ପୀମାନେ ଏହି ପ୍ରାକୃତିକ ଶିଳ୍ପକୁ ଅନୁକରଣ କରି ଯେତେ ପୂର୍ଣ୍ଣତା ଆଣିପାରନ୍ତି, ସେମାନଙ୍କୁ ଶିଳ୍ପବିଦ୍ୟାରେ ସେତେ ଉନ୍ନତ ବୋଲି ବୁଝାଯାଏ । ଏହି ଦୃଷ୍ଟିରେ ଓଡ଼ିଆମାନଙ୍କ ଶିଳ୍ପ ପର୍ଯ୍ୟବେକ୍ଷଣ କଲେ ଜଣାଯିବ ଓଡ଼ିଆମାନେ ଶିଳ୍ପବିଦ୍ୟାରେ କେତେଦୂର ଉନ୍ନତ ହୋଇଥିଲେ ।

ଏହି ପ୍ରାଚୀନ କୀର୍ତ୍ତିଗୁଡ଼ିକ ଯେତେ ଦିନ ଥିବ ଓଡ଼ିଆ ଜାତିର ଗୌରବ ସେତେ ଦିନ ଅକ୍ଷୁର୍ଣ୍ଣଭାବରେ ଥିବ । ମାତ୍ର ଦୁଃଖର ବିଷୟ ଯେ କାଳକ୍ରମେ ଏଗୁଡ଼ିକ ଜୀର୍ଣ୍ଣ ହୋଇଆସୁଛି । ଏଗୁଡ଼ିକ ଉପରେ ରକ୍ଷାବେକ୍ଷଣ କରିବା ଓଡ଼ିଆମାନଙ୍କର ଗୋଟିଏ ଜାତୀୟ କର୍ତ୍ତବ୍ୟ ।

—o—

# ଜଗନ୍ନାଥ ଦେଉଳ

ଉତ୍କଳର ସବୁ ଯାଇଛି, ମାତ୍ର ସବୁ ଅଛି । ପ୍ରାଚୀନ ଉତ୍କଳର ବ୍ୟବସାୟ, ବାଣିଜ୍ୟ ଓ ଶିଳ୍ପ ପ୍ରଭୃତି ସମସ୍ତ ଲୋପ ହୋଇଅଛି ସତ୍ୟ, କିନ୍ତୁ ଦେବଦେବ ଜଗନ୍ନାଥ ଆଜି ପର୍ଯ୍ୟନ୍ତ ଉତ୍କଳରେ ବିରାଜିତ । ଆଜି ଶତ ଶତ ହିନ୍ଦୁ, ସହସ୍ର, ଲକ୍ଷ ଲକ୍ଷ ପାପୀ ତାପୀ ଉତ୍କଳକୁ ଧାଇଁଛନ୍ତି । ଆଜି ମଧ୍ୟ ଉତ୍କଳର ସେହି ପବିତ୍ରତା ଅକ୍ଷୁର୍ଣ୍ଣଭାବରେ ରହିଛି । ମାତ୍ର କାହାପାଇଁ ? ଜଗନ୍ନାଥ ମହାପ୍ରଭୁଙ୍କ ହେତୁ ନୁହେଁ କି ? ନିଶ୍ଚୟ ସ୍ୱୀକାର ସତ୍ୟ । ସୁତରାଂ ଜଗନ୍ନାଥ, ଜଗନ୍ନାଥଙ୍କ ଦେଉଳ, ଦେଉଳର ଶାସନପ୍ରଣାଳୀ ପ୍ରଭୃତି ଆମ୍ଭମାନଙ୍କର ପ୍ରଧାନ ଆଲୋଚ୍ୟ ବିଷୟ । ମାଦଳାପାଞ୍ଜି ଏ ବିଷୟରେ ଆମ୍ଭମାନଙ୍କର ପ୍ରଧାନ ଅସ୍ତ୍ର ।

### ଜଗନ୍ନାଥଙ୍କ ଆବିର୍ଭାବ – କେବେ ? କେଉଁଠି ?

ସୂର୍ଯ୍ୟକିରଣରେ ଯେଉଁ ରେଣୁମାନ ଉଡ଼ୁଥାଏ, ଦେଖାଯାଏ ନ ଯାଏ, ଲକ୍ଷ୍ୟକରି ପାରୁଥାଏ ନାହିଁ, ତାକୁ ପରମାଣୁ କୁହାଯାଏ । ୨ ପରମାଣୁ = ୧ ଅଣୁ । ତିନୋଟି ରେଣୁ = ୧ ତ୍ରୁଟି । ୧୦୦ ତ୍ରୁଟି = ୧ ବେଧ । ୩ ବେଧ = ୧ ଲବ । ୩ ଲବ = ୧ କ୍ଷଣ । ୫ କ୍ଷଣ = ୧ କାଷ୍ଠା । ୧୫ କାଷ୍ଠା = ୧ କଳା । ୧୦ କଳା = ୧ ଲଘୁତା । ୧୦ ଲଘୁତା = ୪ ଦଣ୍ଡ । ୨ ଦଣ୍ଡ = ୧ ଘଡ଼ି ବା ମୁହୂର୍ତ୍ତ । ୧୫ ଦଣ୍ଡ = ୩୦ ଘଡ଼ି = ୧ ପ୍ରହର । ୩୦ ଦଣ୍ଡ = ୧ ରାତ୍ରି । ଅହୋରାତ୍ର = ୬୦ ଦଣ୍ଡ = ୧ ଦିନ । ମନୁଷ୍ୟମାନଙ୍କ ନାମାନୁସାରେ ସାତ ଦିନର ନାମକରଣ । ୭ × ୨ = ୧୪ ତିଥି । ପ୍ରତିପଦ୍‌ଠାରୁ ପୂର୍ଣ୍ଣିମା ଯାଏଁ ୧୫ ତିଥି = ଶୁକ୍ଳପକ୍ଷ ଏବଂ ତଦ୍ରୂପ = ଅମାବାସ୍ୟା ଯାଏଁ ୧୫ ତିଥି = କୃଷ୍ଣପକ୍ଷ । ୨ ପକ୍ଷ = ୧ ମାସ । ୧୨ ମାସ = ୧ ବର୍ଷ । ବର୍ଷ ଦୁଇ ପ୍ରକାର । ସୌରବର୍ଷ, ଯଥା— ମେଷ, ବୃଷ ଆଦି ଏବଂ ଚାନ୍ଦ୍ରବର୍ଷ, ଯଥା ଚୈତ୍ର, ବୈଶାଖ ଆଦି । ୬ ଋତୁ = କୁମ୍ଭମାସ ଅର୍ଦ୍ଧଠାରୁ ମେଷାର୍ଦ୍ଧ ପର୍ଯ୍ୟନ୍ତ, ବସନ୍ତ ଇତ୍ୟାଦି କ୍ରମେ । ୧୨ ମାସ = ୧ ଅୟନ ।

ଦେବତାମାନଙ୍କ ଗଣନାନୁସାରେ ମକରାଦି ୬ ମାସ = ୧ ଦିନ = ଅୟନ ଏବଂ କର୍କଟାଦି ୬ ମାସ = ୧ ରାତ୍ରି = ଯାମ୍ୟୋତ୍ତରାୟନ । ବର୍ଷ ଯୁଗ ପ୍ରକାର,

ଯଥା—(୧) ସୌର, (୨) ଚାନ୍ଦ୍ର, (୩) ସାବନ, (୪) ନାକ୍ଷତ୍ରିକ ଅର୍ଥାତ୍ ପରିବତ୍ସର, ଇଦାବତ୍ସର, ଅନୁବତ୍ସର ଓ ସମ୍ବତ୍ସର ।

ମନୁଷ୍ୟର ୧ ମାସ = ପିତୃଲୋକ ୧ ଦିନ ।

ମନୁଷ୍ୟର ୧ ବର୍ଷ = ଦେବତାଙ୍କର ୧ ଦିନ ।

ମନୁଷ୍ୟବର୍ଷ — ସତ୍ୟ, ତ୍ରେତା, ଦ୍ୱାପର ଓ କଳି । ବର୍ଷ ପରିମାଣ ୪୩୨୦୦୦ । ଦେବତାଙ୍କର ୧୨ ବର୍ଷ = ମନୁଷ୍ୟର ଏକ ଯୁଗ । ୭୧ ମନୁଷ୍ୟ-ଯୁଗରେ ୧ ମନୁ । ୧୮ ମନୁ ଯୁଗ ଶେଷରେ ଇନ୍ଦ୍ର ଚନ୍ଦ୍ର ନକ୍ଷତ୍ରମଣ୍ଡଳ ଯାନ୍ତି । ଏହିପରି ୧୪ ମନୁ = ବ୍ରହ୍ମାଙ୍କର ୧ ଦିନ ।

ମନୁଷ୍ୟବର୍ଷ ୩୧୧୦୪୦୦୦୦୦୦୦୦୦୦୦ = ବ୍ରହ୍ମାଙ୍କ ୧ ବର୍ଷ = ପ୍ରଥମ ପରାର୍ଦ୍ଧ ଓ ୨ୟ ପରାର୍ଦ୍ଧ ।

ବ୍ରହ୍ମାଙ୍କ ପ୍ରଥମ ପରାର୍ଦ୍ଧରେ ପରମେଶ୍ୱର ଭୂଲୋକରେ ଜମ୍ବୁଦ୍ୱୀପର ଭରତ-ଖଣ୍ଡର ଉତ୍ତର ଦେଶରେ ଦକ୍ଷିଣ ମହୋଦଧିର ଉତ୍ତରତୀରରେ ଶ୍ରୀପୁରୁଷୋତ୍ତମ ବୈକୁଣ୍ଠରେ ଦଶ ଯୋଜନ ମଧ୍ୟରେ ତୀର୍ଥରାଜୋତ୍ତମ ଶଙ୍ଖ, ପଞ୍ଚକୋଶ ଭିତରେ ଶଙ୍ଖର ନାଭିମଣ୍ଡଳସ୍ଥ ନୀଳକନ୍ଦର ପର୍ବତରେ ନୀଳମଣିଗଠିତ ଶଙ୍ଖ ଚକ୍ର ଓ ଗଦା ପଦ୍ମ ସହିତ ଚତୁର୍ଭୁଜ ହୋଇ ନୀଳମାଧବ ମୂର୍ତ୍ତି ଅବତାର ହେଲେ । ଦେବତା-ମାନେ ପୂଜକ ହେଲେ । ଶବରଦ୍ୱୀପରୁ ଯାଇ ବିଶ୍ୱାବସୁ ଶବର ଦେଖିବ ପୂଜାକଲେ । ଏହିପରି ପ୍ରଥମ ପରାର୍ଦ୍ଧ ଶେଷ ହେଲା । ୨ୟ ପରାର୍ଦ୍ଧର ୫୧ ବର୍ଷ ପ୍ରବେଶ ହୁଅନ୍ତେ ପ୍ରଥମ ଏକ ଦିବସରେ ବ୍ରହ୍ମା ନିଦ୍ରା, ଆଳସ୍ୟ ତ୍ୟାଗକରି ସୃଷ୍ଟି ଦେଖିଲେ ଚତୁର୍ଦ୍ଦିଗ ଜଳପରିପୂର୍ଣ୍ଣ । ସୃଷ୍ଟି ଇଚ୍ଛାକଲେ । ୧୨ ସୂର୍ଯ୍ୟ ଉଦିତ ହେଲେ । ଅର୍ଦ୍ଧାଂଶମା ଦେବୀ ଅର୍ଦ୍ଧେକ ଜଳ ପାନ କଲେ । ପାତାଳରେ ସଙ୍କର୍ଷଣ-ଠାରେ ପ୍ରଚଣ୍ଡ ଅଗ୍ନିତେଜ ବାହାରିଲାରୁ ଜଳ ଶୁଷ୍କ ହେଲା । ମନୁଙ୍କର ଏକ ଯୁଗ ଗତ ହେଲା । ସତ୍ୟଯୁଗ ଆରମ୍ଭ ହେଲା ୧୭୨୮୦୦୦ ବର୍ଷ ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ବଡ଼ ବିଷ୍ଣୁଭକ୍ତ ଥିଲେ ଏବଂ ବୈକୁଣ୍ଠକୁ ଚଳେ ବିଷ୍ଣୁଙ୍କ ସହିତ ସାକ୍ଷାତ ହେବ ବୋଲି ଚିନ୍ତିତ ଥିଲେ । ଜଟିଳ ନାମକ ଜଣେ ବୈଷ୍ଣବ ବୈଦେଶିକ ଇନ୍ଦ୍ରଦ୍ୟୁମ୍ନଙ୍କ ରାଜସଭାରେ ପ୍ରବେଶ ହୋଇ ନୀଳମାଧବଙ୍କ କଥା ଜଣାଇଲେ । ରାଜା ଏ ସମ୍ବାଦ ପ୍ରାପ୍ତ ହୋଇ ରାଜ ପୁରୋହିତ ବିଦ୍ୟାପତିଙ୍କୁ ସ୍ୱୟଂ ପ୍ରଭୁଙ୍କ ଠିକଣା କରିବାଲାଗି ପ୍ରେରଣ କଲେ । ବିଦ୍ୟାପତି ବହୁ ଭ୍ରମଣକରି ବିଶ୍ୱା-ବସୁ ଶବର ଘରେ ପ୍ରବେଶ ହେଲେ ଏବଂ ତା ସହିତ ମିତ୍ରତା ସ୍ଥାପନ କଲେ ।

ଶବର କନ୍ୟା ସହିତ ବିଦ୍ୟାପତିଙ୍କର ବିବାହ ହେଲା ଏବଂ ତା ସାହାଯ୍ୟରେ ନୀଳମାଧବ ଦର୍ଶନ କଲେ । ବିଦ୍ୟାପତି ଦର୍ଶନଲାଭ କରି ଫେରିଆସି ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ସଂବାଦ ଦେଲେ ।

ଇନ୍ଦ୍ରଦ୍ୟୁମ୍ନ ମହାରାଜା ସମ୍ବାଦ ପାଇ କୃତକୃତ୍ୟ ହୋଇ ଦର୍ଶନଲାଭଆଶାରେ ଯାତ୍ରା କଲେ । ଇତିମଧ୍ୟରେ ନୀଳମାଧବ ଅନ୍ତର୍ଦ୍ଧାନ ହେଲେ ଏବଂ ସ୍ୱପ୍ନରେ ନାରଦ ଏ ସମ୍ବାଦ ଇନ୍ଦ୍ରଦ୍ୟୁମ୍ନଙ୍କୁ ଜଣାଇଲେ । ରାଜା ସମ୍ବାଦ ପାଇ ସମ୍ପୂର୍ଣ୍ଣ ଭାବରେ ଦୁଃଖିତ ହେଲେ ଏବଂ ଆପଣାକୁ ଧିକ୍କାର କଲେ । ମାତ୍ର ଆକାଶବାଣୀ ହେଲା ଯେ "ତୁମ୍ଭେ ଆଉ ଏ ମୂର୍ତ୍ତି ଦେଖିପାରିବ ନାହିଁ । ପାଞ୍ଚଶ ବର୍ଷ ମଧ୍ୟରେ ୧୦୦୦ ଅଶ୍ୱମେଧ ଯଜ୍ଞ କଲେ ଆମ୍ଭେ ଦାରୁବ୍ରହ୍ମ ରୂପରେ ଅବତୀର୍ଣ୍ଣ ହେବୁଁ । ସେତେବେଳେ ତୁମ୍ଭେ ଦର୍ଶନ ପାଇବ । ଆମ୍ଭେ ଚାରିଗୋଟି ମୂର୍ତ୍ତିରେ ଆବିର୍ଭୂତ ହେବୁଁ, ଯଥା--(୧)ବଳଭଦ୍ର ଶଙ୍ଖବର୍ଣ୍ଣ, ଋଗ୍‌ବେଦରେ ତାଙ୍କୁ ଧରିବ ଏବଂ ରାଜମନ୍ତ୍ରରେ ପୂଜା କରିବ । (୨) ଜଗନ୍ନାଥ ନୀଳମେଘବର୍ଣ୍ଣ, ସାମବେଦରେ ତାଙ୍କୁ, ଦ୍ୱାଦଶାକ୍ଷର ମନ୍ତ୍ରରେ ପୂଜା । (୩) ସୁଭଦ୍ରା ଅରୁଣ ଓ କୁଙ୍କୁମବର୍ଣ୍ଣ ମିଶ୍ରିତ ଯଜୁର୍ବେଦରେ ତାଙ୍କୁ ଦେବୀଶକ୍ତି ମନ୍ତ୍ର । (୪) ସୁଦର୍ଶନ ରକ୍ତବର୍ଣ୍ଣ, ଅଥର୍ବବେଦରେ ତାଙ୍କୁ ।"

ରାଜା ଏହି ଆକାଶବାଣୀ ଶୁଣି କ୍ଷେତ୍ରମଧ୍ୟରେ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଇନ୍ଦ୍ରଦ୍ୟୁମ୍ନ ଘୋଡ଼ାଘଣ୍ଟାରେ ଯଜ୍ଞ ହେଲା । ଦାରୁବ୍ରହ୍ମ ଆସି ସମୁଦ୍ରରେ ବାଙ୍କିମୁହାଣ ନିକଟରେ ଲାଗିଲେ । ସେଠାରୁ ଦାରୁ ଅଣାଯାଇ ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ଗଠିତ ହେଲା । ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତ୍ରୀଙ୍କ ନାମ ଗୁଣ୍ଡିଚା ଥିଲା । ଗୁଣ୍ଡିଚା ମନ୍ଦିର ଓ ଗୁଣ୍ଡିଚା ଯାତ୍ରା ତାଙ୍କ ନାମରେ ନାମିତ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ବଡ଼ଦେଉଳ ତିଆରି କଲେ, ୧୦୦୦ ହାତ ଉଚ୍ଚରେ ଦେଉଳ ପ୍ରସ୍ତୁତ କରାଇଲେ ଏବଂ ଦେବତାମାନଙ୍କୁ ପ୍ରତିଷ୍ଠା କରାଇ ଦେଉଳରେ ବିଜେ କରାଇବା ଲାଗି ବ୍ରହ୍ମାଙ୍କ ନିକଟକୁ ଗଲେ । ବ୍ରହ୍ମାଙ୍କ ସହିତ ଫେରିଆସିବାବେଳକୁ ଗାଲମାଧବ ରାଜା ଦେଉଳ ଅଧିକାର କରି ଦେବତାଙ୍କୁ ପୂଜା କରୁଛି । ଇନ୍ଦ୍ରଦ୍ୟୁମ୍ନ ଗାଲମାଧବ ସହିତ ଯୁଦ୍ଧ କଲେ । ଗାଲମାଧବ ପରାସ୍ତ ହେଲେ । ଇନ୍ଦ୍ରଦ୍ୟୁମ୍ନ ଦେଉଳ ପ୍ରତିଷ୍ଠା କଲେ । ଠାକୁରମାନେ ଦେଉଳରେ ବିଜେ କଲେ । ନୃସିଂହମୂର୍ତ୍ତି ଦର୍ଶନ ପରେ ବ୍ରହ୍ମା ଶାନ୍ତିମନ୍ତ୍ର ପାଠ କଲେ । ପରେ ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ ବରପ୍ରଦାନ କଲେ । ଇନ୍ଦ୍ରଦ୍ୟୁମ୍ନ ପ୍ରାର୍ଥନା କଲେ, "ପ୍ରଭୁ ! ମୋ ବଂଶରେ ଏ ଦେଉଳ ମୋର ବୋଲି ଦାବି କରିବାକୁ କେହି ନ ରହୁ" ।

ଜଗନ୍ନାଥ ମହାପ୍ରଭୁ ଭକ୍ତର କାମନାନୁଯାୟୀ ବର ପ୍ରଦାନ କଲେ । ଫଳରେ ଇନ୍ଦ୍ରଦ୍ୟୁମ୍ନ ନିର୍ବଂଶ ହେବାରୁ ଜଗନ୍ନାଥ ମହାପ୍ରଭୁ ସ୍ୱୟଂ ତାଙ୍କ ଲାଗି ଏକ ଦିନ ବାର୍ଷିକ ଶ୍ରାଦ୍ଧ କରନ୍ତି । ଦେଉଳରେ ଏ ପ୍ରଥା ଅଦ୍ୟାବଧି ପ୍ରଚଳିତ ଅଛି ।

ଇନ୍ଦ୍ରଦ୍ୟୁମ୍ନ ମହାରାଜ ବହୁକାଳ ପ୍ରଜାପାଳି ବ୍ରହ୍ମଲୋକ ଗମନ କଲେ ଏବଂ ତାହାଙ୍କ ପରେ ଶ୍ୱେତଗଙ୍ଗ ରାଜା ସେବାକଲେ । କଳି ଆରମ୍ଭ ପରେ ଅନେକ ରାଜା ପରମେଶ୍ୱରଙ୍କ ସେବା କରି କାଳ କଟାଇଲେ ।

ପ୍ରଥମ ଦେଉଳ ୧୦୦୦ ହାତ ଉଚ୍ଚ ଥିବା କଥା ମାଦଳାପାଞ୍ଜିରୁ ଜଣାଯାଏ ।

ରାଜାମାନଙ୍କ ଦାନ ଦ୍ୱାରା ଜଗନ୍ନାଥ ମହାପ୍ରଭୁଙ୍କ ସମ୍ପତ୍ତି ବୃଦ୍ଧି ଲାଭ କଲା । ଯେ ଯେତେବେଳେ ରାଜା ହେଲେ ସେମାନେ ଜଗନ୍ନାଥଙ୍କ ସେବାପୂଜା ଯାନଯାତ୍ରା ଲାଗି ଅନେକ ଭୂସମ୍ପତ୍ତି ବ୍ୟବସ୍ଥା କରିଥିଲେ ।

୧ । ଚୂଡ଼ଙ୍ଗ ଦେବ — ତାହାଙ୍କ ବଣେଇଣ୍ଡି ଆଉଗ୍ରାମ ୧ ବାଟି

୨ । ରାଘବଙ୍କ - ବୋରବୋଇ ଗ୍ରାମ ଦଣ୍ଡ ଗୋପଥ ସହିତ ବା ୩୬୨୦। ୦।୧୩ ।

୩ । ଏକଜଟା କାମଦେବ — ରାଜାଙ୍କ ପତନା ଶୁଆଳପତ୍ରା ଗ୍ରାମ ବା ୧୯୮।୪।୩ । ଶୁଆଳ ଗ୍ରାମ ବା ୬୮।୧୦।୮ ଗୁଣ୍ଠ । ଝୋମପୁର ବା ୭୦।୦ ।

୪ । ମଦନ ମହାଦେବ — କେମ୍ବାରି ଦଣ୍ଡପାଟ ଥୋଷେଣ୍ଡା ଗ୍ରାମ ୨୮୭ ବାଟି ଖୋଲଭଡ଼ ୮୭ ବାଟି, ରେଡଣ୍ଡା ବା ୧୦୦।୪।୧୪, ଭବିଭବାଇ ୭୦ ବାଟି, ବାଲିଆ ନରନ୍ତି ୧୦୦ ବାଟି, ଗୋବିନ୍ଦକେଲା ବା ୫୦।୮, ରଞ୍ଜିଡେଲ୍ ବା ୧୬।୧୬।୧୨ ଗୁଣ୍ଠ, ବାମନସେଠିଆ ବା ୭୧।୧୬।୧୧, ଭୈରବ ୧୨୦ ବାଟି, ଆଣିକପୁର ବା ୨୪୮।୧୮ ଗୁଣ୍ଠ, ପାଟଣାପୁର ବା ୯୨।୨।୯, ସାଧୁପଡ଼ା ବା ୪୬।୧୨।୪, ମୁକୁନ୍ଦପୁର ବା ୨୪।୯୬।୧୭ ଗୁଣ୍ଠ, ପଶିଲେ ବା ୬୨।୧୭।୭, ଜଗନ୍ନାଥଦେଇପୁର ବା ୨୮।୧୧।୧୩, ବନ୍ଦ୍ରପୁର ବା ୭୦।୧୮।୦, ବିଲାସପୁର ବା ୪୮।୧୦।୪, କାଲିଆଡେଲ୍ ୬୦ ବାଟି ।

୫ । ଗୁଜଗ୍ରିଦେବେଶ୍ୱର ଦେବ—ଅଁଲାଉଣ୍ଡା ବା ୧୭୬।୫।୧୧, ଦେଉଲଙ୍କ ନା ୧୧୨।୧୪।୧୪, ଟେଲିମାପୁର ବା ୧୭୦।୭।୨, ପାହାଲାକଣ୍ଡ ୬୦ ବାଟି, ବ୍ରହ୍ମପେ ୪୦ ବାଟି ।

୬ । ଶ୍ରେଷ୍ଠ ପୁରୁଷୋତ୍ତମ ଦେବ—ମଣିକପୁର ଟୋଳା ବା ୪।୩।୮, ପୂର୍ବରେ ବାଲି ପଶ୍ଚିମରେ ବାଲି ୨୦ ବାଟି, ନନ୍ଦନପାଲ ୧୨୦ ବାଟି, ପାତକାଲିଆ ୩୦ ବାଟି ମଦନକୁଆ ୧୫ ବାଟି, ସିଂହାରପୁର ୩୦ ବାଟି, ମଧୁପୁର ୩୦ ବାଟି, ଆସୁଡକଗୁଆ ୧୦ ବାଟି, ଶୋକନଗୁଆ ୧୨୦ ବାଟି, ଆଗରପୁରଣବାଲିଅଣ ଆଲଙ୍ଗ ୬୦ ବାଟି ।

୭ । ଅନଙ୍ଗଭୀମଦେବ—ଏହାଙ୍କ ମୁଦଳ "ପୁଦଣ୍ଡ" ପରପତ୍ରଂ ବା ଯେ ହରନ୍ତି ବସୁନ୍ଧରା । ବର୍ଷଷଷ୍ଟୀ ସହସ୍ରାଣୀ ବିଷ୍ଠାୟାଂ ଜାୟତେ କୃମି ॥"

ଏହାଙ୍କ ଅମଳରେ ୧୨ ଦସ୍ତି ପଠକାରେ ଦେଉଁ ମାପ ହୋଇଥିଲା ସେଥିରୁ ଦେଉଳ ମନ୍ଦିରୀୟ ଉତ୍ସବଗଣକୁ ନିମ୍ନଲିଖିତ ଭୂମାନ ମିଳେ—

ପରମେଶ୍ୱରଙ୍କ ଦେଉଳ ୧ ବାଟି, ମାର୍କଣ୍ଡେଶ୍ୱର ୧ ବାଟି, ମାର୍କଣ୍ଡେଶ୍ୱର ତଳଣ୍ଡି ୪ ବାଟି, ଯଜ୍ଞେଶ୍ୱର ୧୦ ମାଣ, ଶ୍ୱେତମାଧବ, ନୀଳମାଧବ, ଶ୍ୱେତଗଙ୍ଗା ତୀର୍ଥ ୨ ବାଟି, ଭଗବାନମାଧବ ଓ ବଂଶୀମାଧବ ୨ ମାଣ, ଦକ୍ଷିଣକାଳିକା ୨ ମାଣ, ଯମେଶ୍ୱର ୨ ମାଣ ମଙ୍ଗଳାଦେବୀ ୨ ମାଣ, ଅର୍ଦ୍ଧାଶନୀ ୭ ମାଣ, ବେମଳା ୫ ମାଣ, ଶ୍ରୀଗୁଣ୍ଡିଚା ନଗର ୨ ବାଟି, ନୃସିଂହ ୫ ମାଣ ଜଳମାଧବ, ନୀଳକଣ୍ଠେଶ୍ୱର ଓ ଇନ୍ଦ୍ରଦ୍ୟୁମ୍ନ ୨ ବାଟି, ଅଳମଚଣ୍ଡୀ ୫ ମାଣ, ସାକ୍ଷୀମାଳଙ୍କ ଦେବଦେବୀ ୨୦ ମାଣ, ଅଠରନଳପୁର ବା ୧୩୬।୬।୦ । ଏ ରାଜା ଦେଉଳ ପୁରଦଣ୍ଡରେ ଅନେକ ମଠ ସ୍ଥାପିତ କଲେ । ଏମାନଙ୍କ ମଠାଧୀଶମାନେ ନିମ୍ନଲିଖିତ କାର୍ଯ୍ୟ କରିବାକୁ ବାଧ୍ୟଥିଲେ- ଯଥା—ପରମେଶ୍ୱରଙ୍କ ଭୋଗବେଳାଗ ଭଲ ମନ୍ଦ ବୁଝିବେ, ମୁଦ୍ରାହସ୍ତ ବା ମୁଦିରଥ, ପଣ୍ଡାପାଳନ, ବ୍ରାହ୍ମଣ ସେବକମାନଙ୍କୁ ଦୀକ୍ଷା, ପୂଜା ଓ ସୁନିବନ୍ଧ ଶିକ୍ଷାଦେବେ, ଦେଶର ସମସ୍ତ ଲୋକମାନଙ୍କ ବିଚାର ବୁଝି ଦଣ୍ଡମଣ୍ଡ କରିବା ଲାଗି ପରୀକ୍ଷାକୁ ଯିବେ ।

ସନ୍ୟାସୀ ୫୨ ମଠ ମଧ୍ୟରେ ଆନ୍ଧ୍ର ୧୨ ମଠ, ମହାରାଷ୍ଟ୍ର ୮, ଦ୍ରାବିଡ଼ ୮, କନୌଜ ୫, ନେପାଳ ୩, ଓଡ଼ିଆ ୧୪ ମଠ, ଗୌଡ଼ୀୟ ୪ ମଠ, ଏକାଦଶୀ ୩ ମଠ, ନିବେଦନୀ ୧୫ ମଠ, ଚିଦସ୍ତୀ ୭ ମଠ । ପ୍ରତି ମଠକୁ ବାସ୍ତୁ, ବୋଟା, ଅଡ ଏକମାଣ ଲେଖାଏଁ ଭୂମିଦାନ ଦେଲେ । ମୁଦ୍ରସ୍ତ ଭୂଇ ମଠ ମଧ୍ୟରେ ପରମେଶ୍ୱରଙ୍କ ବାଡରେ ମୁଦିରଥ ଶିବ୍ରଶ୍ୟାମ ମୁଦିରସ୍ତ ଦଣ ମଠ ବାଲିରେ

ପୋଡ଼ ହୋଇ ଯାଉଥିବାରୁ ସେମାନଙ୍କୁ ଦେଲେ ଗାଡ଼ ବନ୍ଦରକୁ ବାସ୍ତୁଭୂମି ହୋଇଛି ହିସାବ ୧୦ ମାଣ. ବଳରାମ ଦେବଙ୍କ ଦାଣ୍ଡ ଅଗ୍ନିଶର୍ମା ମଠ ୧୦ ମାଣ । ଦେଉଳ ତିଆରି କରିଥିବା ଆଠେସ୍ତ ଗୋଷ୍ଠୀ ପୁଣ୍ୟରଥ ଆରୁଣିଙ୍କୁ ସବଂଶ କୁଟୁମ୍ବ ନେଇ ରହିବାକୁ ଦକ୍ଷିଣ ପାର୍ଶ୍ୱରେ ରଥଅଙ୍କ ୪ ବାଟି । ଉତ୍ସେଣ ଶବରର ବୃଷପୁତ୍ର, ୩ ଝିଅ ଓ କୁଟୁମ୍ବମାନଙ୍କୁ ନେଇ ରହିବାକୁ ଦଇତାପଡ଼ା ସାହି ୭ ବାଟି । ପଣ୍ଡାବଂଶମାନେ ଏକାଠି ରହିବା ଲାଗି ଛତ୍ରିଶପଡ଼ା ୬ ବାଟି ।

ଯାଜିଶୁଦ୍ଧା ପଣ୍ଡାମାନଙ୍କ ରହିବାକୁ ଡୁଡୁଙ୍ଗାସାହି ୩ ବାଟି । ସିଂହାସନ ପଣ୍ଡାମାନଙ୍କ ଅନ୍ୟ ମହାଜନମାନଙ୍କୁ ରହିବାକୁ ଶମ୍ଭୁ ଦୋଳମଣ୍ଡପ ସାହି, ବାଲିସାହି ଓ ହରମେଶ୍ୱରପୁର ସାହି ୩ ବାଟି । ସୁଆର, ମହାସୁଆର ଓ ମୁକୁନ୍ଦ ସାହି ୩ ବାଟି । ଅନ୍ୟାନ୍ୟ ସେବକ ବାଲିସାହି, କାଳିକାଦେବୀସାହି, ମାର୍କଣ୍ଡ ଓ ଚକ୍ରତୀର୍ଥସାହି ୨୦ ବାଟି । ସନ୍ନ ଉପଦେବ ଲାଗି ମାଣିକପଟଣା, ଚାଳକଣ୍ଡା ପାଟଣା ଦୁଇ ମୁହାଁଣଠାରେ ରହିବା ନିମନ୍ତେ ଦୋବନ୍ଧାଠାରେ ରହିବାଲାଗି ୨୦ ମାଣ । ଯୋଗୀ ଓ ପରିକରମାନଙ୍କ ରହିବାଲାଗି ୩ ବାଟି । ଲୋକଙ୍କରେ ଜଳକୂଳ ସଭା ରହିବାଲାଗି ୨୦ ବାଟି । କୁମ୍ଭାରପଡ଼ା ୩ ବାଟି । ମାର୍କଣ୍ଡ ମହୋଦଧି, ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ ତୀର୍ଥଠାରେ ସ୍ୱଦେଶୀ ଓ ପରଦେଶୀ ଯାତ୍ରୀମାନଙ୍କୁ ସ୍ନାନ ଦାନ କରାଇ ଦକ୍ଷିଣା ନେବେ, ଏଥି ନିମନ୍ତେ ୨୦ ଜଣ ବ୍ରାହ୍ମଣ ମହାଜନ ବାସ୍ତୁଭୂମି ୨୧ ବାଟି ଜଳଛତ୍ର ୧୯ ବାଟି, କୁମାରମାନଙ୍କ ପରିଚର୍ଯ୍ୟାଲାଗି ଶମଣ ଗ୍ରାମକୁ ୭ ବାଟି ।

ଜଗନ୍ନାଥ ଦେବଙ୍କ ଭୋଗପୂଜା, ଯାତ୍ରାରେ ଖର୍ଚ୍ଚ :—

ଲେମ୍ବାଇ ଦଣ୍ଡପାଟ—

(୧) ସାକ୍ଷୀଗ୍ରାମ ବା ୧୩୭।୩।୭ ଗୁଣ୍ଠ, (୨) ବାଲିହୁଙ୍କା ବା ୫୩।୬।୧୦ ଗୁଣ୍ଠ, (୩) ଦୋରକଣା ବା ୧୭।୧୩।୯ ଗୁଣ୍ଠ, (୪) ନଟପଡ଼ା ବା ୧୧।୧୨।୧୪ ଗୁଣ୍ଠ, (୫) ବଡ଼ିଲପାର ବା ୪।୨।୯ ଗୁଣ୍ଠ, (୬) ଧୂଅଁପଡ଼ା ବା ୬।୧୩।୧୨ ଗୁଣ୍ଠ, (୭) କଣ୍ଡାମିଲେ ବା ୧୬।୪।୪ ଗୁଣ୍ଠ, (୮) ଖୋପଡ଼ା ବା ୩୬।୮।୧୦ ଗୁଣ୍ଠ, (୯) ଭାକଡ଼ା ବା ୫୫।୧୮।୬ ଗୁଣ୍ଠ, (୧୦) ଦାଣ୍ଡେପୁର ବା ୧୯।୧୦।୧୯ ଗୁଣ୍ଠ, (୧୧) ଗୁଡ଼ୁପାଲେ ବା ୨୨୫।୧୦।୧୨ ଗୁଣ୍ଠ, (୧୨) ବାଲୁପଡ଼ା ବା ୧୬।୧୭।୧୪ ଗୁଣ୍ଠ, (୧୩) ଅନୁତପୁର ବା ୨୨।୧।୧୮ ଗୁଣ୍ଠ, (୧୪) ସିହୁଣା ବା ୨।୭।୧୪ ଗୁଣ୍ଠ, (୧୫) ଶାଉଡ଼ା ବା ୨୬।୯।୯୨ ଗୁଣ୍ଠ, (୧୬) ଖାଟପୁର ବା ୪୬।୧।୦ ଗୁଣ୍ଠ, (୧୭) ବଡ଼ାକେ ବା ୪୯।୪।୨୧ ଗୁଣ୍ଠ, (୧୮) ଦେଉଳିଆ ବା ୬।୧୬।୧୮ ଗୁଣ୍ଠ,

(୧୯) ସୁବର୍ଣ୍ଣା ବା ୭୩।୩।୧୯ ଗୁଣ୍ଠ, (୨୦) ଅଣ୍ଡିଲୀ ବା ୧୧୭।୮।୨୪ ଗୁଣ୍ଠ, (୨୧) ମୁଣ୍ଡିଧା ବା ୮୭।୧୪।୨୦ ଗୁଣ୍ଠ, (୨୨) କଣପେଣିଆ ବା ୬୮।୨।୧୬ ଗୁଣ୍ଠ, (୨୩) ଦେବଗଡ଼ପୁର ବା ୫୯।୪।୭ ଗୁଣ୍ଠ, (୨୪) ସୁଆମୋଳ ବା ୧୫।୨୯।୧୭ ଗୁଣ୍ଠ, (୨୫) ଗଡ଼ାଗୋଳ ବା ୨୬୪।୮।୧୯ ଗୁଣ୍ଠ, (୨୬) ଭଣ୍ଡାପଡ଼ା ବା ୮୭।୧୨।୨୦, (୨୭) ଓଉଣ୍ଡୁଆପୁର ବା ୫୭।୮।୧୩ ଗୁଣ୍ଠ, (୨୮) ବ୍ରାହ୍ମଣଗଡ଼ପୁର ବା ୧୩।୪।୨୨ ଗୁଣ୍ଠ, (୨୯) କାଳୁପଡ଼ା ବା ୨୭।୧୭।୭ ଗୁଣ୍ଠ, (୩୦) ବ୍ରାହ୍ମଣଆଡ଼ଙ୍ଗାଲ ବା ୧୬।୭।୩ ଗୁଣ୍ଠ (୩୧) ଶବର ଅଡ଼ିଆଳ ବା ୧୭।୪।୧୦ ଗୁଣ୍ଠ, (୩୨) କାନ୍ତୁକପଡ଼ା ବା ୭୦।୧୪।୧୩ ଗୁଣ୍ଠ (୩୩) କଟସାଣ୍ଡାଲି ବା ୧୪।୭।୧୩ ଗୁଣ୍ଠ, (୩ ) ଧଞ୍ଚନମେକର ବା ୨୫।୭।୫ ଗୁଣ୍ଠ, (୩୫) ମଉଳି ବା ୬୫୭।୧୪ ଗୁଣ୍ଠ, (୩୬) ବେତଭଞ୍ଜା ବା ୭।୭।୧୦ ଗୁଣ୍ଠ, (୩୭) କେନ୍ଦୁପାଳି ବା ୪।୧।୧୨ ଗୁଣ୍ଠ (୩୮) ବାଗମୂଳ ବା ୩।୧।୧୦ ଗୁଣ୍ଠ, (୩୯) କାଇପୁର ବା ୭୦।୧୧।୦ ଗୁଣ୍ଠ, (୪୦) ନାଶିଙ୍ଗଖଣ୍ଡି ଅଧାଲି ବା ୩୭।୯।୧୯ ଗୁଣ୍ଠ, (୪୧) କଲ୍ୟାଣପୁର ବା ୮।୧୫।୨୯ ଗୁଣ୍ଠ, (୪୨) କାଗପୁର ବା ୪୪।୧୯ ଗୁଣ୍ଠ, (୪୩) ରଘୁପୁର ବା ୬୭।୮।୧୫ ଗୁଣ୍ଠ, (୪୪) ବୋଳଂଗପଡ଼ା ବା ୨୨।୧୭।୧୭ ଗୁଣ୍ଠ, (୪୫) ଗଡ଼ପୋଳ ବା ଗାସ୍ତାପଡ଼ା ବା ୬୭।୧୦।୪ ଗୁଣ୍ଠ, (୪୬) କୁମଣ ବା ୧୨।୭।୧୦ ଗୁଣ୍ଠ, (୪୭) ବେଣ୍ଟଆକାଦଳ୍ପ ବା ୧୪।୦।୦ ଗୁଣ୍ଠ, (୪୮) ତୁଳ୍ପାଡ଼ବେଳା ବା ୫।୨।୭ ଗୁଣ୍ଠ, (୪୯) ଖଣ୍ଡି ବା ୧୩।୮।୨୩ ଗୁଣ୍ଠ, (୫୦) କଲ୍ୟାଣପୁର ବା ୬୩।୫।୬ ଗୁଂଠ, (୫୧) ସିଙ୍ଘପୁର ବା ୧୮।୭।୦ ଗୁଂଠ, (୫୨) ବୋଡ଼ପୁର ବା ୨୭।୫।୧୪ ଗୁଂଠ, (୫୩) ସୁରଙ୍ଗପୁର ବା ୩୩।୨।୯ ଗୁଂଠ, (୫୪) ଧଳୁଆଳ ବା ୫।୭।୭ ଗୁଂଠ, (୫୫) ଝିଗିଣିଆ ବା ୪।୬।୦ ଗୁଂଠ, (୫୬) ଗୁଣ୍ଡିକର ନଟିଆଁ ବା ୧୨।୧୨।୨ ଗୁଂଠ, (୫୭) ଯଡ଼ାଗୋଳ ବା ୫୪।୧୨୦ ଗୁଂଠ, (୫୮) ଘଦନାଗୁଣ ୧୨ ବାଟି, (୫୯) ପାଣିଖୋଳ ବା ୧୧୭।୧୪୦ ଗୁଂଠ, (୬୦) ସେତ୍ତପେଟ ୧୬୯ ବାଟି, (୬୧) ବଗଲୋଳି ବା ୨୪।୧୧୭ ଗୁଂଠ, (୬୨) କୁମ୍ଭୁଲ ବା ୭୧।୧୧।୦ ଗୁଂଠ, (୬୩) ସତ୍ତାବେବଗୋଳ ବା ୨୩।୬।୦ ଗୁଂଠ, (୬୪) ବଡ଼ଗ୍ରପୁର ବା ୫୫।୧୧।୦ ଗୁଂଠ, (୬୫) ଲୁଆଡ଼ ବା ୩।୨।୦, (୬୬) ବଡ଼ଡ଼ିରଗୋଳି ବା ୪୮।୧୧।୬୦ ଗୁଂଠ (୬୭) ଚଯାପଡ଼ା ବା ୨୨।୩।୦ ଗୁଂଠ, (୬୮) ଧକୁଥ ନ୍ଦଆପଡ଼ା ବା ୧୦।୩।୨୪ ଗୁଂଠ, (୬୯) ବୋଠିକାଲ ବା ୧୨।୩।୭୨ ଗୁଂଠ, (୭୦) ଭମଟେ ବା ୨୩।୪।୨୧ ଗୁଂଠ, (୭୧) ବାଲେଶ୍ୱରିଆ ୧୨ ବାଟି, (୭୨) କୁଞ୍ଜସାନ ବା ୬୪।୬।୦ ଗୁଂଠ, (୭୩) ବୋଳଂଗପଡ଼ା ୬ ବାଟି, (୭୪) ଶ୍ରୀକଂଠପୁର ବା ୩୪।୧୫। ଗୁଂଠ, (୭୫) କାଲୁଞ୍ଜିଆପଡ଼ା ବା ୧୦।୦।୦, (୭୬) ସାଳପୁର ବା ୩।୧୨।୨ ଗୁଂଠ, (୭୭) ବେଣ୍ଟଆପଡ଼ା ବା ୪।୧୧।୦ ଗୁଂଠ, (୭୮) ଓମୁନା ବା ୪।୭।୦ ଗୁଂଠ (୭୯) ଖଜାପଡ଼ା ବା ୧୨।୧୦।୦ ଗୁଂଠ,

(୮୦) ବୁଞ୍ଜ ବା ୫୧।୪।୭ ଗୁଂଠ, (୮୧) ଜଗଦଲପୁର ବା ୧୮।୨।୭ ଗୁଂଠ, (୮୨) ଆଙ୍କପଡ଼ା ୧୩ ବାଟି, (୮୩) କରଣପଡ଼ା ୨୧ ବାଟି, (୮୪) ଅନନ୍ତପୁର ବା ୭୩୩।୫।୦ ଗୁଂଠ, (୮୫) ଓଡ଼ପଡ଼ା ବା ୧୭।୮।୫, (୮୬) ଛତରେଳେଟୋଲ ବା ୫।୦।୨ ଗୁଂଠ ।

ଦକ୍ଷିଣଦିଗ ଦଣ୍ଡପାଟ ପୂର୍ବାଙ୍ଗ ବେହେରେ—

କୋଟକଣା ବା ୭୧।୧୦।୦ । କୁରୁଣ୍ଡିଗ୍ରାମ ବା ୧୭।୧୨ ଖଣ୍ଡିହର ୭୯ ବାଟି । କୁଶଲ ବ୍ରହ୍ମପୁର ୫ ବାଟି । ଘାଙ୍କୋଲ ବା ୧୭।୨।୨ ରେଣୁଆ ବା ୭୩।୧୦ । ଅଡ଼ୁବା ବା ୨୦।୧୦ । ଗଡ଼ଗୁଣିପଲ୍ଲି ୧୭ ବାଟି । ବନା ବା ୬।୮ । ଚେଲିଆ-କେନ୍ଦ୍ର ୧୨ ବାଟି । କୋଧତ୍ତାପଡ଼ା ୧୨ ବାଟି । ଠକିଗିଣ ବା ୧୬।୧ । ଅଲସୁଣାବନ୍ଧା ବା ୨।୨ । ଆଲୁଅ ୫୭ ବାଟି ଜଲଣ୍ଡିଜଲା ୨ ବାଟି । ଅଲଣ୍ଡା ବା ୧୬।୫ । ଅଳନ୍ତାବନ୍ଧା ୫୦ ବାଟି । ବଶଲ୍ଲ ବାଙ୍କ ୧୨ ବାଟି । ଦୁଲଗପୁର ବା ୭।୬ । କୁଣିଆ ପଦା ୬ ବାଟି । ଗୋପାଳବ୍ରହ୍ମପୁର ୧୬ ବାଟି । ବାଲିପଡ଼ା ୨୧ ବାଟି ।

କୋଟଗ୍ରାହ୍ୟାଙ୍କ ବିଷୟରେ—ପୁଣ୍ୟପୁରଗୋଂଠ ବା ୧୭।୧୬ । ଓଡ଼ଗରବନ୍ଧା ବା ୧୮।୫ । ମହାବଳପଡ଼ା ବା ୮।୧୦ । ଜଗରଦା ୧୫ ବାଟି । ଗୋଲବ୍ରହ୍ମପୁର ୪ ବାଟି । ଧାରଗଲବନ୍ଧା ୫ ବାଟି । ଗମନପୁଅ ୬ ବାଟି । ବଡ଼ଜଗନ୍ନାଥପୁର ୨୦ ବାଟି । ଗମପରପୁରବନ୍ଧା ବା ୨।୧୦ । ଅଡ଼ାମ ୧୮ ବାଟି । ଭାଳପଡ଼ା ୭ ବାଟି । ଉଣାପୁରବନ୍ଧା ୧୪ ବାଟି । ଭଗଣପୁର ୬ ବାଟି ।

ପୂର୍ବଦିଗ ବିଷୟରେ—ଘାକା ବା ୧୩।୧୫ । ଡ଼ାଲଣ୍ଡି ବା ୨୭।୩ । ଓଡ଼ଉପୁର ବା ୫।୭ । ତ୍ରୈଲୋକ୍ୟ ବ୍ରହ୍ମପୁର ୪ ବାଟି । ତଳପଦା ବ୍ରହ୍ମପୁର ୩ ବାଟି । ଉଦାସୀ ବା ୨୦।୮ । ପିଆଣ୍ଡୋ ବା ୨୭।୨ । ସୁଦର୍ଶଣ୍ଡ ବା ୧୭।୮ । ପଲ୍ଲି ଦାମୁଗ୍ରାମ ବା ୧୪।୮ । ବାରୁଣୀ ବା ୪୮।୧୪ । ଅଳକଣ୍ଠ ବା ୩।୨।୩ । କମାରପୁଅଁ ବା ୧୩।୧୬ । ଘାଟଣ ବା ୨୫।୧୮ । ପରଗଣାଗୁଣ୍ଡା ୨୦ ବାଟି । ପୁପଣ୍ଡଗ୍ରାମ ବା ୪।୪ । ଆଳଚେରଙ୍ଗ ବା ୩୦।୬ । ଗୋଲପୁର ୩ ବାଟି ।

ପଶ୍ଚିମଦିଗ ବିଷୟରେ—ଅନନ୍ତପୁର ବନ୍ଧା ବା ୧୫।୧୧୬ । ବିଷ୍ଣୁପୁର ୪୨ ବାଟି । ଗାହାଣ୍ଡାପଡ଼ା ୮ ବାଟି ।

ଓଳାଧାର ବିଷେ—ଆଲୋଙ୍ଗ ୫୭ ବାଟି, ବଟଲିଙ୍ଗ ବା ୨।୬, ମବଣ୍ଡପୁର ୪ ବାଟି ଲଙ୍କଘାଇ ବା. ୭।୧, ମାଣକଣ୍ଡା ସିଲଦାଣ୍ଡା ୨୧୧ ବାଟି, ଡୋଡ଼ାବ୍ରହ୍ମପୁର ୩ ବାଟି, ଓଡ଼ଶପଡ଼ା ୭୭ ବାଟି, ବଘା ବା ୫୮।୭, ଜୁଣ୍ଡୋଗ ବା

୯୮।୧୪, ଦେଖଣ୍ଡା ୨୪ ବାଟି, ଭତ୍ସଣ ବା ୪୮।୧୦, ବାଦଲାପତ୍ରା ବନ୍ଦା ୧ ବାଟି, ଅନ୍ଧନା ବନ୍ଦା ୪ ବାଟି, ମହାପୁର ବନ୍ଦା ୧ ବାଟି, ବଦରଡ଼ା ବନ୍ଦା ବା ୨୨।୨, ଚଣ୍ଡୋଲ ୧୧ ବାଟି, ଭୁଆଁ ୧୪ ବାଟି, ପୁରୁଲଣ୍ଡ ବା ୪୩।୧୧, ଦେପୁର ୧୯ ବାଟି - ଗଜଣ୍ଡୋଲ ବା ୬୧।୧୦ ।

ବାଘଁସ୍ତମ୍ଭ ବଟେ—ପରାଇଣ୍ଡୀଚନ୍ଦ୍ରପୁର ୫ ବାଟି, ବାଣୀଲେ ବା ୮।୮, ନୋଟଲେ ବା ୨।୧୬, ଗୋବପୁଲ ବା ୧।୧୯, ମଉପୋଷୀ ବା ୫।୧୦, କଂଧାଲେପାଟ ବନ୍ଦା ୬ ବାଟି ଦାଉଡ଼ବଣ ୫ ବାଟି, ପତ୍ରାଇଲେ ୪ ବାଟି, କେଉଁଝୁରୀ ୫ ବାଟି, ଅଣ୍ଡିଆ ୬ ବାଟି, ବଡ଼କୁଦ ୨ ବାଟି, ଘାନକୁଦ ୧ ବାଟି, ଚିଲିମା ୩ ବାଟି, କଣ୍ଠାଲୀ ୨ ବାଟି, ବ୍ରାହ୍ମଣକେଣ୍ଡା ବା ୨।୧୯, ଦାଗପୁରସେର୍ଣ୍ଡି ୬ ବାଟି, ବାଙ୍କୋଡ଼ି ବା ୭।୧୦, ମାଣିକରେଆ ବା ୧।୧୦, ମାଇପଡ଼ାଚିଣ୍ଡାଇଲେ ୭ ବାଟି, ପେଙ୍ଗ ୮ ବାଟି, ବଙ୍ଗାଲିଙ୍ଗ ୮ ବାଟି, ନଇଦେ ୩ ବାଟି, ବଡକଳା ୧୮ ବାଟି, କୋପଡ଼ା ୧୮ ବାଟି ।

ଅନ୍ତର୍ଭେଧ ବଟେ—ନଣ୍ଡେଶୀ ବା ୪।୧୦, ଓଡ଼େଣ୍ଡୋ ୨୮ ବାଟି ।

ଭମାଉଣ୍ଡ ବଟେ—ଚେନପୁର ଆଲଟୁଆ ଓ ହନଲଣ୍ଡ ବା ୪୩।୮, ଖେଳଟୋଲ ବନ୍ଦା ୧୦ ବାଟି, ସିଆ ପଟଗ୍ରାମ ୧୨ ବାଟି, ପୋଲାଘାଟ ୧୨ ବାଟି, ମାଳ୍ପଡ଼ ୯ ବାଟି, ଘାଟେକୁ ବା ୧।୧୦, ଉତ୍ତମଣ୍ଡ ୩ ବାଟି, କଣ୍ଡିଲେ ୧୭ ବାଟି ।

କୁଲ୍ପେଲେବଟେ—ସିଂହଳ ବ୍ରହ୍ମପୁର ୨୦ ବାଟି, ମାଆଳବନ୍ଦା ୪ ବାଟି, ବ୍ରହ୍ମପୁର ବା ୧୪।୧୩ ।

କୁଦାହାର ବଟେ—କନ୍ଦୁଆ ଚଣ୍ଡିଲ ଜଗନ୍ନାଥପୁର ୧୦ ବାଟି, ଚଣ୍ଡୀନ ୫ ବାଟି ହାଣପଧୁଡିଆ ବା ୯୮।୧୨, ଓଡ଼ିଆପୁରଟ ବନ୍ଦା ୧୦ ବାଟି ।

ଭାଟେଣବଟେ—ପୁରୁବଗ୍ରାମଲା ୨୦ ବାଟି, ପିଲାଚଣ୍ଡାବନ୍ଦା ୮ ବାଟି ।

ଘାଲ୍ଲେଦବଟେ—ବ୍ରାହ୍ମଣ ଘାଇଲେ ବନ୍ଦା ୪ ବାଟି, ନଙ୍ଗଲ ଚଣ୍ଡା ପଡ଼ା ବନ୍ଦା ୪ ବାଟି ।

ଘାଇବାହାବଟେ—ବଙ୍ଗାଲେବନ୍ଦା ୬ ବାଟି, ଖାକଲଙ୍ଗବନ୍ଦା ୭ ବାଟି ।

ଦୋଠେଦେଶ ଦଣ୍ଡପାଟ—ପାଣିକନ୍ଦା ବା ୫।୧୩, ଗୁହ୍ମଲେ ବା ୭୮।୧୫, ଭଦାଳେ ୨୭ ବାଟି, ବଦଲାବନ୍ଦା ୪ ବାଟି, ଅକାପିଙ୍ଗଲ ବନ୍ଦା ୪ ବାଟି, ଉଭସୁ

ଗୁଆଣ ୪୦ ବାଟି, କାଳୁଆ ୨୬ ବାଟି, କଦମ୍ବପୁରବନ୍ଧ ବା ୩।୧, ଦେଓ୍ବାଓ ବନ୍ଧ ୮ ବାଟି, କଳଅଘୋଡ଼ ଓ ବାଟି, କାଟେନଗ ବନ୍ଧ ବା ୩।୨, ପୋଖରିଆଭୋଗ ଗୁହୁପୁର ୯୨ ବାଟି, ବାନ୍ଧ ୧ ବାଟି, ଟୋଟୋଗ୍ରାମ ୧ ବାଟି, ଭରିପଡ଼ା ୩୦ ବାଟି, କମଳପୁର ୧୨ ବାଟି, ଟୋଣ୍ଡଙ୍ଗ ୧ ବାଟି ।

ପରଙ୍ଗ ଦଣ୍ଡପାଟ ପ୍ରବସାହିଗ୍ରାମ ୧୦ ବାଟି, ଗୋଳପଡ଼ାଗ୍ରାମ ୪ ବାଟି, କେରଣ୍ଡାଗ୍ରାମ ୧୨ ବାଟି, ବପାଳୁର ୮ ବାଟି, ଲକ୍ଷ୍ମୀସିଂହଗ୍ରାମ ୩ ବାଟି, କୁଳଶ୍ରୀ ୧୮ ବାଟି, ଖାଡ଼ଆପଡ଼ା ବନ୍ଧ ୧ ବାଟି ।

ଝୋଡ଼ଙ୍ଗ ଦଣ୍ଡପାଟ—ଝଙ୍କଡ଼ଗ୍ରାମ ୧୬ ବାଟି, କୁରଳବାଣିଆ ବନ୍ଧ ୩ ବାଟି, ଛଡ଼ାହାର ବନ୍ଧ ୨ ବାଟି, ପୁଁଅଲେ ବନ୍ଧ ୪ ବାଟି, ମଙ୍ଗଳପୁର ବନ୍ଧ ୨ ବାଟି, ଅନାଇ ବନ୍ଧ ୧ ବାଟି, ମଙ୍ଗଳପୁର ୨ ବାଟି, ଭଗ୍ନମୁଖୀ ୪ ବାଟି, ଭୀମପୁର ୨ ବାଟି, ଖାରଦ ବନ୍ଧ ୪ ବାଟି, ଡଙ୍ଗପଡ଼ା ୦ ବାଟି ମୁକୁନ୍ଦ ବନ୍ଧ ୨ ବାଟି, କୁଳଶଗ୍ରାମ ୧୨ ବାଟି, ଭୂଷାଣ୍ଡପାଣ୍ଡୁ ୪ ବାଟି, ଟାଙ୍ଗରଙ୍ଗ ବନ୍ଧ ୨ ବାଟି ।

ଚବଣକୁଦ ଦଣ୍ଡପାଟ କାଟିଲେ ବଡ଼ାଠଗ୍ରାମ ବା ୫୨।୧୫, କାଶ୍ମଲଗ୍ରାମ ୧୨ବାଟି, କାଳିସିଂଗ୍ରାମ ବା ୧୦।୧୧, ଆଳଗ ଗୁହୁପୁର ୭ବାଟି, ଗୋପୀନାଥପୁର ବା ୪୬।୧୭, କୁନ୍ଦରଆପଡ଼ା ଗୁହୁପୁର ବା ୧୧।୧୬, ପଳସଗ୍ରାମ ୧୨୪ ବାଟି, ମଣିପଡ଼ା ଗୁହୁପୁର ୯ ବାଟି, ନୂଆ କଣ୍ଡଳ ଜଗନ୍ନାଥପୁର ୨ ବାଟି, ଙ୍କୋଇଗ୍ରାମ ୨୩ ବାଟି, ବାଲିଗ୍ରାମ ବା ୨୧।୧୫, ଟେଙ୍ଗେଶ୍ୱର ୮୪ ବାଟି, ଦେପଣପଡ଼ ୮୪ ବାଟି, ବଲୁଙ୍ଗ ବା ୫୦।୨, ଅଧରଦ ବା ୨୩।୧୦, ଦେବୁଣୀ ୨୮ ବାଟି, ଦଶଗ୍ରାମକୁଦ ବା ୭।୧୦, ଘଜଳପୁର ବନ୍ଧ ୨ ବାଟି, କଲଗ୍ରାମ ବା ୧୦।୧୦, ସିଙ୍ଗପଡ଼ା ୨୫ ବାଟି, କୁତବାଣ୍ଡି ୮ ବାଟି, ମହାଦେବପଡ଼ା ୮ ବାଟି, କଣ୍ଡାକପଡ଼ା ୮ ବାଟି, ଶୀତଳପଡ଼ା ୮ ବାଟି, ଶାସନ ଗୋଠଗ୍ରାମ ୮ ବାଟି, ଭଣିଆପଡ଼ା ୮ ବାଟି, ଦେବାକଲ ୮ ବାଟି, ଘଟପଣ ୨୨ ବାଟି, ଗରଡ଼ ଭୁଣପଡ଼ା ୨୫ ବାଟି, ବଦୁରଗ୍ରାମ ବା ୧୦।୧୦, ଓଣ୍ଡାପୁରଗ୍ରାମ ବନ୍ଧ ୬ ବାଟି, ମୁଚୁକଟାଳ ୨ ବାଟି, କାଳକା ନୂଆପଡ଼ା ୧୯ ବାଟି, ଅଳଣ୍ଡା ବା ୨୨।୫ ।

ଅଡ଼ିକାପି ଦଣ୍ଡପାଟ—ପାଳକୁଦଗ୍ରାମ ୨୫ ବାଟି, କୁଳଙ୍ଗନେକା ୧୦ ବାଟି, କଳାପିଙ୍ଗ ୪୦ ବାଟି, ଭୁବନେଶ୍ୱର ୧୨ ବାଟି, ଭୁବଟେଳା ୧୨ ବାଟି, ଛତପାଶଗ୍ରାମ ୧୧୬ ବାଟି ।

ମଲଙ୍ଗ ଦଣ୍ଡପାଟ—ପନାଭଅଭେଦ ବା ୫ ଗ୍ରାମ ୧୮୦ ବାଟି ।

ପୂର୍ବଦେଶ ଦଣ୍ଡପାଟ—ତେଲଙ୍ଗାଗ୍ରାମ ୩୯ ବାଟି ।

ଭୂୟଅ ଉଣା ୩୩ ବାଟି, ଅଳଣ୍ଡୋ ବା ୨୩।୧୦, ଶାଳିଓଣ୍ଡ ସ୍ୱୋତାଗ୍ରାମ ବା ୪।୧୦, ଲକ୍ଷ୍ମଣବନାଲୋଗ୍ରାମ ବା ୪।୧୦, ଚେଙ୍ଗଭାଲ ବଣା ୯ ବାଟି, ଗଙ୍ଗପଡ଼ା ଉଣା ୪ ବାଟି, ତରଭାଳସିଂଢ଼ା ବା ୧।୧୦, ଛତ୍ରଅଗ୍ରଣିକ ବଣା ୮ ବାଟି ।

ପଶ୍ଚିମଦେଶ ଦଣ୍ଡପାଟ—ମଲିକପଡ଼ା ୧୩ ବାଟି, ଭେଲୁଆ ବଣା ୫ ବାଟି, କାଥଇବଣା ୭ ବାଟି, ଓଡ଼ଦାଉଣା ୮ ବାଟି ।

ଉତ୍ତର ଦଣ୍ଡପାଟ—ଧମନଗରବସେ ଝାଡ଼ିକଟା ବ୍ରହ୍ମପୁର କୃଷ୍ଣବ୍ରହ୍ମପୁର ୪୦ ବାଟି, ନାଗୋଦା ବ୍ରହ୍ମପୁର ୨୫ ବାଟି, କୌରଣ୍ଡ ଗୋପୀନାଥପୁର ୬ ବାଟି, ତଣ୍ଡି ବ୍ରହ୍ମପୁର ୮ ବାଟି, ସ୍ୱୋଲଦା ପୁରୁଷୋତ୍ତମପୁର ବା ୨।୧୦, କେଶଭାଗ ବ୍ରହ୍ମପୁର ୨ ବାଟି, ମଙ୍ଗଳବ୍ରହ୍ମପୁର ୧୦ ବାଟି, ନଇଜ ବ୍ରହ୍ମପୁର ୧୧ ବାଟି, ବଳେନରସିଂହପୁର ୨ ବାଟି, ଭାପୋର ବ୍ରହ୍ମପୁର ବା ୩।୧୦ ।

ଦେଶେ ଦଣ୍ଡପାଟ—ତ୍ରୈଲୋକ୍ୟ ବ୍ରହ୍ମପୁର ୧୫ ବାଟି, ସାମୁକାଡାଳି, ସାମୁଦାଡ଼, ସାମୁଦ ଘର ଗ୍ରାମ ୫ ବାଟି, କଦଳସିଂହଅଳପୁର ୭ ବାଟି, ଘର ଦେଶ ୫ ବାଟି, କୋଳଶ୍ୱାମୀ ଉଦୟବ୍ରହ୍ମପୁର ୨୬ ବାଟି, କୃଷ୍ଣଲପୁର ୧୭ ବାଟି, ଝାଡ଼ିରଙ୍ଗିଆ ବ୍ରହ୍ମପୁର ୧୬ ବାଟି ।

ଗଙ୍ଗେର ଦଣ୍ଡ ବସେ—ବିନାୟକ ବ୍ରହ୍ମପୁର ୪ ବାଟି, ଗୋପୀନାଥପୁର ବା ୧।୧୦ ।

ବାଦନାବସେ—ଜମଳପୁର କୃଷ୍ଣପୁର ବା ୧୨।୧୨, ମାଣିପୁରୁଷୋତ୍ତମ ବ୍ରହ୍ମପୁର ବା ୧।୧୭ ।

କୁଟେଇବସେ—ପୁରୁଷୋତ୍ତମପୁର ବା ୧।୦୨, ବଡ଼ଗୋପୀନାଥପୁର ବା ୪।୧୪, କଶନ୍ନାଥପୁର ୧ ବାଟି, କୃଷ୍ଣାବକୁଣ୍ଡି ଲକ୍ଷ୍ମୀନାରାୟଣପୁର ବା ୨।୮, ଅଳସି ପୁରୁଷୋତ୍ତମପୁର ବା ୫।୦୨, ବ୍ରହ୍ମପୁର ବା ୬।୧୨ ।

କପୂପୁରବସେ—ମାଛପୁର ବା ୮।୪, ଧାନଦଳୀ ପୁରୁଷୋତ୍ତମପୁର ବା ୬।୮, କୃଷ୍ଣଦାସ ପୁରୁଷୋତ୍ତମପୁର ବା ୫।୧୨ ।

ଖଳକୁଳିବସେ—ମାଳଜଣ୍ଡପୁର ୪ ବାଟି, ପେମଶାଳ ନରସିଂହପୁର ୪ ବାଟି, ଅନନ୍ତପଣ୍ଡା ନରସିଂହପୁର ବା ୩।୨୭; ଗଣେଶପୁର ବା ୧।୧୨, ପାନ ମାଳଜଣ୍ଡପୁର ବା ୧।୧୨ ।

ଦୁନାଙ୍କବଂଶ— ଜୟାଧରପୁର ଅଗ୍ରହାର ୪ ବାଟି, ପଦ୍ମପରି ବ୍ରହ୍ମପୁରୀ ୭ ବାଟି ।

ଡମିଆ ଦଣ୍ଡପାଟ = ଶ୍ରୀକ୍ଷେତ୍ର ପରସ୍ପତପୁର ୮ ବାଟି, ସିଂଠିକରପୁର ୪ ବାଟି, ସୁନ୍ଦର କୋଲପୁର ୩୨ ବାଟି, ଭୋଗପଡ଼ା ଦଠିଆ ଶ୍ରୀରାମପୁର ୪ ବାଟି, ପାଣିପଡ଼ା ଲକ୍ଷ୍ମୀପୁର ୪ ବାଟି, ଲକ୍ଷ୍ମୀନୃସିଂହପୁର ୧ ବାଟି, ଭୁଆଁକବଚୁଡ଼େଶ୍ୱର ୪ ବାଟି, ସୁଦଦୋଣା ପୁରୁଷୋତ୍ତମପୁର ବା ୧।୧୨ ।

ଜଳେଶ୍ୱର ତହସିଲ— ଖାଡ଼ଜଣ୍ଡା ବ୍ରହ୍ମପୁର ଜଗନ୍ନାଥପୁର ୮ ବାଟି, ସିଂହର-ପୁର ୧୬ ବାଟି, ସୋମଶ୍ରେ ଏକଶ୍ୟାଳିଆ ପୁରୁଷୋତ୍ତମପୁର ୧ ବାଟି ।

ଦାଲୁଣୀ ତହସିଲ— ଖାଡ଼ଜଣ୍ଡା ବ୍ରହ୍ମପୁରର ଦାଣ୍ଡରମା ବ୍ରହ୍ମପୁର ବା ୪୭।୧୬ ।

ମାଳ ଘୋଷିଆ ଦଣ୍ଡପାଟ— ଅଗସ୍ତି କଣ୍ଠାବଣିଆ ବ୍ରହ୍ମପୁର ୧୬ ବାଟି, ଲଖବଗାଣ ଓଗରଲୁଣ ଅମୃତମଣୋହି ବ୍ରହ୍ମପଦର ରକମିଂ ଅନ୍ତରେ ଜମିଂ ପରସ୍ପର ଦେଖିଲ ବେଳେ ଏପରି ମୋଟରେ ୧୮୯ ମାଣ ଭୂଣ ; ଏଥିମଧ୍ୟରୁ କେତେକ ୧୨ ଦସ୍ତି, କେତେକ ୧୪ ଦସ୍ତି ଓ କେତେକ ୧୮ ଦସ୍ତି ମାଣ ଅଛୁ ।

୧୮ ଦସ୍ତିରେ— ୧୧୬୪ ବାଟି, ବାଟିକୁ ହୁନା ୪ ମାଡ଼ ଲେଖାଏଁ ୧୪୬୦୪ ମାଡ଼ ।

୧୪ ଦସ୍ତିରେ— ୪୮୭୮ ବାଟି, ବାଟିକୁ ହୁନା ୩ ମାଡ଼ ଲେଖାଏଁ ୧୪୬୦୪ ମାଡ଼ ।

୧୨ ଦସ୍ତିରେ— ୬୦୦୦ ବାଟି, ଏ ବାଟିକୁ ହୁନା ମା ୨।୦ ହିସା ଲେଖାଏଁ ୧୬୦୦୦ ମାଡ଼, ଏପରି ମୋଟ ଭୂମି ୧୮୩୨ ବାଟିକୁ ହୁନା ୩୧୯୬୫ ମାଡ଼, ବ୍ରାହ୍ମଣଙ୍କ କୁଳପତି କଉଡ଼ି ୨୦୦ ଜାଗାଙ୍କୁ ହୁନା ୬୦ ମାଡ଼ ।

ବଡବ୍ରାହ୍ମଣ ନରସିଂହଙ୍କ ଦାନ ?

ବଲିଶ ଦଣ୍ଡପାଟ ରୁଦ୍ରାଙ୍କବଂଶ-- ଅଳକଣ୍ଡ ୪୪ ବାଟି, ଆଲକଣ୍ଡ ବା ୭୭।୧୫, ଲୁଆ ୨୦ ବାଟି, ଗୋପପଡ଼ା ବା ୨।୧୦, ଅଲଗାଣୀ ବା ୧୦୦।୧୫, ବେଣାଘେଷ୍ଠା ୮ ବାଟି ।

ଓଳଟାଇବଂଶ— ଅଳକୁମ୍ମ ବା ୨୭।୯, ବଡନାହିଆ ବା ୮।୧୦, ବ୍ରାହ୍ମଣ ଓଗ୍ରାଲି ବା ୭।୧୮, ଆଦମାଣ୍ଡିଆ ୮ ବାଟି, ଆରଡୋଳିକୁଳି ୪ ବାଟି ।

ସୂକ୍ତ ଅଞ୍ଚଳବିଷୟ—ନରସିଂହ ମୁଦଲୁ କର୍ପୂରଗୁଡ଼ ୪ ବାଟି ।

କୁରୁଳବିଷୟ—ବେଦମୁ ବା ୮।୧୦, ଚିଙ୍ଗପଡ଼ା ବା ୩।୧୦, କୁମ୍ଭଆସ୍ତ ୧୪ ବାଟି ।

ଅଗ୍ରତ୍ତ୍ୱ ବିଷୟ—ରାଜଗୃହି ବା ୩୮।୨୦, ଅଡ଼ାଲେ ୨୬ ବାଟି ।

ଓଳାରଖଣ୍ଡବିଷୟ—ଟମକଣ୍ଡ ଗ୍ରାମ ୬ ବାଟି, ଗ୍ରାମ ଭଲୁଅ ୧୮ ବାଟି ।

କାଦୋବିଷୟ—ଚଉଳଖି ଗ୍ରାମ ବା ୨୬।୫ ।

ପାଉଷ୍ମେ ବିଷୟ—ସୋଗ୍ରାମ ୧୩ ବାଟି ।

ନରଡ଼ା ବିଷୟ ...ପୁଲିଙ୍ଗା ବ୍ରହ୍ମପୁର ୧୪ ବାଟି ।

କୋଠଦେଶ ଦଣ୍ଡପାଟ—ନୂଆକେସ୍ମି ବା ୬୦।୨, ଜଳେଶ୍ୱରପୁର ବା ୧୯।୫ ।

ଭଦ୍ରନଗର ଦଣ୍ଡପାଟ—ବା ୧୫୯।୧୯ ।

ଶିଉରିବିଷୟ—୩୯ ବାଟି ।

ଜଦରବିଷୟ ୫୦ ବାଟି ।

ଜଳେଶ୍ୱର ବିଷୟ ବା ୧୯।୨ ମାଣ, ଅମ୍ବିକା ଦଣ୍ଡପାଟ ୨୦୦ ବାଟି, ଛତ୍ରଖ ଦଣ୍ଡପାଟ ଧମନଗରି ବିଷୟ ବା ୧୧୭।୧୬, ରାଇଦେଓ ବିଷୟ ବା ୭୫।୧୨, ଭଦ୍ରପଡ଼ା ବିଷୟ ୧୯ ବାଟି, ଅଟ୍ଟୋଡ଼ ବିଷୟ ବା ୨୨।୧୦ ମାଣ, ଘୋର ଦଣ୍ଡପାଟ ବାଁସୁତ ବିଷୟ ବା ୯୦।୧୪, ସୁରିଡ଼ିଙ୍ଗ ବିଷୟ ବା ୧୧୯।୮, ବେତା-ଖାର ବିଷୟ ୨୮ ବାଟି, ଗରପର ବିଷୟ ବା ୧୧୬।୮, ରେମୁଣା ଦଣ୍ଡପାଟ ଝାଡ଼କଣ୍ଠା ବ୍ରହ୍ମପୁର ବିଷୟ ବା ୩୯୪।୪, ଲାଙ୍ଗୁଳ ବିଷୟ ବା ୮।୭।୫, ଆଗରାଳ ବିଷୟ ବା ୧୫।୨, ମୋଖଲ ବିଷୟ ବା ୧୨୬।୮ ମାଣ, ମୁଲଖାଲ ବିଷୟ ବା ୯୦।୪, ମାଣ୍ଡା ବିଷୟ ୨୪ ବାଟି, ବସ୍ତାକଣ ବିଷୟ ବା ୩୯।୧୦, ଆକୋପୁଦା ବିଷୟ ବା ୨୯।୮, ଭାଲମଙ୍ଗଳ ବିଷୟ ବା ୯୨।୧୬, ଗଉଡ଼ମା ବିଷୟ ବା ୪୪୨।୬୯।୨୦, ଘରଡ଼ା ବିଷୟ ବା ୧୯।୧୨, ଭାଲଗାଁ ବିଷୟ ବା ୨୩।୮, ଗ୍ରାଣ୍ଡ ବିଷୟ ବା ୯୯୨।୧୦, ପାନଲକ୍ଷି ଅତତିରୁ ୯୦ ବାଟି, ସୁରଗଡ଼ା ତହସିଲ ବା ୫।୧୨, ତ୍ରିକା ରେମୁଣା କଟକରେ ରଣ୍ଡୁ ବାବୁଣସି (ବିଜାନସି) କଟକକୁ ଆସିବା ସମୟରେ ପରମେଶ୍ୱରଙ୍କୁ ଦାନକଲେ ବା ୯୪୪୭।୬।୨୦ ବୃତ୍ତି. ଅଲାଟସାଣ ବେଢ଼ାଙ୍କର

ଶ୍ୱେତ ଚନ୍ଦନ ଅଞ୍ଚଳରେ ୧୦୫୦ ମାଣ, ଦାନ କଲେ ତୋଷାଳି ବଳାଇ କଦଳୀ ୧୫୦୦ ଗୋଟା। ଏ ମହାରାଜାଙ୍କ ପାଟ ମହାଦେଇ ଲୀଳାଦେବୀଙ୍କ ଦତ୍ତ।

ଚନ୍ଦ୍ରଚୂଡ଼ ଦଣ୍ଡପାଟରୁ ଶୀତଳ ଭୋଗ ଲାଗି ବା ୨୯୨୫।୨।୨° ଗୁଣ୍ଠ, ଖଞ୍ଜାମାଣ ୧୦୫୦ ମାଣ, ବଳାଇ କଦଳୀ ୧୫୦୦।

ଲାଙ୍ଗୁଳା ନରସିଂହ ଦେବ—ଭୂମିଦାନ ୫୮୪ ବାଟି, ଖଞ୍ଜାମାଣ ୭୩୦ ମାଣ।

କବି ନରସିଂହ—ଭୂମି ବା ୧୨୯।୧ ମାଣ, ଖଞ୍ଜାମାଣ ୩୩୦ ମାଣ। ଏହାଙ୍କ ମାତା ଚନ୍ଦ୍ରିକାଦେଇ ପୁଣି ଭୂମି ୧୬ ବାଟି, କଉଡ଼ି ୧୮୨୫ କାହାଣ।

୨ୟ ଭାନୁଦେବ—ଭୂମିଦାନ ବା ୯୩୬।୧°, ଖଣ୍ଡ ୪୨୭ ମାଣ।

୩ୟ ନରସିଂହ— କଉଡ଼ି ୨୭୪୦ କାହାଣ, ଖଣ୍ଡ ୧୭ ମାଣ।

୪ର୍ଥ ଭାନୁଦେବ—ଭୂମିଦାନ ବା ୫୭୩୧।୨।୨୦, କଉଡ଼ି ୪୫୬୫ କାହାଣ, ଖଞ୍ଜାମାଣ ୧୧୮୩ ମାଣ।

କପିଳେନ୍ଦ୍ର ଦେବ—କଉଡ଼ି ୭୨୦୦୦ କାହାଣ, ଦକ୍ଷିଣଦେଶ ରାଜାଙ୍କ ଠାରେ ଅଳଙ୍କାର ୩୪୫ ବାଟି, ପଞ୍ଚପାଳ ବା ୧୧୭।୫, ଗାହାଳିକେଶ ବା ୧୧।୧୦, ଶିଳପିଲା ବା ୧୧୯।୫, ଉଦୟରତ୍ନଶୀ ୧୨୮ ବାଟି, ସିଂହକୁଡ଼ା ୩୦ ବାଟି, ବଂଶାରିପଡ଼ା ୪° ବାଟି ପ୍ରଭୃତି ବା ୧୨୨୯।୮ ମାଣ, ବ୍ରହ୍ମଣପଦ୍ମ କଉଡ଼ି ବା ୬୮୪ ଖଣ୍ଡ ୩୨୭୨ ମାଣ।

ପ୍ରତାପରୁଦ୍ରଦେବ—ଏହାଙ୍କ ଠାରେ ଅଳଙ୍କାର ଗ୍ରାମ ୨୬୮ ବାଟି, ସୁବର୍ଣ୍ଣ ଗ୍ରାମ ବା ୨୬୯।୨, ବାଲିପଡ଼ା ବା ୨୧୮।୫, ଦାଣ୍ଡପୁର ବା ୪।୨, କମଳପୁର ୨ ବାଟି, କଉଡ଼ି ୬୬୭ କାହାଣ। ଏହାଙ୍କ ପାଟ ମହାଦେଇ ପଦ୍ମାବତୀ ବା ୩୨୩।୧୯ ମାଣ ଭୂମି ଦେଲେ।

ପୁରୁଷୋତ୍ତମଦେବ—ଭୂମିଦାନ ବା ୩୭°।୧୧ ମାଣ।

ଏହିପରି ରାଜାମାନେ ଭୂମିଦାନ ଦେବାଦ୍ୱାରା ଅମୃତମନୋହି ପ୍ରସାଦର କଳେବର ବୃଦ୍ଧି ହେଲା। ପାଠକମାନେ ଏଥିରୁ ବୁଝିପାରିବେ ଯେ ଉତ୍କଳୀୟ ରାଜାମାନେ ଧର୍ମକାର୍ଯ୍ୟରେ କେତେ ଅକାତରେ ଦାନ କରୁଥିଲେ। ଉପରୋକ୍ତ

ଭୂମିଦାନ ତାଲିକାରୁ ଆମ୍ଭେମାନେ ତଦାନୀନ୍ତନ ଉତ୍କଳର ଅବସ୍ଥା ବୁଝି ପାରିବା । ପ୍ରାଚୀନ ଗ୍ରାମମାନଙ୍କ ନାମ ପ୍ରଦେଶ, ଦେଶ, ଜିଲ୍ଲା, ଶାସନକଲ୍ପ ପ୍ରଭୃତିରୁ ଉତ୍କଳର ବାଣିଜ୍ୟ ପ୍ରଭୃତି ସମ୍ବନ୍ଧରେ ଜଣାଯାଏ । ସେହି ଅର୍ଥ ବୋଧହୁଏ ଚଳଲା । ଏହି ଚଳଲମାନଙ୍କରୁ ଯେଉଁମାନେ ରାଜସ୍ୱ ଆଦାୟ କରୁଥିଲେ ସେମାନଙ୍କ ନାମ ବିଶୋଇ ଥିଲା । ଦଣ୍ଡପାଶ ଅର୍ଥ ପ୍ରହରୀ ।

ମନ୍ଦିରର ଶାସନପ୍ରଣାଳୀ - କେତେକାଳ ହେଲାଣି; କେତେ ରାଜା ଗଲେଣି, କେତେକାଳ ବାତ୍ୟା ଦେଉଳ ଉପରେ ଦେଇ ବହିଗଲାଣି, କେତେ ବିଦେଶୀଗଣ ଆକ୍ରମଣକାରୀମାନେ ଦେଉଳ ଉପରେ ଦୃଷ୍ଟି ପକାଇ ପାରିଲେଣି, କିନ୍ତୁ ଦେଉଳର ଶାସନପ୍ରଣାଳୀର ଦୃଢ଼ତା ବିଷୟରେ ଅକାଟ୍ୟ ପ୍ରମାଣ । ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଅମଳରୁ ଯେ ଶାସନପଦ୍ଧତି ପ୍ରଚଳିତ ହୋଇଥିଲା ଏବଂ ଯଯାତି, ଅନଙ୍ଗଭୀମ ପ୍ରଭୃତି ଯାହାକୁ ସୁଦୃଢ଼ କରାଇଥିଲେ, ତାହା ଆଜିପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣଭାବରେ ଚାଲିଆସି ଚଳୁଥିବା ବିଷୟ ଭାବିଲେ କିପରି ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ଏହି ଶାସନ ପ୍ରଣାଳୀ ବିଷୟ କିପରି ଭାବିଲେ ଏବଂ ଆଲୋଚନା କଲେ କଥାଟା ସାଧାରଣ ଲୋକେ ବୁଝିପାରିବେ । ଅନଙ୍ଗଭୀମ ଦେବ ବଡ଼ଦେଉଳ ନିର୍ମାଣ ପରେ ଶେଷକରି ଦୁଅଙ୍କୁ ଦେଉଳରେ ବସେଇବା ପରେ ଧନରତ୍ନ ଓ ଭୂସମ୍ପତ୍ତି ଜଗନ୍ନାଥଦେବଙ୍କୁ ଦାନକରି ପରମହଂସ ବାଜପେୟୀଙ୍କ ପ୍ରଭୃତିଙ୍କର ସେବା ବନ୍ଦୋବସ୍ତ ଭାର ମଧ୍ୟ ସମସ୍ତ ଶାଳାର ଭିଆଣ କରିବାଲାଗି ଆଦେଶ ଦେଇଥିଲେ । ଦେଉଳ ତୋଳାଇବା ଭାର ମଧ୍ୟ ତାଙ୍କ ହସ୍ତରେ ନ୍ୟସ୍ତ ଥିଲା ।

ଯଯାତିକେଶରୀଙ୍କ ଦେଉଳ ଜୀର୍ଣ୍ଣ ହୋଇଥିବାରୁ ଚୋଡ଼ଗଙ୍ଗଦେବଙ୍କ ଅମଳରୁ ନୂତନ ଦେଉଳତୋଳା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ସ୍ଥିର ହୋଇଥିଲା ଯେ ଦେଉଳର ଉଚ୍ଚତା ୧୦୦ ହାତ ହେବ । ଅନଙ୍ଗଭୀମଦେବ ରାଜସିଂହାସନରେ ଅଭିଷିକ୍ତ ହେଲାବେଳକୁ ଦେଉଳ ନିର୍ମାଣକାର୍ଯ୍ୟ ଶେଷ ହୋଇ ନଥିଲା । ୧୦୦ ହାତ ଦେଉଳ ତୋଳିବା ବହୁକାଳସାପେକ୍ଷ ଥିବାରୁ ଶୀଘ୍ର ଦେଉଳ ଉଚ୍ଚତା ୯୦ ହାତ ହେବାର ସ୍ଥିର ହେଲା । ଶ୍ରୀହସ୍ତ ଷଣ୍ଢାଶାଳ ପ୍ରାସାଦ ବସ୍ତୁଙ୍କର ସ୍ଥିତି ଥିବାହେତୁ ସେହି ପ୍ରକାର ଦେଉଳ ହେଲା । ମୁକ୍ତିଶାଳା- ବଟ୍ଟୁ-ନୃସିଂହଙ୍କ ଦେଉଳ, ହିଙ୍ଗୁଳ ଦେବଙ୍କର ଦେଉଳ, ଜଗମୋହନ, ଲୁଣାନଗୋଷ୍ଠି କଣବାଲକି ପ୍ରଭୃତି ଦୁଇ ନୂତନ ବନ୍ଦରେ ଦେଉଳ, ଆଗରେ ମାଠରଣ ଦେଉଳ; ନୃସିଂହନାଥ, ଷଣ୍ଢାଶାଳ, ଗଣପତି ପଶ୍ଚିମ, ଶ୍ୱେତ ନଦୋଶ ଦେଉଳ ଲଗି କାଠ ପାଷାଣ କାମ ଥାଇ ଅଛାଲି, ମଣ୍ଡପ, ବିମଳାଙ୍କ ଦେବୀଙ୍କ ଦେଉଳ, ସରସ୍ୱତୀଙ୍କ କଳାପାଷାଣ ଦେଉଳ, ନଳଶାବନ୍ଧପରେ ମହାଲକ୍ଷ୍ମୀଙ୍କ ଦେଉଳ,

ଇନ୍ଦ୍ରଦ୍ୟୁମ୍ନ ଦେବ, ଦେବସ୍ନାନମଣ୍ଡପ, ଈଶାନେଶ୍ୱର ଦେଉଳ, କୈଳାସ ଅକ୍ଷୟ- ବଟିଷ୍ଟ ଉତ୍ତରାଣି ଦେବୀ ଦେଉଳ, ବଟେଶ୍ୱର, ବାଟମଙ୍ଗଳା, ଗଣେଶ, ଅନନ୍ତ ପୁରୁଷୋତ୍ତମଦେବ, କାମଦେବ, କ୍ଷେତ୍ରପାଳମାନଙ୍କ ଦେଉଳ, ଚତୁର୍ଦ୍ଦିଗ ପାଷାଣ ଚଉରା, ଚାରିଦ୍ୱାରେ ୨୨, ୨୭, ୨୯ ଓ ୧୯ ପାହାଚ ସୋପାନ ପ୍ରାଚୀର, ଘଣ୍ଟଦ୍ୱାରରେ ସୁର ସୁର ଗୁମ୍ଫ ଦେଉଳ, ଜୟ ବିଜୟ, ଚଣ୍ଡ ପ୍ରଚଣ୍ଡ କୁମୁଦ କୁମୁଦାକ୍ଷ, ନନ୍ଦ ସୁନନ୍ଦ—ଏହିଣ ଅଷ୍ଟ ପାର୍ଶ୍ୱ ଦେବତାଙ୍କର ୮ ଦେଉଳ, ବଡ଼ ବଡ଼ ସିଂହ, ସୁରଗଣପତି ଦେଉଳ ତୋଳାଇଲେ । କନକ ମଣ୍ଡାଇ ସୁନା ଆଭରଣ ବଣିଷ୍ଟ ଭିତର ଗମ୍ଭୀରଦ୍ୱାର, ଭୂପାଳ କବାଟ, ସୁନାଟେକା ଶିକୁଳି, ଦଶଅବତାରକୁ ଅଙ୍ଗାଭରଣ, ରତ୍ନାଭରଣ, ତ୍ରିକାଳ ପୂଜାକୁ ଧୂପ ଷୋଡ଼ଶୋପଚାର ପାଣି, ଷୋଡ଼ଶୋପଚାର ଯୋଗାଡ଼, ଖଟଣି ଲାଗି ସୁନା ରୂପା ଯୋଗାଡ଼, ଝଟ ପଲଙ୍କ ବିମାନ ଖଟଦୋଳି ଝଟ୍ଟଳି, କନକ ଦଂଡଛତ୍ର, ଫେନଗଡ଼ ବନ୍ଧ ଛତ୍ର ଚାମର ଡମ୍ବୁର ଦେଇ ଦେଲେ । ଏ ସମସ୍ତ କାର୍ଯ୍ୟ ଲାଗି ରାଜାଙ୍କ ପ୍ରମାଣେ ନୀଳକଣ୍ଠ ଗୁରୁଙ୍କୁ ମହାପାତ୍ର ପରମହଂସ ବାଜପେୟୀଙ୍କ ହାତରେ ୯୨୪୦୦୦୦ ମାଡ଼ ସୁବର୍ଣ୍ଣ ଦେଲେ । ଏ ସମସ୍ତ କାର୍ଯ୍ୟ ତଦାରଖ କରିବା ଲାଗି ୧୦୦ ଅଶ୍ୱାରି, ୧୮୦୦୭ ବାଣୁଆ ପାଇକ ନିଯୁକ୍ତ ଥିଲେ । ବାଜପେୟୀ ଶାନ୍ତି ପାଇଁ ଦେଉଳରେ ପ୍ରତିଷ୍ଠା ହେଲେ । ସକଳ କାର୍ଯ୍ୟ ଶେଷରେ ବାଜପେୟୀ ମହାଦାନ ପାଇଲେ । ଶାସନ କରାଇବାକୁ ଦେଶ ପାଇଲେ, ସୁନାଳୁଗା ପଲଙ୍କ ପାଇଲେ । ମହାପାତ୍ର ଶାନ୍ତି ପାଇ ପୁରୁଷୋତ୍ତମ ଦେଶ ଲୋକଙ୍କୁ ନିମନ୍ତ୍ରିତମତେ ଭୋଜନ ଆଜ୍ଞା ଦେଲେ । ଶ୍ରୀପୁରୁଷୋତ୍ତମ କ୍ଷେତ୍ର ୭୨ ମଠ ସନ୍ନ୍ୟାସୀ, ଭଣ୍ଡାର୍ଯ୍ୟ ମୁଦିରଥ, ଉତ୍ତରସ୍ତଂଭ ଗ୍ରାମର ୧୩୦୦ ମହାଜନ, ଶ୍ରୀଜଗନ୍ନାଥଦେବଙ୍କ ସେବକ ବ୍ରାହ୍ମଣ ଶୂଦ୍ର ୧୪୦୦ ମାନେ ପରମହଂସ ବାଜପେୟୀ ପରମହଂସଙ୍କୁ ନେଇ ପରମେଶ୍ୱରଙ୍କ ହାତ ନିଯୋଗ କରାଇବେ । ଯଥାବିଧି ପ୍ରମାଣେ ଶ୍ରୀମନ୍ଦିର ସର୍ବ ଯାତ୍ରାମାନ କରାଇବେ । ପୁରୁଣା ପାଟଳ ଗଣି ୧୦ ହାତ ଦେଉଳ କରାଇବେ, ଅନ୍ୟାନ୍ୟ ଦେବତାମାନଙ୍କୁ ଦେଉଳ ତୋଳାଇବେ, ମଣ୍ଡପ ମଂଡପ କରାଇବେ ଇତ୍ୟାଦି । ପରମହଂସ ଶାନ୍ତି ପାଇଲେ, ଖ ତଅ ୧, କର୍ପୂର ଦ୍ରବ୍ୟ ୧, ଚନ୍ଦନ ୧ ବଡ଼ା, ଡଙ୍କ ୧ ପଟ୍ଟୋଳ, ହିଙ୍ଗୁ ସାଜର ୧ ଘଟ ପୁଷ୍ପାଞ୍ଜଳି ନ ତାମ୍ବୁଳ ଧୂପ ପାଦୁକ ପାନଗୁଆ ପ୍ରସାଦ ହରି ହାଉଡ଼ପତ୍ର ଖଣ୍ଡ ଇତ୍ୟାଦି କର୍ପୂର ଚନ୍ଦନ ବଟଖାଇ ଗୁଡ଼ିଆ ବଟସାଇ, ଭଣ୍ଡାର ମେକାପ, ପଶୁପାଳକ, ସୁଆରବଡ଼ୁ, ପଣ୍ଡା, ପଶୁପାଳକ, ଖୁଣ୍ଟିଆ, ଗରାବଡ଼ୁ, ମେକାପ, ଚୋଙ୍ଗା, ପାଳିଆମାନେ ପରମହଂସଙ୍କୁ ଦେଇ ଖଟିଲେ ।

ପରମହଂସ ପରମେଶ୍ୱରଙ୍କୁ ଦର୍ଶନ କଲାପରେ ଲୋକା ପରିବାର ମହିମା ଡାକ ଡାକିଲେ । ଆହ୍ୱାନ ପଢ଼ିଆରୀ ପଟ୍ଟୁଆର କଲା । ତଳ ପାଳିଆ ପଢ଼ିଆରୀ ପରହଂସଙ୍କ

ପଡ଼ିଛି ଥାଇ ତାଙ୍କ ହାତରୁ ପ୍ରସାଦ ନେଲେ । ପରେ ସମସ୍ତ ଅଣି ମଂଡପରେ ଦେବଦର୍ଶନ କରି ସର୍ବ ସନ୍ଧ୍ୟା: ଡକାଇ ସମସ୍ତ ପ୍ରକରଣମାନଙ୍କଠାରୁ ଭୂଆଣ ନିଯୋଗ, କରଣାଇମାନଙ୍କଠାରୁ ଦେଶର ନିଯୋଗ ଭଳି ମନ୍ଦ ବୁଝି ଭଣ୍ଡାର ପ୍ରମାଣେ ଭୂଲପଲ ମାଫକର ନିଯୋଗ ଦର୍ଶାଇଲେ । ପରସ୍ତୁ ସମସ୍ତ ବୁଝି ନିମ୍ନଲିଖିତ ମତେ ଜମାବନ୍ଦି କଲେ ।

| | | |
|---|---|---|
| ୧ । ଦେଉଳ ପୃଷ୍ଠାଁଶ ଭାଣି | ସୁନା | ୧୦୦୦୦୦ ମାଢ଼ |
| ୨ । ଖମ୍ବ ଆଭରଣ | ,, | ୧୦୦୦୦୦ ,, |
| ୩ । ଗ୍ରସ୍ତୁକବାଟ ରୂପା ଆଭରଣ | ,, | ୩୨୦୦୦ ,, |
| ୪ । ଅବସର ସମୟରେ ଶ୍ରୀଅଙ୍ଗରେ ଚନ୍ଦନ— ପାଣି ଲାଗି ଦେବା ଲାଗି | ସୁନା | ୬୦୦୦ ମାଢ଼ |
| ୫ । ସୁନାପଛିଆ ୪ ଠାକୁରଙ୍କର | ,, | ୩୧୦୮ ,, |
| ୬ । ରତ୍ନସିଂହାସନ ମୁଗୁନିପାଷାଣ | ,, | ୨୪ ୩ ,, |
| ୭ । ସୁନା ସିକୁଳି ୭, ୫ ଓ ୯ ଦଣ୍ଡଆ | ,, | ୨୧୬୦ ,, |
| ୮ । ଲକ୍ଷ୍ମୀପୋଖରୀ ଏଣ୍ଡା ହେବାଲାଗି ସିଂହାସନ ବ ଉପରେ ଲାଗିବା କୁନ୍ଦନ କାମ୍ବ | ,, | ୪୫୦ ,, |
| ୯ । ଅଙ୍ଗାଭରଣ ବଡଠାକୁରଙ୍କର | ,, | ୨୦୦ ,, |

(ସୁନାମାଠ ଚନ୍ଦ୍ରରେଖା ପାଟି ୧୦୦ ମାଢ଼, ପୁଷ୍ପମାଳ ଦେଖ ୨୬୧୬୦ ମାଢ଼, ନୀଳକାନ୍ତ ମାଣିକ୍ୟ ଅନୁଜାଏକ ରତ୍ନଜଡ଼ିତ ଅଷ୍ଟଦଳପଦ୍ମ ହାର ୯୮୮୦ ମାଢ଼, ମାଠ ମକରକୁଣ୍ଡଳ ଯୋଡାକୁ ୭୦ ମାଢ଼) ।

୧୦ । ସୁଭଦ୍ରାଦେବୀ ତୋଡ଼ି ୬୦ ମାଢ଼, ପୁଷ୍ପମାଳ ୮୦ ମାଢ଼, ମାଣିକ୍ୟ କାଣ୍ଡ ୬୦ ମାଢ଼, ମାଠ ଡୋରି ୬୦ ମାଢ଼, କୁଣ୍ଡଳ ଯୋଡ଼ାକୁ ମା ୨୦ = ୨୦୦ ମାଢ଼ ।

୧୧ । ବଳରାମଙ୍କ ଚୂଳି ୧ରୁ ୬୦ ମାଢ଼ ସୁନା, ଦେବଙ୍କ ସ୍ୱର୍ଣ୍ଣ ୧୨କୁ ୧୦୦ ମାଢ଼, ସପ୍ତଫଣା ରତ୍ନଜଡ଼ିତ ୧୫୦୦ ମାଢ଼, ପଞ୍ଚଦଶ ମୁକୁଟ ୮୦୦ ମାଢ଼, ଅଲକାପଟି ୧୦୦ ମାଢ଼, ରତ୍ନଜଡ଼ିତ ଅର୍ଦ୍ଧଚନ୍ଦ୍ର ୬୦ ମାଢ଼, ଅଲକାପଟି ଚୂଳପାଟେ ତଗଟ ଫୁଲ ୬୦ ମାଢ଼, କର୍ଣ୍ଣାବତଂସ ୮୦ ମାଢ଼, ମାଠ କର୍ଣ୍ଣାଭରଣ

୫୦ ମାଢ଼, ନବରତ୍ନଖଚିତ କର୍ଣ୍ଣଫୁଲ ୮୦ ମାଢ଼, ଟାଙ୍କୁ ମକରକୁଣ୍ଡଳ ୨୦ ମାଢ଼ ୧୫୦ ରତ୍ନମୁକ୍ତା ୮କୁ ୨୦ ମାଢ଼, କଣ୍ଠିମାଳ ହାରମାଳ ସ୍ବପଦର ପଦକମାନ ଲେଖ ଟେକ୍କାର ରଖିବା ଲାଗି ସୁନାମାଠ ହୃଦୟଭୂଷଣ ୬୦୦ ମାଢ଼, ଅଧର ତଳେ ମୁକ୍ତା ସ୍ବପଦର ୮୦ ମାଢ଼, ସୁନା ବାଘନଖ ଖୁରିତା କଣ୍ଠିମାଳ ୧୦୬ ମାଢ଼, ତ୍ରିପଦର କଣ୍ଠିମାଳ ୨୧୦ ମାଢ଼, ଦୋସର କଣ୍ଠିମାଳ ୬୦ ମାଢ଼, ପଞ୍ଚପଦକ ଇନ୍ଦ୍ରନୀଳ ମର୍କତ ନବରତ୍ନ ପଦକ ବଡ଼ ହୀରାନାଏକ ସୂର୍ଯ୍ୟମଣ୍ଡଳ ପଦକ ଗୋମେଦ ନାଏକ ମଣି ନାଏକ ମୁକ୍ତାହାର ପଦକ ମାଣିକ୍ୟ ନାଏକ ପଦ୍ମକେଶର ପ୍ରବାଳ ଅର୍ଦ୍ଧଚନ୍ଦ୍ର ଶଙ୍ଖଚୋଳ ପଦକ ୧୦୦୦ ମାଢ଼ ।

୧୨ । ଜଗନ୍ନାଥଦେବଙ୍କ ଅଙ୍ଗାଭରଣ ୬୧୦ ମାଢ଼ । ( ଲକ୍ଷ୍ମୀ ପ୍ରତିମା ୮୦ ମାଢ଼, ଶ୍ରୀକଣ୍ଠି ଓଡ଼ଣି ୨୦୦ ମାଢ଼, ପଣ୍ଡିପାଗୁଡ଼ ଲାଗିବାକୁ କଟିମେଖଳା ୩ ମାଢ଼, ଚନ୍ଦ୍ରମାଳ ୪୦୦ ମାଢ଼, ବୈଜୟନ୍ତୀ ପଦ୍ମମାଳ ୪୦୦ ମାଢ଼, ଭୁଜପଲକର ମୁକ୍ତାପର ବଳା ୩୦୦ ମାଢ଼, ରତ୍ନବଳା ୪୦୦ ମାଢ଼, ବାହୁଟି ୧୨୦୦ ମାଢ଼, ମୁଦ ୨୦ ମାଢ଼, ସୁନାମାଠ ହସ୍ତପଦ୍ମ ୩୦୦୦ ମାଢ଼, ଶ୍ରୀପୟର ୧୮୦୦ ମାଢ଼, ଶ୍ରୀଅଙ୍ଗ ପାଦୁକ ୫୦୦ ମାଢ଼) । ତହିଁର ୭୧ ମା ୧୨୭୦୦ ତ, ଆୟୁଧ ୪୦୦ ମାଢ଼, ସୌନନ୍ଦ ମୁଷଳ ୪୦୦ ମାଢ଼, ସୁଦର୍ଶନ ୧୦୦ ମାଢ଼, ସୁନାଖଣ୍ଡୁଆ ୨ଟାଙ୍କୁ ୬୫୦ ମାଢ଼, ସୁଭଦ୍ରାଙ୍କ ତହିଁର ୦୧ ମା ୫୧୪୦ ତ, ଶ୍ରୀଜଗନ୍ନାଥଦେବଙ୍କର ତହିଁର ୩୨୧୪୦ ମାଢ଼ ଓ ରତ୍ନ ୪୦୦୦୦ ମାଢ଼ ।

୧୩ । ଷୋଡ଼ଶ ଉପଚାର ପୂଜାବିଧିକ ପରିଷ୍ଣାମ ୨୧୨ ମାଢ଼ ସୁନା, ଅଷ୍ଟତାଳିକା ସୁବର୍ଣ୍ଣ ଚୌପାଢି, ଧୂପଦ ପାତ୍ର, ଅର୍ଘ୍ୟ ପାତ୍ର, ପାଣି, ମଧୁପର୍କ ପାତ୍ର, ପୁନରାଚମନ ପାତ୍ର, କଳଶାଳ, ସ୍ନାନ ଗଣ୍ଡୁଆ, ରୂପାଚେଷ୍ଟ କଂସା, ଦର୍ପଣ, ସୁନାଦନ୍ତା, ଚମ୍ପଫୁଲ ସୁନା ଡାଳିଆ, ଫୁଲଗୁଆ ସୁନାପାତ୍ର, ଧୂପପାତ୍ର, ଆରତି, ଦୀପପାତ୍ର, ସୁନା ଥାଳି, ରୂପାକଳଶ, ଦୀପଗୁଣ୍ଠା, ନୈବେଦ୍ୟପାତ୍ର, ସୁନାଥାଳି, ସୁଦର୍ଶନ ମନୋହରଥାଳି, ଚନ୍ଦ୍ରପଦ ସୁନା ପାନବଟା, ପୂଜାଶଙ୍ଖ, ରୂପା ଚୌକି, ପୂଜା କାଂସା, ପଣ୍ଡିମୁଠିଆ ପୂଜାରେ ପାଣିଦେବାକୁ ସୁନାପରାତ, ଖୋସା, ସୁନାଚକ୍ର, ସୁନା କୁମ୍ଭ ଓ ଚେଷ୍ଟା ଲାଗିବା ଛତ୍ର ଧ୍ୱଜ ଚାମର ଅଲଙ୍କ ଧୂପକାଠି ଚେର ଚର୍ଚ୍ଚ ଇତ୍ୟାଦି ପୂଜାକୁ ଉପଯୋଗୀ ପାତ୍ରମାନ ।

୧୪—ଶ୍ରୀଗୋପାଳଙ୍କ କଳସ—୧୧୬ ମୂର୍ତ୍ତିକୁ ୯୦୦୦୦ ମାଢ଼ ସୁନା (ଖଇଣି ତୋରାଣ ଗୋପାଳଙ୍କ ଠିଆ ମନୋହର ସୁନା ପଲମ ୪ ଚକ୍ର, ଠାକୁରଙ୍କ ଛାଞ୍ଚରେ ଓ କୁଣ୍ଡଳମାନଙ୍କରେ ପ୍ରଭାବଳୀ ଓ ନାଡ଼ୀ ସରସ୍ବତୀ ଏଣ୍ଡୁରି ନଡ଼

ଡାଳିମ୍ବ ମରକତଜଡ଼ ବଡ଼ାହେବାକୁ ସୁନାଥାଳୀ ୨୦ ଖଣ୍ଡ, ଝୋଟିକା ଭାତ ଭୃଙ୍ଗ ବାସଙ୍ଗିଅ କୁଣ୍ଡକୁ ଅଢ଼ା ପାତଳ ଫାଳିଟେଣ୍ଟ ଖରଡଲୁଣ ସୁନାବଟା ସୁନାଗଡ଼ୁଆ ତାମ୍ବୁଳଟୋପ ଜଳସ୍ତମ୍ଭ ରଖିବାକୁ ଘଣ୍ଟିଅରଣୀ ଜୋଡ଼ା ଡଙ୍କି. .ଭିନ୍ନାତଣ୍ଡି ଅବଶିଷ୍ଟ ସାପ ପରି ସୁନାଶିକୁଳି ରତ୍ନଜଡ଼ିତ ସୁନାଝଟ ଚନ୍ଦ୍ରଦୋଳି ସାଲଙ୍କି ନିମାଦ ସୁନାଖଟୁଲି ଶ୍ରୀମୁଣ୍ଡ ୨ ଉପରେ ଚନ୍ଦ୍ରେ ପାଗୁଡ଼ି ଅବି ଖଣ୍ଡାଧ୍ୱଜା ସୁନାଫେଲି ପାଦ, ଦେବସ୍ନାନ ଗରୁଆ ୨୫ ଟି, ପୁଷ୍ପାଭିଷେକ କନକ ଧନୁଷ୍ଟଣ ସୁନା ବନ୍ଧୁତ ୨ ଟି, ଝାଲୁଆ ୨ ଟି ।

୧୫ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଦେବୀ ସର୍ବାଙ୍ଗଦର୍ଶନ ସୁନାବେଶ ଉପରର ଛେରାପହଁରାକୁ ସୁନାଖଣ୍ଡିଆ ଚନ୍ଦନପାଣି ଅପେକ୍ଷା ସୁନାଶିକୁଳି ସୁନା କର୍ପୂରଆରତି ସୁବର୍ଣ୍ଣଲକ୍ଷ୍ମୀ ପ୍ରତିମା ରତ୍ନଜଡ଼ିତ ଗୋପୀନାଥ ପୁଷ୍ପାଞ୍ଜଳି ଚନ୍ଦ୍ର ଅର୍ଦ୍ଧନାରୀଶ୍ୱର ଗୋବିନ୍ଦଦେବ ରାମକୃଷ୍ଣ ରାମଚନ୍ଦ୍ରଦେବ ଲକ୍ଷ୍ମଣଦେବ ସୀତା ଠାକୁରାଣୀ ହନୁମାନଦେବ ଲକ୍ଷ୍ମୀନୃସିଂହ ଦେବ ବାମନ ଦୁର୍ଗାଦେବୀ ଭୁବନେଶ୍ୱରୀ ନୀଳମାଧବ ପଞ୍ଚମୁଖୀ । ତୁଳ ଏ ଦେବତାମାନଙ୍କ ଅଳଙ୍କାର ମୁଦମୁଦ ୯ ମଧ୍ୟରୁ ପଶାପା ହାତମୁଦ ମୁଦିରତ୍ନ ନୁଦ ବେଢ଼ହେରମୁଦ ତଳଟୋ ହାତମୁଦ ଷୋଳପଟ ମୁଦ ମହୀରୁ ଆର ମୁଦ ତରହାରିଆ ନେଇଁ ସୁନାଚଣ୍ଡ ରୂପାଚଣ୍ଡ ୩୯୮୨୫ ମାଷ ସୁନା ।

୫୬—ଠାକୁରମାନଙ୍କ ନିତ୍ୟକୃତ୍ୟ ପୂଜାବିଧି ବ୍ୟବସ୍ଥା—

୧— ପ୍ରତିଦିନ ରାତ୍ରି ଏକପ୍ରହର ଥାଉ ଠାକୁରମାନଙ୍କ ନିଦ୍ରାଭଙ୍ଗ କରାଇବାକୁ ହେବ । ଭୃଙ୍ଗି ଶଙ୍ଖ, ମହୁରୀ, କାହାଳୀ, ଖଟ, ଗୁପ୍ତ, ତାଳ, ଶିଙ୍ଗା ଘଣ୍ଟା, ଭେରୀ ମୃଦଙ୍ଗ ଓ ଜୟ ଏପରି ୭ ଶବ୍ଦ ଜଳାଧରେ ଜମ୍ବୁଦ୍ୱାରେ କବାଟ ଫିଟାଇବା ଲାଗି ପରୀକ୍ଷା ପାଳିକରଣ, ମୁଦିରଥ, ଦ୍ୱାରୀକୁ ବ୍ରାହ୍ମଣ ପାଳିଆ ପଣ୍ଡା, ସିଂହାରି ପଶୁପାଳକ, ଅକ୍ଷଣ୍ଡ ମେକାପ, ବାହାର ଗରାବଡ଼ୁ, ଭିତର ଗରାବଡ଼ୁ, ଶ୍ରୀମୁଖ ସିଂହାସନ, ଭିତରପୂଜାରିଙ୍କ ପାଳିଆ ସେବକ, ପଶୁପତି, ଭିତରଭଣ୍ଡାର ମେକାପ, ଫାଟେରଦୁଆରିଆ ଜ୍ୟୋତିଷ ପାଣ, ଦଇତାପତିଆ, ଖଟଣି ସମସ୍ତ ସେବକମାନେ ଥାଇ ମୁଦ ଦେଖି ମୁଦ ଭାଙ୍ଗି କବାଟ ଫିଟାଇବେ । ପାଦ ପ୍ରକ୍ଷାଳନ କରି ସେବକମାନେ, ଭିତରେ ପ୍ରବେଶ କରିବେ । ସେଥିଉତ୍ତାରେ ମେକାପ ଖଟଶେଯ ଖଟଶେଜ ଜଗୁଆ ସେଠାରୁ ନେଇ ଭିତରେ ସିଂହାସନ ଉପରକୁ ହାତରେ ସୁନାଉଣା ନେଇ ଭିତରଭଣ୍ଡାର ମେକାପ ଶ୍ରୀଅଙ୍ଗମାନ ମଣ୍ଡିବ, ସିଂହାସନ ପଶୁପାଳକ ସିଂହାସନ ଉପରକୁ ଉଠି ତଡ଼ାଉଳିମାନ ଖୋଲି କରିବ । ବସ୍ତ୍ର ଉଲଗିଳର ଗୋଟିଏ ଗୋଟିଏ

ଖଣ୍ଡ ପିନ୍ଧାଇବ । ଶ୍ରୀମୁଖସିଂହାର ସୁନା କୋପରରେ କର୍ପୂରମିଶ୍ରିତ ଜଳରେ ବୋଳି ଲୁଗା ବୁଲାଇ ଶ୍ରୀମୁଖମାନ ପୋଛି ଶଙ୍ଖକଳା, ହେମଙ୍ଗୁଳି, ଦୁଇତାଳ ବର୍ଣ୍ଣମାନ ଶ୍ରୀମୁଖରେ ଲଗିକରିବ । ପରେ ସିଂହାସନତଳେ ପାଳିଆପଣ୍ଡା ପଢ଼ା ମାତ୍ର ଦର୍ପି ଣଂସା, ଦର୍ପଣ ୩ ଖୋଳି ଛାମୁରେ ଧରିଥିବ । ଏ ଦର୍ପଣରେ ପ୍ରକ୍ଷାଳନ, ଦାନ୍ତ-କାଠିଲଗି, ଅଭ୍ୟଙ୍ଗ, ତୋଳାମାନଙ୍କରେ ନିର୍ମଳାପାଣି ଲଗିକରାଇ ଧୂପ ଦୀପରେ ପୂଜାକରି ପଞ୍ଚାମୃତ ସ୍ନାନ କରାଇବ । ପଞ୍ଚାମୃତ ସ୍ନାନ ଲଗି ଗୁଆଦୁଧ, ଦହି, ଘୃତ, ମହୁ, ଖଣ୍ଡ ବେଦଋ ବେଦମନ୍ତ୍ରରେ ସ୍ନାନ କରାଇବ । ପରେ ଉଷ୍ଣଜଳ ଗନ୍ଧଜଳ, ମନ୍ତ୍ରଜଳ, କର୍ପୂରାଦିତ ସୁବାସ ଜଳ ପ୍ରଭୃତି ଜଳମାନ ସଂସ୍କାରପୂର୍ବକ ତଦ୍ଦ୍ୱାରା ସ୍ନାନ କରାଇବ । ଶୁଦ୍ଧ ଶୁଷ୍କ ବସ୍ତ୍ରଦ୍ୱାରା ଶ୍ରୀଅଙ୍ଗ ପୋଛିବ । ଏଥିରୁ ପାଦାର୍ଘ୍ୟ ଶ୍ରୀମୁଖ ପଖାଳି, ପୂଜାପଣ୍ଡାମାନଙ୍କର ସେବା । ପଣ୍ଡା କୌଣସି ଦିନ କୌଣସି କାରଣରୁ କରି ନପାରିଲେ ସିଂହାସନ ପଟ୍ଟନାୟକ କରିବ ।

କାଠିଲଗି ଦ୍ରବ୍ୟ—କୁମ୍ଭାରୁଆ ଦାନ୍ତକାଠି ୩, ଉଳଖଣ୍ଡ ସେଂଭାଗୁଆ ଗୁଣ୍ଡି, ସୁନାକେଣ୍ଡିକା ୩, ସୁନା କଳଶଣ୍ଡି ପାଟଅ ୮, ନିର୍ମଳା ପାଣି ୩ ହଣ୍ଡା ସରଡ଼ା-ବାହାଡା-ଜଅଁଳା ୩ ପୁଡ଼ା, ପଞ୍ଚାମୃତ ଦୁଧ ୩ କୁଣ୍ଡା, ଦପାଦହି ୮ ପଟୋଳ, ଘିଅ ୩ ମାଣିକା, ମହୁ ୩ ମାଣିକା, ଖଣ୍ଡ ୩ ପୁଞ୍ଜା, ଢିଙ୍କୋଲ ଶରବଣା ଗଛ ମିଶି ବଟା, ଅଁଳା ସେଗ ୫ ଓ ୮ ପୁଡ଼ା ସରସ୍ୱ ବଦନ । ମାଜଣା ଶ୍ରୀଅ ପିଠାଦ୍ରବ୍ୟ ସ୍ନାନ ଅଧମାଣ, କଞ୍ଚୁଆ ସୋ ୩, ପାଣି ସକାଳେ ବଜନଘଟ ୧, ଗନ୍ଧଜଳ ୧ କୁଣ୍ଡୁଆ, ଉଷ୍ଣଜଳ ୧ କୁଣ୍ଡୁଆ ଜାଠ ୨ ଖଣ୍ଡ, ଦର୍ପଣ ଜଳ ୧ କୁଣ୍ଡୁଆ, ତଣ୍ଡୁଳାସନଜଳ ସରସ ଚନ୍ଦନ ଅଗୁରୁ ୩ ମାଷ, କର୍ପୂର ତୋଳାଏ, କସ୍ତୁରୀ ଅଧତୋଳାଏ, ଗନ୍ଧ ୨ ତୋଳା । ନୈବେଦ୍ୟ ପାଚିଲା ଅମୃତପାଣି କଦଳୀ ୩୦, କଦଳୀପତ୍ର ୩ ଖଣ୍ଡ ।

ଅବକାଶବେଶୋତ୍ତମ ପୂଜା—ସିଂହାସନ ପରିଚାଳକମାନେ ସିଂହାସନ ଉପରେ ଶ୍ରୀଅଙ୍ଗରେ ଲୁଗା ଲଗି କରି ଶ୍ରୀକାପଡ଼ା ଲଗି କରାଇବେ । ପରେ ତୁଳସୀ ବଢ଼ିବ । ପୁଷ୍ପାଳକ ସମସ୍ତ ଧୋପଖାଳ କରି ପାଟଡ଼ା ଲୁଗା ସେଇ ଯୋଗ୍ୟମାନେ ଧୋବଲୁଗା ପାଟଡ଼ା ପାଇ ଶୀତସିଂହାର ବେଶରେ କର୍ପୂର ମହଣ ମିଶି ଖଣ୍ଡ-ମଣ୍ଡା, ଖଣ୍ଡପାକର, ଖଣ୍ଡପଣା, ନଡ଼ିଆରସକୋରା, ଅମୃତପାଣି ପାଚିଲା କଦଳୀ, ସିଂହାସନରେ କର୍ପୂରଚନ୍ଦନମିଶ୍ରିତ ଭଜାଚୂଡ଼ା, ବାଣ୍ଡିପକଡ଼, ଛେନା ଗୁଡ଼ରେ ଦେଇ ଗାଲ ପଞ୍ଚ ଉପଚାରରେ ପୂଜା ହେବ । ଏ ପରେ ବାହାରେ ସୂର୍ଯ୍ୟ ପୂଜା, ଜୟବିଜୟ ପୂଜା, ଦ୍ୱାରପାଳ ପୂଜା ହେବ ।

ସକାଳ ଧୂପ—ଶ୍ରୀମୁଖ ଧୋପଖାଲ ହୋଇ ପାହାଡ଼ା ପଡ଼ ସୁବର୍ଣ୍ଣପାତ୍ର-ମାନଙ୍କରେ ବେଶମଣ୍ଡପରୁ ବଡ଼ା ହୋଇ ଷୋଡ଼ଶ ଉପଚାର ପୂଜା ହେବ । ପଣ୍ଡା ପିଢ଼ା ଉପରେ ଉତ୍ତରାଭିମୁଖ ହୋଇ ବସି ପୂଜା କରିବ । ଦ୍ୱାଦଶାକ୍ଷର ମନ୍ତ୍ରରେ ବଳରାମଙ୍କ ପୂଜା, ରାଜମନ୍ତ୍ରରେ ପରମେଶ୍ୱରଙ୍କ ପୂଜା, ଭୁବନେଶ୍ୱରୀ ମନ୍ତ୍ରରେ ସୁଭଦ୍ରାଙ୍କ ପୂଜା କରିବ । ସୁଦର୍ଶନଙ୍କୁ ପୂଜା କରୁଥିବେଲେ ତଳେ ବସି ପୂଜାକରିବ ।

ଆସନଂ ସ୍ୱାଗତଂ ପାଦ୍ୟଂ ଅର୍ଘ୍ୟମାଚମନୀୟକଂ

ମଧୁପର୍କଂ ଚ ମସ୍ନାନ ବସନାଭରଣାନି ଚ

ସୁଗନ୍ଧ ସୁମନଂ ଧୂପଂ ଦୀପ ନୈବେଦ୍ୟ ବନ୍ଦନଂ ।

ଆସନ—ସୁବର୍ଣ୍ଣ ପଦ୍ମ ପାଖ ୩, ତୁଳସୀ ।

ସ୍ୱାଗତ—" " " " " ମିଶ୍ରିତ ଫୁଲ ।

ପାଦ୍ୟ - " ଡାଳିଆ ୩, ଜଳ, ପଦ୍ମଫୁଲ ୩ ମାଡ଼, ବଉଳଫୁଲ ୩ ମାଡ଼, ଦୂବାଧାନଫୁଲ ୩ ମାଡ଼ ଦୂବାଙ୍କୁର ୩ ମାଡ଼ ଶ୍ୱେତ ଗୋରସ ଚନ୍ଦନ, ଉଶୀର ଓ କୁଙ୍କୁମ ।

ଆଚମନ ସୁନ ଢାଳ ୩, ଲବଙ୍ଗ, ଜାଇଫଳ, ଉଶୀରବେଣା, ଚନ୍ଦନ, ମୁସ୍ତମାଂସୀ, କସ୍ତୁରୀ, କର୍ପୂର ମିଶ୍ରିତ ବସ୍ତ୍ରଛାଣିତ ଜଳ ।

ମଧୁପର୍କ—ରୁପାକୁମ୍ଭକ ୩ ରେ ମଧୁ ଗୁଆଘିଅ ଦୁଗ୍ଧ (ମଧୁ ଅଭାବେ ଗୁଡ଼), ରୁପାଢାଙ୍କୁଣୀ ୩ ।

ପୁନରାଚମନ—ସୁନାଢାଳ ୩ ରେ ଲବଙ୍ଗ ଜାଇଫଳ ଅଳାଇଚ ଖାଇକୋଳି ଉଶୀରବେଣା ଅଗୁରୁ କର୍ପୂରମିଶ୍ରିତ ବସ୍ତ୍ରଛାଣିତ ଶୁଦ୍ଧଜଳ ।

ସ୍ନାନ—ସୁନାଢାଳ ୩ ରେ ବସ୍ତ୍ରଛାଣିତ କର୍ପୂରମିଶ୍ରିତ ଜଳ ୧୦୦ ପଳ ନୂନକଳ୍ପେ ୫୦ ପଳ । ଇଞ୍ଚାପଟମୁନାଦ ମନ୍ତ୍ରରେ ମନ୍ତ୍ରବର୍ଣ୍ଣ ଆବାହନ କରିବ । ସୁନା ବଇଠିଲଗା ଦର୍ପଣ ଦର୍ପଣ ସମ୍ମୁଖରେ ରଖି ସ୍ନାନ କରାଇବ । ଧୋବ ବସ୍ତ୍ରରେ ଶ୍ରୀଅଙ୍ଗ ପୋଛିବ । ନୂତନ ପଟ୍ଟ ବସନ ପିନ୍ଧାଇବ, ଅଳଙ୍କାର ଲାଗି କରିବ, ଫୁଲ ଚନ୍ଦନ ଅଗୁରୁ କସ୍ତୁରୀ ଗୋରୋଚନା କାଶ୍ମୀର ପଟିଭଜନ ଲାଗିହେବ, ସୁନାଦୀପରେ ଆଳତି ହେବ, ଧୂପ ହେବ, ବାଦ୍ୟ ବାଜିବ । ମୋଟ ତୋଷାମାଳି ଏ ପୂଜାକୁ

ଫୁଲ୍ ହେବ । ଷୋଡ଼ଶୋପଚାର ପୂଜା ପରେ ଶ୍ରୀମନ୍ଦିର ଭୋଗ ଲାଗିବ । ଏଥିରେ ମନୋହି ହେବ, ଯାହାରେ ଧୂପ୍‌ଦେଣ୍ଡା ଦ୍ୱାଦଶ ଶୁଦ୍ଧାନ୍ନ (ଜଳପାକକ୍ଷ ଦାରେ) । ଷୋଡ଼ଶପରେ ମହୋଷ୍ଟି ଦଶ'ଅଁମାନ ହେବ କେବଳ ଗୃହ ହେବ ନାହିଁ । ୪ ପ୍ରକାର ପାକ ହେବ, ଯଥା—ଘୃତ, ଜଳ, ଦୁଗ୍ଧ, ତୈଳ । ଅନ୍ନ ୪ ପ୍ରକାର — ଶାଳି, କ୍ଷୀର, ଦଧି, ଶୀତଳ ।

୧—ଶୁଦ୍ଧାନ୍ନ ଉତ୍ତମ ଶୁକ୍ଳ ପାକହେବ ପରେ ସେଥିରେ ଘୃତ ମିଶିବ, ଚାଲିଟିଏ ଦେଇ ଲବଣ ଯୁକ୍ତ ଶାଳି ଉତ୍ତପ୍ତ ଅନ୍ନ । ଏ ମହୋଷ୍ଟି ଦେଲକୁ ଦୁଗ୍ଧପାକର ମୁଗ ଡାଲି, ଘୃତପାକର ବଡ଼ି ଡାଲି, ତୈଳପାକର ଭୂଷ ମସୁର ଅନ୍ଧୁରିକା, ଜଳପାକର ଶାକର ଡାଲି ।

୨— ଦଧିଅନ୍ନ—ଉତ୍ତମ ଅନ୍ନ ଦୁଗ୍ଧ ଦଧି ମିଶ୍ରିତ । ଜଳପାକ ଖପର ଡାଲି, ଦୁଗ୍ଧପାକ ମଧୁଲୁଡ଼, ଦୁଗ୍ଧପାକ କଦଳୀଭଜା, ଘୃତପାକର ଖୁଦ୍ଦଶୁଆ ପାକକୁ ନଡ଼ିଆ ରସ ।

୩— କ୍ଷୀରଅନ୍ନ— ଦୁଗ୍ଧରେ ସୁବାସିତ ଉତ୍ତମ ଶୁକ୍ଳ ପାକ । ଗୁଡ଼ ଦେଇ ଲବଣ ମିଶିବ । ପାକଶେଷ ମରିଚ କର୍ପୂର ମିଶିବ । ଦୁଗ୍ଧପାକର ଅଧାରସିଆ ପିଠା, ଘୃତପାକର ପୁରପିଠା, ଦୁଗ୍ଧପାକର ଘୃତ ଲବଙ୍ଗ ଦ୍ରବ୍ୟ ମିଶ୍ରିତ ନାନାପ୍ରକାର ପିଠା, ଜଳପାକର ନାନାପ୍ରକାର ଘଣ୍ଟଡ଼ିଆ ।

୪—ଶୀତଳଅନ୍ନ—ଉତ୍ତମ ଶୁକ୍ଳ ଅନ୍ନ ପାଣିରେ ଭିଜାଇ ତହିଁ ସେଥିରେ ଚୂନା ଦେଇ ଲବଣ ମିଶ୍ରିତ କରିବ । ଦୁଗ୍ଧପାକ ଦେଶୀଆକୋଳିଚଟିଆ ଚୋଲାଲି ଚେଲଚଟିଆ ଦଧିକଳିଲା ଋତୁ ଅନୁସାରେ ଶାକ, ଘୃତପାକର ଅଦା ପାଚେଡ଼ି ସୁନ ପାକର ବରକୋଳି ଚୁଡ଼ିକାଞ୍ଜି, ଜଳପାକର ଅଡ଼ଙ୍ଗା । ଭାତ ତାଙ୍କୁ ଖିର ପିଠା ପଣା ଗୋଟିକା ଅମୃତମଣ୍ଡା ନଡ଼ିଆ ରସାବଳୀ ସାତଲକ୍ଷଣ ଓ ପାନ ଓଡ଼ିଆ ଘସାଦାସପାଣି ପ୍ରଭୃତି ଏହାକୁ ଏକାବେଳକେ ମହୋଷ୍ଟି କଲେ ଶେଷ ବୁଝାଯାଏ ।

ଖିର ପିଠା ଗୋଟିକା ପଣା ସ୍ୱର୍ଣ୍ଣ ଥାଳିକ ଘଟ ଘସାଦାସପାଣି ଏମାନ ମହୋଷ୍ଟି କଲେ ଶିଂଘାର ବୁଝାଯାଏ ।

ଏ ସମସ୍ତ ଶ୍ରୀମନ୍ଦିରେ ହୋଇବାରୁ ପାଏଡ଼ା ପଣ୍ଡା ତାଙ୍କପରେ ସୁବର୍ଣ୍ଣ ଥାଳିମାନଙ୍କରେ ଅନ୍ନ ସଜଡ଼ାକାରରେ ଲଗାଇଥାଇ ଦିଅ ପଡ଼ିବ । ଏଣ୍ଡ

ଗୋଟା ମୁଗ, ପାଞ୍ଚଫେଣା ସିଝୁରି, ଆରିଷ ପଣ୍ଡୁରି ଏମାନେ ଅନ୍ନର ପଥର ହେବ। ବଡ଼ କାକରା ଲୁଣୁଆ ଖଜାମାନ ଗଛ ହେବ। ବଡ଼ ନଡ଼ିଆ ଚକ୍ତିଆ ଭଜା ଗୋଲ ହୋଇ କଷା ହୋଇ ଅମୃତମଣ୍ଡା ଦ୍ବିତୀୟ ପର୍ବତର ଶୃଙ୍ଗ ହେବ। ଖଣ୍ଡସ୍ୱ-ପିଠା ଅରିଷା ପୁରି ଅମାଲୁ ହୋଲବଡ଼ା ନାଡ଼ୁ ଉପୁଡ଼ି ଏମାନେ ଗଛର ଡାଳ ପତ୍ର ହେବେ। ଖଜାପିଠା ସୋଟା ଚନ୍ଦ୍ରକଳା ଝିଣ୍ଡପୋଡ଼ି ଏମାନେ ଗଛର ଫୁଲ କଢ଼ି ହେବେ। ଦରପାଚୁଡ଼ି ଗୋଟିକା କଦମ୍ବଫୁଲ ଖଇରେଣୁ ରସଗୋଲା ଏମାନେ ଫୁଲ ହେବେ। ରସବଳୀ ସୁର୍ଣ୍ଣଉଖ ବଡ଼ତାଳିମ୍ବୁ ଛେନାକୋଡ଼ି ମରିଚକୋଡ଼ି ଖଜା କଞ୍ଚିଅଙ୍ଗୁଳ ତାଡ଼ାଗଲେଡ଼ା ଛେନାମଣ୍ଡା ପଶ୍ରିଆ ଗୋଧୂଳି ପଇଡ଼ ପାଚିଲା କଦଳୀ ଏମାନେ ଗଛର ଫଳ ହେବେ। ନାନାପ୍ରକାର ଉତ୍ତମ ମିଶ୍ରମିଶ୍ରା ଅମୃତକ୍ଷୀର ଆମ୍ରମ ଦଧ୍ୟାଦକ ପରମାନ୍ନ ବାହ୍ଲକାକ୍ଷୀର ଦ୍ବିଗୁଣ-କ୍ଷୀର ଶତଗୁଣକ୍ଷୀର ଏମାନେ ଖଣ୍ଡ ମିଶ୍ରିତ ଘୃତରେ ମିଶ୍ରିତ ହୋଇ ଗଛର ରସ ହେବେ। ନାନାପ୍ରକାର ପଣା ସୁଧାଧାରାପାଣି ଏମାନେ ପର୍ବତ ଜଗିବାର ଜଳ। ଏପରି ପର୍ବତାକାର କରି ପଣ୍ଡା ମନରେ କଳ୍ପନା କରିବ। ପଣ୍ଡା ମୂକ ହୋଇ ମନଶୋଦ୍ଧି-ମେଳେ ସେହି ପଦାର୍ଥ ଭଗବାନ୍ଙ୍କ ପାଖେ ମନଶୋଦ୍ଧି ହେବ ସେ ପ୍ରକାର ମହାପ୍ରସାଦ ପଞ୍ଚାମୃତ କରି ନାହିଁ ଏଥି ଗୋଟିଏ ଦେବ ବାହାର ଥିବ। ପଣ୍ଡା ମନ୍ତ୍ରଦ୍ୱାରା ମନଶୋଦ୍ଧି କରାଇବା ପରେ ଇନ୍ଦ୍ରର ଚନ୍ଦ୍ରଦତ୍ତ ଆଚମନକୁ ସୁଧାସ୍ପର୍ଶ ଦେବ। ଆଚମନ ପାଣି ଚେଙ୍ଗ ବର୍ଣ୍ଣରେ ଶ୍ରୀହସ୍ତ ପୋଛିବ। ଉତ୍ତାରୁ ହେସ୍ୱ ନ ଫିଟିବା ପ୍ରଭୁଙ୍କୁ ପୂଜା-ପଣ୍ଡା ଅନ୍ନ ମହାପ୍ରସାଦ ନୈବେଦ୍ୟଗ୍ରନ୍ଥ ଗୋଟାଏ ଦେଇ ବାହାରକୁ ଆସି ଦେବୀଙ୍କ ଚ୍ଛୁପାଦେଇ ଦକ୍ଷିଣବାହାଳିଙ୍କୁ ଦେଇଦେବ ଆଚମନ କରି ହେସ୍ୱ ଭିତରକୁ ଆସି ତାମ୍ବୁଳ ଲାଗି କରାଇବ। ହେସ୍ୱ ଫିଟିବା ପରେ ଆଳଟ ହେବ। ଦ୍ବାରପାଳଙ୍କରେ ଆଳଟ ହେବ। ୧୬ ପଦାର୍ଥ ଲାଗି ହେବ—ପାଟପା ଧୂପ ଛତ୍ର ଚାମର ଆଳଟ ଧୂପ ଦର୍ପଣ ଆଳତି ଅଗୁରୁ ଧୂପକାଠି ଦ୍ୱାରାବତି ପୁଷ୍ପବୃଷ୍ଟି ନୃତ୍ୟଗୀତ ଶଙ୍ଖ କର୍ଣ୍ଣଦାର ଘଣ୍ଟାଧ୍ୱନି ତାଳ ବାଦ୍ୟ। ଅସୁରମାନଙ୍କ ମର୍ଦ୍ଦଳାଦି କର୍ମବାଦ୍ୟ ଦେବ-ମାନଙ୍କ ଘଣ୍ଟ ଘଣ୍ଟା ଆଦି ଶୃଙ୍ଗବାଦ୍ୟ କିନ୍ନରମାନଙ୍କ ତାଳ କଂସାଳାଦି ଘଣ୍ଟା ବାଦ୍ୟ, ଦେବତାମାନଙ୍କ ବୀଣାଦି ବାଦ୍ୟ।

ଜାଗୁରଙ୍କ ଅବଗାହ ପୂଜାରେ ଆବାହନ ବିସର୍ଜନ ନାହିଁ। ଧୂପ ବନ୍ଦିଲେ ପଣ୍ଡା ଅକ୍ଷତ ଦେଇ ରାଜାଙ୍କୁ ଆଶୀର୍ବାଦ କରିବ।

ଧୂପ ଶେଷରେ ହୋମ ହେବ। ଉପର ଦେଉଳ ମଣ୍ଡପରେ ଶାସ୍ତ୍ରୀ ଧୂପଦୀପ ନୈବେଦ୍ୟ ସହିତ ପଞ୍ଚୋପଚାରରେ ପୂଜା ହେବ ଏବଂ ମନଶୋଦ୍ଧି ହେବ। ପରେ

ସୁବର୍ଣ୍ଣ ନାରାୟଣ ଦେବତା ସମାନଙ୍କରେ ବନ୍ଦେକାର ବେଦହୁଲ ସ୍ନାନପାଙ୍କ ୩ ବେଢ଼ା ବୁଲି ଜଗମୋହନ ଦ୍ୱାରେ ରତ୍ନସିଂହାସନ ଉପରେ ବନ୍ଦେକରିବେ । ଏଠାରେ ବେଢ଼ା ଅଷ୍ଟାଙ୍ଗ ହେବ । ଏଠାରେ ଗୋଟିଏ ଶୀତଳ ସିଂହାର ମଣୋହି ଭୋଗ ହେବ । ବନ୍ଦାପନା ହୋଇ ଭିତରକୁ ବିଜେ କରିବେ । ଏ ପରେ ଦଣ୍ଡନୀତିମା ଭୋଗ ହେବ ।

ଦ୍ୱିପ୍ରହର ଧୂପ— ଠାକୁରମାନେ ମଇଲମ ହେବେ ଏବଂ ବଡ଼ଲାଗି ଚନ୍ଦନ-ଲାଗି ମାଳଚୂଳଲାଗି ହେବାପରେ ଗମ୍ଭୀର ଧୋପଖାଲ ହେବ । ପାହାଡ଼ା ଲୁଗା ପଞ୍ଚ ସୁବର୍ଣ୍ଣ ଯୋଗାଡ଼ ମାନଙ୍କରେ ଭୋଗ ମଣ୍ଡପକୁ ବୋଲ ଧୂପ ପଣ ଦେବତାଙ୍କରେ ଲାଗି ହେବ । ଷୋଡ଼ଶୋପଚାର ପୂଜା ହେବ । ତହିଁ ଉପର ଭୋଗମାନ ସମାଳପରି ହେବ । ସକାଳପରି ନାରାୟଣଙ୍କ ବେଢ଼ାବୁଲା ଶୀତଳ ସିଂହାର ଭୋଗ ଓ ବନ୍ଦାପନା ପରେ ଭିତରବିଜେ ହେବ । ବେଶ ଖୋଲାଗି ହୋଇ, ବେଢ଼-ପଟା ଲୁଗା ଲାଗି ହୋଇ, ରତ୍ନଚାନ୍ଦ ସୁବାସଗନ୍ଧ ମାଳଚୂଳ କର୍ପୂର ଲାଗି ହୋଇ, ଗମ୍ଭୀର ଧୋପଖାଲରେ ଖଟଶେଯ ପଡ଼ିବ, ତହିଁରେ ଠାକୁରେ ପହୁଡ଼ିବେ । ଏଠାରେ ଶୀତଳ ଭୋଗ ହୋଇ ଟେରା ପଡ଼ିବ ।

ସନ୍ଧ୍ୟାଧୂପ—ସକାଳ ଧୂପପରି ଷୋଡ଼ଶୋପଚାର ପୂଜା । ଏ ଧୂପରେ ଅଧିକା ବନ୍ଦାପନା, ନାରାୟଣଙ୍କ ବେଢ଼ାବୁଲା, ଶୀତଳ ଭୋଗ, ଉପର ଭୋଗ, ନଡ଼ସିଂହାର ଅବକାଶ, ଅର୍ଦ୍ଧରାତ୍ରି ସିଂହାର ଅବକାଶ, ସୁନାଗଡ଼ାଠ ତାମ୍ବୁଳ ଲାଗି ଦ୍ୱିତୀୟବନାଏକ ବଡ଼ଅଗଣି ଉତ୍ତମ ସିଂହାର ପିଠା, ଦାନ୍ତି ବାନ୍ଧୁଳା ପଖାଳ ଇତ୍ୟାଦି ।—ଅଲଗି ବନ୍ଦାପନା ପରେ ଖଟଶେଯ ପଡ଼ିବ, ଶ୍ରୀମୁଣ୍ଡିମୁଣ୍ଡୁଳା ଗୋଲ-ମୁଣ୍ଡୁଳା ତୋଳାମୁଣ୍ଡୁଳା ଶ୍ରୀପୟରମୁଣ୍ଡୁଳା ହୋଇଥିବ । [illegible] ଧ୍ୟାନକ ଲୁଗା ପଡ଼ିବା । ପୂଜା [illegible] ନାରାୟଣ ଦେବଙ୍କୁ ଖଟର ମଣ୍ଡାଚୂଳ ଗୋଟିଏ ଅପଣର ଦେଇ ଦଣ୍ଡ ତପ ଉଠା ଛଡ଼ି ସୁମର ଆଳଟ [illegible] ଗୀତଗୋବିନ୍ଦ ପୂଜାବେଳେ ଏମାନ ସିଂହାସନରେ [illegible] ବିଜେ କରାଇ ଆଣି ଜଗମୋହନ ଦ୍ୱାରେ ପୂଜାବେଦିର ଉପରେ ବିଜେ କରାଇ [illegible] ସିଂହାର ଶୀତଳ ଭୋଗ ୪ ଉପଚାରରେ ପୂଜା କରିବେ । ଅଲଗି ପରେ ପହୁଡ଼ ହେବ । [illegible] ଶୀତଳଭୋଗ ସିଂହାର ବଢ଼ା ହୋଇଥିବ । ଭିତରଭଣ୍ଡାର ମେକାପ ବଇଠା ନେଇ ସିଂହାସନ [illegible] ଶୋଧି ଭଣ୍ଡାରମେକାପ [illegible] ଅଳଙ୍କାରମାନ ଓ ବାଡ଼ପଣମାନ ବାହାର କରି ଅଣିଲା ପରେ କବାଟ ପଡ଼ିବ । ଏପରି ୬ ଭୋଗ-୯ ସିଂହାର ଶେଷ ହେବ । ୬ ଭୋଗର ମୂଲ୍ୟ [illegible] ମାତ୍ର [illegible] ଟଙ୍କା, ୯ ସିଂହାରର ମୂଲ୍ୟ [illegible] ସୁନା । ଏହିପରି [illegible] ଦିନକୁ [illegible] ମାତ୍ର [illegible] ଟଙ୍କା ।

୧୭—ମହାଲକ୍ଷ୍ମୀ, ସରସ୍ୱତୀ, ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଦେଉଳ ଅଭ୍ୟନ୍ତର ମଧ୍ୟସ୍ଥ ଦେବତା, ବାଲ୍ୟନୃସିଂହନାଥ, କ୍ଷେତ୍ର ଆୟତନ ମଧ୍ୟସ୍ଥ ଦେବତା, ତୀର୍ଥସ୍ଥଳ, ଜଳ ସ୍ଥଳ ଆକାଶ ଅନ୍ତରୀକ୍ଷ ଦେବତାମାନଙ୍କ ପାଇଁ ଦେଲେ ପୂଜା ମା ୯୫୨୫ । ୫ ।

୧୮—କର୍ପୂର ଚନ୍ଦନ ମଠିଆଳ ୬୦୦୦୦ ମାଢ଼ ।

୧୯—ନାନାପ୍ରକାର ପକ୍ୱାନ୍ନ ୧୦୦୦୦ ମାଢ଼ ।

୨୦—କ୍ଷେତ୍ର ପଶ୍ଚିମ ୫୦୦୦୦ ମାଢ଼ ।

ପୋଲବନାଏକ ମତ ଦେଲେ ଯେ 'ଏ ହିସାବରେ ଦେଲେ ଅଙ୍କୁ ବଂଶ ଦଳପାରେ । ସୁତରାଂ ଏ ହିସାବରେ ୩ ଭାଗରୁ ଭାଗେ ହେଲେ ସର୍ବଦା ରକ୍ଷା ପାଇବ ।

ତାଙ୍କ ମତ ସମୀଚୀନ ବୋଧ ହେବାରୁ ନିର୍ଣ୍ଣୟ ହେଲା ଯେ ପୂଜା ୪୦୦୦୦ ମାଢ଼ ହୋଇଥିବ ।

୨୨ ଆଠାଳିଆ ଅଡ଼ାରେ ଖୁଣ୍ଟେ ୧୪ ମାଣ, ଚକ ନଉଦରେ ଧାନ ୭ ଭରଣ ଲେଖାଏଁ ବର୍ଷକୁ ୨୫୨୦ ଭରଣ, ପଞ୍ଚପର୍ବାଣି ୨୦୦ ଭରଣ । ଭରଣକୁ କଉଡ଼ି ୩୦ କାହାଣ ଲେଖାଏଁ ୮୧୦୦୦ କାହାଣ । ଶାରଦ ବର୍ଷା ପାରୁଥି ୧୨୦୦୦୦ ଭରଣ, ଭରଣକୁ ୨୫ କାହଣ ଲେଖାଏଁ ୨୩୫୦୦ କାହାଣ, ମୋଟରେ ୭୬୫୦୦ କାହାଣ । ଘିଅ ଗୁଡ଼ ଓଗେର କଉଡ଼ି ୧୪୮୫୦୦ କାହାଣ ଗାଏ ୨୮୨୨୫୦ କାହାଣ । ଏଥି ମଧ୍ୟରେ ଧୋଇ ମଲ୍ଲୁଡ଼ି ଲାଗି ୫୬୨୫୦ କାହାଣରୁ ୨୫ କାହାଣକୁ ୨ ମାଢ଼ ପୂଜା ହେଲେ ୨୮୨୫୦ ମାଢ଼ ପୂଜା ହେଲା ।

୨୧—ଅନ୍ୟାନ୍ୟ ଦେବତାମାନଙ୍କ ସେବା ଲାଗି ନିମ୍ନଲିଖିତ ପ୍ରକାରେ ବନ୍ଦୋବସ୍ତ । ଅଙ୍କ ସଂଖ୍ୟାକୁ କେତେ ମାଢ଼ ପୂଜା ବୋଲି ବୁଝିବାକୁ ହେବ ।

ମହାଲକ୍ଷ୍ମୀ ୮୦୦, ସରସ୍ୱତୀ ୪୦୦, ଅଷ୍ଟଶମ୍ଭୁ ଯେଉଁଥିରେ ମାର୍କଣ୍ଡେଶ୍ୱର ୧୬୦, କପାଳମୋଚନ ୫୦, ବଟେଶ୍ୱର ୫୦, ବାମଦେବ କ୍ଷେତ୍ରପାଳ ୨୦, ଈଶାନେଶ୍ୱର ୫୦; ନୀଳକଣ୍ଠେଶ୍ୱର ବିଲ୍ୱେଶ୍ୱର ୫୦, ବିମଳା ୯୦, ସର୍ବମଙ୍ଗଳା ୩୦, ଦକ୍ଷିଣକାଳୀ ୩୦, ଚାମୁଣ୍ଡା ୩୦, ମହିଷମର୍ଦ୍ଦିନୀ ୩୦, ଅର୍ଦ୍ଧାଶୋଷିଣୀ ୩୦, ସ୍ୱର୍ଣ୍ଣମଙ୍ଗଳା ୩୦, ଲକ୍ଷ୍ମେଶ୍ୱର ୪୫୦, ନୃସିଂହନାଥ ୧୫୦, ନୃସିଂହ ୩୦, ସଙ୍କର୍ଷଣପତି ୨, ବିର୍ଦ୍ଧିହନୁମାନ ୭, ଗରୁଡ଼ଦେବ ୧, ଜୟବିଜୟ ଓଗେର ୪୦, ନୀଳାଚଳ ନଳକମ

୬, ଚତୁର୍ମୁଖ ବ୍ରହ୍ମା ୬, ଚନ୍ଦ୍ର ସୂର୍ଯ୍ୟ ୧୨, ଇନ୍ଦ୍ର ୧୨, ଇନ୍ଦ୍ରାଣୀ ୬, ଉଚ୍ଚୈଃଶ୍ରବା ୬, ରତ୍ନାଇ ଦେବୀ ୬, ଉତ୍ତରକାଳୀ ୩, ଦକ୍ଷିଣକାଳୀ ୩, ଦଣ୍ଡମାର୍କଣ୍ଡେଶ୍ୱର ୬, ପାତାଳେଶ୍ୱର ୬, କଟେଶ୍ୱର ୬, ବାସୁଦେବ ଦେବତା ୬, ଜଗଦନନ୍ଦା ୬, ଭାଣ୍ଡାର ଘର ଗଣପତି ୩, ଭୋଗଘର ମହାଲକ୍ଷ୍ମୀ ୬, ବେଷଗଣପତି ୩, ଧାଟୀଦ୍ୱାରସ୍ଥ ଓ ଦେଉଳଦ୍ୱାର ଗଣପତି ୩, ରୁକ୍ମିଣୀ ହରଣକ୍ଷମା କମ୍ବଳ ନିର୍ମଳ୍ୟା କାଳିନ୍ଦୀ ଭଦ୍ରା ଲକ୍ଷଣା ୨୪, ବଡ଼ ନୃସିଂହ ବିଶ୍ୱଜନ ୧୮, ସୁବର୍ଣ୍ଣଦେବତା ଓ ନାରାୟଣ ୧୨, ରାମକୃଷ୍ଣ ୧୨, ଲକ୍ଷ୍ମୀନୃସିଂହ ୬, ଶୟନ ଦେବତା ୯, ଦେଉଳ କୂଅ ଦ୍ୱାରୀର ଅଷ୍ଟଶକ୍ତି ଦେବତା ୩, ବେଢ଼ାଦେବତା ଶ୍ୱେତ ଓ ମତ୍ସ୍ୟ ମାଧବ ୧୮, ଚଣ୍ଡୀମହାଦେବ ୬, ସ୍ୱର୍ଗଦ୍ୱାର ମାଧବ ୬, ରୁକ୍ମିଣୀ ମାଧବ ୬, ସମୁଦ୍ରକୂଳ ହନୁମାନ୍ ୩, ଶ୍ରୀଧର ଦେବ ୩, ଇନ୍ଦ୍ରଦ୍ୟୁମ୍ନ ଶତେଶ୍ୱର ବୁଢ଼େଶ୍ୱର ୧୨, ଇନ୍ଦ୍ରମାଧବ ୩, ସୁରଗଣପତି ୩, ଇନ୍ଦ୍ରଦ୍ୟୁମ୍ନ ପୂଜା ୩, ଶାକମାଧବ ପୂଜା ୩, ପଞ୍ଚଦେବତା ପୂଜା ୬, ଦ୍ୱାରଦେବତା ଦ୍ୱାରବନ୍ଧ ୩, ବଳଭଦ୍ରଦେବ ୩, ନାରାୟଣଦେବ ୩, କାପାଳାକ୍ଷ ୩, ମାତୃଦେବୀ ୩, ମାଳକା ୩, ସିଦ୍ଧେଶ୍ୱର ୩, ଅଳଣୀଦେବୀ ୩, ମାର୍କଣ୍ଡପୋଖରୀ ଭିତର କୁହାପୁର ଶାଢ଼ି ମାଳକା ୩, ବଶିଷ୍ଠାପଟ୍ଟା ମାଙ୍ଗୁଳାକ୍ଷ ୩, ଚକ୍ରତୀର୍ଥ ଶାଢ଼ି ଖାଙ୍ଗୁଳାକ୍ଷ ୩, କପୋତେଶ୍ୱର ଦେବ ୩, ଚକ୍ରତୀର୍ଥ ଶାଢ଼ି ଚକ୍ରନାରାୟଣ ପୂଜା ୬, ଶ୍ୱେତଗଙ୍ଗା ନୃସିଂହନାଥ ୩, କଳାଗଣ୍ଡି ଭକ୍ତମାନେ ୬, ଗୁଣ୍ଡିଚା ଘରର ଚକ୍ରି ବଡ଼ଚଣ୍ଡି ପୂଜା ୧୩, ଯମେଶ୍ୱରଠାରେ ପୂଜା ୬, ଧାର୍କଣ୍ଡ ୩, ଶ୍ୱେତଶଙ୍ଖା ୬, ମଣିକର୍ଣ୍ଣିକା ୩, ଇନ୍ଦ୍ରଦ୍ୟୁମ୍ନ ୩, ଜଳ ସ୍ଥଳ ଆକାଶ ଦଶଦିଗପାଳ ୬, ମଶାଣି ଚଣ୍ଡୀ । ୨ ।

୨୨—ନଡ଼ି ଖଳ ଉଆସ ଅର୍ଥାତ୍ ଦେବତାମାନଙ୍କ ଳୁଗା; ପାଟଣେଟି, ନେତ, ସିଲ୍କୁଆ, ଫୁଲାପଟିଣା, ଗୁଡ଼ୁଲୁଗା, ବାସଲୁଗା ୨୦୦ ମାଣ ଗୁଣା ।

୨୩—କର୍ପୂର ଚନ୍ଦନ ପ୍ରଭୃତି—ଚନ୍ଦନ ୨୦୦ ବିଶା (ବିଶାକୁ ପୂଜା ୨ ମାଣ), ଅଗୁରୁ ୧୦୮ ବିଶା (ବିଶାକୁ ୪ ମାଣ), କର୍ପୂର ୩୨୫ ତୋଳା (ତୋଳାକୁ ମାଢେ), କସ୍ତୁରୀ ୧୫୦ ତୋଳା (ତୋଳାକୁ ୧୫ ମାଣ) କୁଙ୍କୁମ ୨୫ ବିଶା (ବିଶାକୁ ୬ ମାଣ), ଶିଳୁଆ ୧୫୦୦ ତୋଳା (୧୦ ତୋଳାକୁ ପୂଜା ୧ ମାଣ), ପଞ୍ଚାମୃତ—ପାଣିଭାତ ୧୭୦ (ଧାଡ଼ି ଭଜା ଜେଳକର୍ମ) ।

୨୪—ପବନପାଣା—ଅଗରୁ ଏତେ ମାଣ ପୂଜା ଗୁଡ଼ିବାକୁ ଦେବ ।

ମକରପାଣା ୧୭୬, ଦମନକଚଉଁରୀ ୩, ବଟକୃଷ୍ଣ ୧୫, ରାସ ଉତ୍ସବ ୧୫, ମାଘ ପଞ୍ଚମୀ ପାଣା ୬ ଦିନ, ଶ୍ରୀପଞ୍ଚମୀ ୬୦, ଦେବସ୍ନାନ ପୂର୍ଣ୍ଣିମା ୧୫, ଚନ୍ଦନଯାତ୍ରା

୩୦, ଝାଡ଼ି ନୃସିଂହ ୩, ଦୋଳଯାତ୍ରା ୧୦୦, ଅଶୋକାଷ୍ଟମୀ ୨, ରାମଜନ୍ମ ୧୦, ଦମନକ ଯାତ୍ରା ୫, ପଣାସଂକ୍ରାନ୍ତି ୨୦, ଅକ୍ଷୟତୃତୀୟାଠାରୁ ଚନ୍ଦନ ୨୧ ଦିନ ୧୦୦, ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଉତ୍ସବ ୧୫, ମାର୍କଣ୍ଡେଶ୍ୱର ବଡ଼ାଭୋଗ ୫, ଶୀତଳଷଷ୍ଠୀ ୧୦ ରୁକ୍ମିଣୀହରଣ ୧, ଚନ୍ଦ୍ର ଲାଗି ଏକାଦଶୀ ୩, ଦଶହରା ବଡ଼ାଭୋଗ ୧୦ ଚମ୍ପକଦ୍ୱାଦଶୀ ୪, ନୃସିଂହ ସ୍ଥାପନ ୨୦, ଦେବସ୍ନାନ ୧୮୦, ଦକ୍ଷିଣାମୂର୍ତ୍ତି ଯାତ୍ରା ୭୦, ଅନସର ୧୨୦, ଶ୍ରୀଗୁଣ୍ଡିଚା ଯାତ୍ରା ୧୨୦୦, ଶୟନ ଯାତ୍ରା ୫, ଚିତାଲାଗି ୫, ଦକ୍ଷିଣାୟନ ଯାତ୍ରା ୧୦, ବଳଭଦ୍ର ଜନ୍ମ ୫, ଗହ୍ମାପୂର୍ଣ୍ଣିମା ୭, କୃଷ୍ଣ ଜନ୍ମ ୨୦ ଯାତ୍ରାଭୋଗ ୪୦, ଦୁଇଜାତିକା ୨, ମହାଲକ୍ଷ୍ମୀଙ୍କ ଋଷିପଞ୍ଚମୀ ୬ ଟଙ୍କା, ପାର୍ଶ୍ୱ-ପରିବର୍ତ୍ତନ ୧, କଣ୍ଡୁଲିଭୋଗ ୩, ଓଷା ୫ ଟଙ୍କା, ଭାଦ୍ର ଶୁକ୍ଳ ଦ୍ୱାଦଶୀ ପର୍ବାଦି ଆଭରଣ ୨୦, ବାମନଲାଗି ୧୨ ଦିନ ୨୫, ଅନନ୍ତବ୍ରତ ୫, କୁମାରୋତ୍ସବ ୧୫୦ ମୂଳ ସଂକ୍ରାନ୍ତି ୨, କାର୍ତ୍ତିକ ବାଲ୍ୟଭୂତ ୪୫, ଏମାନଙ୍କ ପାଉଁଜେ ଲକ୍ଷଦୀପ ୫୦୦, ଯମ ଦ୍ୱିତୀୟା ୧, ସ୍ଥାପନ ଯାତ୍ରା ୫, କାର୍ତ୍ତିକପୂର୍ଣ୍ଣିମା ଶୋଳନ୍ଦାଭଡ଼ଙ୍କ ୨, ପ୍ରଥମାଷ୍ଟମୀ ୧୦, ଯୋଗାଦ୍ୱାଦଶୀ ୧୦, ଓଢ଼ଣ ଯାତ୍ରା ୧୦୦, ପଣ୍ଡୁଗ୍ରଭ ୧, ଧନୁବ୍ରତ ୫୦, ପୁଷ୍ୟା-ଭିଷେକ ୨୭୦, ଉତ୍ଥାପନ ଯାତ୍ରା ୮, କପୋତେଶ୍ୱର ୧, ଦୋଳପାଳ ଯାତ୍ରା ୩୭୭ ପାଳିପାଳିକୁ ୩ ଟଙ୍କା ଲେଖାଏଁ, ଲକ୍ଷ୍ମୀନାରାୟଣ ଅଭିଷେକ ୮, ଅନନ୍ତ ପୁରୁଷୋତ୍ତମ ଦେବଙ୍କ ଅନନ୍ତ ଚତୁର୍ଦ୍ଦଶୀ ୩, ସିଦ୍ଧେଶ୍ୱର ନାଗେଶ୍ୱର ଓ ମାର୍କଣ୍ଡେ-ଶ୍ୱରଙ୍କ ୨୫ ପାଳି ମା ୭୨୯ ଟଙ୍କା, ଉତ୍ତରଣ ଶୀତଳଭୋଗ ୨, ମୋଟରେ ୬୯୯୧୦ ମାତ୍ର ପୂଜା ।

୨୮—(୯) ୬୭୬ ମଠ ସନ୍ନ୍ୟାସୀ, ଏମାନେ ପ୍ରତ୍ୟେକ ଦେଉଳରୁ ମହା-ପ୍ରସାଦ ପାଇବେ । ଏମାନଙ୍କ ସେବାକାର୍ଯ୍ୟ ଲାଗି ବ୍ରହ୍ମଚାରୀ ୨ ଜଣ ଲେଖାଏଁ ଏପରି ୬ ମଠରୁ ୧ ବର୍ଷରୁ ରୋଷଲାଗି ପୂଜା ୨୦

| | |
|---|---|
| ମାଣିକୁ | ମା ୨୦୪୦ |
| (୧) ନୃସିଂହ ମଠ ୨ | ମା ୪.୦ |
| (୨) ଅଠର ବ୍ରହ୍ମପୁର ମହାଜନ ୧୯୩ ଜଣ | ମା ୨୭୨୭ |
| (୩) ପାଠବାଚକ ପଣ୍ଡିତ ୨୦ ଜଣ | ମା ୭୫୮୭ |
| (୪) ମହାପ୍ରଭୁଙ୍କ ପାର୍ଶ୍ୱସ୍ଥ ୨ ଜଣ | ମା ୪୦ |
| (୫) ବଳଭଦ୍ର ପଶୁପାଳକ | ମା ୩୦୦ |
| (୬) ପାଣିଛଡ଼ା ପଣ୍ଡା | ମା ୨୦୦ |

(୮) ସିଂହାସନ ପଶୁପାଳକ ମା ୧୦୦
(୯) ଗ୍ରାମ୍ୟ ଖୁଣ୍ଟିଆ ମା ୮୦
(୧୦) ଶ୍ରୀମୁଖ ସିଂହାସନ ମା ୬୦
(୧୧) କୃଷ୍ଣପଣ୍ଡା ମେକାପ ମା ୧୩୨୦
(୧୨) ଅଖଣ୍ଡ ମେକାପ ମା ୩୦
(୧୩) ଦୁଆର ବଡ଼ୁ ମା ୩୦

ପଟୀବଡ଼ୁ ୬୦୦, ଶୋଇଘର ମେକାପ ୬୦, ପାଳିଆ ଘର ମେକାପ ୧୦, ଛାମୁ ମହାଜନ ୬୦, ସୁଦୁସୁଆର ୭୦, ଭିତର ଗଚ୍ଛବଡ଼ୁ ୩୦, ବାହାର ଗଚ୍ଛବଡ଼ୁ ୪୦, ଦେଉଳ ନାୟକ ୬୦, କରଣିଆ ମୁଦୁଲି ୪୦, କର୍ପୂର ଚନ୍ଦନ ପଟୁଆର ୩୦, ଦେବଦାସୀ ସେବକ, ବଡ ସୁଆର ଓଗେର ଛତିଶା ନିଯୋଗ ୩୨୩ ଜଣଙ୍କୁ ଦେବା ୩୨, ବେଢାକୁଅରୁ ପାଣି କାଢ଼ି ବନ୍ଧ ଆଣିବାକୁ ବଇଠା ପାଇକ ୧୨୩ ଜଣଙ୍କୁ ଦେବା ୧୨, କୁଣ୍ଡଳାଧୂଆ ୪ ଜଣଙ୍କୁ ଦେବା ୪, ଘଣ୍ଟିରେ କୁଣ୍ଡଳ ଭରା ୪ ଜଣଙ୍କୁ ଦେବା ୪, ଖୋଲା ନିଆର କାଠ ଜାଳିବାକୁ ୪ ଜଣଙ୍କୁ ଦେବା ୪, କାଠଚଟ୍ଟୁ ସେବକ ଘଣ୍ଟିରେ ଘିଅ ଢାଳିବାକୁ ଚଳଣିଆ ୪ ଜଣଙ୍କୁ ଦେବା ୪, ପେଟ ନାୟକ ସେବକ ୩୨। ଏମାନେ ସୁଆ ଘର ସେବା ଛତିଶୀ ତୋଳିଆ କରିବେ ଏବଂ ୧୬୦ ମାତ୍ର ଟଙ୍କା ବର୍ତ୍ତନ ପାଇବେ। ତେଣେ ସୁଆର ବର୍ତ୍ତନ ୬୦ ମାତ୍ର, ପେଠ ସୁଆର ୧୦, ଘାଟେଶ୍ବରୀ ପିଠା ସୁଆର ୧୦, ମହାସୁଆର ୨୦, ବ୍ରାହ୍ମଣ ସମର୍ଥ ୬୦, ଶୂଦ୍ର ସମର୍ଥ ୬୦ ତୋଳାବଡ଼ୁ ୪୦, ଡାକବଡ଼ୁ ୬୦, ଚନ୍ଦ୍ରବଡ଼ୁ ୩୦, ଭିତରବଚ୍ଛା ୬୦, ଘିଅ ପରଖା ୨, ତୋଳାବାନ୍ଧ ସେବକ ବେଢ଼ାକୁ ବେଗ ବନ୍ଧାଆଣିବାକୁ [illegible] ସେବକ ୧୦, ବେଢ଼ା ସରଘର ମେକାପ ୧୦, ବେଢ଼ା ବ୍ରାହ୍ମଣ ୧୦, ଅଙ୍ଗାର ପାଣି ଖଣ୍ଡା ସେବକ ୨, ବେଢ଼ା ଧୋପଖାଳ ସେବକ ୫, ଦ୍ବାରନାୟକ ୨୦, ଫାରକ ମୁଦୁଲି ୭୦, ଗ୍ରନ୍ଥି ବଡ଼ୁ ୨୦, ଗାଲ ବଡ଼ୁ ୬୦, ସିଂହଦ୍ବାର ସୁତକାସ ୩୨ ଅସ୍ଥାନ ପ୍ରତିହାରୀ ୧୦, ପଟଶାଳା ପଢ଼ିଆରୀ ୧୦, ଛତ୍ରସେବକ ୪, ଶାମସେବକ ୫, ଚାମର ସେବକ ୭୦, ରନ୍ଧାଉଳ ସେବକ ୭୦, [illegible] ସେବକ ୧୦, ଧୂଳାଧୋ ସେବକ ୧୨, ସୁଆରଖେ ସେବକ ୨୦, ସୁନା ବେଢ଼ା ସେବକ ୬୦, ପୁଷ୍ପଲଗି ସେବକ ୧୦, ମଂଡଳୀ ବୃନ୍ଦାବନ ନାୟକ ୧୦ ମାଣ୍ଡ୍ରୀ ଖୁଣ୍ଟିଆ ୨, ଦରପଣିଆ ୨, ନନ୍ଦାକବଡ଼ୁ ୬୦, ଭାଣ୍ଡୋଲା ଆପଟ ୬୦, ଚାମରା ଝଟଣୀ ୬୦, ସୂପକାର ସେବକ ମହାଭୋଇ ୩୦, ଅନ୍ତର ସେବକ ୬୦, ଦୁନ୍ଦପଳ ପାଇକ ୫, ସୁନା, ରୂପା, କଂସା, ତମ୍ବା ଘୋଡ଼ାଇମନା ସେବକ ୧୦, [illegible]

ନକାଶି ୧୦, ଭନ୍ଦାରମ କଳାଶି ୨୦, ମାଠ କନ ବକାଶି ୩୦, ଠକସ୍ଥ ସେବକ ୨୦, ପିପ୍ପଳୀ ମହାରଣା ୩୦, ଘଣ୍ଟୁଆ ସେବକ ୪୦, ଗାଉଡ଼ବାଳିଆ ୪୦, ପାଳିଆ କଳାଶି ୧୦, ଦେଉଳକରଣ ଭିତର ୮, ପାହାନ୍ତପାଣି ଶଙ୍ଖୁଆ ୧୦, ମଙ୍ଗଳଦୋଷ ୧୦, ଶଙ୍ଖମହୋଷଧ ୮, ଦ୍ୱିପାଳିଆ , ଯୋଗକାହାଳିଆ ୭, ବଣାକାର ୧୦, ଗୀତଗୋବିନ୍ଦ ୧୦, ଚକ୍ରପତି ସମ୍ପ୍ରଦାୟ ୧୮୦, ମୀନା ନାୟକ ୮, ଧାନ୍ୟାର ପଞ୍ଜିର ୪, କୋଠଭୋଗ ମହାରଣା ୧୦, ଖୁଣ୍ଟକଣା ସେବକ ୧୦, ଦଣ୍ଡଧ ମାଳୀ ୪, ପଣ୍ଡା ଶୈଳପାଳକମାନଙ୍କ ଓ ବିମାନ ମୂଆର ସେବକମାନଙ୍କ ସୋଡ଼ଶୁଆ ପାଣି-ଜଳିବା ସେବକ ୮, ପଡ଼ିର ମହାରଣା ୪୦, କମାର ମହାରଣା ୯୦, ପଥରିଆ ମହାରଣା ୩୦, ରୂପକାର ମହାରଣା ୩୦, ଚିତ୍ରକାର ମହାରଣା ୧୨, ଚନ୍ଦନ-ମଣ୍ଡପ ସେବକ ରୂପଣ୍ଟ ଗଛ କାଟିବା ଅଟନର ୬୦, କାମଣ୍ଡ ମହାରଣା ୩, କଂସାରି ମହାରଣା ୧୦, ଅଷ୍ଟଲୋହ ମହାରଣା ୧୦, କାଚଣ୍ଡ ମହାରଣା ୭, ଓଡ଼ର ୮, ମର୍ଦ୍ଦଳ ମହାଦେଈ ୫୦, ବାଜନଗାଠ ବାଦ୍ୟକାର ୨୫୦, ସୁଆଁସିଆ ୮୬, ରଥ କାଠ ବାହାରିବା ସେବକ ୨୦, କୁମ୍ଭକାର ୩୦, ସବାର ଉତ୍ସବ ସମ୍ପର୍କ ମାଣିକପାଟଣା ଓଳିକଟା ପାଟଣା ମୁଣ୍ଡାଧ ମୁଣ୍ଡରେ ଡଙ୍କା ଦେବ ବନି-ଥିବା ଅଳିଆ ୧୫, ଖଣ୍ଡ ସେବକ ୨୦, ଭଣ୍ଡାର କରଣ ୧୫, ଦେଉଳ କରଣ ୨୦, ଶୋଧବୈଦ୍ୟ ୫୦, ରାଜବୈଦ୍ୟ ୭୦, ଗୁହାଣ୍ଡ ପଧାନ ୨୦, ତଳଚ୍ଛୁଆ ଜୋଗା ୫୦, ଚଣ୍ଡାଳ ୧୦, ଟୋଳଦମା ସେବକ ୧୦, ଚନ୍ଦ୍ରିଆ ୩୦, ମାଳଘର ପାଇକ ୧୦, ମାଳମାଧ ମୁଦୁଲି ୧୦, ଦୁଆରୀ ଦକ୍ଷିଣ ୨୦, ଘଣ୍ଟୁଆ ଫଗର ୧୦, ମାଝି ପାଇକ ୮୦, ଛୁଣ୍ଡିଣ୍ଟ ନଗର କଣିଆ ୮, ବାହାର ଦେଉଳ ମହାଲକ୍ଷ୍ମୀ ଦେଉଳ ସେବକ ୧୦୦, ଗୁଣ୍ଡିଚା ଦେଉଳ ସେବକ ୨୦, ଅଲୁଙ୍କ ବୃଷ ନୃସିଂହନାଥ ସେବକ ୫୦ ଅଣ୍ଟଗମ୍ଭ ଦେଉଳ ସେବକ ୨୦, ସବଳପୁର ଲକ୍ଷେଶ୍ୱର ସେବକ ୨୦, ଅଣ୍ଟଣ୍ଡୀ ସେବକ ୫୬, ଗୁଣ୍ଡିଚା ନଗର ଘଣ୍ଟ ସେବକ ୮, ଶିବର ଅନ୍ୟାନ୍ୟ ଦେବାଳୀ-ମାନଙ୍କ ସେବକ ୨୦, ତୀର୍ଥ ପୁଷ୍କରିଣୀମାନଙ୍କୁ ବାନ୍ଧୁ ଗର୍ଭ ପଞ୍ଚୁଡ଼ା ସେବକ ୨୦, ତୋଟାଗାରୁ ଫଳ ସେବକ ୫୦୦, ପଦ୍ମଫୁଲ ତୋଳା ସେବକ ୭୦, କଟସୋଇଳ ଗଡ଼ଠା ଫୁଲାରିର ଭେଳପଞ୍ଜା ସେବକ ୧୦, ପାଦ୍ୟକାର ୨୦, ଘଣ୍ଟଶ୍ରା ୩୦୦, ପଚ୍ଚନାସୂଳ ୨, ଦେବଦାସୀ ଡଗର ୨୦, ସୁଆଁସିଆ ଆଡ଼ତ ୨୦୦, କର ଅଧାଧ ୧୦୦୦ ।

ଯେତେ ପ୍ରକାର ସେବକ ଓ ସାହାଙ୍କର ନାହା ନର୍ତ୍ତନ କଥା ହୋଇଥିଲ ତାହା ଉପରେ ଦିଆଗଲା । ତାମକୁ ସେବକର କର୍ତ୍ତବ୍ୟ କାର୍ଯ୍ୟ କେତେକ ଜଣା ପଡୁଅଛି । ମାତ୍ର କେତେକ ସ୍ଥଳ ସୁବୋଧ ହୁଏ । ସୁତରାଂ ସେମାନଙ୍କ କାର୍ଯ୍ୟର

କବଳରେ ଉନ୍ନତିର ପରିଚୟ ଦେଖାଗଲା । ପ୍ରାଚୀନ ସ୍ତବକର ଶବ୍ଦମାନ ଅବିକଳ ରଖାଯାଇଅଛି । କାରଣ ଏଥିରୁ ପ୍ରାଚୀନ ଆଚାର ଜଣାପଡ଼େ ।

୨୬—ଚକ୍ରା ପଦ୍ମଧ୍ୟାନିକ—ଏକାଦଶୀ ଉତ୍ସବରେ ବିଶ୍ୱାମ୍ବର ରଥର ସେବା କରୁଥିଲେ । ସେମାନେ ମହୁବାଡ଼ି ଧରି ଶୁଦ୍ଧ ଚକ୍ରା ଗୋପନ କଲେ । ପରମାନନ୍ଦ ପ୍ରଭୁ ଜଗନ୍ନାଥଙ୍କୁ ଦେଖିଯାଇ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ମନ୍ଦିର ଦେଖିବାକୁ ଯେ ପ୍ରାଚୀନ ନିୟମ ହେଲେ । ପୂର୍ବରୁ ଏ ସ୍ପଷ୍ଟ ଚକ୍ରାର ନାମ ଅର୍ଥାତ୍ ସେ ବନ୍ଧନର ଶେଷ ସେ ତାର ପୂର୍ବ ଦଳମାନଙ୍କୁ ଦେଇ ସେବା କରେ । ଶ୍ରୀମୂର୍ତ୍ତିଠାରୁ ଶ୍ରୀପୟର ପର୍ଯ୍ୟନ୍ତ ବାମାର୍ଦ୍ଧ ଚକ୍ରାମାନେ ସେବା କରନ୍ତି ଏବଂ ଦକ୍ଷିଣାର୍ଦ୍ଧ ଦଇତାପତିମାନେ ସେବା କରନ୍ତି । ଚକ୍ରାମାନେ ଭିତରୁ ବାହାରି ଆସିଲେ, ତାହାଙ୍କ ସ୍ଥାନରେ ଶ୍ରୀଅଙ୍ଗ ବେଢ଼ିକରି ରହିଲେ ସେମାନଙ୍କୁ ବର୍ଣ୍ଣକୁଳି ବସାଇ ବସନ ଦିଆଯିବ । ଅନବସର ବାକି ସମୟରେ ୧୫ ଦିନ ସେବା କରିବେ । ଦେବସ୍ନାନଠାରୁ ବାହୁଡ଼ା ପର୍ଯ୍ୟନ୍ତ ସେବା କରିବେ, ସେମାନେ ଶୁଦ୍ଧି କରିବେ ।

୨୭—ପାଣିଛତା ଘଣ୍ଟା ସେବକ—ଏ ୧୩ ଜଣ । ଏମାନଙ୍କ ମଧ୍ୟରୁ ଜଣେ ମାତ୍ରେ ପର୍ଯ୍ୟନ୍ତ ମନ୍ଦିର ଭିତରେ ଜଳ ଛଡ଼ିବା ପରେ ଆଣି ପୂଜା କରିବ । ଏମାନେ ଶ୍ରୀମୁଖ ଘଣ୍ଟା ସେବା କରିବେ ।

୨୮—ପଞ୍ଚାମୃତ ସେବକ—ଏମାନେ ଏପରି ସେବାରେ ଶ୍ରୀମୁଖ ପ୍ରକ୍ଷାଳନ, ଦାନ୍ତକାଠିଲାଗି, ଆଚମନ, ଧୂପଦୀପ ସହିତ ଶ୍ରୀମୂର୍ତ୍ତିରେ ପଞ୍ଚାମୃତ ସ୍ନାନ, ସୁଗନ୍ଧି ଅଙ୍ଗ ଲାଗି ଇତ୍ୟାଦି କରାଇବେ ।

୨୯—ପୁଷ୍ପ ଉଚ୍ଛିଷ୍ଟ ସେବକ—ସେ ସ୍ନାନ କରିବ, ଫୁଲତୋଳା ମାଳି-ମାନଙ୍କଠାରୁ ପ୍ରତ୍ୟେକ ଫୁଲ, ତୁଳସୀ, ଗୋଟା, ଜଳପଦ୍ମ ଇତ୍ୟାଦି ଆଣି ମନ୍ଦିରରେ ସାଇତି ରଖିବ । ଅବକାଶ ବେଳକୁ ସେ ସ୍ନାନମାନଙ୍କୁ ସକାଳ ଆଣିବ, ଅବକାଶ ହେଲେ ଫୁଲମାନ କଢ଼ାଇଦେବ, ଭଣ୍ଡାରମେକାପଠାରୁ କର୍ପୂର ମାଗିଆଣି ଦେବ, ଇତ୍ୟାଦି ଡ଼ାକରି ସ୍ୱୟଂ କାର୍ଯ୍ୟ କରିବ । ଅଧରଶ୍ରୀ ଲାଗିବ, ଇତ୍ୟାଦି ।

୩୦—ଶ୍ରୀମୁଖ ସିଂହାସନ ସେବକ ଏ ସେବା ପଞ୍ଚତୀର୍ଥଙ୍କର ଏ ଶ୍ରୀମୁଖ ପୋଛିବ, ଚନ୍ଦନଲାଗି କରାଇବ, ବନକଲାଗି କରାଇବ, ଚିତ୍ରଶୋଭା ମାଳଚନ୍ଦନ କଳାଶୋଭା ଦେବ, ଇତ୍ୟାଦି ।

୩୧—ଶୁକ୍ଳତା ପ୍ରକାଶ—ଏ ଦେଶ ମହିଆଳମାନେ ପଶୁପାଳକ ହାତକୁ ବଢ଼ାଇବେ । ସେମାନଙ୍କୁ ଗାଈ ଦୁହିଁ ଦେଲେ ଦାନ୍ତାଳିକରି ପାଞ୍ଚି ପ୍ରମାଦେ ଉଭାଇ କରି ଭଣ୍ଡାରେ ସଞ୍ଚୟ ଉଠାଇ ଦେବ ।

୩୨—ଭିତର ଭଣ୍ଡାର ଦେଖିବା—ଏ ଜଗତ୍ରୁ ଅଧ ଜଳଗାର ଅଧ ଭଣ୍ଡାରେ ରହି ପାଇବେ ।

୩୩ ଅଟେ ଦେଖାଯିବ— ଏ ନଗରୀ ଜଳାଇବ ।

୩୪—ପୃଥ୍ବୀବନ୍ଧୁ ଦେଖିଲେ— ମନ୍ଦିରମଧ୍ୟରେ କାଠଘୋଡ଼ା ବଢ଼ାଇବେ । ଶ୍ରୀଗଣେଶ ମାଣିକେଳ ଖୋଇବ, ପାଞ୍ଚଶ ପଟାଇବ, ଆଜନ୍ମ ମଳାଦେଶ ଲୋକଙ୍କୁ କର୍ଣ୍ଣ ଅଣିବେ ପଣ୍ଡାମାନଙ୍କୁ ଅଳଗ କରାଇବେ, ଇତ୍ୟାଦି ।

୩୫—ପଟୀଦଣ୍ଡ ଦେଖିବ—ପୂଜାର ଜଗତ୍ରୁ ଉପକରଣ ପଣ୍ଡାମାନଙ୍କୁ ବଢ଼ାଇବେ ।

୩୬—ଭିତର କଣ୍ଡଦଣ୍ଡ—ଏ ଆବଶ୍ୟକ ଦେଉଳ ପାଣି ଧଣ୍ଡ କରିବ ।

୩୭—ବାହାର କଣ୍ଡଦଣ୍ଡ—ଏ ଦେଉଳକୁ ଘ କି ଦେବ ।

୩୮— ଖଟୁଆ ନାୟକ—ଏ ନଗର ପଣ୍ଡାଙ୍କୁ ବଢ଼ାଇବେ ।

୩୯ ନଉଆ ଦେଶ ଗଡ଼ ଦେଖିବ—ଏ ଦାନ ଘଣ୍ଟେ ନଣ୍ଡ ଆଣିବ ଏବଂ ଖଟୁଆ ନାୟକଙ୍କୁ ଦେବ ।

୪୦—ପୁ ଦୁଆର ଦେଖିବ—ମୁଦୋଇ ଘୋଡ଼ାଠାରୁ କଣ୍ଟସୋପାନପର୍ଯ୍ୟନ୍ତ ପରିଷ୍କାର କରିବ, ପଞ୍ଚାମୃତ କରିବ, ମୁଖ ଖର୍ଣ୍ଣିବ, ପରଦା ଝାଡ଼ିବ, ମୁଦେଇ ଦାଣ୍ଡକଳଶୀ ପ୍ରସ୍ତୁତ ହେବ, ଦୀପ ବନ୍ଦକୋଳାଚାର ହାତଧୁଆସ୍ଥଳ ପ୍ରସ୍ତୁତ ହେବ, ପୂର୍ଣ୍ଣକୁମ୍ଭ ବସାଇବ, ଇତ୍ୟାଦି ।

୪୧—ଚାନ୍ଦୁଆ ଜଗତିଆ ମୁଦୁଲି ଦେଖିବ ବା ପଟୁଆଗ୍ର—ଚନ୍ଦନ ଘୋଷିବ ।

୪୨— ଜନ୍ମମଙ୍ଗଳ ଆଳତି ଦେଖିବ – ଆଳତି କରିବ ।

୪୩—ପ୍ରସାଦବଡ଼ୁ ଦେଖିବ—ଏ ପ୍ରସାଦ ନେଇ ଠାକୁର ଭୋଗରେ ଦେବ ।

୫୪—ଫୁଲନଡ଼ିଆ ସେବକ—ଏ ଫୁଲ ପ୍ରସାଦ ନେଇ ରାଜକଟକ ନଅରରେ ପହଞ୍ଚାଇବ।

୫୫—ଚାମରବନ୍ତ ସେବକ— ଏମାନେ ଚାମର ଢାଳିବେ।

୫୬—ହାଣ୍ଡୋଳାବନ୍ତ ସେବକ ଠାକୁରାଣୀଙ୍କ ହାଣ୍ଡୋଳା କାନ୍ଧେଇବେ।

୫୭—ଦର୍ପଣିଆ ସେବକ ଏ ଦର୍ପଣ ଦେଖାଇବ।

୫୮— ପୁରାଣପଣ୍ଡା ସେବକ – ପୁରାଣ ପାଠ କରିବ।

୫୯—ଧ୍ୱଜଧର ସେବକ ଗରୁଡ଼ଧ୍ୱଜ, ତାଳଧ୍ୱଜ, ପଦ୍ମଧ୍ୱଜମାନ ମୁଖୋତ୍ସବବେଳେ ଧରିବ।

୬୦—ଛାତ ସେବକ— ଛାତ ଧରିବ।

୬୧—ଚାମର ସେବକ — ଚାମର ଧରିବ।

୬୨—ଆଲଟ ସେବକ — ଆଲଟ ଧରିବ।

୬୩ —ଝୁଣାବେତ ସେବକ - ବେତ ଧରିବ।

୬୪—ଦପାବନ୍ଧା ସେବକ ଦପା ବନ୍ଧିବ।

୬୫—ପାଳିଆ କବାଟଦେଣ୍ଡା ସେବକ—କବାଟ ଫିଟାଇବ।

୬୬ ଦକ୍ଷିଣାମାଳ ଶୋଭାଯୁକ୍ତ ସେବକ ଦକ୍ଷିଣା ତୋଟା ଅଗ୍ନିଧିବ ଏବଂ ଦକ୍ଷିଣା ମାଳ ଯୋଗାଇବ।

୬୭— ଘୋଷାଭିମନା ସେବକ ଏ ବାଦ୍ୟ ମାଜିବ।

୬୮—ପାଣିଆପଟ ସେବକ—ଏ ପାଣି ଆଣିଦେବ।

୬୯ - ରନ୍ଧନାମ ବନାଣି— ଏ ରନ୍ଧନାମମାନ କରିବ।

୭୦—ଅନ୍ୟାନ୍ୟ ସେବକମାନଙ୍କ କାର୍ଯ୍ୟ ସେମାନଙ୍କ ନାମରୁ ଜଣାଯିବ, ବିଶେଷ ବିବରଣ ଅନାବଶ୍ୟକ। ଉଦ୍ଭଟ ମହାରଣା ସିଂହାରି ମହାରଣା (ଏ ଉତ୍ତର ଦେଉଳି ଲୁଗାମାନ ସଫାସଫା କରି ଦେବ), ଘଣ୍ଟା ବାଜଣା ସେବକ, ବଡ଼ କାହାଳି ସେବକ, ପାଳିଆ ଅଙ୍କୁରାରୋପଣ ନିତ୍ୟ ଅନନ୍ୟ ଖଞ୍ଜି ବାଜୁ ଚାଳିଶଙ୍କୁ ଆ ସେବକ, ଧୂପଶିଙ୍ଘା ମହୁରିଆ ସେବକ, ମାଦଳ ମୃଦଙ୍ଗ ସେବକ, ଯୋଡ଼ା କାହାଳି ସେବକ, ଛପାଙ୍ଗିଆ ସେବକ (ଏକପ୍ରକାର ବାଜା), ୬୪ ସମ୍ପ୍ରଦାୟ ମଧ୍ୟରେ ୨୦ ନାଚୁଣୀ,

ମୀନ ନାୟକ (ଏ ନାଚୁଣିମାନଙ୍କୁ ସବୁ ଡାକିଥିବ), ଶୀତଳାଗିଣ ସେବକ, ଘଟୁଆରି ସେବକ ରବାଣ୍ଡି ସେବକ (ବେତ୍ରକାର ବାଜା), ବଡ଼ାଇ ମହାରଣା ସେବକ, କରଣ ମହାରଣା, ବସ୍ତ୍ରଛଡ଼ି ସେବକ, ତାମ୍ବୁରା ମହାରଣା, କଂସାରି ମହାରଣା, ପାଟଯୋଶୀ ବଡ଼ଯାଣି, ସୁଆର ପଟୁଆର, ବେଷ ଛତ୍ରଣା ନିଯୋଗ, ପିଠା-ସୁଆର, ବଗଡ଼ା ପିଠା ସୁଆର, ମହାସୁଆର (ରାନ୍ଧିବ) ଖିରି ସୁଆର, ରନ୍ଧଣ ସୁଆର, ପଣା ସୁଆର, ପାଚେଲି ସୁଆର, ତୋଳାବଡ଼ୁ (ମୁଣ୍ଡରେ ଲୁଗା ବାନ୍ଧି ଅନ୍ନ ପ୍ରଭୃତି ବହି ଆଣିବ), ଘଣ୍ଟବଡ଼ା (ଅନ୍ନ ପ୍ରଭୃତି ବାଢ଼ିବ), ଭିତରବଢ଼ା ସେବକ, ଘିଅଘରଣା ସେବକ, ବ୍ରାହ୍ମଣ ସମର୍ଥା (ବାଟାପଦା କରିବ), ଶୁଦ୍ର ସମର୍ଥା (ଚୂନା କୁଟିବ, ବର ମୁଗ ରଗଡ଼ିବ, ହଳଦୀ ଦେବାର ବାଟିବ), ବେଷ ଘରଦ୍ୱାର ମେକାପ, କୁଆଁଅଡ଼ା ସେବକ (ବେଷଥିବା ବେଳେ ବାଡ଼ି ଚଳାଇବ), ତୋଳାବଣ୍ଟା ସେବକ ବେଷ-ଦ୍ୱାର ଜଗିଆ ବ୍ରାହ୍ମଣ ପାଇକ ଓ ଶୁଦ୍ର ପାଇକ, ବେଷ ଧୋପଟାଳି ସେବକ, ବେଷ ଅଙ୍ଗାରିଆ ସେବକ (ଅଙ୍ଗାର ବାହାର କରିବ), ବାହାର ଭଣ୍ଡାର ମେକାପ (ଏ ପିତଳ ଗଣିଆ, କାକୁଆ ବଟଲୋହି, ଫଲମ କୁଣ୍ଡ, କୁଡୁଆ ଇତ୍ୟାଦି ସାଇତିବ), ପାହାଡ଼ା ଘର ମେକାପ ସେବକ ଦ୍ୱାରନାୟକ, ଛତା ସେବକ ନିଯୋଗ, ପୁଁଆଗିଆ ସେବକ, ପୁଁଆର ଘରର ମେକାପ, ଦେଣ୍ଟବଣ୍ଟା ସ୍ୱଉତ ସେବକ (ମାଘ ଶୁକ୍ଳପଞ୍ଚମୀ ୧ ବେଣ୍ଟ, ଫାଲ୍‌ଗୁନ କୃଷ୍ଣ ଅମାବାସ୍ୟା ଶିବରାତ୍ରି ୧ ବେଣ୍ଟ, ଶୁକ୍ଳ ଚତୁର୍ଥୀ ୧, ଅଷ୍ଟମୀ ୧, ଦ୍ୱାଦଶୀ ୧, ଦୋଳଯାତ୍ରା ବାଟି ୧, ହଳଦପାଣି ୧ ଏତେ ବେଣ୍ଟ ଦେଉଳମାନଙ୍କୁ ବଣ୍ଟାଯିବ. ମାଉସା ରାଜପ୍ରାସାଦରେ ଦେବ), ଆସ୍ଥା-ମହାଜନ ସେବକ (ସୁନା ରୁପା ପିତଳ ଦେବତାମାନଙ୍କୁ ମାଜଣା କରିବ, ଚଢ଼ାଇ ନାଗିବାର ବେଳେ କରାଇବ ନାୟକଙ୍କୁ ହାତରେ ଧରି ବିଜେ କରାଇବ ଇତ୍ୟାଦି), ଭଣ୍ଡାର ଜଗିଆ ଫାରକଦାର ସେବକ (ଭଣ୍ଡାର ଦ୍ୱାର ଜଗିବ, ଡିଣ୍ଡୋକା ଜଗିବ, ବେହରଣ ବେଳେ ଭଣ୍ଡାର ଆବଶ୍ୟକ କରିବ, ମେକାପ ସଙ୍ଗେ ଥିବ, ଭଣ୍ଡାର ମେକାପ ଗଲାବେଳେ ଝଡ଼ାତଲାସ କରି ଛାଡ଼ିବ, ଦିନରେ ଭଣ୍ଡାର ଘର ଶୋଧିବ, ଯାହାମାନଙ୍କରେ ଦେବତାମାନଙ୍କୁ ସବୁ ଶୃଙ୍ଗାର ଆଣିବ, ସ୍ନାନାଭିଷେକ ବେଳେ ବଣ୍ଡଛଡ଼ି ବେଳବେଳେ ପଶୁଣମଣ୍ଡଳ ଦେବ, ପଡ଼ିଆରୀ ଜଣିଥିବ ସିଂହାସ ଘଣ୍ଟପାଳିଆମାନଙ୍କୁ ସଙ୍ଗେ ବୋଧ କରି ଛାଡ଼ିବ, ଶ୍ରୀଅଙ୍ଗ ଭରଣ ଜଗିବ ପଟ୍ଟଆସନ ଜଗିବ, ଯାତ୍ରାବେଳେ ଠାକୁରଙ୍କ ସଙ୍ଗେ ଜଗି ରହିବ, ବେଶ ହେଲେ ମେକାପ ହାତଗୁଡେ ଦେବ ସେ ଉତର ଦେବ), ସିଂହଦ୍ୱାର ପଡ଼ିଆରୀ ନିଯୋଗ, ଯବଯାତ୍ରା ପଡ଼ିଆରୀ, ଅସ୍ଥାନ ପଡ଼ିଆରୀ (ପଣ୍ଡା ବେହରଣ ଜଗିବ, ପଣ୍ଡାଙ୍କୁ ଭିତରେ ଛାଡ଼ିବ), ବୃନ୍ଦାବନ ନାୟକ (ମଣ୍ଡଳୀ ବେଳକୁ ଜଗିବ ଦେବ), ମଣ୍ଡଳୀ ଖୁଣ୍ଟିଆ (ମଣ୍ଡପ ରଥ ମଣ୍ଡିବ), ରଥ କଟାଦଉଡ଼ିବନ୍ଧା ସେବକ, ଶୁଆରକାଛ ଆଣିଆ

ସେବକ (ପବନ ଉପଦ୍ରବ ଲାଗି ମାଣିକପାଟଣା ଓ ଚାଲିଶାହିପାଟଣା ଦୁଇ ମୁହାଣଠାରେ ବୋଇତ ଡଙ୍ଗା ଯେପରି ରହିଥିବ), ଘଟ ସେବକ, ପଦ୍ମକଦଳୀ ତୋଟା ସେବକ (ଅମୃତପାଣି, ବାନ୍ତୁଲ, ପାଟକପୁର, ବିଲାସ, ସନ୍ଧ୍ୟାକୁଳସୀ, ମୁଗୁର, ମଞ୍ଜିକଦଳୀ, ଦକ୍ଷିଣୀସାଗର, ଚମ୍ପକଦଳୀ ପ୍ରଭୃତି କଦଳୀ ଗଛ ଅଣ୍ଟିଥିବ ଏବଂ ଫଳ ଭୋଗସଦରେ ପଠାଇ କରିବ) ଟୋଟାମାଳୀ, କ୍ଷେତ୍ରବୈଦ୍ୟ, ଶଲ୍ୟବୈଦ୍ୟ, ଦୁଧଘର ସେବକ (ମହାପ୍ରଭୁଙ୍କ ସେବା ପାଇଁ, ଉଦନଗୁଣ, ବାଦଲ ଦୁଧ, ଅଧାମେଟ, ପାନ୍ତି, ଚକାଦହି, ବସାଦହି, ଚକାଦହି, ପିଠାସେବା, ଲହୁଣୀ ଏସବୁ ଭିଜ କରିବ, ଦୁଧ ମେଲାଣ ସମୟରେ ବାରଗୋଠ ଫଳ ସାଙ୍ଗ ଯେପରି ଆସିବ, ମକର ଦହି ବଢ଼ାଇବ, ଜନ୍ମ ଯାତ୍ରାକୁ ଲହୁଣୀ ଦେବ), ବାରଗୋଠ ଫଳ ସେବକ (ଗାଈଗୋଠ ରକ୍ଷା ରଖିବ ଦୁଧ ଆଣି ଦୁଧଘରେ ପଠାଇ କରିବ ଗାଈ ବନ୍ଧକଲେ ସେହିଦିନ ସେହିବାଗୁ ଲୋକ ଯେପରି ଦେଖାଇବ, ଛ'ମାସରେ ଥରେ ଗାଈ ଗଣତି କରିବ ଦୁଧ ନେବା ବେଳେ ପାଣି ମିଶାଇବା ପ୍ରମାଣିତ ହେଲେ ଦଣ୍ଡ ପାଇବ), ଦୁଧରେ ଜଗିଆ ପାଇକ (ଦୁଗ୍ଧଦାନସ ଏ ଉଚ୍ଚ ଜଗିବ ଦୁଧ ପରିମାଣ ଠିକ୍କୁ କରାଇବ), ଭୁଆସିଆ ନିଯୋଗ ବିଶ୍ୱାଳ ସେବକ (ଶ୍ରୀଅଙ୍ଗ ସେବା ଲାଗି ଘିଅ ପ୍ରସ୍ତୁତ କରିବ), ଚନ୍ଦନ ନିଯୋଗ ବିଶ୍ୱାଳ ସେବକ (ଏ ଦୁଧ ଆଣି ପିଠିକରଣ ପର୍ଯ୍ୟନ୍ତ ଭଣ୍ଡାର କୁଣ୍ଡାରେ ମପାଇ ଦେବ, ଗାଈ ବୁଲାଇବ), କୁମ୍ଭାର ନିଯୋଗ ବିଶ୍ୱାଳ (ବେଶରକ୍ଷାକୁ ହାଣ୍ଡି ଦେବ, ଖାଉଲ୍ ବେଲୁଣି, ମକର ନାନ୍ଦ ବେଲୁଣି, ଘଣ୍ଟବାଜ ଏହା ଦେଇ ଆସିବ), କୁଣ୍ଡ ବିଶ୍ୱାଳ, ଗୁଆଟିଆଙ୍କ ବିଶ୍ୱାଳ (କାଠିଆଙ୍କୁ ଗୁଆ ଖଣ୍ଡିବ), ପାଟଯୋଗ ମାହୁନ୍ତ ସେବକ ଧାନଘର ସେବକ ଓ କୋଠାଭୋଗ ସେବକ (ଚକ୍ରାବାସ ନଅଡ଼ରେ ଧାନ ମାପି ଦେବ, ଓଡ଼ିଆଙ୍କୁ ୬୭ ନଉଡ଼ିକ ବୁଢ଼ାକୁ ୧୦ ଗଉଣୀ, ବଡଭାଇଙ୍କୁ ପରିଶା କୁଟାରେ ଧାନ ୧ ବଣ୍ଟଙ୍କୁ ବୁଢ଼ାକୁ ୧୦, ବଡ଼ଗୁହାଳକୁ ୨° ଣୀ କୁଟାରେ ବୁଢ଼ାକୁ ୧° ଗଉଣୀ, ପାଣିରେ ବଡ଼ୁଆଙ୍କ ଧାନ କୁଟିବ ନାହିଁ, ଏଥିରେ କୁଟା ନେଇ ବୁଢ଼ାକୁ ଦେଲେ ଆଜ୍ଞାଅନ୍ତର ନେବ), ତାଡ଼ଣିଆ ମୁଦୁଲିସେବକ (ଧାନ ଆସିଲେ ଏଥିରୁ ଅଣାଣ୍ଡି ପ୍ରସ୍ତୁତ ଉଡ଼ାଇ ସାଇତି ରଖିବ), ଧାନଘର ଜଗିଆ ପାଇକ, ସେହିଭଳି ଅସ୍ପୃଶ୍ୟ ଭିତର ବାହାର ଦେଉଳ ସେବକ (ଦେଉଳ ଭିତର ପରିଷ୍କାର କରିବ), ପରିବାର ଯୋଗାଣ ନିଯୋଗ, ଗୁଡ଼ିଆଣିଆ ଦ୍ରବ୍ୟଗ ବ୍ରାହ୍ମଣ ସେବକ (ଏ ଉପାସ୍ଥା ଦେଖିବାରେ ଜଗିଥିବ, ବ୍ରାହ୍ମଣ ସେବକମାନଙ୍କ ପରୀକ୍ଷା ଅଙ୍କ ପ୍ରମାଣରେ ତାଙ୍କ ଆଣିବ, ପରୀକ୍ଷା ଅଙ୍କପ୍ରମାଣେ ସମସ୍ତ କାର୍ଯ୍ୟ କରିବ), ଚକ୍ରଭୁଆ ସେଝା ସେବକ (ଏ ପରୀକ୍ଷାଙ୍କୁ ସେବା କରିବ), ଗର୍ଭ ମାହିଆ ସେବକ (ଗର୍ଭ ପୁଷ୍କରଣୀମାନଙ୍କରୁ ବର୍ଷକୁ ନର୍ଦ୍ଦ ପଙ୍କ ବାହାର କରିବ), ଛେଚଜଗିଆ ସେବକ (ଛେଚ ଜଗିବ, ବନ୍ଧୁ ପାଦରେ ସେଣ୍ଟିଛିଲେ ବୁଝିବ), ବାଦ୍ୟକାର ସେବକ (ଢୋଲ, ଅନ୍ଦୋଳଣ, ପ୍ରଖାଳ୍ପିକା, ପଞ୍ଚାଣୀ,

ରଥଯାତ୍ରାରେ ଓ ପଶ୍ଚାତ୍ ବୃକ୍ଷ ବାହାରିଲେ ତାଙ୍କ ଆଗେ ବାଜା ବଜାଇବା), ହେଉର ପଶୁପାଳ ସେବକ (ଶାସନ୍ତ ବ୍ରାହ୍ମଣ ଏ ସେବା କରନ୍ତି, ପଶୁପାଳ ଉଭୟେ ଏ ସେବକଙ୍କର ସମସ୍ତ ଅଧିକାର)।

ଏ ସମସ୍ତ ସେବକମାନେ ନିମ୍ନଲିଖିତ କେତେଗୋଟି ନିୟୋଗରେ ବିଭକ୍ତ—
(୧) ପଣ୍ଡା ନିୟୋଗ, (୨) ପଶୁପାଳକ ନିୟୋଗ, (୩) ସୂପକାର ବା ସୁଆର ନିୟୋଗ, (୪) ପତିହାରୀ ନିୟୋଗ, (୫) ଖୁଣ୍ଟିଆ ନିୟୋଗ, (୬) ଗରୁଡ଼ବାହୁ ନିୟୋଗ, (୭) ବିମାନବଡ଼ୁ ନିୟୋଗ, (୮) ଦଇତା ନିୟୋଗ (୯) ଭିତରଛୁ ନିୟୋଗ, (୧୦) ମେକାପ ନିୟୋଗ, (୧୧) ତଡ଼ାଉ ନିୟୋଗ, (୧୨) ଦେଉଳ କରଣ ନିୟୋଗ, (୧୩) ମୁଦିରଥ ନିୟୋଗ, (୧୪) ଘଣ୍ଟ ନିୟୋଗ।

୬୧—ଦ୍ୱାଦଶ ଯାତ୍ରା—(୧) ସ୍ନାନ, (୨) ଗୁଣ୍ଡିଚା ବା ରଥଯାତ୍ରା, (୩) ଶୟନ, (୪) ଦକ୍ଷିଣାୟନ, (୫) ଝୁଲଣ, (୬) ପାର୍ଶ୍ୱପରିବର୍ତ୍ତନ, (୭) ଉତ୍ଥାପନ, (୮) ପ୍ରାବରଣ, (୯) ପୁଷ୍ୟପୂଜା, (୧୦) ଦୋଳ, (୧୧) ଦମନକ ମହୋତ୍ସବ (୧୨) ଚନ୍ଦନ। କ୍ଷେତ୍ରମାହାତ୍ମ୍ୟ ଓ ନୀଳାଦ୍ରିମହୋଦୟ ଗ୍ରନ୍ଥମାନଙ୍କରେ ଯାତ୍ରାମାନଙ୍କର ବିଶେଷ ବିଧି ବର୍ଣ୍ଣିତ ଅଛି। ଯାତ୍ରାମାନଙ୍କରେ ବିଜେପ୍ରତିମା ମଦନମୋହନ ଦେବ ଆସି ଯାତ୍ରାକାର୍ଯ୍ୟ ନିର୍ବାହ କରନ୍ତି। ମାତ୍ର ରଥ ଓ ସ୍ନାନଯାତ୍ରାମାନଙ୍କରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଯାତ୍ରାସ୍ଥାନକୁ ଆଗମନ କରନ୍ତି।

୬୨—ପ୍ରତିମା ନିର୍ମାଣବିଧି—ଯେଉଁତେବେଳେ ନବକଳେବର ହେବାର ଶ୍ରୀମୁଖ ଆଜ୍ଞା ହେବ, ସେତେବେଳେ ଦଇତା ଓ ପତିବଂଶୀୟ ଲୋକମାନେ ଯାଇ ବୃକ୍ଷ ଅନୁସନ୍ଧାନ କରି ଆଣିବେ। ନିମ୍ବ ବୃକ୍ଷ ସର୍ବୋପେକ୍ଷା ଶ୍ରେଷ୍ଠ। ଏ ବୃକ୍ଷର ପରିମାଣ ମଧ୍ୟମାଙ୍ଗୁଳି ଯବରେ ୨୪ ଯବ ଲେଖାଏଁ ଚୌରସ ୧୬ ଯବ ଥିବ। ସେ ବୃକ୍ଷ ୨ ଶାଖାବିଶିଷ୍ଟ ହୋଇଥିବ। ଏପରି ୪ ଗୋଟି ବୃକ୍ଷ ଆସିବ। ଏକ ଶାଖା, ତ୍ରିଶାଖା ବା ନିଶାଖା ବୃକ୍ଷ ହେବ ନାହିଁ। ଏ ବୃକ୍ଷମାନ ଗ୍ରାମସନ୍ନିଧିରେ ନଥିବେ, ଚଢ଼ାଇମାନେ ବସା କରି ନଥିବେ, ପକ୍ଷିକଣୀ ଜନ୍ତୁ ବାସୀ ହୋଇ ନଥିବେ, ଅନ୍ୟ ବୃକ୍ଷ ଡାଳଦ୍ୱାରା ଏ ବୃକ୍ଷମାନ ଆଚ୍ଛାଦିତ ହୋଇ ନଥିବ, ବଜ୍ରାଘାତ ପଡ଼ି ବୃକ୍ଷ ଫାଟି ନଥିବ, ଅଗ୍ନିତେଜ ଲାଗି ନଥିବ, ଜଳ ସମୀପରେ ଥିଲେ ଉତ୍ପାଟିତ ହୋଇ ପଙ୍କରେ ପଡ଼ି ନଥିବ, ଦେଖିବାକୁ ବୃକ୍ଷମାନ ଶୋଭନୀୟ ହୋଇଥିବେ ଏ ସମସ୍ତ ଲକ୍ଷଣ ଥିବା ବୃକ୍ଷ ଗ୍ରହଣୀୟ। ବିଶ୍ୱକର୍ମା ମଧ୍ୟମାଙ୍ଗୁଳି ଯବ ମାପରେ ମାପିନେବ।

ଶ୍ରୀ ଜଗନ୍ନାଥ ଦେବ—ଚକ୍ରାକୃତି, ଉଚ୍ଚ ୮୪ ଯବ, ମେଘଶ୍ୟାମ ବର୍ଣ୍ଣ ।

ଶ୍ରୀ ବଳରାମ ଦେବ—ଶଙ୍ଖାକୃତି, ଉଚ୍ଚ ୮୪ ଯବ, ଶୁଭ୍ରବର୍ଣ୍ଣ ।

ଶ୍ରୀ ସୁଭଦ୍ରା ଦେବୀ—ପଦ୍ମାକୃତି, ଉଚ୍ଚ ୫୨ ଯବ, ହରିଦ୍ରାବର୍ଣ୍ଣ ।

ଶ୍ରୀ ସୁଦର୍ଶନ ଦେବ—ଗଦାକୃତି, ଉଚ୍ଚ ୮୪ ଯବ, ରକ୍ତବର୍ଣ୍ଣ ।

ପ୍ରତିମାମାନଙ୍କର ଆକୃତି ଯନ୍ତ୍ର ଅନୁସାରେ ନିର୍ମିତ ।

ଚକ୍ରଯନ୍ତ୍ର—ଊର୍ଦ୍ଧ୍ୱ ୧୪ ଭାଗ, ଜାନୁ ୧୮ ଭାଗ, ପାଦପଦ୍ମଦ୍ୱୟ ୧୦½ ଯବ, ଅବଶିଷ୍ଟ ହସ୍ତ ଭୁଜ ୧୦ଶ ଭାଗ ୬୦½, ପ୍ରତ୍ୟେକ ଭୁଜ ୪୮ ଯବ, ପାର୍ଶ୍ୱ ଭୁଜଦ୍ୱୟ ୮ ଯବ, ଭୁଜଦ୍ୱୟର ଦଶମାଂଶ ନାସିକା ରନ୍ଧ୍ର, ନାସିକାର ଅଧୋଭାଗ ୪୨ ଯବ, ଅଧୋଭାଗଠାରୁ ମସ୍ତକାବଧି ୨୧½ ଯବ, ଶ୍ରୀମୁଖ ଆୟତନ ୩୦ ଯବ, ହୃଦୟ ମଧ୍ୟରେ ବ୍ରହ୍ମସ୍ଥାପନ ସ୍ଥାନ ୧୪ ଯବ ।

ଶଙ୍ଖଯନ୍ତ୍ର—ମୁଖପଦ୍ମ ୩୧ ଯବ, ଶ୍ରୀମୁଖର ଊର୍ଦ୍ଧ୍ୱ ଫାଳକ ୫ ଯବ, ଚକ୍ଷୁବନ୍ଧ ସ୍ଥାନ ୧୧ ଯବ, ହୃଦୟ ୯ ଯବ, ମଧ୍ୟଭାଗ ୧୦୨ ଯବ, ପ୍ରତ୍ୟେକ ଭୁଜ ୨୪ ଯବ, ସ୍କନ୍ଧୋପରି ଦେବଯୋଗାନ ଫାଳ ୨½ ଯବ, ନାସାରନ୍ଧ୍ର ୨ ଯବ, ନାସିକାର ଅଧୋଭାଗ ୮ ଯବ, ଊର୍ଦ୍ଧ୍ୱଭାଗ ୧୮ ଯବ, ଲଲାଟ ୧ ଯବ, କେଶ ୬ ଯବ ।

ପଦ୍ମଯନ୍ତ୍ର—ଶ୍ରୀମୁଖର ବିସ୍ତାର ୧୬ ଯବ, କେଶକଳାପ ୩୨ ଯବ, ଶ୍ରୀମୁଖ ୧୬ ଯବ, ମଧ୍ୟସ୍ଥଳ ୧୨ ଯବ, ପାଦଦ୍ୱୟ ଯୁଗଳ ୧୨ ଯବ, ପ୍ରତ୍ୟେକ ଭୁଜ ୧୫ ଯବ, ପାର୍ଶ୍ୱ ଭୁଜ ୧୨ ଯବ ।

ଗଦାଯନ୍ତ୍ର—ଗଦାକୃତି, ପ୍ରମାଣ ୨୧ ଯବ ।

ଶବ୍ଦର ଉତ୍ପତ୍ତି—ଶିଳ୍ପଶାସ୍ତ୍ର ଜାଣି ପାଟପୂଜା ବଳାତ୍କାର ତୋରି ।

ଦ୍ରବ୍ୟନିର୍ଣ୍ଣୟ— ଦେହ ଲାଗି ନଖ ରକ୍ତ ନିମନ୍ତେ ନେତପାଟ, ମାଂସ ନିମନ୍ତେ ସକଳ ଦେଶ ସୁଦ୍ଧାର ତେଲ, ଅସ୍ଥି ନିମନ୍ତେ ଦାରୁ, ମଜ୍ଜା ନିମନ୍ତେ ଚନ୍ଦନ, ଶୁକ୍ର ନିମନ୍ତେ ଅସ୍ତକାଳୀ ।

ପ୍ରତିଷ୍ଠା ବିଧି — ପ୍ରାସାଦ ପୂର୍ବ ଭାଗରେ ପ୍ରତିଷ୍ଠା ମଣ୍ଡପ ହେବ । ମଣ୍ଡପର ଓସାର ପ୍ରାସାଦର ଦୁଇଗୁଣ ହେବ । ମଣ୍ଡପ ଷୋଳ ସ୍ତମ୍ଭରେ ବାଡ଼ ଦିଆଯିବ । ଚାରିଦ୍ୱାର ହୋଇ ୪ ତୋରଣ ହେବ । ଅଶ୍ୱତ୍ଥ, ଉଡ଼ୁମ୍ବର, ବଟ ଓ ପଲାଶ ଦ୍ୱାର ୫ ହାତ ଉଚ୍ଚରେ ତୋରଣ ହେବ । ହୋମ ଧୂମ ବାହାରି—

ସିଡ଼ା ଲାଗି ସ୍ଥଳ ଉପରେ ପାଟ ଥିବ । ମଣ୍ଡପରେ ଚାନ୍ଦୁଆ ବାନ୍ଧିବ । ଚାମର, ଦର୍ପଣ, ଘଣ୍ଟି ଓ ଫୁଲମାଳମାନଙ୍କଦ୍ୱାରା ମଣ୍ଡପ ମଣ୍ଡିତ ହେବ । ମଣ୍ଡପର ଈଶାନ୍ୟ କୋଣରେ ସ୍ନାନମଣ୍ଡପ ଗୋଟିଏ ହେବ । ସ୍ନାନଜଳ ବାହାର-ଯିବାକୁ ଗୋଟିଏ ନଳା ରହିବ । ମଣ୍ଡପର ଦକ୍ଷିଣ ପଟରେ ବେଦୀ କରିବ । ପୂର୍ବ ପଟରେ ପଞ୍ଚଦ୍ରବ୍ୟମାନ ରଖିବାକୁ ସ୍ଥାନ କରିବ । ବେଦୀପରେ ଗଙ୍ଗାବାଲି ପକାଇବ । ପଞ୍ଚଗବ୍ୟ ଦ୍ୱାରା ବେଦୀ ପ୍ରକ୍ଷାଳନ କରିବ (ପଞ୍ଚଗବ୍ୟ ଦ୍ରବ୍ୟ, ଗୁଆଘିଅ, ଦହି, ଦୁଧ, ଗୋମୟ, ଗୋମୂତ୍ର) । ଏ ମଣ୍ଡପ ୪ କୋଣରେ ୪ ପ୍ରକାର ହୋମକୁଣ୍ଡ ହେବ (ଚତୁରାକାର, ଅର୍ଦ୍ଧଚନ୍ଦ୍ରାକାର, ମଣ୍ଡଳାକାର, ପଦ୍ମାକାର) । ତୋରଣମାନଙ୍କରେ ଫୁଲମାଳ ମଣ୍ଡନ କରିବ । ଧ୍ୱଜ ପତାକା ବାନ୍ଧିବ । ପତାକା ଲମ୍ବ ୫ ହାତ, ଓସାର ୧୬ ଅଙ୍ଗୁଳି । ନୈଋତ ମଣ୍ଡପର ବେଦୀ ଉପରେ ପଦ୍ମାକାର ଶୁକ୍ଳ ଚାନ୍ଦୁଆ ବନ୍ଧା ହେବ । ପାଣ୍ଡୁରବର୍ଣ୍ଣ କଳସରେ ଛଣାପାଣି ୧୨୮ ପଲ ପୂରାଇବ । ଏଥିରେ ଖଣ୍ଡିଏ ସୁବର୍ଣ୍ଣ ପକାଇବ । ନୂତନ ବସ୍ତ୍ର କଳସ ଚାରିପାଖେ ଗୁଡ଼ାଇବ । କଳସରେ ଆମ୍ବଡାଳ ଦେଇ ନାଡ଼ିକେଳ ରଖି ମାଣେ ଧାନ ଉପରେ କଳସ ଥୋଇବ । ମଣ୍ଡପ ଚାରିଦ୍ୱାରରେ ଚାମର ଝୁଲାଇବ । ପରମେଶ୍ୱରଙ୍କୁ ନେଇ ଖଟ ଉପରେ ବିଜେ କରାଇବ । ପରେ ବେଦୋକ୍ତ ମନ୍ତ୍ରମାନଙ୍କରେ ବିଧିବିଧାନ ଅନୁସାରେ ଜୀବନ୍ୟାସ ହେବ ।

ରଜା ଠାକୁରମାନଙ୍କୁ ଦର୍ଶନ କରିବା ବିଧି – ରଜା ବିଜେ ହେଲେ ଘଣ୍ଟା, କାହାଳୀ, ମଦଳ, ମହୁରୀ, ଶଙ୍ଖ, ଢୋଲ ଓ ଦମା ବାଜିବ । କଳା ଛତ୍ର, ଧଳା ଛତ୍ର ଟେକା ହେବ । ସେବକମାନେ ମାଳପ୍ରସାଦ ନେଇ ନଅରଠାରେ ହାଜର ଥିବେ । ରଜା ନଅରଦ୍ୱାରରେ ପ୍ରସାଦ ଲାଗି ହେବେ । ସେଠାରୁ ବିଜେକରି ଆସି ସିଂହଦ୍ୱାରଠାରେ ବିଜେ କରିବା ସମୟରୁ ପାଦ ପ୍ରକ୍ଷାଳନ କରି ଆଚମନ କରିବେ । ପରେ ବଟବିଘ୍ନେଶ୍ୱରଙ୍କୁ ଦର୍ଶନ କରି ବଟ ପ୍ରଦକ୍ଷିଣ ପୂର୍ବକ ବଟେଶ୍ୱର ଓ ବଟମଙ୍ଗଳାଙ୍କୁ ଦର୍ଶନ କରିବେ । ଏଥିଉତ୍ତାରୁ ଜଗମୋହନ କଳାପାହାଚଠାରେ ଜୟବିଜୟଙ୍କୁ ଦର୍ଶନ କରିବେ ଓ ଏଠାରେ ପରମେଶ୍ୱରଙ୍କୁ ଦଣ୍ଡପ୍ରଣାମ କରିବେ । ଏଠାରୁ ଅଖଣ୍ଡ ପଶିଣ ବଇଠା ଡେଙ୍ଗାଇ ସିଂହାସନ ତଳକୁ ନେଇ ଭିତରୁ ସେଠାରେ ତିନି ଠାକୁରଙ୍କୁ ହାତଯୋଡ଼ି କରି ଦଣ୍ଡପ୍ରଣାମ କରିବେ । ପରେ ଭଣ୍ଡାର ମେକାପ ସୁନା ବେତ୍ର ପହୁଁଞ୍ଚ ବଢ଼ାଇଦେବ । ସେ ସିଂହାସନ ଚାରିପାଖ ପହୁଁରିବେ । ଭିତରଗାବଡ଼ୁ ଶ୍ରୀହସ୍ତ ପୋଛିବା ଲାଗି ଧଡ଼ି ବଢ଼ାଇଦେବ । ଶ୍ରୀହସ୍ତ ପୋଛି ପୁଷ୍ପାଞ୍ଜଳି ଦେଇ ଚାମର ପକାଇବେ । ଚୂନାଟେକ ଧରି ଛାମୁରେ ପଟୁଆର କରି ସ୍ତବପାଠ କରି

ଦର୍ଶନ କରିବେ । ଏହିପରି ପ୍ରଦକ୍ଷିଣ କରି ଦଣ୍ଡପ୍ରଣାମ କରିବେ । ପ୍ରସାଦ ପାଇଁ ପଡନ୍ତ ଲାଗିଥିବେ । ଦ୍ୱିତୀୟବାର ଦଣ୍ଡପ୍ରଣାମ କରି ଫେରିଆସି ଦକ୍ଷିଣଘର ମୂର୍ତ୍ତି ପ୍ରତିମାମାନଙ୍କୁ ଦର୍ଶନ କରିବେ । ପରେ ନୃସିଂହନାଥଙ୍କୁ ଦର୍ଶନ କରିବେ । ପରେ ମୁକ୍ତିମଣ୍ଡପରେ ବ୍ରାହ୍ମଣମାନଙ୍କୁ ନମସ୍କାର କରି ନୃସିଂହନାଥଙ୍କଠାରୁ ପ୍ରସାଦ ନେଇ ବିମଳାଙ୍କୁ ଦର୍ଶନ କରିବେ, ପ୍ରସାଦ ନେଇ ସରସ୍ୱତୀଙ୍କୁ ଦର୍ଶନ କରିବେ । ସେଠାରୁ ଯାଇ ମହାଲକ୍ଷ୍ମୀ ଠାକୁରାଣୀଙ୍କୁ ଦର୍ଶନ କରି ନବରତ୍ନ ବନ୍ଦନ କରିବେ ।

ମୁକ୍ତିମଣ୍ଡପ—ସ୍କନ୍ଦ ମାହାତ୍ମ୍ୟରେ ଏ ସ୍ଥାନ "ବ୍ରହ୍ମାସନ" ସ୍ୱରୂପ ବର୍ଣ୍ଣିତ ଅଛି । ଏହାର ନାମ [illegible] । ଏଠାରେ ସନ୍ନ୍ୟାସୀମାନେ, ବ୍ରହ୍ମଚାରୀମାନେ ଓ ଷୋଳଶାସନର ବ୍ରାହ୍ମଣ ପଣ୍ଡିତମାନେ ବୈଠକ କରି ବିଦ୍ୟାଚର୍ଚ୍ଚା, ଧର୍ମଚର୍ଚ୍ଚା କରନ୍ତି । ସ୍ମୃତି ବିଷୟକ କଠିନ ପ୍ରଶ୍ନମାନ ଏଠାରେ ମୀମାଂସିତ ହୁଏ ।

ପରମେଶ୍ୱରଙ୍କ ନୀତି – ରାତି ୪ ଘଡ଼ି ଥାଇଁ କବାଟ ଫିଟିବ । ରାତି ଏକ ଘଡ଼ି ଥାଇଁ ପାହାନ୍ତି ଅବକାଶ ହେବ । ଦିନ ବେଳ ୨ ଘଡ଼ିକି ଗୋପାଳବଲ୍ଲଭ ହେବ । ବେଳ ୬ ଘଡ଼ିଠାରେ ସକାଳ ଧୂପ ହେବ । ପରେ ୪ ଘଡ଼ିକି ସାହାଣମେଳା ହେବ । ୧୪ ଘଡ଼ିଠାରେ ଦ୍ୱିପ୍ରହର ଧୂପ ହେବ । ଏହାଠାରୁ ୨୦ ଘଡ଼ି ମଧ୍ୟରେ ଅଂଶପୋଛା ଓ [illegible] ବଢ଼ିବ । ୨ ଘଡ଼ିଠାରେ ପହୁଡ଼ିବେ । ବେଳ ୨ ଘଡ଼ି ଥାଇଁ କବାଟ ଫିଟିବ । ରାତି ୩ ଘଡ଼ିଠାରେ ସନ୍ଧ୍ୟା ଧୂପ ହେବ । ଏ ଉତ୍ତାରୁ ୭ ଘଡ଼ିଠାରେ ବଡ଼ସିଂହାର ବେଶ ବଢ଼ିବ, ରାତି ୧୨ ଘଡ଼ିଠାରେ ବଡ଼ସିଂହାର ବଢ଼ିବ । ପରେ ପହୁଡ଼ ହେବ । ଯାହା ଦୋଷରୁ ନୀତି ଉଣ୍ଡୁରି ହେବ ସେ ସେ ଭଣ୍ଡାରକୁ ୯୦ [illegible] ଗୁଣାଗାର ଦେବ । ଘଡ଼ି=ଦଣ୍ଡ, ଗୁଣାଗାର=ଜରିମାନା ବା ଅର୍ଥଦଣ୍ଡ ।

ଛାମୁ ଚିଟାଉ — ରାଜାମାନେ ଯାହାକୁ ଯେଉଁ ଆଦେଶପତ୍ର ଦେଇଛନ୍ତି ତାକୁ ଛାମୁ ଚିଟାଉ କୁହାଯାଏ । "ଶ୍ରୀଚନ୍ଦନ ମହାପାତ୍ରଙ୍କୁ ଚିଟାଉ । ସବାରୂଢ଼ ମହାପାତ୍ର ଚଳାଉଛ ପରଶ ଶାଢ଼ୀ ଆଜ୍ଞା ଦେଲୁ । ତୋହର ନଥିଲେ ସେବକଥିର ସଙ୍କୋଚ ଆଉ କରିବ ।"

ଜଗନ୍ନାଥ ଦେଉଳ ଗୋଟିଏ ପ୍ରକାଣ୍ଡ କାରଖାନା । ଦେଉଳ ନାମ ମଧ୍ୟ ବଡ଼ଦେଉଳ । ଚତୁଃପାର୍ଶ୍ୱରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଅଛି; ଏହାକୁ ବାହାର ବେଢ଼ା କୁହାଯାଏ । ମେଘନାଦ ପ୍ରାଚୀର ଅନ୍ୟ ଏକ ନାମ । ପ୍ରାଚୀର ଚାରିପଟରେ ଚାରିଦ୍ୱାର—(୧) ପୂର୍ବଦ୍ୱାର ବା ସିଂହଦ୍ୱାର, (୨) ପଶ୍ଚିମଦ୍ୱାର,

(୩) ଉତ୍ତରଦ୍ୱାର, (୪) ଦକ୍ଷିଣଦ୍ୱାର । ସିଂହଦ୍ୱାର ନିକଟରେ ପ୍ରକାଣ୍ଡ ଅରୁଣସ୍ତମ୍ଭ ଉପରେ ଅରୁଣ ମୂର୍ତ୍ତି । ଏହି ସ୍ତମ୍ଭ କୋଣାର୍କରୁ ଆସିଥିବାରୁ କଥିତ ହୁଏ । ଗୋଟିଏ ପଥରରେ ନିର୍ମିତ । ସିଂହଦ୍ୱାର ଦୁଇପାର୍ଶ୍ୱରେ ଦୁଇଟି ପ୍ରକାଣ୍ଡ ସିଂହ ମୂର୍ତ୍ତି । ସିଂହଦ୍ୱାର ଦେଇ ଭିତରେ ପ୍ରବେଶ କଲେ ପତିତପାବନ ମୂର୍ତ୍ତି ଦେଖାଯାନ୍ତି । ରାଜା ରାମଚନ୍ଦ୍ର ଦେବ ଏ ମୂର୍ତ୍ତି ସ୍ଥାପନ କରିଥିଲେ । ଗୁମ୍ଫଟ ପାରି ହୋଇ ଗଲେ ବାଇଶି ପାବଚ୍ଛ । ବାଇଶି ପାବଚ୍ଛର ବାମ ପାର୍ଶ୍ୱରେ କାଶୀ ବିଶ୍ୱନାଥ, ବ୍ରହ୍ମା, ରାମ, ଲକ୍ଷ୍ମଣ ପ୍ରଭୃତି ମୂର୍ତ୍ତି । ବାହାରବେଢ଼ା ମଧ୍ୟରେ ରୋଷଘର, ପାକଘର, ଚୈତନ୍ୟମୂର୍ତ୍ତି, ପୁଷ୍ପୋଦ୍ୟାନ, ସ୍ନାନବେଦୀ, ତୁଳସୀ ବଗିଚା, ଆଠ ହନୁମାନ ମୂର୍ତ୍ତି, କୋଇଲି ବୈକୁଣ୍ଠ, ଘଣ୍ଟାକେଶ୍ୱର, ଶୀତଳା, ସୁନା କୂଅ, ଆନନ୍ଦ ବଜାର, ସ୍ନାନ ବେଦୀ । ବାହାର ବେଢ଼ା ଗୁମ୍ଫଟ ପାର ହୋଇ ଗଲେ ଭିତର ବେଢ଼ାରେ ପ୍ରବେଶ ହେବ । ଯେଉଁମାନେ ବେଢ଼ା ପରିକ୍ରମା କରନ୍ତି, ସେମାନେ ବାହାର ବେଢ଼ା ଗୁମ୍ଫଟ ପାରହୋଇ ବାମଦିଗରେ ଯାନ୍ତି । ସତ୍ୟନାରାୟଣ, ନୀଳମାଧବ, କଳ୍ପବଟ, ବଟଗଣେଶ, ବଟମଙ୍ଗଳା, ରାମେଶ୍ୱର, ମାର୍କଣ୍ଡେଶ୍ୱର, ମୁକ୍ତିମଣ୍ଡପ, ନୃସିଂହ, ରୋହିଣୀକୁଣ୍ଡ, କାକଚତୁର୍ଭୁଜ, ବିମଳା, କାଞ୍ଚିଗଣେଶ, ଶ୍ରୀକୃଷ୍ଣ, ଭଣ୍ଡଗଣେଶ, ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀଦେବୀ ମଙ୍ଗଳା, କାଳୀ, ଲକ୍ଷ୍ମୀ, ମଣ୍ଡପଦ, ସୂର୍ଯ୍ୟନାରାୟଣ ପାଦଦେବ ଇତ୍ୟାଦି ଅନେକ ମୂର୍ତ୍ତି ଦେଖାଯାନ୍ତି । ଭିତରବେଢ଼ା ମଧ୍ୟରେ ମୁକ୍ତିଶାଳା, ଜଗମୋହନ, ବଡ଼ଦେଉଳ । ଦେଉଳ ମୂଳଠାରୁ ଧ୍ୱଜଦଣ୍ଡ ପର୍ଯ୍ୟନ୍ତ ଅନେକ ମୂର୍ତ୍ତି ଖୋଦିତ ଅଛି । ଉପରେ ଦେବଦେବୀ ମୂର୍ତ୍ତି ମଧ୍ୟରେ ସଂସାର ଚିତ୍ର, ନାନା ପ୍ରକାର ଅଶ୍ଳୀଳ ମୂର୍ତ୍ତି, କଳାଯୁଗ ବେଶ୍ୟା, ପଶୁପକ୍ଷୀ ଇତ୍ୟାଦି । ଦେଉଳ ଭିତର ଜଗମୋହନ କାନ୍ଥରେ ଅନେକ ଖୋଦିତ ଓ ଚିତ୍ର ମୂର୍ତ୍ତି ଅଛି । ରତ୍ନ ସିଂହାସନରେ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନଚକ୍ର ବିରାଜମାନ । ଜଗନ୍ନାଥ ଦେଉଳ ଦେଖିଲେ ମନେହୁଏ ଏ ଗୋଟିଏ ବିଶ୍ୱବ୍ରହ୍ମାଣ୍ଡର କ୍ଷୁଦ୍ର ପ୍ରତିକୃତି । ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନପୁରର ଚିତ୍ର ଏଠାରେ ଦେଖାଯାଏ । ଦେଉଳରେ ଅଶ୍ଳୀଳ ଚିତ୍ର କାହିଁକି ରହିଲା ଏ ସମ୍ବନ୍ଧେ ବହୁତ ତର୍କ ହୋଇଥାଏ । ଅଶ୍ଳୀଳ କେବଳ ରୁଚି ବିକାର ମାତ୍ର । ସଂସାର ମଧ୍ୟରେ ଏ ଚିତ୍ର ଅସମ୍ଭବ ନାହିଁ । ଏପରି ଅଶ୍ଳୀଳତା ସବୁ ଦେଶରେ କମ ଅଧିକରେ ଅଛି, ଥିଲା ଓ ରହିବ । ଶିଳ୍ପୀମାନେ ମାନବର ପ୍ରତ୍ୟେକ ପ୍ରାକୃତିକ ବୃତ୍ତି ଚିତ୍ରି ପାରିବାରେ କେତେଦୂର ସିଦ୍ଧହସ୍ତ ଥିଲେ, ସେହି ଦୃଷ୍ଟିରେ ଏସବୁ ଚିତ୍ର ଦେଖିବାକୁ ହେବ । ଏସବୁ ବହିର୍ଦୃଷ୍ଟିର କଥା । ଯେ ଭଗବାନଙ୍କ ପ୍ରତି ଆକୃଷ୍ଟ ହୋଇ ଭଗବାନଙ୍କ ଦର୍ଶନ ଲାଗି ଭିତରେ ପ୍ରବେଶ କରିବ ତାର ଏସବୁ ଦୃଷ୍ଟିରେ ପଡ଼ିବାପାଇଁ ଅବସର କାହିଁ ? ଯାହାର ଏ

ସବୁଥିରେ ମନ ବିଚଳିତ ହେବ ତାର ମଧ୍ୟ ଭଗବାନଙ୍କୁ ଦେଖିବାର ଅବସର ନାହିଁ ? ଏ ମଧ୍ୟ ଗୋଟିଏ ପକ୍ଷପାତ ସ୍ଥଳ । ଅନେକ ଲୋକ ହିନ୍ଦୁମାନଙ୍କ ଦେଉଳ, ମୂର୍ତ୍ତି ପ୍ରଭୃତି ଦେଖି ସେମାନଙ୍କୁ ପୌତ୍ତଳିକ ବୋଲି ଘୃଣା କରିଥାନ୍ତି । ହିନ୍ଦୁସ୍ଥାନମାନ ଦର୍ଶ ଦେଉଳରେ ପୂର୍ଣ୍ଣ । ପ୍ରତି ଗ୍ରାମ ପ୍ରତି ସହରରେ ଦେବମନ୍ଦିର ଅଛି । ପୌତ୍ତଳିକ ବୋଲି ଯେଉଁମାନେ କହନ୍ତି, ସେମାନେ ସମ୍ଭବତଃ ହିନ୍ଦୁଧର୍ମର ସାର ବୁଝି ନାହାନ୍ତି । ହିନ୍ଦୁମାନେ ପ୍ରକୃତରେ ନିର୍ଜୀବ କାଠ ପଥରକୁ ପୂଜା କରନ୍ତି ନାହିଁ । ସେମାନେ ସେହି ମୂର୍ତ୍ତି ପୂଜା କରନ୍ତି, ତହିଁରେ ସେହି ସର୍ବଶକ୍ତିମାନ୍ ସର୍ବବ୍ୟାପକ ପରମାତ୍ମାଙ୍କ ଆବାହନ କରି ପୂଜା କରନ୍ତି । ମୂର୍ତ୍ତି ନିମିତ୍ତ ମାତ୍ର । ଭଗବାନ କାଷ୍ଠ ପାଷାଣ ତରୁ ତୃଣ ସର୍ବତ୍ର ବ୍ୟାପି ରହିଅଛନ୍ତି । ମୂର୍ତ୍ତିରେ ତାଙ୍କ ସତ୍ତା ଉପଲବ୍ଧି କରିପାରିବାର ଅସମ୍ଭବ ହେଲା କାହିଁକି ? ଗୀତାରେ ମଧ୍ୟ ଅଛି ନିରାକାର ଉପାସନା ଅପେକ୍ଷା ସାକାର ଉପାସନା ସହଜ । ସାକାର ଦ୍ୱାରା ନିରାକାର ଉପଲବ୍ଧି କରାଯାଇ ପାରେ । ମନୁଷ୍ୟ ସାକାର ସସୀମ । ସେ ଏକାବେଳକେ ଅସୀମ ନିରାକାର ବସ୍ତୁର ଧାରଣା କରି ପାରିବା କଠିନ । ସେ କରିପାରନ୍ତି କରୁ, ସେଥିରେ ଆପତ୍ତି ନାହିଁ । ମାତ୍ର ତହିଁପାଇଁ ଅନ୍ୟାନ୍ୟ ସାଧାରଣ ଧ୍ୟାନ ଧାରଣା ଶକ୍ତି ଆବଶ୍ୟକ । ପ୍ରଭୁଙ୍କ କୃପାରୁ ଯାହାର ଶକ୍ତି ଅଛି ସେ କରୁ; ମାତ୍ର ଲୋକସାଧାରଣ ଲାଗି ସାକାର ଉପାସନା ସହଜ ଶ୍ରେଷ୍ଠ ଉପାୟ । ତେଣୁ ହିନ୍ଦୁ ଜଗତରେ ସାକାର ପୂଜାର ବହୁଳତା । ପ୍ରହ୍ଲାଦ ସ୍ତମ୍ଭରେ ଈଶ୍ୱର ଦେଖି ପାରିଲେ । ସାକାର ପୂଜା ହେଉ ବା ନିରାକାର ପୂଜା ହେଉ ମନଟାକୁ ଭଗବାନଙ୍କଠାରେ ଅର୍ପଣ କରି ପାରିଲେ ହେଲା । ସେ ମନ ହେଉଛି ଅନର୍ଥର ମୂଳ । ମନ ଦୃଢ ହେଲେ ଗଡ଼ିଆ ରଙ୍ଗ । ଯାହା ମନମଗ୍ନ ଭଗବାନଙ୍କଠାରେ ଥିବ ତାର ଶ୍ଳୀଳ ଅଶ୍ଳୀଳ ବାରିବାକୁ ବେଳ ନାହିଁ । ସେ ତ ସର୍ବତ୍ର ଭଗବାନଙ୍କ ମୂର୍ତ୍ତି ଦର୍ଶନ କରିବ ।

ଜଗନ୍ନାଥ ମନ୍ଦିରରେ ଯେ ସାମ୍ୟଧର୍ମ ପ୍ରଚଳିତ ଅଛି, ତାହା ଅନ୍ୟତ୍ର ନାହିଁ । ଏଠାରେ ଜାତିଭେଦ ନାହିଁ । ଭଗବାନଙ୍କ ପ୍ରସାଦରେ ଛୁଆଁ ବିଚାର ନାହିଁ । ଚଣ୍ଡାଳି, ଗହିତ, ଚଣ୍ଡା ପ୍ରସାଦ ଆଣିଲେ ବ୍ରାହ୍ମଣ ଅବିଚାର ଚିତ୍ତରେ ଭୋଜନ କରେ । ଭଗବାନ ଏଠାରେ ସ୍ୱୟଂ ଅଛନ୍ତି ବୋଲି ଲୋକେ ଯାହା ବିଶ୍ୱାସ କରନ୍ତି, ତାହା ଅନାଦି ଅନନ୍ତମାନ କାଳରୁ ଚଳି ଆସୁଛି । ଜଗନ୍ନାଥ ଦେଉଳ ଉପରେ କେତେ ବିଧର୍ମୀ ବିପଦ ବାଦ୍ୟା ବଜ୍ରଗଳ୍ପି, ତାର ମାହାତ୍ମ୍ୟ ଅକ୍ଷୁଣ୍ଣ ରହିଅଛି । ବଡ଼ଦେଉଳର ମହାପ୍ରସାଦ ଆଜିକାଲିର କଥା ନୁହେଁ । ପୌରାଣିକ ଯୁଗରେ ମଧ୍ୟ ଏହାର ମାହାତ୍ମ୍ୟ ଥିଲା ।

ତହାନ୍ତି ପାତକା ନଶ୍ଚି ଦୃଷ୍ଟ୍ୱା ବେକ୍ତା ଜନାର୍ଦ୍ଦନଃ
ତଦ୍‌ଭକ୍ତାନାଂ ଚତୁର୍ବର୍ଗ ନୈବେଦ୍ୟୈରପି ଦୁର୍ଲ୍ଲଭଂ । (ପଦ୍ମପୁରାଣ)
ନୈବେଦ୍ୟଂ ଜଗଦୀଶସ୍ୟ ଅନ୍ନ ପାନାଦିକଂ ଚ ଯତ୍
ଭକ୍ଷ୍ୟାଭକ୍ଷ୍ୟ ବିଚାରସ୍ତୁ ନାସ୍ତି ତଦ୍‌ଭକ୍ଷଣେ ଦ୍ୱିଜ । (ବିଷ୍ଣୁପୁରାଣ)
ଉପପାତକ ପାପାନି ମହାପାପାନି ଯାନି ଚ
ତାନି ସର୍ବାଣି ନଶ୍ୟନ୍ତି ଜଗନ୍ନାଥାନ୍ନ ଭକ୍ଷଣାତ୍ । (ଭବିଷ୍ୟପୁରାଣ)
ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକ ନାଶନଂ
ଭକ୍ଷଣାତ୍ ଫଳଂ ମାପ୍ନୋତି କପିଳାଗୋକୋଟିଦାନଜ (ବ୍ରହ୍ମବୈବର୍ତ୍ତ)

ସ୍କନ୍ଦ ପୁରାଣ, ବିଷ୍ଣୁଧର୍ମ ପୁରାଣ, ବରାହ ପୁରାଣ, ଗରୁଡ଼ ପୁରାଣ, ବିଷ୍ଣୁପୁରାଣ, ପଦ୍ମ ପୁରାଣ, ବ୍ରହ୍ମ ପୁରାଣ, ବ୍ରହ୍ମଯାମଳ, ବାୟୁ ପୁରାଣ ପ୍ରଭୃତିରେ ମହାପ୍ରସାଦ ମାହାତ୍ମ୍ୟ ବର୍ଣ୍ଣିତ ଅଛି । ଏ ପୁରାଣମାନ ବୁଦ୍ଧଦେବଙ୍କ ଆବିର୍ଭାବର ବହୁକାଳ ପୂର୍ବରୁ ରଚିତ । ଯେଉଁମାନେ କହନ୍ତି ଯେ ବୁଦ୍ଧଦେବଙ୍କ ଆବିର୍ଭାବ ପରେ ଜଗନ୍ନାଥଙ୍କ ପ୍ରତିଷ୍ଠା ଏବଂ ମହାପ୍ରସାଦର ବ୍ୟବହାର, ଏହା ସତ୍ୟ ନୁହେଁ । କେହି କହନ୍ତି ଜଗନ୍ନାଥ ସୁଭଦ୍ରା ବଳରାମ ମୂର୍ତ୍ତିତ୍ରୟ ବୌଦ୍ଧଧର୍ମାନୁସାରେ ଗଠିତ । ବୌଦ୍ଧଧର୍ମ ହିନ୍ଦୁଧର୍ମଠାରୁ ପୃଥକ୍ ନୁହେଁ । ଏହା ହିନ୍ଦୁଧର୍ମର ଏକ ଶାଖା । ବୈଦିକଧର୍ମ ଉପନିଷଦର ଅନ୍ତର୍ଭୁକ୍ତ । ଏଥି ବ୍ୟତୀତ ବୌଦ୍ଧଧର୍ମ ବୁଦ୍ଧଙ୍କର ବହୁକାଳ ପୂର୍ବେ ଭାରତରେ ଜଣାଥିଲା । ବୈଦିକ ଯୁଗରେ ଶ୍ରୀକୃଷ୍ଣ ଭଗବାନ ଉଦ୍ଧବଙ୍କୁ ସାତାତ୍ମ୍ୟ କହୁଥିଲେ । ମୂର୍ତ୍ତିମାନ ବେଦାନୁମୋଦିତ । ଓଁକାର ଯନ୍ତ୍ରାନୁରୂପ ମୂର୍ତ୍ତିତ୍ରୟ ଗଠିତ ହୋଇଅଛନ୍ତି । ଉତ୍ତରମୀମାଂସା ଓ ପୂର୍ବମୀମାଂସାର ମତ ଏଠାରେ ସାମଞ୍ଜସ୍ୟ କରାଯାଇ ଅଛି । ଓଁକାର ନିଗୂଢ଼ ମୂର୍ତ୍ତି ପରିସ୍ଫୁଟକ ସୁତରାଂ ଜଗଚ୍ଚରାଚରବ୍ୟାପକ । ଓଁକାର ତ୍ରିଗୁଣାତ୍ମକ ହୋଇ ତିନି ମୂର୍ତ୍ତି, ସତ୍ତ୍ୱ, ରଜ, ତମ ଅବା ପରମାତ୍ମା ଆତ୍ମା, ମାୟାର ପରିସ୍ଫୁଟକ । ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ କର୍ମକାଣ୍ଡ ଓ ଜ୍ଞାନକାଣ୍ଡାତ୍ମକ ବେଦଭିତ୍ତିରେ ଏହି ମୂର୍ତ୍ତି ସ୍ଥାପନ କରାଇଥିଲେ । ଏହିହେତୁ ସତ୍ୟ ଯୁଗର ବ୍ୟାସ, ପୌରାଣିକ ଯୁଗର ଲୋକ ଏବଂ ଶଙ୍କର ପ୍ରଭୃତି ପରଯୁଗର ଭକ୍ତମାନେ ଏମାନଙ୍କରେ ଆଦର କରନ୍ତି । ସକଳ ସମ୍ପ୍ରଦାୟର ଭକ୍ତମାନେ ଏ ମୂର୍ତ୍ତିମାନଙ୍କୁ ଦେଖି ଆପଣା ଆପଣା ଇଷ୍ଟଦେବତାଙ୍କୁ ଦେଖି ପାରନ୍ତି । ଦାରୁବ୍ରହ୍ମ ମୂର୍ତ୍ତି ସମ୍ବନ୍ଧେ ଅନେକ ପ୍ରାଚୀନ ପ୍ରମାଣ ଅଛି —

ଆଦୌ ଯଦାରୁ ପ୍ଲବତେ ସିନ୍ଧୋମଧ୍ୟେ ଅପୁରୁଷମ୍
ତଦା ଲଭସ୍ୱ ଦୁର୍ହଣୋ ତେନ ଯାହି ପରଂ ସ୍ଥଳଂ ।

ଅର୍ଣ୍ଣବ ତଟେ ତୀର୍ଥଃ ମଧ୍ୟେ ଗତେ ।   (ଅଥର୍ବବେଦ)
ସମୁଦ୍ରସ୍ୟୋତ୍ତରେ ତୀରେ ଅସ୍ତି ଶ୍ରୀ ପୁରୁଷୋତ୍ତମେ ।
ପୂର୍ଣ୍ଣାନନ୍ଦମୟଂ ବ୍ରହ୍ମ ଦାରୁବ୍ୟାଜ ଶରୀରଭୃତ୍ । (ବ୍ରହ୍ମପୁରାଣ)

ତୈତ୍ତିରୀୟ ଆ.ଉ. ବୃହଦ୍ ବିଷ୍ଣୁ ପୁରାଣ. ଶ୍ରୀ ଭାଗବତ ବ୍ରହ୍ମବୈବର୍ତ୍ତ ପଦ୍ମ ପୁରାଣ, ସ୍କନ୍ଦ ପୁରାଣ, ନରସିଂହ ପୁରାଣ ବାୟୁ ପୁରାଣ, ରୁଦ୍ରଯାମଳ, ବ୍ରହ୍ମଯାମଳ, ଉତ୍କଳ ଖଣ୍ଡ ପ୍ରଭୃତି ପ୍ରାଚୀନ ପୁରାଣମାନେ ଦାରୁବ୍ରହ୍ମମୂର୍ତ୍ତି ଜଗନ୍ନାଥ, ପୁରୁଷୋତ୍ତମ କ୍ଷେତ୍ର ପ୍ରଭୃତି କଥା ବିଶେଷଭାବରେ ଉଲ୍ଲେଖ କରିଅଛନ୍ତି । ଓଁକାର ମୂର୍ତ୍ତି ସମ୍ବନ୍ଧରେ ଉତ୍କଳଖଣ୍ଡରେ ଲେଖା ଅଛି—

ଇତ ସ୍ତୁତ୍ୱା ସୁରେଶାନାଂ ଦେବଂ ପ୍ରଣବରୂପିଣଂ
ପ୍ରଣତଃ ପ୍ରଣବଂ ମନ୍ତ୍ରଂ ଜଜାପ ପୁରତୋ ହରେ ।
ପ୍ରଣବରୂପିଣମିତି ବିଶେଷଣ ଭଗବତଃ
ଦାରୁବ୍ରହ୍ମଣଃ ଓଁକାରାକାରତ୍ୱଂ ସୂଚ୍ୟତେ ।
ବ୍ରହ୍ମରୁଦ୍ରାଦି ଦେବାନାମଣ୍ଟକୋଟିସ୍ତ୍ୱଂ ଜଗତ୍ପତେଃ
ସର୍ବେଷାମପି ବେଦାନ୍ତୁ ତତ୍ତ୍ୱ ବେଦା ବିଜାନତେ ।

ସ୍କନ୍ଦପୁରାଣ ଓ ନୀଳାଦ୍ରିମହୋଦୟରେ ମୂର୍ତ୍ତିମାନରେ ବର୍ଣ୍ଣିତ ଅଛି—

ହଳକବିବେଦସ୍ତୁ ମହେନ୍ଦ୍ରନାଡ଼ୁକା ଯଃ ପରିଷ୍କୃତଃ
ପ୍ରଣବ ପ୍ରଣତାନାଂ ତୁ ଭବାର୍ଣ୍ଣବ ବିଦାରଣଃ ।
ନିର୍ମାଣଶ୍ଚାର୍ଦ୍ଧମାତ୍ରାଣ୍ଟ ବିନ୍ଦୁନାଦ ଜନକୃତଃ
ମଣ୍ଡପଦ୍ମସ୍ୟ ମଧ୍ୟେ ତୁ କର୍ଣ୍ଣିକା ରୂପତାଂ ଗତଃ ।
ଅକାରଂ ପ୍ରଥମ ମାତ୍ରା କର୍ଣ୍ଣିକୋପରି ସଂସ୍ଥିତା
ଉକାର ମଧ୍ୟଦେଶେ ତୁ ମକାର ମୂଳଦେଶତଃ ।
ଅର୍ଦ୍ଧମାତ୍ରା ତୁ ସା ପ୍ରୋକ୍ତା ତୁର୍ଯ୍ୟଂ ପ୍ରଣବ କର୍ଣ୍ଣିକ,
ଯସ୍ୟ ସର୍ବେଶ୍ୱରୀ ନିତ୍ୟଂ ଭବ ନୀଳାଚଳ ମୁଦା ।

ମହାଭାରତଠାରୁ ଆରମ୍ଭ କରି ସବଶେଷ ପୁରାଣ ଭାଗବତ ପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ କୀର୍ତ୍ତିତ ହୋଇ ଆସିଛି । ପୁରାତନ ପ୍ରାଦେଶିକ ସ୍ମୃତିଶାସ୍ତ୍ରମାନଙ୍କରେ ପୁରୁଷୋତ୍ତମ ମାହାତ୍ମ୍ୟ କୀର୍ତ୍ତିତ । ସମଗ୍ର ହିନ୍ଦୁଜାତିର ପବିତ୍ର ସନାତନ ଧର୍ମକ୍ଷେତ୍ର ଏହି ପୁରୁଷୋତ୍ତମ କ୍ଷେତ୍ର ଆଜି ପର୍ଯ୍ୟନ୍ତ ନିଜର ମାହାତ୍ମ୍ୟ ରକ୍ଷା କରିପାରିବା ସମର୍ଥ ହୋଇଛି ଇନ୍ଦ୍ରଦ୍ୟୁମ୍ନରୁ

ପୂର୍ବେବର ଜଗନ୍ନାଥ ମନ୍ଦିରର ସମସାମୟିକ । ମହାଭାରତରେ ଉତ୍କଳ ଓ ଇନ୍ଦ୍ରଦ୍ୟୁମ୍ନ ନାମ ଦେଖାଯାଏ । ମୁତରାଂ ବ୍ୟାସ ଓ ମହାଭାରତ ବେଦୀବ୍ୟୁଗର ପରବର୍ତ୍ତୀ ଥିବାରୁ ଜଗନ୍ନାଥ ମନ୍ଦିର ବୁଦ୍ଧଦେବଙ୍କ ଜନ୍ମର ବହୁ ଶତାବ୍ଦୀ ପୂର୍ବରେ ଥିବା ବିଷୟରେ କିଛି ସନ୍ଦେହ ହୋଇ ନପାରେ ।

ରଥଯାତ୍ରା ପୂର୍ବରେ ହିନ୍ଦୁମାନଙ୍କର ଗୌରବିଏ ଜାତୀୟ ଅନୁଷ୍ଠାନ । ଉତ୍କଳୀୟମାନେ ବଡ଼ ପ୍ରଶସ୍ତ ହୃଦୟରୁ ଉକ୍ତ ରଥଯାତ୍ରା ସୃଷ୍ଟି କରିଥିଲେ । ରଥଦଉଡ଼ି ଟାଣିବାକୁ ସମସ୍ତଙ୍କର ଅଧିକାର ଅଛି । ଜାତି ଧର୍ମ ନିର୍ବିଶେଷରେ ଲୋକେ ମହା ପ୍ରେମ ଆନନ୍ଦରେ ରଥଦଉଡ଼ି ଟାଣନ୍ତି । ଏତେବେଳେ ଆଚଣ୍ଡାଳ ବ୍ରାହ୍ମଣର ସମାନ ଅଧିକାର । ରଥଯାତ୍ରା ନାମ ଉଦ୍ଦୀପକ ଯାତ୍ରା । ଏଠାରେ ଏକତାମନ୍ତ୍ର ସାଧନ କରିବାର ସୁନ୍ଦର ସୁଯୋଗ ଅଛି । ଜାତୀୟ ଆନ୍ଦୋଳନରେ ଲୋକେ ଏହିପରି ଏକ ମନ ଏକ ଧ୍ୟାନରେ ଏକ ପ୍ରାଣରେ ଏକ ଭାବରେ ଅଂଶ ନେଲେ କାର୍ଯ୍ୟ ହେବ । ରଥଯାତ୍ରା ଉପଲକ୍ଷରେ ଭାରତର ବହୁ ପ୍ରଦେଶରୁ ଲୋକେ ଆସି ଏକତ୍ରିତ ହୁଅନ୍ତି । ବୈଦେଶିକମାନେ ମଧ୍ୟ ଏ ବ୍ୟାପାର ମଧ୍ୟରେ କ'ଣ ଅଛି ବୋଲି ଅନୁସନ୍ଧାନ କରିବାକୁ ଆସନ୍ତି । ଭାରତର ସିଦ୍ଧ ସାଧକମାନେ ଏଠାକୁ ଆସି ଆପଣା ପିପାସା ମେଣ୍ଟାନ୍ତି । ଜଣେ ଯାତ୍ରୀବେଗ ଯାବନିକ ସାଧୁମାନେ ଜଗନ୍ନାଥଙ୍କ ଗୁଣ୍ଡିଚାରେ ଆପଣା ସ୍ୱର ମିଳାଇଦେଇ ଆପଣା ଜୀବନକୁ ସାର୍ଥକ ମନେକରନ୍ତି ।

ନୀଳାଚଳ ଅତି ପ୍ରାଚୀନ କାଳରୁ ଥିଲା । ନୀଳମାଧବ ମୂର୍ତ୍ତି ଏଠାରେ ପୂଜା ପାଉଥିଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ଦେଉଳ ତୋଳାଇ ଦାରୁବ୍ରହ୍ମ ମୂର୍ତ୍ତି କରାଇ ଦେଉଳରେ ବସେଇ ଥିଲେ । ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ନିର୍ମିତ ହୋଇଥିଲା । ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀଙ୍କ ନାମ ଗୁଣ୍ଡିଚା ଥିଲା । ଗୁଣ୍ଡିଚା ମନ୍ଦିରରେ ମୂର୍ତ୍ତି ନିର୍ମିତ ହୋଇଥିଲା ବୋଲି ଏହାକୁ ଜନକପୁର ବୋଲି କହନ୍ତି । ବର୍ଷକେ ଥରେ ଜଗନ୍ନାଥ ମୂର୍ତ୍ତି ପ୍ରଭୃତି ତିନି ମୂର୍ତ୍ତି ରଥରେ ବସି ନେଇ ଜନକପୁରକୁ ଯାଇ ସେଠାରେ ସାତ ଦିନ ରହି ପୁଣି ଫେରି ଆସନ୍ତି । ଏହି ଯାତ୍ରା ରଥଯାତ୍ରା ବା ଗୁଣ୍ଡିଚାଯାତ୍ରା । ରାଣୀ ଗୁଣ୍ଡିଚା ଏହି ଯାତ୍ରା କରାଇଥିବାରୁ ଏ ଯାତ୍ରା ନାମ ଗୁଣ୍ଡିଚାଯାତ୍ରା । ମନ୍ଦିର ଇନ୍ଦ୍ରଦ୍ୟୁମ୍ନଙ୍କ ଅମଳରେ ନିର୍ମିତ ହୋଇଥିଲା । ସେ ଦେଉଳ ଅନେକଥର ଜୀର୍ଣ୍ଣସଂସ୍କାର ହୋଇଛି । ବର୍ତ୍ତମାନ ଦେଉଳ ରାଜା ଅନଙ୍ଗଭୀମଙ୍କ ଅମଳରେ ହୋଇଥିଲା । ଅନଙ୍ଗଭୀମ କହୁଥିଲେ, "ଓଡ଼ିଶାର ରାଜା ଜଗନ୍ନାଥ, ମୁଁ ଲୁହେ ।" ରାଜା କପିଳେନ୍ଦ୍ର ମଧ୍ୟ ଏହି ବିଶ୍ୱାସରେ କାର୍ଯ୍ୟ

କରୁଥିଲେ । ସେ ମୁକ୍ତିଚିନ୍ତାମଣି ନାମକ ଗ୍ରନ୍ଥ ରଚନା କରିଥିଲେ । ତାଙ୍କ ମୁଖରେ ସ୍ୱୟଂ ଜଗନ୍ନାଥ ଅବଧାରଣ କରି ପୁସ୍ତକ ଶୁଣୁଥିଲେ ଏବଂ ମାଣିକ-ପାଟଣାଠାରେ ମାଣିକ ଗୋପାଳୁଣୀଠାରେ ମୁଦ ବନ୍ଧାଦେଇ ଦହି ଖାଇଥିଲେ । ଜଗମୋହନରେ ଏ ମୂର୍ତ୍ତି ଅଦ୍ୟାବଧି ବିଦ୍ୟମାନ ଅଛି ।

ପୁରୁଷୋତ୍ତମ ଶଙ୍ଖକ୍ଷେତ୍ର । କ୍ଷେତ୍ରର ଆକୃତି ଶଙ୍ଖ ସଦୃଶ । ପୁରୀର ଉତ୍ତରରେ ପଶ୍ଚିମ-ପୂର୍ବ ଦିଗରେ ଏକ ନଦୀ ପ୍ରବାହିତ । ବର୍ତ୍ତମାନ ଅଠରନଳା ଏହି ନଦୀ ଉପରେ ନିର୍ମିତ । ଏହି ନଦୀର ନାମ ମିଳିଆଣି । ଦକ୍ଷିଣ ଦିଗରେ, ପୂର୍ବ-ପଶ୍ଚିମ ଦିଗରେ ବଙ୍ଗୋପସାଗର । ଦେଉଳ ଭିତରକୁ ସମୁଦ୍ର ଢେଉ ଶୁଣାଯାଏ ନାହିଁ । ଲକ୍ଷ୍ମୀଙ୍କର ପିତା ସମୁଦ୍ର । ଅଦ୍ୟାବଧି ଲକ୍ଷ୍ମୀ ବର୍ଷକେ ଥରେ ବାପଘରକୁ ଯାଆନ୍ତି । ବିମାନରେ ଲକ୍ଷ୍ମୀମୂର୍ତ୍ତି ସମୁଦ୍ରକୂଳ ଚକ୍ରତୀର୍ଥକୁ ନିଆ ହୁଅନ୍ତି । ପୁଣି ମାସକ ପରେ ପିତାଗୃହରୁ ପ୍ରତ୍ୟାବର୍ତ୍ତନ ପ୍ରଥା ଅନୁଷ୍ଠିତ ହୁଏ । ଅନେକ ଘିଅ ଆସି ଲକ୍ଷ୍ମୀଙ୍କ ଭୋଗରେ ଜମା ହୁଏ । ଏହି ମାସକ [illegible] ହୁଏ । ପୁରୀର ଉତ୍ତର-ପୂର୍ବ କୋଣରେ ଇନ୍ଦ୍ରଦ୍ୟୁମ୍ନ ତୀର୍ଥ । ଏଠାରେ ନୀଳକଣ୍ଠ ମହାଦେବ ଅଛନ୍ତି । ଏ ମହାଦେବ ଶଙ୍ଖ କ୍ଷେତ୍ରର ଅଗ୍ରଭାଗରେ ଅବସ୍ଥିତ । ବଡ଼ଦେଉଳ ଶଙ୍ଖର ନାଭିଦେଶରେ ଅବସ୍ଥିତ । ମାର୍କଣ୍ଡ ମୁହାଣ ନିକଟରେ ଚକ୍ରତୀର୍ଥ । ମନ୍ଦିରଠାରୁ ପ୍ରାୟ ଏକକୋଶ ଦୂରରେ ଅବସ୍ଥିତ । ଏଠାରେ ବିଷ୍ଣୁଙ୍କ ଚକ୍ର ପଡ଼ିଥିବାର ପ୍ରବାଦ ଅଛି । ଏଠାରେ ଚକ୍ରନାରାୟଣ ମୂର୍ତ୍ତି ଅଛନ୍ତି । ଯାତ୍ରୀମାନେ ଏଠାରେ ପିଣ୍ଡ ଦାନ କରନ୍ତି । ପୁରୀରେ ପାଞ୍ଚଗୋଟି ପ୍ରଧାନ ତୀର୍ଥ ଅଛି—ମାର୍କଣ୍ଡ, ଶ୍ୱେତଗଙ୍ଗା, ରୋହିଣୀକୁଣ୍ଡ, ସମୁଦ୍ର, ଇନ୍ଦ୍ରଦ୍ୟୁମ୍ନ । ଏ ତୀର୍ଥମାନଙ୍କରେ ସ୍ନାନକଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଶାସ୍ତ୍ର କହୁଛି । ସ୍ୱର୍ଗଦ୍ୱାର—ସ୍ୱର୍ଗକୁ ଯିବାର ସେହି ସ୍ଥାନ । ସ୍ୱର୍ଗ ଦ୍ୱାର, ତହିଁ ନାମ (ଦାରୁବ୍ରହ୍ମ) । କାନପତା ହନୁମାନ—ଏ କାନପାରି ସମୁଦ୍ର ଗର୍ଜନ ଶୁଣୁଛନ୍ତି । ସମୁଦ୍ର ଯେପରି ନ ଉଛୁଳେ ତହିଁପ୍ରତି ଦୃଷ୍ଟି ଦେଉଛନ୍ତି । ଅଗସ୍ତ୍ୟମୁନି—ସମୁଦ୍ର ଉଦ୍ଦଣ୍ଡ ହେଲେ ଏ ସମୁଦ୍ରକୁ ଭକ୍ଷ କରି-ଦେବେ । ଶ୍ୱେତଗଙ୍ଗା—ଏଠାରେ ଶ୍ୱେତମାଧବ, ମତ୍ସ୍ୟମାଧବ ଓ ନବଗ୍ରହ ମୂର୍ତ୍ତି ଅଛନ୍ତି । ସତ୍ୟଯୁଗରେ ଶ୍ୱେତ ନାମକ ରାଜା ଥିଲେ । ସେ ଜଗନ୍ନାଥଙ୍କର ପରମ ଭକ୍ତ ଥିଲେ । ସେ ବହୁ ତପସ୍ୟା କରିଥିଲେ । ତେଣୁ ତାଙ୍କ ନାମାନୁସାରେ ଏ ପୁଷ୍କରିଣୀ ନାମ ଶ୍ୱେତଗଙ୍ଗା । ମାର୍କଣ୍ଡ—ମାର୍କଣ୍ଡ ମୁନିଙ୍କ ନାମାନୁସାରେ ପୁଷ୍କରିଣୀର ନାମ ରହିଛି । ମାର୍କଣ୍ଡମୁନି ଏଠାରେ ତପସ୍ୟା କରି ଶିବଙ୍କୁ ଆରାଧନା କରିଥିଲେ ଏବଂ ତାଙ୍କ କୃପାରୁ ମୃତ୍ୟୁକୁ ଜିଣିଥିଲେ । ଏଠାରେ ମାର୍କଣ୍ଡେଶ୍ୱର ମହାଦେବ, ମୃତ୍ୟୁଞ୍ଜୟ ଲିଙ୍ଗ, ଲିଙ୍ଗ, ପଞ୍ଚପାଣ୍ଡବ ଓ କାଳିୟଦମନ ଶ୍ରୀକୃଷ୍ଣ ମୂର୍ତ୍ତି ଅଛନ୍ତି ।

ନରେନ୍ଦ୍ର—ଏଠାରେ ଚନ୍ଦନଯାତ୍ରା ହୁଏ । ଜଗନ୍ନାଥବଲ୍ଲଭ—ଏଠାରେ ବସନ୍ତପଞ୍ଚମୀ ଓ ବେଶଯାତ୍ରା ହୁଏ । ଇନ୍ଦ୍ରଦ୍ୟୁମ୍ନ—ଏକ ଶ୍ରେଷ୍ଠ ତୀର୍ଥ । ଇନ୍ଦ୍ରଦ୍ୟୁମ୍ନଙ୍କ ଅଶ୍ୱମେଧ ଯଜ୍ଞବେଳେ ଗୋଦାନ ଉତ୍ସବରେ ଯେଉଁ ଗୋରୁମାନେ ଦାନ ଯାଇଥିଲେ ସେମାନେ ଏଠାରେ ଥିଲେ । ସେମାନଙ୍କ ଖୁରଦ୍ୱାରା ଗର୍ତ୍ତ ହୋଇଥିଲା । ଦାନଜଳ ଓ ଗୋମୂତ୍ରରେ ପୂର୍ଣ୍ଣହୋଇ ଏଠାରେ ପୁଷ୍କରିଣୀ ହେଲା । ଏଥିରେ ଅନେକ କୂର୍ମ ଅଛନ୍ତି । ପ୍ରବାଦ ଅଛି, ଯେଉଁ ଲୋକ ବଡ଼ଦେଉଳକୁ ପଥର ବୋହୁଥିଲେ ସେମାନେ କୂର୍ମ ପାଲଟି ଏଠାରେ ଅଛନ୍ତି ।

ଲୋକନାଥ—ମନ୍ଦିରଠାରୁ ଏକମାଇଲ ଦୂର । ଏ ଅନାଦି ଶିବଲିଙ୍ଗ । ପାଣିଭିତରେ ବୁଡ଼ି ରହିଛନ୍ତି । ବର୍ଷକେ ଏଠାରେ ତିନିଟି ମେଳା ହୁଏ । ବସନ୍ତ ସୋମବାର, ବୈଶାଖ ମାସ ଓ ଶିବରାତ୍ରି ଦିନ ଏଠାରେ ବେଶ ମେଳା ହୁଏ । ଲୋକନାଥ ମନ୍ଦିର ନିକଟରେ ପାର୍ବତୀ ମନ୍ଦିର ।

ଯମେଶ୍ୱର—ମନ୍ଦିରଠାରୁ ପାଏ ଦୂରରେ । ଏ ମହାଦେବଙ୍କୁ ଦର୍ଶନ କଲେ ଯମଭୟ ଦୂର ହୁଏ ଏବଂ କୋଟିଲିଙ୍ଗ ଦର୍ଶନର ଫଳ ମିଳେ । ଅଲାବୁକେଶ୍ୱର—ଏ ମହାଦେବ ଦର୍ଶନରେ ଅପୁତ୍ରିକ ପୁତ୍ରଲାଭ କରେ । କପାଳମୋଚନ—ଏହାଙ୍କ ଦର୍ଶନରେ ବ୍ରହ୍ମହତ୍ୟା ପାପ ଦୂରହୁଏ । ମଣିକର୍ଣ୍ଣିକା—ଏକ ତୀର୍ଥ । ଅଲାରନାଥ—ପୁରୀଠାରୁ ୪ କୋଶ ଦୂରରେ । ସିଦ୍ଧବକୁଳ—ଏକ ପୀଠ ସ୍ଥାନ । ଟୋଟା-ଗୋପୀନାଥ—ଏହାଙ୍କୁ କ୍ଷୀରଚୋରା ଗୋପୀନାଥ କହନ୍ତି ।

ପୁରୁଷୋତ୍ତମ ମଠ—ମଠର ପ୍ରକୃତ ଅର୍ଥ ଛାତ୍ରାବାସ । ମନ୍ତ୍ରୋକ୍ତ ବଚନ ଛାତ୍ରାଦ୍ୟୋଽଣି ମଠଃ ଅର୍ଥାତ୍ ଛାତ୍ରାଦିନିଲୟଃ । ମଠ ଗୋଟିଏ ପବିତ୍ର ସ୍ଥାନ । ଏଠାରେ ଛାତ୍ରମାନେ ଶାସ୍ତ୍ରାଧ୍ୟୟନ କରନ୍ତି ଏବଂ ଧର୍ମଶିକ୍ଷା ଲାଭକରନ୍ତି । ବାନପ୍ରସ୍ଥ, ଯତି ଏବଂ ଗୃହସ୍ଥାଶ୍ରମୀ ଶିଷ୍ୟଛାତ୍ରମାନଙ୍କର ମଠ ଗୋଟିଏ ଆଶ୍ରୟ ସ୍ଥଳ । ଏଠାରେ ସେମାନଙ୍କ ଲାଗି ପାନଭୋଜନର ବ୍ୟବସ୍ଥା ଅଛି । ଶ୍ରୀକ୍ଷେତ୍ରକୁ ଯୁଗେ ଯୁଗେ ସନ୍ଥ, ସାଧକ, ଯୋଗୀ, ସନ୍ନ୍ୟାସୀ, ପଣ୍ଡିତ, ବିଦ୍ୱାନମାନେ ଆସି ସ୍ୱ ସ୍ୱ ସାଧନାରେ ନିମଗ୍ନ ହୁଅନ୍ତି, ଜ୍ଞାନପିପାସୁମାନେ କ୍ରମେ ଆସି ସେମାନଙ୍କ ନିକଟରେ ଉପସ୍ଥିତ ହୁଅନ୍ତି । ସେମାନଙ୍କ ଜ୍ଞାନ, ଧର୍ମପ୍ରସୂତ ପ୍ରଭାବରେ ମୁଗ୍ଧ ହୋଇ ତତ୍କାଳୀନ ରାଜା, ମହାରାଜା, ବଦାନ୍ୟ ଜନମାନେ ଦାନ ଖଇରାତ ଉଦ୍ଦେଶ୍ୟରେ ପ୍ରତ୍ୟେକ ମଠଲାଗି ଅନେକ ଜମିବାଡ଼ି ଲାଖେରାଜରେ ଛାଡ଼ିଦେଇଥିଲେ । ଉତ୍ତରୋତ୍ତର ବୃଦ୍ଧି-ହୋଇ କ୍ରମେ ମଠମାନ ସମ୍ପନ୍ନ ଅବସ୍ଥାକୁ ଆସିଲା । ମଠପ୍ରତିଷ୍ଠାତାଙ୍କ ପୂର୍ବଜନ,

ଯଶ, ଗୌରବରେ ବର୍ତ୍ତମାନ ମଠାଧୀଶମାନେ ଗୌରବାନ୍ୱିତ । ସେମାନଙ୍କ ଭାବନା ଆଜଯାଏ ଲୋପ ପାଇନାହିଁ । ମାଣି କଣ ସ୍ୱାଧୀନାଥ କହନ୍ତି—"ପୂର୍ବ-ପୁରୁଷଙ୍କ ପ୍ରତିଷ୍ଠା ବିଶାଳ । ବିକାଶୁଛି ଖାଉଥିବା ବେଳେବେଳେ ।" ପୁରୀରେ ବିଭିନ୍ନ ସମ୍ପ୍ରଦାୟର ମଠ ଅଛି । ଜଗନ୍ନାଥଙ୍କ ସେବା, ଧର୍ମଚର୍ଚ୍ଚା, ଧର୍ମପ୍ରଚାର ମହନ୍ତମାନଙ୍କର ପ୍ରଥମ କର୍ତ୍ତବ୍ୟ । ମଠସମ୍ପତ୍ତିର ଅଧିକ ମହାପ୍ରଭୁଙ୍କଠାରେ ଭୋଗ ଲାଗିହୋଇ ଦାନ ବିତରିତ ହେବ । ଭକ୍ତମାନଙ୍କ ପାନଭୋଜନ ଖର୍ଚ୍ଚରେ ଖର୍ଚ୍ଚ ହେବ । ମଠ ସମ୍ପତ୍ତି ମହନ୍ତମାନଙ୍କ ଭୋଗବିଳାସ ଲାଗି ନୁହେଁ । ଜଗନ୍ନାଥ ପ୍ରଭୁଙ୍କ ଭୋଗର ନାମ ଅମୃତମଣୋହି । ଦେଶ୍ର ସମ୍ପତ୍ତିର ପଟ୍ଟାବର୍ତ୍ତୀନା ସ୍ଥଳେ ଅମୃତମଣୋହି ବୋଲି ଲେଖାଅଛି । ଅମୃତମଣୋହି ହୋଇଲେ ଜଗନ୍ନାଥଙ୍କ ସମ୍ପତ୍ତି । ମଠାଧୀଶ-ମାନେ ସମ୍ପତ୍ତିର ମାଲଫତଦାର ମାତ୍ର, ସେମାନଙ୍କର ନିଜର କୌଣସି ସମ୍ପତ୍ତି ନାହିଁ । ସେମାନେ ନିଜ ଇଚ୍ଛାରେ ପ୍ରକୃତ ହସ୍ତାନ୍ତର କରିପାରିବେ ନାହିଁ । ଚିରସ୍ଥାୟୀ ପଟ୍ଟା ଦେଇ ପାରିବେ ନାହିଁ । ଅପବ୍ୟୟ କଲେ ଗାଦିରୁ ଉଠିଯାଇ ପାରିବେ । ଜଗନ୍ନାଥଙ୍କର ଯେକୌଣସି ସେବକ ଉପାଦାନ ଭକ୍ତ ସମ୍ପତ୍ତିରକ୍ଷା ଲାଗି ସେମାନଙ୍କ ନାମେ ମକଦ୍ଦମା କରି ପାରିବ, ସେମାନଙ୍କଠାରୁ ହିସାବ ବୁଝିପାରିବ । କେତେ ଗୋଟି ମଠର ନାମ ତଳେ ଦିଆଗଲା । ବଡ଼ୁଆ ମଠ—ଏଠାରେ ଶାକାନ୍ନ ବିତରିତ ହୁଏ । ନାନକପନ୍ଥୀ—ଏଠାରେ ଶିଖ ଅତିଥିମାନେ ରହନ୍ତି । ଶିଖଧର୍ମ ଗୁରୁ ନାନକ ଦେଉଳରେ ପ୍ରବେଶ କରିବାକୁ ଯିବାବେଳେ ସେବକମାନେ ତାଙ୍କୁ ଯବନ ଭ୍ରମରେ ତଡ଼ିଦେଲେ । ସେ ଅପମାନିତ ହୋଇ ସେଠାରୁ ଏହି ସ୍ଥାନରେ ବସି ଜଗନ୍ନାଥଙ୍କୁ ଧ୍ୟାନ କଲେ । ଏଠାରେ ଦେଉଳର ଗୁରୁନାନକ୍ ନାମରେ ଏକ କୂପ ଅଛି । କବୀରପନ୍ଥୀ ମଠ—ଏଠାରେ କବୀରଙ୍କ ପାଦୁକା ଓ ଜପମାଳ ଅଛି । ଶଙ୍କର ମଠ—ଏ ମଠ ପ୍ରଥମେ ମନ୍ଦିରର ଦକ୍ଷିଣ ଅଂଶରେ ଭୋଗମଣ୍ଡପ ଅଛି ସେଠାରେ ଥିଲା । ଏ ମଠର ସ୍ୱାମୀମାନେ ମନ୍ଦିରର ପଣ୍ଡିତ ଥିଲେ । ରାମାନୁଜ ମତ ପ୍ରବଳ ହେବାରୁ ଏ ମଠ ଏଠାରୁ ସ୍ଥାନାନ୍ତରିତ ହେଲା । ଋକ୍‌ବେଦ ପ୍ରଚାର ଲାଗି ଶଙ୍କରାଚାର୍ଯ୍ୟ ଗୋବର୍ଦ୍ଧନ ପୀଠ ନାମକ ମଠ ସ୍ଥାପନ କରିଥିଲେ । ଏହାର ଅନ୍ୟ ନାମ ଭାଲୁମଠ । ରାଧାକାନ୍ତ ମଠ—ଏ ସ୍ଥାନ ପ୍ରଥମେ କାଶୀମିଶ୍ରାଳୟ ଥିଲା । ଏଠାରେ ଶ୍ରୀଚୈତନ୍ୟ ବାସ କରିଥିଲେ । ଯେଉଁ ଗମ୍ଭୀରାରେ ସେ ଜପ କରୁଥିଲେ ଏହି ମଠରେ ସେଠାରେ କନ୍ଥା, କାଷ୍ଠପାଦୁକା, କମଣ୍ଡଳୁ ଅଦ୍ୟାବଧି ରକ୍ଷିତ ହୋଇଅଛି । ରାଜା ପ୍ରତାପରୁଦ୍ରଦେବଙ୍କ ସମୟରେ ଏ ମଠ ସ୍ଥାପିତ ହୋଇଥିଲା । ଏ ମଠ ଅଧୀନରେ ଗଞ୍ଜାମ ଜିଲ୍ଲାରେ ୮ ଗୋଟି, ପୁରୀ ଜିଲ୍ଲାରେ ୪ ଗୋଟି ଏବଂ ବୃନ୍ଦାବନରେ ତିନିଗୋଟି ମଠ ଅଛି । ଏଠାରେ ରାଧାକାନ୍ତ ମୂର୍ତ୍ତି ଅଛନ୍ତି । ବଡ଼ ଲାବଣ୍ୟ ମୂର୍ତ୍ତି ।

ଗଙ୍ଗାମାତା ମଠ—ଏଠାରେ ବାସୁଦେବ ସାର୍ବଭୌମଙ୍କ ପ୍ରତିମୂର୍ତ୍ତି ଅଛି । ଶ୍ରୀଚୈତନ୍ୟ ଏଠାରେ ଭାଗବତ ଶ୍ରବଣ କରୁଥିଲେ । ରାଜଗୋପାଳ ବା ଏମାର ମଠ । ଦକ୍ଷିଣପାର୍ଶ୍ୱ ବା ମଣିଦାସ ମଠ—ଏହାକୁ ରଘୁ ଅରକ୍ଷିତ ମଠ କହନ୍ତି । ଉତ୍ତରପାର୍ଶ୍ୱ ମଠ । ଓଡ଼ିଆ ମଠ ଦାନ ଓ ବଡ଼—ଜଗନ୍ନାଥ ଦାସ ଏଠାରେ ଥିଲେ । ବଡ଼ଛତ୍ର ମଠ ଦାନଗଣ୍ଡ ମଠ, ଶିଆଳି ମଠ, ପଞ୍ଜାବି ମଠ, ନାଙ୍ଗଟା ମଠ, ପଣ୍ଡିତ ମଠ, ରାଘବଦାସ ମଠ, ରାଧାବଲ୍ଲଭ ମଠ, ଜଗନ୍ନାଥବଲ୍ଲଭ ମଠ, ବଡ଼ଛତା ମଠ, ଛୋଟଛତା ମଠ, କାଙ୍ଗେଡ଼ିଆ ମଠ, ପାପୁଡ଼ିଆ ମଠ, ଝାଣ୍ଡଦାସ ମଠ, ଜ୍ଞାନ ଅଖଡ଼ା, ଦାସ ଅଖଡ଼ା, ବଡ଼ ଅଖଡ଼ା, ସମାଜୀ ମଠ ଜଗନ୍ନାଥ ଅଖଡ଼ା ମଠ, ଶମ୍ଭୁଦ୍ୱାର ମଠ, ବେଣୁକୁଞ୍ଜ ମଠ ଇତ୍ୟାଦି ଅନେକ ମଠ ଅଛି । ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଦିଗ ମଠରେ ପରିପୂର୍ଣ୍ଣ ।

ପ୍ରାଚୀନ ଉତ୍କଳର ଭକ୍ତବୃନ୍ଦ—ଜଗନ୍ନାଥ ମାଧବଦାସ, ଅର୍ଜ୍ଜୁନ ମିଶ୍ର, ଶାଳବେଗ, ଲକ୍ଷ୍ମଣ, ଅର୍ଜୁନ, କରମାବାଈ, ବନ୍ଧୁମହାନ୍ତି, ଦାସିଆ ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଭକ୍ତ ମହାପାତ୍ର, ମଣିଦାସ, ରଘୁଅରକ୍ଷିତ, ସନାତନ, ଅଚ୍ୟୁତାନନ୍ଦ ଏଭଳି ଅନେକ ଭକ୍ତ ଥିଲେ ।

ଜଗନ୍ନାଥଦେବଙ୍କ ବେଶ—ଜଗନ୍ନାଥଦେବଙ୍କୁ ସିଂହାସନ ପୁଷ୍ପାଳକ ସେବକମାନେ ନାନା ବେଶରେ ଭୂଷିତ କରିଥାନ୍ତି । ପୌରାଣିକ ଘଟଣା ଅବଲମ୍ବନରେ ବେଶ ହୁଏ । ଜଗନ୍ନାଥଦେବଙ୍କ ବିଜେ ପ୍ରତିମା ମଦନମୋହନ ଚନ୍ଦନଯାତ୍ରା ସମୟରେ ଅନେକ ପ୍ରକାର ବେଶ ହୁଅନ୍ତି । ଏ ସମସ୍ତ ବେଶ ପୌରାଣିକ ଘଟଣା ଅବଲମ୍ବନରେ କରାଯାଏ । ରାଜବେଶ, ଗଜୋଦ୍ଧାରଣ, ପ୍ରଲମ୍ବାସୁର ବଧ, ବକାସୁର ବଧ, କାଳୀୟଦଳନ, ନଟବର ବେଶ, ମଦନ ରଥ ପ୍ରଭୃତି ନାନାପ୍ରକାର ବେଶ ହୁଏ । ଏଥିରେ ମଧ୍ୟ ଅନେକ କଳାକୁଶଳତା ଥାଏ । ଭଗବାନଙ୍କ ମନ୍ଦିର ନିର୍ମାଣ, ସ୍ନାନଯାତ୍ରା, ବେଶଭୂଷା, ନେଣ୍ଟୁଆରେ ଶାସନବ୍ୟାପୀ ଅର୍ଜିତ ଧନ ବ୍ୟୟକରିବା ପାଇଁ ଓଡ଼ିଆ ମୁକ୍ତହସ୍ତ । ଆପଣାପର ସମ୍ପତ୍ତିରୁ ଚୀର, ହେଉ, ଅପଣା ବେଶଭୂଷା, ଖାଦ୍ୟପେୟରେ କେତେ ମୋଟା ଗତି ଅବଲମ୍ବନ କରି ଓଡ଼ିଆ ଭଗବାନଙ୍କ ଆରାଧନାରେ ଅକୁଣ୍ଠିତ ଭାବରେ ବ୍ୟୟକରେ । ଏଥିର ନିଦର୍ଶନ କୋଣାର୍କ ଦେଉଳ, ଭୁବନେଶ୍ୱର ଦେଉଳ, ପୁରୀର ବଡ଼ଦେଉଳ । ଏ ତିନିଗୋଟି ବଡ଼ ଦେଉଳ ବ୍ୟତୀତ ଅନ୍ୟାନ୍ୟ ଅନେକ ସ୍ଥାନରେ ଅସଂଖ୍ୟ ଦେଉଳ । ଅମୃତ-ମନୋହି ଦେବୋତ୍ତର ସମ୍ପତ୍ତିର ପରିମାଣ ଏଥିର ନିଦର୍ଶନ ।

ନୀଳ ଶୈଳ ନିକଟେ ନିକେତନଂ ନନ୍ଦନନ୍ଦନ ପଦାବ୍ଜସେବନଂ
ଭୁକ୍ତିଶେଷ ନିବହେ ସୁରୋ ସ୍ପୃହା ସମ୍ଭବନ୍ତୁ ମମ ଜନ୍ମଜନ୍ମନି ।

ଏହିସବୁରେ ପୁରୋହିତ ହୋଇ ଓଡ଼ିଆମାନେ ଜୀବନଯାପନ କରୁଥିଲେ । ପୁରୁଷୋତ୍ତମ ସଦା ଶାନ୍ତିମୟ ସ୍ଥାନ । ଏଠାରେ ବାୟୁ ମଧ୍ୟ ଶାନ୍ତିପ୍ରଦ । ସ୍ଥାନଟି ସମୁଦ୍ରକୂଳରେ ଅବସ୍ଥିତ । କେହି କେହି ଏ ସ୍ଥାନକୁ ଅତ୍ୟନ୍ତ ପ୍ରାଚୀନ କାଳରେ ଶଙ୍ଖଦ୍ୱୀପ ବୋଲି କହୁଥିଲେ । ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧ ପରେ ଏ ସ୍ଥାନରେ ଥିବା ଶ୍ରୀଅଙ୍ଗଲତା ତଳେ ବିଶ୍ରାମ କରିଥିଲେ । ଜରାଶବର ଏ ସ୍ଥାନରେ ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରିଥିଲା । ଏ ସ୍ଥାନରେ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରାଣପ୍ରୟାଣ ହୋଇଥିଲା । ଶ୍ରୀକୃଷ୍ଣଙ୍କ ସ୍ତ୍ରୀମାନେ ଅର୍ଜୁନଙ୍କଠାରୁ ବଳ ଗ୍ରହଣ କରି ଏହି ସ୍ଥାନରେ ଦେହୋତ୍ସର୍ଗ କରିଥିଲେ । ଅର୍ଜୁନ ଏହି ସ୍ଥାନରେ ଶ୍ରୀକୃଷ୍ଣଙ୍କ ଶବଦାହ କରିଥିଲେ । ନାଭିପ୍ରଦେଶ ଅଦଗ୍ଧ ରହିବାରୁ ସେ ଅଂଶ ସମୁଦ୍ରରେ ନିକ୍ଷିପ୍ତ ହୋଇଥିଲା । ସେହି ଅଂଶ ଦାରୁରୂପରେ ଭାସିବାରୁ ସ୍ୱପ୍ନାଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଦାରୁ ଆଣାଇ ଜଗନ୍ନାଥ ପ୍ରଭୃତି ମୂର୍ତ୍ତି ନିର୍ମାଣ କରାଇ ପୂଜା କରିଥିଲେ । ଏହା ପ୍ରାଚୀନ କିମ୍ବଦନ୍ତୀ । ଏହିହେତୁରୁ ପୁରୀର ପବିତ୍ରତା ଅନାଦିସିଦ୍ଧ ।

ମାଦଳାପାଞ୍ଜି — ଏ ପାଞ୍ଜି ବହୁକାଳରୁ ରକ୍ଷିତ ହୋଇ ଅଛି । ଏଥିରେ ଦେଉଳର ତଥା ଓଡ଼ିଶାର ପ୍ରଧାନ ପ୍ରଧାନ ଘଟଣାମାନ ଉଲ୍ଲେଖ ଥାଏ । ମର୍ଦ୍ଦଳାକାରରେ ପାଞ୍ଜି ବନ୍ଧାହୋଇ ରହେ, ତେଣୁ ଏହାର ନାମ ମାଦଳା-ପାଞ୍ଜି । ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ ଏହି ପାଞ୍ଜିକୁ ଅନେକ ସମ୍ବାଦ ନେଇ ନାନା ପ୍ରକାର ଆଲୋଚନା କରିଥାନ୍ତି । ମାଦଳାପାଞ୍ଜିରେ ଅନେକଗୁଡ଼ିଏ ସାମଗ୍ରୀ ଅଛି । ପୂର୍ବର ବହୁତ ଭଲ ପାଞ୍ଜି କାଳକ୍ରମେ ନାନା କାରଣରୁ ବିଶୃଙ୍ଖଳ ହୋଇଯାଇଛି । ମାଦଳାପାଞ୍ଜିରୁ କେତେଗୋଟି ପ୍ରଧାନ ଘଟଣା ଦୃଷ୍ଟାନ୍ତ ସ୍ୱରୂପ ନିମ୍ନରେ ଦେଲୁଁ । ମାଦଳାପାଞ୍ଜିର ଭାଷାରେ ଲେଖାଗଲା ।

୧ । ବୀରକିଶୋର ଦେବଙ୍କ ୫୩ ଅଙ୍କରେ ଗଉଡ଼ ନରୋତ୍ତମ ଭୁଆଁଣ ।

୨ । ରାମଚନ୍ଦ୍ର ଦେବଙ୍କ ୧୪ ଅଙ୍କରେ ପରମେଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ ଗୋପାଳ ଥଠଗଡ଼ ମେରଦାରୁ ବାହୁଡ଼ାଦିନେ କରି ପୁରୀକି ଆସିଥିଲେ ।

୩ । ଦିବ୍ୟସିଂହ ଦେବଙ୍କ ୨ ଅଙ୍କରେ ସାରଳା ବଡ଼ଦେଉଳମଣ୍ଡି ଶରଣ ଭୀମଦେବ ପାଣ୍ଡୁଙ୍କି ହାତ ଓଟେର ନେଇ ପ୍ରଭୁଙ୍କ ଦର୍ଶନ କରିଥିଲେ । ଏହି ବର୍ଷ ଚଣ୍ଡାଏକ ବଡ଼ଦେଉଳମଣ୍ଡି ଜାଗୃତ ଦେବଙ୍କ ଦର୍ଶନ ।

୪ । ଦିବ୍ୟସିଂହ ଦେବଙ୍କ ୩ ଅଙ୍କରେ ପଶ୍ଚିମ ଭୁବନେଶ୍ୱର ମହାପାତ୍ର ଚଣ୍ଡାଏକ ଦର୍ଶନ, ଯମୁନାର ଭକ୍ତଙ୍କ ଦର୍ଶନ, ସ୍ୱମୁଣ୍ଡଟାଙ୍ଗି, ଶାଢ଼ୀବନ୍ଧା ।

୫ । ମୁକୁନ୍ଦଦେବଙ୍କ ୫ ଅଙ୍କରେ ଆଠଗଡ଼ ବୃନ୍ଦାବନ ସ୍ୱରୂପମଠଙ୍କ ଶାଢ଼ୀବନ୍ଧା, ଦର୍ଶନ, ଶୋଧ । ୨୭ ଅଙ୍କ ମହୁରୀ ନରେନ୍ଦ୍ରଙ୍କ ଦର୍ଶନ । ୪୧ ଅଙ୍କ ବୋଦଲା ଆଠଗଡ଼ କାଶୀ ଗଳ୍ପି ବୋଇତ ନଣ୍ଡାଏତଙ୍କ ଦର୍ଶନ ।

୬ । ବୀରକିଶୋର ଦେବଙ୍କ ୪୫ ଅଙ୍କ ଖଣ୍ଡପଡ଼ା ମର୍ଦ୍ଦରାଜ ଭ୍ରମରବର-ରାୟଙ୍କ ଶାଢ଼ୀବନ୍ଧା ଓ ଦର୍ଶନ । ୪୬ ଅଙ୍କ ସମ୍ବଲପୁର ରାଜା ଅଭୟସିଂହଙ୍କ ଦର୍ଶନ ।

୭ । ରାମଚନ୍ଦ୍ର ଦେବଙ୍କ ୪୪ ଅଙ୍କ ମଞ୍ଜୁଷା ଜମିତ ରାଜମଣି ଦେଈଙ୍କ ଦର୍ଶନ ।

୮ । ବୀରକିଶୋର ଦେବଙ୍କ ୩ ଅଙ୍କରେ ଶ୍ରୀରାମଦାସ ମଠ ମହନ୍ତ ଚତୁର୍ଭୁଜ ଦାସଙ୍କ ଚେଲା ହୟଗ୍ରୀବ ଦାସଙ୍କ ଉପନୟନ ଅଭିମାନ ତାଗିବାଧ ଦେଖିଲ ଦ୍ୱେଷଯୋଗେ ପଣ୍ଡାଙ୍କ ଘର ପୋଡ଼ିଗଲା ।

୯ । ତୁଳସୀ ବାଜପେୟୀ କୋଇଲିବୈକୁଣ୍ଠ ଜଗତୀ ନିର୍ମାଣ କରାଇଥିଲେ । ସୂର୍ଯ୍ୟବଂଶୀ କପିଳେନ୍ଦ୍ର ଦେବଙ୍କ ରାଜତ୍ୱରେ ଅଧିକ ଭୋଗ ବଢ଼ାଇଲେ । ଗୁଣ୍ଡିଚାଘର ପାଖେ ନେଳପଡ଼ା ସଙ୍ଗେ ଟଳପଡ଼ା କରି କୁମ୍ଭାରପଡ଼ା ବସାଇଲେ । ଏ ଭୂଇଁ କୁମ୍ଭାରେ ମିଶି ଦେବା ଲେଖିଲେ । ଶଙ୍ଖପଦ୍ମ, ଚକ୍ରପଦ୍ମ, ପଦ୍ମପଦ୍ମ, ଗଦାପଦ୍ମ ଏ ଚାରି ପଦ୍ମର ନାମ ଆଜ ହୋଇ କୋଳିକରେ ଉଚ୍ଚନ ପଦ୍ମ, ଦଣ୍ଡ ପଦ୍ମ, ଏକମୁଠିଆ ପଦ୍ମ, ପାଣିବଲା ପଦ୍ମ, ପାଞ୍ଚଅଙ୍ଗୁଳିଆ ପଦ୍ମ । ପୁରୁଷୋତ୍ତମ ଦେଶରେ ସନ୍ନ୍ୟାସ ୧୧, ମୁଦ୍ରାହସ୍ତ ୧, ପ୍ରଧାନ ୧, ପଢ଼ ୧, ମହାନ୍ତ ୧, କର ୧, ସାହୁଡ଼ ୧, ଖୁଣ୍ଟିଆ ୧ ଏପରି ୩୦ ଦେଶରେ କରଣ । ଗଙ୍ଗବଂଶ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ ବଡ଼ଦେଉଳ ସେବକମାନଙ୍କ କସୁର ହେଲେ ଘୋଡ଼ା ପୃଷ୍ଠରେ ମାଡ଼ ହେଉଥିଲା । ଅନଙ୍ଗଦେବଙ୍କ ସମୟରେ ଏ ପ୍ରଥା ଉଠିଯାଇ ବେତ ଭିଆଣ ହେଲା ।

୧୦ । ବୀରକିଶୋର ଦେବଙ୍କ ୭ ଅଙ୍କ ବଡ଼ଖେମଣ୍ଡି ଲକ୍ଷ୍ମୀନାରାୟଣ ଅନଙ୍ଗଭୀମଙ୍କ ଶରଣ ପଶିଲେ ।

୧୧ । ଦିବ୍ୟସିଂହ ଦେବଙ୍କ ୫ ଅଙ୍କ ମହନ୍ତମାନଙ୍କ ଶାଢ଼ୀବନ୍ଧା ।

୧୨ । ଦିବ୍ୟସିଂହ ଦେବଙ୍କ ୧୨ ଅଙ୍କ ଭଗବାନ ସୁଦ୍ଧସିଂହଙ୍କ ଦର୍ଶନ ।

୧୩ । ଦିବ୍ୟସିଂହ ଦେବଙ୍କ ୯ ଅଙ୍କ ବଡ଼ମ୍ବା ଗୋପୀନାଥ ମର୍ଦ୍ଦରାଜ ଦେବଙ୍କ ଶାଢ଼ୀବନ୍ଧା ।

୧୪ । ମୁକୁନ୍ଦ ଦେବଙ୍କ ୧୪ ଅଙ୍କ ୧୨୧୬ ସାଲ ମୁର୍ଶିଦାବାଦ ବାହାଦୁର ସିଂହ ପ୍ରଭୃଙ୍କ ରଘୁନାଥ ବେଶ କରାଇବା । ରାମଚନ୍ଦ୍ର ଦେବଙ୍କ ୧୯ ଅଙ୍କ ୧୨୪୦ ସାଲ ରଘୁନାଥ ବେଶ । ବୀରକିଶୋର ଦେବଙ୍କ ୩ ଅଙ୍କ ରଘୁନାଥ ବେଶ । ପାଣ୍ଡୁକୂଦ ଝଣ୍ଟାଏତଙ୍କ ଦର୍ଶନ ଓ ଶାଢ଼ୀବନ୍ଧା ।

୧୫ । ମୁକୁନ୍ଦଦେବଙ୍କ ୧୬ ଅଂକ ୧୨୧୮ ସାଲ ଡିଗିରିଆ ମହାଲଏକ ବନମାଳୀ ଭମରସିଂହ ମହାପାତ୍ରଙ୍କ ବାଡ଼ପରଗ୍ଣ ପଣ ଶାଢ଼ୀବନ୍ଧା । କେନ୍ଦ୍ରାପଡ଼ା ଜମିଦାର ବଳରାମ ଭ୍ରମରବରଙ୍କ ଶାଢ଼ୀବନ୍ଧା ।

୧୬ । ମୁକୁନ୍ଦଦେବଙ୍କ ୩ ଅଂକ ୧୨୧୦ ସାଲ ମୁକ୍ତିମଣ୍ଡପରେ ବ୍ରାହ୍ମଣ ବୈଠକ ।

୧୭ । ଦିବ୍ୟସିଂହ ଦେବଙ୍କ ୬ ଅଂକ ଦେଓ୍ୱାନ ବାବୁ ମାଧବଲାଲ ମଠରେ ବୈଷ୍ଣବ ଜନସୁମାରି ।

୧୮ । ଦିବ୍ୟସିଂହ ଦେବଙ୍କ ୧୯ ଅଙ୍କ ଦେଉଳରୁ ପଥର ଖସିବା ।

୧୯ । ରାମଚନ୍ଦ୍ର ଦେବଙ୍କ ୪ ଅଂକ କୁଜଙ୍ଗ ମର୍ଦ୍ଦରାଜ ବୀର ନରେନ୍ଦ୍ରଙ୍କ ଛାମୁଚିଠାଉ । ନାନକପନ୍ଥୀ ଶାଢ଼ୀବନ୍ଧା ୧୨୬୩ ସାଲ ।

୨୦ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ ଖୋର୍ଦ୍ଧା ସାଇ କାଗଜ ବୁଝିବା ।

୨୧ । ଜଗନ୍ନାଥଦେବେଶ୍ୱରଙ୍କ ଅଙ୍ଗରୁ ବଳାଇଣ୍ଡି ଠାରୁ ନାଲି ସାଢ଼ି ବାନ୍ଧି ମୁହାଣରେ ମିଶିଥିବାରୁ ୨ ଜଣ ରହିଥିବା କର୍ମୀଙ୍କ ତୈଳ-ଶ୍ରେଣୀକୁ ବନ୍ଧ ।

୨୨ । ରାମଚନ୍ଦ୍ର ଦେବଙ୍କ ୧୦ ଅଙ୍କ ଜଗଲକ୍ଷ୍ମୀ ଦେଓ୍ୱାନ ହେବା ।

୨୩ । ମୁକୁନ୍ଦଦେବଙ୍କ ୧୩ ଅଙ୍କ ବିମଳା ଦେଉଳରେ ଶାରଣା ପଶିବା । ୧୯ ଅଙ୍କରେ ବିମଳାଙ୍କ ପଟୁଆରେ ମାଟିମଣ୍ଡପଠାରୁ ଲେଉଟ ଫୁଲଝରା ପ୍ରବନ୍ଧ ନାଟକ କରିଥିଲେ । ପ୍ରାଣନାଥ ଚକ୍ରବର୍ତ୍ତୀ ତହସିଲଦାର ଥିଲେ ।

୨୪ । ଦିବ୍ୟସିଂହ ଦେବଙ୍କ ୨୫ ଅଙ୍କ ସୁରଙ୍ଗୀ ନଳାଦ୍ରି ଭୂଷଣଚନ୍ଦନ ଜଗଦେବଙ୍କ ପୁଅଙ୍କ ଦର୍ଶନ, ଶୋଧ । ଗଡ଼ଖଣ୍ଡ ଚନ୍ଦ୍ରଲକ୍ଷ୍ମୀ ପରଗ୍ଣା । ବାଙ୍କି ଶ୍ରୀଚନ୍ଦନ ପରଗ୍ଣା । କୃଷ୍ଣ ନରେନ୍ଦ୍ର ରଣଏଡ଼ଗଡ଼ ଥିଲେ ।

୨୫ । ପଦ୍ମନାଭ ଦେବଙ୍କ ୬ ଅଙ୍କ ଦେଓ୍ୱାନ ଖସ୍ୱାଲି ରାମ ।

୨୬ । ରାମଚନ୍ଦ୍ର ଦେବଙ୍କ ୫ ଅଙ୍କ ଢେଙ୍କିଆ ରାଜାଂକ ଦର୍ଶନ ଏବଂ ଲେଖ ପରୀକ୍ଷା ପତ୍ର ଶାସ୍ତି ।

୨୭ । ରାମଚନ୍ଦ୍ର ଦେବଙ୍କ ୩୨ ଅଙ୍କ ୧୬୫୦ ସାଲ ଢେଙ୍କାନାଳ ଖଣ୍ଡାଏତ ଦର୍ଶନ ।

୨୮ । ବଳଭଦ୍ର ଦେବଙ୍କ ୭ ଅଙ୍କ ପଟିଅ ରାଜାଙ୍କ ଶାସ୍ତି, ମଧୁପ ନରେନ୍ଦ୍ରଙ୍କ ଶାସ୍ତି, ଢେଙ୍କାନାଳ ଶାସ୍ତି ।

୨୯ । ରାମଚନ୍ଦ୍ର ଦେବଙ୍କ ୧୦ ଅଙ୍କ କଣିକା ଭଞ୍ଜ ଶାସ୍ତି ପାଇବା ।

୩୦ । ଦିବ୍ୟସିଂହ ଦେବଙ୍କ ୩୩ ଅଙ୍କ କେନ୍ଦୁଝର ଶାସ୍ତି ।

୩୧ । ମୁକୁନ୍ଦଦେବଙ୍କ ୨୬ ଅଙ୍କ ସମ୍ବଲପୁର ଶାସ୍ତି, ୯ ଅଙ୍କ ମଧୁପୁର ନରେନ୍ଦ୍ରଙ୍କ ଶାସ୍ତି, ୬ ଅଙ୍କ ପାଣ୍ଡୁଆ ଖଣ୍ଡାଏତ ଶାସ୍ତି, ୩ ଅଙ୍କ ଖଲ୍ଲିକୋଟ ଭୂୟାଁ ଶାସ୍ତି ।

୩୨ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ ବୋଲଗଡ଼ ଭୂପତିଚନ୍ଦନଙ୍କ ଶାସ୍ତି ।

୩୩ । ବୀରକେଶରୀ ଦେବଙ୍କ ୪ ଅଙ୍କ ଦାସପୁର ଦେବଭୀମଙ୍କ ଶାସ୍ତି ।

୩୪ । ମୁକୁନ୍ଦଦେବଙ୍କ ୩୮ ଅଙ୍କ ଲୁପନଜଙ୍ଗି ଦେଓ୍ୱାନ ମାନସିଂହ ଓ ସମ୍ବଲପୁର ମଧୁକର ସାଏଙ୍କ ଦର୍ଶନ ଓ ଶାସ୍ତି ।

୩୫ । ରାମଚନ୍ଦ୍ର ଦେବଙ୍କ ୮ ଅଙ୍କ କିଲ୍ଲୁକ ମହାରଥିଙ୍କ ଶାସ୍ତି ।

୩୬ । ଦିବ୍ୟସିଂହ ଦେବଙ୍କ ୨୭ ଅଙ୍କରେ ତାଳଯୋଡ଼ା ଖଣ୍ଡାଏତ ଶାସ୍ତି, ୭ ଅଙ୍କରେ ଗଡ଼ଦାଣୀ ଦେଉଳ କଟାଣ ପଟିଅ ରାଜା ପାଦଭୂପତିଙ୍କ ଲୁଟିଖାଇ ଦେଇ ଦର୍ଶନ ପାଇବା ଅନୁମାନ ।

୩୭ । ୧୬୨୯ ମୟୂରଭଞ୍ଜ ଓ ଦଶପଲ୍ଲା ।

## ଭୂମୁଚିଟାଉର ନମୁନା

ରାମଚନ୍ଦ୍ର ଦେବ'ଙ୍କ ୧୭ ଅଙ୍କ ଧନୁ ୪ ଦିନ ଖୋର୍ଦ୍ଧଖଣ୍ଡ ରାଜା ଶ୍ରୀ ମହାପାତ୍ର ଖୋର୍ଦ୍ଧଖଣ୍ଡ କରମୂଳ ପାଟଣା ତହର ରାଜା ଶ୍ରୀ ବିଦ୍ୟାଧର ମହାପାତ୍ର ସେ ଦରଶନକୁ ଆସିଅଛନ୍ତି ଯେ ଆମ୍ଭ ପିତା ଦନାଇ ବିଦ୍ୟାଧର ମହାପାତ୍ରଙ୍କର ପୁତ୍ର ମହାରାଜା ଗୋବିନ୍ଦ ବିଦ୍ୟାଧର ମହାପାତ୍ରଙ୍କର ମଧ୍ୟ ସ୍ୱଭ ହୁଅନ୍ତି । ଏ ଶ୍ରନକଣ ସୂର୍ଯ୍ୟବଂଶୀ କ୍ଷତ୍ରୀ । ଏହାଙ୍କ କୁଳ ପଦ୍ଧତି ସିଂହ ଥିଲା । ଏମାନେ ପଶ୍ଚିମରୁ ଆସି ଓଡ଼ିଶାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣ ତଳେ ଆଶ୍ରା କରିବାରୁ ଶ୍ରୀମହାପ୍ରଭୁଙ୍କ ଆଜ୍ଞା ପ୍ରମାଣେ ସେବା ପ୍ରମାଣେ ରଜ୍ଜ ପାଦଶାତ୍ରୀ ନେଇ ବିଦ୍ୟାଧର ମହାପାତ୍ର ପଦ ଏ ଉତ୍ତୁରୁ ପାଇଲେ । ତଦ୍ଧିହାରିରୁ ଗୋବିନ୍ଦ ବିଦ୍ୟାଧର ମହାପାତ୍ର ଓଡ଼ିଶା ମହାରାଜାଙ୍କ ଦକ୍ଷିଣ କଟକାଭରେ ସାହାଯ୍ୟ କଲାରୁ ତାଙ୍କୁ ଅନୁଗ୍ରହ କରି ଖୋର୍ଦ୍ଧଖଣ୍ଡ କରମୂଳ ପାଟଣା ପ୍ରଦାନ କରି ସେହି ଖୋର୍ଦ୍ଧଖଣ୍ଡରେ ରାଜା କରିଥିଲେ । ଏହି ସ୍ୱରୂ ବିଦ୍ୟାଧର ମହାପାତ୍ରଙ୍କୁ ମୀନକେତନ ଛତ୍ର, କଟାରି, ପଗଡ଼ି ମଧ୍ୟ ପଲ୍ଲକ ଦିଆଗଲା ।

---

ଶ୍ରୀପୁରୁଷୋତ୍ତମ ବଡ଼ଦେଉଳ ପରିଚ୍ଛଙ୍କ ଭୂମୁଚିଟାଉ । ଢେଙ୍କାନାଳ ଖୋର୍ଦ୍ଧ-ଖଣ୍ଡ ରାଜା ଲୋକନାଥ ସିଂହ ଭ୍ରମରବର ମହାପାତ୍ର ସେ ଦର୍ଶନକୁ ଆଇଲେ ସେ ଆମ୍ଭର ସ୍ୱଭ ହୁଅନ୍ତି । ଏହାଙ୍କୁ ସଙ୍କ୍ରାନ୍ତି × × କନେପ ୨୬ ଦିନ ।

---

ସିଦେଲ ସାହେବଙ୍କ ମାନ୍ଦ୍ରାଜର ସ୍ମୃତିସ୍ତମ୍ଭର ଅବଶେଷ ନାମକ ପୁସ୍ତକର ୩୬ ପୃଷ୍ଠାରେ ଲେଖାଅଛି—ଆଠଗଡ଼ ଜମିଦାରୀର ପଥୁରି ନାମକ ଗ୍ରାମରେ ଗୋଟିଏ ମନ୍ଦିର ଅଛି । ଉକ୍ତ ମନ୍ଦିର ୩ ଗୋଟି ବୃହତ୍ ପ୍ରସ୍ତର ସ୍ତମ୍ଭ ଉପରେ ନିର୍ମିତ । ଏହି ମନ୍ଦିରକୁ ନୈରବଦା କହନ୍ତି । ରାଜା ରାମଚନ୍ଦ୍ର ଦେବଙ୍କ ୬ ଅଙ୍କରେ ମୁସଲମାନ ତକୀଖାଁ ଆକ୍ରମଣ କଲେ । ସେହି ଭୟରେ ଜଗନ୍ନାଥ ଦେବ ମୂର୍ତ୍ତିକୁ ସେଠାକୁ ସ୍ଥାନାନ୍ତରିତ କରାଇଥିଲେ । ଜଗନ୍ନାଥଙ୍କ ସ୍ଥାନାନ୍ତର ନିବାହାରୀ ବର୍ଷକୁ ୯ ଲକ୍ଷ ଟଙ୍କା ଲୋକସାନ ହେଲା । ଯାତ୍ରୀମାନେ ପୁରୀକୁ ଆସିଲେ ନାହିଁ । ସେ ଆସିଲେ ତାଙ୍କଠାରୁ ଭେଟ ସିଣ୍ଡି ମିଳିଲା ନାହିଁ । ୧୭୩୪ ଖ୍ରୀଷ୍ଟାବ୍ଦରେ ତକୀଖାଁଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ ମୁର୍ଶିଦକୁଲିଖାଁ ଠାକୁରମାନଙ୍କୁ ପୁରୀକୁ ଆଣିବାକୁ ହୁକୁମ ଦେଇଥିଲେ । ତଦାନୀନ୍ତନ ଆଠଗଡ଼ ରାଜା

ଗୋବିନ୍ଦ ହରିଚନ୍ଦନ ଥିଲେ । ଓଡ଼ିଶା ରାଜା ତାଙ୍କର ଏ କାର୍ଯ୍ୟ ଲାଗି ତାଙ୍କୁ ଜଗଦେବ ପଦ ଦେଇଥିଲେ ଏବଂ ସେହି ଦିନଠାରୁ ତାଙ୍କର ମହତ୍ତ୍ୱ ବୃଦ୍ଧି ହେଲା । ମେରଦା ନାମକ ଗ୍ରାମ ବସାଇ ଜଗନ୍ନାଥଙ୍କ ସେବାରେ ଖଞ୍ଜିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ମେରଦା ଗାଁଅରୁ ପୂଜା ଯାଉଅଛନ୍ତି । ପରବର୍ତ୍ତୀ ରାଜା ଦମ୍ବର ରାଜାଙ୍କ ସହିତ ଯୋଗ ହୋଇ ଦିବ୍ୟସିଂହ ଦେବଙ୍କୁ ଶତ୍ରୁ ହସ୍ତରୁ ରକ୍ଷା କରିବା କାର୍ଯ୍ୟରେ ସାହାଯ୍ୟ କରିଥିଲେ । ତେଣୁ "ଶରଣପଞ୍ଜର ମାନୋଦ୍ଧାରଣ" ପଦ ପାଇଥିଲେ । ମାଦଳାପାଞ୍ଜିରେ ମେରଦା ବିଷୟ ଉଲ୍ଲେଖ ଅଛି ମାତ୍ର "ଶରଣ ପଞ୍ଜର" କଥା ନାହିଁ । ମାତ୍ର ଚିଲିକାରେ ଥିବା ପାଲପଟି ପୋଥିରେ ଏ ବିଷୟ ଉଲ୍ଲେଖ ଅଛି । ମୁକୁନ୍ଦଦେବଙ୍କ ୮ ଅଙ୍କରେ ସେ ଇଂରେଜମାନଙ୍କଦ୍ୱାରା କଟକରେ ପରାସ୍ତ ହୋଇ ଆଠଗଡ଼ର ବୃନ୍ଦାବନଚନ୍ଦ୍ର ହରିଚନ୍ଦନଙ୍କ ଆଶ୍ରୟରେ ଥିଲେ । ଗଜପତି ରାମଚନ୍ଦ୍ର ଦେବଙ୍କ ଉପଦେଶକ୍ରମେ ଆଠଗଡ଼ର ରଘୁନାଥ ହରିଚନ୍ଦନ ସେନାପତି ହୋଇ ବାଣପୁର ରାଜାଙ୍କୁ ରାଜ୍ୟରୁ ବାହାର କରି ଦେଇଥିଲେ । ମଧୁସୂଦନ ହରିଚନ୍ଦନ ଗଜପତି ମହାରାଜାଙ୍କ ଆଦେଶକ୍ରମେ ଖଲ୍ଲିକୋଟ ମେଳି ଭାଙ୍ଗି ମଦନଗୋପାଳ ମର୍ଦ୍ଦରାଜଙ୍କୁ ଖଲ୍ଲିକୋଟରେ ରାଜା କଲେ ।

## ନୀଳାଦ୍ରିମହୋଦୟ ୨୯ ଅଧ୍ୟାୟ ।

ପଶ୍ଚିମସ୍ୟାଂ ଦିଶି ଶ୍ରେଷ୍ଠା ବେଦ୍ୟା ନାମ ଶିଶ୍ରନ୍ତପଃ ।
ବର୍ତ୍ତତେ ଯସ୍ୟ ଦୈର୍ଘ୍ୟଷ୍ଟା ବିଷ୍ଣୁ ପାଦଦ୍ୱୟଂ ପୁରୀ ।
ସ୍ଥାପସ୍ଥିତାର୍ଦ୍ଧପୁଷ୍ପାସ୍ତୃତା କର୍ତ୍ତାପ୍ୟସୌ ।
ମହାନଦୀତି ବିଖ୍ୟାତା ପୂର୍ବସାଗର ଗାମିନୀ ।
ବର୍ତ୍ତତେ ପୁଣ୍ୟଦାନାଥ ଗଙ୍ଗେବ ମୁକ୍ତିଦାୟିନୀ ।
ଏତସ୍ୟାସ୍ତୁଟ ଭୂଦେଶେ ସ୍ଥଳଦ୍ୱୟମନୁତ୍ତମଂ ।
ପୁଣ୍ୟଂ ସଙ୍ଗୋଥମଧ୍ୟଂ ଚୀଃ ସ୍ୱସ୍ତମସ୍ତି ମହୀତଳେ ।
ଏକଞ୍ଚ ତୁ ସୁବର୍ଣ୍ଣାଖ୍ୟଃ ଶୈବୋଽପ୍ୟସ୍ତି ଗିରୌ ମହାନ୍ ।
ତଥାତ୍ରୈ ମାଧବଃ ଶ୍ରୀମାନ୍ ଭକ୍ତାନୁଗ୍ରହକାରକଃ ।
ତସ୍ମାତ୍ ପୁଣ୍ୟତମା ଭୂପ ନଦୀ ଚିତ୍ରୋତ୍ପଳା ଭୁଧା ।
ସ୍ନାନଂ ଯେ କୁର୍ବତେ ମର୍ତ୍ତ୍ୟା ଭକ୍ତ୍ୟାସ୍ୟାଂ ନିର୍ମଳେ ଜଳେ ।
ସପ୍ତଜନ୍ମାର୍ଜିତଂ ପାପଂ ନଶ୍ୟତ୍ୟେଷାଂ ନ ସଂଶୟଃ ।
ଗୋସହସ୍ରପ୍ରଦାନେନ ଯତ୍ଫଳଂ ଲଭ୍ୟତେ ନୃପ
ତତ୍ଫଳଂ ତ ଲଭେଦସ୍ୟାଂ ତଟାଃ ଯସ୍ମିନ୍ ମଜ୍ଜନାତ୍ ।
ଉଦାଗ୍ରଂ ନୃପଶାର୍ଦ୍ଦୂଲ ସଂଜ୍ଞାର୍ଥ ଚରଥା ନଦୀମ୍ ।

ସ୍ନାନମତ୍ର ଅତ୍ରାପି ତୁ ସମାପ୍ୟ ନାଳକାର୍ଣ୍ଣ ତତ୍
କର୍ଣ୍ଣିକାଂ ତଂ ମହାବିଦ୍ୟୋଃ ଶକ୍ତିଂ ଚ ପରଲୋକସ୍ୟ ।
ସେନ୍ଦ୍ୟମେବତ୍ ଶିଖପଦେବ ନଦୀଂ ତର୍ପୟେଦ୍ଭୂ ଭୂଜନ୍ ।
ଲଭନ୍ତ୍ୟା ତଂ ପୁନଃସ୍ନାତ୍ୱ ବୁଦ୍ଧପ୍ରେତ ମହାମୁନେଃ ।
ଶକ୍ତ୍ୟା ବୈତଦକେ ଯାତ୍ରେ ଯୁଷ୍ମା ପଣ୍ୟ ତରଙ୍ଗିଣୀ ।
ଦ୍ୱେଷୋପଂକ୍ତେନ ପଦ୍ମତ୍ରଂ ସା ପ୍ରାପ୍ନୋତି କୁଶଗଅଙ୍କ ।
ଏତସ୍ମିନ୍ନମ ଦେବେଶ ତ ତସ୍ୟତୀର୍ଥଂ ସୁପାବନମ୍ ।
ଦ୍ୱାଦଶନାମି ଲୋକାନାଂ ସଂସାରେ ନତୁ ଯାସ୍ୟତି ।

# ବ୍ୟବସାୟ ବାଣିଜ୍ୟ

ବର୍ତ୍ତମାନ ଓଡ଼ିଆମାନଙ୍କ ଦୁରବସ୍ଥା ଦେଖିଲେ କିଏ ମନେ କରିବ ଯେ ଏ ଜାତି ଦିନେ ବାଣିଜ୍ୟ ବ୍ୟବସାୟ କରୁଥିଲା ? କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ସାହାଯ୍ୟରେ ଅନ୍ୟ ଦେଶକୁ ଯିବା ଆସିବା କରୁଥିଲେ ? କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ପ୍ରସ୍ତୁତ କରିବାର ପ୍ରଣାଳୀ ଜାଣିଥିଲେ ? ଏବଂ କିଏ ବିଶ୍ୱାସ କରିବ ଯେ ଏମାନେ ଅର୍ଣ୍ଣବପୋତ ନିର୍ମାଣ କରିବାଲାଗି ଯେ କି ସାମଗ୍ରୀ ଆବଶ୍ୟକ ହୁଏ, ତାହା ମଧ୍ୟ ଚିହ୍ନିଥିଲେ ? କିଏ ବିଶ୍ୱାସ କରିବ ଯେ ଏ ଜାତିର ପୂର୍ବପୁରୁଷମାନେ ଦିନେ ଜାଭା ଓ ବାଲିଦ୍ୱୀପକୁ ଯାଇ ବସତି ସ୍ଥାପନ କରିଥିଲେ, ବାଣିଜ୍ୟ ବ୍ୟବସାୟ କରିଥିଲେ ଏବଂ ବାଣିଜ୍ୟ ବ୍ୟବସାୟ କରି ବିଦେଶରେ ବୈଜୟନ୍ତୀ ଉଡ଼ାଇଥିଲେ ?

ଏକଥା ଅନ୍ୟମାନେ ଶୁଣିଲେ ଥଟ୍ଟା ସ୍ୱରରେ ଉଡ଼ାଇଦେଇ ପାରନ୍ତି, କେହି ବିଦ୍ରୂପ କରିପାରନ୍ତି; ମାତ୍ର ସତ୍ୟ ସର୍ବଦା ସତ୍ୟ ହୋଇଥିବ । ଏ ବହୁକାଳର କଥା, ସୁଦୂର ଅତୀତ କଥା । ଏ ବିଷୟର ପ୍ରମାଣ ଖୋଜିଲେ ସନ୍ତୋଷଜନକ ପ୍ରମାଣ ମିଳିବା କଠିନ; ଯାହା ମିଳିବ ତାହା ଅତି ଅଳ୍ପ । ତଥାପି ତାହାର ଅନୁସନ୍ଧାନ ଆବଶ୍ୟକ ।

ଆଜି ସମୁଦ୍ରଯାତ୍ରା ସମ୍ବନ୍ଧେ ଯେପରି ଘୋର ଆପତ୍ତି ଶୁଣାଯାଏ, ତହିଁରୁ ସାଧାରଣତଃ ଲୋକେ ମନେ କରିବେ ଯେ ଏ ଜାତି କେବେ ସମୁଦ୍ର ପରପାରକୁ ଯାଇ ନଥିବ ! ଆଜି ବିଲାତ ପ୍ରତ୍ୟାଗତ ଲୋକମାନଙ୍କୁ ସମାଜ ଯେପରି ଘୃଣା ଚକ୍ଷୁରେ ଦେଖେ, ତହିଁରୁ ସହଜରେ ଅନୁମିତ ହେବ ଯେ ଲୋକେ ପୂର୍ବେ କେବେ ସମୁଦ୍ର ପରପାରକୁ ଯାଇ ନ ଥିବେ । ମାତ୍ର ପୂର୍ବେ ଏପରି ନ ଥିଲା । ପୂର୍ବେ ଲୋକମାନେ ବାଣିଜ୍ୟ କରିବା ଲାଗି ସମୁଦ୍ର ପରପାରକୁ ଯାଉଥିବାର ଯଥେଷ୍ଟ ପ୍ରମାଣ ମିଳିବ ।

ମାଦଳାପାଞ୍ଜିରୁ ଦେଖାଯାଏ ଯେ ଚୋଡ଼ଗଙ୍ଗଙ୍କ ବଂଶଦ୍ୱାରା ଜଳଯାନ ପ୍ରସ୍ତୁତ କରାଇଥିଲେ । କି ପ୍ରକାର କାଠ କି କାର୍ଯ୍ୟର ଉପଯୋଗୀ ଏକଥା ମଧ୍ୟ ସେତେ-

ବେଳେ ଲୋକମାନଙ୍କୁ ଜଣାଥିଲା । ଭୋଜରାଜା ଜାହାଜ ପ୍ରସ୍ତୁତ କରିବାର ଉପାୟାବଳୀ ଲିପିବଦ୍ଧ କରି "ଯୁକ୍ତିକଳ୍ପତରୁ" ନାମକ ପୁସ୍ତକ ସଂସ୍କୃତଭାଷାରେ ପ୍ରଣୟନ କରାଇଥିଲେ । ଏ ପୁସ୍ତକ ବିଷୟ ନେଇ ରାଧାକୁମୁଦ ବାବୁ "ଭାରତୀୟ ଅର୍ଣ୍ଣବପୋତ" ନାମକ ପୁସ୍ତକ ଇଂରାଜୀ ଭାଷାରେ ଲେଖିଛନ୍ତି । ଭୋଜରାଜା ନୌକା ନିର୍ମାଣ ସମ୍ବନ୍ଧରେ ବିଶେଷ ଦକ୍ଷତା ଲାଭ କରିଥିଲେ । ତାହାର ପ୍ରମାଣ ସ୍ୱରୂପ ନିମ୍ନରେ କେତେ ଗୋଟି ଶ୍ଲୋକ ଦେଲୁଁ ।

"କ୍ଷତ୍ରିୟକାଷ୍ଠୈର୍ଘଟିତା ଭୋଜମତେ ସୁଖସମ୍ପଦ ନୌକା
ଅନ୍ୟେ ଲଘୁଭିଃ ସୁଦୃଢୈର୍ବିଦଧତି ଜଳଦୁଷ୍ପଦେ ନୌକାମ୍ ।
ବିଭିନ୍ନ ଜାତିଦ୍ୱୟକାଷ୍ଠଜାତା ନ ଶ୍ରେୟସେ ନାପି ସୁଖାୟ ନୌକା
ନୈଷା ଚିରଂ ତିଷ୍ଠତି ପଚ୍ୟତେ ଚ ବିଭିଦ୍ୟତେ ବାରିଣି ମଜ୍ଜତେ ଚ ।
ନ ସିନ୍ଧୁଗାଦ୍ୟର୍ହତି ଲୌହବନ୍ଧଂ ତଲ୍ଲୌହକାନ୍ତୈର୍ହ୍ରିୟତେ ହି ଲୌହଂ
ବିପଦ୍ୟତେ ତେନ ଜଳେଷୁ ନୌକା ଗୁଣେନ ବନ୍ଧଂ ନିଜଗାଦ ଭୋଜଃ ।"

ଆୟୁର୍ବେଦ ଶାସ୍ତ୍ରାନୁସାରେ ବୃକ୍ଷ ୪ ପ୍ରକାର, ଯଥା—

(୧) ବ୍ରାହ୍ମଣ—ହାଲୁକା ଓ କୋମଳ, ଅନ୍ୟ କାଠ ସହିତ ସହଜରେ ଯୋଡ଼ା ଯାଇପାରେ ।

(୨) କ୍ଷତ୍ରିୟ—ହାଲୁକା ଓ ଶକ୍ତ, ସହଜରେ ଯୋଡ଼ା ହେବ ନାହିଁ ।

(୩) ବୈଶ୍ୟ—କୋମଳ ଓ ଭାରୀ ।

(୪) ଶୂଦ୍ର—ଶକ୍ତ ଓ ଭାରୀ ।

ଯୁକ୍ତିକଳ୍ପତରୁ ଗ୍ରନ୍ଥରେ ଜାହାଜର ନିର୍ମାଣ ବିବରଣ ଦିଆଯାଇଛି । ତାହାର କେତେକ କଥା ନିମ୍ନରେ ଦିଆଯାଉଛି ।

ଜାହାଜ ୨ ପ୍ରକାର, ଯଥା—(୧) ସାମାନ୍ୟ ଓ (୨) ବିଶେଷ ବା ଅର୍ଣ୍ଣବ-ପୋତ ବା ବୋଇତ ।

ସାମାନ୍ୟ ନୌକା ୧୦ ପ୍ରକାର ଏବଂ ତାହାର ଲମ୍ବ, ପ୍ରସ୍ଥ ଓ ଉଚ୍ଚର ନିମ୍ନଲିଖିତରୂପେ ଅଛି । ଲମ୍ବ ପ୍ରଭୃତି ହାତ ବୋଲି ବୁଝିବାକୁ ହେବ ।

| | | | |
|---|---|---|---|
| ୧ କ୍ଷୁଦ୍ର | ଲମ୍ବ ୧୬ ହାତ | ପ୍ରସାର ୪ ହାତ | ଉଚ୍ଚ ୪ ହାତ |
| ୨ ମଧ୍ୟମ | ୨୪ | ୧୨ | ୮ |
| ୩ ଭୀମ | ୪୦ | ୨୦ | ୨୦ |
| ୪ ଚପଳ | ୪୮ | ୨୪ | ୨୪ |
| ୫ ପାଟଳ | ୬୪ | ୩୨ | ୩୨ |
| ୬ ଦୀର୍ଘ | ୮୮ | ୩୬ | ୩୬ |
| ୭ ଭୟା | ୭୨ | ୪୪ | ୪୪ |
| ୮ ପତ୍ରପୁଟା | ୯୬ | ୪୮ | ୪୮ |
| ୯ ଗର୍ଭର | ୧୧୨ | ୫୬ | ୫୬ |
| ୧୦ ମନ୍ଥର | ୧୨୦ | ୬୦ | ୬୦ |

ଏଥିମଧ୍ୟରୁ ଭୀମ, ଭୟା ଓ ଗର୍ଭରମାନେ ମନ୍ଦଫଳ ପ୍ରଦାୟକ ।

୨ୟ ପ୍ରକାର ଅର୍ଥାତ୍ 'ବିଶେଷ' ଶ୍ରେଣୀସ୍ଥ ନୌକାମାନେ ଅର୍ଣ୍ଣବପୋତ ଅର୍ଥାତ୍ ସମୁଦ୍ରଯାତ୍ରା ଉପଯୋଗୀ । ଏ ଶ୍ରେଣୀସ୍ଥ ବୋଇତ ମଧ୍ୟ ୨ ପ୍ରକାର । ଯଥା—(୧) ଦୀର୍ଘା (୨) ଉନ୍ନତା । ଏ ପ୍ରତ୍ୟେକଟି ମଧ୍ୟରେ ନାନାପ୍ରକାର ଅଛି ।

(କ) ଦୀର୍ଘା—ଲମ୍ବ ୪୨ ହାତ ପ୍ରସାର ୫ $\frac{1}{3}$ ହାତ ଉଚ୍ଚ ୪ $\frac{4}{5}$ ହାତ

| | | | |
|---|---|---|---|
| ୧ ଦୀର୍ଘିକା | ୩୨ | ୪ | ୩ $\frac{1}{5}$ |
| ୨ ତରଣୀ | ୪୮ | ୬ | ୪ $\frac{4}{5}$ |
| ୩ ଲୋଳା | ୬୪ | ୮ | ୬ $\frac{2}{5}$ |
| ୪ ଗତ୍ୱର | ୮୦ | ୧୦ | ୮ |
| ୫ ଗାମିନୀ | ୯୬ | ୧୨ | ୯ $\frac{3}{5}$ |
| ୬ ତରି | ୧୧୨ | ୧୪ | ୧୧ $\frac{1}{5}$ |
| ୭ ଜଙ୍ଘାଳା | ୧୨୮ | ୧୬ | ୧୨ $\frac{4}{5}$ |
| ୮ ପ୍ଲାବିନୀ ଲମ୍ବ | ୧୪୪ ହାତ | ପ୍ରସାର ୧୮ ହାତ | ଉଚ୍ଚ ୧୪ $\frac{2}{5}$ ହାତ |
| ୯ ଧାରିଣୀ | ୧୬୦ | ୨୦ | ୧୬ |
| ୧୦ ବେଗିନୀ | ୧୭୬ | ୨୨ | ୧୭ $\frac{3}{5}$ |

ଏଥିମଧ୍ୟରୁ ଲୋଳା, ଗାମିନୀ ଓ ପ୍ଲାବିନୀମାନେ ଅଶୁଭପ୍ରଦ ।

(ଖ) ଉନ୍ନତା—

| | | | |
|---|---|---|---|
| ୧ ଊର୍ଦ୍ଧ୍ୱା । | ଲମ୍ବ ୩୨ ହାତ | ପ୍ରସାର ୧୬ ହାତ | ଉଚ୍ଚ ୧୬ ହାତ |
| ୨ ଅନୂର୍ଦ୍ଧ୍ୱା । | ୪୮ | ୨୪ | ୨୪ |
| ୩ ସୁବର୍ଣ୍ଣମୁଖୀ | ୬୪ | ୩୨ | ୩୨ |
| ୪ ଗର୍ଭିଣୀ | ୮୦ | ୪୦ | ୩୦ |
| ୫ ମନ୍ଥରା | ୯୬ | ୪୮ | ୪୮ |

ଏମାନଙ୍କ ମଧ୍ୟରୁ ୨, ୪, ୫ ପ୍ରକାର ଅଶୁଭପ୍ରଦ, ଅନ୍ୟମାନେ ଶୁଭପ୍ରଦ ।

ଜାହାଜମାନଙ୍କ ସଜାଇବା ଏବଂ ନାନାପ୍ରକାର କଳସ ଦେଇ ଯାତ୍ରୀମାନଙ୍କ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି କରିବାର ବିଧାନ ଥିଲା । ସଜାଇବାଲାଗି ଚାରି ପ୍ରକାର ଧାତୁ ବ୍ୟବହୃତ ହେଉଥିଲା, ଯଥା—ସୁନା, ରୂପା, ତମ୍ବା ଓ ଏ ତିନ ଧାତୁର ମିଶ୍ରିତ ଧାତୁ । ଚାରି ପ୍ରକାର ରଙ୍ଗ ଦିଆ ଯାଉଥିଲା—(୧) ଚାରି ମାସ୍ତୁଲବିଶିଷ୍ଟ ଜାହାଜ ଶ୍ୱେତବର୍ଣ୍ଣ, (୨) ତିନି ମାସ୍ତୁଲବିଶିଷ୍ଟ ଜାହାଜ ରକ୍ତବର୍ଣ୍ଣ, (୩) ଦୁଇ ମାସ୍ତୁଲବିଶିଷ୍ଟ ଜାହାଜ ପୀତବର୍ଣ୍ଣ, (୪) ଏକ ମାସ୍ତୁଲବିଶିଷ୍ଟ ଜାହାଜ ନୀଳବର୍ଣ୍ଣ । ଜାହାଜ ମୁଣ୍ଡ ନାନାପ୍ରକାର ଆକୃତିବିଶିଷ୍ଟ ହେଉଥିଲା ।

କେଶରୀ ମହିଷୋ ନାଗୋ ଦ୍ୱିରଦୋ ବ୍ୟାଘ୍ର ଏବ ଚ
ପକ୍ଷୀ ଭେକୋ ମନୁଷ୍ୟଶ୍ଚ ଏତେଷାଂ ବଦନାଷ୍ଟକଂ ।
ନାନା ମୁଖେ ପଣ୍ୟନ୍ୟସ୍ୟ ଆଦ୍ଭୁତ୍ୟାଦି ଦଶିଭୂକାମ୍
ନୌକାସୁ ମଣିବିନ୍ୟାସୋ ବହେଚ୍ଛୋ ନଦଦଦବତ୍
ମୁକ୍ତାସ୍ୱର୍ଣ୍ଣୈଶ୍ଚିତ୍ରା ନୌକା ସ୍ୟାତ୍ ସର୍ବଦା ଭଦ୍ରା ।

ଏ ଜାହାଜମାନଙ୍କରେ (କାବିନ୍) କୋଠରୀମାନ ଥିଲା । ଏ ଅନୁସାରେ ଜାହାଜ ୩ ପ୍ରକାର, ଯଥା—(୧) ସର୍ବ ମନ୍ଦିରା, (୨) ମଧ୍ୟ ମନ୍ଦିରା, (୩) ଅଗ୍ର ମନ୍ଦିରା । ସର୍ବମନ୍ଦିରା ଜାହାଜରେ ରାଜକୋଷ, ଅଶ୍ୱ ଓ ସ୍ତ୍ରୀମାନେ ଯାତାୟାତ କରୁଥିଲେ ଏବଂ ମଧ୍ୟମନ୍ଦିରା ଜାହାଜରେ ରାଜାମାନେ ବିଶେଷତଃ ବର୍ଷାକାଳରେ ଖୁସିରେ ଯାତାୟାତ କରୁଥିଲେ ଏବଂ ଅଗ୍ରମନ୍ଦିରା ଜାହାଜରେ

ଗ୍ରୀଷ୍ମ ଓ ଶୀତ ସମୟରେ ଯାତାୟାତ ହେଉଥିଲା ଏବଂ ଯୁଦ୍ଧରେ ବ୍ୟବହୃତ ହେଉଥିଲା ।

ଭାରତରେ ସମୁଦ୍ର ଯାତ୍ରା ଓ ଅର୍ଣ୍ଣବପୋତର ବ୍ୟବହାର ବହୁ ପ୍ରାଚୀନ-କାଳରୁ ପ୍ରଚଳିତ ଥିବା ବିଷୟ ମହାଭାରତ, ରାମାୟଣ ପ୍ରଭୃତିରୁ ଜଣାଯାଏ । ରାଜର୍ଷି ତୁଗ୍ର ତାଙ୍କ ପୁତ୍ର ଭୁଜ୍ୟୁଙ୍କୁ ସୁଦୂର ସମୁଦ୍ର ପରପାରସ୍ଥ ଦ୍ୱୀପକୁ ଶତ୍ରୁମାନଙ୍କ ବିରୁଦ୍ଧରେ ଜାହାଜ ଦ୍ୱାରା ପଠାଇଥିଲେ; ମାତ୍ର ଜାହାଜ ବୁଡ଼ିଯିବାରୁ ସେମାନେ ପାଣିରେ ବୁଡ଼ି ଯାଉଥିଲେ, କିନ୍ତୁ ଅଶ୍ୱିନୀକୁମାରଦ୍ୱୟ ସେମାନଙ୍କୁ ଉଦ୍ଧାର କଲେ । ପାଣ୍ଡବମାନେ ବିଦୁର ପ୍ରଦତ୍ତ ଜାହାଜଦ୍ୱାରା କୌରବମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବାଲାଗି ପଳାୟନ କରିଥିଲେ । ରାମାୟଣରେ ମଧ୍ୟ ଉଲ୍ଲେଖ ଅଛି ଯେ ଶତ ଶତ କୈବର୍ତ୍ତ ଯୁବକ ୫୦୦ ଜାହାଜ ନେଇ ଶତ୍ରୁର ପଥ ଅବରୋଧ କରିଥିଲେ ।

ତତଃ ପ୍ରବାସିତୋ ବିଦ୍ୱାନ୍ ବିଦୁରେଣ ନରସ୍ତଦା
ପାର୍ଥାନାଂ ଦର୍ଶୟାମାସ ମନୋମାରୁତ ଗାମିନୀଂ ।
ସର୍ବବାତସହାଂ ନାବଂ ଯନ୍ତ୍ରଯୁକ୍ତାଂ ପତାକିନୀଂ
ଶିବେ ଭାଗୀରଥୀ ତୀରେ ନରୈର୍ବିସ୍ରମ୍ଭିଭିଃ କୃତାଂ ।

( ମହାଭାରତ—ଆଦି )

ରାଧାକୁମୁଦ ବାବୁ ବହୁ ଶ୍ରମ ସ୍ୱୀକାର କରି ଭାରତର ଲୁପ୍ତ ଗୌରବ ଉଦ୍ଧାର କରିଥିବା ହେତୁରୁ ସେ ଆମ୍ଭମାନଙ୍କର ଧନ୍ୟବାଦାର୍ହ ହୋଇଛନ୍ତି । ପାଲି ସାହିତ୍ୟ, ଦ୍ୱିକାବଳୀ, ଜନକ, ନାଟକ, ବାଲହସ ଜାତକ, ସମୁଦ୍ରବଣିକ ଜାତକ, ଶଙ୍ଖ ଜାତକ ଏବଂ ଧାତୁବଂଶ ପ୍ରଭୃତି ବୌଦ୍ଧଗ୍ରନ୍ଥମାନଙ୍କରେ ଜାହାଜ ବିଷୟ ଉଲ୍ଲେଖ ଥିବାର ସେ ମହାଶୟ ପ୍ରଦର୍ଶନ କରିଛନ୍ତି । ଦନ୍ତକୁମାର ଓ ତାଙ୍କ ସ୍ତ୍ରୀ ତାମ୍ରଲିପ୍ତ-ଠାରେ ପ୍ରବେଶ ହୋଇ ଦେଖିଲେ ଯେ ଗୋଟିଏ ଜାହାଜ ସିଂହଳଦ୍ୱୀପକୁ ଯାତ୍ରା କରୁଛି ଏବଂ ସେମାନେ ସେଥିରେ ଯାତ୍ରା କଲେ ।

ପୁଣି କହୁଅଛନ୍ତି ଯେ କର୍ଣ୍ଣାଟଦେଶ ସମୟରେ ପ୍ରାଚୀନ ଉତ୍କଳର ଏକାଂଶ ଥିଲା ଏବଂ ଉତ୍କଳ ରାଜା କର୍ଣ୍ଣାଟେଶ୍ୱର ଥିଲେ । କର୍ଣ୍ଣାଟରୁ ବୋଇତଆଳମାନେ ଦେଶ ବିଦେଶକୁ ଯାଇ ବାଣିଜ୍ୟ କରୁଥିଲେ । ଓଡ଼ିଆମାନେ ସିଂହଳକୁ ଯାତାୟାତ କରୁଥିଲେ । ପ୍ରାଚୀନ ଉତ୍କଳ ସାହିତ୍ୟରୁ ଏହାର ପରିଚୟ ମିଳେ । ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ ପୁସ୍ତକ କାହାରିକୁ ଅବିଦିତ ନାହିଁ । ସେଥିରେ ଲେଖାଅଛି —

ଏଣୁ କାଳେ ଜଣାଇଲୁ ଦେବଙ୍କର,
ଆସି ବୋଇତଆଳେକ ଅଛୁ ଦ୍ୱାର ।
ବୋଲେ ସିଂହଳଦ୍ୱୀପୁଁ ଆସିଛୁ ମୁହିଁ,
ଇଚ୍ଛା ମୋର ଯୁବରାଜ ଭେଟ ପାଇଁ ।

ବୋଇତଆଳମାନେ ବିଦେଶରୁ ଯାଇ ବହୁ ଧନରତ୍ନ ଅର୍ଜ୍ଜନ କରି ଆଣୁଥିଲେ ଏବଂ ରାଜପୁରୁଷମାନଙ୍କୁ ଭେଟି ପ୍ରଦାନ କରୁଥିଲେ ।

ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ
ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।
ମେଘଡମ୍ବୁ ନାଳା, ବ୍ରହ୍ମକାନ୍ତି ଝଷି
ତାର ମୁକୁତା କୁକ୍କୁଟଡ଼ିମ୍ବ ପରି ।
ଅଛି ସୁ ମାଣିକ୍ୟ ଚତୁସ୍ତର ଜାତି
ଅଷ୍ଟବଙ୍କ ପ୍ରବାଳ ହିଁ ପନ୍ତି ପନ୍ତି ।
ଚନ୍ଦ୍ରକାନ୍ତ ପାଷାଣ ମହେନ୍ଦ୍ର ମଣି
ଲକ୍ଷ୍ମୀନାରାୟଣ ଶିଳା କୋଡ଼ିଏ ଗଣି । ଇତ୍ୟାଦି
( ସପ୍ତମ ଛାନ୍ଦ )

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅନ୍ତତଃ ଉପେନ୍ଦ୍ର ଭଞ୍ଜଙ୍କ ସମୟ ପର୍ଯ୍ୟନ୍ତ ବହିର୍ବାଣିଜ୍ୟ ଚାଲୁଥିଲା ଏବଂ ଅନେକ ଅର୍ଣ୍ଣବପୋତଦ୍ୱାରା ସମୁଦ୍ର ମଧ୍ୟରେ ଯାତାୟାତ କରୁଥିଲେ ।

ଉତ୍କଳର ପ୍ରାଚୀନ ଶିଳ୍ପସ୍ଥର କାର୍ଯ୍ୟରେ ବୋଇତର ପରିଚୟ ମିଳେ ।

ଜଗନ୍ନାଥ ଦେଉଳରେ କାନ୍ଥାକର ଡଙ୍ଗା ଖୋଦିତ ଅଛି । ଏ ଗୋଟିଏ ମଧ୍ୟ ମନ୍ଥର । ଜଳଯାନ ଥିବାର ରାଧାକୁମୁଦ ବାବୁ ଅନୁମାନ କରନ୍ତି ।

ଭୁବନେଶ୍ୱରର ବୋଇତାଳି ଦେଉଳ ବିଷୟ ଏଠାରେ ଉଲ୍ଲେଖଯୋଗ୍ୟ । ଏ ଦେଉଳ ଗୋଟିଏ ପ୍ରାଚୀନ ଦେଉଳ ଏବଂ ଏହାର ଛାତ ବୋଇତ ପରି । ପୁଣି ମାର୍କଣ୍ଡ ଦେଉଳ ନିକଟରେ ଆଉ ଗୋଟିଏ ଦେଉଳ ଅଛି, ତାହାର ଛାତ ମଧ୍ୟ ଏହିପରି ।

ବୋଇତ ଶବ୍ଦ ଉତ୍କଳରେ ନୂତନ ନୁହେଁ । ବୋଇତ କଥା, ସାଧବ ଘର କଥା ଉତ୍କଳର ପ୍ରତ୍ୟେକ ଗୃହର ସ୍ତ୍ରୀଲୋକମାନଙ୍କୁ ଜଣାଥିଲା । ବୃଦ୍ଧା ସ୍ତ୍ରୀଲୋକମାନେ ପିଲାମାନଙ୍କ ଆଗରେ ଏ ସମ୍ବନ୍ଧୀୟ ଅନେକ ସୁନ୍ଦର ଗଳ୍ପ କହୁଥିଲେ । ପୁରୁଷଲୋକମାନେ ବୋଇତରେ ଗଲେ ସ୍ତ୍ରୀଲୋକମାନେ ନାନାପ୍ରକାର ବସ୍ତ୍ର ଆଉ ଅଳଙ୍କାର ବିଦେଶରୁ ଆଣିବାଲାଗି ଫରମାସ ଦେଉଥିଲେ । ବୋଇତ ଶୁଭରେ ଦେଶକୁ ଫେରି ଆସିଲେ ସ୍ତ୍ରୀମାନେ ବୋଇତ ବନ୍ଦାଇ ଯାଉଥିଲେ । ଯେଉଁମାନେ ବୋଇତରେ ଯାଇ ବିଦେଶରେ କାରବାର କରୁଥିଲେ, ସେମାନଙ୍କୁ 'ସାଧବ' ବୋଲି କୁହାଯାଉଥିଲା । ଏସମସ୍ତ କଥା ପ୍ରତ୍ୟେକ ଘରେ ଜଣାଥିଲା ଏବଂ ସ୍ୱାଭାବିକ ଗଳ୍ପ ଥିଲା ।

ପୁରୀଜିଲ୍ଲାର କାକଟପୁର ନିକଟବର୍ତ୍ତୀ ଦେଉଳୀ ମଠ ନିକଟରେ "ବୋଇତ କୁଦ" ନାମରେ ଗୋଟିଏ ଉଚ୍ଚ ବାଲିସ୍ତୂପ ଅଛି । ସମ୍ଭବତଃ ପ୍ରାଚୀନ କାଳରେ ଏଠାରେ ବୋଇତ ଆସି ରହୁଥିଲା । ଓଡ଼ିଶା ଉପକୂଳରେ ଅନେକ ବନ୍ଦର ଥିଲା । ତମଲୁକଠାରୁ ଆରମ୍ଭ କରି ଚିଲିକା ପର୍ଯ୍ୟନ୍ତ ଅନେକ ବନ୍ଦର ଥିଲା । ସୁବର୍ଣ୍ଣରେଖା, କରେଙ୍ଗା, ପାରଦୋ, ଛତ୍ରୁଆ, ବାଲେଶ୍ୱର, ଲୋଚନପୁର, ଚୂଡ଼ାମଣ, ଧାମରା ପ୍ରଭୃତି ଓଡ଼ିଶା ଉପକୂଳରେ ପ୍ରଧାନ ବନ୍ଦର ଥିଲା । ସୁବର୍ଣ୍ଣରେଖା ବନ୍ଦର ନଦୀମୁହଁରୁ ୧୬ ମାଇଲ ଦୂରରେ ଅବସ୍ଥିତ ଏବଂ ଏହା ଗୋଟିଏ ପ୍ରଧାନ ବନ୍ଦର । ଚିଲିକା ନିକଟରେ ଦୀପ ଅଜ୍ଞାଙ୍ଗ ପାହାଡ଼ ଅଛି । ଏହା ଉପରେ ଗୋଟିଏ ପ୍ରକାଣ୍ଡ ଦୀପ ପଥର ଉପରେ ରଖାଯାଇଛି । ଏଠାରେ ଦୀପ ଜଳିଲେ ସମୁଦ୍ରରେ ଯାଉଥିବା ଆସୁଥିବା ଜାହାଜକୁ ଦୂରରେ ଦେଖାଯାଉଥିଲା ।

ବାଲେଶ୍ୱର ପିପିଲି ଗୋଟିଏ ପ୍ରଧାନ ବନ୍ଦର ଥିଲା । ଯେତେବେଳେ ଓଡ଼ିଶାର ଭଲ ଦିନ ଥିଲା, ସେତେବେଳେ ଜାହାଜମାନ ସମୁଦ୍ରଠାରୁ ବନ୍ଦର ମଧ୍ୟକୁ ଆସୁଥିଲା । ପୋର୍ତ୍ତୁଗିଜର ଲୋକମାନେ ଏହି ସ୍ଥାନରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ ଏବଂ ଇଂରେଜମାନେ ପ୍ରଥମେ ୧୬୩୪ ଖ୍ରୀଷ୍ଟାବ୍ଦରେ ଏହିଠାରେ ଏହି ବାଣିଜ୍ୟ କୋଠିର ଧ୍ୱଂସାବଶେଷ ଉପରେ କୋଠି ନିର୍ମାଣ କଲେ ।

ପିପିଲି ପରେ ଚୂଡ଼ାମଣ ବନ୍ଦର ବହୁଠାରୁ ପ୍ରଧାନ ଜନପଦ ବନ୍ଦର ଥିଲା । ବର୍ତ୍ତମାନ ଏ ବନ୍ଦର ଓ ଲୋଚନପୁର ବନ୍ଦରମାନ ପୋତି ହୋଇ ଗଲାଣି ।

ଧାମରା ଗୋଟିଏ ପ୍ରଧାନ ବନ୍ଦର ଥିଲା ଏବଂ ଏଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ସୁନ୍ଦର ବ୍ୟବସାୟ ହେଉଥିଲା ।

ଧାମରା ପରେ ଦକ୍ଷିଣ କୂଳ ମଧ୍ୟରେ ଚାନ୍ଦବାଲି, ହଂସୁଆ ଓ ପଟାମୁଣ୍ଡାଇ ସ୍ଥାନମାନ ପ୍ରଧାନ ବନ୍ଦର ଥିଲା ।

ପୁରୀ ଜିଲ୍ଲାର କୋଣାର୍କ, ଚିଲିକା ପ୍ରଭୃତି ସ୍ଥାନମାନ ପ୍ରଧାନ ବନ୍ଦର ଥିଲା । ହଣ୍ଟର ସାହେବ ଲେଖିଛନ୍ତି—

"ଓଡ଼ିଆମାନେ ତମଲୁକ ଓ ଚିଲିକା ବନ୍ଦରଠାରେ ଏବଂ ଜାଭା ଓ ବାଲି ଦ୍ୱୀପରେ ବସତି ସ୍ଥାପନ କରିବାରେ ପୂର୍ଣ୍ଣ କୃତିତ୍ୱ ଦେଖାଇଥିଲେ । ଓଡ଼ିଆମାନେ ଜାଭା ଓ ବାଲି ଦ୍ୱୀପକୁ ଯାଇ ସେଠାରେ ବସତି ସ୍ଥାପନ କରିଥିବା ବିଷୟରେ କୌଣସି ସନ୍ଦେହ ନାହିଁ ।"

ସିଂହଳ ନାମକ ବୌଦ୍ଧଗ୍ରନ୍ଥରୁ ଜଣାଯାଏ, ଉତ୍କଳ ଉପକୂଳରେ ଅନେକ ଗୁଡ଼ିଏ ବନ୍ଦର ଥିଲା । ଟଲେମୀ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଭୂଗୋଳ ନାମକ ଗ୍ରନ୍ଥ ଲେଖିଥିଲେ । ସେ ଓଡ଼ିଶାର କେତେଗୁଡ଼ିଏ ପ୍ରଧାନ ନଦୀ ଓ ନଗରର ନାମୋଲ୍ଲେଖ କରିଛନ୍ତି । ପଲୁର—ଗଞ୍ଜାମ ନିକଟସ୍ଥ ଏକ ନଗର । କନ୍ନଗେନ—ପୁରୀ, କଟକ ମ—କଟକ, କୋଶଗର—କୋଣାର୍କ, କୋଶମ୍ବ—ବାଲେଶ୍ୱର, ପଲୁରୁ—କଣେଲଶ୍ୱର, ମନଦ—ମହାନଦୀ, ତଣ୍ଡସ୍—ବ୍ରାହ୍ମଣୀ, ଦୋସରନ୍—ବୈତରଣୀ, ଅଦମସ—ସୁବର୍ଣ୍ଣରେଖା ଏସବୁ ନଦୀ ଓ ନଗରମାନ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ବହୁକାଳ ପୂର୍ବେ ବାଣିଜ୍ୟ ଉପଯୋଗୀ ସ୍ଥାନ ଥିଲା । ତାମ୍ରଲିପ୍ତ ଓ କଳିଙ୍ଗ ପ୍ରଭୃତି ଅନ୍ୟାନ୍ୟ କେତେଗୋଟି ନଗର ମଧ୍ୟ ଥିଲା । ଏଥିମଧ୍ୟରୁ ପୁରୀ, ବାଲେଶ୍ୱର, କୋଣାର୍କ, ତାମ୍ରଲିପ୍ତ ବା ତମଲୁକ ଓ କଳିଙ୍ଗ ନଗର ସମୁଦ୍ରକୂଳରେ ଅବସ୍ଥିତ । ବର୍ତ୍ତମାନ ଅବସ୍ଥା ପର୍ଯ୍ୟାଲୋଚନା କଲେ ଜଣାଯାଏ ବାଲୁକାଦ୍ୱାରା ଅନେକ ନଗର ପ୍ରାୟ ସମୁଦ୍ର ଦୂରକୁ ଅପସାରିତ ହୋଇଛି । ଚିଲିକାରେ ପୂର୍ବ ବାଣିଜ୍ୟ ହେଉଥିବାର ସ୍ମୃତିଚିହ୍ନ ଅଦ୍ୟାବଧି ରହିଛି । ଆମ୍ଭେ ଭୁବନେଶ୍ୱରର ଏକ ବ୍ରାହ୍ମଣ ପଣ୍ଡିତଙ୍କ ଘରେ ଖଣ୍ଡିଏ ପ୍ରାଚୀନ ତାଳପତ୍ର ପୁସ୍ତକ ଦେଖିଥିଲୁଁ । ଏ ଗ୍ରନ୍ଥର ନାମ ବ୍ରହ୍ମାଣ୍ଡ ପୁରାଣ । ଏଥିରେ ଉତ୍କଳ ସମ୍ବନ୍ଧୀୟ ଅନେକ ପ୍ରସଙ୍ଗର ଉଲ୍ଲେଖ ଅଛି । ତନ୍ମଧ୍ୟରୁ କେତେକ ଶ୍ଳୋକ ଆମ୍ଭେ ଲେଖିଆଣିଥିଲୁ, ନିମ୍ନରେ ଲେଖାଗଲା—

ତାଲ୍‌କାଷ୍ଟ୍ୟେ ସହସ୍ରଂ ଚ କଳଶାମୀ ପୁରବାସିତାଃ
ବହୁବଣାନ୍ୱିତାଃ ଶୀଘ୍ରାଃ ସମୁଦ୍ରାଃ ସ୍ଥଳେକାନ୍ତ୍ରିତାଃ ।
ବାଣିଜ୍ୟକରଣେ ଶକ୍ତାଃ ଜିପାର୍ଶ୍ୱଗମଙ୍କୁଜାଃ
ଦ୍ୱୀପାନ୍ତର ଗତାଶ୍ଚୈତାଃ ଜାଭା ମଳୟ ସିଂହଳେ ।

ସିଂହାଦ୍ୟାଗର ପେଟକା ତଦ୍ୟାଗତ ଦେବେହ୍ରିସ୍ୟା
ଦେଶଦେଶାନ୍ତ ଦ୍ରବ୍ୟାଣି ଗମନାଗମନେପି ବା ।
ଜଳଜନ୍ତୁଷୁ ବା ଦୈଶତ୍ ମଜ୍ଜନେ ସୁତ୍ତ କୌଶଳେ
ଲୁନ୍ନିକାସ୍ଥିତୋ ଭୁକ୍ତ ଭୂଟଂ ନଦ୍ୟାଦ୍ୟୈଦରଂ ଗତଃ ।
କୁର୍ଯ୍ୟାଦ୍ଧଞ୍ଚ ଲବସନ୍ଧଂ ମଣ୍ଡ୍ୟରୂପଂ ତୁ ପଣ୍ଡିକଂ
ତାମ୍ରାଚ୍ଛାଦିତ ଦୈର୍ତ୍ତ୍ୟଃ ଶଙ୍କ୍ର ଜଳଧାରକାଃ ।
ଶୃଙ୍ଗକାଶ୍ମମଙ୍ଗଂ ଦେହଂ ତାମ୍ରପଟ୍ଟେ ସୁରକ୍ଷିତଂ
ଲୌହକନେଣ୍ଟଂ କନ୍ତ୍ରୈ ଚନ୍ଦ୍ରବ୍ୟଞ୍ଚ ସମନ୍ଵିତଂ
ବାସ୍ତୁନାଳ-ପରିଶିଷ୍ଟଂ ସଂକୋଚ ବିସ୍ତାରଣଂ
ବସ୍ତ୍ରୈର୍ମିଶ୍ରିତଂ କ୍ଷେମ୍ୟଂ ସଂକୋଚେ ଷଟ୍ସମାନଙ୍କଂ ।
ବିସ୍ତରେ ଜଳନେ ଚୈବ ତନ୍ଦବ୍ୟାସ୍ତାଦ ସୁଳନେ
ଦ୍ରୁଟନେ ପୋଟନେ ବାଟି ବେଲନେ ବେପ୍ରଣଂ ଭବେତ୍ ।
ଦେବିପକ୍ଷତୌ ଷ୍ଠି ତାକଳିସ୍ମୋ ଜଳପାନ ବଶାଦ୍ଧ
ଦ୍ଵାରସନ୍ଧିଷ୍ଟନେ ମାଦେ ଜଳଗତେଣ୍ଡ୍ରି ଅକ୍ଷ୍ଣୌ ତତ୍ ।
କୁମ୍ଭୀସ୍କନ୍ଧ ବେଣ୍ଟିତ୍ ବେତଦ୍ ବା କୁର୍ଯ୍ୟାଣ୍ଡତଃ
ସୁକୁମ୍ଭଂ ତାମ୍ରପଟ୍ଟେ ତୁ ଗନ୍ଧଧାତ୍ରାଦିନାବୃତ ।
ଅଲୋଭବାସ୍ତୁସଂପୁତ୍ର୍ୟୋ ନବଗର୍ଭ ମଧୂଲବୈଃ
ଦକ୍ଷୟାଣ୍ଡ ଦ୍ରୁଣାଶ୍ଚ ଶୋଧନୀୟଂ ପ୍ରଯତ୍ନତଃ ।
ଶକ୍ୟାତ୍ମୈ ଭୂଷଣଂ କୃତ୍ୱା ଶାତେଧାନେନ ସୁଲଭେତ୍ତ
ନ ଦୃଶ୍ୟତ୍ ନାଡସ୍ତୁଦୃଶ୍ୟ ନ କାଷ୍ଠ ଶଠକାଧମା ।
ଅଚ୍ଛିଦ୍ର ସ୍ତମ୍ଭପାର୍ଶ୍ଵେ ତୁ ନ ମୂର୍ଦ୍ଧଘଟକେ ସ୍ଥିତା
ଏବଂ ବସ୍ତୁବିଧଂ ଜ୍ଞାତ୍ଵା ଜଳଯାନଞ୍ଚ ତତ୍କୃତ୍ ।
ମାନୁଷ୍ୟ ନବ ପଶ୍ଚିତୋ ନାଗବୃକ୍ଷ ନ ବାଲିକାଃ
କୃତ୍ଵା ପ୍ରସ୍ତବ ଯାତ୍ରା ଶ୍ଚାକିଷ୍ଟ ଦୁର୍ଗତିମାନ୍ ।
ଛତ୍ରେଷୁସ୍ଵର୍ଣ୍ଣମତ୍ସ୍ୟଂ ବା କନ୍ୟାଶ୍ଚଯ୍ୟ ମତ୍ସ୍ୟକେ ।
ଏତତ୍ ସର୍ବ କ୍ଷିତ୍ ଦେଶେ ଜର୍ଦ୍ଧେତୁ ନ ସମାଚରେତ୍
ଯେ ନିର୍ଣ୍ଣୟଙ୍ଗ ଦର୍ଶ୍ୟ ମାସ୍ତ୍ରା ମହୁଷ୍ୟବକ୍ଷଃ ।

ଏ ଶ୍ଳୋକମାନଙ୍କରେ ଅନେକ ଶବ୍ଦ ତାଳପତ୍ର ପୋଥିରେ ଭୁଲ ପ୍ରକାର ଦେଖାଯାଏ । ମାତ୍ର ସଂସ୍କୃତ ଲେଖାଦୋଷରେ ଭୁଲ ଥିଲେ ମଧ୍ୟ ତାହା ବ୍ୟାକରଣର ଦୋଷ, ଅର୍ଥ ସ୍ପଷ୍ଟ ଜଣା ଯାଉଛି । ଏଥିରେ ବୋଇତର ଆକାର ପ୍ରକାର, ଗମନ କୁନ୍ତଳକା ପ୍ରଭୃତି ସ୍ପଷ୍ଟରୂପେ ଲେଖା ଯାଇଛି । କାଞ୍ଚି ଓ ବାଲିଦ୍ୱୀପରେ ବର୍ତ୍ତମାନ ସୁଦ୍ଧା ଉତ୍କଳୀୟମାନେ ଅଛନ୍ତି । ସେଠାରେ ଛଦ୍ମବେଶ କରି କାଳ ଯାପନ କରୁଥାଇଛନ୍ତି । ସେଠାରେ କଳିଙ୍ଗ ଉପାଧିରେ ପରିଚିତ ।

ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ପେରିପ୍ଲସ ନାମକ ଗ୍ରନ୍ଥ ଲିଖିତ ହୋଇଥିଲା । ସେ ପୁସ୍ତକରେ ଲେଖାଅଛି ଯେ ସେତେବେଳେ ଓଡ଼ିଶାରେ ପ୍ରଚୁର ପରିମାଣରେ ହାତୀଦାନ୍ତ ଓ ସୂକ୍ଷ୍ମବସ୍ତ୍ର ମିଳୁଥିଲା ଏବଂ ତାମ୍ରଲିପ୍ତଠାରୁ ଦେଶବିଦେଶକୁ ରପ୍ତାନି ହେଉଥିଲା । ଉତ୍କଳ ଅରଞ୍ଜରେ ପୂର୍ବେ ବହୁତ ଖ୍ୟାତ ଥିଲେ, ବର୍ତ୍ତମାନ ମଧ୍ୟ କେତେକ ପରିମାଣରେ ଖ୍ୟାତ ଧରି ରହିଅଛନ୍ତି । ବଣପୁର, ଜଗିଆ ପ୍ରଭୃତିରେ ବର୍ତ୍ତମାନ ସୁଦ୍ଧା ସୂକ୍ଷ୍ମ ବସ୍ତ୍ର, ପାଟଲୁଗା ପ୍ରସ୍ତୁତ ହେଉଛି । ଏ ଶିଳ୍ପ ଭଲ ଚାଲୁଥିଲା; ମାତ୍ର ଅର୍ଥାଭାବ ଓ ବିଦେଶୀ ଲୁଗାର ବହୁଳ ପ୍ରଚାରହେତୁ ତାହା କ୍ରମେ ଧ୍ୱଂସମୁଖରେ ପ୍ରବେଶ କରୁଛି । ଉତ୍କଳରେ ଏତେ ସୂକ୍ଷ୍ମ ବସ୍ତ୍ର ବୁଣାଯାଉଥିଲା ଯେ ବାଉଁଶନଳୀରେ ରହୁଥିଲା । ଏଥିର ପ୍ରମାଣ ବୈଦେହୀଶ ବିଳାସରୁ ଦେଖାଯାଏ ।

ବେତ୍ରରେ ପାଦରେ ଲେଖିଲେ ଲକ୍ଷ । ଚାରୁହେଲା ଦେଖି ରଙ୍ଗ କରି ଦକ୍ଷ ।
ବକଶିତ ଦୋଳକନ୍ଦ ମଧୁର । ବେଢ଼ି ଭ୍ରମେ କି ଦରସ୍ପଶ କାର ଯେ ।
ବଂଶନଳୀରେ ଥିବାର ଯେ ।
ବାହୁ ସିଦ୍ଧି ଦୁର୍ବାଦଳ-ନାଳ ତେଜ ଚେଲି ଭଜି ଶ୍ରୀଗ୍ରନ୍ଥର ଯେ ।
(ବୈ. ବି. ୧୦ମ ଛାନ୍ଦ ୨୬ ପଦ)

ବଂଶନଳୀରେ ଭରି ଲେଖି ବସନ ଦେଲେ ସୀତାପାର୍ଶ୍ୱେ ଆଣି
ବନ୍ଧିଲେ ସେ ଘାତ ଲକ୍ଷ୍ମଣ ଇକ୍ଷ୍ୱାକୁ କୁଳର ଯେ ଚୂଡ଼ାମଣି ।
ନାହାଁନ୍ତିଲେ ସେ ଧନ,
ବଧୂ ବୋଧନ୍ତି ଗ୍ରସନଜନା ।
(ବୈ. ବି. ୧୬ଶ ଛାନ୍ଦ ୨୮ ପଦ)

ଭକ୍ତକବି ଦୀନକୃଷ୍ଣଙ୍କ କୃତ ପ୍ରସ୍ତାବସିନ୍ଧୁରେ ନିମ୍ନଲିଖିତରୂପେ ନୌକାଗଠନ ପ୍ରଣାଳୀର ଉଲ୍ଲେଖ ଅଛି—

ସେ ଲୁଷ୍ଠା କାଟଇ କରନ୍ତ ପଟା । ନାବ ଖଞ୍ଜିବାକୁ ଗଢ଼ାଇ କଣ୍ଟା ।
ଭୁଜ ମୁଣ୍ଡ ଯେତେ ଭିତରେ ପଶେ । ସେସ୍ଥଳେ ନାଗୁତ ଦେଖିବେ ବସେ ।
ଏତେକ ଶପଥ ପ୍ରଣ କଲେ ଦୁର୍ଜନ । କାଶ୍ୟ ନନେ ତାକୁ କଥାଇ ଆନ ।
ସେ ନାବ ଜଳରେ ମେଲିଲେ ନେଇ । ଲୁଷ୍ଠା ଶତ୍ରୁ ବଶା ଭିତରେ ଥାଇ ।
ନାନା ଶସ୍ତ୍ରମାନ ଭିତରେ ଥୋଇ । ଅକୂଳ ସମୁଦ୍ରେ ମେଲିବା ନେଇ ।
ସେ ନାବ ଦେଖିବେ ମଣ୍ଡଳ ମାନ । ଲୁଷ୍ଠାପ୍ରତ କେବେ କୁବେଳ ବମାନ ।
ଏତିକ ପାଞ୍ଚ ନକରଇ ଚିତ୍ତେ । ଏ ସେ ଶପଥ ପ୍ରଣ କରିଛୁ ମୋତେ ।
ଏଣୁ ରୂପେ ମୂଳ ଖୋଳ ଆଣି ଖଣ୍ଡ ଖଣ୍ଡ କରି କାଟିଲ ପ୍ରଣି ।
ଦେଖ ତଣା କଣ୍ଠ ଭିତରେ ପଶି । ଏବେ ଯାଉଅଛୁ ଉପରେ ବସି ।
ଏତେ ଶତ ପ୍ରଣ କରିଛୁ ଯେତେ । ଏହାକୁ କାହାର୍ଁ ବଞ୍ଚିବ ଏବେ ।
ନଈ ସମୁଦ୍ରରେ ଦେବାର ଭୁଞ୍ଜି । ସପତ ସମୁଦ୍ରେ ମଲୁ ଏ ବୃତ୍ତି ।

ଉତ୍କଳୀୟମାନେ ସମୁଦ୍ରରେ ଯାଇ ବାଣିଜ୍ୟ କରୁ ନଥିଲେ ବା ବୋଇତ ବ୍ୟବହାରରେ ଅନଭିଜ୍ଞ ଥିଲେ—ଏ ସମସ୍ତ ପ୍ରମାଣ ଅମ୍ଭେମାନେ ପାଇବାର ସମ୍ଭାବନା ନଥିଲା । ଉତ୍କଳରେ ବୋଇତ ସମ୍ବନ୍ଧରେ ଅନେକ କାହାଣୀ ଅଛି । ଖୁଦୁରୁକୁଣୀ ଓଷା କଥା ସମସ୍ତଙ୍କୁ ଜଣାଅଛି । ଉତ୍କଳର ପ୍ରତ୍ୟେକ ଘରେ କୁମାରୀମାନେ ଖୁଦୁରୁକୁଣୀ ଓଷା ପାଳନ କରନ୍ତି । ପ୍ରତ୍ୟେକ କଥାର ହେତୁବାଦ ଗୋଟିଏ ଲେଖାଏଁ କଥାରେ ବର୍ଣ୍ଣିତ ଅଛି । ଏ ଓଷାକଥାରେ ବୋଇତ କଥା ଅଛି । ଭାଇମାନେ ବୋଇତରେ ବିଦେଶ ଯାଇଥିଲେ, ଭାଉଜମାନେ ନଣନ୍ଦକୁ ଅସ୍ପୃଷ୍ଟ କଷ୍ଟ ଦେଇ ଛେଳି ଜଗିବା କାର୍ଯ୍ୟରେ ନିଯୁକ୍ତ କରିଥିଲେ, ଖୁଦକାଉ ଟିକିଏ ଖାଇବାକୁ ଦେଉଥିଲେ । ନଣନ୍ଦ ନାମ ତଅପୋଇ । ଭାଇମାନେ ବୋଇତରେ ଆସି ଭଉଣୀର ଏ ଅବସ୍ଥା ଦେଖିଲେ । ଏମାନେ ବୋଇତ ବନ୍ଧାଇ ଖଲାବେଳେ ତାଙ୍କ ନାକ କଟାଇଦେଲେ । ଭାଇମାନଙ୍କ ଅନୁପସ୍ଥିତିରେ ସେମାନଙ୍କ ମଙ୍ଗଳ ଲାଗି ତଅପୋଇ ମଙ୍ଗଳାଙ୍କୁ ପୂଜା କରୁଥିଲା । ଏହି ହେତୁରୁ ଖୁଦୁରୁକୁଣୀ ଓଷା । ଏପରି ଅନେକ କଥା ଅଛି । ବୁଦ୍ଧୁକମଣ୍ଡଳ ଚଢ଼େଇ କଥା, ସୁଧି ମହାଜନପୁଅ କଥା, ବୋଇତ ବନ୍ଦାପନା କଥା । ଅନେକ କଥାରେ ବୋଇତ ନାମ ଅଛି । ଉପେନ୍ଦ୍ର-ଭଞ୍ଜଙ୍କ ଲାବଣ୍ୟବତୀରେ ବୋଇତ କଥା ଥିବାର ପୂର୍ବେ ଲେଖିଛୁଁ । ଆହୁରି ମଧ୍ୟ ୧୬ଶ ଛାନ୍ଦରେ ଅଛି—

ବନ୍ଧୁହେ ଲାଗିଲା ଯାଇ ସିଂହଳ ଦ୍ୱୀପରେ
ସାଧବ ପୁତ୍ରମାନେ ଅତି ପ୍ରମାଦରେ
ଭଲେ ବନ୍ଧୁହେ ବନାଇ
ଅପର୍ଣ୍ଣାଳୀମାନ କରେ ହୁଳହୁଳି ଦେଇ ।

ସାଧବପୁଅ କଥା ଉତ୍କଳରେ ବହୁଳଭାବେ ପ୍ରଚଳିତ । ଅନେକ କଥାରେ ସାଧବ କଥା ଉଲ୍ଲେଖ ଅଛି । ସେଉଁମାନେ ବାଣିଜ୍ୟଲାଗି ବିଦେଶକୁ ଯାଇ ଧନାର୍ଜ୍ଜନ କରୁଥିଲେ ସେମାନଙ୍କୁ ସାଧବ କହୁଥିଲେ । ଅନେକ ପାଲାରେ ମଧ୍ୟ ବୋଇତଯାତ୍ରା କଥା ଉଲ୍ଲେଖ ଅଛି ।

ଏ ବୋଇତ ବ୍ୟବସାୟ ଉତ୍କଳରେ କେବେଠୁ ଚଳୁଥିଲା ? ଭାରତର ସେପରି ତିନି ଦିଗରେ ସମୁଦ୍ର, ଉତ୍କଳ ମଧ୍ୟ ସେହିପରି ସମୁଦ୍ର କୂଳରେ ଅବସ୍ଥିତ । ଭାରତରେ ପୋତ ନିର୍ମାଣ ହେଉଥିଲା । ଭାରତବାସୀ ବାଣିଜ୍ୟ ଲାଗି ଦେଶବିଦେଶକୁ ଯାଉଥିଲେ । ଏ ବିଷୟରେ ପ୍ରଚୁର ପ୍ରମାଣ ମିଳେ । ଉତ୍କଳ ଭାରତର ଉନ୍ନତି ସଙ୍ଗେ ଆପଣା ଉନ୍ନତି କରିବାରେ ତ୍ରୁଟି କରିନାହିଁ । ସମୁଦ୍ରକୂଳବାସୀମାନେ ସମୁଦ୍ରରେ ଯାତାୟତ କରିବା ପାଇଁ ପୋତ ପ୍ରଭୃତି ନିର୍ମାଣ କରିବା ସ୍ୱାଭାବିକ । ସେଉଁମାନେ ନଦୀକୂଳ ବାସକରନ୍ତି ସେମାନେ ଅଧିକାଂଶ ନଈ ପହଁରି ଜାଣନ୍ତି ଏବଂ ନଦୀ ପାର ହେବାଲାଗି ନୌକା ପ୍ରସ୍ତୁତ କରନ୍ତି । ସୁତରାଂ ସେହି କାଳରୁ ଉତ୍କଳରେ ଅର୍ଣ୍ଣବଯାନ ଆରମ୍ଭ ହୋଇଛି ହେବାରୁ ବୋଇତନିର୍ମାଣ କଥା ସେମାନଙ୍କ ମନକୁ ଆସିବା ସ୍ୱାଭାବିକ । ଜଳଯାତ୍ରା କରିବାର ସମୟ ମଧ୍ୟ ସେମାନଙ୍କୁ ଜଣାଥିଲା । ତେଣିକି ଶୀତ ଗଲା ଯାଏ ବୋଇତ କଥା ଲୋକମୁଖରେ ଶୁଣାଯାଏ । ଲୋକେ ଜଳଯାତ୍ରା ସମୟ ନିର୍ଦ୍ଦିଷ୍ଟ କରିଥିଲେ । ଚାଣକ୍ୟ ବା କୌଟିଲ୍ୟ 'ଚନ୍ଦ୍ରଗୁପ୍ତଙ୍କ ମନ୍ତ୍ରୀ ଥିଲେ । ସେ ସକଳ ପ୍ରକାର ନୀତି ବିଷୟରେ 'ଅର୍ଥଶାସ୍ତ୍ର' ଲେଖି ଯାଇଛନ୍ତି । ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ ଚନ୍ଦ୍ରଗୁପ୍ତ ସିଂହାସନାରୋହଣ କରିଥିଲେ । ସେତେବେଳେ ନୌବିଭାଗରେ ଜଣେ ସ୍ୱତନ୍ତ୍ର କର୍ମଚାରୀ ଥିଲେ । ତାଙ୍କ ନାମ ନାବାଧ୍ୟକ୍ଷ । ସେ ଲେଖିଛନ୍ତି—

ସମ୍ପ୍ରାପ୍ତ ବୃଷମାସାନ୍ତୀଂ କାର୍ତ୍ତିକୀଂ ଯାବଦନ୍ତରଃ
କାମିକ ପ୍ରତ୍ୟୟଂ ଦଦ୍ୟାତ୍ ନିତ୍ୟଂ ଭୃତ୍ରିକ ମାବହେତ୍ ।

ଆଷାଢ଼ ସପ୍ତମୀଠାରୁ କାର୍ତ୍ତିକ ପର୍ଯ୍ୟନ୍ତ ଜଳଯାତ୍ରା କରିବା ସୁବିଧାଜନକ । ବୁଦ୍ଧଦେବଙ୍କ ଜୀବନରେ ମଧ୍ୟ ଉତ୍କଳ ବା କଳିଙ୍ଗ ବନ୍ଦର ଥିବାର ଆଭାସ ମିଳେ ।

ଶୁଭଦେବଙ୍କ ପାଇଁ ବ୍ରହ୍ମଦେଶକୁ ଯେଉଁ ଦୂତଗଣ ଉପହାର ନେଇ ଆସିଥିଲେ ସେମାନେ ନଳଙ୍କ ବା ଉତ୍କଳର ଅଳୁତ ବନ୍ଦରରେ ଓହ୍ଲାଇଥିଲେ । ଚୀନ ସହିତ ଉତ୍କଳ ରାଜାଙ୍କର ସଦ୍ଭାବ ଥିଲା । ଉପଢୌକନ ଦିଆନିଆ ବି ଥିଲା । ଦଧିବଂଶ, ଲଙ୍କଡିପ୍ରଭ ଓ ଦିଭଳ ଦେଶୀୟ ଗ୍ରନ୍ଥରୁ ଏଥିର ପ୍ରମାଣ ମିଳେ । କେଶରୀବଂଶୀୟ ରାଜାଙ୍କ ଶାସନରେ ଏପରି ଉପଢୌକନ ଦିଆ ହୋଇଥିଲା । ଏ ଘଟଣା ନବମ ଶତାବ୍ଦୀର କଥା । କେତେକବେଳେ ଚୀନ ଉତ୍କଳ ମଧ୍ୟରେ ଜଳଯାନ ଯିବା ଆସିବା ହେଉଥିବାର ହିଁ ପ୍ରମାଣ ହୁଏ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ପୂର୍ବରୁ ଉତ୍କଳୀୟମାନେ ଜଳଯାତ୍ରା ଦକ୍ଷତାରେ ଅଭିଜ୍ଞ ଥିବାର ପ୍ରମାଣ ମିଳୁଛି । ସପ୍ତମ ଶତାବ୍ଦୀରେ ହେଉଏନ-ଦେଖିଲେ ଉତ୍କଳର ବନ୍ଦରମାନ ସମୃଦ୍ଧିଶାଳୀ ଥିଲା, ତାହାର ବହୁ ଶତାବ୍ଦୀ ପୂର୍ବରୁ ଉତ୍କଳୀୟମାନେ ଜଳଯାତ୍ରାରେ ସୁଦକ୍ଷ ଥିବାର ଅନୁମାନ କଲେ ଅନୁଚିତ ହେବ ନାହିଁ ।

ଲୁଣ ବେପାର ଓଡ଼ିଶାରେ ଗୋଟିଏ ପ୍ରଧାନ ବାଣିଜ୍ୟର ଦ୍ରବ୍ୟ ଥିଲା ଏବଂ ଏଥିଦ୍ୱାରା ଓଡ଼ିଶାକୁ ବହୁତ ଧନାଗମ ହେଉଥିଲା ।

ଉପକୂଳର ସ୍ଥାନରେ ଲୁଣ ମରିବା ଲାଗି ଉପଯୁକ୍ତ ସ୍ଥାନ ସ୍ଥିରକୃତ ହେଉଥିଲା । ସମୁଦ୍ରଠାରୁ ଏହି ସ୍ଥାନମାନଙ୍କ ୨ କିମ୍ବା ୩ ମାଇଲ ଦୂରରେ ଚୁଲିଆମାନେ ନିଯୁକ୍ତ ହେଉଥିଲେ । ଏମାନଙ୍କ ମଜୁରି ଟଙ୍କାରେ ଦିଆଯାଉ ନ ଥିଲା ମାତ୍ର ଏକ ସ୍ଥାନର ଉତ୍ପନ୍ନ ଲୁଣି ଏକ ଶିଳ୍ପ ଥିଲା । ଚୁଲିଆମାନେ ମଳଙ୍ଗୀ ନିଯୁକ୍ତ କରୁଥିଲେ । ଏମାନେ କୁଲି । ଏମାନଙ୍କ ମଜୁରି ଦିନକୁ ୩ କିମ୍ବା ୪½ ପେନ୍ସ । କାଆଁଶ ଜଳପଥ ଦେଇଯାଇ ଜମି ନିର୍ଣ୍ଣିତ ହେଉଥିଲା । ଯାହା ହୁକୁଡ଼ ଶକୁଣ୍ଡକ ଲୁଣଜଳଯୋଗ, ପକାଇ ଦିଆ ହେଉଥିଲା । ପରେ ସମୁଦ୍ରଠାରୁ ସଢ଼ତା ଖାତ ଖୋଲା ହେଉଥିଲା । ଏହାଦ୍ୱାରା ମାଟିକେ ବୁଡ଼ାଇବା ଜୁଆର ଜଳ ଆସି ଲୁଣିମାଟି ମାଡ଼ିଥିଲା ଏବଂ ଅନେକ ଦିନ ('ଦ୍ୟାସ ୪ ଫୁଟ ଓ ଗଭୀରତା ୨ କି ୩ ଫୁଟ) ରେ ସମୁଦ୍ରଜଳ ପୂର୍ଣ୍ଣ ହୋଇ ରହୁଥିଲା । ପରେ ୨ ଫୁଟ ଉଚ୍ଚ ଓ ୩ ଠାରୁ ୪ର ଫୁଟ ବ୍ୟାସ ମାଟିଢେଲା ନିଆଯାଏ ଏବଂ ସେହି ଘରା ଭିତରୁ ମାଟି ବାହାର କରି କଅଁଡାଇ ଗୋଟିଏ ଟୋକ ଅଙ୍କୁର କରାଯାଏ । ଭିତର ମାଟି ଲିପାହୁଏ । ତଳେ ଗୋଟିଏ ଛିଦ୍ର ଥାଏ ଏବଂ ସେହି ଛିଦ୍ରକୁ ୬ ଇଞ୍ଚ ଘାସଦ୍ୱାରା ଅନୁତ କରାଯାଏ । ଲୁଣ ମାରିବା ଲୋକେ ଏହି ଗର୍ତ୍ତକୁ ନିକଟବର୍ତ୍ତୀ ଜମିରୁ ଲୁଣ-ମାଟି କୁଣ୍ଡିଆଣି ପୂର୍ଣ୍ଣ କରନ୍ତି ଏବଂ ତା ଉପରେ ସମୁଦ୍ର ଜଳ ଢାଳନ୍ତି । ୬ ଘଣ୍ଟା ପରେ ଜଳ ଗୋଟିଏ ଗର୍ତ୍ତମଧ୍ୟକୁ ଚୁଳିଯାଏ ଏବଂ ସେଠାରୁ ଏହି ଜଳ ମାଟିଆ ହାଣ୍ଡି ମଧ୍ୟକୁ ଯାଏ । ୨୬୦ ଠାରୁ ୬୦୦ ପର୍ଯ୍ୟନ୍ତ ଛୋଟ ଛୋଟ ପାତ୍ର ଏକାଠି

ମାଟିଦ୍ୱାରା ଲେପା ହୋଇ ଏକାଠି କରାଯାଇଥାଏ ଏବଂ ନିକଟବର୍ତ୍ତୀ ସ୍ଥାନକୁ ଯାଇ ଆଣି ଜାଳି କରାଯାଏ । ୬ ଘଣ୍ଟା ନିଆଁରେ ବସିଲେ କାର୍ଯ୍ୟ ଶେଷହୁଏ ଏବଂ ଲୁଣ ହୁଏ । ଏ ପ୍ରଣାଳୀଦ୍ୱାରା ଏକ ମହଣର ଉତ୍କୃଷ୍ଟ ଲୁଣ କରିବା ଲାଗି ୨ ଟଙ୍କା ୩ ଅଣା ଖର୍ଚ୍ଚ ଏବଂ ସରକାରୀ କର ୪ ଟଙ୍କା ।

ପୁରୀ ଜିଲାରେ ଲୁଣ ସୂର୍ଯ୍ୟତାପ ଦ୍ୱାରା ପ୍ରସ୍ତୁତ କରାଯାଉଥିଲା । ଚିଲିକା ନିକଟରେ ଲୁଣ ଉତ୍ପାଦନ ହେଉଥିଲା ।

କଟକ ଜିଲାର ହରିହରପୁର ଗୋଟିଏ ପ୍ରଧାନ ବାଣିଜ୍ୟ ସ୍ଥଳ ଥିଲା ଏବଂ ଏଠାରେ ଅନେକ ଧନୀ ବଣିକ ଥିଲେ । ଏଠାରେ ସବୁ ପ୍ରକାରର ଲୁଗା ବୁଣା ହେଉଥିଲା ଏବଂ ବଡ ବଡ଼ ଲୁଗା ଗୋଦାମମାନ ଥିଲା । ଏଠାରେ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ପ୍ରଚୁର ପରିମାଣରେ ମିଳୁଥିଲା । ଏଠାରୁ ବିଦେଶକୁ ଲୁଗା ରପ୍ତାନି ହେଉଥିଲା । ଏଠାରେ ଇଂରେଜମାନେ ପ୍ରଥମେ ଉତ୍କଳରେ ଆଗମନ ପରେ କୋଠି ସ୍ଥାପନ କରିବାକୁ ଯାଇଥିବା ବେଳେ ୩୦୦୦ ଘର ତନ୍ତୀ ଥିବାର ଦେଖିଥିଲେ । ଏ ବ୍ୟତୀତ ଅନ୍ୟତ୍ର ଅନେକ ତନ୍ତୀ ଏଠାରେ ମଜୁରିଆର ସ୍ୱରୂପ କାର୍ଯ୍ୟ କରୁଥିବାର ଦେଖିଥିଲେ । ଇଂରେଜମାନେ ଏଠାରେ ଲୁଗା ବାଣିଜ୍ୟ ଆରମ୍ଭ କଲେ । ହରିହରପୁର ଗୋଟିଏ ବନ୍ଦର ଥିଲା । ଏଠାରେ ଜାହାଜ ଆସି ଲାଗୁଥିଲା ।

ପୁରୀ ଜିଲାର ହରିଶପୁର ମଧ୍ୟ ଗୋଟିଏ ପ୍ରାଚୀନ ବନ୍ଦର ଥିଲା । ୧୬୩୩ ମସିହା ଜୁଲାଇ ମାସ ତା ୨୨ ଦିନରେ ଇଂରେଜ ବଣିକମାନଙ୍କ 'ସ୍ୱାନ' ନାମକ ଜାହାଜ ଏଠାରେ ପ୍ରବେଶ ହୋଇଥିଲା । ଇଂରେଜ ବଣିକ, ପୋର୍ତ୍ତୁଗିଜ ବଣିକ ପ୍ରଭୃତି ଏହି ସ୍ଥାନମାନଙ୍କରୁ ଲୁଗା ପ୍ରଭୃତି ନେଇ ଦେଶ ବିଦେଶରେ ବିକ୍ରି କରୁଥିଲେ ।

ପୁରୀ ଜିଲାର କୁଶଭଦ୍ରା ନଦୀକୂଳରେ ବଲ୍ଲଭପୁର ଓ ଅରାହି ଗ୍ରାମ ଅବସ୍ଥିତ । ଏଠାରେ 'ବୋଇତଭଣ୍ଡା ତୁଠ' ବୋଲି ନଦୀତୁଠ ବିଖ୍ୟାତ । କିମ୍ବଦନ୍ତୀ ଅଛି ଯେ, ପ୍ରାଚୀନ କାଳରେ ଏ ନଦୀରେ ବୋଇତ ଯାତାୟାତ କରୁଥିଲା ଏବଂ ଏଠାରେ ବୋଇତ ଚୂର୍ଣ୍ଣ ଯାଇଥିଲା । ସେହି କାଳରୁ ଏ ତୁଠର ଏପରି ନାମ ହୋଇଛି ।

ଏ ସମସ୍ତ କଥା ବର୍ତ୍ତମାନ ଆମ୍ଭମାନଙ୍କ ପ୍ରତି ଆକାଶକୁସୁମ ତୁଲ୍ୟ ହୋଇଛି । ବାଣିଜ୍ୟ ବ୍ୟବସାୟ ଏକାବେଳକେ ଲୋପ ହୋଇଅଛି । କାଳକ୍ରମେ ଉତ୍କଳୀୟମାନେ ଲିଭରପୁଲରୁ ଆମଦାନୀ ହେଉଥିବା ଲୁଣ କିଣି କାର୍ଯ୍ୟ

ଚଳାଉଛନ୍ତି । ସେହି ଉତ୍କଳରେ ଚୈତନ୍ୟଦେବ ବିରାଜିତ, ଯେଉଁ ଉତ୍କଳ ଜନନୀର ଶ୍ରୀଚରଣ ବଙ୍ଗୋପସାଗର ଧୌତକରେ, ଯାହାଙ୍କୁ ପବନ ମସ୍ତୁଛି, ସେହି ଉତ୍କଳୀୟ-ମାନେ ଅନ୍ନ ଲୁଣ ଲାଗି ସୁଦୂର ପ୍ରଦେଶମାନଙ୍କୁ ଯାଉଁ ରହିଛନ୍ତି । ସେହି ଉତ୍କଳ ଜନନୀ କଳ୍ପନା ସଦୃଶ ଲବଣାକରର ପ୍ରାକୃତିକ ଅଧିକାରିଣୀ, ତାର ସନ୍ତାନମାନେ ହା ଲବଣ ! ବୋଲି ଚିତ୍କାର କରୁଛନ୍ତି ।

ହାୟ ବାଣିଜ୍ୟର ଅବସ୍ଥା ତଦ୍ରୂପ । ତନ୍ତୀମାନେ ତନ୍ତ୍ର ଗୁଣ୍ଡ ମୂଲଆଗିରି କଲେଣି । ବିଧିବିଧାନ କିଏ ଅନ୍ୟଥା କରିବ ! ପାଠକ ! ଏକ୍ଷଣକୁ ଅନାଅ, ଅତୀତ କଥା ସ୍ମରଣ କର ! କି ଥିଲା, କି ହେଲା, କି ହେବ, ଥରେ ଚିନ୍ତାକର । ପୂର୍ବ-ପୁରୁଷମାନଙ୍କ କୀର୍ତ୍ତି, ବଳ, ସାହସ ପ୍ରତି ଦୃଷ୍ଟି ନିକ୍ଷେପ କର । ସେହି ରକ୍ତର କ୍ଷୀଣ ଧାରା ଆଜି ଆମ୍ଭମାନଙ୍କର ଶିରପ୍ରଶିରରେ ପ୍ରବାହିତ ହେଉଛି । ସେ ରକ୍ତଧାରା ଏପର୍ଯ୍ୟନ୍ତ ଏକାବେଳକେ ଲୋପ ହୋଇନାହିଁ । ବର୍ତ୍ତମାନ ସମସ୍ତ ଅନ୍ଧ, ଆଳସ୍ୟ ପରିତ୍ୟାଗ କରି କର୍ମକ୍ଷେତ୍ରରେ ପ୍ରବେଶ ହେଲେ ନିଶ୍ଚୟ ଆମ୍ଭେମାନେ ପୂର୍ବ ଗୌରବ ଫେରି ପାଇବା ।

# ଖୋଦିତ ଲିପି

ପ୍ରାଚୀନ ଉତ୍କଳର ଇତିହାସର କେତେକ ସାମଗ୍ରୀ ଖୋଦିତ ଲିପିରେ ବର୍ତ୍ତମାନ ଅଛି । ଖୋଦିତ ଲିପିଗୁଡ଼ିକ ନାନା ସ୍ଥାନରେ ନାନାଭାବରେ ପଡ଼ିରହିଛି । କେତେକ ତାମ୍ରପଟ୍ଟ ମାଟିଭିତରେ ସ୍ଥାନ ପାଇଛି । କେତେବେଳେ ସୁଯୋଗ ପଡ଼ିଲେ ଖଣ୍ଡେ ଅଧେ ମିଳୁଛି । ଉତ୍କଳର ସମସ୍ତ ଲିପି ଏପର୍ଯ୍ୟନ୍ତ ପଦାକୁ ବାହାରି ନାହିଁ । ଏ ସମସ୍ତ ଲିପି ପ୍ରକାଶିତ ହେଲେ ପ୍ରାଚୀନ ଉତ୍କଳର ଅନେକ ଗୂଢ଼ ତତ୍ତ୍ୱ ଜଣାପଡ଼ିବ । ଏପର୍ଯ୍ୟନ୍ତ ଯେତେ ଲିପି ପ୍ରକାଶିତ ହୋଇଛି ତାହା ଇଂରାଜୀ ଭାଷାର ମାସିକ ପ୍ରଭୃତି ପତ୍ରିକାରେ ସନ୍ନିବେଶିତ ଅଛି । ସେଗୁଡ଼ିକ ଏଦେଶରେ ଏକ ସ୍ଥାନରେ ମିଳିବ ନାହିଁ ଏବଂ ସେସବୁ ଆଲୋଚନା କରିବା ଦୂରରେ ଥାଉ, ଦେଖିବାର ସୁବିଧା ମିଳୁନାହିଁ । ଏହି ଉଦ୍ଦେଶ୍ୟରେ ସେଗୁଡ଼ିକ ଯଥାଶକ୍ତି ଏକାଠି କରିବା ପାଇଁ ଏଠାରେ ଉଦ୍ଧାର କରୁଗଲୁ । ଲିପିମଧ୍ୟରୁ କେତେକ ପାହାଡ଼, ଦେଉଳ ପ୍ରଭୃତିରେ ଖୋଦିତ ଅଛି, କେତେକ ତାମ୍ରପଟ୍ଟମାନଙ୍କରେ ଖୋଦିତ ହୋଇ ରହିଛି, କେତେକ ମଧ୍ୟ ପ୍ରାଚୀନ ତାଳପତ୍ର, କାଗଜରେ ଲିଖିତ ଅଛି । ଏ ସମସ୍ତ ସଂଗ୍ରହ କରିବା ସମୟ ଓ ବ୍ୟୟସାପେକ୍ଷ । ଅତଏବ ଯେତେଦୂର ପାରୁ କେତେଗୁଡ଼ିଏ ଏଠାରେ ଉଦ୍ଧାର କରୁଅଛୁଁ । ସମସ୍ତ ଲିପି ଉଦ୍ଧୃତ ହେଲେ ପୁସ୍ତକର କଳେବର ଅତ୍ୟଧିକ ବୃଦ୍ଧି ହେବ, ସୁତରାଂ କେତେକ ଲିପିର କେବଳ ସାରମର୍ମ ଦିଆଯାଉଛି ।

(୧) ନରସିଂହ ଦେବଙ୍କ ତାମ୍ରଶାସନ :—କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମଠାରେ କେନ୍ଦ୍ରାପଡ଼ା କେନାଲ ଖୋଳା ହେଉଥିବା ବେଳେ ମିଳିଥିଲା । ମାଟିତଳରୁ ପ୍ରାୟ ୭/୮ ହାତ ତଳେ ପୋତାଥିଲା । ବଙ୍ଗଳାର ଏସିଆଟିକ୍ ସୋସାଇଟି ମାସିକ ପତ୍ରିକା ୬୫ ଖଣ୍ଡ ୧ମ ଭାଗ ୩ ନମ୍ବର ୨୨୯ ପୃଷ୍ଠାରେ ୧୮୯୬ ମସିହାରେ ପ୍ରକାଶିତ ହୋଇଛି । ୭ ଗୋଟି ତମ୍ବାପଟା, ପ୍ରତ୍ୟେକ ପଟ ଲମ୍ବ ୧୩ ଇଞ୍ଚ, ଓସାର ୯ ଇଞ୍ଚ ଏବଂ ମୋଟ ବା ବହଳ ¼ ଇଞ୍ଚ । କୁଟିଳାକ୍ଷରରେ ଲିପି ଲେଖାଯାଇଛି । ଅଧିକାଂଶ ଅକ୍ଷର ଆଧୁନିକ ଉତ୍କଳାକ୍ଷର, କେତେକ ବଙ୍ଗାକ୍ଷର ସଦୃଶ, କେତେକ ନାଗରାକ୍ଷର ସଦୃଶ । ମାତ୍ର

ହିକର ଗୋଲ କରିଦେବେ ଉତ୍କଳାକ୍ଷର ହେବ । ନଗେନ୍ଦ୍ରନାଥ ବସୁ ମହାଶୟ ଆକାର ଦେଖି ବଙ୍ଗାକ୍ଷର ବୋଲି ଅନୁମାନ କରନ୍ତି, ମାତ୍ର କୁଟିଳାକ୍ଷର ବଙ୍ଗାକ୍ଷର ନୁହେଁ । ତାହା ଉତ୍କଳାକ୍ଷରର ଜନନୀ କହିଲେ ଅଯୁକ୍ତ ହେବ ନାହିଁ । ଏଥିରେ ୭୮ ପଂକ୍ତି ଗଦ୍ୟ ସଂସ୍କୃତ ଏବଂ ଶାର୍ଦ୍ଦୂଳବିକ୍ରୀଡ଼ିତ ସ୍ରଗ୍ଧରା ବୃତ୍ତର ୧୫୫ ଶ୍ଳୋକ ଅଛି । ଗଦ୍ୟରେ ଶାସନଦାନର ଅଙ୍ଗୀକାରପତ୍ର ଏବଂ ଲିପିକରର ସଂକ୍ଷିପ୍ତ ବଂଶାବଳୀ ଅଛି । ଶ୍ଳୋକରେ ଦ୍ୱିତୀୟ ନରସିଂହ ଦେବଙ୍କ ପର୍ଯ୍ୟନ୍ତ ଗଙ୍ଗବଂଶର ରାଜାମାନଙ୍କ ଚରିତ୍ର, ମହିମା, କୀର୍ତ୍ତି ବର୍ଣ୍ଣିତ ଅଛି । ୧୨୧୨ ଶକାବ୍ଦରେ ଲିପି ଲେଖାଯାଇଛି । ରାଜତ୍ୱର ଏକବିଂଶ ବର୍ଷ ସିଂହ ଶୁକ୍ଳପକ୍ଷ ସୋମବାର ଦିନ ବେରମୁଣା କଟକରେ ନବର ଭିତରକୁ ବିଜୟ କରିବା ସମୟରେ ଗଙ୍ଗାକୂଳରେ ଚନ୍ଦ୍ରଗ୍ରହଣ ମୁହୂର୍ତ୍ତରେ ଦାନ ଦିଆଯାଇଛି । ଦାନଗ୍ରହୀତା ଯଜୁର୍ବେଦାନ୍ତର୍ଗତ କାଣ୍ୱଶାଖାଧ୍ୟାୟୀ କୁମାର ମହାପାତ୍ର ଭୀମଦେବ ଶର୍ମା । ୬୦ ବାଟି ଭୂମି ଦାନ କରାଯାଇଛି । ଜେଗୁବାଟି ଅନ୍ତର୍ଗତ ଏଡ଼ାର (ଏଣ୍ଡର) ଗ୍ରାମ । ଶ୍ରୀକରଣ ଜୈବ ଦାସ ନଳରେ ମାପିଥିଲେ ଏଗ୍ରାମକୁ ବା ୬୪।୭।୧୨ ଏବଂ ପୂନାଇଲେ ଗ୍ରାମକୁ ବା ୧୬।୧୨।୧୩ ଗୁଣ୍ଠ ।

ଓଁ ନମୋ ନାରାୟଣାୟ

ଲକ୍ଷ୍ମୀପାଦ ସରୋରୁହ ମଦଃ ତେଷ୍ୱାପି ଦାମୀଷ୍ଟବ
ସ୍ପୃଷ୍ଟ୍ୱର୍ଦ୍ଧ କରେଣ କେଶର ଶର୍ବୈର୍ମାଦ୍ୟନ୍ନଖାଙ୍କଦଳଂ
ବକ୍ଷସ୍ଥଂ ପ୍ରତିବିମ୍ବିତଃ ସ୍ତନତଟୌ ଲୀଳାପଦ୍ମଯୋଭବୈଃ
କୃଷ୍ଣା ତନ୍ନଖପାଙ୍କ୍ତି ସୁଭ୍ରମରତାଂ ଧତ୍ତେ ସ ଲକ୍ଷ୍ମୀପ୍ରିୟଃ । ୧ ।

× × ×

ସ୍ୱସ୍ତ୍ୟେକଂ ଶଶିବଂଶ ଭୂପତି ଭୁଜ ବ୍ୟାପାର ସଂଲକ୍ଷ୍ମୀକ
କଳ୍ପିତାଃ ଖଣ୍ଡେଭ ଶିତୌ ବହୁମୁଖୋ ଯଜ୍ଞାଙ୍କ ସୈନ୍ଧ ବୃ
ଚୋଡର୍ଣ୍ଣାଙ୍କିତ କୀର୍ତ୍ତିବର୍ଣ୍ଣିନପରଂ ତତ୍ପାରତଂ ପ୍ରାଭବତ୍
ତସ୍ମାଦାନ୍ତ୍ରପୁମାନସମାଦ ନୃପତିଶ୍ରେଣୀ ନମାକ୍ଷିଣ୍ୟତେ । ୨ ।

(୧) ଚନ୍ଦ୍ର, (୨) ବୁଧ, (୩) ଅନଳ, (୪) ପୁରୁରବା, (୫) ଆୟୁ, (୬) ନହୁଷ, (୭) ଯଯାତି, (୮) ତୁର୍ବସୁ, (୯) ଗାଙ୍ଗେୟ, (୧୦) ବିରେଚନ, (୧୧) ଦମ୍ଭୋଦ୍ୟ, (୧୨) ସ୍ୱଗୁଣ, (୧୩) ଦକ୍ଷସେନ, (୧୪) ସୌମ୍ୟ, (୧୫) ଅଶ୍ୱଦତ୍ତ, (୧୬) ସୌରଙ୍ଗ, (୧୭) ଓଶାଙ୍ଗଦ, (୧୮) ଶିରଧ୍ୱଜ, (୧୯) ଧନ୍ୱେଶ, (୨୦)

ସପ୍ତସ୍ତିତ, (୨୧) କଣ୍ଠସେନ (୨୨) ବିଜୟସେନ, (୨୩) ବୃଷଧ୍ୱଜ, (୨୪) ଗୁଣାର୍ଣ୍ଣବ (୨୫) ଶତ୍ରୁ, (୨୬) କୋଳାହଳ (ଅନନ୍ତ ବର୍ମା) ।

ଦେବଜନକ ସମ୍ଭବୋ ଗଙ୍ଗାବାନ୍ତି ପ୍ରସିଦ୍ଧ ।
ସକଲ ବସୁଧା ଭୂତଃ ଦୁର୍ଦ୍ଦର୍ଶୋପରେକ୍ଷଣୀ ।
ତଦନ୍ୱୟପଥରଥାଦ୍ୟୋନନ୍ତ ବର୍ମା ନୃପେନ୍ଦ୍ର ।
ସମଭବଦତି ରୂପ ଗଙ୍ଗନାମ୍ନା ତଦାଦ୍ୟା । ୭ ।
କୋଳାହଳଃ ସମର ମୂର୍ଦ୍ଧ୍ନି ତତୋ ନୃପାଣାଂ ।
ଭୂତୋ ସତଃ ପୁରପୁରଶ୍ଚ ତଦାସ୍ତ ଶମ୍ଭୁ ।
କୋଳାହଳାହ୍ୱୟ ମଭୂତ୍ ପୁରସଦ୍ଭୁ ତୁଲ୍ୟଂ ।
ତସ୍ମିନ୍ କ୍ରମେ ନୃପତଭି ର୍ବହୁଭି ର୍ବଭୂବେ । ୮ ।
ରାଜାଂଶ୍ରୀ ଭୂତ ନାରସିଂହ ନୃପତେ ଜ୍ୟେଷ୍ଠଜନସ୍ୟାତ୍ମଜେ ।
ଦୋର୍ଦ୍ଦଣ୍ଡାର୍ଜ୍ଜିତ ଭୂତଳୋଧିପ ରାମ କଣ୍ଠାଗ୍ରହା ନନ୍ଦନଃ ।
ବାସ୍ତାପ୍ୟନଙ୍ଗଂ ଭୁଜାସି ଲତିକା ଯଦେଷ୍ଟ ଭାଂ ବୈରିଣାଂ ।
କଣ୍ଠାଗ୍ରଆଶ୍ଲିଷ୍ଟ କାନ୍ତିଲତିକା ବ୍ୟାନ୍ଧୁଃ ବନୋଦ୍ରେଶ୍ୱଭୂ । ୯ ।
ଭ୍ରାମ୍ୟନ୍ତି ର୍ଦ୍ଦିକଶୀସ୍ୱଣା ଶିଖଡଲେ ଭ୍ରାନ୍ତି ତ୍ରିପଥକ୍ଷତୈଃ ।
ବ୍ୟାପି ଦ୍ୱେଷିକୁଳ ପ୍ରମାଥିଭିରପି ପ୍ରାପ୍ତାଃ କଲଙ୍କାଙ୍କିତା
ତୈଃ କାମାର୍ଣ୍ଣବ ପଞ୍ଚମୌ ନୃପବରେରପ୍ୟତ୍ର ଖଲ୍ୱେଃ ସମଂ ।
ପ୍ରାପ୍ତା ପୃଷ୍ଟୁମିବାର୍ଣ୍ଣବା ପୂର୍ବଗମତ୍ କୂର୍ମ୍ମାବତାରେ ହରିଂ । ୧୦ ।

ସେହି ବଂଶର ରାଜା କାମାର୍ଣ୍ଣବ କଟେଣ ଆଦିପୁରୁଷ । ତାହାଙ୍କ ପୁତ୍ର ପୌତ୍ର ପ୍ରଭୃତି ବଂଶଶାଳୀ ରାଜା ହୋଇ ବିଗତ । ତାହାଙ୍କ ପୁତ୍ର ବଜ୍ରହସ୍ତ । ସେ ନିକଳଙ୍କପତି । ତାହାଙ୍କ ପତ୍ନୀ ନଙ୍ଗମା । ବୀର ରାଜରାଜ ତାହାଙ୍କ ତନୟ । ରାଜରାଜଙ୍କ ଜ୍ୟେଷ୍ଠ ମହିଷୀ ରାଜସୁନ୍ଦରୀ । ଏହାଙ୍କ ପୁତ୍ର ଚୋଡ଼ଗଙ୍ଗ ଦେବ । ସେ ୭୦ ବର୍ଷ ରାଜତ୍ୱ କରିଥିଲେ । ତାହାଙ୍କ ସ୍ତ୍ରୀ କସ୍ତୁରୀ କାମୋଦିନୀ । ଚୋଡ଼ଗଙ୍ଗଙ୍କ ପୁତ୍ର କାମାର୍ଣ୍ଣବ । ସେ "ବେଦର୍ତ୍ତୁ ବ୍ୟୋମଚନ୍ଦ୍ର ପ୍ରମିତ ଶକେ" ଅର୍ଥାତ୍ ୧୦୬୪ ଶକାବ୍ଦରେ ମୂର୍ଦ୍ଧାଭିଷିକ୍ତ ହେଲେ । ସେ ୧୦ ବର୍ଷ ରାଜତ୍ୱ କରିଥିଲେ । ଇତର ଚୋଡ଼ଗଙ୍ଗଙ୍କର ଅନ୍ୟ ଏକ ମହିଷୀ ଥିଲେ । ତାଙ୍କ ଗର୍ଭରୁ ରାଘବ ଜନ୍ମଗ୍ରହଣ କରିଥିଲେ । ସେହି ରାଘବ ଜନ୍ମ ହେବା ପରେ ରାଜା ହେଲେ ଏବଂ ୧୫ ବର୍ଷ

ରାଜତ୍ୱ କରିଥିଲେ । ଚୋଡ଼ଗଙ୍ଗଙ୍କର ଚନ୍ଦ୍ରଲେଖା ଅନ୍ୟ ଏକ ମହିଷୀ ଥିଲେ । ତାଙ୍କ ଗର୍ଭରୁ ରାଜରାଜ ଜନ୍ମହୋଇଥିଲେ । ଅନଙ୍ଗଭୀମ ତାଙ୍କର ସାନଭାଇ । ସେ ଦଶବର୍ଷ ରାଜତ୍ୱ କରିଥିଲେ । ଅନଙ୍ଗଭୀମଙ୍କ ପୁତ୍ର ରାଜରାଜ । ବାଘଲ୍ଲଦେବୀ ତାଙ୍କ ମହିଷୀ ଥିଲେ । ସେ ୧୭ ବର୍ଷ ରାଜତ୍ୱ କରିଥିଲେ । ମକ୍ତୁଣଦେବୀ ତାଙ୍କର ମହିଷୀ ଥିଲେ । ଏହାଙ୍କ ଗର୍ଭରୁ ଅନଙ୍ଗଭୀମଦେବ ଜନ୍ମହୋଇଲେ । ଅନଙ୍ଗଭୀମ ୩୪ ବର୍ଷ ରାଜତ୍ୱ କରିଥିଲେ । କସ୍ତୁରଦେବୀ ତାଙ୍କର ମହିଷୀ ଥିଲେ । ଏହାଙ୍କ ଗର୍ଭରୁ ନରସିଂହଦେବ ଜନ୍ମଗ୍ରହଣ କଲେ । ତାଙ୍କର ୧୭ ଜଣ ଶାସ୍ତ୍ରବିଶାରଦ ମନ୍ତ୍ରୀ ଥିଲେ ଏବଂ ସେମାନଙ୍କ ପରାମର୍ଶ ନେଇ ସେ ରାଜ୍ୟଶାସନ କରୁଥିଲେ । ସେ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ସୁନ୍ଦର ଗୃହାବଳୀ ଏବଂ ଅନ୍ନ ଗୁଆ କଦଳୀ ପ୍ରଭୃତି ସମନ୍ୱିତ ଏକଶତ ଶାସନ ଯଥାବିଧି ତାମ୍ରଶାସନ କରି ସାବିତ୍ର ଚନ୍ଦ୍ରାର୍କ ଭୋଗ କରିବା-ପାଇଁ ଦାନ କରିଥିଲେ । ସେହି ଭାନୁଦେବ ୧୮ ବର୍ଷ ରାଜତ୍ୱ କରିଥିଲେ । ଚାଲୁକ୍ୟ ବଂଶୀୟା ଜାକଲ୍ଲଦେବୀ ତାଙ୍କର ମହିଷୀ ଥିଲେ । ତାହାଙ୍କଠାରୁ ବୀର ନୃସିଂହଦେବ ଜାତ ହେଲେ । ତାମ୍ରଶାସନରେ ଏ ସମସ୍ତ ରାଜାମାନଙ୍କ ଚରିତ୍ର ବିଶଦଭାବରେ ବର୍ଣ୍ଣିତ ହୋଇଛି । ସେମାନେ ପ୍ରତ୍ୟେକ ଦ୍ରୁତବିଳମ୍ବିତ, ଶାର୍ଦ୍ଦୂଳ, ଶାର୍ଦ୍ଦୂଳବିକ୍ରୀଡ଼ିତ, ପୁଷ୍ପିତାଗ୍ରା ସ୍ୱାଗତା, ମହାମାଳା ପ୍ରଭୃତି ଛନ୍ଦୋବଦ୍ଧମାନଙ୍କରେ ବିଭୂଷିତ । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ମୂଳ ଶ୍ଳୋକମାନ ଦେବାରୁ ସାମର୍ଥ୍ୟ ହେଲୁ । ଅନୁଗ୍ରହ ଦେଖିବାକୁ ଇଚ୍ଛିଲେ 'ମୁକୁର' ୪ର୍ଥ ଭାଗ ୧ମ ଓ ୨ୟ, ୩ୟ ଓ ୪ର୍ଥ, ୧ମ ଓ ୨ୟ ସଂଖ୍ୟା ଦେଖିବେ । ଉପରୋକ୍ତ ବିଷୟମାନ କେବଳ-ଐତିହାସିକ ବିଷୟ ଅଟେ । ଶ୍ଳୋକମାନଙ୍କର ଅଧିକାଂଶ ରାଜପ୍ରଶସ୍ତି ଏବଂ ରାଜା-ମାନଙ୍କ ଗୁଣାବଳୀ ସମ୍ବନ୍ଧରେ ବିଭିନ୍ନ ଛନ୍ଦରେ ବର୍ଣ୍ଣିତ ହୋଇଛି ।

(୧) ବଜ୍ରହସ୍ତଙ୍କ ତାମ୍ରଶାସନ
(୨) ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ
(୩) ପୃଥ୍ୱୀବର୍ମାଙ୍କ ତାମ୍ରଶାସନ
(୪) ଚୋଡ଼ଗଙ୍ଗଦେବଙ୍କ ତାମ୍ରଶାସନ

ଏସବୁ ତାମ୍ରଶାସନ ଗଞ୍ଜାମର ତାମ୍ରଶାସନ । ଟିକାଲି ସୁପରିଚିତ ପଣ୍ଡିତ ଏଜୁତ୍ରିକ 'ସ୍ୱଦେଶୀ' ପ୍ରଭୃତି ଖବରକାଗଜରେ ପ୍ରକାଶିତ କରିଥିଲେ । ପାରଳାକେମୁଣ୍ଡିର ସତ୍ୟନାରାୟଣ ରାଜ-ଗୁରୁ ମହାଶୟ ଏ ତାମ୍ରଶାସନମାନଙ୍କ ଉପରେ 'ଉତ୍କଳସାହିତ୍ୟ'ରେ ଦୀର୍ଘ ପ୍ରବନ୍ଧ ଲେଖିଥିଲେ ।

ଏପିଗ୍ରାଫିକ୍ ଇଣ୍ଡିଆ ନାମକ ମାନ୍ଦ୍ରାଜ ପ୍ରଦେଶର ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ପତ୍ରିକାରେ କେତେକ ପ୍ରକାଶିତ ହୋଇଥିଲା । ସେସବୁ ଆମ୍ଭେ ପାଠ କରିଅଛୁଁ ।

ସେସବୁ ତାମ୍ରଶାସନଗୁଡ଼ିକ ଭୂମି-ଦାନପତ୍ର । ସେଥିରେ ରାଜାମାନଙ୍କ ଗୁଣାବଳୀ, ଯାଗଯଜ୍ଞ ମଧ୍ୟ ବର୍ଣ୍ଣିତ ହୋଇଅଛି । ଗଙ୍ଗବଂଶୀୟ ରାଜାମାନେ ତ୍ରିକଳିଙ୍ଗାଧିପତି ଥିବାର ଉଲ୍ଲେଖ ଅଛି । ଦକ୍ଷିଣ ପ୍ରଦେଶରେ ଏମାନେ ପ୍ରବଳପରାକ୍ରମୀ ରାଜବଂଶ ଥିଲେ ଏବଂ ବହୁକାଳ ରାଜତ୍ୱ କରିଥିଲେ । ମହେନ୍ଦ୍ରପର୍ବତରେ ପ୍ରତିଷ୍ଠିତ ଗୋକର୍ଣ୍ଣେଶ୍ୱର ମହେଶ୍ୱର ବା ମହାଦେବ ସେମାନଙ୍କର ଇଷ୍ଟ-ଆରାଧ୍ୟ ଦେବତା ଥିଲେ । ସେମାନେ ଅତ୍ୟନ୍ତ ଶୈବ ଥିଲେ ( ଉତ୍କଳସାହିତ୍ୟ ୩୮ଶ ଭାଗ ୨ୟ, ୭ମ ଓ ୧୨ଶ ସଂଖ୍ୟା ) । ଏ ରାଜାମାନେ ବର୍ମ୍ମା ଉପାଧିଧାରୀ ଥିଲେ । ଏ ବଂଶ ଅନନ୍ତବର୍ମ୍ମା ନାମରେ ଖ୍ୟାତ । ଏମାନେ ଦକ୍ଷିଣ ଗଞ୍ଜାମରେ ୨୦ ପୁରୁଷ ରାଜତ୍ୱ କରିଥିଲେ । ଏସବୁ ତାମ୍ରଶାସନରୁ ଗଙ୍ଗବଂଶାବଳୀର ପରିଚୟ ମିଳେ ।

(କ) ବୀରସିଂହ ( ପୃଥିବର୍ମ୍ମାଙ୍କ ତାମ୍ରଶାସନ ଫଳକ )

| | | | | |
|---|---|---|---|---|
| କାମାର୍ଣ୍ଣବ | ଦାନାର୍ଣ୍ଣବ | ଗୁଣାର୍ଣ୍ଣବ | ମାରସିଂହ | ବଜ୍ରହସ୍ତ |
| (କଳିଙ୍ଗରାଜ) | (କାଣ୍ଡିକାବନ୍ଦ୍ରଭଣ୍ଡ) | (ଦବାଡ଼ିବଷୟ) | (ପୋଦାମଣ୍ଡଳ) | (କଣ୍ଟକବର୍ତ୍ତିନୀ) |

ହସ୍ତୀବର୍ମ୍ମ ୮୦ ( ଗଙ୍ଗବଂଶ ପ୍ରବର୍ତ୍ତମାନ ବିଜୟ ରାଜ୍ୟ ସମ୍ବତ୍ )

ଇନ୍ଦ୍ରବର୍ମ୍ମ ୮୭ ଓ ୯୧

ରାଜେନ୍ଦ୍ରବର୍ମ୍ମାଙ୍କ ପୁତ୍ର ଇନ୍ଦ୍ରବର୍ମ୍ମ ୧୨୦

ଇନ୍ଦ୍ରବର୍ମ୍ମା ୧୪୭ ଓ ୧୪୩

ଦାନାର୍ଣ୍ଣବ

ଦେବେନ୍ଦ୍ରବର୍ମ୍ମ ୧୮୩ ଓ ୧୮୪

ଅନନ୍ତବର୍ମ୍ମ ୨୦୪

ଦେବେନ୍ଦ୍ରବର୍ମ୍ମା ୨୫୪ ଓ ୨୫୧

ରାଜେନ୍ଦ୍ର ବର୍ମ୍ମ

ଅନନ୍ତବର୍ମ୍ମା ୩୦୧ ଓ ୩୧୩

ସୁତ ରାଜେନ୍ଦ୍ରବର୍ମା ୩୦୨
|
ଦେବେନ୍ଦ୍ରବର୍ମା
|
ବଜ୍ରୀ
|
ନରସିଂହ
|
ଦେବେନ୍ଦ୍ରବର୍ମା

(ଖ) ଗଙ୍ଗବଂଶାବଳୀ ( ନରସିଂହ ତାମ୍ରଶାସନ )

ଅନନ୍ତ
|
ବ୍ରହ୍ମ, ଅତ୍ରି, ଚନ୍ଦ୍ର, ବୁଧ, ପୁରୁରବା, ଆୟୁ ପ୍ରଭୃତି ୮୦ ପୁରୁଷ ପରେ
|
ନରସିଂହ
|
୧ମ କାମାର୍ଣ୍ଣବ (୩୬ ବର୍ଷ) ଦାନାର୍ଣ୍ଣବ (୪୦ ବର୍ଷ) ୧ମ ଗୁଣାର୍ଣ୍ଣବ ମାରସିଂହ ୧ ବଜ୍ରହସ୍ତ
|
୨ୟ କାମାର୍ଣ୍ଣବ ( ୫୦ ବର୍ଷ ).
|
ରଣାର୍ଣ୍ଣବ ( ୫ ବର୍ଷ )
|
୨ୟ ବଜ୍ରହସ୍ତ ( ୧୫ ବର୍ଷ ) ୩ୟ କାମାର୍ଣ୍ଣବ ( ୧୯ ବର୍ଷ )
|
୩ୟ ବଜ୍ରହସ୍ତ ( ୪୪ ବର୍ଷ )
|
ଘୋଡାଙ୍କୁଶ(୧୫) କଲିଙ୍ଗଲାଙ୍କୁଶ (୧୨) ୧ମ ଗୁଣ୍ଡ (୩) ୪ର୍ଥ କାମାର୍ଣ୍ଣବ (୨୫) ବିଜୟାଦିତ୍ୟ ବା ବିନୟାଦିତ୍ୟ ( ୩ ବର୍ଷ )
|
୪ର୍ଥ ବଜ୍ରହସ୍ତ ବା
୧ମ ଅନଙ୍ଗ ଭୀମ (୩୫ ବର୍ଷ)
|

୫ମ କାମାର୍ଣ୍ଣବ (୬ ମାସ) ୬ଷ୍ଠ ଗୁଣ୍ଡ (୩ ବର୍ଷ) ୭ମ ମଧୁକାମାର୍ଣ୍ଣବ (୧୯ ବର୍ଷ)

୮ମ ବଜ୍ରହସ୍ତ (୩୫ ବର୍ଷ)

୯ମ ରାଜରାଜ (୮ ବର୍ଷ)

ଅନନ୍ତବର୍ମା ଚୋଡ଼ଗଙ୍ଗ

(ଖ) ଗଙ୍ଗବଂଶାବଳୀ ( ନରସିଂହ ଓ ଭାନୁ ତାମ୍ରଶାସନ )

ବଜ୍ରହସ୍ତ ଦେବ=ନଙ୍ଗମାଦେବୀ ମହିଷୀ

୧ମ ରାଜରାଜ ଦେବ=ରାଜସୁନ୍ଦରୀ ଦେବୀ

ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ (୭୦ ବର୍ଷ)

କସ୍ତୁରା ଦାମୋଦରଙ୍କ ପୁତ୍ର କାମାର୍ଣ୍ଣବ (୧୦ ବର୍ଷ) ଇନ୍ଦିରାଙ୍କ ପୁତ୍ର ଶ୍ରୀରାଘବ (୧୫ ବର୍ଷ) ଚନ୍ଦ୍ରଲେଖା ପୁତ୍ର

୨ୟ ରାଜରାଜଦେବ=ବାସଲ୍ଲଦେବୀ (୧୭ ବର୍ଷ) ୨ୟ ଅନଙ୍ଗଭୀମଦେବ

୩ୟ ରାଜରାଜ ଦେବ=ସଦଗୁଣା ଦେବୀ (୧୭ ବର୍ଷ)

୩ୟ ଅନଙ୍ଗଭୀମଦେବ=କସ୍ତୁରା ଦେବୀ (୩୪ ବର୍ଷ)

୧ମ ନରସିଂହ ଦେବ=ସୀତାଦେବୀ (୩୩ ବର୍ଷ)

୨ୟ ଭାନୁଦେବ=ଜାକଲ୍ଲଦେବୀ (୧୮ ବର୍ଷ)

୨ୟ ନରସିଂହଦେବ = ଚୋଡ଼ଦେବୀ (୩୩ ବର୍ଷ)
|
୨ୟ ବୀରଭାନୁ ଦେବ = ଲକ୍ଷ୍ମୀଦେବୀ (୨୪ ବର୍ଷ)

୩ୟ ନରସିଂହଦେବ = କମଳା ଦେବୀ (୨୪ ବର୍ଷ)
|
୩ୟ ଭାନୁଦେବ = ହୀରାଦେବୀ (୨୯ ବର୍ଷ)
|
୪ର୍ଥ ନରସିଂହଦେବ ?
୪ର୍ଥ ଭାନୁଦେବ ?

## (ଘ) ବଂଶାବଳୀ (ଶିଳାଲିପି ଅନୁସାରେ)

| | ଶକାବ୍ଦ | ଅଙ୍କ | ବର୍ଷ |
|---|---|---|---|
| ୧ ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ | ୯୯୯–୧୦୬୯ | ୭୨ | ୭୦ |
| ୨ ୨ୟ କାମାର୍ଣ୍ଣବ ଦେବ | ୧୦୬୯–୧୦୭୯ | ୧୨ | ୧୦ |
| ୩ ଶ୍ରୀରାଘବ | ୧୦୭୯–୧୦୯୨ | ୨୮ | ୧୩ |
| ୪ ୨ୟ ରାଜରାଜ ଦେବ | ୧୦୯୨–୧୧୧୮ | ୩୦ | ୨୬ |
| ୫ ୧ମ ନରସିଂହ ଦେବ | ୧୧୧୮–୧୧୩୪ | ୧୭ | ୧୬ |
| ୬ ୨ୟ ଅଣିୟଙ୍କ ଭୀମଦେବ | ୧୧୩୪–୧୧୬୦ | ୩୩ | ୨୬ |
| ୭ ୨ୟ ନରସିଂହଦେବ ଅଥ୍ବା ରାଜରାଜଦେବ | ୧୧୬୦–୧୧୭୮ | ୨୩ | ୧୭ |
| ୮ ୨ୟ ଅନଙ୍ଗ ଭୀମଦେବ | ୧୧୭୮–୧୧୮୮ | ୧୨ | ୯ |
| ୯ ୩ୟ ନରସିଂହ | | | |
| ୧୦ ୧ମ ଭାନୁଦେବ | ୧୧୮୮–୧୨୦୦ | ୧୫ | ୧୨ |
| ୧୧ ୪ର୍ଥ ନରସିଂହ ଦେବ | ୧୨୦୦–୧୨୨୮ | ୩୪ | ୨୯ |
| ୧୨ ପୁରୁଷୋତ୍ତମ ଦେବ | ୧୨୨୯–୧୨୫୦ | ୨୧ | ୨୦ |
| ୧୩ ୨ୟ ଭାନୁ ବା ୫ମ ନରନାରାୟଣ ସିଂହ | ୧୨୫୦–୧୨୭୪ | ୩୩ | ୨୪ |
| ୧୪ ୩ୟ ବୀରଭାନୁ ଦେବ | ୧୨୭୪–୧୨୯୯ | ୩୨ | ୨୫ |
| ୧୫ ୬ଷ୍ଠ ନରସିଂହଦେବ | ୧୨୯୯—? | | |
| ୧୬ ୪ର୍ଥ ଭାନୁଦେବ | | | |

## (ଙ) ଗଙ୍ଗବଂଶାବଳୀ (ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ସଂଶୋଧିତ)

୭ମ ମଧୁକାମାର୍ଣ୍ଣବ = ବୈଦୁମ୍ବବଂଶୋଦ୍ଭବା ରାଜସୁ ମହାଦେବୀ ( ଶ ୯୪୧–୯୬୦ )

ଅନନ୍ତବର୍ମା ୫ମ ବଜ୍ରହସ୍ତ = ହୈହୟବଂଶଜା ପୁତ୍ରୀ ଓ ନଙ୍ଗମା (୯୬୦-୯୯୨)

୧ମ ରାଜରାଜ ଦେବ = ଚୋଳବଂଶଜା ରାଜସୁନ୍ଦରୀ (ଶ ୯୯୨-୯୯୯)

ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ଶ ୯୯୯-୧୦୬୯ | ମଳସ୍ତୁକଶ୍ରୀ ଦେବ | ପେର୍ମାଡ଼ି ଅଧୀଶ୍ୱର ଗଙ୍ଗଗଣ୍ଡ ଚୋଡ଼ପଣ୍ଡିତ ଓ ମାଳ ମହାଦେବୀ

ଚୋଡ଼ଗଙ୍ଗ (ପରୋଦ୍ଧୃତ ବଂଶାବଳୀ—ଅସମ୍ପୂର୍ଣ ଉଲ୍ଲେଖ)

କସ୍ତୁରିକାମୋଦିନୀ ପୁତ୍ର ଉମାବଲ୍ଲଭ ଅନନ୍ତବର୍ମା ୬ଷ୍ଠ କାମାର୍ଣ୍ଣବ ଜଟେଶ୍ୱର ଦେବ (ଶ ୧୦୬୯-୧୦୭୭) | ଧରଣୀପତି ଦେବେନ୍ଦ୍ର | ମହାଦେବୀଙ୍କ ପୁତ୍ର ଏକଜଟାଦେବ

ସୁନ୍ଦରୀବଂଶସ୍ଥା ରାଣୀ ଇନ୍ଦିରାଦେବୀଙ୍କ ପୁତ୍ର ଅନନ୍ତବର୍ମା ଦେବାଧିଦେବ ରାଘବଙ୍କ ଚକ୍ରବର୍ତ୍ତୀ ଶ ୧୦୭୭-୧୦୯୨

ଭାଣ୍ଡପଦୋଳିକା ରାଣୀ ଚନ୍ଦ୍ରଲେଖାଙ୍କ ପୁତ୍ର ଅନନ୍ତବର୍ମା ୨ୟ ରାଜରାଜଦେବ = ସୁରମା ଦେବୀ ଶ ୧୦୯୨-୧୧୧୮

ଅନନ୍ତବର୍ମା ୧ମ ନରସିଂହ ଦେବ (?) ଶ ୧୧୧୮-୧୧୩୪

ଶ୍ୟାମଳାଙ୍କ ପୁତ୍ର ୨ୟ ଅନଙ୍ଗ ଭୀମଦେବ = କସ୍ତୁରୀଦେବୀ ଶ ୧୧୩୪-୧୧୬୧

୨ୟ ନରହରିସିଂହ ବା ୩ୟ ରାଜରାଜ = ପଦ୍ମଗୁଣ୍ଡଦେବୀ ଶ ୧୧୬୧-୧୧୬୮

୩ୟ ଅନଙ୍ଗଭୀମଦେବ = ବାଧକୁଦେବୀ ଶ ୧୧୬୮-୧୧୮୮

୨ୟ ନରସିଂହଦେବ = ସୀତାଦେବୀ

|

୨ୟ ଭାନୁଦେବ = ଜାକଲ୍ଲ ଓ ଜସ୍ମା ବା ଜାକଲ୍ଲାଦେବୀ ଖ ୧୨୮୮-୧୩୦୦

|

ଲଙ୍ଗୁଳା ଓ ଗତ ୩ୟ ନରସିଂହଦେବ = ଶ୍ରୀକୃଷ୍ଣମହାଦେବୀ ଖ ୧୩୦୦-୧୩୨୮

|

ପୁରୁଷୋତ୍ତମଦେବ ଖ ୧୩୨୯-୧୩୫୦

|

କପିଳ ୨ୟ ଭାନୁ ବା ୩ୟ ପ୍ରତାପ ନରନାରସିଂହଦେବ = କମଳା ଦେବୀ, ଗଙ୍ଗାଦେବୀ ଓ ସୀତାଦେବୀ ଖ ୧୩୫୦-୧୩୭୫

|

୩ୟ ଭାନୁଦେବ = ସୁସ୍ୱଦେବୀ ଖ ୧୩୭୫-୧୩୯୯

|

୫ମ ନରସିଂହଦେବ

|

୪ର୍ଥ ଭାନୁଦେବ

ଚୋଡ଼ଗଙ୍ଗ ତାମ୍ରଶାସନର ସାରାଂଶ—

୯୯୯ ଶକାବ୍ଦ କୁମ୍ଭ ମାସ ଶୁକ୍ଳ ତୃତୀୟା ଶନିବାର ରେବତୀ ନକ୍ଷତ୍ରରେ ଆଧୁନିକ ମୁଖଲିଙ୍ଗ ନିକଟ ନଗର ନାମକ ରାଜଧାନୀରେ ଅଭିଷିକ୍ତ ହୋଇ ସିଂହାସନାରୋହଣ କଲେ । ତାଙ୍କ ପିତାଙ୍କ ମୃତ୍ୟୁସମୟରୁ ତାଙ୍କୁ ୧୦ ବା ୧୪ ବର୍ଷ ହୋଇଥିଲା । ସେ ମାତାମହ ରାଜେନ୍ଦ୍ର ଚୋଳଙ୍କ ନିକଟରେ ରହି ରାଜନୀତି ଓ ଅସ୍ତ୍ରଶିକ୍ଷା ଲାଭ କରିଥିବାର ଜଣାଯାଏ । ସେ ପ୍ରାୟ ୮୦ ବର୍ଷ ବଞ୍ଚିଥିଲେ । ୭୦ ବର୍ଷ ରାଜତ୍ୱ କରିଥିଲେ । ସେ କଳିଙ୍ଗ ଓ ଓଡ଼ିଶାରେ ରାଜତ୍ୱ କରିଥିଲେ । ତାଙ୍କର ଅନେକଗୁଡ଼ିଏ ମହିଷୀ ଥିଲେ । ଯଥା—(୧) ଚୋଡ଼ଗମହାଦେବୀ, (୨) କସ୍ତୁରିକା-ମୋଦିନୀ, (୩) ଇନ୍ଦିରା, (୪) ଚନ୍ଦ୍ରଲେଖା, (୫) ଶ୍ୟାମଳା, (୬) ଲଦେଜ୍ଜ ଦେବୀ, (୭) ପଦ୍ମାବତୀ, (୮) ରାଜଲୀଲା, (୯) ଲାବଣ୍ୟବତୀ, (୧୦) ପୃଥ୍ୱୀ, (୧୧) କୋଦନ, (୧୨) ସୋମଳ, (୧୩) ପଦ୍ମଳ, (୧୪) ଚନ୍ଦ୍ରବଲ୍ଲୀ, (୧୫) ଜଲସୁ, (୧୬) ଲୀଳାବତୀ, (୧୭) ସୁରଜନୀ । ଭ୍ରାତା-ପୁତ୍ର-କଳତ୍ରମାନଙ୍କ ସହିତ ଆନନ୍ଦରେ ପାରିବାରିକ ଜୀବନ କଟାଇଲେ । ତାଙ୍କ ରାଜ୍ୟର ପଶ୍ଚିମରେ ଦେଙ୍କାନାଳରୁ ଅଦ୍ଧେଁ ଏବଂ ପୂର୍ବରେ ଉତ୍କଳ କଳିଙ୍ଗ ସୀମା ମିଶାଇଥିଲେ ।

ପୂର୍ବସ୍ୟାଂ ଦିଶି ପୂର୍ବମୁତ୍କଳପତିଂ ରାଜ୍ୟେ ନିଧାୟାଗ୍ରଜଂ
ପଶ୍ଚାତ୍ ପଶ୍ଚିମ ଦିକ୍ତଟେ ବିଘଟିତଂ ବେଙ୍ଗୀ ମହୀଶୋ ତତସ୍ତୋଃ
ଲକ୍ଷ୍ମୀ ବନ୍ଧନମାଳକାମିବ ଜୟଶ୍ରୀ ତୋରଣ ପ୍ରସ୍ତୁତ୍ୟୋଃ
ବଧ୍ନାତି ସ୍ମ ସମିଦ୍ଧକୀର୍ତ୍ତିରଭବ ଶ୍ରୀରାଜ ଚୂଡ଼ାମଣିଃ ।

ସେ ସ୍ୱଦେଶରେ ତାଙ୍କର ଟଙ୍କା (ଅଙ୍କ) ପ୍ରଚଳିତ ଥିଲା । ସେ ପ୍ରଜାମାନଙ୍କୁ ରାଜନୀତି ଶିକ୍ଷା କରାଇବା ଉଦ୍ଦେଶ୍ୟରେ ଅଧୀନ ରାଜ୍ୟମାନଙ୍କରେ ପ୍ରତିନିଧି ପ୍ରତିଷ୍ଠିତ କରିଥିଲେ । ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ କଳିଙ୍ଗର ସମ୍ରାଟ ପଦରେ ଅଧିଷ୍ଠିତ ହୋଇଥିଲେ । ରାଜରାଜଦେବ ବେଙ୍ଗିନାଡ଼ିରେ ରାଜତ୍ୱ କରୁଥିଲେ । ତାଙ୍କ ଜୀବିତ ସମୟରେ କାମାର୍ଣ୍ଣବ (୧୮) ଖ୍ରୀଷ୍ଟାବ୍ଦରେ ଓଡ଼ିଶା ସିଂହାସନରେ ପ୍ରତିଷ୍ଠିତ ହୋଇଥିଲେ । ସେ ବେଙ୍ଗୀ, ଗୌଡ଼, ଉତ୍କଳ, ମନ୍ଦାରଗଡ଼ ଓ ରତ୍ନପୁର ଆକ୍ରମଣ କରି ଜୟ କରିଥିଲେ । )ରାଜରାଜଦେବଙ୍କ ଶିଳାଶାସନ ଓ ପୃଥ୍ୱୀଦେବଙ୍କ ପ୍ରଶସ୍ତି ) ।

ତଦ୍‌ବଂଶେ ନୃପ ଚୋଡ଼ଗଙ୍ଗ ଇତ୍ୟଭୂତ୍ ଶୌର୍ଯ୍ୟପ୍ରତାପାନଳ;
ଜ୍ୱାଳା ଯତ୍ର ଶାନ୍ତ ଚଣ୍ଡଜଳଧୌ ଶ୍ରୀରତ୍ନଦେବୋଽଭବତ୍ ।
ବାଣେନାତ୍ର ଚୋଡ଼ଗଙ୍ଗ ନୃପତେ ସ୍ତେନେଦ୍ ବର୍ଣ୍ଣତ୍ୱ
ଯାତେ ରତ୍ନରଜନିଲ୍ଲ ଶୌର୍ଯ୍ୟ ମହିମାସ୍ତସ୍ୟା ମହାମଣ୍ଡଳେ ।
ତସ୍ୟାସୀଦତ୍ର ମହିଷୀ ଗଙ୍ଗାନ୍ୱୟ ବିଭୂଷଣଂ
ଶୌର୍ଯ୍ୟ ଶୌର୍ଯ୍ୟବ ଲାବଣ୍ୟ କାନ୍ତା ସତ୍ପୁତ୍ରସ୍ତ୍ୟୋଃ ।

( ଏ. ଇ. ଖ. ୪ )

ତାଙ୍କର ଅନେକଗୁଡ଼ିଏ ନାମ ଥିଲା— ଚୋଡ଼ଗଙ୍ଗ, ଚୋଳରଗଙ୍ଗ, ଗଙ୍ଗେଶ୍ୱର, ତ୍ରିକଳିଙ୍ଗଦେବ, ଚୋଡ଼ଗଙ୍ଗ ବର୍ମା, ଚୋଳଗଙ୍ଗ, ଅନନ୍ତବର୍ମା ଦେବ । ତାଙ୍କ ବିରୁଦାବଳୀ—"ସମରମୁଖାନେକରିପୁଦର୍ପମର୍ଦ୍ଦନ, ଭୁଜବଳପରାକ୍ରମ, ପରମ-ମାହେଶ୍ୱର, ପରମଭଟ୍ଟାରକ; ପରମବୈଷ୍ଣବ, ପରମବ୍ରହ୍ମଣ୍ୟ, ନବନବତି ଦଶସ୍ର କୃଷ୍ଣାଧୀଶ୍ୱର ମହାରାଜାଧିରାଜ ପରମେଶ୍ୱର ଗଙ୍ଗାନ୍ୱୟାବଲମ୍ବନସ୍ତମ୍ଭ ତ୍ରିକଳିଙ୍ଗାଧି-ପତି ମାତାପିତୃପାଦାନୁଧ୍ୟାତ ଶ୍ରୀମଦନନ୍ତ ବର୍ମ୍ମ ଚୋଡ଼ଗଙ୍ଗଦେବ । ଗଙ୍ଗବଂଶୀୟ ରାଜାମାନେ ଚେଦି, ହୈହୟ, ପୂର୍ବଚାଳୁକ୍ୟ, କଦମ୍ବ ଓ ଶୈଳବଂଶୀ ରାଜାମାନଙ୍କ ସହିତ ବୈବାହିକ ସମ୍ବନ୍ଧ ରଖିଥିଲେ । ପିଠାପୁର ରାଜାମାନଙ୍କ ସହିତ ଏ ସମ୍ବନ୍ଧ

ଥିଲା । ଗଙ୍ଗବଂଶଜା ଚୌଡ଼ ପୂର୍ବ ସୂର୍ଯ୍ୟବଂଶର ପ୍ରଥମ ବିଜୟାଦିତ୍ୟଙ୍କ ପୁତ୍ର ନିତ୍ୟାନନ୍ଦଙ୍କୁ ବିବାହ କରିଥିଲେ । ପିଷ୍ଟପୁର ଶିଳାଶାସନ ରାଜଧାନୀ କଳିଙ୍ଗନଗରକୁ ବା ଶ୍ରୀକଳିଙ୍ଗାବନୀ ନଗର । ଏହି ନଗର ପାରଳାଖେମୁଣ୍ଡିରୁ ୨୨ ମାଇଲ ଦୂରରେ ଅବସ୍ଥିତ ।

ଉତ୍କ୍ରାନ୍ତ ହିତ୍ଵା ଜଳଧି ବଧୂଶାନ୍ତ ଶୋଭାବହନ୍ତୀଂ
କଳିଙ୍ଗସ୍ୟାଲୟର ନଗରୀଂ ନାମ ତାଂ ରାଜଧାନୀ ।

( ଧୋୟୀ କବିଙ୍କ ବାୟୁଦୂତ )

କେଶରୀବଂଶ ରାଜା ସୁବର୍ଣ୍ଣକେଶରୀଙ୍କ ମୃତ୍ୟୁପରେ ପରାକ୍ରମଶାଳୀ ୧୦୫୪ ଶକାବ୍ଦ ( ୧୧୩୨ ଖ୍ରୀ ) ଆଶ୍ୱିନ ଶୁକ୍ଳବାର ଚୋଡ଼ଗଙ୍ଗ ସିଂହାସନରେ ଅଭିଷିକ୍ତ ହୋଇଥିଲେ (ମାଦଳା) । ୧୦୩୪ ଶକାବ୍ଦରେ ଦଶ ଭାନୁ ଶାସନରେ ଉତ୍କଳ ଜୟ କରିଥିବା କଥା ଲେଖା ଅଛି । କିନ୍ତୁ କଳିଙ୍ଗର ଏତେକାଳ ପରେ କଣ ଅଭିଷେକ ହେଲା ? ସେ ରାଜଗାଙ୍ଗ ଥିଲେ । ତାଙ୍କର ରାଜତ୍ୱ ସମୟରେ ସମଗ୍ର ଦକ୍ଷିଣ କଳିଙ୍ଗ ୭ଟି ବର୍ତ୍ତିନୀରେ ବିଭକ୍ତ ହୋଇଥିଲା । (୧) ରୂପା, (୨) ଖୋଷ୍ଡକ, (୩) ବଦ୍ୱର, (୪) କଣ୍ଟକ, (୫) କୂଳ, (୬) ଭଙ୍ଗାପ, (୭) ଲୁପ । ଏହି ୭ଟି ବର୍ତ୍ତିନୀ ମଧ୍ୟରେ କେତେକୋଟି ବିଷୟ ବା ତାଲୁକ ଥିଲା ଏବଂ ପ୍ରତ୍ୟେକ ବିଷୟ ମଧ୍ୟରେ ୧୨ ଠାରୁ ୨୦।୨୫ ଟି ଗ୍ରାମ ଥିଲା । ବିଷୟ, ଯଥା--(୧) ବକାଣ୍ଡୁ, (୨) କଣକଦ୍ମ ବାଡ଼, (୩) ଅବର୍ଲୀପୁର ବାଡ଼, (୪) ଅଳତ, (୫) ଏରଦ, (୬) କେଣ୍ଡି, (୭) ଗୁଣ୍ଡକୃଟ, (୮) କାମରୂପ, (୯) ଉଦୋବ (୧୦) ବେଲପୁର (୧୧) ଗୁଡ଼ଗିଶ (୧୨) ତନ୍ଦକଟ୍ଟ (୧୩) କୁପବର୍ତ୍ତା (୧୪) ଫଲେରପୁଣ୍ଡ୍ର, (୧୫) କୋଲ୍ଲୁ (୧୬) ଧୁରା । ପ୍ରତ୍ୟେକ ବର୍ତ୍ତିନୀରେ ଗୋଟିଏ ଗୋଟିଏ ନଗର ଥିଲା । ଯଥା (୧) ନଗର, (୨) ସିଂହ (୩) ଅବର୍ଲୀପୁର, (୪) ପଞ୍ଚୁର, (୫) କୋଲ୍ଲୁପଥନ ସମୁଦ୍ରତଟ କଳିଙ୍ଗପଟ୍ଟନ, (୬) ବିଜୟାପୁର, (୭) ସିଦ୍ଧରାମପୁର ଇତ୍ୟାଦି ।

ପ୍ରତ୍ୟେକ ବର୍ତ୍ତିନୀରେ ଜଣେ ମହାମାଣ୍ଡଳିକ ପ୍ରତ୍ୟେକ ବିଷୟରେ ଜଣେ ମାଣ୍ଡଳିକ, ପ୍ରତ୍ୟେକ ଗ୍ରାମରେ ଜଣେ ନାୟକ ନାମରେ ରାଜକର୍ମଚାରୀ ଥିଲେ । ପ୍ରସ୍ତର, ଗଣ୍ଡି, ସୁବାଭକ ସ୍ଥାଣୁ ବୃକ୍ଷଦ୍ୱାରା ଗ୍ରାମସୀମା ନିରୂପିତ ହେଉଥିଲା । ଭୂମିମାପ ହେଉଥିଲା । ଗୁଣ୍ଡ, ଚୌଟି, ନଳ, ଅନନ୍ତସୀମ କୋଲ ନାମରେ "ଭୂମାପ ଦଣ୍ଡ" ବ୍ୟବହୃତ ଥିଲା । ଦଳଣି କର ଆଦାୟ ହେଉଥିଲା । ଚୋଡ଼ଗଙ୍ଗଙ୍କ

ଅମଳରେ ନିମ୍ନଲିଖିତ ରାଜକର୍ମଚାରୀ ଥିଲେ । ଯଥା—(୧) ପଟ୍ଟମହା କାମୋଣ୍ଡିବ ଦେବୀ, (୨) ପ୍ରଧାନମନ୍ତ୍ରୀ ନେଡ଼ନାୟକ, (୩) ହଡ଼ିଶତ୍ରୁ ଶ୍ରୀବଧୁଚନ୍ଦ, (୪) ମହାମାଣ୍ଡଳିକ ସାହୁପଗଙ୍ଗ ପ୍ରଧାନ, (୫) ଶାସନାଧିକାରୀ ଜାତବେଦ ଭଟ୍ଟ, (୬) ଖଣ୍ଡପତି ମୁସ୍ତପନ, (୭) ମାଣ୍ଡଳିକ ସୂର୍ଯ୍ୟଦୋଷମ, (୮) ଲବଣାଧିକାରୀ ଶଂଗନାରାୟଣ, (୯) ଦଣ୍ଡନାୟକ ରାଜ୍‌ତସ୍ୟ ଓଁ ପୋନ୍ନୟ, (୧୦) ଶ୍ରୀକରଣ ଗଂଗବଂଶାଧର ଦେବ, (୧୧) ମୁଖ୍ୟ ମନ୍ତ୍ରୀ ନେନ୍ନମ ଦଣ୍ଡନାଥ, (୧୨) ଗଜସାହଣୀ, (୧୩) ବାହୁବଳି କୁମାର ନାରାୟଣ (୧୪) ପୋତ ନେହନାଥ ଲକ୍ଷ୍ମୀ କୁର୍ପ୍ଲାମ୍ମ ନାୟକ ଇତ୍ୟାଦି । ଏମାନଙ୍କ କାର୍ଯ୍ୟ ଦ୍ୱାରରେ ସନ୍ତୁଷ୍ଟ ହେଲେ ଉପାଧି ଦିଆଯାଉଥିଲା, ଯଥା - (୧) ଗଜବାରଣ, (୨) ସାହସମଲ୍ଲ, (୩) ରାୟବାସ୍, (୪) ମୁଦ୍ରାହସ୍ତ, (୫) ରାଉତରାୟ, (୬) ଶ୍ରୀଦୋମଣ୍ଡ, (୭) ଅନ୍ୟରାଂଗ ମହାପାଣି ଇତ୍ୟାଦି । ନିଭୁଦାବଳୀରୁ ବେଲୁତଂଶଙ୍କ ଧର୍ମ ଜଣାପଡ଼େ । ସେ ଏକାଧାରରେ ପରମ ଶିବଭକ୍ତ, ପରମ ବୈଷ୍ଣବ ଓ ପରମ ବ୍ରହ୍ମଣ୍ୟ ଥିଲେ । ସେତେ ବୈଷ୍ଣବ ଧର୍ମ ପ୍ରଚଳିତ ଥିଲା । ୧୧୧୬ ଖ୍ରୀଷ୍ଟାବ୍ଦ ପରେ ରାମାନୁଜ ଜନ୍ମପରେ ବିଶିଷ୍ଟାଦ୍ୱୈତ ସଂଘେ ଅତ୍ୟନ୍ତ ଏକ୍ଷି ପୂଜା ଜନମନରେ ପ୍ରତିଷ୍ଠାରେ ଲଭିତ ହୋଇ ରହିଛି ।

ପୃଥ୍ୱୀବର୍ମାଙ୍କ ଦାନପତ୍ର —

ଓଁ ସ୍ୱସ୍ତି ଦେଲନାଥ୍ୱସ୍ତା ଭଗବତଃ ମହାରାଜର ପୁତ୍ରୋ ମହଳ ଶଶାଙ୍କ (ଶେଖର) ସ୍ୱ (ସ୍ତୁ) ଉଦୟପ୍ରସ୍ଥି ତ୍ରୈଲୋକ୍ୟକାରଣ ହେତୋଃ ମହେନ୍ଦ୍ରାଚଳଶେଖର-ନିବାସିନଃ ଶ୍ରୀମଦ୍ ଗୋକର୍ଣ୍ଣେଶ୍ୱର ଭଟ୍ଟାରକସ୍ୟ ଚରଣକମଳ ଆରାଧନା ବାପ୍ତ ପୁଣ୍ୟୋଦୟଃ ଏତ୍ କତ୍ରସ୍ୟ ପ୍ରବର୍ତ୍ତିତାଧୀଶ୍ୱର ସାମନ୍ତକ ପ୍ରଜ୍ୱଳବଳ ପରାକ୍ରାନ୍ତ ସକଳ କଳିଂଗାଧିରାଜ୍ୟ ପରମ ମାହେଶ୍ୱରୋ ମାତା ପିତୃ ପାଦାଧ୍ୟାତୋ ମହାରାଜାଧିରାଜ ପରମ ମାହେଶ୍ୱର ପରମ ଭଟ୍ଟାରକ ଶଂଖାମଳ କୁଳତିଳକ ଶ୍ରୀ କୋଲାହଳାଖ୍ୟ ପାଟଣା ନଦ୍ୟାଂ ବିଦଲ ତରାସ୍ତୁ ଦୋଷ ମହାରାଜଃ ଶ୍ରୀ ପୃଥ୍ୱୀବର୍ମା ଦେବଃ କୁଳଶ୍ରୀ ମହେନ୍ଦ୍ରବର୍ମଦେବ ଯୁବରାଜ ସନନୌ ବହୁତେଷୁ ଯଥା କାଲାଧ୍ୟାସି ମହାସାମନ୍ତ ଶ୍ରୀ ସାମନ୍ତ ରାଜାନକ ରାଜପୁତ୍ର କୁମାରା ମାତ୍ୟପ୍ରବର ଦଣ୍ଡନାୟକ ଭଟ୍ଟପୁତ୍ର ଗ୍ରାମପତି ଅନ୍ୟଶ୍ଚ ପ୍ରଭୃତି ବିଷୟକାଣ୍ଡ ଜନପଦାନାଂ ରାଷ୍ଟ୍ରକୂଟ କୁଟୁମ୍ବିନଂ ସମାଜ୍ଞାପନଃ ସଥାର୍ଥଂ ମାନପୂତ ବୋଧପୂର୍ବ ସମାଜ୍ଞାପନ ଇତ୍ୟାଦି । ଲିପି ଓଡ଼ିଆଲିପି ସଦୃଶ । ଡାକ୍ତର ହୁଲ୍ସ ସାହେବଙ୍କ ମତରେ ଏ ୯ମ ବା ୧୦ମ ଶତାବ୍ଦୀର ଲେଖ ।

ଇନ୍ଦ୍ରବର୍ମାଙ୍କ ତାମ୍ରଶାସନ—

ଓଁ ସ୍ୱସ୍ତି ସର୍ବର୍ତ୍ତୁସୁଖରମଣୀୟାଦ୍ ବିଜୟ ଶ୍ରୀଦନ୍ତାଧାକୂଳାଂଗ ନଗର ବାସକାନ୍ମହେନ୍ଦ୍ରାଚଳ ଶିଖର ପ୍ରତିଷ୍ଠିତ × × × ଗୋକର୍ଣ୍ଣସ୍ୱାମିନଶ୍ଚରଣକମଲ-ଯୁଗଳ × × ସକଳ କଳିଂଗାଧିରାଜ୍ୟ × × ଶ୍ରୀମଦ୍ଦାନାର୍ଣ୍ଣବ ସୂନୁ ଶ୍ରୀମନ୍ମହାରାଜେନ୍ଦ୍ର ବର୍ମା ରୂପବଣ୍ଣ ବିଷୟେ ଭୁଂଗୁନ୍ଦା ଗ୍ରାମେ ସର୍ବସମବେତାନ୍ × × × ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ସର ୧୫୪ ଲିଖିତ ମିଦଂ ଶାସନ × × × ଶମ୍ଭୁଯଶସାଧାରେଣୋତ୍କୀର୍ଣ୍ଣଂ ।

ବଜ୍ରହସ୍ତଙ୍କ ତାମ୍ରଶାସନ—

ଓଁ ସ୍ୱସ୍ତି ଶ୍ରୀମତା ମଖିଳ ଭୁବନ ସନ୍ନୁତନସ୍ୟ ବିନୟ ଦୟା ଦାନ ଦାକ୍ଷିଣ୍ୟ ସତ୍ୟ ଶୌଚ ଶୌର୍ଯ୍ୟ ଧୈର୍ଯ୍ୟାଦି ଗୁଣରତ୍ନ × × × ନକ୍ଷା ମହେନ୍ଦ୍ରାଚଳ ଶିଖର ପ୍ରତିଷ୍ଠିତସ୍ୟ ସଚରାଚର ଗୁରୋ ସକଳ ଭୁବନ ନିର୍ମାଣୈକ × × × ଶଶାଙ୍କ ଚୂଡ଼ାମଣେର୍ଭଗବତୋ ଗୋକର୍ଣ୍ଣ ସ୍ୱାମିନଃ ପ୍ରସାଦାତ୍ ସମାସାଦିତୈକ ଶଙ୍ଖ ଭେରୀ ପଞ୍ଚମହାଶବ୍ଦ ଧବଳଛତ୍ର ହେମଚାମର ବୃଷଭଲାଞ୍ଛନ ସମୁଜ୍ଜ୍ୱଳ ସମସ୍ତ ସାମ୍ରାଜ୍ୟ ମହିମ୍ନ ମନେକ ସମର ସଂଘଟ୍ଟ ସମୁପଲବ୍ଧ ବିଜୟଲକ୍ଷ୍ମୀ ସମାଲିଂଗିତୋତ୍ତୁଙ୍ଗ ଭୁଜ ଭୁଜଦଣ୍ଡାଖଣ୍ଡ କଣ୍ଟକୋ ଦ୍ୱନ୍ଦ୍ୱୋଦ୍ଭବ ବିକ୍ରମାକ୍ରାନ୍ତ ଧରାମଣ୍ଡଳସ୍ୟ ତୁଙ୍ଗ ମହାର୍ଣ୍ଣବ ମଖ ରାଜସ୍ୟ ପୁତ୍ରଃ ପୂର୍ବଂ ଭୂପତେ × × ସୁନୁ ଏକାନ୍ନତ୍ୟ ବର୍ଷାଣ୍ୟ ଗଙ୍ଗ ନବଦ୍ୱୀପ ଶ୍ରୀବଜ୍ରହସ୍ତ ସୁନୁର୍ବଂଶତନ୍ମହୀପାଳ ଚରିତ ସର୍ବାମରର୍ଷିପୂଜ୍ୟଃ ତସ୍ୟ ତନୟୋ ଗୁଣ ମହାରାଜ ବର୍ଷ ସମ୍ପାଳନମ୍ । ତଦନୁଜ କାମାର୍ଣ୍ଣବ ଦେବଃ ପଞ୍ଚତ୍ରିଂଶନ୍ମହୀପାଳ ତସ୍ୟାନୁଜ ବିଜୟାଦିତ୍ୟଃ ସମାସ୍ତିସ୍ରଃ ତତଃ କାମାର୍ଣ୍ଣବୀ-ଜ୍ଞାତେନଗଣ୍ଡ କଲ୍ଲଭୁକ୍ତଃ ତସ୍ୟ ରଜେନ୍ଦ୍ରଶିତଃ ଗୁଣ୍ଡୋ ବଜ୍ରହସ୍ତୋବନିପତିଃ । ପୁନଶ୍ଚ ତଦନୁଜଗଣ୍ଡ କୁଳଧାମଧାପ ବର୍ଷାଣ୍ୟଷ୍ଟ ଶତାନି ଗଜାନମ୍ଭିଃ ପ୍ରମଦା ସମ୍ପ୍ରଯୁକ୍ତ ମତ୍ତୁଲୋଦ୍ୟସ୍ୟ ଶିବାମଣ୍ଡଳ ସ ଶ୍ରୀମାନ ନସ୍ୟଂଗ ଭୀମନୃପତ ଗଂଗାନ୍ୱୟେ ଅଂଶକଃ ପଞ୍ଚତ୍ରିଂଶ ମଦକାନ୍ ସମଲଭତ୍ × × ତଦଗ ସୁନୁଃ ସବରାଜ ଦମନ୍ତ୍ରୀ ଛତ୍ରିକାମଣ୍ଡଳଃ ଅଶିତ କାମାର୍ଣ୍ଣବ ଭୂପତିର୍ବର୍ଷଂ । ବମୁଚାନର୍ଦ୍ଧ ହମଂ ସମୁଜ୍ଜ୍ୱଳା ତଦନୁ ତଦନୁଜନ୍ମାଭେଦ ଜୋପ ମାତେ ଗୁଣନିଧି ରନକାଦେବୋ ଭୂଣ୍ଡମାର୍ଗୀ ମୁଦାଂଶ ସକଳମିଦ ମଭ୍ରଶଶି ଶି ବର୍ଷାଣି ଧାର୍ଯ୍ୟ ବଲାଦ୍ୟ ମଳୟ ଦ୍ରତକେ ନର୍ତ୍ତିତା ଖଣ୍ଡଜନ୍ମଃ ଭତେ ଦ୍ୱୈମାତୃସ୍ୟ ମଧୁକାମାର୍ଣ୍ଣବ ନୃପଃ ଅବତ ପ୍ରାସାଦମଖ ଚୋକବଂଶତ । ଅଥ ବଜ୍ରହସ୍ତନୃପ ଶା ପ୍ରଭୁତା କଷିଲ ଗୁଣକାତ୍ମଶସ୍ୟ କାମାର୍ଣ୍ଣବାତ୍ ଜଦନ୍ତ

ପ୍ରେସ୍ତୀଣସ୍ୟ ମାଗ ବଦାତ୍ ଶୁଭ୍ରକୀର୍ତ୍ତି ଶ୍ରୀସ୍ୟ ଭବ ଦ୍ୱୈକୁମାଦ୍ବସ୍ୟ ପସ୍ୱା ପଦ୍ମୋଦ୍ଧୃଧ ସମୁଦ୍ରବାସ୍ୟସ୍ୟ ଲ ଏ ଏକଜ ବଜସ୍ୟ ମଣ୍ଡଦେବ୍ୟା ଶ୍ରୀ ବଜ୍ରହସ୍ତ ଭଟ୍ଟ ନସ୍ୟନ 'ବିସ୍ୱଦ୍ରୁମ ଦୁରିଧ୍ ସଙ୍ଖ୍ୟୋପାଣ ଶଜ ଧ ଦନ୍ତ ଦନ୍ତକୃତ କୃପକନ୍ସ ବୈଷ୍ଣୋଦିତ ସ୍କୁଳସ୍ୟ ଅନୁପି ତ ଶୀ ଗଙ୍ଗ ସୂର୍ଯ୍ୟବାରେ × ଗୋକର୍ଣ୍ଣସ୍ୱାମିନଃ × ଚରଣ କମଳୋଦ୍ଧମସ୍ୟ × ସେନ୍ଦୁରବି ରଥସ୍ୱାନ୍ତ ସଂଶ୍ରାପଚଲୌ କୃମ୍ଭସ୍ଥଲୀ ପଟଲେ × × ପରମ ମାହେଶ୍ୱର ପରମ ଭଟ୍ଟାରକ ମହାରାଜାଧିରାଜ ତ୍ରିକଳିଙ୍ଗାଧିପତି ଶ୍ରୀମତ୍ ବଜ୍ରହସ୍ତଦେବଃ × × ପରଧ ଶସ୍ତସ୍ୟ ତଳପୁର ଗ୍ରାମଂ ଗୃହ୍ଣାନ୍ କପସ୍ଥିତ୍ତଂ-ଦଲସ୍ଥରଂ × × ଏତାନ୍ ଦ୍ୱାଦଶ ଗ୍ରାମାନ୍ × × ସଶୋଭିତସ୍ୟ ଅକରିଶଜଧି ଶକାଦେ × × ତାମ୍ରଶାସନଂ କୃତ୍ୱା × × × ।

ପ୍ରାଚୀନ ଗଙ୍ଗବଂଶର ଗୋଟିଏ ସ୍ୱତନ୍ତ୍ର ସମ୍ବତ୍ ପ୍ରଚଳିତ ଥିଲା । କେବେ ଆରମ୍ଭ, କେବେ ଶେଷ ଜଣାନାହିଁ । ଦେଶୁଆଙ୍କ ତାମ୍ରଶାସନରେ ସାତ ବଂଶାବଳୀ ଅଛି । ବୀର ନରସିଂହ ଗଙ୍ଗବାଡ଼ି ନାମକ ସ୍ଥାନରେ ରାଜତ୍ୱ କରୁଥିଲେ । ତାଙ୍କ ପୁତ୍ର କାମାର୍ଣ୍ଣବ ଭ୍ରାତୃକଳହ ହେତୁ ଗଙ୍ଗବାଡ଼ି ତ୍ୟାଗକରି ସୁରା ଭାଇଙ୍କ ସଙ୍ଗେ ଧରି କଳିଙ୍ଗର ମହେନ୍ଦ୍ର ପର୍ବତରେ ପ୍ରବେଶ ହୋଇ ସେଠାର ଧୃକା ଶବରାଦିତ୍ୟ ବା ଶବରାଦିତ୍ୟଙ୍କୁ ଯୁଦ୍ଧରେ ପରାସ୍ତ କରି ନିଜେ କଳିଙ୍ଗର ରାଜା ହେଲେ ଏବଂ ଭାଇମାନଙ୍କୁ ୪ ପ୍ରଦେଶ ଦେଲେ । ୩୬ ବର୍ଷ ରାଜତ୍ୱ କଲେ । ପ୍ରଶସ୍ତିକାରମାନେ ତାଙ୍କର ୪ର୍ଥ ଭ୍ରାତା ଦାନାର୍ଣ୍ଣବଙ୍କ ଠାରୁ ପ୍ରଶସ୍ତି ଆରମ୍ଭ କରନ୍ତି । ମାତ୍ର କାମାର୍ଣ୍ଣବ ନିଃସନ୍ତାନ ନଥିଲେ । ଭଜେ ଦେଶୁଆ ରାଜାଙ୍କ ତୁଷାରାମ ନାମକ ଶିଳାଲିପିରୁ ଜଣାଯାଏ ଯେ—

ଭସ୍ମୀକୃତ୍ୟ କଳଙ୍କଦେଶମଖିଳଂ ନିର୍ଜ୍ଜିତ୍ୟ ଶତ୍ରୁଗଣେ
ଭୁଂକ୍ତ୍ୱା କୋଶଲ ଖଣ୍ଡବାଲ ନବନ୍ତି ଦେବେନ୍ଦ୍ର ବର୍ମ୍ମ ତକାନ୍
ବୀରଃ ପଲ୍ଲବରାଜ ଭଗ୍ୟଜ୍ଜିତୋ ମହେନ୍ଦ୍ର ସେବ୍ୟ ପ୍ରଭୋ
ଜାତ୍ୱାନ୍ନସ୍ତମିତୋତ୍ର ସର୍ଜିତ୍ ଜସ୍ୟପ୍ରମ୍ନଂ ଶୁଭଂ ଦ୍ୟାଷ୍ଟିତାନ୍ତ୍ର ।

ଏଥିରୁ ଜଣାଯାଏ ବର୍ଣ୍ଣିତ ଉପାଧିଧାରୀ ରାଜାମାନେ କୁଳୋତ୍ତୁଙ୍ଗଙ୍କ ପର୍ଯ୍ୟନ୍ତ ଅର୍ଥାତ୍ ଏକାଦଶ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କଳିଙ୍ଗରେ ରାଜତ୍ୱ କରୁଥିଲେ । ଏ ବଂଶୀୟ ରାଜାମାନଙ୍କର ଯେତେ ତାମ୍ରଶାସନ ମିଳନ୍ତି ସେଥିରୁ ଜଣାଯାଏ ହସ୍ତିବର୍ମା ପ୍ରଥମ ଓ ଦେବେନ୍ଦ୍ରବର୍ମା ଶେଷ ବଂଶଧର । ସମ୍ଭବତଃ ଚୋଳ ସେନାପତି ପଲ୍ଲବ-ରାଜ ଶେଷ ଦେବେନ୍ଦ୍ରବର୍ମାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଦେବେନ୍ଦ୍ରବର୍ମାଙ୍କ

ତାମ୍ରଶାସନରୁ ଜଣାଯାଏ, "ଗଙ୍ଗବଂଶ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟ ସମ୍ବତ୍ ୩୦୭" । ସୁତରାଂ ଆମ୍ଭାଙ୍କୁ କାମାର୍ଣ୍ଣବଙ୍କଠାରୁ ୩୯୬ ବର୍ଷ ଗତ ହୋଇଥିଲା । ରାଜେନ୍ଦ୍ର ଚୋଳଙ୍କ ଉପରକୁ ଗଣିଲେ ୭ମ ଶତାବ୍ଦୀରେ କାମାର୍ଣ୍ଣବ ଜୀବିତ ଥିବାର ଜଣାଯାଏ । ଶ୍ୱେତଗଙ୍ଗ ତାମ୍ରଶାସନ ଅନୁସାରେ କାମାର୍ଣ୍ଣବ ୭ମ ଶତାବ୍ଦୀର ଲୋକ ଦ୍ୱାରା ପ୍ରମାଣିତ । ଶିଳାଲିପିରୁ ଜଣାଯାଏ ପଲ୍ଲବ ରାଜା ତଥା ଓଡ୍ର ଦେଶ ଆକ୍ରମଣ କଲାବେଳେ କଳିଙ୍ଗରେ ଶ୍ୱେତଗଙ୍ଗ ଦେବ ରାଜତ୍ୱ କରୁଥିଲେ । ଶ୍ୱେତଗଙ୍ଗ କୁଳୋତ୍ତୁଙ୍ଗ ରାଜେନ୍ଦ୍ର ଚୋଳଙ୍କର ଜ୍ଞାତି (ମାତୁଳ ବଂଶ) । ଦେବେନ୍ଦ୍ରବର୍ମା ପରାଜିତ ନହେବାଯାଏ ସମସ୍ତ କଳିଙ୍ଗ ବଜ୍ରହସ୍ତ ବା ଶ୍ୱେତଗଙ୍ଗଙ୍କ ଅଧୀନ ହୋଇ ନଥିଲା । କାମାର୍ଣ୍ଣବଙ୍କ ବଂଶଧର ବର୍ମନ୍ ରାଜାମାନେ କଳିଙ୍ଗରେ (ମହେନ୍ଦ୍ର ପର୍ବତ ନିକଟ ଦନ୍ତପୁରରେ) ଏବଂ ଦାନାର୍ଣ୍ଣବଙ୍କ ବଂଶଧର କଣ୍ଠକ ବର୍ତ୍ତିମା ଖଣ୍ଡରେ (ମୁଖଲିଙ୍ଗ ନିକଟ 'ନଗର' ରାଜଧାନୀରେ) ଅବସ୍ଥାନ କରି ଦେଶ ର ସ୍ୱାଧୀନ ରାଜ୍ୟରେ ରାଜତ୍ୱ କରୁଥିଲେ । କାମାର୍ଣ୍ଣବଙ୍କ ବଂଶ ଜ୍ୟେଷ୍ଠ । ସେମାନେ ୩୦୦ ବର୍ଷରୁ ଅଧିକ କଳିଙ୍ଗରେ ରାଜତ୍ୱ କରୁଥିଲେ । ଦାନାର୍ଣ୍ଣବଙ୍କ ବଂଶ ସନ୍ତତି ସେମାନଙ୍କୁ ସମ୍ରାଟ ବୋଲି ସ୍ୱୀକାର କରୁଥିଲେ । ବର୍ମନ୍ ବଂଶର ଚତୁର୍ଥ ଶାସନରୁ ଏକଥା ଜଣାପଡେ ।

ଓଁ ସ୍ୱସ୍ତ୍ୟମରପୁରାନୁକାରିଣଃ ସର୍ବର୍ତ୍ତୁସୁଖରମଣୀୟାତ୍ ବିଜୟବତୋ କଳିଙ୍ଗ ନଗର ବାସକାନ୍ମହେନ୍ଦ୍ରାଚଳାମଳ ଶିଖର ପ୍ରତିଷ୍ଠିତସ୍ୟ ସଚରାଚର ଗୁରୋଃ ସକଳ ଭୁବନ ନିର୍ମାଣୈକ ସୂତ୍ରଧାରସ୍ୟ ଶଶାଙ୍କ ଚୂଡ଼ାମଣେ ର୍ଭଗବତୋ ଗୋକର୍ଣ୍ଣସ୍ୱାମିନ ଶ୍ଚରଣକମଲ ଯୁଗଳ ପ୍ରଣାମାଦ୍ ବିଗତ କଳିକଲଙ୍କୋ ନେକାହବ ସଂକ୍ଷୋଭ ଜନିତ ଜୟଶବ୍ଦ ପ୍ରତାପାବନତ ସମସ୍ତ ସାମନ୍ତ ଚକ୍ରଚୂଡ଼ାମଣି ପ୍ରଭାମଞ୍ଜରୀ ପୁଞ୍ଜ ରଞ୍ଜିତ ବର ଚରଣାମ୍ବୁଜଃ ସ୍ୱାସିଧାରୋପାର୍ଜ୍ଜିତ ସକଳକଳିଙ୍ଗାଧିରାଜ୍ୟ ପ୍ରବର୍ତ୍ତିତ ସିତକୁନ୍ଦକୁମୁଦେନ୍ଦୁଧବଳ ଧବଳିତ ଯଶୋଧୌତଦିଗନ୍ତ କୁଳାଚଳୋନ୍ନତ ବିନୟ ଦୟାଦାନ ଦାକ୍ଷିଣ୍ୟ ଶୌର୍ଯ୍ୟ ସତ୍ୟତ୍ୟାଗାଦିଗୁଣସମ୍ପଦାଧାରଭୂତୋ ପରମ-ମାହେଶ୍ୱର ପରମଭଟ୍ଟାରକ ଶ୍ରୀ ଅନନ୍ତବର୍ମ୍ମଣଃ ସୂନୁ ଶ୍ରୀଦେବବର୍ମ ସୂନୁ ଶ୍ରୀ ଭୂପେନ୍ଦ୍ର ଶ୍ରୀ ରାଜେନ୍ଦ୍ରବର୍ମା । କୁଶଳୀ × × × ଇତ୍ୟାଦି । ଏମାନେ ଓଡ଼ିଶାର ରାଜା ଏବଂ ଓଡ଼ିଆ ଥିଲେ । ଏମାନଙ୍କ ତାମ୍ରଶାସନରେ ବ୍ୟବହୃତ ଲିପି ଅଧିକାଂଶ ଓଡ଼ିଆ ଲିପି ସହିତ ସମାନ । କେତେକ ଶବ୍ଦ ଓଡ଼ିଆ ଶବ୍ଦ ସଙ୍ଗେ ସମାନ । ଲିପିରେ ଆଜି ଅକ୍ଷରର ସ୍ପଷ୍ଟ ଅଟନ୍ତି ନାହିଁ । ବର୍ମନମାନେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ଅର୍ଥାତ୍ ବଜ୍ରହସ୍ତଙ୍କ ପର୍ଯ୍ୟନ୍ତ ଅବାଧରେ ଶାସନ କରୁଥିଲେ । ଦଶମ ଶତାବ୍ଦୀର ମଧ୍ୟଭାଗଠାରୁ ସେମାନଙ୍କ ପତନ ଆରମ୍ଭ ହେଲା ଏବଂ ଦାନାର୍ଣ୍ଣବ ରାଜତ୍ୱ କରିଥିଲେ । ମାତ୍ର ଏମାନେ ସାମନ୍ତରାଜା ଥିଲେ । ବଜ୍ରହସ୍ତ ନିଜେ

ସ୍ୱାଧୀନ ହେଉଲେ ମଧ୍ୟ ବର୍ମନମାନେ ଅନ୍ତତଃ ୭୦ ବର୍ଷ ସ୍ୱାଧୀନ ଥିଲେ । ଚୋଡ଼ଗଙ୍ଗଙ୍କ ସମୟରୁ ଉଭୟ ବଂଶ ମଧ୍ୟରେ ମନୋମାଳିନ୍ୟ ହେଲା । ତେତେବେଳେ ବର୍ମନ ବଂଶରେ ୪ର୍ଥ ରାଜେନ୍ଦ୍ର ବର୍ମା ରାଜା ଥିଲେ । ଚୋଡ଼ଗଙ୍ଗ ନିଜେ ସେମାନଙ୍କ ସଙ୍ଗେ ଯୁଦ୍ଧ କରି ତାଙ୍କ ଅନୁଜ ରାଜେନ୍ଦ୍ର ଚୋଡ଼ଙ୍କଦ୍ୱାରା ସେ ବଂଶର ଉଚ୍ଛେଦ ସାଧନ କଲେ । ପରେ ଅନୁଜଙ୍କ ସାହାଯ୍ୟରେ ନିଜେ ସମସ୍ତ କଳିଙ୍ଗ ଓ ଅର୍ଦ୍ଧେକ ବେଙ୍ଗୀଶ୍ୱର ହେଲେ । ଶେଷରେ ନିଜର ସୈନ୍ୟବଳ ବୃଦ୍ଧି ହେବାରୁ ଉତ୍କଳକୁ ସୋମବଂଶର ଉଚ୍ଛେଦ ସାଧନ କରି ସମଗ୍ର ଉତ୍କଳ ଓ କଳିଙ୍ଗ ରାଜ୍ୟ ଏକତ୍ର କରି ଅବାଧରେ ଶାସନ କଲେ ।

ଶକାବ୍ଦେ ନନ୍ଦ ରନ୍ଧ୍ର ଗ୍ରହଗଣ ଗଣିତେ କୃଷ୍ଣପକ୍ଷେ ଦିନେଶେ
ଶୁକ୍ଳପକ୍ଷେ ତୃତୀୟା ଗୁରୁରବିଜ ଦିନେ ଗୋବର୍ଦ୍ଧନେ ବୃଷସ୍ଥେ
ଲଗ୍ନେ ଗଙ୍ଗାନ୍ୱୟାମ୍ବୁଜବନଦିନକୃତ ବଂଶ ବର୍ଦ୍ଧନ୍ତରସ୍ଥା ଶ୍ରୀକଂ
ସର୍ବଶ୍ରିୟଂ ସଦ୍‌ଗୁଣୈକାଧିରାଧ୍ୟ ସଦ୍ଭୃତ୍ୟ ଭଙ୍ଗୋ ଭୂପତିଭିଃ ।
ହେଳଂ ଶାଳୀସ୍ତୃତଷ୍ଟ ମଣ୍ଡଳନତାଃ ପାଣ୍ଡ୍ୟାନ୍ ଭ୍ରୂଭଙ୍ଗ ପୁଷ୍ପା
ହୁଂକାରେଣ ଚ ସଦ୍ୟୋବକ୍ଷଃଶୀର୍ଷା ନାଶାରିତାଃ କେରଳାନ୍
ଅନ୍ଧ୍ରାଃ କୋପ ବସନ୍ତ୍ରୈମାନଶିରସା କର୍ଣ୍ଣାଟ ଲଙ୍କେଶ୍ୱରୀ
ନ ( ଯେଷାଂ ) ଦୃଷ୍ଟି କୃପାଣ ଖଣ୍ଡିତ ଧୃତଂ କେ ବା ସନ୍ତି ଭୂଭୃତଃ ।
ଜିତ୍ୱା ବାହୁବଳେନୋର୍ବୀଂ ବୀରସିଂହ ସ ଦକ୍ଷିଣ
ସନ୍ତର୍ପିତ୍ୱା ସମସ୍ତବନ୍ଦ୍ୟାଶ୍ରୀକେ ବିଶ୍ୱକ୍ରମେ ସଦ୍ଭ ବା ନନ୍ଦଂ ।

ବୀରସିଂହ ଅଷ୍ଟମ ଶତାବ୍ଦୀ ପ୍ରାରମ୍ଭରେ ରାଜତ୍ୱ କରିଥିଲେ । ବୀରସିଂହଙ୍କ-ଠାରୁ ୧ମ କାମାର୍ଣ୍ଣବଙ୍କ ଯାଏ ୧୮ ଜଣ ରାଜା ୩୨୬ ବର୍ଷ ରାଜତ୍ୱ କରିଥିଲେ । ତାଂପରେ ଚୋଡ଼ଗଙ୍ଗ ରାଜତ୍ୱ କଲେ ।

ଚୋଡ଼ଗଙ୍ଗ ୧୦୬୭ ଶକାବ୍ଦରେ ଉତ୍ତର-ପୂର୍ବାଞ୍ଚଳ (ଉତ୍କଳ) ଜୟକରି ଚକ୍ରବର୍ତ୍ତୀ ଉପାଧି ଧାରଣ କଲେ (କୁର୍ମି ମନ୍ଦିର ଶିଳାଲିପି) । ପୂର୍ବରାଜାମାନଙ୍କ ପ୍ରଶସ୍ତି ଶ୍ଳୋକ ପରରାଜାଙ୍କ ପ୍ରଶସ୍ତିରେ ସନ୍ନିବେଶିତ ହୋଇଛି । ବଂଶଗୌରବ, ବଂଶମର୍ଯ୍ୟାଦା, ବଂଶବୀରତ୍ୱ, ବଂଶପ୍ରାଚୀନତ୍ୱ ଦେଖାଇବା ଏଥିର ଉଦ୍ଦେଶ୍ୟ । ନରସିଂହ ତାମ୍ରଶାସନ ଓ ଚୋଡ଼ଗଙ୍ଗ ତାମ୍ରଶାସନରେ ରାଜାଙ୍କ ନାମ ଓ ରାଜତ୍ୱ ସମୟ ସମ୍ବନ୍ଧେ ପ୍ରଭେଦ ଦେଖାଯାଏ । ପ୍ରଥମ ନରସିଂହଦେବଙ୍କ ନାମ (ଶକାବ୍ଦ

୧୩୭୮-୧୪୧୪ ଅଙ୍କ ୧୭ ରେ ୧୭ ବର୍ଷ) ନରସିଂହ ତାମ୍ରଶାସନରେ ନାହିଁ, ମାତ୍ର ସ୍ବତନ୍ତ୍ର ତାମ୍ରଶାସନରେ ଅଛି । ଦ୍ରାକ୍ଷାରାମ ପ୍ରଭୃତି ଶିଳାଲିପିରୁ ଜଣାଯାଏ ନୃସିଂହଙ୍କ ପୁତ୍ର ଶମ୍ଭୁ ଭାନୁଦେବଙ୍କର ଅପର ନାମ ଥିଲା ନରସିଂହ ।

ଶ୍ରୀ ଗଙ୍ଗାନ୍ବୟ ବୈଭବସ୍ୟ ନୃପତେ ନିଃସୀମ ସୌନ୍ଦର୍ଯ୍ୟୋଦୟେ
ଜାତଃ ପ୍ରାଣନୃସିଂହ ଭୂପ ନୃପତେ (ଦ୍ଧ୍ୱିନେ) ଜ ତନ୍ନାମଜୀଃ ।
ତସ୍ମାନ୍ନୂନ ବଜାରସିଂହ ନୃପତି ଜନାନ୍ତ୍ର ଭୂମଣ୍ଡଳୋ
ତେଷ୍ଠାନ୍ନୀତ ତ୍ରୈଲୋକ୍ୟ ନୃପଃ ଶ୍ରୀ ଭାନୁଦେବୋ (ଽ) ଭବତ୍ ।
ତା (ଲୀ) କର୍ଣ୍ଣ ବୀର ଶୈଳନନ୍ଦ ନ ପ୍ରାପ୍ୟ ଦୋର୍ଦ୍ଦଣ୍ଡସ୍ୟୋ
ଖଣ୍ଡ ତ୍ରୈମୀନାଂ (ଣ୍ୟ) ମୋଂଜନ ଜଗନ୍ନାଥ ପଦଂବନ୍ଦସ୍ଥାନ୍ ।
ଭୂଲୋକେନ ସ ତୌଷନୀତଃ ଭୂପଂ ନେ ପୂଂତନଜନର
ସ୍ଥେରୋଜ୍ଝିତ ଲୋକଦେବ ଭୁତବା (ନ) ଖାଷ୍କ ବଦେ ନିଃମାନ୍ ।

ପୁରୀ ଜଗନ୍ନାଥ ମନ୍ଦିରମଧ୍ୟସ୍ଥ ପାତାଳେଶ୍ୱର ଲିପି—

(କ) ଓଁ ସ୍ବସ୍ତି ଶକାବ୍ଦ ୧୨୭୮ ଶ୍ରୀପୁରୁଷୋତ୍ତମସ୍ୟ ପ୍ରବର୍ତ୍ତମାନ ବିଜୟ ରାଜ୍ୟ ଶ୍ରୀମଦନଙ୍ଗଭୀମଦେବସ୍ୟ ତ୍ରୟୋଦଶ ଅଙ୍କେ ଅଶ୍ୱିନୀଶ୍ୟ ମାସେ ନବମ କୃଷ୍ଣ ସୋମବାରେ × ×

(ଖ) ଓଁ ସ୍ବସ୍ତି ଶ୍ରୀ ଅନଙ୍ଗଭୀମ ଦେବସ୍ୟ ପ୍ରବର୍ତ୍ତମାନ ସମସ୍ତ ତ୍ରୟୋ ଶକାବ୍ଦେ ୧୩୦୮ କୁମ୍ଭ ଶୁକ୍ଳ ରବିବାରେ × ×

(ଗ) ଓଁ ସ୍ବସ୍ତି ଶକାବ୍ଦେ ୧୩୦୮ ଶ୍ରୀ ଅନଙ୍ଗ ଭୀମଦେବସ୍ୟ ପ୍ରବର୍ତ୍ତମାନେ × ×

(ଘ) ସ୍ବସ୍ତି ସପ୍ତଦଶୋତ୍ତର ଦ୍ୱାଦଶ ଶତ (ଶକେ) ବର୍ଷରେ ଶ୍ରୀ ବୀରନର-ସିଂହ ଦେବ ମହୀପତେଃ ସକଳାଂଶୈକ ବଂଶଜାଙ୍କେ × × (୪ର୍ଥ ନରସିଂହଙ୍କ ତାମ୍ରଶାସନ ) ।

(ଟ) ଦ୍ୱାବିଂଶତ୍ୟଙ୍କେ ସପ୍ତଦଶାଧିକ ଦ୍ୱାଦଶ ଶତ ମତେ ଗତବର୍ଷ ଶକ ବର୍ଷରେ × ×. (୨ୟ ନରସିଂହ ତାମ୍ରଶାସନ)।

(ଠ) ଓଁ ସ୍ୱସ୍ତି ଶ୍ରୀମନ୍ନୃପ ଶକନୃପତେଃ ଚତୁର୍ଦ୍ଧିଂଶଦଧିକ ଦ୍ୱାଦଶ ଶତ ପରମିତ ବର୍ଷରେ ଝଟବାହୃତେଷୁ ବର୍ଷମୁଖ × × ଶ୍ରୀ ପୁରୁଷୋତ୍ତମ ଦେବସ୍ୟ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟେ ସପ୍ତମେଙ୍କେ ଭିଲର୍ଷ୍ୟମାନେ × × × ଶ୍ରୀ ପୁରୁଷୋତ୍ତମ କଟକେ × × ବୀର ଶ୍ରୀମଦ୍ ଭାନୁଦେବ ପ୍ରବର୍ଦ୍ଧମାନ-ସାମ୍ରାଜ୍ୟରେବ୍ୟାଶ୍ୱର୍ଯ୍ୟାଭିବୃଦ୍ଧୟେ × × (ଏମାରମଠ ତାମ୍ରଶାସନ)।

(ଡ) ଗୁଲୁକଂଶୁକାଳପରିମିତା ବାଲା ସୌନ୍ଦର୍ଯ୍ୟଶାଳିନୀ ନାମ୍ନା ପଦ୍ମଗୁଣ-ଦେବାନନ୍ଦନୀ ତସ୍ୟ ଭୂପତେଃ (ଶଙ୍ଗୁନସମଠ ତାମ୍ରଶାସନ)। (୩ୟ ରାଜ-ରାଜଙ୍କ ରାଣୀ ଚନ୍ଦ୍ରଲେଖାଦେବୀ ମନ୍ତ୍ରୀଣ ନୁହେଁ)।

ପଣ୍ଡିତ ସତ୍ୟନାରାୟଣ ରାଜଗୁରୁ ମହାଶୟ ଉପରୋକ୍ତ ବଂଶବୃକ୍ଷମାନ ପ୍ରସ୍ତୁତ କରି 'ଉତ୍କଳସାହିତ୍ୟ'ରେ ଛପାଇଥିଲେ। ତାଙ୍କ ଧୈର୍ଯ୍ୟ ଓ ପରିଶ୍ରମ ପ୍ରତି ତାଙ୍କୁ ଆନ୍ତରିକ ଧନ୍ୟବାଦ ନଦେଇ ରହିପାରୁ ନାହିଁ। ସେ ମହାଶୟ ଅନେକ ଅଲୋଚନା ପରେ କହିଛନ୍ତି ଯେ, ଅନଙ୍ଗଭୀମ ଦେବଙ୍କ ଜଗନ୍ନାଥ ଦେଉଳ ତିଆରି ସମ୍ବନ୍ଧେ ଜଗନ୍ନାଥ ଦେଉଳରେ ଥିବା ଶ୍ଳୋକ ଏବଂ ଗଙ୍ଗବଂଶାନୁଚରିତରେ ଥିବା ଶ୍ଳୋକ ଭ୍ରମପ୍ରମାଦପୂର୍ଣ୍ଣ। ଏ ମତ ବିଷୟରେ ୨/୩ ଖଣ୍ଡି ଶିଳାଲିପି ଓ କେତେକ ତାମ୍ରଶାସନ ସାକ୍ଷ୍ୟ ଅଛି। ଏ ଦୁଇ ଶ୍ଳୋକର ଅର୍ଥ ୧୧୧୮ ଶକାବ୍ଦ ହେଲେ ତାଙ୍କ ଗଣନାନୁସାରେ ସମସ୍ତ ଭୁଲ ହେବ। ତାଙ୍କର ମତରେ 'ଶୁଭ୍ରାଂଶୁ' ନହୋଇ 'ଶୁଭ୍ରାଂଶୁ' ହେଲେ ୧୧୩୮ ଶକାବ୍ଦ ହୋଇପାରେ। ୨ୟ କଥା, ମାଦଳାପାଞ୍ଜିରେ ଥିବା "ସପ୍ତ ନରସିଂହେନ......ଶତେକ ଦ୍ୱାଦଶକେ ଶତେ" ସ୍ଥଳେ କେତେକମାନେ ନରସିଂହ ଦେବଙ୍କ ରାଜତ୍ୱ ୧୨୧୭ ଶକାବ୍ଦରୁ ଆରମ୍ଭ ହୋଇ କହନ୍ତି ସେ ମତ ଠିକ୍ ନୁହେଁ। ୩ୟ କଥା ଗଙ୍ଗବଂଶୀୟ ରାଜାଙ୍କ ସମୟରେ ଏକାଧିକ ଅଙ୍କପାତ ହୋଇ ନାହିଁ। ଯଥା— ଷ୍ଟର୍ଲିଙ୍ଗଙ୍କର ୭୨ ଅଙ୍କରେ ୭୦ ବର୍ଷ, କେବଳ ୩ ବର୍ଷ କଟାଯାଇଛି, ମାତ୍ର ପଣ୍ଡା ନରସିଂହଙ୍କ ୨୭ ବର୍ଷ ରାଜତ୍ୱରୁ ୭ ବର୍ଷ କଟାଯାଇଛି। ସେ ମହାଶୟ କହନ୍ତି, ଦକ୍ଷିଣ-ଓଡ଼ିଶାରେ ଗଙ୍ଗବଂଶୀୟ ରାଜାମାନଙ୍କର ଯେଉଁ ଶିଳାଲିପିଗୁଡ଼ିକ ଅଛି, ସେଥିରେ ରାଜାଙ୍କ ନାମ, ଶକାବ୍ଦ ଓ ଅଙ୍କ ବା ରାଜ୍ୟ ଉଲ୍ଲେଖ ଅଛି ଏବଂ ସେ ସବୁର ଅବଲମ୍ବନରେ ଯେଉଁ ଶକାବ୍ଦରେ ଯେଉଁ ଅଙ୍କ ମିଳୁଛି ସେ ଗୋଟିଏ ତାଲିକା କରି ପ୍ରକାଶ କରିଅଛନ୍ତି। ତାକୁ ପରୀକ୍ଷା କରି ଦେଖିଲେ ଜଣାଯାଏ ଯେ, ରାଜତ୍ୱର ପ୍ରତି ବର୍ଷର ଅଙ୍କ ଓ

ଶକାବ୍ଦ ମିଳୁନାହିଁ, କେତେକ ମିଳୁଛି । ଅଙ୍କଗଣନା ନିୟମାନୁସାରେ ୧, ୬ ଓ ୦ ସମନ୍ବିତ ଅଙ୍କ ଗଣାଯାଏ ନାହିଁ । ତ୍ୟାଜ୍ୟ ଅଙ୍କ ମଧ୍ୟରୁ କେବଳ ୧୦ ବ୍ୟତୀତ ଅନ୍ୟ ତ୍ୟାଜ୍ୟ ଅଙ୍କର ନିଦର୍ଶନ ନାହିଁ । ମାତ୍ର ଚୋଡ଼ଗଙ୍ଗଙ୍କ ୮ ଅଙ୍କ = ୧୦୦୬ ଶକାବ୍ଦ ଅର୍ଥାତ୍ ୯୯୯ କୁ ପ୍ରଥମ ଅଙ୍କ ଧରିଲେ ୧ ଓ ୬ ଅଙ୍କ ତ୍ୟାଗ କରାଯାଇ-ନାହିଁ ବୋଲି ଜଣାଯାଏ । ତ୍ୟାଗ କରାଯାଇଥିଲେ ୮ ଅଙ୍କରେ ୧୦୦୪ ଶକାବ୍ଦ ହୋଇଥାନ୍ତା । ପୁନଶ୍ଚ ଦେଖାଯାଏ ୧୦୬୯ ଶକାବ୍ଦ = ୭୨ ଅଙ୍କ ଅନୁସାରେ ୬୧ ବର୍ଷ ହେଉଛି । ପଣ୍ଡିତ ଗୋପବନ୍ଧୁ ବିଦ୍ୟାଭୂଷଣ ଅନଙ୍ଗଭୀମଦେବ ଓ ରାଜରାଜ ଦେବଙ୍କ ଯେଉଁ ପଞ୍ଜିକା ( ଉ. ସା. ୩୧ଶ ଭାଗ ୧ମ ସଂଖ୍ୟା ) ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି, ଅନଙ୍ଗଭୀମ ଦେବଙ୍କ ୧୭୦—୧୧୨ ଶକାବ୍ଦରେ ରାଜତ୍ୱ ୩୩ ବର୍ଷ, ମାତ୍ର ଅଙ୍କସଂଖ୍ୟା ୪୧ । ରାଜରାଜଦେବଙ୍କ ୧୧୨-୧୨୦ ଶକାବ୍ଦରେ ରାଜତ୍ୱ ୧୧ ଅଙ୍କରେ ୮ ବର୍ଷ । ଏ ମହାଶୟ ୧, ୬ ଓ ୦ ବର୍ଜିତ ଅଙ୍କମାନ ତ୍ୟାଗ କରିଛନ୍ତି । ପୁନଶ୍ଚ ଦେଖାଯାଏ ସେ ଏମାନେ ଯେଉଁ ଶ୍ଳୋକଉପରେ ନିର୍ଭର କରି ଭୀମଦେବଙ୍କ ମୂର୍ଦ୍ଧାଭିଷେକ ୧୧୯ ଶକାବ୍ଦ ବୋଲି ସ୍ଥିର କରିଛନ୍ତି ତାହା ମଧ୍ୟ ଭୁଲ ଥିବାର ଜଣାଯାଏ । "ଶକାବ୍ଦେ ନନ୍ଦ ରନ୍ଧ୍ର ଗ୍ରହଗଣ ଗଣିତେ" ଇତ୍ୟାଦି । ନନ୍ଦ = ୯, ରନ୍ଧ୍ର = ୮, ଗ୍ରହଗଣ = ୯, ସୁତରାଂ ୯୮୯ ଶକାବ୍ଦ ହେବ । ଏ ଅନୁସାରେ ଗଣନା କଲେ ଉପରୋକ୍ତ ବଂଶାବଳୀରେ ଯେଉଁ ସମସ୍ତ ଉଲ୍ଲେଖ ଅଛି ତାହା ବିପର୍ଯ୍ୟସ୍ତ ହୋଇଯିବ । ଚୋଡ଼ଗଙ୍ଗ ୯୮୯ ଶକାବ୍ଦରେ କଳିଙ୍ଗ ସିଂହାସନରେ ଅଭିଷିକ୍ତ ହୋଇଥିଲେ, ମାତ୍ର ତାହାର ଅନେକ ଦିନ ପରେ ଉତ୍କଳକୁ ଆସିଲେ । ସୁତରାଂ ଉତ୍କଳରେ ଯେଉଁ ଶକାବ୍ଦରେ ରାଜା ହେଲେ ସେଇଠାରୁ ଅନ୍ୟ ରାଜାମାନଙ୍କ ସମୟ ଧରିବାକୁ ହେବ । ଏ ସମସ୍ତ ଦେଖିଲେ ବଡ଼ଦେଉଳରେ ଖୋଦିତ ଶ୍ଳୋକ ଭୁଲ ବୋଲି ହଠାତ୍ କୁହାଯାଇ ନ ପାରେ । ମୁଁ ସେତେବେଳେ ଦେଖୁଛି ସମସ୍ତଙ୍କ ଠିକ୍ ଗଣନା ଏ ପର୍ଯ୍ୟନ୍ତ ସ୍ଥିରୀକୃତ ହେବା ପାଇଁ ଆହୁରି ଅନେକ ଅନୁସନ୍ଧାନ କରିବାକୁ ହେବ । ତେବେ ଯେତେକ କଥା ମିଳୁଛି ତାହା ଏକତ୍ରିତ କରି ଦିଆଗଲା । ବିଦ୍ୱାନ୍ ପାଠକମାନେ ଏଥିର ପ୍ରତିବାଦ କରିବେ ଏବଂ ନୂତନ ତତ୍ତ୍ୱ ଆବିଷ୍କାର କରିବାକୁ ଯତ୍ନବାନ୍ ହେବେ । ଅନେକ ରାଜଗୁରୁ ମହାଶୟଙ୍କୁ ଏ ବିଷୟ ପଚାରିଥିଲୁଁ । ସେ କହିଥିଲେ, ରନ୍ଧ୍ର ଅର୍ଥ ଅଙ୍କ ନିୟମାନୁସାରେ ୯ । ମାତ୍ର ଆମ୍ଭେ ଏ ଉତ୍ତରରେ ସନ୍ତୁଷ୍ଟ ହୋଇ ପାରିଲୁ ନାହିଁ । ରନ୍ଧ୍ର ଜ୍ୟୋତିଷ ଶବ୍ଦ । ଏହା ଆଠ ପ୍ରକାରର ବ୍ୟବହୃତ ହେବାର ଆମ୍ଭେ ଜାଣୁ । ମାତ୍ର ରନ୍ଧ୍ର ଅର୍ଥ ୯ କେଉଁ ବାକ୍ୟାନୁସାରେ ହେବ ସେ କଥା ନଜାଣିବା ଯାଏ ଏ କଥା ଉପରେ ନିର୍ଭର କରାଯାଇନାହିଁ ।

ଭୁବନେଶ୍ୱର ଅନନ୍ତ ବାସୁଦେବ ଲିପି : -

ଦେଉଳର ପଶ୍ଚିମ ପ୍ରାଚୀରରେ ଥିବା ଲିପି । ଭାଷା ସଂସ୍କୃତ । ପ୍ରଶସ୍ତି ଲେଖକ ଶ୍ରୀ ବାଚସ୍ପତି । "ପ୍ରଶସ୍ତି ରସ୍ୟ ବାଳବଲ୍ଲଭୀ ଭୁଜଙ୍ଗାପର ନାମ୍ନୋ ଭଟ୍ଟ ଶ୍ରୀ ଭବଦେବସ୍ୟ" ୩୪ ଶ୍ଳୋକ ଅଛି । ସିଲଦ୍‌ବଗ୍ରାମ ।

ମହାଦେବ—ଭବଦେବ—ଅଟ୍ଟହାସ

|

ରଥାଙ୍ଗଦେବ

|

ଅଚ୍ୟାଙ୍ଗଦେବ

|

ବୁଦ୍ଧଦେବ

|

ଆଦିଦେବ

|

ଗୋବର୍ଦ୍ଧନଦେବ

|

ଭବଦେବ

ଗୋବର୍ଦ୍ଧନଙ୍କ ମାତାଙ୍କ ନାମ ଦେବକୀ, ପତ୍ନୀଙ୍କ ନାମ ସାଙ୍ଗୋକା । ସେ ବନ୍ଦ୍ୟଘଟୀ ବ୍ରାହ୍ମଣକନ୍ୟା ଥିଲେ । ହରି ଭବଦେବ ରୂପରେ ଏହାଙ୍କ ଗର୍ଭରେ ଜନ୍ମ ହୋଇଥିଲେ । ଭବଦେବଙ୍କ ହୃଦୟରେ କୌସ୍ତୁଭ ଚିହ୍ନ, ଦୁଇ ହସ୍ତରେ ପଦ୍ମ ଶଙ୍ଖ । ଅବଶିଷ୍ଟ ଶ୍ଳୋକରେ ଭବଦେବଙ୍କ କୀର୍ତ୍ତି ବର୍ଣ୍ଣିତ ହୋଇଛି । ଏଥିମଧ୍ୟରେ ରାଢ଼, କୌଳିକୁପାଦବାସ, ହରି ବର୍ମଦେବ ସମ୍ବନ୍ଧ୍ ୫ (୩୬) ପ୍ରଭୃତି କେତେଗୁଡ଼ିଏ ଶବ୍ଦ ଅଛି । ରାଜେନ୍ଦ୍ରଲାଲ ମିତ୍ର ମହାଶୟ ଲିପି ସମ୍ବନ୍ଧେ ନିଜ ମନ୍ତବ୍ୟ ପ୍ରକାଶ କରିନାହାନ୍ତି । ଗାଙ୍ଗୁଲି ମହାଶୟ ଏ କେତେକୋଟି ଶବ୍ଦ ଦେଖି କହନ୍ତି ଯେ, ବାଚସ୍ପତି ଜଣେ ବଙ୍ଗାଳୀ ଥିଲେ ଏବଂ ରାଢ଼ ଶ୍ରେଣୀସ୍ଥ ବ୍ରାହ୍ମଣ ଥିଲେ । ଭବଦେବ ନବ୍ୟସ୍ମୃତିକାରଙ୍କ ପରି ଜ୍ୟୋତିର୍ବେତ୍ତା ଥିଲେ । ଭବଦେବ ବଙ୍ଗଳାଧିପ ହରିବର୍ମ-ଦେବଙ୍କ ମନ୍ତ୍ରୀ ଥିଲେ । ସେ ଏଥି ଦେଉଳ ସହ ଗୋଟିଏ ପୁଷ୍କରିଣୀ ଖୋଳାଇ ଥିଲେ । ସେ ପୋଖରୀ ସମ୍ଭବତଃ ବିନ୍ଦୁସାଗର । ବାଚସ୍ପତି ବେଦଜଦେବଙ୍କ

ସାମସାମନ୍ତିକ । ଶ୍ରୀଧର ୮୯୮ ଶକ ବା ୯୭୬ ଖ୍ରୀଷ୍ଟାବ୍ଦରେ 'ନ୍ୟାୟକନ୍ଦଳୀ' ନାମକ ଗ୍ରନ୍ଥ ଲେଖିଥିଲେ । ଭୋଜଦେବ ୧୦୦୬—୧୦୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରାଜେନ୍ଦ୍ରଲାଲଙ୍କ ମତରେ ଶ୍ରୀଧର ଏକାଦଶ ଶତାବ୍ଦୀର ଲୋକ ଏବଂ ଦେଉଳଟି ସମ୍ଭବତଃ ସେହି ସମୟର । ଲିପି ସ୍ଥାନାନ୍ତରିତ ହୋଇଥିଲା । ସେବକ-ମାନେ ଆପତ୍ତି କରିବାରୁ ପୁନର୍ବାର ଆସି ସେଠାରେ ରହିଲା । ଲିପି ୨ ଖଣ୍ଡ ପ୍ରସ୍ତର ଉପରେ ଲିଖିତ ହୋଇଛି । ଏ ଦୁଇଟି ଲିପି କେବେ ସ୍ଥାନାନ୍ତରିତ ହୋଇଥିଲା ଜଣାନାହିଁ । କେବେ ପୁନଃ ପ୍ରତିଷ୍ଠିତ ହେଲା ଜଣାନାହିଁ । ଅପର ଲିପିଟି ଭୁବନେଶ୍ୱର ଦେଉଳର ଲିପିପରି ବୋଧହୁଏ । ଗାଙ୍ଗୁଲି ମହାଶୟଙ୍କ ମତ ସମ୍ପୂର୍ଣ୍ଣ ଭ୍ରମମୂଳକ । ହରିବର୍ମ ଦେବ ନାମକ ରାଜା ବଙ୍ଗଳାରେ କେବେ ରାଜତ୍ୱ କରି ନଥିଲେ । ବିଶେଷତଃ ସେନ ଶ୍ରେଣୀର ରାଜା ବଙ୍ଗ ସିଂହାସନରେ ରାଜତ୍ୱ କରି ନଥିଲେ । ଏଲିନ ଆକବରୀ ଓ ଷ୍ଟୁଅର୍ଟ ଇତିହାସରେ ଶୂରବଂଶ, ପାଳବଂଶ, ସେନବଂଶ ରାଜାଙ୍କ ନାମ ଅଛି । ଏ ତିନି ବଂଶ ୧୫୧୯ ବର୍ଷ ରାଜତ୍ୱ କରିଥିଲେ । ସେଥିର ଶେଷ ରାଜା ଲକ୍ଷ୍ମଣସେନ ୧୧୪୨—୧୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ୧୫୧୯ ବର୍ଷ ହେଲେ ଖ୍ରୀଷ୍ଟପୂର୍ବ ୩୧୭ । ଷ୍ଟୁଅର୍ଟ ଇତିହାସ ଲେଖକ ଅନେକ ପୁରା ତତ୍ତ୍ୱ ଆଲୋଚନା କରିଛନ୍ତି । ମାତ୍ର ହରିବର୍ମଙ୍କ ନାମୋଲ୍ଲେଖ ନାହିଁ । ଷ୍ଟୁଅର୍ଟ ଇତିହାସ (୧ମ ଖଣ୍ଡ ୧୦୯ ଓ ୧୧୧ ପୃଷ୍ଠା) ରେ ଉଲ୍ଲେଖ ଅଛି ୯୦୦ ଖ୍ରୀଷ୍ଟାବ୍ଦରେ ଗୁପ୍ତକୂଟ ରାଜବଂଶରେ ସ୍ୱପ୍ନିଲ ଭୂମି ରେ ହରିବର୍ମଣ ପ୍ରତିଷ୍ଠିତ ଥିଲେ । ପ୍ରଥମ ଦଣ୍ଡୀବର୍ମଣ ୬୫୦ ଖ୍ରୀଷ୍ଟାବ୍ଦରେ ଗୁପ୍ତକୂଟ ବଂଶ ପ୍ରତିଷ୍ଠା କଲେ । ଏ ବଂଶୀୟ ରାଜାମାନଙ୍କର ଦେବ ଉପାଧି ନଥିଲା । ପ୍ରାଚୀନକାଳରେ ନେପାଳର ପୂର୍ବ ପ୍ରାନ୍ତରେ କିରାତ ରାଜବଂଶୀୟ ରାଜାମାନେ ଦେବ ଉପାଧି ବ୍ୟବହାର କରୁଥିଲେ । ଶିବଦେବ ଏ ବଂଶର ପ୍ରଥମ ରାଜା । ଏ ବଂଶରେ ହରିବର୍ମ ଦେବ କେହି ନଥିଲେ । ଏପରି ଅବସ୍ଥାରେ ସେ କିପରି ବଙ୍ଗାଳୀ ହେଲେ ? ଏପରି ସିଦ୍ଧାନ୍ତ ବଙ୍ଗାଳୀ ଲେଖକଙ୍କର ସ୍ୱକପୋଳ । ୩୨ ସମ୍ବତ୍ ଖ୍ରୀଷ୍ଟପୂର୍ବ ୨୫ ଅଙ୍କ । ଶ୍ରୀଧର ଦେଉଳକୁ କଳ୍ପି ନଥିଲେ ।

ଭୁବନେଶ୍ୱର ଲିପି :—ଅର୍ଥାତ୍ ଅନନ୍ତବାସୁଦେବଙ୍କ ମନ୍ଦିରର ପ୍ରାଚୀରରେ ଥିବା ୨ୟ ପ୍ରସ୍ତର ଲିପି । ଉଦ୍ୟୋତକେଶରୀଙ୍କ ମାତା କୋଳାବତୀ ବ୍ରହ୍ମେଶ୍ୱର ଦେଉଳ ତୋଳାଇଥିଲେ । ଦେଉଳ ଉପରେ ସୁବର୍ଣ୍ଣ କଳସ ଥିଲା । ପୁରୁଷୋତ୍ତମ ଭଟ୍ଟ ପ୍ରଶସ୍ତି ଲେଖକ । ଦେଉଳ ୧୮ ସମ୍ବତ୍‌ରେ ତୋଳା ହୋଇଥିଲା ।

ଜନମେଜୟ ( ଅଙ୍ଗଦେଶ ଜୟ କରିଥିଲେ )
|
ଧର୍ମରଥ
|
ଜନମେଜୟ
|
ବିଚିତ୍ରବୀର
|
ଚଣ୍ଡୀହର
|
ଉଦ୍ୟୋତକେଶରୀଙ୍କ ମାତା କୋଲାବତୀ

ପରମ ମାହେଶ୍ୱର ମହାରାଜାଧିରାଜ ସୋମବଂଶୋଦ୍ଭବ ଭୂପତି କଳିଙ୍ଗାଧିପତି ଶ୍ରୀମଦୁଦ୍ୟୋତକେଶରୀ ରାଜଦେବସ୍ୟ ବିଜୟରାଜ୍ୟେ ସମ୍ବତ୍ ୧୮ ଫାଲ୍ଗୁନ ଶୁଦି ୫ ସୂତ୍ରଧାରସ୍ୟ ।

ମେଜର ମାର୍ଶଲ ପ୍ରଥମ ଲିପିର ସମୟ ୩୨ ସମ୍ବତ୍ ସ୍ପଷ୍ଟ ପଢ଼ିଥିବାର ଲେଖିଅଛନ୍ତି । ଦ୍ୱିତୀୟ ଲିପିର ସମୟ ୧୮ ସମ୍ବତ୍ । ପ୍ରଶସ୍ତି ଲେଖାର ଶ୍ଳୋକ ଦୁଇଅର୍ଥବୋଧକ ଥାଏ । ଭବଦେବ ଶିବଙ୍କୁ ବୁଝାଇପାରେ । ଭୁବନେଶ୍ୱର ଏକାମ୍ରକାନନରେ ପ୍ରତିଷ୍ଠିତ ହେବାପୂର୍ବେ ଅନନ୍ତବାସୁଦେବ ସେଠାରେ ଥିଲେ । କପିଳସଂହିତା, ବ୍ରହ୍ମପୁରାଣ, ଏକାମ୍ର ପୁରାଣ, ଶିବପୁରାଣ ଦ୍ରଷ୍ଟବ୍ୟ । ଅନନ୍ତବାସୁଦେବ ଅତି ପ୍ରାଚୀନ ଦେବତା (ଏକାମ୍ର ପୁରାଣ) । ସ୍ୱୟଂ ଶିବ ବିନ୍ଦୁସାଗର ଖୋଳାଇଥିଲେ । ଶାକ୍ତମାନେ କହନ୍ତି ପାର୍ବତୀ ଖୋଳାଇଥିଲେ । ଏହାର ଅପର ନାମ ଗୋପାଗର । ପ୍ରତ୍ୟେକ ତୀର୍ଥରୁ ବିନ୍ଦୁଏ ଲେଖାଏଁ ଜଳ ଆସି ଏ ପୁଷ୍କରିଣୀ ହୋଇଥିବାରୁ ଏହାର ନାମ ବିନ୍ଦୁସାଗର । ବିନ୍ଦୁହ୍ରଦ ନାମ ମହାଭାରତରେ ଅଛି (ବନପର୍ବ) । ସୁତରାଂ ୩୨ ସମ୍ବତ୍ ପୂର୍ବରୁ ବିନ୍ଦୁସାଗର ଖୋଳା ହୋଇଥିଲା । ଗାଙ୍ଗୁଲିଙ୍କ ମତାନୁସାରେ ବଙ୍ଗାଳୀ ଖୋଳିଲେ କିପରି ? ଏ ସିଦ୍ଧାନ୍ତ ଅମୂଳକ । ଭୁବନେଶ୍ୱର ଦେଉଳ ୧୮ ସମ୍ବତ୍‌ର ହେଲେ, ଅତ୍ୟନ୍ତ ପ୍ରାଚୀନ ।

ସମ୍ବତ୍ ବିକ୍ରମାଦିତ୍ୟଙ୍କ ରାଜତ୍ୱ କାଳରୁ ଚଳୁଛି । ବର୍ତ୍ତମାନ ବିକ୍ରମାବ୍ଦ ୧୯୮୪ । ବିକ୍ରମାଦିତ୍ୟ ଖ୍ରୀଷ୍ଟପୂର୍ବ ୫୭ ଅବ୍ଦରେ ସିଂହାସନରେ ଅଭିଷିକ୍ତ ହୋଇ ଥିଲେ । ସୁତରାଂ ୧୮ ସମ୍ବତ୍ = ଖ୍ରୀ. ପୂ. ୩୯ ଦ୍ୱିତୀୟ ଲିପିର ସମୟ ।

୨ୟ ଲିପି :—

ତଦଂଶେଽଜନି ଶୁଦ୍ଧକୀର୍ତ୍ତିରତୁଲୋ ବଶ୍ୟନ୍ତର ବଳ୍ଲଭେ ରାଜା ଶ୍ରୀ କପିଳେନ୍ଦ୍ରସ୍ୟ
ହରସ୍ୟାଭୁତେତ୍ର ଲଙ୍କାଧିପଃ ଦନ୍ତାଦନ୍ତୀ କରୁଣସ୍ୟ ତ୍ରମମିଷାଭସ୍ମେକୃଷ୍ଣ ।
ଦିତ୍ୟେ ସଃ ବୃନ୍ଦଃ ଶ୍ରୁତେତାଂଶ ଦେଶ ନୃପତେ ଲକ୍ଷ୍ମୀ ସମାକୃଷ୍ଟବାନ୍ ।

× × ×

ତସ୍ୟାତ୍ମଜ କଳିକାଳ କଳ୍ପଦ୍ରୁମୋ ଭୂପାଳ ଚୂଡ଼ାମଣିଃ
ମର୍ଯ୍ୟାଦାମୃତ ପୂର୍ବ୍ବଂ ପୈର୍ଯ୍ୟ କମଳା ଗାମ୍ଭୀର୍ଯ୍ୟରତ୍ନାକରଃ
ମାର୍ତ୍ତଣ୍ଡୋଦୟ ଶତ୍ରୁସିନ୍ଧୁ ବଡ଼ବାଃ ପ୍ରତ୍ୟକ୍ଷ ଲକ୍ଷ୍ମୀ ଦେବୀ
ରାଜା ପାର୍ଥିବଦେବୋ ମହାଭଟବରଃ ଶ୍ରୀ ବୀର ବଭୂବ ଶ୍ରୀ ।

× × ×

ତସ୍ମିନ୍ ନୃପତେ ଦେବମ୍ ପୁରି ଶ୍ରୀ ରାଜମନ୍ଦ୍ରେ ନାନା ଭଟ୍ଟବୃନ୍ଦେ ତେ
ଦେବକର୍ମୀ ଶ୍ରେଷ୍ଠ ଦେଶାନ୍ତର ସ୍ଥିତବଣିଜ ବଳ ପ୍ରବର
ବାଲଃ କସ୍ଥାନଗଦଣ୍ଡ ପଥକର୍ତ୍ତୃ ତତ୍ପୂର୍ବ୍ବା ଜନନେଜନସ୍ୟ
ତନୟୋ ଭୂତଃ ପ୍ରସିଦ୍ଧଃ ଖ୍ୟାତଃ । ସର୍ବ୍ବଜାତି କରଣବାଦ ଭଟ୍ଟ ସମ୍ପ୍ର-
ଦାୟନ୍ୟାଯତଃ ଧନେଶ୍ୱରମାମତ ମନୁଷ୍ୟଗଡ଼ଭ୍ୟବକୀ ତଦ୍ଧ୍ୟାପତେଜୟ
ଦୂତଃ ଶ୍ରୀ ତଣ୍ଡୀଧର ଉଦ୍ଧକୃତପଥଃ × ×
ଶଙ୍କରେଭବ ସୂକ୍ତ ସୂଦତବୃ ଦ୍ୱୈପତଙ୍କ ବେଶସ୍ୟ × ×

ଶ୍ରୀ ଜଗନ୍ନାଥ ଦେଉଳ ମଧ୍ୟରେ ଥିବା ଲିପି :—

(୧) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ପ୍ରତାପ ପୁରୁଷୋତ୍ତମଦେବ ମହାରାଜାଙ୍କର ସମସ୍ତ . × × ଶ୍ରାବଣ ମେଷ ଶୁକ୍ଳ . ଗୁରୁବାର × ×

(୨) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ପ୍ରତାପ କପିଳେଶ୍ୱରଦେବ ମହାରାଜାଙ୍କ ବିଜେ ସମସ୍ତ ୧୯ ଅଙ୍କ ଶ୍ରାହି ଦେଶଶି ଶ୍ରମାବେଁ ରବିବାରେ × × ଶ୍ରୀ ପୁରୁଷୋତ୍ତମର ପୂଣ୍ୟକ ତୋଷଣାଡ଼ି ଦେଲୁଁ ।

(୩) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × କପିଳେଶ୍ୱର ଦେବ ମହାରାଜାଙ୍କର ବିଜେ ସମସ୍ତ ୩୮ ଅଙ୍କ ଶ୍ରାହି କକଡ଼ା ୧୩ ଦିନ ଗୁରୁବାର ପୁରୁଷୋତ୍ତମ କଟକେ × × ×

(୪) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ପୁରୁଷୋତ୍ତମଦେବ ମହାରାଜାଙ୍କ ବିଜେ ରାଜ୍ୟେ × × × ୧୯ ଅଙ୍କ ଶ୍ରାହି ଶୁକ୍ଳ ୮ ଓ ମଙ୍ଗଳବାର × × × ବାରାଣସୀ କଟକେ × ×

(୫) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × ପ୍ରତାପ ଶ୍ରୀ ପୁରୁଷୋତ୍ତମ-ଦେବ × × ୪ ଅଙ୍କ × ×

(୬) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ × × ଦଶ ଅଙ୍କ × ×

(୭) ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର × × × ପ୍ରତାପ ଶ୍ରୀ ପୁରୁଷୋତ୍ତମଦେବ ୪ ଅଙ୍କ × ପୁରୁଷୋତ୍ତମ କଟକେ ×

(୮) ବୀର ପ୍ରତାପ କପିଳେଶ୍ୱର ଦେବ × × ୪ ଅଙ୍କ ଶ୍ରାହି ଧନୁମାସ ଅମାବସ୍ୟା ସୋମବାରେ × × ଆମ୍ଭର ଓଡ଼ିଶା ରାଜ୍ୟ ଲୋକ କହନ୍ତି ମୂଳ କର ଘା ଛାଡ଼ିଲୁ ଛାଡ଼ିଲ × ×

(୯) ଶ୍ରୀ ବୀର ପ୍ରତାପ କପିଳେଶ୍ୱର × × ମହାରାଜାଙ୍କ ବିଜେ ରାଜ୍ୟେ ସମସ୍ତ ୪ ଅଙ୍କ ଶ୍ରାହି ଧନୁମାସ × × ଖଡ଼ଗୋଡ଼ା ଦମାନ ଶ୍ରୀଭୁଜ ରଜତ ଶଙ୍ଖଚକ୍ର ପରମେଶ୍ୱର ପୁରୁଷୋତ୍ତମ ପୂଜାଯୋଗାଡ଼ । ବହୁମୂଲ୍ୟ କାଞ୍ଚନ ଭଡ଼ଣା ମଧ୍ୟରେ ୮୪ ଯୋଡ଼ା ସ୍ୱର୍ଣ୍ଣ ମାଣିକ୍ୟ ବୈଢ଼ୁର୍ଯମାଳ ୩ ମୁକ୍ତା ବଡ଼ କଣ୍ଠୀମାଳ ୪ ମାଣିକ୍ୟଗୁଛା ୮ ମର୍କତକାଣ୍ଡି ୮ ମର୍କତମୁଦ୍ରା ୮ ମାଳ ନାନା ରତ୍ନ ପଦକ × × ରାଜା ଏହା ଦେଲେ ।

(୧୦) ସନ ଶ୍ରୀ ଗଜପତି × ପ୍ରତାପ କପିଳେଶ୍ୱର ଦେବ × ୩୪ ଶ୍ରାଦ୍ଧ ।

(୧୧) ସନ ଶ୍ରୀ ଗଜପତି × ପ୍ରତାପ ଶ୍ରୀ ପ୍ରତାପରୁଦ୍ର ଦେବ × ସମସ୍ତ ୪ ଅଙ୍କ × ଅଙ୍କସ୍ୱମାନେ ବଡ଼ଠାକୁରଙ୍କ ଶେଯଭେଟବେଳେ ଗୀତଗୋବିନ୍ଦ ପାଠ ହୋଇବ, ଏହାଉଠାରୁ ବଡ଼ସିଂହାର ପର୍ଯ୍ୟନ୍ତ × ଆନ ଗୀତ ନ ଗାଇବେ × ଆନ ନାଟ ପରମେଶ୍ୱରଙ୍କ ସମ୍ମୁଖରେ ନ ହୋଇବ × ବୈଷ୍ଣବ ଗାଇଣମାନେ ଯେ ଅଛନ୍ତି, ଏମାନେ ଗୀତଗୋବିନ୍ଦ ଗୀତ ହିଁ ଗାଇବେ । ଏହାଙ୍କଠାରୁ ଅନ୍ତି କି... ମାନେ ଶୁଣି ଗୀତଗୋବିନ୍ଦ ଗାଇବେ । ଆନ ଗୀତ ସେ ନ ଶିଖିବେ ।

(୧୨) ସନ ଶ୍ରୀ ଗଜପତି × ଶ୍ରୀ ଇନ୍ଦ୍ରଦେବ ମହାରାଜାଙ୍କ ସମସ୍ତ ୫ ଅଙ୍କ ଶ୍ରାଦ୍ଧ ଧନୁ ୩ ଦିନ ×

(୧୩) ଶକାବ୍ଦେ ରନ୍ଧ୍ର ଶୁଭ୍ରାଂଶୁ ରୂପ ନକ୍ଷତ୍ରନାୟକେ
ପ୍ରାସାଦଂ କାରୟାମାସାନଙ୍ଗଭୀମେନ ଧୀମତା ।

ଜଗନ୍ନାଥ ଦେଉଳର ଅନେକ ଲିପିର ଅକ୍ଷର ଓ ମାତ୍ରା କାଳକ୍ରମେ ଘଷିହୋଇ ଲିଭିଗଲାଣି, ତେଣୁ ଅବୋଧ୍ୟ । ଲିପିମାନ ଓଡ଼ିଆ ଅକ୍ଷରରେ ଲେଖା । କଳବରଗ ବର୍ତ୍ତମାନ ଗୁଲବର୍ଗା ହେବା ସମ୍ଭବ । ହାଇଦ୍ରାବାଦ ନଗରରେ ଗୁଲବର୍ଗା । ହାଇଦ୍ରାବାଦ ଅଞ୍ଚଳରେ ଓଡ଼ିଶା ସ୍ତମ୍ଭ ଚତୁଷ୍ପାର୍ଶ୍ୱ ଶୁଣାଯାଏ । କପିଳେନ୍ଦ୍ରଦେବଙ୍କ ଗୁଲବର୍ଗା ଓଡ଼ିଶା ଅଧୀନରେ ଥିଲା ।

ଭୁବନେଶ୍ୱର ଦେଉଳ ନାଟମନ୍ଦିର ଦ୍ୱାରରେ :—

ଗଗନାକ୍ଷେନ୍ଦୁଗଣିତେ ଜାତେ ଶକାବ୍ଦେ କୃତ୍ତିବାସସଃ
ପ୍ରାସାଦମକରୋଦ୍ରାଜା ଲଲାଟେନ୍ଦୁ କେଶରୀ ।

ଦାଣ୍ଡଗୁମ୍ଫା ଭିତରେ କୁଟିଳାକ୍ଷରରେ :—

ଶ୍ରୀମଦ୍ଦ୍ୟୋତକାର ପୌତ୍ରକଶାଦା ଚନ୍ଦ୍ରାର୍କ ଗୁହାଗର୍ଭସ୍ଥ
ଦେବ ଜମୁନେଃ ପ୍ରଣୀଶ୍ୱରସ୍ୟ ବାରଣ୍ଡା
ଇଜ୍ୟାଗର୍ଭ ସମ୍ପୁଜଣୀକୃତ୍ୟ ତସ୍ୟ ପଣାଭସ୍ୟା
ଭୁମଦାସ୍ୟାରଣ ଧାତ୍ୟଂଶସ୍ୟ ଘଟସ୍ତୁରକ ମୂକ ।

ପବନଗୁମ୍ଫା ଲିପି :—

ଚୂଲକମସ ପସେତ କଥା ଯା ।

ସର୍ପ ବା ଅଜଗର ଗୁମ୍ଫା :—

ଚୂଲକମସ କଥା ଯା ଚ କମସ ହଲଖିନୀ ପସାଦ ।

ବ୍ୟାଘ୍ର ଗୁମ୍ଫା :—

ନଗର ଅଖେଦସ ସଭୁତିନୋ ଲେନେ ।

କୁଳଚନ୍ଦ୍ର ଗୁମ୍ଫା :—

ଶ୍ରୀ ଆର୍ଯ୍ୟ କୁଳଚନ୍ଦ୍ରସ୍ୟ ତସ୍ୟ ଶିଷ୍ୟ ଖୋଲ୍ଲଚନ୍ଦ୍ରସ୍ୟ ନା ତାଂ ଧର୍ମେ ।

ଗୋପୀନାଥପୁର ସ୍ତମ୍ଭର ଲିପି :—

ଗୋପୀନାଥପୁର କଟକଠାରୁ ଉତ୍ତରକୁ ୧୩ ମାଇଲ ଦୂର ଏବଂ ବିରୂପା ନଦୀକୂଳରେ ଅବସ୍ଥିତ । ଲିପି ଓଡ଼ିଆ ଅକ୍ଷରରେ ଲେଖା । ୩୦ ଧାଡ଼ି ଲେଖା ଅଛି । କପିଳେନ୍ଦ୍ରଦେବଙ୍କ ମନ୍ତ୍ରୀ ଗୋପୀନାଥ ମହାପାତ୍ରଙ୍କ ଆଦେଶ ଅନୁସାରେ ଲିପି ଖୋଦିତ ହୋଇଛି ।

ଲକ୍ଷ୍ମଣ ମହାପାତ୍ର
|
ନାରାୟଣ ବଡ଼ପୁଅ | ଗୋପୀନାଥ (ହରିତକୁଳ)
|
ନଗୁଳି

କପିଳେନ୍ଦ୍ରଙ୍କ ନାମ କପିଳେଶ୍ୱର ଲେଖାଅଛି । ଲିପିରେ ସମ୍ବତ ନିର୍ଦ୍ଦିଷ୍ଟ ନାହିଁ । କପିଳେଶ୍ୱରଙ୍କର ଭ୍ରମରବର ଉପାଧି ଅଛି । ଲିପିରୁ 'ଜଣାଯାଏ କପିଳେନ୍ଦ୍ର କର୍ଣ୍ଣାଟ, କଲବର୍ଗ, ମାଳବ, ଗୌଡ଼ ଓ ଦିଲ୍ଲୀ ରାଜାମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଗୋପୀନାଥ ବହୁତ ସାହାଯ୍ୟ କରିଥିଲେ । ଗୋପୀନାଥଙ୍କ ପିତା ଓ

ବଡ଼ଶ୍ଲାଲ ଦସ୍ତିକେନ୍ଦ୍ରଙ୍କ ମନ୍ତ୍ରୀ ଥିଲେ। ଗୋପୀନାଥ ଶେଷକୁ ମନ୍ତ୍ରୀ ହୋଇଥିଲେ। ମାଳବ ଆକ୍ରମଣ ସମ୍ଭବତଃ ବଙ୍ଗର ଆକ୍ରମଣ। ନଗରଗ୍ରାମରେ ଏ ଆକ୍ରମଣ ସମସ୍ତ ୧୦୬୨ ଖ୍ରୀଷ୍ଟାବ୍ଦ। ଏଠାରେ ଦେଉଳ ଅଛି। ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ମୂର୍ତ୍ତି ଅଛନ୍ତି। ଦେଉଳରେ ଅନେକ ମୂର୍ତ୍ତି ଚିତ୍ର ଅଛି। ଗୋପୀନାଥ ୧୬ ବର୍ଷ ପରେ ପ୍ରଧାନମନ୍ତ୍ରୀ ହେଲେ। ସେ ୧୬ ଦୁର୍ଗ ଅଧିକାର କରିଥିଲେ, ୧୨ ହାତୀ ପାଇଥିଲେ; ଯୁଦ୍ଧରେ ୧୬ ରାଜାଙ୍କୁ ବନ୍ଦୀ କରିଥିଲେ। ଗୋପୀନାଥ ସଡ଼କ ଧାରରେ ଅନେକ ପୁଷ୍କରିଣୀ ଖୋଳାଇଥିଲେ। ଦେଉଳଟି ବଡ଼ ଉଚ୍ଚ। ଏ ଶାସନରେ ସଦା ବେଦଧ୍ୱନି ଶୁଣା ଯାଉଥିଲା। ଏଠାରେ ଅନେକ ସଂସ୍କୃତ ଦେଖାଯାଏ। ଲିପିର ଭାଷା ସଂସ୍କୃତ।

ସ୍ୱପ୍ନେଶ୍ୱର ଶିଳାଲିପି :—

କଟକ ଜିଲ୍ଲାର ପଶ୍ଚିମର ପ୍ରଗଣାର କାଗଜ ଗ୍ରାମରେ ସ୍ୱପ୍ନେଶ୍ୱର ଶିବ ଦେଉଳ ଅଛି। କଟକରୁ ଉତ୍ତର ପୂର୍ବ ୧୨ ମାଇଲ। ଦେଉଳ ଚାରିପାଖେ ଅନେକ କ୍ଷୁଦ୍ର ଦେଉଳ ଅଛି। ସେଗୁଡ଼ିକ ନୂତନ; ମାତ୍ର ସ୍ୱପ୍ନେଶ୍ୱରଙ୍କ ଦେଉଳ ଅତି ପ୍ରାଚୀନ। ସେଠାରେ ସେବକ ଏବଂ ଗ୍ରାମର ପ୍ରଧାନ ବାସିନ୍ଦା। ଅନେକ ସମ୍ପତ୍ତି ଥିଲା। ବର୍ତ୍ତମାନ ପ୍ରାୟ ୧୦୦୦ ବିଘା ଅଛି; ୩୦୦ ଭରଣ ଧାନ ମିଳେ। ବହୁତ ଭେଟ ଦର୍ଶନ ମିଳେ। ଶିବ ଚତୁର୍ଦ୍ଦଶୀ ଦିନ ବଡ଼ ମେଳା ହୁଏ। ଦେଉଳ ଜୀର୍ଣ୍ଣ ହୋଇଗଲାଣି। ସେବକମାନେ ଅନେକ ସମ୍ପତ୍ତି ବିକି ଦେଲେଣି। ଏଠାରେ ଗୋଟିଏ ପୁଷ୍କରିଣୀ ଥିଲା। ନିକଟରେ ଅବଧାନ ପାଠ ପଢ଼ାଉଥିଲା। ମହାଦେବ ସ୍ୱପ୍ନ ରୂପରେ ସ୍ୱପ୍ନାଳକ ଆସିଥିଲେ। ପରେ କଣ୍ଠାପଡ଼ିବାରୁ ସ୍ୱପ୍ନେଶ୍ୱର ରୂପରେ ପ୍ରକାଶିତ ହେଲେ। ଏହି ଦେଉଳରେ ୨ୟ ଅନଙ୍ଗଭୀମଙ୍କ ଲିପି ଅଛି। ଭାଷା ସଂସ୍କୃତ, ଅକ୍ଷର କୁଟିଳ। କବି ସ୍ୱପ୍ନେଶ୍ୱର। ୨୫ଟି ଚତୁଷ୍ପଦୀ ଶ୍ଳୋକ ଅଛି।

ଚୋଡ଼ଗଙ୍ଗ
|
ଅନଙ୍ଗଭୀମ-୧
|
ରାଜେନ୍ଦ୍ର
|
ଅନଙ୍ଗଭୀମ-୨

ନିଷ୍କଳଙ୍କନାଥ ନୃପତି ବୋଲି ଉଲ୍ଲେଖ ଅଛି । ଲିପିରେ ସମସ୍ତ ଲେଖା ନାହିଁ । ବସ୍ତୁଦଣ୍ଡଭୋଗୀ ଗୋବିନ୍ଦ ଏବଂ ବିଷ୍ଣୁ ମନ୍ତ୍ରୀ ଥିଲେ । ସେ ଭୁଦ୍ଧାଣ ରାଜା ସଙ୍ଗେ ଯୁଦ୍ଧ କରିଥିଲେ । ଅନଙ୍ଗଭୀମ ଅନେକ ସୁବର୍ଣ୍ଣ ସୁମେରୁ ପ୍ରସ୍ତୁତ କରି ତୁଳାପୁରୁଷ ଦାନ କରିଥିଲେ । ପ୍ରଶସ୍ତିରେ ଅନଙ୍ଗଭୀମ ଜଣ୍ଣି ଘୋଷିତ ହୋଇଛି ।

କୁମାରୀଙ୍କ ଶାସନ ତାମ୍ରଲିପି :—

ପୁରୀ ଜିଲ୍ଲାର ଦାଣ୍ଡପୁର ଅଞ୍ଚଳରେ କୁମାରୀଙ୍କ ଶାସନ । ଏ ଶାସନରେ ପଣ୍ଡିତ ହଳଧର ଷଡ଼ଙ୍ଗୀଙ୍କ ବାସସ୍ଥାନ । ତାଙ୍କ ଗୃହରେ ଏ ତାମ୍ରପଟ୍ଟ ଅଛି । ୪୪ ଧାଡ଼ି ଅକ୍ଷର ଲେଖାଅଛି । ଅକ୍ଷର କେତେକ କୁଟିଳ, କେତେକ ନାଗରାକ୍ଷର । ଭାଷା ସଂସ୍କୃତ । ହଳଧର ଦାଶରଥି ଜନାର୍ଦ୍ଦନଙ୍କ ପୁତ୍ର । ଏଥିରେ ଦାତାଙ୍କର ବଂଶାବଳୀ ଅଛି । ଦାତା ରାଜା ମାନସିଂହଙ୍କ ବଂଶର ।

ଲୋଲପାଳ
|
କୁଶଳପାଳ—ଲଳିତପାଳ
|
ଶାନ୍ତିକର (ଶୁଭକର)
|
ଦଣ୍ଡୀମହାଦେବୀ (ଦୁହିତା)

ଏ ଦଣ୍ଡୀମହାଦେବୀ ଦାନ ଦେଇଥିଲେ । ମାନସିଂହପୁର ଦାନ କରାଯାଇଥିଲା । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ସୀମା ପର୍ବତ । ପ୍ରଜାଙ୍କୁ ଏକଣ ଶରସ୍ଥାୟୀ କରାଯାଇଛି । ଦଣ୍ଡୀମହାଦେବୀ ଶିବଭକ୍ତା ଥିଲେ । ଏଥିରେ ମାନସିଂହ ବଂଶର ଏବଂ ଦାତାଙ୍କର ପ୍ରଶସ୍ତି ଅଛି । ଦେବଦତ୍ତ ପୁତ୍ର ଦାମୋଦର ଲିପିଲେଖକ । କମ୍ବୁ କବି ପ୍ରଶସ୍ତି ରଚକ । ସମ୍ବତ୍ ଲେଖା ନାହିଁ ।

ନେଉଳପୁର ଶୁଭକର ଦାନପତ୍ର : କଟକ ଜିଲ୍ଲା ଦର୍ପଣୀ କିଲ୍ଲା ଅନ୍ତର୍ଗତ ନେଉଳପୁର ବାଡ଼େହଳ ଦାନ । ପର୍ବତଦ୍ରୋଣୀ ଓ ଦଣ୍ଡଙ୍କୀୟଙ୍କ ଗ୍ରାମ ଦାନ କରାଯାଇଛି । ଏ ଦୁଇ ଗ୍ରାମ ପଞ୍ଚାଳ ଭକ୍ତ୍ୟନ୍ତସ୍ଥ ବିଷୟରେ ଓ ଉତ୍ତର ତୋଷାଳୀରେ । ୮ମ ବର୍ଷ ମାର୍ଗଶୀର ୨୩ ଦିନ ।

କ୍ଷେମଙ୍କରଦେବ
|
ଶିବକରଦେବ
|
ଶୁଭକରଦେବ

ଦଣ୍ଡୀମହାଦେବୀଙ୍କ ଦାନ :—୧୮୦ ସମ୍ବତ୍ ମାର୍ଗଶିର ୫ ଦିନ କୃଷ୍ଣପକ୍ଷ ଓ ୧୮୭ ସମ୍ବତ୍ । ପରମଭଟ୍ଟାରିକ ମହାରାଜାଧିରାଜ ପରମେଶ୍ୱରୀ ଦଣ୍ଡୀମହାରାଣୀ ଦାତା । ବିଜୟ ଗୁହଦେଶୀ ଗୁହେଶ୍ୱର ପାଟକଠାରେ ଦାନ ଦିଆହୋଇଥିଲା । କଙ୍ଗୋଡ଼ ମଣ୍ଡଳର ବର୍ତ୍ତମାନ ଓ ଭବିଷ୍ୟତ୍ କର୍ମଚାରୀଙ୍କୁ ଦାନ ଦିଆଯାଇ ଥିଲା ।

ଉନ୍ମତ୍ତ ସିଂହ
|
ମଙ୍ଗପଦ ପ୍ରଭୃତ
|
କ୍ଷେମଙ୍କର
|
କୁସୁମହାର
|
ଲଳିତହାର ଭଞ୍ଜ
|
ଶାନ୍ତିକର
|
ଦଣ୍ଡୀମହାଦେବୀ (ଦୁହିତା)

ଢେଙ୍କାନାଳ ଦାନପତ୍ର :—ଭରଦ୍ୱାଜ ଗୋତ୍ରୀ ଜଗଧର ଭଟ୍ଟଙ୍କୁ ଦାନ ଦିଆଯାଇଛି । ଦାନ ଗ୍ରାମ ତୋଷାଳ । ଦାତା ବୈଷ୍ଣବ ଥିଲେ । ସମୟ ନାହିଁ ।

ଧନୁଷ୍ଟକେଶରୀ
|
ଗୟଦ ପ୍ରଭୃତ
|
ଲଳିତହାର ଦେବ
|
ତ୍ରିଭୁବନ ମହାଦେବୀ (ସ୍ତ୍ରୀ)

ଗଜଦ ଭୁଞ୍ଜଦେବଙ୍କ ଦାନପତ୍ର :—ଭୁଞ୍ଜମାନେ ଖନଗର୍ଭ ମଣ୍ଡଳର ରାଜା । ସେମାନେ ଶାଣ୍ଡିଲ୍ୟଗୋତ୍ରୀ ।

ଦାନସିଂହ
|
ଜୟଭୁଞ୍ଜ
|
ସାଲମ୍ବଭୁଞ୍ଜ
|
ଗନ୍ଧଦଭୁଞ୍ଜ

୨ୟ ବର୍ଷର ତାମ୍ରପଟ୍ଟ :—ଦାତା ରାଜା ସାଗତ ଭୁଞ୍ଜ ଓ ଉଦୟ ବରାହ । ଏମାନେ ଶାଣ୍ଡିଲ୍ୟଗୋତ୍ରୀ । ସେଟୋର ଗଡ଼ । ଶିବଭକ୍ତ । ରତ୍ନତା ପୂର୍ଣ୍ଣାଜଳ । ଖନଗର୍ଭ ପ୍ରଦେଶର ରାଜା ।

ଶାନ୍ତଭୁଞ୍ଜ—୧ ।
|
ଜତ୍ରିଗଭୁଞ୍ଜ
|
ସାଗତଭୁଞ୍ଜ—୨ ମହାରାଜଭୁଞ୍ଜ

ବାମନଘାଟି ଦାନପତ୍ର :—୨୮୮ ସମ୍ବତ୍ । ପ୍ରମୁଖର ଓ ମୟୂରଭଞ୍ଜର ମନ୍ତ୍ରର ଚିହ୍ନ ଅଛି ।

କୋଟଭଞ୍ଜ
|
ଦିଗଭଞ୍ଜ
|
ରଣଭଞ୍ଜ
|
ରାଜଭଞ୍ଜ | ଦିଗଭଞ୍ଜ | ନେତ୍ରଭଞ୍ଜ

ଦିଗଭଞ୍ଜ
|
ଶିଳଭଞ୍ଜ
|
ମହାରାଜ ବିଦ୍ୟାଧରଭଞ୍ଜ (ଧର୍ମକଳଶ)

ନେତ୍ରଭଞ୍ଜଙ୍କ ଦାନପତ୍ର :—

ଦଣ୍ଡଭଞ୍ଜ
|
ଶିଳଭଞ୍ଜ
|
ବିଦ୍ୟାଧରଭଞ୍ଜ
|
ନେତ୍ରଭଞ୍ଜ (ଖିଞ୍ଜିଲି ପ୍ରଦେଶ ରାଜା)
ଭଞ୍ଜମାଳ କୁଳତିଳକ ପରମ ବୈଷ୍ଣବ ।

ରଣକେଶରୀ ଭଞ୍ଜଙ୍କ ଦାନପତ୍ର :—ଟିଂଖାର ଗ୍ରାମ ଦାନ । ଟିଂଖାର ଗ୍ରାମ ସୋନପୁର-ବଉଦ ସୀମା ମଧ୍ୟରେ ବ୍ୟାଘ୍ର ନଦୀକୂଳ ନିକଟରେ । ସେ ଖିମିଣ୍ଡି ରାଜ୍ୟର ରାଜା । ଉଦ୍ଧତା ମଗଧ ଦେଶ ପଣ୍ଡାସି ଗ୍ରାମରୁ ପଳାଇ ଆସିଥିଲେ । ସେ ଗ୍ରାମର ବ୍ରାହ୍ମଣଙ୍କୁ ଭାସପାଇତେଳ ଗ୍ରାମ ଦାନ କରିଥିଲେ । ତାଙ୍କ ପୁତ୍ର ଶତ୍ରୁଭଞ୍ଜ । ଶତ୍ରୁଭଞ୍ଜ ଖିମିଣ୍ଡି ଓ ଖିଞ୍ଜିଲି ଦୁଇ ରାଜ୍ୟକୁ ମିଶାଇଥିଲେ । ଦଶପଲ୍ଲାରୁ ପ୍ରାପ୍ତ ଦାନପତ୍ରରେ ଦାତା ରଣକେଶରୀ ଭଞ୍ଜ । ୨୬ ବର୍ଷ ଶାସନ ସମୟରେ ଦାନପତ୍ର ଲେଖି ଦେଇଥିଲେ । ଉଭୟ ଖିଞ୍ଜିଲି ମଣ୍ଡଳ ଅଧିପତି ।

ଶିଳଭଞ୍ଜ
|
ଶତ୍ରୁଭଞ୍ଜ
|
ରଣଭଞ୍ଜ

ସୋନପୁର ତାମ୍ରପତ୍ର :—ଦାତା ଭଞ୍ଜଭୂପତି ଶତ୍ରୁଭଞ୍ଜ । ଅଣ୍ଡଜ ବଂଶ । ଉଭୟ ଖିଞ୍ଜିଲି ମଣ୍ଡଳାଧିପ । ଶ୍ୟାମାଦେବୀ କାଶ୍ୟପ ଗୋତ୍ରୀ ଉତ୍ପନ୍ନ କୁକ୍ଷି । ଆଖଣ୍ଡଳ ପୁତ୍ର ।

ରଣଭଞ୍ଜ
|
ଦଗଭଞ୍ଜ
|

ଶିଲାଭଞ୍ଜ
|
ବିଦ୍ୟାଧରଭଞ୍ଜ

ବଉଦ୍ଧ ତାମ୍ରପଟ୍ଟ :—ମୟୂରବଂଶ ଭଞ୍ଜବଂଶ । ଚିତ୍ରକୂଟ ପର୍ବତରୁ ପ୍ରଥମେ ଆସିଥିଲେ । ଚିତ୍ରକୂଟରେ ବଶିଷ୍ଠଙ୍କ ଆଶ୍ରମ ଥିଲା । ଉଳାଇ ରାଜ୍ୟରେ ବାସକଲେ । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ ।

ଭୂପତ୍‌ବରାହ
|
ତେଜବରାହ
|
ଉଦୟବରାହ

ବଉଦ ଦାନପତ୍ର :—ଜନକ ଭଞ୍ଜଦେବ ଦାତା । ୧୪୨୫ ଶିର୍ଦ୍ଧା ଖ୍ରୀଷ୍ଟାବ୍ଦ ଧନପତି ପୁତ୍ର ସୁବର୍ଣ୍ଣ ବ୍ରାହ୍ମଣ ଗ୍ରହୀତା ।

ଶାଳୁଖଭଞ୍ଜ
|
ଦୁର୍ଜୟଭଞ୍ଜ
|
କନକଭଞ୍ଜ

ଖଣ୍ଡଦେଉଳି ଲିପି :—ମୟୂରଭଞ୍ଜ ପତ୍ତିଭୂଜନଙ୍କ ପ୍ରାପ୍ତ । ପତ୍ତିଭୂଜନ ବାମନଘାଟି । ଗ୍ରାମ ଖଣ୍ଡଦେଉଳି ।

ବୀରଭଦ୍ର
|
କୋଟଭଞ୍ଜ
|
ଦିଗଭଞ୍ଜ
|

ରଣଭଞ୍ଜ (ଦାତା)
|
ପୃଥ୍ୱୀଭଞ୍ଜ
|
ନରେନ୍ଦ୍ରଭଞ୍ଜ

ବିଦ୍ୟାଧର ଭଞ୍ଜଙ୍କ ଦାନପତ୍ର :—

ରଣଭଞ୍ଜ
|
ଦିଗଭଞ୍ଜ
|
ଶୀଳଭଞ୍ଜ
|
ବିଦ୍ୟାଧରଭଞ୍ଜ (ଦାତା)

ପାରିକୁଦ ଦାନପତ୍ର :—କଂଗୋଡ଼ ମଣ୍ଡଳାଧିପ ।

ଶୈଳୋଦ୍ଭବ
|
ରଣଭୀତ
|
ସୈନ୍ୟଭୀତ
|
ଯଶୋଭୀତ
|
ମଧ୍ୟମ ରାଜଦେବ

ବୁଗୁଡ଼ା ଦାନପତ୍ର :—ମାନ୍ଦ୍ରାଜ ପ୍ରଦେଶ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଗ୍ରାମରେ ପ୍ରାପ୍ତ । ମାଧବବର୍ମ୍ମ ଦାତା । ଈଢ଼ଚ୍ୟ ଦେବ ପୁତ୍ର ବାମନଭଟ୍ଟ ବ୍ରାହ୍ମଣ ଗ୍ରହୀତା । ପୁଷ୍କିଣୀ ଗ୍ରାମ ଖଣ୍ଡର ପାଟକ ଓ ଗୁଡ଼୍ଡା ବିଷୟ ଦାନ କରାଯାଇଅଛି । ଦାତାଙ୍କ ଘର କଙ୍ଗୋଡ଼ ବା କଙ୍ଗୋଡ଼ ।

ପୁଲିନ୍ଦସେନ
|
ଶୈଳୋଦ୍ଭବ
|
ରଣୋଭୀତ
|
ସୈନ୍ୟଭୀତ
|
ମାଧବ ବର୍ମ୍ମଣ (ରାଜା)

ଶ୍ରୀପୁର ଓ ବଉଦ ତାମ୍ରପତ୍ର :—

- ଉଦୟନ
  - ଇନ୍ଦ୍ରବଳ
    - ନନ୍ନଦେବ
      - ମହାଶିବ ତିବରଦେବ
    - ଈଶାନଦେବ
      - ଚନ୍ଦ୍ରଗୁପ୍ତ
        - ମହାଶିବଗୁପ୍ତ ବାଳାର୍ଜ୍ଜୁନ
          - ମହାଭବଗୁପ୍ତ
            - ମହାଶିବଗୁପ୍ତ
              - ମହାଭବଗୁପ୍ତ (ଜନମେଜୟ ? )
                - ମହାଶିବଗୁପ୍ତ (ଯଯାତି ?)
                  - ମହାଭବଗୁପ୍ତ ଭୀମରଥ
        - ରଣକେଶରୀ
  - ଭବଦେବ ରଣକେଶରୀ

ବଲେଦା ଦାନପତ୍ର :—ତୀବରଦେବ ଦାତା । ସମ୍ବଲପୁର ଜିଲା, ଫୁଲଝର ଜମିଦାରୀ, ବଲେଦା ଗ୍ରାମ, ଭୂଦେବନାଥ ସିଂହଙ୍କଠାରୁ ପ୍ରାପ୍ତ । ୯ମ ବର୍ଷ ରାଜତ୍ୱ କାର୍ତ୍ତିକ ୨୭ ଦିନ । ଓଁମ୍ଭକ ଗ୍ରାମ । କଳ୍ପ ପୃଥିବ୍ୟା । ମାର୍ଗ ଦାନ ଦେଉଛନ୍ତି ।

ଇନ୍ଦ୍ରବଳ
|
ନନ୍ନଦେବ
|
ମହାଶିବ ତୀବରଦେବ (ସମସ୍ତ କୋଶଳ ରାଜା)

ସିରପୁର ଶିଳାଲିପି ଦାନ :—ଶିବଗୁପ୍ତ ବାଲାର୍ଜ୍ଜୁନ ରାଜା । ସିରପୁର ବା ଶ୍ରୀପୁର ଗ୍ରାମ । ମଧ୍ୟପ୍ରଦେଶର ଉତ୍ତର-ପୂର୍ବ । ୪୦ ମାଇଲ ରାୟପୁରଠାରୁ । ଶ୍ରୀପୁର ଗ୍ରାମ ଶିବଙ୍କ ଫୁଲମାଳ ଦେବାପାଇଁ ବାମଦେବ ଓ କେଶବ ଦୁଇ ଗ୍ରାମ ଦାନ କରନ୍ତି ।

ଉଦୟନ
|
ଇନ୍ଦ୍ରବଳ
|
ନନ୍ନଦେବ
|
ତୀବରଦେବ — ଚନ୍ଦ୍ରଗୁପ୍ତ
ଚନ୍ଦ୍ରଗୁପ୍ତ
|
ହର୍ଷଗୁପ୍ତ
|
ମହାଶିବଗୁପ୍ତ — ରଣକେଶରୀ

ଶ୍ରୀପୁର ପ୍ରସ୍ତର ଲିପି :—ରାଜା ମହାଶିବ ଗୁପ୍ତଙ୍କ ମାତା ବାସଟା, ସେ ମଗଧରାଜା ସୂର୍ଯ୍ୟବର୍ମାଙ୍କ କନ୍ୟା । ସେ ବିଧବା ହେବାପରେ ଦେଉଳ ତୋଳାଇଥିଲେ । ହରିଙ୍କି ସେ ଦେଉଳରେ ସ୍ଥାପନ କଲେ । ସେହି ଦେଉଳରେ

ଏହା ଲିଖି ଅଛି । ଦେଉଳରେ ଠାକୁରଙ୍କ ଖର୍ଚ୍ଚ ଲାଗି ଦୁଇଟି ଗ୍ରାମ ଦାନ କଲେ ଏବଂ ମୂର୍ତ୍ତି ସ୍ଥାପନ କଲେ ।

ଚନ୍ଦ୍ରଗୁପ୍ତ
|
ହର୍ଷଗୁପ୍ତ ( ବୈଷ୍ଣବ )
|
(ଶୈବ) ମହାଶିବଗୁପ୍ତ ବାଳାର୍ଜୁନ — ରଣକେଶରୀ

କଟକର ସୋମବଂଶୀ ରାଜାଙ୍କ ଦାନପତ୍ର :—

ଶିବଗୁପ୍ତ
|
ଜନମେଜୟ
|
ମହାଭବଗୁପ୍ତ (କୋଶଳେନ୍ଦ୍ର ଓ ତ୍ରିକଳିଙ୍ଗାଧିପତି)
|
ଯଯାତି ? ମହାଶିବଗୁପ୍ତ
|
ଭୀମରଥ
|
ମହାଭବଗୁପ୍ତ

ଦାନପତ୍ର କେତେକ କଟକ ଓ କେତେକ ସପାତ୍ରନଗରରୁ ଦିଆ ଯାଇଛି । କେତେକ ବିନୀତପୁରଠାରେ ଦିଆଯାଇଛି । ସେମାନେ ସୋମବଂଶୀ ଥିବାର ଉଲ୍ଲେଖ ଅଛି ।

ଜନମେଜୟଙ୍କ ଦାନପତ୍ର :—ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀଜନମେଜୟସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ଷଷ୍ଠେ କାର୍ତ୍ତିକମାସ ସିତପକ୍ଷେ ତ୍ରୟୋଦଶ୍ୟାଂ ସମ୍ବତ୍ । ମୁରସିମାଠାରେ ଲେଖା ଯାଇଛି । ଦାତା ଶୈବ ଥିଲେ । ଲୁବ୍ଧାସ୍ୱାମ୍ୟ ଦାନ ।

କଟକ ତାମ୍ରଶାସନ :

ଶିବଗୁପ୍ତ
|
ମହାଭବଗୁପ୍ତ (ତାମ୍ରପଟ୍ଟ)

ନାଗପୁର ତାମ୍ରପଟ୍ଟ :— ମହାଭବଗୁପ୍ତ ୧ ଅଙ୍କ ସମ୍ବତ୍ ୮ । ବିଜୟ ସମ୍ବତ୍ସରେ ୮ ମେ × × ଖୁଦନର ସୁତ ସଙ୍କଳର ଶାସିତା । ଓଡ୍ରଦେଶର ପୂର୍ବଭୁକ୍ତିମଣ୍ଡଳ ଗ୍ରାମକୁ ସେ ଛାଡି ଆସିଥିଲେ ଏବଂ ମୁରକଙ୍କ ଗ୍ରାମରେ ଥିଲେ । ମୁରସୀମାରେ ଦାନ ହୋଇଥିଲା ।

ମହାଶିବଗୁପ୍ତ
|
ମହାଭବଗୁପ୍ତ (ଦାତା)

ସୋନପୁରର ୩ ତାମ୍ରପଟ୍ଟ :—

(୧) ବକବେଡ୍ଡୀଲ ଦାନପତ୍ର । ଜନମେଜୟସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ଶ୍ରାବଣମାସ ସିତପକ୍ଷେ ପଞ୍ଚମ୍ୟାଂ ଯତ୍ର ଏକାଙ୍କ ସମ୍ବତ୍ ୬ ଶ୍ରାବଣ ୫ ଦିନ । ସୁବର୍ଣ୍ଣପୁର ବିଜୟ ଛାଉଣିରୁ ଲେଖାଯାଇଛି ।

ଶିବଗୁପ୍ତ
|
ମହାଭବଗୁପ୍ତ

(୨) ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀମଦ୍ ଯଯାତି ରାଜଦେବସ୍ୟ ପାଦେନ ପ୍ରବର ଧାମ୍ନା ବିଜୟ ରାଜ୍ୟେ ପଞ୍ଚଦଶମେନ ବତ୍ସରେ ମାର୍ଗଶୀର୍ଷେ ମାସ ପକ୍ଷେ ତ୍ରୟୋଦଶ୍ୟାଂ ତିଥୌ ସମ୍ବତ୍ ୧୫ ମାର୍ଗ ଶୁ ୧୩ । ପୁଣ୍ଡ୍ରୀକ ଦ୍ରମଣ ପାଣିକ କୋଶଳଦେଶ ଲିଖିତା ।

ମହାଭବଗୁ
|
ମହାଶିବଗୁପ୍ତ

(୩) ଶ୍ରୀ ମହାଶିବଗୁପ୍ତ ଶ୍ରୀ ଯଯାତି ରାଜଦେବ ପ୍ରବର୍ଦ୍ଧମାନ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ବୈଶାଖ ସିତ ପଞ୍ଚମ୍ୟାଂ ସୌମ୍ୟଦିନାପି ସମ୍ବତ୍ ୭ ବୈଶାଖ ଶୁଦି ୫ ।

ମଧୁବନ୍ତି ଏବଂ ମୁର୍ ଗ୍ରାମ ଦାନ ଗରକର ବ୍ରାହ୍ମଣଙ୍କୁ ଦାନ କରାଯାଇଛି । ଦାତା ଶିବଗୁପ୍ତ । ମହାଶିବ କର୍ଣ୍ଣାଟ, ଲାଟ, ଗୁର୍ଜରାଟ ଏବଂ ଦ୍ରାବିଡ଼ ଜୟ କରିଥିଲେ । କାମ୍ବୋର ଦର୍ପ ଖର୍ବ କରିଥିଲେ । ସେ କଳିଙ୍ଗ, କୋଶଳ, ଉତ୍କଳ, କଙ୍ଗୋଦର ଅଧିପତି ଥିଲେ ଏବଂ ଗୌଡ଼ ନୃପତିଙ୍କୁ ଆକ୍ରମଣ କରିଥିଲେ ।

ଭୁବନେଶ୍ୱର ଲିପି :—ସ୍ୱପ୍ନେଶ୍ୱର ମେଘେଶ୍ୱରଙ୍କ ଦେଉଳ ତୋଳାଇ ଥିଲେ । ସ୍ୱପ୍ନେଶ୍ୱର ଗଙ୍ଗବଂଶୀୟ ରାଜା । ଅନଙ୍ଗଭୀମଙ୍କର ସମ୍ପର୍କ ଓ ସେନାପତି ଥିଲେ ୧୨ଶ ଶତାବ୍ଦୀ ଶେଷଭାଗରେ ।

ଗୌତମ
|
ଦ୍ୱାରଦେବ
|
ମୂଳଦେବ
|
ଅଦ୍ଧୁର
|
ସ୍ୱପ୍ନେଶ୍ୱର    ସୁରମାଦେବୀ (କନ୍ୟା)
|
ଚୋଡ଼ଗଙ୍ଗ
|
ରାଜରାଜ (ସୁରମା ପତ୍ନୀ)
|
ଅନଙ୍ଗଭୀମ

ପାରଳାଖେମୁଣ୍ଡି ଦାନପତ୍ର :—ବଜ୍ରହସ୍ତଙ୍କ ଅମଳ । ଉକ୍ତ ତାମ୍ରପଟ୍ଟ ତାମ୍ରଶାସନରେ ୫ ରାଜାଙ୍କ ନାମ ଅଛି । ଦାତା ଅନନ୍ତ ବର୍ମ ଚୋଡ଼ଗଙ୍ଗଦେବ । ବଜ୍ରହସ୍ତ-୧, ବଜ୍ରହସ୍ତ-୫ । ବଜ୍ରହସ୍ତ ଚୋଡ଼ଗଙ୍ଗଙ୍କ ପିତାମହ । ସେ ତ୍ରିକଳିଙ୍ଗାଧିପତି ଥିଲେ ।

ନାଗବଂଶୀୟ ରାଜାଙ୍କ ଦାନପତ୍ର :—ବସ୍ତର ରାଜ୍ୟର ଦନ୍ତେଶ୍ୱରୀଙ୍କ ମନ୍ଦିରଠାରୁ ପ୍ରାପ୍ତ ଗୋଟିଏ କ୍ଷୁଦ୍ର ପ୍ରସ୍ତର ସ୍ତମ୍ଭରେ ଲିଖିତ । ଜ୍ୟେଷ୍ଠ କୃଷ୍ଣପକ୍ଷ ଦଶମୀ ଶକାବ୍ଦ ୧୧୪୭=୧୨୨୫ ଖ୍ରୀଷ୍ଟାବ୍ଦ । ଜଗଦେକ ଭୂଷଣ ମହାରାଜା ନରସିଂହଦେବ ଦାତା ।

ଭୁବନେଶ୍ୱର ଲିପି :—ଭାନୁ ରାଜାଙ୍କ ରାଜତ୍ୱ । ନରସିଂହଦେବଙ୍କ ପୁତ୍ର ଜ୍ୟେଷ୍ଠ 'ଉତ୍କଟ-ଚଣ୍ଡୀର' ଉପନାତନ୍ତ୍ର ଶଜାଦେ ଚନ୍ଦ୍ରିକା ପୁଣ୍ୟକାମ୍ୟ ଏକାମ୍ରରେ ବାସୁ-ଦେଉଳ ତୋଳାଇଥିଲେ । ଲିପି ଲେଖକ ଉମାପତି ।

ଅନନ୍ତବର୍ମା ଚୋଡ଼ଗଙ୍ଗ ଦେବ
|
ଅନଙ୍ଗଭୀମ-୩
|
ଚନ୍ଦ୍ରିକା (କନ୍ୟା) | ନରସିଂହଦେବ-୧
|
ଭାନୁଦେବ
|
ନରସିଂହ-୨

ଭାନୁଦେବଙ୍କ ଅନୁଶାସନ :—ଭାନୁଦେବ କଟକ ବର୍ଣ୍ଣସ୍ୱାମୀମାନଙ୍କୁ ଏ ଅନୁଶାସନ ପଠାଇଥିଲେ । କୁଳମହୁତାରକ ଦେହଳ ନାଗସୁଖଙ୍କୁ ଭୂମିଦାନ ।

ମହାରାଜା ଜୟରୁଦ୍ର ବର୍ମ
|
ଯୁବରାଜ ବିଜୟରୁଦ୍ର ବର୍ମ (ଭାନୁଦେବ ସ୍ତ୍ରୀ)
|
ଭୁବ୍ୟଙ୍କର

ଟିକାଲି ଲିପି :—

ମଧ୍ୟମରାଜ-୧
|
ଧର୍ମ୍ମରାଜ (ମାନଭୀତ)
|
ମଧ୍ୟମରାଜ-୨
|
ରଣକ୍ଷୋଭ | ଗୀତବ୍ୟାଳୋପରାଜ
|

ମଧ୍ୟମରାଜ—୩
|
ଶୁଭକର = ତ୍ରିଭୁବନମହାଦେବୀ (ସ୍ତ୍ରୀ)

ବସ୍ତର ପ୍ରସ୍ତର ଲିପି :— ଶକାବ୍ଦ ୧୦୫୩ । ବସ୍ତର ରାଜଧାନୀ ଜଗଦଲପୁର । ଉତ୍ତର-ପଶ୍ଚିମ ୨୩ ମାଇଲ ଦୂରରେ ଜଗଦଲପୁର ଗ୍ରାମ । ମଧ୍ୟପ୍ରଦେଶ ଛତିଶଗଡ଼ରେ ବସ୍ତର ରାଜ୍ୟ । ନାରାୟଣପାଲ ଗ୍ରାମ ନାରାୟଣଙ୍କ ଦାନ । ମହାରାଜା ଧାରାବର୍ଷଙ୍କ ରାଣୀ ଗୁଣ୍ଡା ମହାଦେବୀ ଦାତା । ଏମାନେ ନାଗବଂଶୀ ।

ମହାରାଜା ଧାରାବର୍ଷ
|
ସୋମେଶ୍ୱର ଦେବ
|
କାହ୍ନର ଦେବ

ଦବଡ଼ି ମତ୍ସ୍ୟବଂଶ ଅର୍ଜ୍ଜୁନ ତାମ୍ରଶାସନ :— ଶକାବ୍ଦ ୧୧୯୧ ।

ଜୟନ୍ତ ନାରାୟଣ
|
ଅର୍ଜ୍ଜୁନ (ଦାତା)— ପିତାଙ୍କ କଲ୍ୟାଣାର୍ଥେ ।

ଗଙ୍ଗମାର୍ତ୍ତଣ୍ଡ ମତ୍ସ୍ୟବଂଶକର୍ତ୍ତା । ସେ ଉତ୍କଳାଧିପଙ୍କ ଜାମାତା ।

ପ୍ରଭାବତୀ ଗଙ୍ଗମାର୍ତ୍ତଣ୍ଡଙ୍କ ସ୍ତ୍ରୀ । ସେ ଓଡ଼ଡ଼ାଦି ଦେଶର ମନ୍ତ୍ରୀ ଥିଲେ ।

ପୋତାବରଣ ଦାନପତ୍ର : ପ୍ରତାପ ପୁରୁଷୋତ୍ତମ ଦେବ ଶକାବ୍ଦ ୧୪୧୬ । କଳବର୍ଗ ଓ ଗୁଣ୍ଟୁରୁ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ଓ୍ୱାରଙ୍ଗଲ ଭଳି ଭାବରେ ଦାନ ।

ଓଡ଼ଗଥି ତାମ୍ରଶାସନ :— ସୋନପୁର ରାଜବାଟିର ଦକ୍ଷିଣ-ପୂର୍ବ ଦିଗରେ ଏକ ପୁଷ୍କରିଣୀରୁ ପ୍ରାପ୍ତ । ବୀରକେଶରୀ ଦେବଙ୍କ ୧ ଅଙ୍କ ଜ୍ୟୈଷ୍ଠ କୃଷ୍ଣ ଏକାଦଶୀ ସୋମବାର ।

ଓ୍ୱାରଙ୍ଗଲ ଲିପି :— ପ୍ରତାପରୁଦ୍ର ଦେବ ସମ୍ବତ୍ ୧୨୩୮ ଶକାବ୍ଦ =୧୩୧୬-୧୩୧୭ ଖ୍ରୀଷ୍ଟାବ୍ଦ । ଏଥିରେ ଦୁଇଟି ତାରିଖ ଅଛି ୧୨।୬।୧୩୧୬ ଓ ୧୬।୨।୧୩୧୭ । ପ୍ରଥମ ତାରିଖରେ ମୂର୍ତ୍ତି ମାନଙ୍କର ପ୍ରତିଷ୍ଠା କଲେ ଏବଂ ଅନ୍ୟ

ତାଙ୍କପରେ ମନ୍ଦିରଗୁଡ଼ିକ ଖଣ୍ଡାକଲେ । ଏକୋଟିଲା ନଗର ରାଜା ପ୍ରତାପଙ୍କ ସେନାପତି ଥିଲେ । ସେ ତାଙ୍କୁ ଆସିଥିଲେ ଏବଂ ମାନବୀରଙ୍କୁ ତାଙ୍କର ଶାସନକର୍ତ୍ତା କଲେ । ଏଥିରୁ ଜଣାଯାଏ ୧୩୨୬ ଖ୍ରୀଷ୍ଟାବ୍ଦରେ କାଞ୍ଚୀଭରମ ଏକୋଟିଲା ନଗରୀ ବା ଓ୍ୱାରେଙ୍ଗଲର ରାଜା କାକତି ପ୍ରତାପଙ୍କ ଅଧୀନ ରାଜା ଥିଲେ ।

ରାମଚନ୍ଦ୍ର ଦେବଙ୍କ ତାମ୍ରଶାସନ :—ଶାଳିବାହନ ଶକାବ୍ଦ ୧୭୨୮ ମିଥୁନ ୧୯ ଦିନ । ଗଙ୍ଗାମାତା ମଠରେ ମହନ୍ତ ରାଧାଚରଣ ଦାସଙ୍କ ମାରଫତ କାକଟ-ପାଣ୍ଡି ଗ୍ରାମ ଶ୍ରୀକୃଷ୍ଣଙ୍କ ଅମୃତମନୋହି ଲାଗି ଶଙ୍କଳାକଲେ ।

କୋଣାର୍କ ଲିପି :—ଖଣ୍ଡେ ପଥର ଉପରେ ଲେଖା । ସମୟ ନାହିଁ । କେବଳ ତିନିଜଣ ଲୋକଙ୍କ ନାମ ଲେଖାଅଛି ।

ମାଣିକପାଟଣା ତାମ୍ରପଟ୍ଟ :—ସମୟ ନାହିଁ । ନାହ୍ୱାରଣ୍ଡା ତାଲିକା ।

# ଗଡ଼ଜାତ

ନୈସର୍ଗିକ ଉତ୍କଳ ଗଡ଼ଜାତମାନଙ୍କଠାରୁ ବର୍ତ୍ତମାନ ପୃଥକ୍‌ଭାବରେ ବିଚ୍ଛିନ୍ନ ହୋଇ ରହିଛି । ଏହା ମଧ୍ୟ ପ୍ରାକୃତିକ ଉତ୍କଳର ସୀମା ସଙ୍କୋଚର ଗୋଟିଏ ପ୍ରଧାନ କାରଣ । ଏହିଦ୍ୱାରା ଓଡ଼ିଶାର ସୀମାନ୍ତ, ବର୍ଗଫଳ, ଲୋକସଂଖ୍ୟା ଆଦି, ବଳ ପ୍ରଭୃତି ସମସ୍ତ ସଙ୍କୁଚିତ ହୋଇଅଛି । ପ୍ରାକୃତିକ ଉତ୍କଳର ସାମନ୍ତ-ରାଜାମାନଙ୍କ ସଂଖ୍ୟା ଉଣା ନଥିଲା । ସେମାନେ ଏକ ଏକ ଭୂଖଣ୍ଡର ଅଧିକାରୀ ଥିଲେ ଏବଂ ଏହି ସ୍ଥାନମାନଙ୍କରେ ଓଡ଼ିଶା ରାଜାମାନଙ୍କର ଗୋଟିଏ ଗୋଟିଏ ଗଡ଼ ଥିଲା ଏବଂ ଗଡ଼ର ଅଧ୍ୟକ୍ଷଙ୍କ ଅଧୀନରେ ସୈନ୍ୟ ଥିଲେ ଏବଂ ଏମାନେ ଯୁଦ୍ଧ ସମୟରେ ଓଡ଼ିଶା ରାଜାମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ଶାନ୍ତି ସମୟରେ ଆପଣା ଅଧୀନସ୍ଥ ରାଜ୍ୟଭୋଗ କରୁଥିଲେ । ପୁନଶ୍ଚ ଏବ ଏମାନେ ଓଡ଼ିଶା ରାଜାଙ୍କୁ କେତେ ଦେଉଥିଲେ ଏବଂ ରାଜାଙ୍କ ନିକଟରେ ଏମାନଙ୍କ ନିର୍ଦ୍ଦିଷ୍ଟ ଦାୟ ଥିଲା । ଗଡ଼ଜାତମାନଙ୍କର ବର୍ଗଫଳ ୨୮୦୪୬ ବର୍ଗମାଇଲ୍ ଏବଂ ଲୋକସଂଖ୍ୟା ୩୧୭୮୩୯୫ । ଗଡ଼ଜାତମାନଙ୍କ ନାମ—ଆଠଗଡ଼, ଅଠମଲ୍ଲିକ, ବାମଣ୍ଡା, ବଡ଼ମ୍ବା, ବଉଦ, ବଣେଇ, ଦଶପଲ୍ଲା, ଢେଙ୍କାନାଳ, ଗାଙ୍ଗପୁର, ହିନ୍ଦୋଳ, କଳାହାଣ୍ଡି, କେନ୍ଦୁଝର, ଖଣ୍ଡପଡ଼ା, ମୟୂରଭଞ୍ଜ, ନରସିଂହପୁର, ନୟାଗଡ଼, ନୀଳଗିରି, ପାଲଲହଡ଼ା, ପାଟଣା, ରେଢ଼ାଖୋଲ, ରଣପୁର, ସୋନପୁର, ତାଳଚେର, ତିଗିରିଆ, ଆଳି, କୁଜଙ୍ଗ, କନିକା, ଦର୍ପଣି ଇତ୍ୟାଦି ।

ଗଡ଼ଜାତମାନଙ୍କ ଉତ୍ତରରେ ଶଣପୁର (ମଧ୍ୟପ୍ରଦେଶରେ), ଧଳ, ସିଂହଭୂମି ମେଦିନୀପୁର । ଦକ୍ଷିଣରେ ଖେଟେଚୁଡ଼ିଆ ରାଜା ଅଛନ୍ତି । ଯଥା—ପାରଳାଖେମୁଣ୍ଡି, ବଡ଼ଖେମୁଣ୍ଡି, ସାନଖେମୁଣ୍ଡି, ଧରାକୋଟ, ଟିକାଲି, ଭରଳା, ଶେରଗଡ଼, ଚକାଟୀ, ମଞ୍ଜୁଷା, ପଦ୍ମକୋଟ, ସୁରଙ୍ଗୀ, ଜୟପୁର ଇତ୍ୟାଦି । ଏ ରାଜ୍ୟଗୁଡ଼ିକ ଜମିଦାରୀ ମଧ୍ୟରେ ଗଣ୍ୟ ଏବଂ ରାଜାମାନଙ୍କ ସ୍ଥିତି ଜମିଦାରମାନଙ୍କଠାରୁ ଅଧିକ ନୁହେଁ । ମାତ୍ର ଏମାନେ ପରମ୍ପରାକ୍ରମେ ରାଜା ବୋଲି ଲୋକ ମଧ୍ୟରେ ପରିଚିତ ଏବଂ ସମ୍ମାନିତ । କିନ୍ତୁ ଇଂରେଜ ଗଭର୍ଣ୍ଣମେଣ୍ଟ ଏମାନଙ୍କୁ ରାଜା ବୋଲି ସ୍ୱୀକାର କରି ନାହାନ୍ତି ।

ଓଡ଼ିଶାର ସୀମା ସଂକୋଚ ହେବାବେଳେ ଏମାନେ ପ୍ରାଦେଶିକ ଶାସନକର୍ତ୍ତାଙ୍କ ଅଧୀନ ହୋଇଥିଲେ । ସୁତରାଂ ସେନେ ଓଡ଼ିଶାଠାରୁ ସେମାନଙ୍କ ସମ୍ପର୍କ ଛିନ୍ନ ହୋଇଥିଲା । ବ୍ରିଟିଶ ଗଭର୍ଣ୍ଣମେଣ୍ଟ ଓଡ଼ିଶା ଅଧିକାର କରିବା ପରେ ଏମାନଙ୍କ ସହିତ ସନ୍ଧି ସ୍ଥାପିତ ହେଲା । କେହି କରଦ ରାଜ୍ୟ ହେଲେ, କେହି ବା ମିତ୍ରରାଜ୍ୟ ହେଲେ । ଅଧିକାଂଶ ସିଗ୍‌ଟେଡେଣ୍ଟ ଡଫ୍ ବୋଲ୍ଡ ସରକାରଙ୍କଦ୍ୱାରା ନିୟନ୍ତ୍ରିତ । ମାତ୍ର ଏଗୁଡ଼ିକ ରାଜ୍ୟ ଲାଗି ଜଣେ ପଲିଟିକାଲ୍ ଏଜେଣ୍ଟ୍ ସରକାର ତରଫରୁ ଅଛନ୍ତି । ଗଡ଼ଜାତ ରାଜ୍ୟମାନେ ମୋଗଲବନ୍ଦିରୁ ପୃଥକ । ମୋଗଲବନ୍ଦି ଇଂରେଜାଧିକୃତ ଭାରତର ଅନ୍ତର୍ଗତ, ମାତ୍ର ଗଡ଼ଜାତ ମାନ ତାହାର ବାହାରେ ।

ଇ ସେଣ୍ଟ ସରକାରଙ୍କଦ୍ୱାରା ପ୍ରଚଳିତ ଆଇନକାନୁନ ଗଡ଼ଜାତରେ ଚଳେ ନାହିଁ । ତେବେ ରାଜାମାନେ ଇଚ୍ଛାକଲେ ଏ ଆଇନମାନ ଆପଣାର କରିନେଇ ମାନି ପାରନ୍ତି ।

ପ୍ରାଚୀନ କାଳରେ ଏମାନେ ଓଡ଼ିଶା ରାଜାଙ୍କ ଅଧୀନ ଥିଲେ । ପ୍ରତ୍ୟେକ ଗଡ଼ଜାତର ସଂକ୍ଷିପ୍ତ ବିବରଣ ନିମ୍ନରେ ଦେଲୁଁ ।

ସୋନପୁର:—ସୋନପୁର ସମ୍ବଲପୁର ମଧ୍ୟରେ । ସମ୍ବଲପୁରର ପଶ୍ଚିମରେ ରାୟପୁର ଜିଲ୍ଲାର ଅଂଶ ଯାହା ପ୍ରାଚୀନ ମେଖଳ ରାଜ୍ୟର ଅଂଶ ଥିଲା । ଉତ୍ତର-ପଶ୍ଚିମରେ ବିଳାସପୁର ଏବଂ ଉଦୟପୁର ଓ ଯଶପୁର । ଏ ରାଜ୍ୟମାନ ପୂର୍ବେ ଦକ୍ଷିଣ କୋଶଳର ଅନ୍ତର୍ଗତ ଥିଲା । ଉତ୍ତରରେ ଛୋଟନାଗପୁର, ପୂର୍ବରେ ଅଠମଲ୍ଲିକ ଓ ବଉଦ, ଦକ୍ଷିଣରେ କଳାହାଣ୍ଡି । ଏହି କଳାହାଣ୍ଡି ରାଜ୍ୟ ଭିଜାଗାପଟମ ଜିଲ୍ଲାର ଜୟପୁର ପର୍ଯ୍ୟନ୍ତ ବିସ୍ତୃତ

ବାବୁ ବିଜୟଚନ୍ଦ୍ର ମଜୁମଦାର ଏ ବିଷୟରେ କେତୋଟି କ୍ଷୁଦ୍ର ପ୍ରବନ୍ଧ ଲେଖିଛନ୍ତି । ସେଥିରୁ କେତେକ ଜ୍ଞାତବ୍ୟ ବିଷୟ ଜଣାଯାଏ । ସେ ମହାଶୟ ପ୍ରଥମରୁ ଉତ୍କଳ ଏବଂ ଓଡ଼ିଆମାନଙ୍କ ପ୍ରାଚୀନତା ବିଷୟ ଆଲୋଚନା କରି କହୁଛନ୍ତି ଯେ, ଉତ୍କଳୀୟମାନେ ଅସଭ୍ୟ ଜାତି ଥିଲେ । ସେ ଏ ବିଷୟରେ କେତେଗୁଡ଼ିଏ ପୌରାଣିକ ଉଦାହରଣ ଦେଇଛନ୍ତି, ଯଥା— ମହାଭାରତ ଆଦିପର୍ବ ୯୩ । ୪୮ । ଏ ବିଷୟ ପରେ ଆଲୋଚନା କରାଯିବ ।

ସୋନପୁର ଉତ୍ତରରେ ସମ୍ବଲପୁର ଏବଂ ରେଢ଼ାଖୋଲର କେତେକ ଅଂଶ, ଦକ୍ଷିଣ ଓ ଦକ୍ଷିଣ-ପୂର୍ବରେ ବଉଦ, ପୂର୍ବରେ ରେଢ଼ାଖୋଲ୍ ଏବଂ ପଶ୍ଚିମରେ ପାଟଣା । କ୍ଷେତ୍ରଫଳ ୯୦୬ ବର୍ଗ ମାଇଲ । ସୋନପୁର ପ୍ରଥମେ ପାଟଣାର ଅଧୀନ ଥିଲା, ମାତ୍ର ୧୫୬୦ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ରାଜା ମଧୁକର ସାଏ ଏ ରାଜ୍ୟକୁ ପୃଥକ୍ କଲେ । ସେହି ସମୟରୁ ଏହା ଗଡ଼ଜାତ ମଧ୍ୟରେ ଗଣା ହେଉଅଛି । ଏ ରାଜବଂଶ ସମ୍ବଲପୁରର ରାଜବଂଶ ।

ମଦନଗୋପାଳସିଂହ ଦେଓ
|
ଲାଲସାସିଂହ ଦେଓ
|
ପୁରୁଷୋତ୍ତମସିଂହ ଦେଓ
|
ରାଜସିଂହ ଦେଓ
|
ଅଚଳସିଂହ ଦେଓ
|
ଦିବ୍ୟସିଂହ ଦେଓ
|
ଖାର୍ ଜାରସିଂହ ଦେଓ
|
ଶୋଭାସିଂହ ଦେଓ (ଦିବ୍ୟସିଂହଙ୍କ ପୁତ୍ର)
|
ପୃଥ୍ୱୀସିଂହ ଦେଓ
|
ନୀଳାଧରସିଂହ ଦେଓ
|
ପ୍ରତାପରୁଦ୍ରସିଂହ ଦେଓ
|
ମହାରାଜା ବୀରମିତ୍ରୋଦୟସିଂହ ଦେଓ ।

ଏ ରାଜବଂଶ ଚନ୍ଦ୍ରବଂଶ । ରାଜା ମଦନଗୋପାଳସିଂହ ଦେଓ ୩୦୦ ବର୍ଷ ପୂର୍ବେ ରାଜ୍ୟଲାଭ କରିଥିଲେ । ସେ ମଧୁକର ସାଏଙ୍କ ପୁତ୍ର । ମଧୁକର ସାଏ ସମ୍ବଲପୁରର ୪ର୍ଥ ରାଜା । ଜଗଧରସିଂହ ଦେଓ ମହୋଦୟ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କୁ ଯୁଦ୍ଧରେ ସାହାଯ୍ୟ କରି ରାଜବାହାଦୁର ପଦ ପାଇଥିଲେ । ରାଜା ମଦନଗୋପାଳଙ୍କ ସାନଭାଇ ବଂଶୀଗୋପାଳ ଜଣେ ଧାର୍ମିକ ପୁରୁଷ ଥିଲେ ଏବଂ ତାଙ୍କ ଅନୁରୋଧରେ ପୁରୀର ରାମଜୀମଠକୁ ଅନେକ ଭୂସମ୍ପତ୍ତି ଦିଆଯାଇଥିଲା । ରାଜା ମଦନଗୋପାଳ ସମ୍ବଲପୁରରେ ବର୍ତ୍ତମାନ ଅଛନ୍ତି । ବଂଶୀଗୋପାଳ ଏହି ପୁରୀଧାମରେ ମାନବଲୀଳା ସମ୍ବରଣ କରିଥିବାର କଥିତ ହୁଏ ।

ସୋନପୁରର ରାଜବଂଶମାନେ ଚଉହାନ ବିଷ୍ଣୁଭକ୍ତ, ମାତ୍ର ଏମାନେ ଶକ୍ତିପୂଜା କରନ୍ତି । ପୁଣି ସୋମବାରରେ ସୁବର୍ଣ୍ଣମେରୁ ଦେଉଳରେ ଥିବା ମହାଦେବଙ୍କୁ ପୂଜା କରନ୍ତି । ମାତ୍ର ଏମାନଙ୍କର ମନ୍ତ୍ରଗୁରୁ ରାନକମଠ ମହନ୍ତ ଏବଂ ଏମାନଙ୍କ ରାଜଚିହ୍ନ 'ଚକ୍ର' । ସୁବର୍ଣ୍ଣମେରୁ ମହାଦେବଙ୍କ ନାମାନୁସାରେ ସ୍ଥାନର ନାମ ସୁବର୍ଣ୍ଣମେରୁ ବା ସୋନପୁର ହୋଇଛି । କିମ୍ବଦନ୍ତୀ ଅଛି ଯେ ଏହି ମହାଦେବଙ୍କ କୃପାରୁ ଥରେ ଏ ରାଜ୍ୟରେ ସୁବର୍ଣ୍ଣବୃଷ୍ଟି ହୋଇଥିଲା । ସେହିଦିନୁ ମହାଦେବଙ୍କ ନାମ ହେଲା ସୁବର୍ଣ୍ଣମେରୁ । ସୁବର୍ଣ୍ଣପୁର ନିକଟ ନଦୀଶଯ୍ୟାରେ ଯେ ସୁବର୍ଣ୍ଣଗୁଣ୍ଡିମାନ ମିଳେ ତାହାର କାରଣ ଏହି ଯେ ଏ ଦେଶରେ ସୁବର୍ଣ୍ଣବୃଷ୍ଟି ହୋଇଥିଲା । ସୁବର୍ଣ୍ଣପୁର ନାମ ପ୍ରାଚୀନ ପରି ଜଣାଯାଏ । କାରଣ ମହାଭବଗୁପ୍ତଙ୍କ ତାମ୍ର ଶାସନରେ ଏ ନାମ ଦେଖାଯାଏ ।

ମହାନଦୀ ଶଯ୍ୟାରେ ଗୋଟିଏ କ୍ଷୁଦ୍ର ପାହାଡ଼ ଅଛି । ସ୍ଥାନଟି ମହାରାଜଙ୍କ ନଅରଠାରୁ ବେଶୀ ଦୂର ନୁହେଁ । ଏ ପାହାଡ଼ରେ ଖୋଦିତ ଲିପି ଅଛି ଏ ପାହାଡ଼ର ନାମ 'ଲଙ୍କେଶ୍ୱରୀ' । ନାବିକମାନେ ନାହା ନେବାବେଳେ ପୂଜା କରନ୍ତି । ସୋମେଶ୍ୱରଦେବ ବର୍ମ୍ମାଙ୍କ ତମାମଲ ଶାସନରେ ଲଙ୍କେଶ୍ୱରୀ ନାମ ଉଲ୍ଲେଖ ଅଛି । କୁମାର ସୋମେଶ୍ୱର ଦେବଙ୍କ ଅନୁଶାସନରୁ ଜଣାଯାଏ ଯେ ସୋନପୁର ରାଜ୍ୟ ପଶ୍ଚିମ ଲଙ୍କା ବୋଲି କଥିତ ଅଛି ।

ବିନୟବାବୁ ସୋନପୁରରୁ ୩ ଗୋଟି ତାମ୍ରଶାସନ ପାଇଛନ୍ତି । ସେ ତାର ଅନୁବାଦ ଲେଖିଛନ୍ତି ।

ପ୍ରଥମ ଅନୁଶାସନ:—ଓଁ ସ୍ୱସ୍ତି ସୁବର୍ଣ୍ଣପୁର ସମବାସିତ ଶ୍ରୀମତ୍ ବିଜୟ ସ୍କନ୍ଧାବାରାତ ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀ ଶିବଗୁପ୍ତଦେବ ପାଦାନୁଧ୍ୟାତ ପରମମାହେଶ୍ୱର ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଲକ ତ୍ରିକଳିଙ୍ଗାଧିପତି ଶ୍ରୀ ମହାଭବଗୁପ୍ତ ରାଜଦେବ କୁଶଳୀ ଲୁପତ-ଖଣ୍ଡେ ବକ୍ରତେନ୍ତାଳି ଗ୍ରାମେ ବ୍ରାହ୍ମଣ ସମ୍ପୂଜ୍ୟ ତତଃ ପ୍ରତିନିବାସୀ କୁଟୁମ୍ବିନଃ ତଦ୍ ବିଷୟେ ଯଥା କାଲାଧ୍ୟାସିନେ ସମାହର୍ତ୍ତାର ସନ୍ନିଧାତ୍ରିଃ ଦାଣ୍ଡପାଶିକ ପିଶୁନ ବେତ୍ରିକା ଅବରୋଧଜନ ରାଜ୍ଞୀ ରାଜବଲ୍ଲଭାଦିନ ଅନ୍ୟାଂଶ୍ଚ ଶତଭଟ୍ଟସୋଭ୍ୟାନ ଜନପଦାନ୍ୟୁତ ବିଦିତାସ୍ତୁ ଭବତାଂ। ଯଥାସ୍ମାଭିରୟଂ ଗ୍ରାମ ସନ୍ନିଧି ସୋପନିଧି ସର୍ବବାଧା ବିବର୍ଜିତା ସର୍ବକୋଶା ଗ୍ରାହ୍ୟ ସାମ୍ରାମ୍ରା ମଧୂକା: ସଜଳ ସ୍ଥଳ ଗର୍ତ୍ତୋ ଷରବର୍ତ୍ତ ଧାନ ସହିତ ପ୍ରତିନିଷିଦ୍ଧ ଚାଟଭଟ୍ଟା ପାବେଶାୟ ସୀମା ପର୍ଯ୍ୟନ୍ତ ଦର୍ଶିତାନ୍ୟ ଗୋତ୍ରାୟ ମିଶ୍ରବତୁଷ ବଶିଷ୍ଠ ତ୍ରିପ୍ରବରାୟ ଛନ୍ଦୋଗ୍ୟଚରଣାୟ ବୁଧା (ତ୍ରା) କାବାଲ ଜନପଦ ବିନିର୍ଗତାୟ ମେଘଡ଼ା ବାସ୍ତବ୍ୟାୟ ଭଟ୍ଟପୁତ୍ର ଯାତକୁଷ୍ଠାନାଂ ଭଟ୍ଟପୁତ୍ର ଶ୍ରୀବତ୍ସ ପୁନଦେବ ହଲ୍ଲାଧାର ପୁତ୍ରାୟ ଅଚନ୍ଦ୍ର ତାରକାର୍କ କ୍ଷିତ ସମକାଳୋପଭୋଗାର୍ଥଂ ମାତା ପିତ୍ରୋ ଦ୍ୱାକ୍ଷା ପୁଣ୍ୟ ଯଶୋଭିବୃଦ୍ଧୟେ ବିଶ୍ୱମତ ସଂହାନ୍ୟା ତାମ୍ରଶାସନେନା କାରସ୍ତଶିକୃତ୍ୟା ପ୍ରତିପାଦିତ ଇତ୍ୟବଗତ୍ୟ ସମୁଚିତ ଭୋଗ ଭାଗ କରହିରଣ୍ୟାଦିକଂ ଉପନୟନ୍ତିଭିର ଭବଦ୍ଭି ସୁଖେନ ପ୍ରତିବାସ୍ତବ୍ୟଂ ଭାବି ଭିରପି ଭୂପତି ଭିର୍ଦତ୍ତିରସ୍ୟଂ ଅସ୍ମଦୀୟ ଧର୍ମ ଗୌରବାତ୍ ଅସ୍ମଦ୍ ରୋଧା ତ ସଦନ୍ତିଶବାନୁପାଳନୀୟ। ତଥାଚ ଉକ୍ତଂ ଧର୍ମ ଶାସ୍ତ୍ରେ ବହୁଭିର ବସୁଧା ଦତ୍ତା ରାଜାଭି ସଗରାଦିଭି ଯସ୍ୟ ଯସ୍ୟ ଯଦା ଭୂମିଃ ତସ୍ୟ ତସ୍ୟ ତଦା ଫଲ ମାଭୂତ ଫଲଶଙ୍କା ବୋ ପରଦତ୍ତେତି ପାର୍ଥିବ: ସ୍ୱଦାନାତ୍ ଫଲାନାଂ ପରଦତ୍ତାନୁ ପାଲନେ ଷଷ୍ଟିଂ ବର୍ଷ ସହସ୍ରାଣି ସ୍ୱର୍ଗେ ମୋଦତି ଭୂମିଦା: ଆକ୍ଷେପ୍ତା ଚାନୁମନ୍ତା ଚ ତାନ୍ୟେବ ନରକେ ବସେତ୍। ଅଗ୍ନେରପତ୍ୟଂ ପ୍ରଥମଂ ସୁବର୍ଣ୍ଣଂ ଭୂର୍ବୈଷ୍ଣବୀ ସୂର୍ଯ୍ୟ ସୁତାଶ୍ଚ ଗାବସ୍ତସ୍ୟ ଦତ୍ତଂ ଭବତି ତ୍ରୟଃ ଲୋକା ଯଃ ଦଦ୍ୟାତ୍ କାଞ୍ଚନଂ ଗାଞ୍ଚ ପୃଥ୍ୱୀଂ ଚ। ଇତି କମଳଦଳାମ୍ବୁବିନ୍ଦୁଲୋଲାଂ ଶ୍ରିୟମନୁଚିନ୍ତ୍ୟ ମନୁଷ୍ୟଜୀବିତଞ୍ଚ ସକଳମିଦମୁଦାହୃତଞ୍ଚ ବୁଦ୍ଧ୍ୱା ନ ହି ପୁରୁଷୈଃ ପରକୀର୍ତ୍ତୟୋ ବିଲୋପ୍ୟା। ଆଭୂମିଦାନାନ୍ତରଂ ନ ଭବିଷ୍ୟତି।

ପରମଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀ ଜନମେଜୟଦେବସ୍ୟ ବିଜୟ ରାଜ୍ୟେ ସମ୍ବତ୍ସରେ ତୃତୀୟେ ଶ୍ରାବଣମାସେ ସିତପକ୍ଷ ପଞ୍ଚମ୍ୟାଂ ଯତ୍ରାଙ୍କେନପି ସମ୍ବତ୍ ଶ୍ରାବଣ ଶୁଦି ୫ ଲିଖିତମିଦଂ ଶାସନଂ ମହାସନ୍ଧିବିଗ୍ରହି ପ୍ରତିବଦ୍ଧକାୟସ୍ଥ କୋଇଲଘୋଷେନ ବଲ୍ଲଭୋଷ ସୁତେନ ସଘାନେନ ଉତ୍କୀର୍ଣ୍ଣଂ ଶାସନମିଦଂ ରାଜ୍ୟଂ ଓଁ ତାମ୍ରଚିତେନ ମଙ୍ଗଳମହାଃ ଶ୍ରୀ।

ଅନ୍ୟ ଏକ ଦାନପତ୍ରରେ ନିମ୍ନଲିଖିତ ମତେ ବର୍ଣ୍ଣିତ ଅଛି :—

ଓଁ ସ୍ୱସ୍ତି ଶ୍ରୀମତ୍ ବିନୀତପୁରାତ୍ ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ମହାଭବଗୁପ୍ତ ରାଜଦେବ ପାଦାନୁଧ୍ୟାତ ପରମ ମାହେଶ୍ୱର ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀ ମହାଶିବଗୁପ୍ତ ରାଜଦେବ କୁଶଳୀ । କୋଶଳ ଦେଶ ପ୍ରତିବଦ୍ଧ ଗନ୍ଧାପାଟିମଣ୍ଡଳେ ଉତ୍ତରପଟ୍ଟୀସ୍ଥ ନବନ୍ନ ଗ୍ରାମ ପରମମାହେଶ୍ୱର .ପରମ ଭଟ୍ଟା.ରକ ମହାରାଜାଧିରାଜ ପରମେଶ୍ୱର ସୋମକୁଳତିଳକ ତ୍ରିକଳିଙ୍ଗାଧିପତି ଶ୍ରୀମତ୍ ଯଯାତି ରାଜଦେବସ୍ୟ ପ୍ରବର୍ଦ୍ଧମାନ ବିଜୟରାଜ୍ୟେ ପଞ୍ଚଦଶ ସମ୍ବତ୍ସରେ ମାର୍ଗଶୀର୍ଷ ମାସେ ଶୁକ୍ଳ ପକ୍ଷେ ତ୍ରୟୋଦଶ୍ୟାଂ ତିଥୌ ସମ୍ବତ୍ ୧୫ ମାର୍ଗଶୀର୍ଷ ଶୁଦି ୧୩ ଲିଖିତମିଦଂ ଶାସନ ମହାସନ୍ଧିବିଗ୍ରହିକ ରାଣକ ଶ୍ରୀ ମଲ୍ଲୁଦତ୍ତସ୍ୟ ଅବଗତେନ ମହଦ୍ୱେ ପାଡିକ ଶ୍ରୀ ଉଚ୍ଛବ ନାଗେନ ଅର୍ଣ୍ଣବନାଗ ସୁତେନ ଉତ୍କୀର୍ଣ୍ଣ ତମ୍ବୁର ପଟ୍ଟକେ ନେଥ ଇତ୍ୟାଦ ।

ଆଉ ଦାନପତ୍ର :—ଓଁ ସ୍ୱସ୍ତି ସଂହାରକାଳହୁତ ଭୁକ୍ତି ବହ୍ନିଳ ଘୋର ହେତ୍ରାଗ୍ନି କଙ୍କର ଭୂତାନୁଗଶ୍ଚ ନ ଗଜକାନନକାର ସୁନ୍ଦ୍ୱସ୍ତର ବଦ୍ଧକାତ୍ ପଶ ତଦ ଦେହିର୍ବ ହରବୋଗ୍ର ଭବତା । ପ୍ରପାଣ୍ଟୀ ଭୂବଂଶଃ ବାରଣ ପ୍ରତ ଲକ୍ଷ୍ମୀହୃତା ତ୍ରହଣ ସ୍ୱଭ ଶ୍ରୀ ଶୀଳ ଭଞ୍ଜଦେବ ନରାଧିପତେସ୍ତା ବଦ୍ଧକୋ ବଭ୍ରୁବ ଭୂଶ ସହସ୍ରଶଙ୍ଖ ତେଷାଂ କୁଳେ ଦଳନ ଲୁଷାକମୌଳି ମାନାରତିତ ପାଦାଙ୍ଗୁଷ୍ଠ ଇତ୍ରଧାର ସୁତେନ ନୃପତି ଶ୍ରୀ ଶୀଳଭଞ୍ଜଦେବ ପ୍ରକାଶ ପୌତ୍ରୁଷପପି ଭଜାନ୍ତା ନଶିଦ୍ଧା ନତାର ଭୂବଦସ୍ତା ଶିପ୍ତାକୁତଭସ୍ୟ ଗାସ୍ତି ଦୈନିକ ପଟ୍ଟସ୍ୱାନତ୍ଧ ସିରକ୍ଷୁକ ପୁଣ୍ଡବ୍ୟା- ବହଳ ବାଜଳା ହବିତ କନାଦେନା ଶମାଦାନାମଃ ତପସୀ ଭୂମହେ ଦମ ଅମାଦବ କଶନାମାକୁଡଂ ତା ଘା ଦନ୍ଧୁବ ନାମୋ କଠେନ ବ୍ରୋନ ଶ୍ରୀ ଶୀଳଭଞ୍ଜଦେବ ଭତ ଭୂଳାଧିଃ ତସ୍ମାତ୍ ଭୂଦନାନ୍ ଦାନ୍ୟ ନଦନାନ ନିଷ୍କାଗ୍ର ତଳାତ ଧର୍ମଶ୍ରୀକ ଶଜ ଲୂବଭ ଖୁରବଦାରଣ ପ୍ରହର ଉଦ୍ଧାଳା ଧୂଳି ବିତାନ ଛନ୍ନ ଜନ୍ୟାର୍ଣ୍ଣବା ସ୍ପଷ୍ଟା ବିଦ୍ଧକା ଦେ ନଦୀର୍ଣ୍ଣାତାରଣତ ଜୟଲକ୍ଷ୍ମୀ ଦମାନାଃ ଦେବ୍ ପୌରଜାନପଦ ଶ୍ରୀମତ୍ ଭଞ୍ଜଭୂପତି ସୁର । ଶରତ୍ପୂର୍ଣ୍ଣକାନ୍ୟ ଶରଦମଳ ଧବଳ ଭଗଯଶପଟଳ ଧବଳିକା ଦଶଦଶୋ ଅନବରତପ୍ରବୃତ୍ତ ସନ୍ତାନ ଦାନାବତ ସକଳଜନୋ ଅଣ୍ଡଜବଂଶ ପ୍ରଭବ ପରମ ବୈଷ୍ଣବ ମାତାପିତୃପାଦାନୁଧ୍ୟାତ ଭଞ୍ଜମାଲକୁଳତିଳକ ଉଭୟ ଖିଞ୍ଜାଳମଣ୍ଡଳ ଅଧିପତି ରାଜା ରଣଭଞ୍ଜା ମୁକ୍ତ ଧର୍ମକୁମାର ମାନ୍ୟମାନ୍ୟ ମହାସାମନ୍ତ ବ୍ରାହ୍ମଣ ପ୍ରଧାନ ଅନ୍ୟାଶ୍ଚ ଦଣ୍ଡପାଶିକ ଚାଟଭଟବଲ୍ଲଭ ଜାତୀନ୍ ଯଥାର୍ହଂ ମାନୟତି ବୋଧୟତି ସମାଦିଶତି ବିଦିତ ଶିବମସ୍ତୁ ଭବତାଂ ଅସ୍ତୁ

ଭବତାଂ ଶ୍ରେୟସ୍କର ବିଷୟ ପ୍ରତିବଦ୍ଧ ମିଲ୍ଲୁପାଦ ଖଣ୍ଡକ୍ଷେତ୍ର ଚତୁଃସୀମା ପର୍ଯ୍ୟନ୍ତ ନିଧି ଚୋପନିଧି ସହିତଂ ଅସକୃତ୍ତୃଣସ୍ୟା ଯୁଗାନୀ ହବେ ଶୁଙ୍ଗା ସମୃଦ୍ଧେ ମାତାପିତ୍ରୋଂ ଆତ୍ମନଃ ପୁଣ୍ୟାଭିବୃଦ୍ଧୟେ ସଲିଳଧାର ପୁରଃସରେଣ ବିଧିନା ବିଧିବିଧାନେନ ସର୍ବଦେୟସ୍ୟ ତାମ୍ରଶାସନ ପ୍ରତିପାଦିତୋସ୍ମ ଯାବଦ୍ଦେବାର୍କ ବତନେନ କାଶ୍ୟପଗୋତ୍ରାୟ ସେସ୍ମମସ୍ତୁ ପ୍ରବର ଶାମବେଦାଧ୍ୟାୟୀ ଆଲ୍ଲ ଗ୍ରାମ ବିନିର୍ଗତ ଭଟ୍ଟପୁତ୍ର କୃଷ୍ଣ ଆଖଣ୍ଡଳପୁତ୍ର ମହୋଦଧିନାପ୍ତ୍ରେ ତଥାଚ ଉକ୍ତଂ ଧର୍ମଶାସ୍ତ୍ରେଷୁ କାଳସ୍ଥାନମନୁମଦ ବ୍ୟାସବକାଂ ବମ୍ୟ ମେଦିନୀ ଯାବଜ୍ ସ୍ୱର୍ଗକୁଳାଂ ଲେଖାଂ ତାବ ସ୍ୱର୍ଗମନୁଯାତେ ଆସ୍ଫୋଟୟନ୍ତି ପିତରଃ ପ୍ରବଲ୍ଗନ୍ତି ପିତାମହାଃ ଭୂମିଦାତୃକୁଳେ ଜାତା ସନ୍ତ୍ରାତା ସ୍ତ୍ରାତା ଭବିଷ୍ୟତି ବାହୁଭିର ବସୁଧା ଦତ୍ତାଂ ରାଜାଭି ସଗରାଦିଭି ଯସ୍ୟ ଯସ୍ୟ ଯଦା ଭୂମି ତସ୍ୟ ତସ୍ୟ ତଦା ଫଳ ମା ପାର୍ଥିବ କଦାଚତ୍ ତୁଭ୍ୟସ୍ମ ମନସାଦେମି ଅନେକଭୂଷଂ ଅବ୍ଧିସିଶାଲ୍ୟା ଅତେ ଭୂନାଦ୍ୱଲବନ୍ତଂ ଅବନ୍ତ ବର୍ଣାମିତ୍ୟା ଇତ୍ୟାଦି ।

ଏହି ତିନୋଟି ତାମ୍ରଶାସନରୁ କେତେକ ପ୍ରାଚୀନ କଥା ଜଣାପଡ଼େ । ପ୍ରଥମ ଶାସନରେ ବକଟେଣ୍ଡୁଲୀ ଗ୍ରାମ ଭଟ୍ଟପୁତ୍ର ଜାତରୂପଙ୍କୁ ଦାନ ଦିଆ ଯାଇଅଛି । ବକଟେଣ୍ଡୁଲୀ ଲୁପଞ୍ଚର ଖଣ୍ଡ ପରେ । ଜାତରୂପ ମେରନ୍ଦାବାଗୀ ଏବଂ ସେ ପେଙ୍ଗାବଲୀ ସ୍ଥାନରୁ ଉଠି ଆସିଥିଲେ । ତାଙ୍କର ଗୋତ୍ର କୌଣ୍ଡିନ୍ୟ ଏବଂ ଛନ୍ଦୋଗ୍ୟଚରଣ । ତାଙ୍କର ପ୍ରବର ମିତ୍ରାବରୁଣ ବଶିଷ୍ଠ । ଦାନର ସମୟ ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀ ଜନମେଜୟ ଦେବଙ୍କ ରାଜତ୍ୱର ଷଷ୍ଠ ବର୍ଷ । ସେ ରାଜା ଶୈବ ଥିଲେ ।

୨ୟ ଦାନପତ୍ରଦ୍ୱାରା ଜନନୀ ବା ଜବିନା ଗ୍ରାମ ଦୀକ୍ଷିତ ପୁଣ୍ଡରୀକ ଶର୍ମାଙ୍କୁ ଦାନ ଦିଆ ଯାଇଛି । ଜବିନା ଗ୍ରାମ କୋଶଳ ଦେଶରେ । ପୁଣ୍ଡରୀକଙ୍କ ଘର ମେରମେଣ୍ଡା ଗ୍ରାମ ଏବଂ ସେ ଭଟ୍ଟପରୋଳୀ ଗ୍ରାମରୁ ଉଠି ଆସିଥିଲେ । ଗ୍ରହୀତା ନାରାୟଣ ଶର୍ମାଙ୍କ ପୁତ୍ର ଏବଂ ଭଲ୍ଲାପ ଶର୍ମାଙ୍କ ପୌତ୍ର । ତାଙ୍କର ଗୋତ୍ର ଭରଦ୍ୱାଜ; ପ୍ରବର ଅଙ୍ଗିରସ, ବାର୍ହସ୍ପତ୍ୟ ଓ ଭରଦ୍ୱାଜ । ବିନୀତପୁରରୁ ଦାନ ଦିଆଯାଇଥିଲା । ସମୟ ପରମ ଭଟ୍ଟାରକ ମହାରାଜାଧିରାଜ ପରମେଶ୍ୱର ଶ୍ରୀମତ୍ ଯଯାତି ରାଜଦେବଙ୍କର ରାଜତ୍ୱର ପଞ୍ଚଦଶ ବର୍ଷ । ଯଯାତି ତ୍ରିକଳିଙ୍ଗାଧିପତି ବୋଲି ବର୍ଣ୍ଣିତ ।

୩ୟ ଦାନପତ୍ରଦ୍ୱାରା ଶର୍ଫ ଭଞ୍ଜ କଳ୍ପ ଚୋଡ଼ା ବିଷୟର ମିଲ୍ଲୁପାଦ ଖଣ୍ଡକ୍ଷେତ୍ର ଦାନ କରିଛନ୍ତି । ଗ୍ରହୀତା ଭଟ୍ଟପୁତ୍ର କୃଷ୍ଣ ଆଖଣ୍ଡଳଙ୍କ ପୁତ୍ର ଏବଂ ମହୋଦଧିଙ୍କ

ଟପୌନ । ସେ ଅଳପ ଗ୍ରାମରୁ ଉଠି ଆସିଥିଲେ । ତାଙ୍କର ଗୋତ୍ର କାଶ୍ୟପ ଏବଂ ସେ ସାମବେଦୀ ଥିଲେ । ତାଙ୍କ ପ୍ରବର ପାଞ୍ଚ ଋଷି ଥିଲେ । ଶତ୍ରୁଭଞ୍ଜ ଅଣ୍ଡଜ ବଂଶ ଏବଂ ଉଭୟ ଖଣ୍ଡିଜମଣ୍ଡଳର ଅଧିପତି ଥିଲେ । ଏଥିରେ ଅନ୍ୟାନ୍ୟ ରାଜାମାନଙ୍କ ନାମୋଲ୍ଲେଖ ଅଛି । ଯଥା—ଶୀଲଭଞ୍ଜ ଦେବ ।

ଭଞ୍ଜବଂଶ ସମ୍ବନ୍ଧେ ଚାରିଗୋଟି ତାମ୍ରଶାସନ ବାହାରିଛି । ଓଡ଼ିଶାରୁ ତିନିଗୋଟି ଏବଂ ଘୁମୁସରରୁ ଏକଗୋଟି । ସେଥିରୁ ନିମ୍ନଲିଖିତ ବଂଶାବଳୀ ମିଳେ ।

ରଣଭଞ୍ଜ ଦେବ ଧର୍ମ୍ମିକଳଶ
|
ଦିଗଭଞ୍ଜ ଦେବ
|
ଶୀଲଭଞ୍ଜ ଦେବ
|
ମହାରାଜା ବିଦ୍ୟାଧର ଭଞ୍ଜଦେବ ପରମମାହେଶ୍ୱର

ବାମନଘାଟି ଅନୁଶାସନର ସମୟ ୨୮୯ ସମ୍ବତ୍ ଏବଂ ତାହା ରଣଭଞ୍ଜଙ୍କ ରାଜତ୍ୱ ସମୟରେ । ଘୁମୁସରରୁ ଯେଉଁ ତାମ୍ରଶାସନ ମିଳିଛି ସେଥିରେ ଦାତା ନେତ୍ରଭଞ୍ଜ, ରଣଭଞ୍ଜଙ୍କ ପୁତ୍ର ଏବଂ ଶତ୍ରୁଭଞ୍ଜଙ୍କ ନାତି ।

କୋଠଭଞ୍ଜ
|
ଦିଗଭଞ୍ଜ ବା ଶତ୍ରୁଭଞ୍ଜ
|
ରଣଭଞ୍ଜ
|
ଯୁଜଭଞ୍ଜ — ଦିଗଭଞ୍ଜ — ନେତ୍ରଭଞ୍ଜ
|
ଶୀଲଭଞ୍ଜ (ଦିଗଭଞ୍ଜଙ୍କ ତଳେ)
|
ମହାରାଜା ବିଦ୍ୟାଧରଭଞ୍ଜ

ବାମନଘାଟି ତାମ୍ରପଟ୍ଟରେ ଯଗଭଞ୍ଜଙ୍କ ନାମୋଲ୍ଲେଖ ଅଛି । ସେ ଲବ୍ଧବଂଶ ପ୍ରତିଷ୍ଠାତା । ସେ କୋଟ୍ୟାଶ୍ରମ ତପୋବନରେ ମୟୂର ଅଣ୍ଡ ଖଣ୍ଡି ଜନ୍ମ ହୋଇଥିଲେ ।

ଏ ତାମ୍ରଶାସନ ଦୁଇ ଭଞ୍ଜଦେବଙ୍କ ବ୍ରାହ୍ମଣମାନେ ପାଇଥିଲେ । ଯେଉଁ ଯେଉଁ ଗ୍ରାମମାନଙ୍କ ନାମୋଲ୍ଲେଖ ଅଛି, ସେହି ସେହି ଗ୍ରାମମାନଙ୍କରେ ଏଗୁଡ଼ିକ ମିଳିଥିଲା । ମିଲୁତାମ୍ର ଗ୍ରାମ କେଉଁଠି ? ଖଣ୍ଡକ୍ଷେତ୍ର ଅର୍ଥ ତଳକର ଜମିର ନାମ ବୋଲି ବିଜୟବାବୁ ସ୍ଥିର କରନ୍ତି । ସେ ଗ୍ରାମର ଲୋକ ଉଦୟଶୃଙ୍ଗରୁ ଆସିଥିଲେ । ଉଦୟଶୃଙ୍ଗ ଆଠମଲ୍ଲିକ ଅନ୍ତର୍ଗତ ଓଡ଼ସିଙ୍ଗା ବୋଲି ଅନୁମିତ ହୁଏ । ସେଥିରୁ ସୋନପୁର ସୀମାରେ; ପାଟଣା ଜମ୍ବା ଆଠମଲ୍ଲିକଠାରୁ ବେଶି ଦୂର ନୁହେଁ । ସେଠାରେ ଖଣ୍ଡକ୍ଷେତ୍ର ଗ୍ରାମ ଥାଇପାରେ । ସୋନପୁରର ଉତ୍ତରରେ ରେଢ଼ାଖୋଲ, ଉତ୍ତର-ପୂର୍ବରେ ଆଠମଲ୍ଲିକ, ପୂର୍ବରେ ବୌଦ୍ଧ, ଦକ୍ଷିଣରେ ପାଟଣା । ତାମ୍ରଶାସନମାନଙ୍କରେ କେତେଗୁଡ଼ିଏ ଭୌଗୋଳିକ ନାମ ଦେଖାଯାଏ । ଓଙ୍ଗ ଓ ଅଙ୍ଗ ନଦୀ ବର୍ତ୍ତମାନ ସୋନପୁର ଓ ପାଟଣା ରାଜ୍ୟର ମଧ୍ୟଦେଇ ପ୍ରବାହିତ । ସତଲମା ଗ୍ରାମ ସମ୍ବଲପୁର ଜିଲାର ବରପାଲି ଅନ୍ତର୍ଗତ ଏବଂ ଓଙ୍ଗ ନଦୀଠାରୁ ଦେଢ଼େକ ମାଇଲ ଦୂରରେ ଅବସ୍ଥିତ । ନଦୀର କୂଳରସିଂହ; ଦଶଟେଣ୍ଟୁଲୀ ଗ୍ରାମମାନ ଦାନପତ୍ର ମିଳିଥିବା ସ୍ଥାନର ନିକଟବର୍ତ୍ତୀ । ବେଡ଼ା ଚଉଲି ଜଙ୍ଗର ବୋଧହୁଏ ରେଢ଼ାଖୋଲର ପୂର୍ବର ନାମ । କାରଣ ଜଙ୍ଗର ଅର୍ଥ ଖୋଲ । ମୁରସିମା ମୁରସିଙ୍ଗା ହୁଏ ବୋଧହୁଏ । ଏ ଗ୍ରାମ ପାଟଣା ରାଜ୍ୟର ଜରସିଙ୍ଗା ଜମିଦାରୀର ଅନ୍ତର୍ଗତ । ସୋନପୁର ରାଜ୍ୟରେ ବଜାଜ ଗ୍ରାମ ଅଛି । ଏହାର ପୂର୍ବ ନାମ ଜନିକା ଥିଲାପରି ଜଣାଯାଏ । ଜନିକା ଏବଂ ମେଘା ଗ୍ରାମମାନ ବିଜକା ସନ୍ନିକଟ ଅନ୍ତର୍ଗତ । ସୁତରାଂ ବିନୀତପୁରର ବର୍ତ୍ତମାନ ନାମ ବିଜକା ବୋଲି ଜଣାଯାଏ ।

ସୋନପୁର ଅନ୍ତର୍ଗତ ବିଜକା ଏବଂ ସମ୍ବଲପୁର ଅନ୍ତର୍ଗତ ସତଲମା ଗ୍ରାମମାନ ତାମ୍ରଶାସନରେ କୋଶଳ ଦେଶାନ୍ତର୍ଗତ ବୋଲି ଉଲ୍ଲେଖ ଅଛି । ବିଜୟବାବୁ ଅନୁମାନ କରନ୍ତି ଯେ, ପ୍ରାଚୀନ କାଳରେ ସମ୍ବଲପୁର ଏବଂ ତଦନ୍ତର୍ଗତ ଗଡ଼ଜାତମାନ କୋଶଳ ଅର୍ଥାତ୍ ଦକ୍ଷିଣ କୋଶଳର ଅଂଶ ଥିଲା ଏବଂ ବିଲାସପୁର ଜିଲାର ରତନପୁର କୋଶଳର ରାଜଧାନୀ ଥିଲା; ଏ ଦେଶ ଓଡ୍ର ବା ଓଡ଼ିଶାର ଅଂଶ ନଥିଲା । ତାଙ୍କର ଅନ୍ୟ ଏକ ଯୁକ୍ତି

ଯେ, ଯଦି ସେତେବେଳେ ଓଡ଼ିଶା ଏବଂ ସମ୍ବଲପୁର ପୃଥକ୍ ଦେଶ ଥାନ୍ତା, ତେବେ ସେ ବ୍ରାହ୍ମଣ ଓଡ଼ିଶାରୁ ଆସି ଏଠାରେ ଅର୍ଥାତ୍ ସମ୍ବଲପୁରରେ ବାସ କରିଥିଲେ ସେ ଆପଣାକୁ ଓଡ୍ର ଦେଶବାସୀ ବୋଲି ପରିଚୟ ଦେଇ ନଥାନ୍ତେ । ସୁତରାଂ ଓଡ଼ିଶା ଓ କୋଶଳ ଦେଶ ଭିନ୍ନ ପ୍ରଦେଶ ଥିଲା ।

ରାଜିମ ଓ ଖଡ଼ିଅରପୁରରେ ଯେଉଁ ଅନୁଶାସନ ମିଳେ ସେଥିର ଅକ୍ଷର ସମ୍ବଲପୁର ଏବଂ ଓଡ଼ିଶା ଅକ୍ଷରଠାରୁ ପୃଥକ୍ । ରଞ୍ଜନବାବୁ ଏଥିର କାରଣ ଦେଖାନ୍ତି ଯେ, ରାଜା ଜନ୍ମେଜୟ ଏବଂ ତାଙ୍କ ଉତ୍ତରାଧିକାରୀମାନେ ବଙ୍ଗାଳୀ କାୟସ୍ଥ ଚାକର ରଖିଥିଲେ । କାରଣ ତାମ୍ରଶାସନରୁ ଶୈଳାଦିଘୋଷ, ପୁଣି ବିଲ୍ଲଭଘୋଷ, ମଙ୍ଗଳଦତ୍ତ, ଧୂର୍ଜଟି ଧାରଦତ୍ତ, ଭୂରନ୍ଦତ୍ତ, ଜଳ୍ପନାଗ ଓ ବଲ୍ଲଭନାଗ, ଜନଗଦତ୍ତ, ମଙ୍ଗଳଦତ୍ତ ପ୍ରଭୃତିଙ୍କ ନାମ ଦେଖାଯାଏ ଏବଂ ଦତ୍ତ, ନାଗ, ଘୋଷ ପ୍ରଭୃତି ପଦ କେବଳ ବଙ୍ଗାଳୀ କାୟସ୍ଥମାନେ ବ୍ୟବହାର କରନ୍ତି । ମାତ୍ର ଓଡ଼ିଆ କରଣମାନେ ଏ ପଦ ବ୍ୟବହାର କରନ୍ତି ନାହିଁ । ସୁତରାଂ ସେମାନେ ବଙ୍ଗାଳୀ ଥିଲେ ।

ଅକ୍ଷରମାନଙ୍କ ଗର୍ଭ ବିଚାରର ସମ୍ବନ୍ଧ ହୋଇ ଟମ୍ସ ସାହେବ ଅନୁମାନ କରିଥିଲେ । ମାତ୍ର ଅନେକ ଅକ୍ଷରର ଗର୍ଭ ବର୍ତ୍ତମାନ ଓଡ଼ିଆ ଅକ୍ଷରର ଗର୍ଭପରି । ତାମ୍ରପତ୍ରରେ ମଧ୍ୟ ଏହିପରି ଅକ୍ଷର ଦେଖାଯାଏ । ପୁରୁଣା ଓଡ଼ିଆ ବଙ୍ଗଳା ଅକ୍ଷରମାନଙ୍କର ମିଶ୍ରଣ ଦେଖାଯାଏ । ଅଧିକାଂଶର କନିଂହାମ ସାହେବ ମହାଶୟ କହନ୍ତି ଯେ ସେହି ଗୁପ୍ତ ରାଜାମାନେ କୋଶଳେନ୍ଦ୍ର ଓ ତ୍ରିକଳିଙ୍ଗାଧିପତି ଥିଲେ, ସେମାନେ ନିଶ୍ଚୟ ବୌଦ୍ଧ ପାଳିଥିବା ଗୁପ୍ତମାନଙ୍କ ବଂଶଧର ଥିଲେ । ଏମାନେ ଶବର ଥିଲେ ।

ସେମାନେ ଆପଣାକୁ କୋଶଳେନ୍ଦ୍ରାଧିପତି ଓ ତ୍ରିକଳିଙ୍ଗାଧିପତି ବୋଲି ବର୍ଣ୍ଣନା କରନ୍ତି । ସୋମବଂଶୀୟ ରାଜା ମାନେ ଯଯାତିକେଶରୀଙ୍କଠାରୁ ଗଣାଯାନ୍ତି, କିନ୍ତୁ ଜନମେଜୟଙ୍କଠାରୁ ଗଣାଯାନ୍ତି ନାହିଁ । ବଂଶାବଳୀରେ ଅନ୍ୟ ଏକ ଜନମେଜୟଙ୍କ ନାମମାନ ଦେଖାଯାଏ । କିନ୍ତୁ ସେ ଦୂର ଭବିଷ୍ୟତକାଳ । ମାତ୍ର ଓଡ଼ିଶା ପ୍ରତି ଶିବଗୁପ୍ତଙ୍କ ବିଶେଷ ଅଧୀନ କିଛି ନଥିଲା । ସେ କୋଶଳଦେଶର ପ୍ରଥମ ରାଜା ଥିଲେ । ମହାଭବଗୁପ୍ତଙ୍କ ଦାନପତ୍ର ମାନଙ୍କରେ କୋଶଳ ଦେଶର ନାମମାତ୍ର ରହିଥିବାରୁ ଜଣାଯାଏ, ଏମାନେ କେବଳ କୋଶଳରେ ରାଜତ୍ୱ କରୁଥିଲେ, ପରେ ଓଡ଼ିଶାରେ ଆଧିପତ୍ୟ ବିସ୍ତାର କଲେ । ମହାଭବଗୁପ୍ତ କୋଶଳ ଦେଶରେ

ତାଙ୍କ ପ୍ରଧାନମନ୍ତ୍ରୀ ହାଧାରଣଙ୍କୁ ଭୂମିଦାନ କରିଥିଲେ । ଏଥିରୁ ଜଣାଯାଏ ଯେ କୋଶଳ ଦେଶରେ ଥିବେ । ଭବଦେବ କେଶରୀ ପଦ ସୃଷ୍ଟି କରିଥିବେ । ଉଦ-ୟନଙ୍କ ବଂଶଧରମାନେ ଗୁପ୍ତ ପଦବୀ ଧାରଣ କଲେ । ଉଦୟନ ଚନ୍ଦ୍ରବଂଶୀ ବୋଲି ପରିଚୟ ଦେଉଥିଲେ ।

ଏ ସମସ୍ତ କାରଣ ଯୋଗୁଁ ଦେଖାଯାଏ ଯେ ସମ୍ବଲପୁର ଜିଲାରେ ଓଡ଼ିଆ-ଭାଷା ପ୍ରଚଳିତ । ଶାସନ ସୁବିଧା ଲାଗି ସମ୍ବଲପୁର ୧୯୦୫ ମସିହା ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଛତିଶଗଡ଼ ଦେଶ ଅନ୍ତର୍ଗତ ସାମିଲ ଥିଲା । ବର୍ତ୍ତମାନ ମଧ୍ୟପ୍ରଦେଶରୁ କାଟିଲୁ ହୋଇ ଓଡ଼ିଶା ସହିତ ମିଶିଅଛି । ଚଳପୁବାବୁ ଏ ସମସ୍ତ ଆଲୋଚନା କରି ସ୍ଥିର କରିଛନ୍ତି ଯେ ଶରଭରାଜାମାନଙ୍କ ଦ୍ୱାରା ବହିଷ୍କୃତ ହେବାରୁ ଶିବଗୁପ୍ତ ଟ୍ରେଃତଳାଇ-ପୁର ଏବଂ ମେଦିନୀପୁର ମଧ୍ୟବର୍ତ୍ତୀ ସ୍ଥାନରେ ରାଜଧାନୀ କଲେ ଏବଂ ଅନ୍ୟ ବଂଶଧରମାନେ ବୁଙ୍ଗନ, ଶିବପୁର ଏବଂ ବିଳାଶପୁରରେ ରାଜତ୍ୱ କଲେ । ଶିବଗୁପ୍ତ ରାଜା ବୋଲି ବର୍ଣ୍ଣିତ ଥିବାହେତୁ ସେ ବିଶେଷ କ୍ଷମତାଶାଳୀ ନଥିବାର ପ୍ରକାଶ । ସମ୍ଭବତଃ ସେ ଜଣେ ସାମନ୍ତରାଜା ଥିଲେ । ତାଙ୍କ ପୁତ୍ର ଜନମେଜୟ ବା ମହାଭବଗୁପ୍ତ ଓଡ୍ର ଏବଂ ତ୍ରିକଳିଙ୍ଗ ଅଧିକାର କଲେ ଏବଂ ସମ୍ବଲପୁର ଜିଣିଲେ । କିମ୍ବଦନ୍ତୀ ଅଛି ଯେ ରାଜା ଜନମେଜୟ କଟକ ମହାନଦୀର ଅପର ପାର୍ଶ୍ୱସ୍ଥିତ ଚଉଦ୍ୱାର ନଗର ବସାଇଥିଲେ । କେଶରୀ ପଦ ପରବର୍ତ୍ତୀ କାଳର ସୃଷ୍ଟି । କାରଣ ଏକାଦଶ ଓ ଦଶମ ଶତାବ୍ଦୀର ରାଜାମାନେ ଆପଣାକୁ କେଶରୀ ବୋଲି ପରିଚୟ ଦେଇନାହାନ୍ତି । ଉଦ୍ୟୋତ କେଶରୀଙ୍କ ଅନୁଶାସନ ଦ୍ୱାଦଶ ଶତାବ୍ଦୀର । ସୁତରାଂ କେଶରୀରାଜାମାନେ ଦଶମ ଶତାବ୍ଦୀରେ ରାଜତ୍ୱ କରୁଥିଲେ ଏବଂ ଆପଣାକୁ ଗୁପ୍ତ ବୋଲି ପରିଚୟ ଦେଉଥିଲେ । ଯଯାତି ୪୭୫ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିବା କଥା ଅମୂଳକ । ବାସ୍ତବିକ ସେ ୯୭୪ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ ।

ଦଶମ ଓ ଏକାଦଶ ଶତାବ୍ଦୀରେ ଯେଉଁ ରାଜାମାନେ ସମ୍ବଲପୁରରେ ରାଜତ୍ୱ କରୁଥିଲେ ସେମାନଙ୍କ ନାମ କ୍ରମରେ ଦିଆଗଲା ।

ଜନମେଜୟ ବା ମହାଭବଗୁପ୍ତ-୧ ପୁତ୍ର ଶିବଗୁପ୍ତ

|

ଯଯାତି ବା ମହାଶିବ ଗୁପ୍ତ

|

ଭୀମରଥ ବା ମହାଭବ ଗୁପ୍ତ-୨

ତାମ୍ରଶାସନରେ ଉଲ୍ଲେଖ ଅଛି ଯେ ଭଟ୍ଟତା ବ୍ରାହ୍ମଣ ମାନେ ଉଡ୍ର ଦେଶର ମଧ୍ୟଦେଶାନ୍ତର୍ଗତ ଶ୍ରାବସ୍ତୀ ଗ୍ରାମରୁ ଆସିଥିଲେ । ମେଦନୀପୁରର ଦକ୍ଷିଣାଂଶ ବର୍ତ୍ତମାନ ସୁଦ୍ଧା ମଧ୍ୟଦେଶ ନାମରେ ପରିଚିତ । ପୂର୍ବେ ସେତେବେଳେ ଏହା ଉଡ୍ର ଦେଶାନ୍ତର୍ଗତ ଥିଲା । ଏ ସ୍ଥାନର ବ୍ରାହ୍ମଣମାନେ ଆଦ୍ୟାବଧି ଉଡ଼ିଆ ପୋଥି ପଢନ୍ତି, ଉଡ଼ିଆ ପୋଥି ସାଇତି ଅଛନ୍ତି । ଏମାନେ ମଧ୍ୟ ଦେଶୀ ବ୍ରାହ୍ମଣ ବୋଲି କଥିତ ଏବଂ ବଙ୍ଗାଳୀ ବ୍ରାହ୍ମଣମାନଙ୍କ ସହିତ ଏମାନଙ୍କର ବୈବାହିକ ସମ୍ପର୍କ ନାହିଁ । ସମ୍ଭବତଃ ଏମାନେ ଧଳଭୂମ ଓ ଘାଟ ଦେଇ ଝାଡ଼ଖଣ୍ଡ ବାଟେ ଉତ୍କଳକୁ ଆସିଥିଲେ । ଏମାନେ ଝାଡ଼ୁଆ ବ୍ରାହ୍ମଣ ଏବଂ ପରେ ଯେଉଁମାନେ ଆସିଥିଲେ ସେମାନେ ଉଡ଼ିଆ ବ୍ରାହ୍ମଣ ବୋଲି ପରିଚିତ ।

ସୋମବଂଶୀ ରାଜାମାନେ ସମ୍ବଲପୁରରେ କେତେକାଳ ରାଜତ୍ୱ କରିଥିଲେ ତାହା ଜାଣିବା କଠିନ । ଜଣାଯାଏ ସେମାନେ ଶାସନକାର୍ଯ୍ୟ ଚଳାଇବା ଲାଗି କାର୍ଯ୍ୟନିର୍ବାହକ ଦଳ ଏବଂ ଶାସନକର୍ତ୍ତାମାନ ନିଯୁକ୍ତ କରିଥିଲେ । କଥିତ ହୁଏ ଆଠମଲ୍ଲିକ ସାହାଯ୍ୟରେ ରାଜ୍ୟ ଶାସିତ ହେଉଥିଲା । ସ୍ୱେଚ୍ଛାଧୀନ ଶାସନ ପୂର୍ବରୁ ଆଠମଲ୍ଲିକ ଶାସନ ପ୍ରଥା ପ୍ରଚଳିତ ଥିଲା । ଆଠମଲ୍ଲିକ ଗଡ଼ ଏ ରାଜ୍ୟର ଅଗ୍ନି କୋଣରେ ଅବସ୍ଥିତ । ମଲ୍ଲିକ ଶବ୍ଦ ପାଲି ଶବ୍ଦ ମହାଲିକ ଶବ୍ଦର ଅପଭ୍ରଂଶ । ଏ ଶବ୍ଦର ଅର୍ଥ ପୁରାତନ ଓ ବଡ଼ । ଭିନ୍ନ ଭିନ୍ନ ଗ୍ରାମର ପ୍ରଧାନମାନେ ଯେଉଁମାନେ ହକର ଦାୟୀ ହୁଅନ୍ତି ସେମାନଙ୍କ ନାମ ମଲ୍ଲିକ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଉପାଧି ଧାରଣ କରୁଅଛନ୍ତି । ସମ୍ଭବତଃ ଏ ଦେଶରେ ଆଠଜଣ ସଭ୍ୟ ଥିଲେ । ସ୍ୱେଚ୍ଛାଧୀନ ରାଜାମାନଙ୍କ ବଂଶାନୁଚରିତରେ ଏ ଶାସନ ପ୍ରଥା ବିଷୟ ଉଲ୍ଲେଖ ଅଛି । ଏ ବିଷୟ ମଧ୍ୟ ବୁଢ଼ାସମ୍ବରର ଜମିଦାରଙ୍କ ଦ୍ୱାରା ପ୍ରକାଶିତ ନୃସିଂହ ମାହାତ୍ମ୍ୟ ପୁସ୍ତକରେ ଉଲ୍ଲେଖ ଅଛି । ବର୍ତ୍ତମାନ ରାଜାମାନେ ଯେଉଁ ଜାତି ସେବେହେଲେ ବା ପ୍ରଧାନ ନିଯୁକ୍ତ କରନ୍ତି, ତାହା ପୂର୍ବ ପ୍ରଥାର ଚିହ୍ନ ମାତ୍ର ।

ଅନ୍ୟ ଗୋଟିଏ ତାମ୍ରଶାସନ ମିଳେ । ଏ ତାମ୍ରପତ୍ର ସୋନପୁରର କୁମାର ସୋମେଶ୍ୱରଙ୍କ ସମୟର । ଏଥିରୁ ପ୍ରକାଶ ହୁଏ ଯେ ମହାଭବଗୁପ୍ତଙ୍କ ବଂଶର ଉଦ୍ୟୋତକେଶରୀ ସୋନପୁର ରାଜ୍ୟକୁ ଅଭିମନ୍ୟୁ ଦେବଙ୍କୁ ଦାନ କରିଥିଲେ । ହୋଇପାରେ, ଅଭିମନ୍ୟୁଦେବ କେବଳ ପ୍ରଥମରେ ଶାସନକର୍ତ୍ତା ଥିଲେ ଏବଂ ସୁବିଧା ସୁଯୋଗ ଦେଖି ନିଜେ ପଶ୍ଚିମ ଲଙ୍କାଧିପତି ହୋଇ ବସିଲେ । ସୋନପୁର କାହିଁକି ପୂର୍ବେ ପଶ୍ଚିମଲଙ୍କା ବୋଲି କଥିତ ହେଉଥିଲା ତାହା ଜଣା ପଡ଼ୁନାହିଁ । ତାମ୍ର-ଶାସନରେ ଲେଖାଅଛି ଯେ ପଶ୍ଚିମଲଙ୍କା ନାମଧାରୀ ସୋନପୁର ରାଜ୍ୟ ମହାଭବ-

ଗୁପ୍ତ ବଂଶାବତଂସ ଉଦ୍ୟୋତକେଶରୀଙ୍କ ଦ୍ୱାରା ଅଭିମନ୍ୟୁ ଦେବଙ୍କୁ ପ୍ରସାଦୀକୃତ ଅର୍ଥାତ୍ ଦତ୍ତ । କାମ୍ପାମଲ୍ଲ ତାମ୍ରଶାସନରେ ଲେଖାଅଛି ଯେ ସୋମେଶ୍ୱରଦେବ ବର୍ମ୍ମ ଦାନ ଦେଲାବେଳେ ଯେ ଯୋନପୁରରେ ଥିଲେ ଏବଂ ତାଙ୍କର ରାଜଧାନୀ ମହାନଦୀ ତଟ ସନ୍ନିକଟ ଲଙ୍କେଶ୍ୱରୀ ବା ଲଙ୍କାବର୍ତ୍ତିକ ପାହାଡ ନିକଟରେ ଥିଲା । ବର୍ତ୍ତମାନ ଗ୍ରାମନଗରର ଠିକ୍ ଏହି ସ୍ଥାନରେ ଏବଂ ଲଙ୍କେଶ୍ୱରୀ ବର୍ତ୍ତମାନ ଲଙ୍କାବର୍ତ୍ତିର ନାମ ବିଜୟବାବୁଙ୍କ ମତରେ ବ୍ରହ୍ମେଶ୍ୱର ଦେଉଳର ଖୋଦିତ ଲିପିରୁ ଜଣାଯାଏ ଯେ ତ୍ରିକଳିଙ୍ଗ ଗୁପ୍ତବଂଶାବତଂସ ଉଦ୍ୟୋତକେଶରୀ ଜଣେ ସାମାନ୍ୟ ରାଜା ଥିଲେ ଏବଂ ଦ୍ୱାଦଶ ଶତାବ୍ଦୀରେ ରାଜତ୍ୱ କରୁଥିଲେ । ସେତେବେଳେ ଗଙ୍ଗବଂଶୀ ରାଜାମାନେ ଓଡ଼ିଶାରେ ରାଜତ୍ୱ କରୁଥିଲେ । ସୁତରାଂ ଏ ତାମ୍ରଶାସନର ସମୟ ଦ୍ୱାଦଶ ଶତାବ୍ଦୀର ଶେଷଭାଗ । ତ୍ରୟୋଦଶ ଶତାବ୍ଦୀ ପ୍ରାରମ୍ଭରେ ଯୋନପୁର ଯେଉଁ ଶାସନକର୍ତ୍ତାଙ୍କ ଦ୍ୱାରା ଶାସିତ ହେଉଥିଲା ସେ ତ୍ରିକଳିଙ୍ଗ ଗୁପ୍ତମାନଙ୍କଠାରୁ କ୍ଷମତା ପାଇଥିଲେ । ଜନ୍ମେଜୟଙ୍କ ପୂର୍ବ ରାଜାମାନଙ୍କ ଇତିହାସ ଅପ୍ରାପ୍ତ । ଏପିଗ୍ରାଫିକା-ଇଣ୍ଡିକାରେ ଅନୁଶାସନମାନ ପ୍ରକାଶିତ ହୋଇଛି । ଗୁପ୍ତରାଜାମାନଙ୍କ ପରେ ଭଞ୍ଜ ରାଜବଂଶର ପରିଚୟ ମିଳେ । ଏହି ଭଞ୍ଜ ବଂଶର ଅନ୍ୟ ଏକ ଶାଖା ବାମନଘାଟି-ଠାରୁ ସମୁଦ୍ରର ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ବାମନଘାଟି ମୟୂରଭଞ୍ଜରେ । ବିଜୟବାବୁଙ୍କ ମତରେ ଯୋନପୁର ରାଜ୍ୟରେ ଶତ୍ରୁଭଞ୍ଜ ଦେବଙ୍କର ଯେଉଁ ତାମ୍ରଶାସନ ମିଳେ ସେଥିରୁ ଜଣାଯାଏ ସେଗୁଡ଼ିକ ୧୩ଶ ଶତାବ୍ଦୀରୁ ଅଧିକ ପୁରାତନ ନୁହେଁ । ଏ ଶତ୍ରୁଭଞ୍ଜ ଶୀଲଭଞ୍ଜଙ୍କ ପୁତ୍ର । ଏ ଖେମୁଣ୍ଡିରେ ବାସ କରୁଥିଲେ । ସେ ଉଭୟ ଖେମୁଣ୍ଡିର ଅଧିପତି ଥାଇ ବହୁଦ ରାଜ୍ୟ ଶାସନ କରୁଥିଲେ । ଏହି ଭଞ୍ଜମାନେ ସମୁଦ୍ର କୂଳର ରାଜ୍ୟମାନଙ୍କ ଉପରେ ହସ୍ତକ୍ଷେପ କରି ନ ଥିଲେ । କେବଳ ସମୁଦ୍ରଠାରୁ ବାମନଘାଟି ପର୍ଯ୍ୟନ୍ତ ଅରଣ୍ୟ ପ୍ରଦେଶରେ ରାଜ୍ୟ ବିସ୍ତାର କରୁ-ଥିଲେ । ବାମନଘାଟିରୁ ଯେଉଁ ତାମ୍ରଶାସନ ମିଳିଛି ସେଥିରୁ ଜଣାଯାଏ ବାମନଘାଟି ଶାଖାର ପ୍ରଥମ ରାଜା ମୟୂରଭଞ୍ଜରେ ରାଜ୍ୟ ସ୍ଥାପନ କରିଥିଲେ ଏବଂ ତାଙ୍କ ନାମ ବୀରଭଦ୍ର ଥିଲା । ସେ କୋଟ୍ୟାଶ୍ରମ ବନରେ ଜନ୍ମଗ୍ରହଣ କରିଥିଲେ । ତେଣୁ ଭଞ୍ଜମାନେ ଅଣ୍ଡଜ ବଂଶ । ନୃସିଂହ ମାହାତ୍ମ୍ୟ ପୁସ୍ତକରେ ଏହି କଥା ବର୍ଣ୍ଣିତ ଅଛି । ବହୁତ ରାଜବଂଶାବଳୀରୁ ଜଣାଯାଏ ଯେ ଏମାନେ ଖିମୁଣ୍ଡିର ଭଞ୍ଜରାଜାମାନଙ୍କ ବଂଶଧର ନଥାଇ ମୟୂରଭଞ୍ଜର ଭଞ୍ଜରାଜାମାନଙ୍କ ବଂଶଧର ଏବଂ ଏମାନଙ୍କ ରାଜତ୍ୱ ପଞ୍ଚଦଶ ଶତାବ୍ଦୀରେ ଆରମ୍ଭ ହୋଇଥିବାର ଅନୁମିତ ହୁଏ ।

ପୁନଶ୍ଚ କାମ୍ପାମଲ୍ଲ ତାମ୍ରଶାସନରୁ ଜଣାଯାଏ, ବର୍ମ୍ମ ରାଜାମାନେ ଯୋନ-ପୁରରେ ରାଜତ୍ୱ କରୁଥିଲେ । ସୋମେଶ୍ୱର ଏବଂ ତାଙ୍କ ବଂଶଧରମାନଙ୍କ ବଂଶତତ୍ତ୍ୱ

'ହ୍ରିଜନ୍' । ଏମାନେ ସୂର୍ଯ୍ୟବଂଶୀୟ ବୋଲି ଦାବି କରନ୍ତି । ତାମ୍ରଶାସନରେ ସ୍ପଷ୍ଟ ଲେଖାଅଛି ଯେ, ଏମାନଙ୍କ ପୂର୍ବପୁରୁଷ ଅଯୋଧ୍ୟାରୁ ଆସିଥିଲେ । ବିଜୟଚନ୍ଦ୍ରଙ୍କ ମତରେ ଏମାନେ ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗରେ ସ୍ୱତନ୍ତ୍ର କରିଥିଲେ । ଯୋଗେଶ୍ୱର ବର୍ମ୍ମ ବୈଦ୍ୟନାଥ ମହାପ୍ରଭୁଙ୍କ ଭକ୍ତ ଥିବାର ଉଲ୍ଲେଖ ଅଛି । ତେଲ ନଦୀର ବାମପାର୍ଶ୍ୱର ତଟ ନିକଟରେ ଅର୍ଥାତ୍ ସୋନପୁର ଗଡ଼ଠାରୁ ୧୨ ମାଇଲ ଦୂରରେ ବୈଦ୍ୟନାଥଙ୍କ ଦେଉଳ ଅଛି । ସମ୍ଭବତଃ ଏ ଦେଉଳ ଯୋଗେଶ୍ୱର ଦେବଙ୍କ ଦ୍ୱାରା ନିର୍ମିତ ହୋଇ ଥିଲା । ପାଟଣା ଷ୍ଟେଟର ବହୁକାଳୀନ ପ୍ରସିଦ୍ଧ ଦେଉଳ ସମ୍ଭବତଃ ବର୍ମ୍ମ ରାଜାମାନଙ୍କଦ୍ୱାରା ନିର୍ମିତ ହୋଇଥିଲା । ଯେଉଁ ଗ୍ରାମରେ ଦେଉଳ ଅଛି, ସେ ଗ୍ରାମ ନାମ ବୈଦ୍ୟନାଥ ଅଛି । ମାଟି ଦେବତାଙ୍କ ନାମ କୋଶଳେଶ୍ୱର ଅର୍ଥାତ୍ କୋଶଳ ରାଜ୍ୟର ଈଶ୍ୱର ବା ଦେବତା ।

ଏମାନଙ୍କ ପରେ ଚୌହାନମାନଙ୍କ ରାଜତ୍ୱ ଆରମ୍ଭ ହେଲା । ଏମାନଙ୍କ ବଂଶାନୁଚରିତରୁ ଜଣାଯାଏ ଯେ, ଦିଲ୍ଲୀର ପୃଥ୍ୱୀରାଜଙ୍କ ବଂଶଧର ହୁମେରୁ ମୁସଲ-ମାନମାନଙ୍କ ହାତରୁ ହାରି ଉତ୍ତରଭାରତର ମୈନପୁରୀରେ ଆପଣାର ରାଜ୍ୟ ହରାଇ ରାଣୀଙ୍କ ସହିତ ପାଟଣା ରାଜ୍ୟର ସୀମାନ୍ତ ପ୍ରଦେଶକୁ ପଳାଇ ଆସିଥିଲେ, ଏବଂ ଶେଷରେ ପାଟଣା ନିକଟରେ ଗୋଟିଏ କ୍ଷୁଦ୍ର ରାଜ୍ୟ ସ୍ଥାପନ କଲେ ।

ହୁମେରୁ ଅନେକ ସ୍ଥାନରୁ ଲୋକମାନଙ୍କ ସାହାଯ୍ୟ ନେଇ ଅବଶେଷରେ ବୁଡ଼ାସମ୍ବର ଏବଂ ପାଟଣାରେ ଆପଣାର ରାଜ୍ୟ ସୁଦୃଢ଼ କଲେ । ଏତତ୍ ଘଟଣା ଖଣ୍ଡିଆ ପକ୍ଷରେ ଅସମ୍ଭବ ନୁହେଁ । ଖଣ୍ଡିଆ ଇଚ୍ଛା କଲେ ଅଚିରେ ବାହୁବଳଦ୍ୱାରା ଯେ କୌଣସି ସ୍ଥାନ ଅଧିକାର କରି ରାଜ୍ୟସ୍ଥାପନ କରିପାରେ । ବିଶେଷତଃ ଅରଣ୍ୟ-ବାସୀ ଅସଭ୍ୟ ଜାତିମାନେ ଆପଣା ଆପଣା ମଧ୍ୟରେ ବିବାଦ କରି ଦୃଢ଼ ଶାସନ ପ୍ରଣାଳୀ ସଂସ୍ଥାପିତ କରିବା ଉଦ୍ଦେଶ୍ୟରେ ଖଣ୍ଡିଆ ରାଜାଙ୍କ ହାତରେ ସମର୍ପଣ କରୁଥିଲେ । ବଂଶାନୁଚରିତରୁ ଜଣାଯାଏ ଯେ, ହୁମେରୁଙ୍କ ପୁଅ ରମେଇ ଦେଓ ପାଟଣାରେ ଆଦ୍ୟମଲ୍ଲିକ ଶାସନର ଅଧିନାୟକ ହେଲେ ଏବଂ ଗଡ଼ ସମ୍ଭଳରେ ତାଙ୍କର ପ୍ରଧାନ ନିବାସ କରିଥିଲେ । ରମେଇ ଦେଓ ବୁଡ଼ାସମ୍ବରର ବିଞ୍ଝାଲ ରାଜାଙ୍କ ସାହାଯ୍ୟରେ ଆପଣା ଶାସନ ସ୍ଥାପନ କଲେ । ଏହି ବିଞ୍ଝାଲ ସର୍ଦ୍ଦାର ରମେଇଦେଓଙ୍କ ଅଧୀନତା ସ୍ୱୀକାର କରି ବୁଡ଼ାସମ୍ବରର ପ୍ରଥମ ଜମିଦାର ହେଲେ ।

ନୃସିଂହ ମାହାତ୍ମ୍ୟରୁ ଜଣାଯାଏ ଯେ ବର୍ତ୍ତମାନ ସୁଦ୍ଧା ୩୦ ଜଣ ଜମିଦାର ବୁଡ଼ାସମ୍ବରରେ ଶାସନ କରୁଅଛନ୍ତି । ପାଟଣା ରାଜାଙ୍କ ବଂଶାବଳୀରୁ ଜଣାଯାଏ

ରମେଇଦେଓଙ୍କଠାରୁ ଅଦ୍ୟାବଧି ୩୦ ଜଣ ରାଜତ୍ୱ କରିଛନ୍ତି । ଏହି ୩୦ ପୁରୁଷଙ୍କୁ ଅନ୍ଦାଜ ୫୦୦ ବର୍ଷ ଧରାଗଲେ ଚୌହାନ ଶାସନ ୧୪୦୦ ଶତାବ୍ଦୀରେ ଆରମ୍ଭ ହୋଇଥିବାର ଅନୁମିତ ହୁଏ ।

ନରସିଂହ ଦେଓ ପାଟଣା ରାଜବଂଶର ଦ୍ୱାଦଶ ରାଜା । ସେ ସମ୍ବଲପୁର ଜିଲ୍ଲାକୁ ତାଙ୍କ ଭାଇ ବଳରାମ ଦେଓଙ୍କୁ ଦେଇଥିଲେ । ବଳରାମଙ୍କ ନାତି ବଳଭଦ୍ର ଦାସ । ସେହି ବଳଭଦ୍ର ସୋନପୁର ଜୟ କରିଥିଲେ ଏବଂ ସେଠାରେ ଆପଣାର ୨ୟ ପୁଅ ମଦନଗୋପାଳଙ୍କୁ ରାଜା କରିଥିଲେ । ପାଟଣାର ଚୌହାନ ରାଜାମାନେ ସମଗ୍ର ସମ୍ବଲପୁର ଭୂଖଣ୍ଡର ଶାସନକର୍ତ୍ତା ହେଲେ ଏବଂ କ୍ରମେ ଓଡ଼ିଶା ଏବଂ ଗଣ୍ଡୱାନା ପ୍ରଦେଶର ଅନେକ ରାଜ୍ୟ ଆଡ଼କୁ ଆପଣା କ୍ଷମତା ବିସ୍ତାର କଲେ । ସାର୍ ଏଲେକ୍‌ଜାଣ୍ଡାର କ୍ଲାର୍କ୍ କହନ୍ତି ଯେ, ଚୌହାନ ରାଜାମାନେ ୧୮ ଗଡ଼ଜାତର ଅଧିପତି ଥିଲେ । ବାମଣ୍ଡା, ଗାଙ୍ଗପୁର, ବଉଦ, ରେଢ଼ାଖୋଲ, ଖରିଅଡ଼, ସୋରନଗର, ବିନ୍ଦ୍ରାନୁଆଗଡ଼, ପତ୍ର, ଭୁଣ୍ଡାପଦ୍ମପୁର, ଫୁଲଝର, ବହୁଦ, ଆଠଗଡ଼, ପଞ୍ଚଗଡ଼, ମୟୂରଭଞ୍ଜ, କେନ୍ଦୁଝର ରାଜାମାନେ ପାଟଣା ଚୌହାନଙ୍କ ବଶ୍ୟତା ସ୍ୱୀକାର କରିଥିବା ବିଷୟ ଓମାଲିଙ୍କ ଗେଜେଟିଅରରେ ଲେଖାଅଛି । ନୃସିଂହ ମାହାତ୍ମ୍ୟରେ ଲେଖାଅଛି ଯେ, ଭୁଣ୍ଡାପଦ୍ମପୁର ଜମିଦାରଙ୍କର ପାଟଣା ରାଜା ଗାଦିରେ ବସିଲେ ଟୀକା କରିବାର କ୍ଷମତା ଥିଲା । କାରଣ ସେ ଚୌହାନମାନଙ୍କ ରାଜ୍ୟାଧିକାର ବିଷୟରେ ବହୁତ ସାହାଯ୍ୟ କରିଥିଲେ । ଫୁଲଝର ଗଣ୍ଡ ଜମିଦାରମାନେ ସ୍ୱୀକାର କରନ୍ତି ଯେ, ସେମାନଙ୍କ ପୂର୍ବପୁରୁଷମାନେ ଚୌହାନ ମହାରାଜାଙ୍କ ଅଧୀନ ଥିଲେ ।

ସମ୍ବଲପୁରର ପ୍ରାଚୀନ ନାମ ସମ୍ବଲକା ବା ସମ୍ବରକା ଥିବାର ଜଣାଯାଏ । ଟଲେମି ସାହେବ ୨ୟ ଖ୍ରୀଷ୍ଟାବ୍ଦରେ ଏ ନାମର ଉଲ୍ଲେଖ କରିଥିଲେ । ସେ ଯେଉଁ ସ୍ଥାନକୁ ସମ୍ବଲକା ବୋଲି ବର୍ଣ୍ଣନା କରିଅଛନ୍ତି, ସେ ସ୍ଥାନ ସମ୍ବଲପୁର ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ସେ ଲେଖିଛନ୍ତି ଯେ ମାନଦା ନଦୀ ସିବର୍ଚ୍ଚ ରାଜ୍ୟରୁ ବାହାରିଛି ଏବଂ ସେ ନଦୀଶଯ୍ୟାରେ ସୁବର୍ଣ୍ଣ ମିଳେ । ସମ୍ବଲକାଠାରୁ ଅନ୍ୟାନ୍ୟ ସ୍ଥାନକୁ ସ୍ୱର୍ଣ୍ଣ ପ୍ରେରିତ ହେଉଥିଲା । ମୁଣ୍ଡାମାନେ ଏହି ସମ୍ବଲପୁର ନିକଟରେ ବାସ କରନ୍ତି । ଐତିହାସିକ ଉବକ ସାହେବ ସ୍ଥିର କରିଛନ୍ତି ଯେ ସୋମେଲପୁର ବା ସମ୍ବଲପୁରରୁ ରୋମ ରାଜ୍ୟକୁ ହୀରା ପ୍ରେରିତ ହେଉଥିଲା । ହୁଏନସାଂ ଲେଖିଛନ୍ତି ଯେ, ଗଡ଼ଜାତରୁ ହୀରା ଆସି କଳିଙ୍ଗରେ ବିକ୍ରି ହେଉଥିଲା । ଝରାମାନେ ସମ୍ବଲପୁରରେ ହୀରା ସଂଗ୍ରହ କରନ୍ତି ଏବଂ ସେହିମାନେ କଳିଙ୍ଗରେ ହୀରା ଆଣି

ବିକ୍ରୀତ ହେଉଥିଲେ। ସମ୍ବଲପୁର ଇଂରେଜ ଶାସନାଧୀନ ହେବା ପୂର୍ବରୁ ଇଙ୍ଗ୍ରେଜମାନେ ଜାଣିଥିଲେ ଯେ, ସମ୍ବଲପୁରରେ ହୀରା ମିଳୁଥିଲା। ୧୭୬୬ ଖ୍ରୀଷ୍ଟାବ୍ଦରେ କ୍ଲାଇଭ୍ ସାହେବ ମଟ୍‌ଟେ ସାହେବଙ୍କୁ ହୀରା କିଣିବା ଲାଗି ସମ୍ବଲପୁର ପଠାଇଥିଲେ। ସମ୍ବଲପୁରବାସୀ ଜଣେ ହୀରା ଗ୍ରେଟବ୍ରିଟେନର ରାଜାଙ୍କୁ ହୀରା ବିକି ବଡ଼ ଦେପାର ଜମିଦାର ହୋଇଅଛନ୍ତି। ସୁତରାଂ ସମ୍ବଲପୁରରେ ଉତ୍ତମ ହୀରା ମିଳିବା ଖ୍ୟାତି ବହୁକାଳରୁ ଅଛି।

ସମ୍ବଲପୁର ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳିତ। ଲୋକମାନେ ଓଡ଼ିଆଭାଷୀ। ଅନ୍ୟାନ୍ୟ ସମସ୍ତ ଗଡ଼ଜାତରେ ଓଡ଼ିଆ ଭାଷା ପ୍ରଚଳିତ।

ସୋନପୁରରେ ଗୋଟିଏ ସ୍ତମ୍ଭ ଅଛି। ସାଧାରଣତଃ ଏହାକୁ ସ୍ତମ୍ଭେଶ୍ୱରୀଙ୍କ ସ୍ତମ୍ଭ ବୋଲି କହନ୍ତି। ଏ ସ୍ତମ୍ଭ କେବେ ପୋତା ହୋଇଥିଲା ତାହା ଜଣା ନାହିଁ। କିମ୍ବଦନ୍ତୀ ଅଛି ଯେ, ରାଜା ମଦନଗୋପାଳ ଗୋଟିଏ ମାଟିତୋଳା ଖୋଳୁ ଖୋଳୁ ଏ ସ୍ତମ୍ଭ ପାଇଥିଲେ। କେହି କେହି କହନ୍ତି, ରାଜା ରାଜସିଂହଙ୍କ ସ୍ତ୍ରୀ ତାଙ୍କ ପିତାଙ୍କ ଗୃହ ଦେଶମୁଣ୍ଡିରୁ ଗୋଟିଏ କୁଣ୍ଡାଇ ସ୍ତମ୍ଭ ଆଣିଥିଲେ। ଏଥିରେ ତାଙ୍କ ସ୍ୱାମୀ ସମ୍ଲେଶ୍ୱରୀଙ୍କ ପାଇଁ ଗୋଟିଏ ଦେଉଳ ନିର୍ମାଣ କରି ଦେଇଥିଲେ।

ସ୍ତମ୍ଭେଶ୍ୱରୀଙ୍କୁ ବ୍ରାହ୍ମଣ କ୍ଷତ୍ରିୟମାନେ ପୂଜା କରନ୍ତି ନାହିଁ। କେବଳ କୌଣସି ଦେବତାଙ୍କ ଖମ୍ବ ବୋଲି ତାର ବିଶେଷତ୍ୱ। ଖମ୍ବେଶ୍ୱରୀ ବା ସ୍ତମ୍ଭେଶ୍ୱରୀ ଠାକୁରାଣୀ ସମ୍ବଲପୁର ଓ ଓଡ଼ିଶା ଗଡ଼ଜାତ ମାହାଲର ପଶ୍ଚିମାଂଶରେ ଅଛନ୍ତି ଏବଂ ଦୁମାଲ ଲୋକେ ତାଙ୍କୁ ପୂଜା କରନ୍ତି। ଦୁମାଲମାନେ କହନ୍ତି, ସେମାନେ ପ୍ରଥମେ ଓଡ଼ିଶାରୁ ଆସିଥିଲେ। କେତେକ କହନ୍ତି, ସେମାନେ ଦେଶମୁଣ୍ଡିରୁ ଆସିଥିଲେ। କିମ୍ବଦନ୍ତୀ ଅଛି—

'ଦେଶମୁଣ୍ଡି ରାଜ: ଜଗନ୍ନାଥ ଦେଉଳକ ଖୁମ୍ବା ଗଲା ନିଏଇ।'

ଦୁମାଲମାନେ ପୁରୁଷଣ୍ଡ କଳାକାଠ ଖୁଣ୍ଟିରେ ପୋତି ଖମ୍ବେଶ୍ୱରୀଙ୍କୁ ପୂଜା କରନ୍ତି। ସେମାନେ କଳା ଲୁଗା ବା ଭୂଷଣ ପରିଧାନ କରନ୍ତି ନାହିଁ। ସେମାନେ ମୁଣ୍ଡରେ ସିନ୍ଦୂର ଲଗାନ୍ତି ନାହିଁ। ଖମ୍ବେଶ୍ୱରୀଙ୍କ ଦର୍ଶନ କଲା ଦିନରୁ ସେ କଳା ବର୍ଜ୍ଜନ କରନ୍ତି। ଆଶ୍ୱିନ ମାସରେ ଖମ୍ବେଶ୍ୱରୀ ପୂଜା ହୁଏ। ମହୁଆ ଗଛତଳେ ଏହି ପୂଜା ହୋଇଥାଏ। ଏମାନେ ହିନ୍ଦୁ ଏବଂ କଳଶୁଣ୍ଡି ଜାତି।

ବିଜୟବାବୁ ଖୋଦପୁର ସମ୍ବନ୍ଧରେ ଯେଉଁ କ୍ଷୁଦ୍ର ପୁସ୍ତକ ଖଣ୍ଡି ପ୍ରକାଶ କରିଛନ୍ତି, ତନ୍ମଧ୍ୟରେ ଯେ ସମସ୍ତ ବିଷୟ ଉଲ୍ଲେଖ ଅଛି, ତାହାର ଅଧିକାଂଶ ଉପରେ ପ୍ରକାଶିତ ହେଲା । କେଶରୀବାବୁ ଗଙ୍ଗବଂଶୀୟ ରାଜାମାନଙ୍କ ରାଜତ୍ୱ କାଳ ସମ୍ବନ୍ଧରେ ଯାହା ଲେଖିଛନ୍ତି ପ୍ରାଚୀନ ଉତ୍କଳର ଗଙ୍ଗବଂଶ ପ୍ରବନ୍ଧ ଦ୍ରଷ୍ଟବ୍ୟ । ଏଥିର ପୁନରାଲୋଚନା ଅନାବଶ୍ୟକ । ମାଦଳାପାଞ୍ଜି ପ୍ରତି ଦୃଷ୍ଟି ନ ଦେଇ ବିଜୟବାବୁ ଏପରି ସମସ୍ତ ସ୍ଥିର କରି ଭ୍ରମରେ ପଡ଼ିଅଛନ୍ତି ।

ବିଜୟବାବୁ ମହାଭବଗୁପ୍ତ ପ୍ରଭୃତି ଗୁପ୍ତରାଜାମାନଙ୍କୁ ଶବର ବଂଶଜ ବୋଲି ସ୍ଥିର କରିଛନ୍ତି । ମାତ୍ର ଅନ୍ୟାନ୍ୟ କେତେକ ବଙ୍ଗୀୟ ଲେଖକ ଏହି ତାମ୍ରଶାସନମାନଙ୍କ ଦୁହାଇ ଦେଇ ଜନମେଜୟ ଓ ଯଯାତି ପ୍ରଭୃତିଙ୍କୁ ବଙ୍ଗାଳୀ ବୋଲି ଦାବି କରୁଛନ୍ତି । ସୁତରାଂ କେଶରୀବଂଶୀୟ ରାଜାମାନେ ବଙ୍ଗାଳୀ ବୋଲି ସେମାନଙ୍କର ମତ । ଗୁପ୍ତମାନେ ଶବରବଂଶୀୟ ବୋଲି କନିଂହାମ ସାହେବଙ୍କର ମତ ଏବଂ ସେମାନେ ଉତ୍କଳର ଶବରବଂଶୀୟ ବୋଲି ସେ ଅନୁମାନ କରନ୍ତି ।

ଶବର ଜାତି ଯେ ଓଡ଼ିଶାରେ ନ ଥିଲେ ଏକଥା କୁହାଯାଇ ନ ପାରେ । ପ୍ରାଚୀନ କାଳରେ ନୀଳାଦ୍ରି ଶିଖରରେ ଶବର ଦ୍ୱୀପ ଥିଲା । ସେଠାରେ ପ୍ରଧାନ ନୈଷ୍ଠିକ ବିଶ୍ୱାବସୁ ନୀଳମାଧବ ମୂର୍ତ୍ତିଙ୍କୁ ପୂଜା କରୁଥିଲା । ବିଦ୍ୟାପତି ଯେତେବେଳେ ଓଡ଼ିଶାକୁ ଆସିଥିଲେ ସେତେବେଳେ ବିଶ୍ୱାବସୁ ଶବର ନୀଳମାଧବଙ୍କର ପୂଜକ ଥିଲା । ବିଦ୍ୟାପତି ବିଶ୍ୱାବସୁ କନ୍ୟାର ପାଣିଗ୍ରହଣ କରିଥିଲେ ଏବଂ ଏମାନଙ୍କ ଗର୍ଭଜାତ ସନ୍ତାନମାନେ ଦଇତା ନାମରେ ପରିଚିତ । ଦେଉଳତୋଳା ପୁସ୍ତକରେ ଏ ବିଷୟ ବର୍ଣ୍ଣିତ ଅଛି । ସୁତରାଂ ଯଯାତି ପ୍ରଭୃତି ସେ ବଙ୍ଗାଳୀ ନୁହନ୍ତି ଏ କଥା ସ୍ପଷ୍ଟ ପ୍ରମାଣିତ ହୁଏ ।

ଆଠଗଡ଼ — ଉତ୍ତରରେ ଢେଙ୍କାନାଳ, ଦକ୍ଷିଣ ଓ ପୂର୍ବରେ କଟକ, ଦକ୍ଷିଣରେ ମହାନଦୀ, ପଶ୍ଚିମରେ ତିଗିରିଆ ଓ ଢେଙ୍କାନାଳ । କ୍ଷେତ୍ରଫଳ ୧୬୮ ବର୍ଗମାଇଲ । ଏ ରାଜ୍ୟ ପ୍ରାଚୀନ କାଳରେ ପୂର୍ବ ଦିଗରେ କଟକଦ୍ୱାରବେଲ ଓ ଡାଳିଯୋଡ଼ା ପ୍ରଗଣା ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ପଶ୍ଚିମ ଦିଗରେ ତିଗିରିଆ ପର୍ଯ୍ୟନ୍ତ, ଉତ୍ତର ଦିଗରେ କପିଳାସଠାରୁ ଗୋବିନ୍ଦପୁର, ବନ୍ଧଅନ୍ଧାର, ନଡ଼ିଆଲି କୁମ୍ଭପ୍ରୟାଗ ଓ ପଞ୍ଚିନେଶ୍ୱର ଦେଉଳ ପର୍ଯ୍ୟନ୍ତ; ଦକ୍ଷିଣରେ ବାଙ୍କି, ଡମପଡ଼ା, ମାଝି ଓ ସରିଆ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରାୟ ୧୦୭ ବର୍ଷ ପୂର୍ବେ ପତ୍ରକାଣ ଓ ବନ୍ଦୁକୋଟ ଅନ୍ତିକମଣ୍ଡଳ କରିଥିଲେ । ଢେଙ୍କାନାଳ ରାଜା ଆଠଗଡ଼ ରାଜାଙ୍କର

ସୁଲଟି ଅବଧି ସବାଙ୍କ ବଂଶର ମଦନମୋହନଦେବ ଅଧିକାଂଶ ସ୍ଥାନମାନ ଦଖଲ କଲେ ଅର୍ଥାତ୍ କର୍ପାସ ଦେଉଳଠାରୁ କୃଷ୍ଣପ୍ରସାଦ ଗଡ଼ର ପଶ୍ଚିମେଶ୍ୱର ଦେଉଳ ପର୍ଯ୍ୟନ୍ତ । ଅଠରଶହ ଟଙ୍କା ନଜର ଏବଂ ଏହାଙ୍କ ପଦ "ଶ୍ରୀମନ୍ତ ଦେବଗଡ଼ା ପଟ୍ଟନାୟକ ।" ସେଠାରୁ ଦେବଗଡ଼ା ପଟ୍ଟନାୟକ ଗୋଷ୍ଠୀର ବଂଶଧରମାନେ ସେ ସୁଦ୍ଧା ରାଜାଙ୍କର ଦେବଗଡ଼ା ବା ମନ୍ତ୍ରୀ ଥିଲେ ଏବଂ ପଦ ପାଉଥିଲେ । ଉତ୍ତମ କାର୍ଯ୍ୟ କରୁଥିବାରୁ ସୁଦ୍ଧା ରାଜା ତାଙ୍କୁ ଅଠରଶହ ପୁରସ୍କାର ଦେଉଥିଲେ । କେହି କେହି କହନ୍ତି ଦେବଗଡ଼ା ପୁରୀ ରାଜାଙ୍କ ଭଣ୍ଡାରୀ ସବାଙ୍କ ବଂଶର ଏ ପଦ ପୈତୃକ ପାଉଥିଲେ । ଇଂରେଜ ସରକାରଙ୍କ ସମୟରେ ଏ ଟଙ୍କା ଦାବି କରୁଥିଲେ । ବର୍ତ୍ତମାନ ରାଜାଙ୍କ, ଜେଲ୍ଲା ଏ ଶାସନରେ ୫୦ ଜଣ ଟଙ୍କା ଗ୍ରହଣ କରୁଛନ୍ତି ।

ଆଠମଲ୍ଲିକ—ଉତ୍ତରରେ ରେଢ଼ାଖୋଲ, ପୂର୍ବରେ ଅନୁଗୁଳ, ଦକ୍ଷିଣରେ ମହାନଦୀ, ପଶ୍ଚିମରେ ସୋନପୁର ଓ ରେଢ଼ାଖୋଲ । କ୍ଷେତ୍ରଫଳ ୭୩୦ ବର୍ଗ ମାଇଲ । ଜୟପୁର ରାଜାଙ୍କର ଶାଙ୍କ ଭାଇଙ୍କ ବଂଶର ପ୍ରତାପ ଦେବ ଜଗନ୍ନାଥ ଦର୍ଶନ କରିବାକୁ ପୁରୀ ଆସିଥିଲେ । ଫେରିବେଳେ ବାଉଁଶଗଡ଼ରୁ ସୁଦ୍ଧ ରାଜାଙ୍କ ଦଳର ଲୋକମାନଙ୍କର ମତାନ୍ତର ହେଲା, ଏବଂ ଦୁଇଟି ଦଳ ବିଭକ୍ତ ହେଲେ । ଅଧ ଯାଏ ଘର ଗମନ କରି ସମ୍ବଲପୁରକୁ ପଳାଇଲେ । ବର୍ତ୍ତମାନର ହଣ୍ଡପା ଗଡ଼ ଜଣେ ଖଣ୍ଡ ରାଜାଙ୍କ ଅଧିକାରରେ ଥିଲା । ପ୍ରତାପଦେବ ତାଙ୍କୁ ପରାସ୍ତ କଲେ । ପ୍ରତାପଦେବ ସେଠାରେ ଗୋଟିଏ ପୁଷ୍କରିଣୀ ଖୋଳାଇଲେ ଏବଂ ଗୋଟିଏ ହଣ୍ଡା ପାଇଲେ । ସୁତରାଂ ସେ ସ୍ଥାନର ନାମ ହଣ୍ଡପାଗଡ଼ ହେଲା । ପ୍ରତାପଦେବଙ୍କ ପରେ ଜଣେ ରାଜା ଏହି ରାଜ୍ୟକୁ ଆଠ ଭାଗରେ ବିଭକ୍ତ କରି ଏବଂ ପ୍ରତ୍ୟେକ ଭାଗରେ ଜଣେ ଲେଙ୍କା ସରଦାର ନିଯୁକ୍ତ କଲେ । ସୁତରାଂ ହଣ୍ଡପା ନାମ ପରିବର୍ତ୍ତିତ ଆଠମଲ୍ଲିକ ନାମ ହେଲା । ଅନୁଗୁଳ ରାଜା ଆଠମଲ୍ଲିକର ଅନେକ ଅଂଶ ତାଙ୍କ ରାଜ୍ୟ ଭୁକ୍ତ ମିଶାଇନେଲେ । ଏମାନେ କଦମ୍ବ ବଂଶ ବୋଲି ପରିଚିତ ।

ବଡ଼ମ୍ବା—ଉତ୍ତରରେ ହିନ୍ଦୋଳ, ପୂର୍ବରେ ଟିଗିରିଆ ଦକ୍ଷିଣରେ କଟକ ଏବଂ ଖଣ୍ଡପଡ଼ା, ପଶ୍ଚିମରେ ନରସିଂହପୁର । ଏ ରାଜ୍ୟର ପ୍ରଧାନ ପର୍ବତ କନକ, ଉଚ୍ଚତା ୨୦୫୦ ଫୁଟ । କ୍ଷେତ୍ରଫଳ ୧୩୪ ବର୍ଗମାଇଲ ।

୧୩୦୫ ଖ୍ରୀଷ୍ଟାବ୍ଦରୁ ଏ ରାଜ୍ୟର ପ୍ରାରମ୍ଭ ବୋଲି ସର୍ବାନୁମତିରେ ଜଣାଯାଏ, ହଟକେଶ୍ୱର ରାଉତ ଜଣେ ବିଖ୍ୟାତ ମଲ୍ଲ ଥିଲେ । ସେ ତାଙ୍କ କାର୍ଯ୍ୟଦ୍ୱାରା ଓଡ଼ିଶା

ରାଜା କିଶୋର ନରସିଂହଙ୍କୁ ହତ୍ୟା କରି ତାଙ୍କଠାରୁ ଶଙ୍ଖ ଓ ମହୁରି ନାମକ ଦୁଇଟି ଜାଗିରଗ୍ରାମ ପୁରସ୍କାର ପାଇଲେ । ମୁକୁନ୍ଦେଶ୍ୱର ସେ ଜନ୍ତମାନଙ୍କୁ ତଡ଼ି ନେଇ ବଡ଼ାମ୍ବାରେ ସ୍ଥାପନ କଲେ ଏବଂ ସେହି ସମୟରୁ ସେଠାରେ ରାଜାମାନେ ବାସ କରୁଛନ୍ତି । ପ୍ରଥମ ରାଜ ବେଳେ କ୍ଷେତ୍ରଫଳ ୪ ବର୍ଗମାଇଲ ଥିଲା, ମାତ୍ର ମୁକୁନ୍ଦେଶ୍ୱର କ୍ରମେ ସୀମା ବୃଦ୍ଧି କଲେ ଏବଂ ତାଙ୍କ ମୃତ୍ୟୁ ସମୟକୁ ସେ ୫୦ ବର୍ଗମାଇଲ କରି ପାରିଥିଲେ । ମୁକୁନ୍ଦେଶ୍ୱର ପରେ ତାଙ୍କ ଶାଳକପୁତ୍ର ମଲ୍ଲେଶ୍ୱର ଉତ୍ତରାଧିକାରୀ ହେଲେ । ମଲ୍ଲେଶ୍ୱର ୧୮ ବର୍ଷ ରାଜତ୍ୱ କଲେ । ସେ ବଡ଼ାମ୍ବା ରାଜ୍ୟର ସୀମା ପଶ୍ଚିମରେ ଓଡ଼ାଳପୁର ପର୍ଯ୍ୟନ୍ତ ଏବଂ ଦକ୍ଷିଣ-ପଶ୍ଚିମରେ ପ୍ରାୟ ୫ ମାଇଲ ପର୍ଯ୍ୟନ୍ତ ବିସ୍ତୃତ କଲେ । ସେ ଓଡ଼ାଳପୁରରେ ଭଟ୍ଟାରିକା ବା ବୁଢ଼ୀଅମ୍ବା ବଡ଼ାମ୍ବା ଠାକୁରାଣୀଙ୍କ ଦେଉଳ ଆବିଷ୍କାର କଲେ ଏବଂ ସେହି ଠାକୁରାଣୀଙ୍କ ନାମାନୁସାରେ ରାଜ୍ୟର ନାମକରଣ କଲେ । ୪ର୍ଥ ରାଜା ସୋମେଶ୍ୱର ଦେବ ୧୩୭୪ ୧୪୧୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଖଣ୍ଡରୋଳର ଜମିଦାରଙ୍କୁ ଜିଣି ତାର ରାଜ୍ୟକୁ ଆପଣା ରାଜ୍ୟ ସହିତ ଯୋଗ କଲେ । ନୂତନ ରାଜ୍ୟର କ୍ଷେତ୍ରଫଳ ୨୦ ବର୍ଗମାଇଲ ହେବ । ପୂର୍ବସ୍ଥ କ୍ଷେତ୍ରଫଳ ୩୨ ବର୍ଗମାଇଲ ହେଲା । ପଞ୍ଚମ ରାଜା ଦୁର୍ଜନେଶ୍ୱର ରାଉତ ଅମାଡ଼ିଆ ଖଣ୍ଡାଏତଙ୍କୁ ଜୟ କରି ଉତ୍ତର ସୀମା ରଣପୁର ପର୍ଯ୍ୟନ୍ତ ବୃଦ୍ଧି କଲେ । ରଣପୁର ଗଡ଼ଠାରୁ ପଶ୍ଚିମକୁ ୮ ମାଇଲ ଦୂରରେ । ଏହି ରାଜା ୪୩ ବର୍ଷ ରାଜତ୍ୱ କରିଥିଲେ (୧୪୧୬-୧୪୫୯ ଖ୍ରୀଷ୍ଟାବ୍ଦ) । ଏହାଙ୍କ ରାଜତ୍ୱ ବେଳେ ପଶ୍ଚିମ ସୀମା ବର୍ତ୍ତମାନ ସୀମାରେ ପହଞ୍ଚିଲା । ତାଙ୍କ ଉତ୍ତରାଧିକାରୀମାନେ ପଶ୍ଚିମକୁ ରାଜ୍ୟବୃଦ୍ଧି କରିବାକୁ ଚେଷ୍ଟା କଲେ । ୬ଷ୍ଠ ରାଜା ଜାଲୁ ରାଉତ ୫୯ ବର୍ଷ ରାଜତ୍ୱ କରିଥିଲେ (୧୪୫୯-୧୫୧୮ ଖ୍ରୀଷ୍ଟାବ୍ଦ) ଏବଂ ସେ ରାଜ୍ୟର ପୂର୍ବ ସୀମା ମହୁଲିଆ ପର୍ଯ୍ୟନ୍ତ ବୃଦ୍ଧି କଲେ ପ୍ରାୟ ୬ ମାଇଲ ୭ମ ରାଜା ନବୀନ ରାଉତ ୬୩ ବର୍ଷ ରାଜତ୍ୱ କରିଥିଲେ (୧୫୩୭—୧୬୦୦ ଖ୍ରୀଷ୍ଟାବ୍ଦ) । ତାଙ୍କ ରାଜତ୍ୱ ସମୟରେ ବଡ଼ାମ୍ବାର ସୀମା ପୂର୍ବରେ ବାଧାରପୁର-ଠାରୁ ପଶ୍ଚିମରେ ରଣପୁର ପର୍ଯ୍ୟନ୍ତ ବିସ୍ତୃତ ହେଲା । ୧୮ଶ ରାଜା କୃଷ୍ଣଚନ୍ଦ୍ର ମଙ୍ଗରାଜଙ୍କ ରାଜତ୍ୱବେଳେ ମରହଟ୍ଟାମାନେ ଆକ୍ରମଣ କଲେ (୧୭୩୫—୧୭୬୫ ଖ୍ରୀଷ୍ଟାବ୍ଦ) । ସେ ମରହଟ୍ଟାମାନଙ୍କୁ ବର୍ଷକୁ ୭୩୩୫ କାହାଣ କଉଡ଼ି ଦେଇ ଅଧୀନତା ସ୍ୱୀକାର କଲେ ।

୧୭୫. ରାଜା ପଦ୍ମନାଭ ବୀରବର ମଙ୍ଗରାଜ ମହାପାତ୍ର ବଡ଼ ଦୁର୍ବଳ ଥିଲେ । ସେ (୧୭୬୮—୧୭୯୩ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ରାଜତ୍ୱର ପ୍ରଥମାବସ୍ଥାରେ ଦଶପଲ୍ଲା ରାଜା ଏ ରାଜ୍ୟ ଆକ୍ରମଣ କଲେ ଏବଂ ତାଙ୍କୁ ତଡ଼ି-

ଦେଇ ୧୩ ମାସ କାଳ ରାଜ୍ୟ ଦଖଲ କଲେ । ପଦ୍ମନାଭ ଦେବ ପୁଣି ରାଜାଙ୍କ ଶରଣ ନେଲେ ଏବଂ ତାଙ୍କ ସାହାଯ୍ୟରେ ରାଜ୍ୟ ପୁନର୍ଦ୍ଦଖଲ ପାଇଲେ । ୧୭୭୫ ଖ୍ରୀଷ୍ଟାବ୍ଦରେ ନରସିଂହପୁର ରାଜା ଆକ୍ରମଣ କରି କୁଇଗୋଡ଼ି ପ୍ରଧାନ ଦୁର୍ଗ ଖାଲେଶ୍ଵର ଏବଂ ଉଦପୁର ଅଧିକାର କଲେ । ରାଜା ଅକ୍ଷମ ହୋଇ ମରହଟ୍ଟାଙ୍କ ଶରଣ ନେଲେ ଏବଂ ତାଙ୍କ ସାହାଯ୍ୟରେ ବର୍ତ୍ତମାନ ନିଜର ପାଇଲେ । ମୋଗଲ-ମାନେ ଏ ରାଜ୍ୟରେ କୌଣସି ଆଧିପତ୍ୟ କରି ନଥିଲେ ।

ବଉଦ:— ଉତ୍ତରରେ ମହାନଦୀ, ପୂର୍ବରେ ଦଶପଲ୍ଲା ଦକ୍ଷିଣରେ କନ୍ଧ-ମାଳ, ପଶ୍ଚିମରେ ପାଟଣା ଓ ସୋନପୁର । କଥିତ ହୁଏ ଏ ରାଜ୍ୟର ଉତ୍ତର ସୀମା ଥିଲା ବାମଣ୍ଡା ଓ ଅନୁଗୁଳ । ବାମଣ୍ଡା ଓ ଅନୁଗୁଳ ଅତି ପ୍ରାଚୀନ କାଳରେ ବଉଦ ରାଜାଙ୍କର ଥିଲା । ଦକ୍ଷିଣ ସୀମା ଥିଲା ଘୁମୁସର ଓ ବଡ଼ଖେମୁଣ୍ଡି । ପଶ୍ଚିମ ସୀମା ଥିଲା ଅମାଇ ନଦୀ ଏବଂ ପୂର୍ବ ସୀମା ଥିଲା ଖଣ୍ଡପଡ଼ାର କନାଉ-ମୋହନ । ପୂର୍ବେ ଏ ରାଜ୍ୟର ଦୈର୍ଘ୍ୟ ପ୍ରସ୍ଥ ୮୦ କୋଶ ବା ୨୪୦ ମାଇଲ ଥିଲା । ମାତ୍ର କାଳକ୍ରମେ କେତେକ ଅଂଶ ବିଚ୍ଛିନ୍ନ ହୋଇଥିଲା ।

ରାଜା ସିଦ୍ଧେଶ୍ଵର ଦେବ କନାଉମୋହନ ନିକଟସ୍ଥ କଣ୍ଟିଲୋଠାରୁ ଉଦଣ୍ଡିମୋହନ ପର୍ଯ୍ୟନ୍ତ ଦଶପଲ୍ଲା ନାମକ ସ୍ଥାନ ଦୂରତା ନିବନ୍ଧନ ଶାସନ କାର୍ଯ୍ୟର ଅସୁବିଧା ହେତୁ ପୃଥକ୍ କରି ୧୪୨୦ ଶକାବ୍ଦ ବା ୧୪୯୮ ଖ୍ରୀଷ୍ଟାବ୍ଦରେ ଆପଣା ସାନଭାଇ ନାରାୟଣଙ୍କୁ ଦାନ କଲେ । ମାତ୍ର ଏହି ଦାନର ଗୋଟିଏ ସରତ ଥିଲା ଯେ, ନାରାୟଣ ବଡ଼ ବଡ଼ କାର୍ଯ୍ୟରେ ସିଦ୍ଧେଶ୍ଵରଙ୍କ ପରାମର୍ଶ ଓ ଅନୁମତି ନେବେ । ନାରାୟଣ କେତେ କାଳ ଏହି ନିୟମାନୁସାରେ କାର୍ଯ୍ୟ କଲେ, ମାତ୍ର ପରେ ଆପଣା କ୍ଷମତାର ଅତିରିକ୍ତ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ସିଦ୍ଧେଶ୍ଵର ଏ କଥା ଶୁଣି ବିରକ୍ତ ହୋଇ ନାରାୟଣଙ୍କୁ ତଡ଼ାଇ ପଠାନ୍ତେ ସେ ପଳାଇ ଦଣ୍ଡଭୟରେ ଖଣ୍ଡପଡ଼ା ରାଜାଙ୍କଠାରେ ଶରଣ ପଶି ତାଙ୍କୁ ରାଜ୍ୟର ଦଖଲ ଛାଡ଼ି-ଦେଲେ । ସିଦ୍ଧେଶ୍ଵର ଲୋକମାନଙ୍କୁ ଏବଂ ପ୍ରଧାନ ସରଦାରମାନଙ୍କୁ ଡାକି ପଞ୍ଚ ବସାଇ ସ୍ଥିର କଲେ ଯେ, ବଳପୂର୍ବକ ଦଖଲ କରିବେ ମାତ୍ର ନିର୍ଦ୍ଧାରଣ କାର୍ଯ୍ୟରେ ପ୍ରବୃତ୍ତ କରିବା ପୂର୍ବରୁ ଆଉଥରେ ନାରାୟଣଙ୍କଠାକୁ ଦୂତ ପଠାଇଥିଲେ । ନାରାୟଣ ଏଥର ଆସି ପୁନର୍ବାର ପୂର୍ବ ନିୟମାନୁସାରେ କେତେକ ଦିନ କାର୍ଯ୍ୟ କଲେ । କେତେକ ଦିନ ପରେ ନାରାୟଣ ପୁନଶ୍ଚ ସ୍ଵାଧୀନ ହେବାର ଚେଷ୍ଟା କଲେ । ସିଦ୍ଧେଶ୍ଵରଙ୍କ ମୃତ୍ୟୁପରେ ସେ ପୁତ୍ରଙ୍କ ସମୟରେ ସ୍ଵାଧୀନତା ଲାଭ କଲେ, ମାତ୍ର ବଉଦ ଏକଥା ସ୍ଵୀକାର କରି ନଥିଲେ ।

ବଉଦର ପଶ୍ଚିମ ତେଲ୍ ନଦୀ ଓ କମାଲିଙ୍ଗମୋହନ ମଧ୍ୟବର୍ତ୍ତୀ ସ୍ଥାନ ସ୍ୱର୍ଣ୍ଣ ମଦନମୋହନ ଦେବ ୧୬୬୯ ଶତାବ୍ଦରେ ତାଙ୍କ ଭୁଲ ଝିଅଙ୍କ ବିବାହବେଳେ ଯୌତୁକ ଦେଇଥିଲେ, ମାତ୍ର ସେମାନେ ସ୍ୱାଧୀନ ହେଲେ ।

୧୬୮୦ ଖ୍ରୀଷ୍ଟାବ୍ଦରେ ବଉଦର ଦେଉଡ଼ିଜ ଅଷ୍ଟ-ଦ୍ୱିତୀୟ ପରଶୋଷ୍ଟ ଲକ୍ଷ୍ମୀ ସୋନପୁର ରାଜା ହେଲେ ।

ବର୍ତ୍ତମାନ ଯେଉଁ ରାଜ୍ୟ ଅଠମଲ୍ଲିକ ନାମରେ ପରିଚିତ, ତାହା ଏକ ସମୟରେ ବଉଦର ଅଂଶ ଥିଲା । ବଉଦର ପୂର୍ବ ରାଜା ଭୃଙ୍ଗା ଓ କୃଷ୍ଣପା ନାମରେ ଦୁଇଗୋଟି ଦୁର୍ଗ ନିର୍ମାଣ କରିଥିଲେ । ଭୃଙ୍ଗା ବଉଦ ରାଜ୍ୟରେ ଏବଂ କୃଷ୍ଣପା ଅଠମଲ୍ଲିକରେ । ମହାନଦୀର ଦକ୍ଷିଣ ବଉଦ ରାଜ୍ୟ । ରାଜସ୍ୱ ଆଦାୟ ଭାର କନ୍ଧ ଓ ଗୁରୁମାନଙ୍କ ଉପରେ ଥିଲା । ଗୋଟିଏ ଗୋଟିଏ ବସ୍ତିରେ ମୁଠା କହୁଥିଲେ । ପ୍ରତ୍ୟେକ ମୁଠାରେ ଜଣେ ଲେଖାଏଁ ସରବରାକାର ନିଯୁକ୍ତ ଥିଲେ । ଅଠମଲ୍ଲିକରେ ମଧ୍ୟ ଏହି ପ୍ରଥା ପ୍ରଚଳିତ ଥିଲା । ମହାନଦୀର ଦକ୍ଷିଣାଂଶର ସରବରାକାର ଅଧୀନରେ ଅଳ୍ପ ସ୍ଥାନ ଥିବାରୁ ତାଙ୍କୁ ସରଦାର କହୁଥିଲେ ଏବଂ ଅଠମଲ୍ଲିକର ସରଦାରଙ୍କୁ ସାମନ୍ତ କହୁଥିଲେ । କ୍ଷମତା ଉଭୟଙ୍କର ସମାନ ଥିଲା । ଅଠମଲ୍ଲିକର ସାମନ୍ତ ଅଠମଲ୍ଲିକର ଦରବାର ଥିଲେ । ବଉଦରେ ମଧ୍ୟ ଏହିପରି ସାତମାଳିଆ ଓ ବାରମାଳିଆ ନାମ ଦେଖାଯାଏ । ଏମାନେ କମାନ୍ଦ୍ରସ୍ୱରେ ସାତ ଓ ବାର ମୁଠାର ମାଲିକ । ଜଣେ ସାମନ୍ତ ବା ସରବରାକାର ମଲେ ତାର ଉତ୍ତରାଧିକାରୀ ହେଉଁ ପଲ୍ଲୀ ଦେଇ ଗାଦି ପାନ୍ତି । ପୂର୍ବକାଳରେ ଅଠମଲ୍ଲିକରେ ପୁରୋହିତ ନଥିଲେ । ବଉଦରୁ ପୁରୋହିତ ଯାଇ ସେଠାରେ କାର୍ଯ୍ୟ କରୁଥିଲେ । ଇଂରେଜ ଶାସନ ହେବାରୁ ଅଠମଲ୍ଲିକର ସାମନ୍ତ ପୃଥକ୍ ଭାବରେ ସମ୍ପୂର୍ଣ୍ଣ ସ୍ୱାଧୀନ ହେଲେ ।

କନ୍ଧମାଳ ବଉଦର ଅଧୀନ ଥିଲା । ମାତ୍ର ଘୁମୁସରର କନ୍ଧମାନେ ତଜ ବିଦ୍ରୋହ ଦେଉଥିବାରୁ ମେଳି କଲେ ଏବଂ ବଉଦ ରାଜା ଏ ମେଳ ଦମନ କରିବାକୁ ଅକ୍ଷମ ହେଲେ । ସେତେବେଳେ କନ୍ଧମାନେ ମେରିଆ ନାମକ ନରବଳି କରୁଥିଲେ । ବଉଦ ରାଜା ଏ ପ୍ରଥା ବନ୍ଦ କରିପାରିଲେ ନାହିଁ, ସୁତରାଂ ସେ ୧୮୩୫ ଖ୍ରୀଷ୍ଟାବ୍ଦରେ କନ୍ଧମାଳକୁ ବ୍ରିଟିଶ ସରକାରଙ୍କୁ ଅର୍ପଣ କଲେ ଏବଂ ସେ ସମୟରୁ କନ୍ଧମାଳ ଅନୁଗୁଳ ଜିଲ୍ଲା ସାମିଲ୍ ହେଲା । ଶେଷ ବ୍ରାହ୍ମଣ ରାଜା ଗନ୍ଧମାର୍ଦ୍ଦନ ଦେବ ୪୦୩ ଶତାବ୍ଦ ବା ୯୮୧ ଖ୍ରୀଷ୍ଟାବ୍ଦରେ ରାଜତ୍ୱ କରୁଥିଲେ । ତାଙ୍କ ପରେ ୫୪ ଜଣ ରାଜା ଗାଦିରେ ବସିଛନ୍ତି । ଗନ୍ଧମାର୍ଦ୍ଦନ ୪୦୩—୬୭୦ ଶତାବ୍ଦ

ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କପରେ ଅନଙ୍ଗ ଭଞ୍ଜ ରାଜା ହୋଇଲେ । ସେ ଉତ୍ତରପଦ ଶରବର୍ତ୍ତୀ ଦେବ ଉପାଧି ଧାରଣ କଲେ ।

କଥିତ ଅଛି ଏ ଗଙ୍ଗମାର୍ତ୍ତଣ୍ଡଙ୍କ ସମସାମୟିକ କେନ୍ଦୁଝର ରାଜା ବଳଭଦ୍ର ଭଞ୍ଜଙ୍କ କନିଷ୍ଠ ଭ୍ରାତା ଜୁଗଳକିଶୋର ଭଞ୍ଜ ଥିଲେ ଏବଂ ଅନଙ୍ଗ ଜୁଗଳକିଶୋରଙ୍କ ପୁତ୍ର ଥିଲେ । ଜୁଗଳକିଶୋର ତାଙ୍କ ଜ୍ୟେଷ୍ଠଭ୍ରାତାଙ୍କ ସହିତ ମନାନ୍ତର ହୋଇ କେନ୍ଦୁଝର ତ୍ୟାଗ କଲେ ଏବଂ ମୟୂରଭଞ୍ଜର କୁସୁମଗଡ଼ରେ ବାସକଲେ । ସେ ୪୭୨ ଶାଳ ବର୍ଷରେ ମଲେ ଏବଂ ତାଙ୍କ ମୃତ୍ୟୁପରେ ତାଙ୍କର ବିଧବା ସ୍ତ୍ରୀ ଦୁଇ ପୁତ୍ର ସହିତ ସେ ସ୍ଥାନରୁ ଯାଇ ବଉଦରେ ବାସକଲେ । ବଉଦର ତତ୍କାଳୀନ ରାଜା ଅପୁତ୍ରିକ ଥିବାରୁ ଏ ଦୁଇ ପୁତ୍ରଙ୍କୁ ପୁତ୍ରରୂପରେ ଗ୍ରହଣ କଲେ ଏବଂ ବଡ଼ଙ୍କୁ ଖୋରାକ ପୋଷାକ ଦେଲେ ଏବଂ ଅନଙ୍ଗ ଗାଦିରେ ବସିଲେ । ବଉଦ ରାଜା ମରହଟ୍ଟା ଓ ମୋଗଲଙ୍କ ନିକଟରେ ରାଜଭକ୍ତି ଦେଖାଇ ଉପାଧି ପାଇଥିଲେ । ବଉଦ, ଦଶପଲ୍ଲା, କେନ୍ଦୁଝର ଓ ମୟୂରଭଞ୍ଜର ରାଜାମାନେ ଏକବଂଶୋଦ୍ଭବ । ଏମାନେ ସୂର୍ଯ୍ୟବଂଶୀ ଏବଂ ଉତ୍ତରଶ୍ରେଣୀସ୍ଥ କ୍ଷତ୍ରିୟ । ଏମାନଙ୍କ ଲାଞ୍ଛନ ମୟୂର । ବାର୍ଷିକ ପେସ୍କସ୍ ୮୦୦ ଟଙ୍କା । ଆୟ ବର୍ଷକୁ ୧୫୮୭୬ ଟଙ୍କା ।

ବଣେଇ :—କ୍ଷେତ୍ରଫଳ ୧୨୯୬ ବର୍ଗମାଇଲ । ଉତ୍ତରରେ ଗାଙ୍ଗପୁର ଓ ସିଂହଭୂମ, ପୂର୍ବରେ କେନ୍ଦୁଝର, ଦକ୍ଷିଣ ଓ ପଶ୍ଚିମରେ ବାମଣ୍ଡା । ବଂଶାନୁଚରିତରୁ ଜଣାଯାଏ ଯେ, ଏମାନେ ଶାଙ୍ଖଳଦ୍ୱୀପ ବା ସିଂହଳରୁ ଆସିଥିଲେ । ରାଜ୍ୟ ପ୍ରତିଷ୍ଠାତା ମାତାଙ୍କ ଦ୍ୱାରା ତ୍ୟକ୍ତ ହୋଇ ଗୋଟିଏ କଦମ୍ବ ବୃକ୍ଷତଳେ ପଡ଼ିଥିଲେ । ଗୋଟିଏ ମୟୂର ସେ ଶିଶୁକୁ ରକ୍ଷଣ କରି ଶତ୍ରୁଠାରୁ ରକ୍ଷାକଲା । ଏହି କାରଣରୁ ଏ ବଂଶର ଲାଞ୍ଛନ ମୟୂର ଏବଂ ବଂଶ କଦମ୍ବ ବଂଶ । ଏ ରାଜ୍ୟରେ ଅନେକ ଭୂୟାଁ ଜାତିର ଲୋକ ଏବଂ ସେମାନେ ରାଜଗାଦିରେ ଅଭିଷେକ ଟୀକା କରନ୍ତି । ରାଜାଙ୍କ ନାମ ସିତାମଣ୍ଡଙ୍କ ନାମ । ପାଲଲହଡ଼ାରେ ଏହି ପ୍ରଥା ପ୍ରଚଳିତ ଅଛି । ବାର୍ଷିକ ପେସ୍କସ୍ ୪୦୦ ଟଙ୍କା ଏବଂ ବାର୍ଷିକ ଆୟ ୧୩୭୬୯ ଟଙ୍କା ।

ଦଶପଲ୍ଲା :—କ୍ଷେତ୍ରଫଳ ୫୬୮ ବର୍ଗମାଇଲ । ଉତ୍ତରରେ ଅନୁଗୁଳ ଓ ନରସିଂହପୁର, ପୂର୍ବରେ ଖଣ୍ଡପଡ଼ା ଓ ନୂଆଗଡ଼, ଦକ୍ଷିଣରେ ଗଞ୍ଜାମ, ପଶ୍ଚିମରେ ବଉଦ ।

ଦଶପଲ୍ଲାର ଅପର ନାମ ଖଣ୍ଡପଲ୍ଲୀ ଅର୍ଥାତ୍ ବନଗୁହାଯୁକ୍ତ ସ୍ଥାନ । ୧୫୯୮ ବର୍ଷ ପୂର୍ବେ ତତ୍କାଳୀନ ବଉଦ ରାଜାଙ୍କ ଭ୍ରାତା ଶୀଳଭଞ୍ଜଙ୍କ ଦ୍ୱାରା ଏ ରାଜ୍ୟ ସ୍ଥାପିତ

ହୋଇଥିଲା । କଥିତ ଅଛି ଏ ଶୀଳଭଞ୍ଜ ପାରିବାରିକ ମନାନ୍ତର ହେତୁ ଦେଶତ୍ୟାଗ କରି ପୁରୀ ଜଗନ୍ନାଥ ଦର୍ଶନକୁ ଆସିଥିଲେ । ଫେରିଆସିବା ବେଳେ ନୟାଗଡ଼ର ତଦାନୀନ୍ତନ ରାଜାଙ୍କ ସହିତ ଦେଖାହେଲା ଏବଂ ସେ ତାଙ୍କ ପ୍ରତି ଦୟାପ୍ରକାଶ ପୂର୍ବକ କରମୂଳଠାରେ ଆଶ୍ରୟ ଦେଲେ । ଖଣ୍ଡପଡ଼ା ରାଜା ମଧ୍ୟ ନୟାଗଡ଼ ରାଜାଙ୍କ ସହିତ ଯୋଗ ହୋଇ ସାହାଯ୍ୟ କଲେ ଏବଂ ସେ ମଧ୍ୟ ତାଙ୍କ ରାଜ୍ୟରୁ ୫ କୋଶ କୋରଡ଼ା ପର୍ଯ୍ୟନ୍ତ ଭଞ୍ଜଙ୍କୁ ଦେଲେ । ନୟାଗଡ଼ ରାଜା ୫ କୋଶ ଛାଡ଼ିଦେଇ ଭଞ୍ଜଙ୍କୁ ଏ ଦଶ କୋଶ ରାଜ୍ୟରେ ରାଜା କରିଦେଲେ । ଶୀଳଭଞ୍ଜଙ୍କ ଉତ୍ତରାଧିକାରୀ ନାରାୟଣ ଭଞ୍ଜ କେନ୍ଦୁଗୋଡ଼ି କନ୍ଧ ଗ୍ରାମ ଜୟ କଲେ । ପରବର୍ତ୍ତୀ ରାଜା ପଦ୍ମନାଭ ଭଞ୍ଜ କନ୍ଧଦେଶ ଜୟ କଲେ । ରାଜ୍ୟ ଏତେ ବିସ୍ତୃତ ହେବାରୁ ନୟାଗଡ଼ ରାଜା ତାଙ୍କ ପ୍ରଦତ୍ତ ପାଞ୍ଚ କୋଶ ରାଜ୍ୟ ଫେରାଇନେବାକୁ ଚେଷ୍ଟା କରି କୃତକାର୍ଯ୍ୟ ହେଲେ । ଏ ଅଂଶ ପୁରୁଣା ଦଶପଲ୍ଲା ନାମରେ କଥିତ । ପରେ ପଦ୍ମନାଭ ଜଣେ କନ୍ଧ ସରଦାରକୁ ପରାଜିତ କରି କୁଞ୍ଜବନ ଗଡ଼ଠାରେ ରାଜଧାନୀ ସ୍ଥାପନ କଲେ । ପରବର୍ତ୍ତୀ ଦୁଇ ରାଜା ଅନୁଗୁଳର ଜୋରମୁହିଁ ନାମକ ସ୍ଥାନ ଅଧିକାର କରିବାକୁ ଚେଷ୍ଟା କରିଥିଲେ, ମାତ୍ର ଯୁଦ୍ଧ ଶେଷ ହେବା ପୂର୍ବରୁ ରଘୁଜୀ ଭୋଁସଲା ଜଣେ କର୍ମଚାରୀ ପଠାଇଥିଲେ ଏବଂ ୧୭୬୨ରେ ଦଶପଲ୍ଲା ରାଜାଙ୍କୁ ବନ୍ଦୋବସ୍ତ ଜୋରମୁହିଁର ସନନ୍ଦ ଦେଲେ । ଦ୍ୱାଦଶ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ କସପଡ଼ା ଓ ବାଉଁଶପଲା ନାମକ ଦୁଇଟି କନ୍ଧଗ୍ରାମ ଜୟ କଲେ । ଦଶପଲ୍ଲା ରାଜା ଜଗନ୍ନାଥ ମହାପ୍ରଭୁଙ୍କ ରଥ ସକାଶେ ଯେତେ କାଠ ଆବଶ୍ୟକ ତାହା ଦେବାକୁ ଚୁକ୍ତି କରିବାରୁ ମରହଟ୍ଟାମାନେ ତାଙ୍କୁ ରାଜସ୍ୱ ଛାଡ଼ି ଦେଇଥିଲେ । କରମୂଳଠାରେ ମରହଟ୍ଟାଙ୍କ ସହିତ ଇଂରେଜମାନଙ୍କର ଶେଷ ଯୁଦ୍ଧ ହୋଇଥିଲା, ମାତ୍ର ମରହଟ୍ଟାମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଅକୃତକାର୍ଯ୍ୟ ହେଲେ । ଏ ରାଜବଂଶର ମୟୂର ଚିହ୍ନ ।

ଢେଙ୍କାନାଳ :—କ୍ଷେତ୍ରଫଳ ୧୪୬୩ ବର୍ଗମାଇଲ । ଉତ୍ତରରେ ପାଲଲହଡ଼ା ଓ କେନ୍ଦୁଝର, ପୂର୍ବରେ କଟକ, ଦକ୍ଷିଣରେ ଆଠଗଡ଼, ତିଗିରିଆ, ବଡ଼ମ୍ବା ଏବଂ ପଶ୍ଚିମରେ ହିନ୍ଦୋଳ, ଅନୁଗୁଳ ଓ ତାଳଚେର । ଏ ରାଜ୍ୟ ମଧ୍ୟରେ ବ୍ରାହ୍ମଣୀ ନଦୀ ପ୍ରବାହିତ । ପ୍ରଧାନ ପର୍ବତ କପିଳାସ ଉଚ୍ଚତା ୨୨୩୯ ଫୁଟ ।

ଏ ରାଜ୍ୟରେ ଯେଉଁ ସ୍ଥାନରେ ରାଜାଙ୍କ ବାସସ୍ଥାନ ଅଛି ସେ ସ୍ଥାନ ଢେଙ୍କା ଶବର ନାମକ ଜଣେ ଶବର ଅଧୀନରେ ଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ରାଜବାଟୀର ପଶ୍ଚିମକୁ ଖଣ୍ଡେ ପଥର ଅଛି । ଏହାର ନାମ ଢେଙ୍କାଶବର ମୁଣ୍ଡ । ବର୍ଷକେ ଥରେ

ଦେବୀର ଏ ପଥର ପୂଜା ହୁଏ । ୧୭ଶ ଶତାବ୍ଦୀର ମଧ୍ୟଭାଗରେ ସିଂହ ବିଦ୍ୟାଧର ଏ ରାଜ୍ୟ ଜୟପୁରର ରାଜ୍ୟ ସ୍ଥାପନ କଲେ । ସିଂହବିଦ୍ୟାଧର ପୁଣି ରାଜବଂଶୀୟ । କିମ୍ବଦନ୍ତୀ ଅଛି ଯେ ଶବର ନିର୍ମୂଳ ହେଉଥିଲେ ପାର୍ଥନା କରିଥିଲା ଯେ ତାହାର ମୁଣ୍ଡ ପୂଜିତ ହେବ । ସିଂହବିଦ୍ୟାଧର ଜଣେ ସାମନ୍ତ ବା କ୍ଷୁଦ୍ର ଜମିଦାର ଥିଲେ । କଥିତ ହୁଏ ସେ ହୁତାଶନମୂଳର ଜାଗିରଦାର ଥିଲେ । ଏ ବ ଦେଖା ପ୍ରଗନା ରାଜଧାନୀଠାରୁ ୧୫ ରୁ ୧୬ ମାଇଲ୍ ହେବ । ଏ ରାଜ୍ୟରେ ଅନେକ ଗୁରୁତ୍ୱ ଦେଖ ଅଛି, ଯଥା—ଗଡ଼ମଣ୍ଡଳ, ଗଡ଼ବଣାଇଲଥା, ଗଡ଼ ଭୈରବଜୀ କଟକ, ଗଡ଼ ରାମପୁର ଇତ୍ୟାଦି । ଏ ସ୍ଥାନମାନଙ୍କରେ ପ୍ରାଚୀନ କୋଠାର ଏବଂ ଦୁର୍ଗର ଧ୍ୱଂସାବଶେଷ ଦେଖାଯାଏ । କଥାଯାଏ ଏହାକୁ ଭଞ୍ଜମାନେ ଜଣେ ଜଣେ ସାମନ୍ତଙ୍କ ଅଧୀନରେ ଥିଲା । ଏ ରାଜ୍ୟରେ ପ୍ରେମ ନଗର ନାମକ ସ୍ଥାନ ଅଛି । କଥିତ ହୁଏ ଓଡ଼ିଶାର ବିଖ୍ୟାତ ରାଜା ଅନଙ୍ଗ-ଭୀମଦେବ ଜନ୍ମଗ୍ରହଣ କରିଥିଲେ । କପିଳାସ ପର୍ବତ ଉପରେ ଥିବା ଚନ୍ଦ୍ରଶେଖରଙ୍କ ଦେଉଳ ଓଡ଼ିଶା ରାଜା ପ୍ରତାପରୁଦ୍ରଦେବ ୧୬ଶ ଶତାବ୍ଦୀରେ ନିର୍ମାଣ କରାଇଥିଲେ । ରାଜ୍ୟ ପ୍ରଥମେ ଛୋଟଥିଲା । ମାତ୍ର କ୍ରମେ ବୃଦ୍ଧି ହୋଇ ବର୍ତ୍ତମାନ ଆକାର ପ୍ରାପ୍ତ ହୋଇଅଛି । ଏଷ୍ଟେଟର ଆୟ ୨୫,୨୦୭୦ ଟଙ୍କା ।

ଗାଙ୍ଗପୁର:—କ୍ଷେତ୍ରଫଳ ୨୪୯୨ ବର୍ଗ ମାଇଲ୍ । ଉତ୍ତରରେ ରାଞ୍ଚି ଏବଂ ରାଞ୍ଚି, ପୂର୍ବରେ ସିଂହଭୂମି, ଦକ୍ଷିଣରେ ସମ୍ବଲପୁର, ବଣେଇ ବାମଣ୍ଡା ଓ ପଶ୍ଚିମରେ ଯଶପୁର । ଏ ରାଜ୍ୟ ଏକ ସମୟରେ ସମ୍ବଲପୁର ଅଧୀନରେ ଥିଲା । ନାଗପୁରର ମରହଟ୍ଟାମାନେ ଶାସନ କରୁଥିଲେ । ଦେଓଗାଁ ସନ୍ଧି ହେବାରୁ ୧୮୦୩ ଖ୍ରୀଷ୍ଟାବ୍ଦର ନାଗପୁର ରାଜା ରଘୁଜୀ ଭୋଁସଲା ଏ ରାଜ୍ୟକୁ ଇଂରେଜ ସରକାରଙ୍କୁ ଛାଡ଼ିଦେଇଥିଲେ । ପୁନଶ୍ଚ ୧୮୦୬ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ଏ ରାଜ୍ୟ ଫେରାଇ ପାଇଥିଲେ । ଶେଷରେ ୧୮୨୬ ଖ୍ରୀଷ୍ଟାବ୍ଦରେ ଏ ରାଜ୍ୟ ଇଂରେଜ ସରକାରଙ୍କର ଅଧୀନକୁ ଆସିଲା । ୧୯୦୦ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଗାଙ୍ଗପୁରକୁ ସମ୍ବଲପୁର ଅଧୀନକୁ ଛାଡ଼ିଦେଲେ । ୧୯୦୫ ମସିହାରେ ଗାଙ୍ଗପୁର ଛୋଟନାଗପୁରରୁ ବିଚ୍ଛିନ୍ନ ହୋଇ ଓଡ଼ିଶା ସହିତ ଯୋଗ ହେଲା । ଏ ରାଜ୍ୟର ପ୍ରଧାନ ଜାତି ଭୂୟାଁମାନେ । ଗାଙ୍ଗପୁରର ଭୂୟାଁମାନଙ୍କ ମଧ୍ୟରେ ଏପରି କିମ୍ବଦନ୍ତୀ ପ୍ରଚାର ଅଛି ଯେ ସେମାନେ ଆପଣାର ଜାତୀୟ ରାଜାଦ୍ୱାରା ଶାସିତ ହେଉଥିଲେ । ବରଂ ସେମାନେ କହନ୍ତି ଯେ ଓଡ଼ିଶାର କେଶରୀବଂଶୀୟ ଜଣେ ସାମନ୍ତ ଗାଙ୍ଗପୁରକର ଶାସନ କରୁଥିଲେ । ଏ ବଂଶ ଲୋପ ହେବାରୁ ଲୋକମାନେ

ଶିଖରଭୂମି ବା ପାହାଡ଼ର ଶିଖର ତଳରୁ ଗୋଟିଏ ବାଳକକୁ ଅପହରଣ କରିଆଣି ରାଜା ମନୋନୀତ କଲେ । ଆୟ ୨୨୫୮୭ ଟଙ୍କା ।

ହିନ୍ଦୋଳ: କ୍ଷେତ୍ରଫଳ ୩୧୨ ବର୍ଗମାଇଲ । ଉତ୍ତର ଓ ପୂର୍ବରେ ଢେଙ୍କାନାଳ ଓ ଦକ୍ଷିଣରେ ବାମଣ୍ଡା ଓ ନରସିଂହପୁର, ପଶ୍ଚିମରେ ଅନୁଗୁଳ । ୧୫୬୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ରାଜା ମୁକୁନ୍ଦଦେବ ହରିଚନ୍ଦନ ଅର୍ଥାତ୍ ଓଡ଼ିଶାର ଶେଷ ସ୍ୱାଧୀନ ରାଜାଙ୍କ ସମୟରେ ଉତ୍ତବ ଦେବ ଜେନାମଣି ଏ ରାଜ୍ୟ ସ୍ଥାପନ କରିଥିଲେ । କେତେ ପୁରୁଷ ପର୍ଯ୍ୟନ୍ତ ଉପାଧି ଦେବ ଜେନାମଣି ବା ଦେବ ନନ୍ଦାପାଣି ଥିଲା; ବର୍ତ୍ତମାନ ମର୍ଦ୍ଦରାଜ ଜଗଦେବ ହୋଇଛି । କେହୁ କେହୁ କହନ୍ତି, ଭୂତିମୁଣ୍ଡ ନାମକ ଅର୍ଦ୍ଧସଭ୍ୟ ଏ ସ୍ଥାନର ପ୍ରଥମେ ଶାସନ୍ତା ଥିଲେ । ଈଶ୍ୱରପାଲ ଓ ବଦରକୋଟ ନାମକ ଦୁଇଟି ଜିଲା ବର୍ତ୍ତମାନ କ୍ଷେତ୍ରଫଳର ପ୍ରାୟ ଏକଚତୁର୍ଥାଂଶ । ୬ଷ୍ଠ ରାଜାଙ୍କ ସମୟରେ ରାଜ୍ୟର ପରିମାଣ ବିଶେଷ ଭାବରେ ବୃଦ୍ଧି ହେଲା । ଢେଙ୍କାନାଳ ରାଜଧାନୀ ନିକଟସ୍ଥ ବାଂଶପାହାଡ଼ା ପର୍ଯ୍ୟନ୍ତ ରାଜ୍ୟ ବୃଦ୍ଧି ହେଲା । ଢେଙ୍କାନାଳ ରାଜା ହିନ୍ଦୋଳ ବଳରେ ଯୁଦ୍ଧକରି କେତେକ ଅଂଶ ଅଧିକାର କଲେ । ୧୭୬୦ ଖ୍ରୀଷ୍ଟାବ୍ଦରେ ୧୦ମ ରାଜା ଯୁଦ୍ଧକରି ନରସିଂହପୁରର କେତେକ ଅଂଶ ଅଧିକାର କରି ବର୍ତ୍ତମାନ ରାଜଧାନୀ ସ୍ଥାପନ କଲେ । ଏ ରାଜାଙ୍କର ଦନ୍ତକ ବାଛା । ଆୟ ୭୭୭୫ ଟଙ୍କା । ସରକାରଙ୍କୁ ଦେୟ ୫୪୨ ଟଙ୍କା ।

କଳାହାଣ୍ଡି:— କ୍ଷେତ୍ରଫଳ ୩୭୪୫ ବର୍ଗମାଇଲ । ଉତ୍ତରରେ ପାଟଣା, ପୂର୍ବରେ ଜୟପୁର ଜମିଦାରୀ ଓ ଖାସ ବା ଚିନାକେମୁଣ୍ଡି (ଗଞ୍ଜାମ), ପଶ୍ଚିମରେ ରାୟପୁର, ବିନ୍ଦ୍ରାନୁଆଗଡ଼ ଓ ଖଡ଼ିଆଳ, ଦକ୍ଷିଣରେ ଜୟପୁର । କଳାହାଣ୍ଡି ରାଜ୍ୟ ଦୁଇଭାଗରେ ବିଭକ୍ତ—ସମତଳ ଜମି ଓ ପାର୍ବତ୍ୟ ଜମି ବା ଡଙ୍ଗର୍ ।

କଳାହାଣ୍ଡି ପୂର୍ବେ ସ୍ୱାଧୀନ ରାଜ୍ୟ ଥିଲା । କିନ୍ତୁ ଅବଶେଷରେ ମରହଟ୍ଟା-ମାନଙ୍କ ଅଧୀନ ହେଲା । ରଘୁଜୀ ଭୋଁସଲା ୫୦୦୦ ଟଙ୍କା କର ଆଦାୟ କରୁଥିଲେ । ନାଗପୁର ୧୮୫୪ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ୍ ସରକାରଙ୍କ ଅଧୀନ ହେଲାବେଳେ କଳାହାଣ୍ଡି ମଧ୍ୟ ଅଧୀନ ହେଲା । ୧୮୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କଳାହାଣ୍ଡି ରାଜା ସରକାରଙ୍କଠାରୁ ବର୍ଷକୁ ୪୫୦ ଟଙ୍କା ପାଉଥିଲେ ଏବଂ ଏ ଟଙ୍କା ରାଜସ୍ୱ ଟଙ୍କାରୁ ବାଦ୍ ଯାଉଥିଲା । ବର୍ତ୍ତମାନ ଆଉ ସେପରି ଦିଆଯାଉନାହିଁ ।

ଭଲାଦ୍ୱାଣ୍ଡି ରାଜବଂଶ ରାଠବଂଶୀୟ ଥିଲେ । ଏ ବଂଶର ଶେଷ ରାଜା ନିଃସନ୍ତାନ ଥିଲେ । ସେ ଅପୁତ୍ରିକ ଥିଲେ, ତେଣୁ ୧୭୦୮ ଖ୍ରୀଷ୍ଟାବ୍ଦରେ ଛୋଟନାଗପୁର ଜେରୁଆଗଡ଼ର ଡୋମଲୁନ ରାଜାଙ୍କ କନିଷ୍ଠ ଭ୍ରାତା ରଘୁନାଥ ସାହେବଙ୍କୁ ନେଇ ଆପଣା କନ୍ୟାଙ୍କ ସହିତ ବିବାହ ଦେଲେ । ବର୍ତ୍ତମାନ ରାଜବଂଶର ସେ ପ୍ରଥମ ନାଗବଂଶୀୟ ରାଜା ।

ଲକ୍ଷ୍ମୀଗଡ଼—ଜମିଦାରୀ । ଏହା ୫ ଟି ଜମିଦାରୀ ଓ ଥୁଆମୁଲ ଜମିଦାରୀ ଏ ରାଜ୍ୟର ଅନ୍ତର୍ଗତ । ଅନ୍ୟ ଗୋଟିଏ ଜମିଦାରୀ ମେଦିନୀପୁର ଏ ରାଜ୍ୟର ଅନ୍ତର୍ଗତ ।

କେନ୍ଦୁଝର—କ୍ଷେତ୍ରଫଳ ୩୦୯୬ ବର୍ଗମାଇଲ । ଉତ୍ତରରେ ସିଂହଭୂମ, ପୂର୍ବରେ ମୟୂରଭଞ୍ଜ ଓ ବାଲେଶ୍ୱର, ଦକ୍ଷିଣରେ ଢେଙ୍କାନାଳ ଓ କଟକ, ପଶ୍ଚି- ମରେ ଢେଙ୍କାନାଳ, ପାଲଲହଡ଼ା ଓ ବଣେଇ । ପ୍ରଧାନ ପର୍ବତ ଗନ୍ଧମାଦନ, ଉଚ୍ଚତା ୩୪୭୭ ଫୁଟ; ଗୋନାସିକା ପର୍ବତ, ଉଚ୍ଚତା ୩୨୧୯ ଫୁଟ; ଠାକୁରାଣୀ ପର୍ବତ ୩୦୦୩ ଫୁଟ; ଟୋମାକ ୨୫୭୭ ଫୁଟ ଏବଂ ବୋଲାତ ୩୪୮ ଫୁଟ ।

ଉଭୟ କେନ୍ଦୁଝର ଓ ମୟୂରଭଞ୍ଜ ଏକ ସମୟରେ ହରିହରପୁର ରାଜ୍ୟର ଏକ ଅଂଶ ଥିଲା । କେନ୍ଦୁଝର ୧୧୯୮ ଖ୍ରୀଷ୍ଟାବ୍ଦରେ ପୃଥକ ହେଲା । ସେହିଦିନଠାରୁ ଆଜିଯାଏ ୩୭ ଜଣ ରାଜା ରାଜତ୍ୱ କରିଅଛନ୍ତି ।

୧୦୯୮ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶୀୟ ଜୟପୁର କଚ୍ଛୁଆବଂଶୀୟ ମାନସିଂହଙ୍କ ପୁତ୍ର ଜୟସିଂହ ପୁରୀ ଆସିଥିଲେ । ସେ ଜୟପୁରରେ ଜଣେ ସାମନ୍ତ ଥିଲେ । ସେ ତତ୍କାଳୀନ ଗଜପତି ରାଜାଙ୍କ କନ୍ୟାକୁ ବିବାହ କରି ଏବଂ ହରିହରପୁର ରାଜ୍ୟ ଯୌତୁକ ପାଇଲେ । ଏହାଙ୍କର ଦୁଇଟି ପୁତ୍ର ହୋଇଥିଲେ । ସେମାନଙ୍କ ନାମ ଅଜୟସିଂହ ଓ ଜୟସିଂହ ଥିଲା । ଅଜୟସିଂହ ବଡ଼ ବଳବାନ ଥିଲେ ଏବଂ ତାଙ୍କ ବାହୁବଳଦ୍ୱାରା ମୟୂରଧ୍ୱଜ ନାମକ ଜଣେ ଶୁଦ୍ର ସାମନ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ଓଡ଼ିଶା ମହାରାଜଙ୍କ ଠାରୁ 'ଭଞ୍ଜ' ଉପାଧି ପାଇଥିଲେ । ସେମାନଙ୍କ ପିତା ରାଜ୍ୟକୁ ଦୁଇ ପୁତ୍ରଙ୍କ ମଧ୍ୟରେ ବାଣ୍ଟିଦେଲେ । ଏ ଦୁଇଟି ପୁତ୍ର ଦୁଇଟି ଦୁର୍ଗ ନିର୍ମାଣ କରିଥିଲେ । ମୟୂରଭଞ୍ଜରେ ଆଦିପୁର ଏବଂ କେନ୍ଦୁଝରରେ ଓଡ଼ାପୁର । ଏ ଦୁଇଟି ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ଅବସ୍ଥିତ । କେନ୍ଦୁଝର ଅର୍ଥ କେନ୍ଦୁଗଛ ନିକଟସ୍ଥ ଝରଣା । ପୂର୍ବେ କେନ୍ଦୁଝର ସମୟରେ

ମୟୂରଭଞ୍ଜର ଅଂଶ ଥିଲା । କିନ୍ତୁ ୨୦୦ ବର୍ଷ ପୂର୍ବେ ସ୍ଥାନୀୟ ଲୋକମାନେ ଦୃଢ଼ତା ସହକାରେ ମୟୂରଭଞ୍ଜଠାରୁ ପୃଥକ୍ ହୋଇ ମୟୂରଭଞ୍ଜ ରାଜାଙ୍କ ଭାଇଙ୍କୁ ରାଜା କଲେ । ଭୂୟାଁମାନେ ଏ ରାଜ୍ୟର ପ୍ରଧାନ ଜାତି । କାରଣ ରାଜା ଗାଦିରେ ବସିବା ବେଳେ ଭୂୟାଁ ପିଠିରେ ବସନ୍ତି । ରାଜା ଗୋବିନ୍ଦଭଞ୍ଜ ପିତାଙ୍କ ସହିତ ମନୋହର ହେଲ 'ଧନଂ'କୁ ଦାହାର ଅଶି ପୃଷ୍ଠ ରାଜାଙ୍କ ଦର୍ପରେ ନିଯୁକ୍ତ ହେଲେ ଏବଂ କାଞ୍ଚିକାବେରୀ ଯୁଦ୍ଧରେ ଜୟୀ ହୋଇ ପୁରସ୍କାର ସ୍ୱରୂପ ଅଠରଗଡ଼ ବା ଆନନ୍ଦପୁର ସବ୍‌ଡିଭିଜନ ପାଇଲେ । ୧୭୬୨ ଖ୍ରୀଷ୍ଟାବ୍ଦରେ ରାଜା ପ୍ରତାପ ବଳଭଦ୍ର ଭଞ୍ଜ ରାଜପୁର ଓ କୁସୁମପଡ଼ା ଗ୍ରାମମାନ କିଣିଥିଲେ ।

୧୭୯୪ ଖ୍ରୀଷ୍ଟାବ୍ଦରେ ରାଜା ଜନାର୍ଦ୍ଦନଭଞ୍ଜ ପାଲଲହଡ଼ାର ରାଣୀ ଅନ୍ନପୂର୍ଣ୍ଣାଙ୍କ କାରୁଣି ଏବଂ ମଣିପାଳଙ୍କ ଝିଅ କୃଷ୍ଣପ୍ରିୟାଙ୍କ ପାଣିଗ୍ରହଣ କରି ପାଲଲହଡ଼ା ଯୌତୁକ ପାଇଥିଲେ । ୧୮୦୬ ଖ୍ରୀଷ୍ଟାବ୍ଦରେ କୃଷ୍ଣପ୍ରିୟାଙ୍କ ମୃତ୍ୟୁ ହେଲା । ପାଲଲହଡ଼ାର ପ୍ରଜାମାନେ ବିଦ୍ରୋହୀ ହେଲେ, ମାତ୍ର ଜନାର୍ଦ୍ଦନ ସେମାନଙ୍କୁ ପରାସ୍ତ କଲେ । କର୍ଣ୍ଣେଲ ଗିଲବର୍ଟ ସାହେବଙ୍କ ନିକଟରେ ଦରଖାସ୍ତ ହେବାରୁ ପାଲଲହଡ଼ା ରାଜ୍ୟ କୋର୍ଟରେ ରହିଲା ଏବଂ ୧୮୩୦ ଖ୍ରୀଷ୍ଟାବ୍ଦରେ ସ୍ଥିର ହେଲା ଯେ, ପାଲଲହଡ଼ା କେନ୍ଦୁଝର ଅଧୀନରେ ରାଜସ୍ୱ ଦେବ । ୧୭୯୪ ଠାରୁ ୧୮୨୨ ପର୍ଯ୍ୟନ୍ତ ପାଲଲହଡ଼ା ରାଜ୍ୟରେ କେନ୍ଦୁଝର ରାଜାଙ୍କର ସମ୍ପୂର୍ଣ୍ଣ କ୍ଷମତା ଥିଲା । ମାତ୍ର ବର୍ତ୍ତମାନ ରାଜସ୍ୱ ସରକାରଙ୍କରେ ଦାଖଲ ହେଉଛି । ପାଲଲହଡ଼ା ସହିତ କେନ୍ଦୁଝରର ରାଜସ୍ୱ ବର୍ଷକୁ ଟ ୨୧୨୬୯।୧୧ ଥିଲା । ଛୋଟନାଗପୁର ଓ ସମ୍ବଲପୁର ଦଙ୍ଗା ବେଳେ କେନ୍ଦୁଝର ରାଜା ଗଦାଧରଭଞ୍ଜ ୧୮୫୮ ଖ୍ରୀଷ୍ଟାବ୍ଦରେ ସରକାରଙ୍କୁ ବିଶେଷ ସାହାଯ୍ୟ ଦେଇଥିବାରୁ ତାଙ୍କ ରାଜସ୍ୱ ୧୦୦୦ ଟଙ୍କା ଊଣା ହୋଇଛି ଏବଂ ବର୍ତ୍ତମାନ ରାଜସ୍ୱ ଟ ୨୯୧୦।୮ । ରାଜା ଲକ୍ଷ୍ମୀନାରାୟଣଭଞ୍ଜ ବଳଭଦ୍ର ଜୀଉଙ୍କ ମନ୍ଦିର ନିର୍ମାଣ କରାଇଥିଲେ । ୧୮୬୧ ଖ୍ରୀଷ୍ଟାବ୍ଦରେ ତଦାନୀନ୍ତନ ରାଜାଙ୍କର ମୃତ୍ୟୁ ହେଲା । ତାଙ୍କ ବିବାହିତା ପତ୍ନୀଙ୍କ ଗର୍ଭରୁ କୌଣସି ପୁତ୍ର ଜାତ ହୋଇ ନଥିଲେ । ମାତ୍ର ତାଙ୍କ ଫୁଲବନାସୀର ଧନୁର୍ଜୟ ଓ ଚନ୍ଦ୍ରଶେଖର ନାମକ ଦୁଇ ପୁତ୍ର ଥିଲେ । ମାର୍ଚ୍ଚ ମାସ ୨୨ ତାରିଖରେ ରାଜା କଲିକତାରେ ଥିବାବେଳେ ମଲେ । ଅପ୍ରେଲ ମାସ ୩ ତାରିଖରେ ତଦାନୀନ୍ତନ ଦେୱାନ ପ୍ରକାଶ କଲେ ଯେ, ରାଣୀଙ୍କ ଅନୁମତି ଅନୁସାରେ ଧନୁର୍ଜୟ ଗାଦିରେ ବସିଲେ । ଅପ୍ରେଲ ମାସ ୯ ତାରିଖରେ ମୟୂରଭଞ୍ଜ ରାଜା ପ୍ରକାଶ କଲେ—ତାଙ୍କ ଭାଇ ବୃନ୍ଦାବନ ମୃତ ରାଜାଙ୍କଦ୍ୱାରା ପୋଷ୍ୟପୁତ୍ର ଗୃହୀତ ହୋଇଥିଲେ ଏବଂ ସେ କେନ୍ଦୁଝର ଗାଦି ତାଙ୍କୁ ଗାଦିରେ ବସାଇବେ । କେନ୍ଦୁଝରର ସୁପରିଣ୍ଟେଣ୍ଡେଣ୍ଟ୍ ମୟୂରଭଞ୍ଜ ରାଜାଙ୍କୁ

ଦାବିଧ କଲେ, ମାତ୍ର ସେ ନମାନ୍ତ ବୃନ୍ଦାବନଙ୍କୁ ଧରାଇ ଦେଲେ ଏବଂ ରାଣୀ ଓ ନକଟତନ ପ୍ରଧାନ କର୍ମଚାରୀ ମିଳି ବୃନ୍ଦାବନଙ୍କୁ ଗୋପନ ଭାବରେ ଅଭ୍ୟପେନ ଉପ୍ତୁକଦେଲେ। ଗଭର୍ଣ୍ଣମେଣ୍ଟ ଧନୁର୍ଜୟଙ୍କ ପକ୍ଷ ସମର୍ଥନ କଲେ। ମକଦମା ପ୍ରିଭି କାଉନ୍ସିଲ୍ ପର୍ଯ୍ୟନ୍ତ ଗଡ଼ିଲା ଓ ଶେଷରେ ଧନୁର୍ଜୟ ଜିତିଲେ ଏବଂ ପୋଷ୍ୟପୁତ୍ର ଗ୍ରହଣ ମିଥ୍ୟା ହେଲା। ୧୮୯୨ ମସିହାର ୧୧ ଆଇନ ଅନୁସାରେ ଏ ସତ୍ତ୍ୱାଧି-କାରିତ୍ୱ ମୀମାଂସା ହେଲା। ଏଥିରେ ଅସନ୍ତୁଷ୍ଟ ହୋଇ ରାଣୀ ଓ ଭୂୟାଁ। ସୁଆଙ୍ଗ-ମାନେ ଧନୁର୍ଜୟଙ୍କ ବିପକ୍ଷରେ ମେଳି କଲେ। ଗଭର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ପାଇ ଧନୁର୍ଜୟ ଶେଷରେ ରାଜା ହେଲେ। ମେଳି ଭାଙ୍ଗିଗଲା। ସେତେବେଳେ ରାଣୀ ବାଧ୍ୟହୋଇ ଧନୁର୍ଜୟଙ୍କୁ ରାଜା ବୋଲି ସ୍ୱୀକାର କଲେ। ମାସକୁ ୬୦୦ ଟଙ୍କା ଖୋରପୋଷ ପାଇ ରାଣୀ ଦ୍ୱାରକାପୁରରେ ବାସକଲେ। କିନ୍ତୁ ଦାଶୁରଥ ଓ ନନ୍ଦବାଲାମାନେ ଭୂୟାଁ। ସର୍ଦ୍ଦାର ଥିଲେ ଏବଂ ସେମାନେ ଏଥି ମେଳିରେ ପୂର୍ଣ୍ଣ ଯୋଗ ଦେଇ ଥିଲେ। ସେମାନେ ଅନ୍ୟଥାରେ ମଧ୍ୟ ମେଳି କରିଥିଲେ। ମାତ୍ର ବ୍ରିଟିଶସିଂହ ଯାହାଙ୍କୁ ସପକ୍ଷ, ତାଙ୍କୁ ଏମାନେ କ'ଣ କରି ପାରନ୍ତେ? ସେଥି ମେଳି ବେଳେ ଅନ୍ୟାନ୍ୟ ଗଡ଼ଜାତ—ବଣେଇ, ପାଲଲହଡ଼ା, ଢେଙ୍କାନାଳ ଓ ମୟୂରଭଞ୍ଜମାନେ ଧନୁର୍ଜୟଙ୍କ ପକ୍ଷରେ ଯୋଗ ଦେଲେ। ଅନ୍ତଶେଷରେ ଭୂୟାଁମାନେ ପୂର୍ଣ୍ଣରୂପେ ପରାଜିତ ହେଲେ ଏବଂ ରାଜ୍ୟରେ ଶାନ୍ତି ସ୍ଥାପିତ ହେଲା। ୧୮୯୮ ମସିହା ୨୫ ତାରିଖ ଅଗଷ୍ଟ ମାସରେ ରତନା ଓ ନନ୍ଦମାନେ ଧୃତ ହେଲେ।

ଫୁଲବିବାହର ଅର୍ଥ ଯେ ସ୍ତ୍ରୀ ବିବାହିତ ନୁହେଁ ମାତ୍ର ରାଜା ଯାହାକୁ ଫୁଲମାଳ ଦେଇ ସ୍ତ୍ରୀ ରୂପେ ଗ୍ରହଣ କରନ୍ତି। ଗଡ଼ଜାତମାନଙ୍କ ଘରେ ପ୍ରଥା ଅଛି ଯେ ବିବାହବେଳେ କନ୍ୟାପିତା କନ୍ୟା ସହିତ କେତେକ ସମବୟସ୍କା ଦାସୀ ଦେଇଥାନ୍ତି। କନ୍ୟାଦାନ ବେଳେ ସେ ଦାସୀ ସହିତ କନ୍ୟାକୁ ଦାନ କରି ଶଙ୍ଖରେ ପାଣି ଢାଳି ଦେଇଥାନ୍ତି। ବର, କନ୍ୟା ଗ୍ରହଣ କରିବା ସଙ୍ଗେ ଏ ଦାସୀକୁ ମଧ୍ୟ ଗ୍ରହଣ କରିଥାଏ। ସୁତରାଂ ଏ ଦାସୀକୁ ଫୁଲବିବାହ କହନ୍ତି। ଏ ଦାସୀର ସ୍ଥାନ ଅନ୍ୟାନ୍ୟ ସାଧାରଣ ଦାସୀ ଅପେକ୍ଷା ଉଚ୍ଚତର। ଏହାର ବିଶେଷ ପଦ ଥାଏ ଯଥା- ଫୁଲବିବାହ ଇତ୍ୟାଦି। ରାଜାଙ୍କ ଔରସରେ ଏହା ଗର୍ଭରୁ ଯେ ସନ୍ତାନ ହୁଏ ସେ ଉତ୍ତରାଧିକାରୀ ହେବାର ପ୍ରଥା ଅଛି। ଏପରି ମଧ୍ୟ ଅନେକ ରାଜବଂଶରେ ହୋଇଅଛି। ବର୍ଷକୁ ଆୟ ୩୬୧୯୩୦ ଟଙ୍କା।

ଖଣ୍ଡପଡ଼ା।—କ୍ଷେତ୍ରଫଳ ୨୪୪ ବର୍ଗମାଇଲ। ଉତ୍ତରରେ ମହାନଦୀ, ପୂର୍ବରେ କଟକ ଓ ପୁରୀ, ଦକ୍ଷିଣରେ ପୁରୀ ଓ ନୟାଗଡ଼, ପଶ୍ଚିମରେ ଦଶପଲ୍ଲା।

କଥିତ ଅଛି, ସୂର୍ଯ୍ୟମଣିସିଂହ ଉଦ୍ୟାନଗ୍ରାମ ରେଉଁ। ରାଜାଙ୍କର କନିଷ୍ଠ ଭ୍ରାତା ଥିଲେ। ସେ ଆସି ନୟାଗଡ଼ ରାଜ୍ୟ ସ୍ଥାପନ କରିଥିଲେ। ଏମାନେ ବଘେଲ୍ କ୍ଷତ୍ରିୟ। ନୟାଗଡ଼ ରାଜାଙ୍କର ଦୁଇ ପୁତ୍ର ଥିଲେ। ଜ୍ୟେଷ୍ଠ ପୁତ୍ର ହରିହରସିଂହ ଓ କନିଷ୍ଠ ପୁତ୍ର ରଘୁନାଥସିଂହ ମର୍ଦ୍ଦରାଜ। ହରିହର ରାଜା ହେଲେ ଏବଂ ୧୬୯୯ ଖ୍ରୀଷ୍ଟାବ୍ଦରେ ରଘୁନାଥ ଆଗଲପୁରଠାରୁ ଟେଣ୍ଟପଡ଼ାର ହରିଶ୍ଚନ୍ଦ୍ରପୁର ପର୍ଯ୍ୟନ୍ତ ସ୍ଥାନର ସାମନ୍ତଙ୍କୁ ପରାଜିତ କରି ଏହି ସ୍ଥାନ ଦଖଲ୍ କଲେ। ମର୍ଦ୍ଦରାଜଙ୍କ ଉତ୍ତରାଧିକାରୀମାନେ ରାଜ୍ୟ ବିସ୍ତାର କଲେ। ରଘୁନାଥ ଓଡ଼ିଶା ମହାରାଜାଙ୍କ ଠାରୁ ମର୍ଦ୍ଦରାଜ ଉପାଧି ପାଇଥିଲେ। ରାଜା ବନମାଳୀ ସିଂହ ବଡ଼ କ୍ଷମତାଶାଳୀ ରାଜା ଥିଲେ। ଓଡ଼ିଶା ରାଜାଙ୍କୁ ବହୁତ ସାହାଯ୍ୟ ଦେଇଥିଲେ ଏବଂ ମର୍ଦ୍ଦରାଜ ଭ୍ରମରବର ରାୟ ଉପାଧି ପାଇଥିଲେ। ରାଜା ନୀଳାଦ୍ରି ସିଂହଙ୍କ ରାଜତ୍ୱ ବେଳେ ରଘୁଜୀ ଭୋଁସଲା ଗୋଟିଏ ପତାକା ତାଙ୍କୁ ପୁରସ୍କାର ଦେଇଥିଲେ। ଇଂରେଜ-ମାନେ ଓଡ଼ିଶା ଅଧିକାର କଲାବେଳେ ରାଜା ନରସିଂହ ମର୍ଦ୍ଦରାଜ ବହୁତ ସାହାଯ୍ୟ ଦେଇ ସନନ୍ଦ ହାତୀ ଓ ଗୋଟିଏ ତୋପ ପୁରସ୍କାର ପାଇଥିଲେ। ଏମାନଙ୍କ ସନ୍ତକ ବ୍ୟାଘ୍ରମସ୍ତକ। ବାର୍ଷିକ ଆୟ ୪୯୭୯୫ ଟଙ୍କା ଏବଂ ସରକାରଙ୍କୁ ଦେୟ ଖାଜଣା ବର୍ଷକୁ ୪୨୧୨ ଟଙ୍କା।

ମୟୂରଭଞ୍ଜ:—କ୍ଷେତ୍ରଫଳ ୪୨୪୩ ବର୍ଗମାଇଲ। ଉତ୍ତରରେ ମେଦିନୀପୁର ଓ ସିଂହଭୂମ, ପୂର୍ବରେ ମେଦିନୀପୁର ଓ ବାଲେଶ୍ୱର, ଦକ୍ଷିଣରେ ବାଲେଶ୍ୱର, ନୀଳଗିରି ଓ କେନ୍ଦୁଝର, ପଶ୍ଚିମରେ କେନ୍ଦୁଝର ଓ ସିଂହଭୂମ। ମେଘାସନୀ ପର୍ବତ, ଉଚ୍ଚତା ୩୮୨୪ ଫୁଟ। ଶିମ୍ଳିପାଳ ପାହାଡ଼ ୭୦୦ ବର୍ଗମାଇଲ କ୍ଷେତ୍ର ଉପରେ ଅବସ୍ଥିତ। ପ୍ରଧାନ ନଦୀ ବୁଢ଼ାବଳଙ୍ଗ, ବୈତରଣୀ, ଶାଳନ୍ଦୀ। ପ୍ରଧାନ କୌମ୍ପଣୀ ଅଛି।

ଏ ରାଜବଂଶର ଇତିହାସ କେନ୍ଦୁଝର ଇତିହାସରେ ଉଲ୍ଲେଖ ଅଛି। ଆଦି ରାଜା ଆଦିସିଂହ। ୧୬୬୦ ଖ୍ରୀଷ୍ଟାବ୍ଦଠାରୁ ୧୮୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୟୂରଭଞ୍ଜ ଉତ୍ତରରେ ଭଞ୍ଜଭୂମ ଓ ଜଳେଶ୍ୱର ପର୍ଯ୍ୟନ୍ତ, ପୂର୍ବରେ ବାଲେଶ୍ୱର, ପଶ୍ଚିମରେ ରୂପାଡାହାଟ, ଦକ୍ଷିଣ-ପୂର୍ବରେ ନୀଳଗିରି, ଦକ୍ଷିଣରେ ବୈତରଣୀ, ପଶ୍ଚିମରେ ପୋଡ଼ାହାଟ ଓ ଧଳଭୂମ ପର୍ଯ୍ୟନ୍ତ, ବିସ୍ତୃତ ହୋଇଥିଲା। ରାଜ୍ୟର ସୀମା ପୂର୍ବାପେକ୍ଷା କେତେକ ଊଣା ହୋଇଅଛି। ୧୭୬୭ ଖ୍ରୀଷ୍ଟାବ୍ଦରେ ଭଞ୍ଜଭୂମ ପ୍ରଗନା ମହାରାଜା ଦାମୋଦରଭଞ୍ଜ ମେଦିନୀପୁର ରାଜାଙ୍କୁ ଦେଇଥିଲେ। ମହାରାଜା ଜଗନ୍ନାଥଭଞ୍ଜ ୧୮୦୩ ଖ୍ରୀଷ୍ଟାବ୍ଦରେ ଜଳେଶ୍ୱର ପ୍ରଗନା ମେଦିନୀପୁର ରାଜାଙ୍କୁ ଦେଲେ

ଜଷ୍ଟ ବଙ୍ଗୀୟ ପ୍ରଜା। ଚିରସ୍ଥାୟୀ ବନ୍ଦୋବସ୍ତ ପୂର୍ବରୁ ମେଦିନୀପୁର ରାଜସ୍ୱକାର୍ଯ୍ୟ ମାହାଲ ହୋଇଅଛି। ନୀଳଗିରି ୧୮୧୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମୟୂରଭଞ୍ଜ ରାଜ୍ୟ ଅଧୀନରେ ଜମିଦାରୀ ଥିଲା, ପରେ ସ୍ୱାଧୀନ ହେଲା। ୧୮୩୦ ଓ ୧୮୩୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ଯେଉଁ କଳନାଦଙ୍କ ମେଳି ହୋଇଥିଲା, ସେତେବେଳେ ମହାରାଜା ଯଦୁନାଥଭଞ୍ଜ ବାମନଘାଟିରେ ଥାଇ କରକରଆ, ଫୁଲିଲା, କଳସର ନାମକ ସ୍ୱଳ୍ପ ପୀର ଇଂରେଜ ସରକାରଙ୍କୁ ସମର୍ପଣ କଲେ। ଏଗୁଡ଼ିକ ବର୍ତ୍ତମାନ ସିଂହଭୂମ ଅନ୍ତର୍ଗତ କୋଲ୍‌ହାନର ଅଂଶ ହୋଇଅଛି। ସ୍ୱଳ୍ପ ପୀର ଗନ୍ତିଆବାଲାର ଅଚ୍ଛନସିଂହଙ୍କୁ ଓ ଗୁଲପାତପୋଟଙ୍କୁ ଢାଲଭୂମ ରାଜାଙ୍କୁ ଦିଆଯାଇଥିଲା।

୧୮୧୨ ଖ୍ରୀଷ୍ଟାବ୍ଦରେ ଏ ରାଜ୍ୟର ରାଜସ୍ୱ ୧୦୦୧ ଟଙ୍କା ସ୍ଥିର ହୋଇଥିଲା। ଓଡ଼ିଶା ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜ ଶାସନାଧୀନ ହେବାବେଳେ ରାଣୀ ସୁମିତ୍ରାଦେଈ ଭଞ୍ଜ ମୟୂରଭଞ୍ଜ ସିଂହାସନ ଅଳଂକୃତ କରିଥିଲେ। ସୁତରାଂ ଏ ସମୟରେ ମୟୂରଭଞ୍ଜ ସହିତ କୌଣସି ସନ୍ଧି ହୋଇ ନଥିଲା। ୧୮୧୦ ଖ୍ରୀଷ୍ଟାବ୍ଦରେ କେନ୍ଦୁଝର ବଂଶର ତ୍ରିବିକ୍ରମଭଞ୍ଜ ପୋଷ୍ୟପୁତ୍ର ହୋଇ ଉତ୍ତରାଧିକାରୀ ହେଲେ। ସେ ୧୮୧୭ ଓ ୧୮୧୨ ଖ୍ରୀଷ୍ଟାବ୍ଦରେ ଦୁଇଟି ଏକରାରନାମା ଲେଖି ଦେଇଥିଲେ। ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଯଦୁନାଥ ରାଜା ହେଲେ। ୧୮୨୯ ଖ୍ରୀ: ଅ: ରେ ତାଙ୍କ ସହିତ ସନ୍ଧି ହେଲା। ୧୮୬୬ ଖ୍ରୀ: ଅ ରେ ବାମନଘାଟି ସରକାର ନିଜ ଶାସନାଧୀନରେ ନେଇଥିଲେ। କାରଣ ତଦାନୀନ୍ତନ ରାଜା ଶାସନରେ ବିଶୃଙ୍ଖଳା ଘଟିଲା। ମାତ୍ର ୧୮୭୮ ଖ୍ରୀଷ୍ଟାବ୍ଦରେ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଦେବ ବାମନଘାଟି ଫେରି ପାଇଥିଲେ। କାରଣ ସେ ଜଣେ ଧନଶାଳୀ ଓ ବୁଦ୍ଧିମାନ୍ ଶାସନକର୍ତ୍ତା ଥିଲେ। କଟକ କଲେଜ ଏବଂ ସ୍କୁଲକୁ ସେ ୨୨୨୦୦ ଟଙ୍କା ଦାନ କରିଥିଲେ। ସେ ମହାରାଜା ବୋଲି ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ସ୍ୱୀକୃତ ହୋଇଥିଲେ। ତାଙ୍କ ପୁତ୍ର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ୧୮୯୦ ଖ୍ରୀ. ଅ. ରେ ସିଂହାସନାରୋହଣ କରିଥିଲେ। ସେ ଉଚ୍ଚଦରର ଶିକ୍ଷିତ ରାଜା ଥିଲେ। ଏହାଙ୍କ ଶାସନରେ ରାଜ୍ୟର ବହୁତ ଉନ୍ନତି ହୋଇଥିଲା। ସେ ପାଶ୍ଚାତ୍ୟ ଦେଶମାନ ପରିଭ୍ରମଣ କରି ବହୁତ ଅଭିଜ୍ଞତା ଲାଭ କରିଥିଲେ। ସରକାରଙ୍କ ଶାସନପ୍ରଣାଳୀ ଅନୁକରଣରେ ଏ ରାଜ୍ୟର ଶାସନପ୍ରଣାଳୀ ପରିଚାଳିତ। ଏ ରାଜ୍ୟର ଆୟ ୧୨୧୦୮୧୫ ଟଙ୍କା। ଏରାଜ୍ୟର ଗଚ୍ଛିତ ପାଣ୍ଠି ୧୦୬୬୬୦୦ ଟଙ୍କା ଏ ରାଜାଙ୍କ ସମୟ ମଞ୍ଜୁର।

ନରସିଂହପୁର:—କ୍ଷେତ୍ରଫଳ ୧୯୯ ବର୍ଗମାଇଲ। ଉତ୍ତରରେ ପର୍ବତମାଳା ପୂର୍ବରେ ବାରମ୍ବା, ଦକ୍ଷିଣରେ ଓ ଦକ୍ଷିଣ ପଶ୍ଚିମରେ ମହାନଦୀ, ପଶ୍ଚିମରେ

ଦଶପଲ୍ଲା ଓ ଅନୁଗୁଳ । ୧୨୮୨ ଖ୍ରୀ: ଅ: ରେ ଧର୍ମସିଂହ ନାମକ ଜଣେ ବୀର ଏ ରାଜ୍ୟ ସ୍ଥାପନ କରିଥିଲେ । ପୂର୍ବେ ଏ ରାଜ୍ୟ ଦୁଇଜଣ କନ୍ଧଙ୍କ ଅଧୀନରେ ଥିଲା । ସେମାନଙ୍କ ନାମ ନରସିଂଗା ଓ ପର୍ । ଏମାନଙ୍କ ନାମରୁ ରାଜ୍ୟର ନାମ ନରସିଂହପୁର ହେଲା । ରାଜ୍ୟର ସୀମା ଖଣ୍ଡୋଲ, ବଡ଼ମ୍ବା ଓ ଦଶପଲ୍ଲା ରାଜାମାନଙ୍କଦ୍ୱାରା ବେଷ୍ଟିତ ହୋଇଥିଲା । ପୁରୀ ମହାରାଜା ନରସିଂହପୁରର ପଞ୍ଚଦଶ ରାଜାଙ୍କୁ 'ମାନସିଂହ ହରିଚନ୍ଦନ ମହାପାତ୍ର'' ପଦ ଦେଇଥିଲେ । ଏ ରାଜ୍ୟ ଓଡ଼ିଶା ରାଜାଙ୍କ ଅଧୀନରେ ଥିଲା । ଏ ରାଜବଂଶର ଠମ୍ପକ ବୃତ୍ତି । ବାର୍ଷିକ ଆୟ ୬୨୦୦୦ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ୧୪୫୦ ଟଙ୍କା ।

ନୟାଗଡ଼ — କ୍ଷେତ୍ରଫଳ ୫୮୮ ବର୍ଗମାଇଲ । ଉତ୍ତରରେ ଖଣ୍ଡପଡ଼ା ଓ ପୁରୀ, ପୂର୍ବରେ ରଣପୁର, ଦକ୍ଷିଣରେ ପୁରୀ, ପଶ୍ଚିମରେ ଦଶପଲ୍ଲା ଓ ଗଞ୍ଜାମ । ମଧ୍ୟପ୍ରଦେଶର ରେୱା ଜିଲ୍ଲାର ସୂର୍ଯ୍ୟମଣି ସିଂହ ଏ ରାଜ୍ୟ ସ୍ଥାପନ କରିଥିଲେ । ଦେଶର ଲୋକମାନେ ତାଙ୍କୁ ରାଜା ମନୋନୀତ କରିଥିଲେ ଏବଂ ସେ ଗୋଟିଏ ମାଳିର କନ୍ୟାକୁ ବିବାହ କରିଥିଲେ । ସେ ମାଳି ଗ୍ରାମଦେବତାଙ୍କ ସେବକ ଥିଲା ଏବଂ ବଗିଚା କାର୍ଯ୍ୟ କରୁଥିଲା । ସେ ସ୍ତ୍ରୀ ମରିଯିବାରୁ ସେ କ୍ଷତ୍ରିୟ ସ୍ତ୍ରୀ ବିବାହ କଲେ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ ରାଜତ୍ୱ କରୁଅଛନ୍ତି । ବାର୍ଷିକ ଆୟ ୧୪୦୪୬୭ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ୫୫୨୫ ଟଙ୍କା।

ନୀଳଗିରି — କ୍ଷେତ୍ରଫଳ ୨୭୮ ବର୍ଗମାଇଲ । ଉତ୍ତରରେ ଏବଂ ପଶ୍ଚିମରେ ମୟୂରଭଞ୍ଜ, ପୂର୍ବରେ ଓ ଦକ୍ଷିଣରେ ବାଲେଶ୍ୱର । ୧୧୨୫ ଖ୍ରୀଷ୍ଟାବ୍ଦରେ ଛୋଟନାଗପୁରର ଦୁଇଟି ଭାଇ ଆସି ଏ ରାଜ୍ୟ ସ୍ଥାପନ କରିଥିଲେ । ମୋଗଲମାନଙ୍କ ସମୟରେ ରାଜ୍ୟ ବାହା ହେବାରୁ କଟକ ମଙ୍ଗଳପୁର ପାଟଣା ଓ ତାଳମୁଣ୍ଡା ସ୍ୱତନ୍ତ୍ର ତହସିଲ ହୋଇଥିଲା । ସୁତରାଂ ରାଜ୍ୟ ପରିମାଣ ଅନେକ ଊଣା ହୋଇ ଯାଇଥିଲା । ମରହଟ୍ଟାମାନଙ୍କ ସମୟରେ ମୁଣ୍ଡୟ ଖେଜୁରୀ, ଅରମଳା, କୁଦେଇ ଓ ବାଣିଆ ପ୍ରଗନାମାନ ଏ ରାଜ୍ୟରୁ କାଟି କରି ସେମାନଙ୍କ ଜମିଦାରୀଭୁକ୍ତ କରିଦେଲେ । ମୟୂରଭଞ୍ଜ ରାଜା ମଧ୍ୟ ଉତ୍ତର-ପଶ୍ଚିମ ସୀମାର କେତେକ ଅଂଶ ତାଙ୍କ ରାଜ୍ୟଭୁକ୍ତ କରିନେଲେ । ଅଷ୍ଟାଦଶ ରାଜା ନାରାୟଣ ବୀର କିରାଟ ଭୁଜଙ୍ଗ ମାନଧାତା ଓଡ଼ିଶା ମହାରାଜାଙ୍କଠାରୁ ହରିଚନ୍ଦନ ପଦ ପାଇଥିଲେ । କାରଣ ସେ କଳାପାହାଡ଼ ଦୌରାତ୍ମ୍ୟରୁ ଓଡ଼ିଶା ମହାରାଜାଙ୍କ ଦ୍ୱାରା ନିର୍ମିତ ଉପାରତ୍ନଙ୍କ ଦେଉଳ ରକ୍ଷା କରିଥିଲେ । ମୋଗଲମାନଙ୍କଠାରୁ ୧୬୨୧ ଖ୍ରୀଷ୍ଟାବ୍ଦରେ ମର୍ଦ୍ଦରାଜ ପଦ ପାଇଥିଲେ । ମରହଟ୍ଟାମାନେ ବିଂଶ ରାଜାଙ୍କୁ ଫତେସିଂହ ବାହାଦୁର

ପଦ ଦେଇଥିଲେ । ରାମକୃଷ୍ଣ ଭୂୟାଁଙ୍କ ଦତ୍ତକ ମହାନ୍ତାଙ୍କ ସମୟରେ ସାହାଯ୍ୟ କରି ଏ ପଦ ପାଇଥିଲେ । ବର୍ତ୍ତମାନ ମନ୍ଦୁରଭଞ୍ଜର ଏକ ଭ୍ରାତା ପୋଷ୍ୟପୁତ୍ର ହୋଇ ଯାଇ ଏ ରାଜ୍ୟର ସିଂହାସନ ପାଇଛନ୍ତି ।

ପାଲଲହଡ଼ା:—କ୍ଷେତ୍ରଫଳ ୪୫୨ ବର୍ଗମାଇଲ । ଉତ୍ତରରେ ବଣେଇ, ପୂର୍ବରେ କେନ୍ଦୁଝର, ଦକ୍ଷିଣରେ ତାଳଚେର, ପଶ୍ଚିମରେ ବାମଣ୍ଡା । ପ୍ରଧାନ ପର୍ବତ ମଲୟଗିରି ୩୮୯୫ ଫୁଟ ଉଚ୍ଚ । ଧାରଣାରହେ ସତ୍ୟୋପପାଳ ଅଷ୍ଟାଦଶ କୋଟୀ ପୂର୍ବେ ଏ ରାଜ୍ୟ ସ୍ଥାପନ କରିଥିଲେ । ପ୍ରଥମେ ଏ ରାଜ୍ୟରେ ୧୪ ଗୋଟି ଗ୍ରାମ ଥିଲା । ମାତ୍ର ତାଳଚେର, ଢେଙ୍କାନାଳ ଓ କେନ୍ଦୁଝର ରାଜାମାନେ ବଳପୂର୍ବକ ୨୩୧ ଗ୍ରାମ ନେଇଗଲେ । ବର୍ତ୍ତମାନ କେବଳ ୨୭ ଗ୍ରାମର ପରିମାଣ ୪୫୨ ବର୍ଗମାଇଲ । ଏମାନେ ପ୍ରଥମେ ଜମିଦାର ଥିଲେ । କେନ୍ଦୁଝର ବିଦ୍ରୋହ ବେଳେ ସରକାରଙ୍କୁ ସାହାଯ୍ୟ ଦେଇ ରାଜା ପଦ ପାଇଥିଲେ ଏବଂ ୧୯୭୪ ଖ୍ରୀଷ୍ଟାବ୍ଦରେ ପୁରୁଷାନୁକ୍ରମେ ରାଜା ପଦ ପାଇଲେ । ପ୍ରବାଦ ଅଛି ଯେ ସତ୍ୟୋପପାଳ ପୁରୀରୁ ଆସିଥିଲେ, ସେସବୁ ଜଙ୍ଗଲରେ ଶବର, କନ୍ଧ, ମହାର ପ୍ରଭୃତିମାନେ ତାଙ୍କୁ ରାଜପଦରେ ବରଣ କଲେ । ସେମାନଙ୍କ ଅନ୍ତର୍ବିବାଦ ଦମନ କରି ସେମାନଙ୍କୁ ଅଧୀନ କରାଇଲେ । ସେ ପାଳ ବା ଗୁଡ଼ା ଭିତରେ ଲୁଚି ଯୁଦ୍ଧ କରିଥିଲେ ବୋଲି ତାଙ୍କ ପଦ 'ପାଳ' ହେଲା । ୧୬୭୮ ଖ୍ରୀଷ୍ଟାବ୍ଦରେ ମଣିପାଳ ଅପୁତ୍ରିକ ହୋଇଥିଲେ । ତାଙ୍କ ମାତା ଓ ଅନୁଚର ଅନ୍ତର ଭ୍ରାତା ନନ୍ଦପାଳମାନେ ୯ ବର୍ଷ ଶାସନ କଲେ । ଅନ୍ନପୂର୍ଣ୍ଣା ୧୮୧୪ ଖ୍ରୀଷ୍ଟାବ୍ଦରେ ମଲେ । ସେ ୧୮୨୫ ଖ୍ରୀଷ୍ଟାବ୍ଦରେ ମଲେ ପାଲଲହଡ଼ା ଲୋକମାନେ କେନ୍ଦୁଝରର ଅଧୀନତା ସ୍ୱୀକାର କଲେ ଏବଂ କମିଶନର ମିଲ୍‌ବର୍ଣ୍ଣଙ୍କଠାରେ ଦରଖାସ୍ତ କରିବାରୁ ତାଙ୍କ ହୁକୁମ ଅନୁସାରେ ପାଲଲହଡ଼ା ପୃଥକ୍ ହେଲା ଏବଂ ଲୋକମାନେ ତାଙ୍କର ରାଜା ମନୋନୀତ କଲେ । ସେମାନେ ବୈଦ୍ୟନାଥପାଳଙ୍କୁ ମନୋନୀତ କଲେ । ଏ ରାଜାଙ୍କ ଉପାଧି ପାଳ । ବାର୍ଷିକ ଆୟ ୩୮୦୦୦ ଟଙ୍କା । ବାର୍ଷିକ ରାଜସ୍ୱ ୨୬୭ ଟଙ୍କା ।

ପାଟଣା:—କ୍ଷେତ୍ରଫଳ ୨୩୯୯ ବର୍ଗମାଇଲ । ଉତ୍ତରରେ ବୁଢ଼ାସମ୍ବର, ପୂର୍ବରେ ସୋନପୁର, ପଶ୍ଚିମରେ ଖଡ଼ିଆଲ, ଦକ୍ଷିଣରେ କଳାହାଣ୍ଡି । ପୂର୍ବେ ପାଟଣା ସର୍ବାପେକ୍ଷା ପ୍ରଧାନ ରାଜ୍ୟ ଥିଲା ଏବଂ ଅଠର ଗଡ଼ଜାତ ମଧ୍ୟରେ ମଧ୍ୟ ପ୍ରଧାନ ଥିଲା । ୬୦୦ ବର୍ଷ ପୂର୍ବେ ରମେଇଦେବ ଗାଦିରେ ବସିଥିଲେ । ପାଟଣାର ପ୍ରସ୍ତରଖୋଦିତ ଲିପିରୁ ଜଣାଯାଏ ସେ ୧୨୫୩ ଶକାବ୍ଦରେ ପାଟଣାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ଚୌହାନମାନଙ୍କ ପୂର୍ବେ ସୂର୍ଯ୍ୟବଂଶୀୟ ରାଜାମାନେ ରାଜତ୍ୱ

କରୁଥିଲେ । ଶାଳେଶ୍ୱରରେ ବରଣ୍ଡୀନାଗେଶ୍ୱରଙ୍କ ଦେଉଳ ଅଛି । ଏ ବଡ଼ ପ୍ରାଚୀନ ଦେଉଳ । ଦେଉଳଟିର ଗଠନ ସୋନପୁରର ବୈଦ୍ୟନାଥଙ୍କ ଦେଉଳ ପରି । ବୈଦ୍ୟନାଥଙ୍କ ଦେଉଳ ସୂର୍ଯ୍ୟବଂଶୀୟ ରାଜାଙ୍କଦ୍ୱାରା ନିର୍ମିତ ହୋଇଥିବା ସମ୍ବନ୍ଧେ ଲିଖିତ ପ୍ରମାଣ ଅଛି । ରାଣୀପୁରଝରିଆଲରେ ଯେଉଁ ପ୍ରାଚୀନ ଦେଉଳ ଅଛି ସେଥିରେ ସୋମେଶ୍ୱରଙ୍କ ନାମ ଉଲ୍ଲେଖ ଅଛି । ବସ୍ତର ରାଜ୍ୟରେ ଏହିପରି ଲିପି ମିଳେ । ସୁତରାଂ ଜଣାଯାଏ ଯେ ବସ୍ତର ଓ ପାଟଣାର ଦକ୍ଷିଣାଂଶ ଏକ ରାଜା ଅଧୀନରେ ଥିଲା । ପ୍ରମାଣ ମିଳେ ଯେ ପାଟଣା କେତେ ବର୍ଷ ପୂର୍ବେ ଭିଜାଗାପଟମ ରାଜାଙ୍କ ଅଧୀନରେ ଥିଲା । ଲୋକମାନେ କହନ୍ତି, ସେମାନଙ୍କ ପିତୃପିତାମହମାନେ କଳିଙ୍ଗ ରାଜାଙ୍କୁ କର ଦେଉଥିଲେ । କେତେକ ତାମ୍ରଶାସନରୁ ଜଣାଯାଏ ଯେ ପାଟଣାର ବଳଖ ଗ୍ରାମ ଭିଜାଗପଟମର 'ରାଜା' ଦାନ କରିଥିଲେ । ଚୌହାନବଂଶୀୟ ରାଜାମାନେ ପାଟଣାରେ ରାଜତ୍ୱ କରିଥିବାର କଥିତ ହୁଏ । ପାଟଣାଗଡ଼ର ପୁଷ୍କରଣୀ ନାମ ଉଦୟାଗର । ବୋଧହୁଏ ଯୋଜନାଗରର ଅପଭ୍ରଂଶ । ଚୌହାନ ରାଜତ୍ୱ ପୂର୍ବେ ପାଟଣା ଅଠମଲ୍ଲିକ ପ୍ରଣାଳୀରେ ଶାସିତ ହେଉଥିଲା । ଅଠଜଣ ଲଞ୍ଜନାଲି ଅଧୀଶ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଲୋକାର୍ଥେ ପୂର୍ଣ୍ଣ କ୍ଷମତା ପ୍ରକାଶ କରୁଥିଲେ । ପ୍ରତ୍ୟେକ ଗୋଟିଏ ଲେଖାଏଁ ଗଡ଼ର ଅଧିକାରୀ ଥିଲେ । ଏ ପ୍ରଥା ପରେ ରମେଇଦେବଙ୍କ ରାଜତ୍ୱ । କଥିତ ହୁଏ ଯେ ହମ୍ମୀରଦେବ ସମ୍ଭରଗଡ଼ରୁ ପଳାଇଆସି ପଞ୍ଚଥଳର ମାଣିକଦେଓରେ ଅବସ୍ଥିତ ହେଲେ । ଥରେ ଯୁଦ୍ଧକୁ ଯିବା ପୂର୍ବରୁ ସେ ତାଙ୍କ ରାଣୀଙ୍କଠାରୁ ବିଦାୟ ନେଲେ ଏବଂ ସେ କହିଗଲେ, 'ପାରା ଫେରି ଆସିଲେ ମୁଁ ମୃତ ବୋଲି ଜାଣିବ' । ସେତେବେଳେ ପାରା ଫେରି ଆସିଲା, ରାଣୀ ଜାଣିଲେ ଯେ ରାଜା ମୃତ । ଛ'ଜଣ ରାଣୀ ରାମସର ନାମକ ପୁଷ୍କରିଣୀରେ ବୁଡ଼ିମଲେ । ପାଟଣା ରାଜ୍ୟର ସଦରରେ ନରସିଂହନାଥ ନିକଟରେ ଏହି ପୁଷ୍କରିଣୀ । ଅନ୍ୟ ରାଣୀ ଜଣକ ରାମୁଡ଼ ଜଙ୍ଗଲ ନିକଟରେ ବୁଲୁଥିବାର ଦେଖାଗଲେ । ଏ ଜଙ୍ଗଲ ପଞ୍ଚଥଳ ଓ ପାଟଣା ନିକଟରେ । ଜଣେ ଚଣ୍ଡାଳ ତାଙ୍କୁ ରଖାଇଲା । କାଳକ୍ରମେ ତାଙ୍କଠାରୁ ଗୋଟିଏ ପୁତ୍ର ଜାତହେଲା— ରମାଇଦେବ । ଏହି ରମାଇଦେବ ଅନ୍ୟ ସାତ ମଲ୍ଲିକଙ୍କୁ ବଧକଲେ ଏବଂ ସ୍ୱୟଂ ପ୍ରଧାନ ମଲ୍ଲିକ ହୋଇ ଚୌହାନ ବଂଶର ଶାସନ ଆରମ୍ଭ କଲେ । ପାଟଣାର ଉଦାନଗ୍ରନ ରାଜା ରମେଇଙ୍କୁ ପୋଷ୍ୟପୁତ୍ର କଲେ ଏବଂ ରାଜ୍ୟ ଦେଲେ । ସେ ଉଦାନଗ୍ରନ ସୁଖ ରାଜାଙ୍କ କନ୍ୟା ସହିତ ବିବାହ ହୋଇ ଆପଣାର କ୍ଷମତା ବଜାଏ ରଖି ପାରିଥିଲେ । ରମେଇଦେବ ଓ ବଇଜଲଦେବ—୨ ଅର୍ଥାତ୍ ଦଶମ ମହାରାଜାଙ୍କ ରାଜତ୍ୱ ମଧ୍ୟରେ, ପ୍ରାୟ ୩୦୦ ବର୍ଷ ମଧ୍ୟରେ ଅନେକ ରାଜ୍ୟ ପାଟଣା ସହିତ ଯୋଗଦେଇ ପାଟଣାର ଆକାର ବୃଦ୍ଧି ହେଲା । ପଞ୍ଚଥଳ ଓ ବନ୍ଦ୍ରାନୁଆଗଡ଼ର

ପଶ୍ଚିମ ଦିଗରେ, ଫୁଲଝର, ଶରଣଗଡ଼ର ଉତ୍ତରରେ, ବଡ଼ଶଇ, ଗାଙ୍ଗପୁର, ବାମଣ୍ଡାର ଉତ୍ତର-ପୂର୍ବରେ । ଏ ସମସ୍ତ କରଦାୟୀ ହୋଇ ଅଧୀନ ହେଲେ । ବେଲ୍ହାଖୋଲ ଓ ମହାନଦୀର ପଶ୍ଚିମ ତଟଠାରୁ କେତେକ ଅଂଶ ପାଟଣା ସହିତ ଯୋଗ ହେଲା । ଫୁଲଝରରେ ଗୋଟିଏ ଦୁର୍ଗ ନିର୍ମିତ ହେଲା ମହାନଦୀର ବାମ-ପାର୍ଶ୍ୱରେ । ଚନ୍ଦ୍ରପୁର, ବଲପୁଙ୍ଗ ରତନପୁର ରାଜାଙ୍କଠାରୁ ନେଇଗଲେ । ଦ୍ୱାଦଶ ରାଜା ନରସିଂହଦେବ ଅଙ୍ଗନଦୀର ଉତ୍ତର ତଟସ୍ଥ ରାଜ୍ୟକୁ ସାନଭାଇ ବଳରାମଦେବଙ୍କୁ ଦେଇଥିଲେ । ବଳରାମ ସମ୍ବଲପୁର ରାଜ୍ୟ ସ୍ଥାପନ କରି, ଅନ୍ୟାନ୍ୟ ରାଜ୍ୟ ଯୋଗ କରି ଏକ କ୍ଷମତାଶାଳୀ ରାଜା ହେଲେ ଏବଂ କ୍ରମେ ପାଟଣାର କ୍ଷମତା ହ୍ରାସ ହେଲା ।

ଜନଶ୍ରୁତାନାରେ ଶମ୍ଭୁ ରାଜପୁତବଂଶୀୟ ଚୌହାନମାନଙ୍କର ପ୍ରଧାନ ବାସସ୍ଥାନ ଥିଲା ଏବଂ ମଧ୍ୟ ପ୍ରଦେଶର ମଣିପୁର ନାମ ସେହିପରି ପ୍ରଧାନସ୍ଥାନ ଥିଲା । ପାଟଣା ବୃଜବଂଶର "କୋଶଳାନନ୍ଦ" ନାମକ ଇତିହାସ ଅଛି । ସେଥିରୁ ଜଣାଯାଏ ବୈଜଳଦେବ ଅର୍ଥାତ୍ ରମେଇଦେବଙ୍କ ପରେ କୃଷ୍ଣ ରାଜା ବଡ଼ କ୍ଷମତାଶାଳୀ ଥିଲେ ଏବଂ ତାଙ୍କ ରାଜ୍ୟ ବହୁଦୂର ବିସ୍ତାର କରିଥିଲେ । ସେ ଓଡ଼ିଶାର ରାମଚନ୍ଦ୍ର ଓ ମହାଲିଙ୍ଗ ଗଜପତିମାନଙ୍କ ସହିତ ୭ ବର୍ଷ ଯୁଦ୍ଧ କରିଥିଲେ । ବାମଣ୍ଡା ୧୬ ଗଡ଼ ଭାଗ କରସ୍ୱରୂପ ଦେଲେ । ଗାଙ୍ଗପୁର, ବଣାଇ ଓ ଅନ୍ୟାନ୍ୟ ଜଙ୍ଗଲବର୍ତ୍ତୀ ରାଜାମାନେ ବିନାଯୁଦ୍ଧରେ ବଶ୍ୟତା ସ୍ୱୀକାର କରିଥିଲେ । କଥିତ ହୁଏ ୨୭ ରାଜା ବୈଜଳଦେବଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ତେଙ୍କାନାଳ ପରାଜିତ ହୋଇଥିଲା । ସେ ସୋନପୁର ସୁବର୍ଣ୍ଣେଶ୍ୱର ମହାଦେବଙ୍କ ଦେଉଳ ତୋଳାଇଥିଲେ । ପ୍ରଥମ ବୈଜଳଦେବଙ୍କ ଉତ୍ତରାଧିକାରୀ ବତ୍ସରାଜଦେବ ଓଡ଼ିଶା ରାଜାଙ୍କଦ୍ୱାରା ପରାସ୍ତ ହେଲେ । ପର ଛଅ ରାଜାଙ୍କ ରାଜତ୍ୱକାଳରେ କୌଣସି ବିଶେଷ ଘଟଣା ଘଟିନାହିଁ । ରାଜା ଅଷ୍ଟମ ହୀରାଧରଦେବଙ୍କୁ ପୁରୁଷ ଗଜପତି ତଡ଼ାଇ ନେଇ ୧୦ ମାସ କଏଦ କରିଥିଲେ । ହୀରାଧର ପରେ ଓଡ଼ିଶା ଆକ୍ରମଣ କରି ରାମଚନ୍ଦ୍ରଦେବଙ୍କୁ ପରାସ୍ତ କଲେ ଏବଂ ଅବଶେଷରେ ଦଣ୍ଡିସୂଷରେ ଅନ୍ଧ ହେଲେ ।

ଏହି ସମୟରେ ବସ୍ତର ସହିତ ଯୁଦ୍ଧ ହେଲା । ବସ୍ତର ରାଜା କଏଦ ହେଲେ ଏବଂ ମଲେ । ତାଙ୍କ ପୁଅ ବସ୍ତର ଗାଦିରେ ବସିଲେ ଏବଂ ବାର୍ଷିକ ୩,୦୦୦ ଟଙ୍କା ରାଜସ୍ୱ ଦେବାପାଇଁ ସ୍ୱୀକାର କଲେ । ଇତିମଧ୍ୟରେ ପାଟଣା ମହାରାଜା ଓଡ଼ିଶା ଗଜପତି ମୁକୁନ୍ଦଦେବଙ୍କ ଭଉଣୀକୁ ବିବାହ ହେଲେ ।

ଚତୁର୍ବିଂଶତ ମହାରାଜା ଭୂପାଳଦେବ ସାନଭାଇ ଯୁବରାଜ ସିଂହଙ୍କୁ କରାସିଙ୍ଗା ଜମିଦାରୀ ଖୋରାକ ପୋଷାକ ପାଇଁ ଦେଲେ । ଛଅ ପୁଅଙ୍କୁ ଅଗଲପୁର ଜମିଦାରୀ ଖୋରାକ ପୋଷାକ ପାଇଁ ଦେଲେ । ୧୭୫୫ ଖ୍ରୀଷ୍ଟାବ୍ଦରେ ପାଟଣା ରାଜ୍ୟ ନାଗ-ପୁରର ମରହଟ୍ଟାମାନଙ୍କ ଅଧୀନ ହେଲା । ମାତ୍ର ୧୮୦୩ ଖ୍ରୀଷ୍ଟାବ୍ଦର ସନ୍ଧି ହେବାରୁ ଉକ୍ତ ଭୋଁସଲା ଇଂରେଜ ସରକାରଙ୍କୁ ଛାଡ଼ିଦେଲେ । ୧୮୦୬ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ପୁଣି ଏ ରାଜ୍ୟ ଫେରାଇଥିଲେ ଏବଂ ୧୮୧୮ ଖ୍ରୀଷ୍ଟାବ୍ଦରେ ପୁଣି ଇଂରେଜମାନଙ୍କ ହସ୍ତଗତ ହେଲା । ଏହି ସମୟରେ ଅନେକ ଅଧୀନ ରାଜା ପାଟଣାରୁ ପୃଥକ୍ ହୋଇ ସ୍ୱାଧୀନ ହେଲେ । ୧୮୬୩ ଓ ୧୮୬୬ ଖ୍ରୀଷ୍ଟାବ୍ଦରେ ପାଟଣା ଫିଉଡେଟୋରୀ ଷ୍ଟେଟ ହେଲା । ମହାରାଜା ହୀରାବଜ୍ରଦେବ ୧୮୬୬ ଖ୍ରୀଷ୍ଟାବ୍ଦରେ ମଲେ । ୧୮୭୧ ଖ୍ରୀଷ୍ଟାବ୍ଦରେ ଭାରି ମେଳି ହେଲା । ମେଳି ଦମନ ହେଲା, କିନ୍ତୁ ବିଶ୍ୱାସ ହେଲା ଯେ, ଲାଲ ବିଶ୍ୱନାଥସିଂହଙ୍କ ଦୌରାତ୍ମ୍ୟରୁ ଅନେକ ଲୋକ ମଲେ । ସୁତରାଂ ସେ ଓ ରାଜା ଗାଦିଚ୍ୟୁତ ହେଲେ ଏବଂ ୧୮୭୧ ଖ୍ରୀଷ୍ଟାବ୍ଦରେ ରାଜ୍ୟ କୋର୍ଟ ଅଫ୍ ୱାର୍ଡ୍‌ସ ଅଧୀନ ହେଲା । ମହାରାଜା ସୁରପ୍ରତାପଦେବ ଅପୁତ୍ରିକ ହୋଇ ମଲେ । ତାଙ୍କ ଭାଇ ରାମଚନ୍ଦ୍ର ସିଂହ ଦେଓ ରାଜା ହେଲେ । ସେ ଅପୁତ୍ରିକ ହୋଇ ମଲେ । ତାଙ୍କ ଦାଦା ମହାରାଜା ଦଳଗଞ୍ଜନସିଂହ ରାଜା ହେଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ପାଟଣା ଓଡ଼ିଶା ସହିତ ସଂଯୁକ୍ତ ହେଲା । ରାଜ୍ୟର ବାର୍ଷିକ ଆୟ ୨,୯୩୭୮ ଟଙ୍କା । ଦେୟ ରାଜସ୍ୱ ବାର୍ଷିକ ୫୩୦୦୦ ଟଙ୍କା ।

ରେଢ଼ାଖୋଲ:—କ୍ଷେତ୍ରଫଳ ୮୩୩ ବର୍ଗମାଇଲ । ଉତ୍ତରରେ ବାମଣ୍ଡା, ପୂର୍ବରେ ଆଠମଲ୍ଲିକ ଓ ଅନୁଗୁଳ, ପଶ୍ଚିମରେ ସମ୍ବଲପୁର ଓ ଦକ୍ଷିଣରେ ସୋନପୁର । ରେଢ଼ାଖୋଲ ସମ୍ବଲପୁରର ଅଧୀନ ଜମିଦାରୀ ଥିଲା, ପରେ ସ୍ୱାଧୀନ ହେଲା । ଧ୍ୱଜ ଶଙ୍ଖପଦ୍ମ । ବାର୍ଷିକ ଆୟ ୨,୧୫୭୪ ଟଙ୍କା, ଦେୟ ରାଜସ୍ୱ ବର୍ଷକୁ ୨୦୦୦ ଟଙ୍କା ।

ରଣପୁର:—କ୍ଷେତ୍ରଫଳ ୨୦୩ ବର୍ଗମାଇଲ । ଉତ୍ତର ପୂର୍ବ ଓ ଦକ୍ଷିଣରେ ପୁରୀ ଜିଲା, ପଶ୍ଚିମରେ ନୟାଗଡ଼ । ରଣପୁରର ରାଜବଂଶ ଅତି ପ୍ରାଚୀନ ବୋଲି କଥିତ ହୁଏ । ରାଜବଂଶାବଳୀରୁ ଜଣାଯାଏ ଏମାନେ ୩୬୦୦ ବର୍ଷ ହେଲା ରାଜତ୍ୱ କରି ଆସୁଅଛନ୍ତି । ଏହି ରାଜବଂଶର ବିଶ୍ୱାବସୁ ଓ ବିଶ୍ୱାବସବ ନାମକ ଦୁଇ ଭ୍ରାତା ନୀଳଗିରି ପାହାଡ଼ରେ ବାସ କରୁଥିଲେ । ମାତ୍ର ସେମାନେ ସେଠାରୁ ତାଡ଼ିତ ହେଲେ । ବିଶ୍ୱାବସବ କେତେକ ଜଣ ସଙ୍ଗୀ ନେଇ ପଳାୟନ କଲେ ଏବଂ ମଣିନାଗ ପାହାଡ଼ରେ ବାସକଲେ । ଏଠାର ଭୂୟାଁମାନଙ୍କୁ ଦମନ

ଜମ୍ବୁଜନ ଏଠାରେ ଅବସ୍ଥିତ ଥିଲା । ଦିନେ ବଣ୍ଡାବାପଡ ଅରଣ୍ୟରେ ଭ୍ରମଣ କରୁଥିବା ସମୟରେ ସେ ଗୋଟିଏ ଠାକୁରାଣୀ ମୂର୍ତ୍ତି ପାଇ ମଣିନାଗ ପର୍ବତକୁ ନେଲେ ଏବଂ ସେଠାରେ ପୂଜା କଲେ । ଠାକୁରାଣୀ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ ବର ଦେଲେ ଏବଂ କହିଲେ, "ପୁତ୍ର ! ସମୟରେ ଏ ରାଜ୍ୟ ରଣପୁରର ଥିଲା, ମାତ୍ର ତୁ ବର୍ତ୍ତମାନ ଏଠାରେ ରହ ଏବଂ ପର୍ବତର ପାଦଦେଶରେ ଗ୍ରାମ ସ୍ଥାପନ କର ।" ବଣ୍ଡାବାପଡ ତଦନୁସାରେ ଗ୍ରାମ ବସାଇ ରଣପୁର ନାମ ଦେଲେ । ଜଟିଳପଦ୍ଧତିରେ ଉଲ୍ଲେଖ ଅଛି ଯେ କଳି ପ୍ରାରମ୍ଭରୁ ୧୧୭୫ ବର୍ଷ ପରେ ଏ ରାଜ୍ୟ ସ୍ଥାପିତ ହୋଇଥିଲା । ପ୍ରଥମରେ ଏହାର ସୀମା ନିମ୍ନଲିଖିତମତେ ଥିଲା—ଦକ୍ଷିଣରେ ଦୋଲଗଡ ପାହାଡ ଓ ସୁଲଗା ନଦୀ, ପଶ୍ଚିମରେ କୁସୁମ ନଦୀ ଉତ୍ତରରେ ବଡ଼ା ନଦୀ ପୂର୍ବରେ କଣ୍ଠେଇ ନାଳ ଓ ଚମ୍ପାଗୁଡ଼ି ପାହାଡ । କଥିତ ଅଛି, ଏ ରାଜ୍ୟର କ୍ଷେତ୍ରଫଳ ପୂର୍ବେ ଅଧିକ ଥିଲା । ଏକ ସମୟରେ ପୂର୍ବସୀମା ଦୟାନଦୀ, ଉତ୍ତରସୀମା ବାଙ୍କି ଏବଂ ଦକ୍ଷିଣସୀମା ଚିଲିକା ହ୍ରଦ ଥିଲା । କଥେ ମଣ୍ଡଳେ ତାଙ୍କର ଗୋଟିଏ ସମାଧି ମନ୍ଦିର ନିର୍ମିତ ଅଛି । ପ୍ରଥମ ୭୪ ଜଣ ରାଜା ୧୭୦୯ ବର୍ଷ ରାଜତ୍ୱ କରିଥିଲେ । ରାଜା ଅନନ୍ତ ସିଂହଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ହରିହର ସିଂହ ୧୬ ଖ୍ରୀଷ୍ଟାବ୍ଦରେ ଗାଦିରେ ବସିଲେ । ସେ ୮୫ ରାଜା । ବହୁଦ ରାଜା ଅର୍ଜୁନ ଭଞ୍ଜ ତାଙ୍କୁ ପରାଜୟ କରି ରଣପୁରଜୟ କଲେ । ତାଙ୍କ ପୁତ୍ର ପିତାମ୍ବର ସିଂହ ରାଜ୍ୟ ଫେରି ପାଇଲେ ଏବଂ ରଣପୁରରେ ରାଜା ହେଲେ । ସେ ୫୦ ବର୍ଷ ରାଜତ୍ୱ ପରେ ୧୧୦୮ ଖ୍ରୀଷ୍ଟାବ୍ଦରେ ମଲେ । ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶା ରାଜା ଅନଙ୍ଗଭୀମଦେବ ତାଙ୍କୁ 'ନରେନ୍ଦ୍ର' ପଦ ଦେଲେ ଏବଂ ସେ ସାମନ୍ତ ରାଜାଙ୍କ ମଧ୍ୟରେ ଗଣ୍ୟ ହେଲେ । କାରଣ ସେ ଯୁଦ୍ଧରେ ବିଶେଷ ପରାକ୍ରମ ଦେଖାଇଥିଲେ । ସେହି ସମୟରୁ ରଣପୁର ରାଜା 'ନରେନ୍ଦ୍ର' ପଦ ପାଇ ଆସୁଛନ୍ତି । ୧୪୫୬ ଖ୍ରୀଷ୍ଟାବ୍ଦରେ ରାଜା ରାମଚନ୍ଦ୍ର ନରେନ୍ଦ୍ର ଗାଦିରେ ବସିଲେ । ସେ ୯୬ ରାଜା ଥିଲେ । ସେ ବଡ଼ ଜ୍ୟୋତିର୍ବେତ୍ତା ଥିଲେ । ତାଙ୍କ ପୁତ୍ର ୪୯ ବର୍ଷ ରାଜତ୍ୱ କରିଥିଲେ ଏବଂ ୧୫୭୫ ଖ୍ରୀଷ୍ଟାବ୍ଦରେ ମଲେ । ତାଙ୍କ ପୁତ୍ର ବନମାଳୀ ନରେନ୍ଦ୍ର ରାଜା ହେଲେ । ସେ ଶିଳ୍ପକାର୍ଯ୍ୟରେ ବଡ଼ ଦକ୍ଷ ଥିଲେ । ଏବଂ ତାଙ୍କ ହସ୍ତନିର୍ମିତ ପ୍ରସ୍ତର ମୂର୍ତ୍ତି ରାଜ୍ୟର ନାନା ସ୍ଥାନରେ ଦେଖା-ଯାଏ । ରାମଚନ୍ଦ୍ର ନରେନ୍ଦ୍ର ଖ୍ରୀଷ୍ଟାବ୍ଦ ୧୬୨୧ ଠାରୁ ୧୬୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ରାଜତ୍ୱ ବେଳେ ଖୋର୍ଦ୍ଧାର ଅନେକ ମୁସଲମାନ ପ୍ରଜା ମୁସଲମାନମାନଙ୍କ ଅତ୍ୟାଚାରରୁ ପଳାଇ ଯାଇ ରଣପୁରରେ ଆଶ୍ରୟ ନେଲେ । ତାଙ୍କ ପରେ ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ରାଜା ହେଲେ । ସେ ୧୬୨୬—୧୬୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କଲେ । ତାଙ୍କ ରାଜତ୍ୱ ସମୟରେ ମରହଟ୍ଟାମାନେ

ଓଡ଼ିଶା ଅଧିକାର କଲେ । ସାରଙ୍ଗଧର ମହାନଦୀ କୂଳରେ ଇଂରେଜ ସୈନିକଙ୍କ ସହିତ ସାକ୍ଷାତ କଲେ ଏବଂ କଣ୍ଟକ ଦୂର ଅପଣା ବଳ ଦେଖାଇବା ଉଦ୍ଦେଶ୍ୟରେ ଅଙ୍ଗୁଳି ତୀରଦ୍ୱାରା ଗୋଟିଏ ମସ୍ତ୍ୟ ମାରିପକାଇଲେ । ସୁତରାଂ ଇଂରେଜ ପ୍ରୀତ ହୋଇ 'ବଜ୍ରଧର' ଉପାଧି ଦେଲେ । ରାଜା କୃଷ୍ଣଚନ୍ଦ୍ର ସିଂହ ଦେବ ଶରଦର ବଜ୍ରଧର ନରେନ୍ଦ୍ର ମହାପାତ୍ର ୧୮୯୧ ଖ୍ରୀଷ୍ଟାବ୍ଦରେ ଗାଦିରେ ବସିଲେ । ରାଜବଂଶର ଚିହ୍ନ ତରବାରୀ । ଉପାଧି ବଜ୍ରଧର ନରେନ୍ଦ୍ର । ରାଜ୍ୟର ବାର୍ଷିକ ଆୟ ୫୦୦୦୦ ଟଙ୍କା ଏବଂ ବାର୍ଷିକ ଦେୟ ରାଜସ୍ୱ ୧୪୦୯ ଟଙ୍କା ।

ତାଳଚେର:—କ୍ଷେତ୍ରଫଳ ୩୯୯ ବର୍ଗମାଇଲ । ଉତ୍ତରରେ ବାମଣ୍ଡା ଏବଂ ପାଲଲହଡ଼ା, ପୂର୍ବରେ ଢେଙ୍କାନାଳ, ଦକ୍ଷିଣରେ ଓ ପଶ୍ଚିମରେ ଅନୁଗୁଳ । ପ୍ରଧାନ ନଦୀ ବ୍ରାହ୍ମଣୀ । କିମ୍ବଦନ୍ତୀ ଅଛି ଯେ ଜୟପୁରର ରାଜାଙ୍କ ଦୁଇ ପୁତ୍ର ଜଗନ୍ନାଥ ଦର୍ଶନ ଲାଗି ପୁରୀ ଆସିଥିଲେ । ସେମାନେ ସୂର୍ଯ୍ୟବଂଶୀ ଓ ରାଣା ଠାକୁରଙ୍କ ବଂଶ ବୋଲି ଦର୍ପ ଗର୍ବ କରୁଥିଲେ ଏବଂ ସେଥିପାଇଁ ପୁରୀ ରାଜାଙ୍କୁ ଦଣ୍ଡବତ କଲେନାହିଁ । ପୁରୀ ରାଜା ସେମାନଙ୍କୁ ଜଗନ୍ନାଥ ଦର୍ଶନ କରିବାକୁ ଦେଲେ ନାହିଁ ଏବଂ ସେମାନଙ୍କ ମଧ୍ୟରୁ ଜଣକ ବନ୍ଦୀ ହେଲେ । ଅନ୍ୟ ଦୁଇ ଭାଇ ପଳାୟନ କରି ଢେଙ୍କାନାଳର ଜଙ୍ଗଲରେ ରହିଲେ ଏବଂ ସେଠାରେ ଦୁର୍ଗଜଗତ ନାମକ ଦୁର୍ଗ ନିର୍ମାଣ କଲେ, ସେମାନେ ଦୁର୍ଗ ନିକଟରେ ଗୋଟିଏ ଦେଉଳ ନିର୍ମାଣ କଲେ ଏବଂ ସେଠାରେ ରାମଚଣ୍ଡୀ ଠାକୁରାଣୀଙ୍କର ପ୍ରତିଷ୍ଠା କଲେ । ଏ ଠାକୁରାଣୀ ଢେଙ୍କାନାଳରେ ଅଛନ୍ତି । ରାଜ୍ୟ ବସିଲାବେଳେ ଉତ୍ତରସୀମା ବାମଣ୍ଡାର ଗଙ୍ଗାଜାଳ ପର୍ଯ୍ୟନ୍ତ ଥିଲା । ଦକ୍ଷିଣସୀମା ଢେଙ୍କାନାଳର କାମଳାଙ୍ଗ ପର୍ଯ୍ୟନ୍ତ ଥିଲା । ପୂର୍ବରେ ଢେଙ୍କାନାଳର ଅଲଟ୍ଟମା ପର୍ଯ୍ୟନ୍ତ ଥିଲା, ପଶ୍ଚିମସୀମା ବାମଣ୍ଡା ଓ ଅନୁଗୁଳ ପର୍ଯ୍ୟନ୍ତ ଥିଲା । ପୁଣି ରାଜା ତାଳଚେର ରାଜାଙ୍କ ସହିତ ଯୁଦ୍ଧ କରି ଜୟୀ ହେଲେ ଏବଂ ନାଧରା, ରାମଚଣ୍ଡୀ, ପରଜଙ୍ଗ, ପନ୍ତସ୍କୁଣୀ ଓ ସୁବଳୟା ଅଧିକାର କରି ଢେଙ୍କାନାଳ ରାଜାଙ୍କୁ ଅର୍ପଣ କଲେ । ଗାଙ୍ଗଜାଳ ବାମଣ୍ଡା ରାଜା ନେଇଗଲେ ।

ଏ ରାଜବଂଶ ସୋନପୁର ରାଜ୍ୟର ସୁବଳୟା ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ, ମାତ୍ର କାଳକ୍ରମେ ସେଠାରୁ ବିତାଡ଼ିତ ହେଲେ । କିମ୍ବଦନ୍ତୀ ଅଛି ଯେ ଏ ବଂଶର ଜଣେ ରାଜା ବ୍ରାହ୍ମଣୀ ନଦୀ ପାର ହୋଇ ଶିକାରକୁ ଯାଉଥିଲେ । ତାଳଚେରସ୍ଥ ଠାକୁରାଣୀଙ୍କ ନିକଟରେ ରାଜାଙ୍କ କୁକୁରକୁ ଠେକୁଆ ମାରିପକାଇଲା । ରାଜା ସେଠାରେ ଗୋଟିଏ ଦୁର୍ଗ ନିର୍ମାଣ କରାଇଲେ । କେତେ ଦିନ ପରେ ସ୍ଥାନୀୟ କନ୍ଧ ମାନଙ୍କ ଦ୍ୱାରା ପରାଜିତ ହୋଇ ପଳାୟନ କଲେ । ଏକଦା କଳାହାଣ୍ଡିର ଗୋଣ୍ଡ-

ସେବାବେଳେ ହେଙ୍ଗୁଳା ଦେବୀ ସ୍ୱପ୍ନରେ କହିଲେ, "ତୁମ୍ଭେ ଯେବେ ମୋତେ ଓ କାଳେଶ୍ୱରୀ ଦେବୀଙ୍କୁ ପୂଜା କରିବ, ତେବେ ଶତ୍ରୁକୁ ଜିଣିବ । ଏ ସ୍ଥାନ ନାମ ତାଳଚେର ହେବ ।" ରାଜା ଏହି ବର ପାଇ ଯୁଦ୍ଧ କଲେ । ଯୁଦ୍ଧ ବେଳେ ହେଙ୍ଗୁଳା ଦେବୀ ବ୍ୟାଘ୍ରରୂପରେ ଶତ୍ରୁକୁ ନିହତ କଲେ । ପରେ ରାଜା ଶୋଇଥିବା ବେଳେ ଦେବୀ ପୁଣି ସ୍ୱପ୍ନରେ ଦେଖାଦେଇ କହିଲେ ଯେ, "ଯେଉଁ ବ୍ୟାଘ୍ର ଶତ୍ରୁ ନିହତ କଲା, ସେ ବ୍ୟାଘ୍ର ମୁହିଁ, ମୁଁ ସ୍ୱୟଂ ଠାକୁରାଣୀ । ରାଜା ସ୍ଥାନର ନାମ ଦେଲେ ତାଳଚେର ଏବଂ ପଦ୍ମନାଭପୁର ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନ-ଦେଲେ ।

ତାଳଚେର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମ ୧୪ ମାଇଲ ଦୂରରେ ହେଙ୍ଗୁଳା ଦେବୀ ପୂଜା ପାଉଛନ୍ତି । ଠାକୁରାଣୀଙ୍କ ନିକଟ ସ୍ଥଳୀ ଦୁଇ ତିନି ମାଇଲ ବିସ୍ତୃତ । କୋଇଲା ଜମି ଉପରେ ଦେଖାଯାଏ । ସେ ସ୍ଥାନରେ ଧୂମ ବାହାରିବାର ଦେଖାଯାଏ । ଚୈତ୍ରମାସ ପୂର୍ଣ୍ଣିମାରେ ପୂଜା ହୁଏ । ରାଜବଂଶର ଚିହ୍ନ ବ୍ୟାଘ୍ର । ବାର୍ଷିକ ଆୟ ୭୫୦୦୦ ଟଙ୍କା ଏବଂ ଦେୟ ରାଜସ୍ୱ ୧୦୫୦ ଟଙ୍କା ।

ତିଗିରିଆ :—କ୍ଷେତ୍ରଫଳ ୪୬ ବର୍ଗମାଇଲ । ଉତ୍ତରରେ ଢେଙ୍କାନାଳ, ପୂର୍ବରେ ଆଠଗଡ଼, ଦକ୍ଷିଣରେ ମହାନଦୀ ଏବଂ ପଶ୍ଚିମରେ ବଡ଼ମ୍ବା ।

ନିତ୍ୟାନନ୍ଦ ଭୁଞ୍ଜ ଏବଂ ତାଙ୍କ ସାନଭାଇ ଜଗନ୍ନାଥ ଦର୍ଶନକୁ ଆସିଥିଲେ । ବଡ଼ଭାଇଙ୍କି ଜଗନ୍ନାଥ ମହାପ୍ରଭୁ ରାତ୍ରେ ସ୍ୱପ୍ନରେ କହିଲେ ଯେ, ଦୁଷ୍ଟର ତଡ଼ୋଖୋଲା ନଦୀର ପଶ୍ଚିମପାର୍ଶ୍ୱସ୍ଥ ଏ ରାଜ୍ୟର ସିଂହାସନରେ ସେ ଅଧିକାରୀ ହେବେ, କାରଣ ସେ ବଡ଼ ଧର୍ମୀ ଥିଲେ । ନିତ୍ୟାନନ୍ଦ ୧୨୪୬ ଖ୍ରୀଷ୍ଟାବ୍ଦରେ ଏଠାରେ ରାଜ୍ୟ ବସାଇଲେ । ନବାବ୍ର ସୌଜନ୍ୟ ଓ ଖୋରାକ ପୋଷାକ ବନ୍ଦ କରିବା ଦ୍ୱାରା ରାଜ୍ୟର ସୀମା ସଙ୍କୁଚିତ ହୋଇଛି । ତିଗିରିଆ ରାଜା ମରହଟ୍ଟା ସର୍ଦ୍ଦାର ଚିମନଜୀଙ୍କୁ ସାହାଯ୍ୟ ଦେଇ ଢେଙ୍କାନାଳ ବିପକ୍ଷରେ ଯୁଦ୍ଧ କରିଥିଲେ । ରାଜା ସଙ୍ଗଦେବଙ୍କୁ ମରହଟ୍ଟାମାନେ ମହାପାତ୍ର ଉପାଧି ଦେଇଥିଲେ ଏବଂ ତାଙ୍କ ଦେୟ ରାଜସ୍ୱ ଚିରସ୍ଥାୟୀ କରିଦେଇଥିଲେ । ରାଜା ସମ୍ପୂର୍ଣ୍ଣ ବିଜେ ହେଲେ କଳା ଛତ୍ର, କାହାଳୀ ଇତ୍ୟାଦି ବଜାଇ ବାହାରିବାର ସନନ୍ଦ ପାଇଥିଲେ । ବାଣପୁର ରାଜାଙ୍କୁ ଦମନ କରିବା ବିଷୟରେ ତିଗିରିଆ ରାଜା ଓଡ଼ିଶା ରାଜାଙ୍କୁ ସାହାଯ୍ୟ କରିଥିଲେ । ରାଜା ଜଗନ୍ନାଥ ଚମ୍ପତି ଓ ଭୀମ୍ବା ରାଜାଙ୍କ ବିପକ୍ଷରେ ଓଡ଼ିଶା ରାଜାଙ୍କୁ ସାହାଯ୍ୟ ଦେଇ ଜଗନ୍ନାଥ ଦେବଙ୍କ ବଡ଼ପଣ୍ଡା । ସେବା ପାଇଥିଲେ । ତିଗିରିଆ 'ତିଗିରି'ର ଅପଭ୍ରଂଶ । କେହି କେହି କହନ୍ତି 'ତିଗଡ଼'ର ଅପଭ୍ରଂଶ । ଏ ରାଜା-

ମାଦେବ ଷଣ୍ଡିସ୍ୱ । ଏମାନଙ୍କ ସମ୍ମାନ 'ଶମ୍ଭୁପନ୍ଥ' । ବାର୍ଷିକ ଆୟ ୧୦୦୦୦ ଟଙ୍କା, ସରକାରଙ୍କୁ ଦେୟ ରାଜସ୍ୱ ବର୍ଷକୁ ୮୮୨ ଟଙ୍କା ।

ଏ ସମସ୍ତ ଗଡ଼ଜାତମାନଙ୍କ କ୍ଷେତ୍ରଫଳ ୨୮୦୪୪ ବର୍ଗମାଇଲ୍ । ଲୋକସଂଖ୍ୟା ୩୧୭୩୩୯୬ । ମୋଟ ଆୟ ୧୮୯୨-୯୩ ଖ୍ରୀଷ୍ଟାବ୍ଦରେ ଟ ୧୧୧୨୪୪୩୧ ଓ ୧୯୦୧-୨ରେ ଟ ୨୭୦୧୬୫୦୧ ଏବଂ ୧୯୦୭-୮ରେ ଟ ୪୯୫୩୩୮୫୧ ।

ସମ୍ବଲପୁର:—କ୍ଷେତ୍ରଫଳ ୩୮୨୭ ବର୍ଗମାଇଲ୍ । ଲୋକସଂଖ୍ୟା ୬୩୮୯୯୨ । ପୂର୍ବେ ସମ୍ବଲପୁର ମଧ୍ୟପ୍ରଦେଶର ଛତିଶଗଡ଼ ବିଭାଗର ଅନ୍ତର୍ଗତ ଥିଲା । ଏବଂ ସେତେବେଳେ ତାହାର ଆୟତନ ୪୯୪୦ ବର୍ଗମାଇଲ ଓ ଲୋକସଂଖ୍ୟା ୮୨୯୬୯୮ ଥିଲା । ୧୯୦୫ ଖ୍ରୀଷ୍ଟାବ୍ଦରେ ଫୁଲଝର, ଚନ୍ଦ୍ରପୁର, ପଦ୍ମପୁର ଓ ମାଲଖରୋଦା (୧୩୩୨ ବର୍ଗମାଇଲ) ବାଦ ଯାଇ ସମ୍ବଲପୁରର ସମସ୍ତ ଅଂଶ ବଙ୍ଗଳା ପ୍ରଦେଶର ଅନ୍ତର୍ଗତ ହୋଇ ଓଡ଼ିଶା ସହିତ ମିଶ୍ରିତ ହେଲା । ଶାସନକାର୍ଯ୍ୟ ସକାଶେ ସମ୍ବଲପୁର ଦୁଇ ବିଭାଗରେ ବିଭକ୍ତ ହୋଇଅଛି । ଯଥା—ସମ୍ବଲପୁର ଓ ବରଗଡ଼ ଅର୍ଥାତ୍ ଉତ୍ତର ଖଣ୍ଡ ଓ ଦକ୍ଷିଣ ଖଣ୍ଡ । ପ୍ରଧାନ ନଗର ସମ୍ବଲପୁର । ସମଲେଇ ଠାକୁରାଣୀଙ୍କ ନାମାନୁସାରେ ଏହାର ନାମ ସମ୍ବଲପୁର ହୋଇଅଛି । ଶିମିଳି ଗଛ ମୂଳରେ ଠାକୁରାଣୀ ପ୍ରତିଷ୍ଠିତ ହୋଇଥିବାରୁ ତାଙ୍କ ନାମ ସମଲେଇ । ସମ୍ବଲପୁରର ଉତ୍ତରରେ ଯଶପୁର ଜିଲ୍ଲା, ଉତ୍ତର-ପଶ୍ଚିମରେ ସାରଙ୍ଗଗଡ଼, ଉତ୍ତର ଓ ଉତ୍ତର ପୂର୍ବରେ ଗାଙ୍ଗପୁର, ଦକ୍ଷିଣ ଓ ଦକ୍ଷିଣ ପୂର୍ବରେ ବାମଣ୍ଡା, ରେଢ଼ାଖୋଲ, ସୋନପୁର ଓ ପାଟଣା । ଏ ଜିଲ୍ଲାର ପ୍ରଧାନ ନଦୀ ମହାନଦୀ ଓ ପ୍ରଧାନ ପାହାଡ଼ ବାରପାହାଡ଼ । ଦକ୍ଷିଣ-ପଶ୍ଚିମରେ ଅନେକ ପର୍ବତଶ୍ରେଣୀ ବିସ୍ତୃତ । ଏ ପାହାଡ଼ ସମ୍ବଲପୁର ଓ ଛତିଶଗଡ଼ ମଧ୍ୟରେ ପ୍ରଧାନ ସୀମା । ଛତିଶଗଡ଼ରେ ହିନ୍ଦୀଭାଷା, ସମ୍ବଲପୁରରେ ଓଡ଼ିଆ ଭାଷା । ଯଶପୁରରେ କଳାମାଟି ଓ ସମ୍ବଲପୁରରେ ବାଲିଆ ମାଟି । ବାରପାହାଡ଼ର ଦୈର୍ଘ୍ୟ ୮ ମାଇଲ, ଉଚ୍ଚତା ୨୨୬୭ ଫୁଟ ।

ମହାନଦୀ ଓ ଇବନଦୀ ଗର୍ଭରେ ସ୍ୱର୍ଣ୍ଣ ମିଳେ । ଲୋକମାନେ ମାଟି ଧୋଇ ସ୍ୱର୍ଣ୍ଣକଣିକା ବାହାର କରନ୍ତି । ସମ୍ବଲପୁର ଜିଲ୍ଲା ହୀରାପାଇଁ ବିଖ୍ୟାତ । ଭାରତରେ ଯେତେଟି ହୀରା ମିଳେ ତହିଁ ମଧ୍ୟରେ ସମ୍ବଲପୁରର ହୀରା ବିଖ୍ୟାତ । ୧୭୬୬ ଖ୍ରୀଷ୍ଟାବ୍ଦରେ କ୍ଲାଇଭ ସାହେବ ସମ୍ବଲପୁର ହୀରା କିଣିବା ଲାଗି ମାଟି-ସାହେବଙ୍କୁ ପଠାଇଥିଲେ । ମହାନଦୀ ଓ ଇବନଦୀର ସଂଯୋଗ ସ୍ଥାନରୁ ମିଳୁଥିବା

ହୀରା ମିଳୁଛି କେତେକ କାଳି କେଇଥିଲେ । ୧୮୦୪ ଓ ୧୮୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହାନଦୀରୁ ସେଉଁ ହୀରା ମିଳିଥିଲା ସେ ବିଷୟ ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ଜଣେ କର୍ମଚାରୀ ବ୍ରିଟନ ସାହେବ ବର୍ଣ୍ଣନା କରିଅଛନ୍ତି । ସେଥିରୁ ଜଣାଯାଏ ମହାନ୍ତି ଜଗନ୍ନାଥ ୧୮୦୯ ଖ୍ରୀଷ୍ଟାବ୍ଦରେ ଗୋଟିଏ ହୀରା ପାଇଥିଲେ, ତାର ଓଜନ ୨୧୨ ଗ୍ରେନ ବା ୨.୦୦୬ କାରାଟ୍ । ପରେ ଏ ହୀରା କଣ ହେଲା ତା କେହି କହି ଜଣା ନାହିଁ । ସେତେବେଳେ ବେଶୀ ଓଜନର ହୀରା ମିଳୁଛି ଯାହାପେକ୍ଷା ଏହାର ଓଜନ ବେଶୀ । ସମ୍ବଲପୁରର ରାଣୀ ୨୧୮ ଓ ୩୦୮ ଗ୍ରେନର ହୀରା ପାଇଥିଲେ । ୧୮୧୮ ଖ୍ରୀଷ୍ଟାବ୍ଦରେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ନିକଟକୁ ଖଣ୍ଡେ ହୀରା ପଠା ଯାଇଥିଲା । ତାର ଓଜନ ୮୧ ରତିନ, ମୂଲ୍ୟ ୫୦୦ ଟଙ୍କା ।

କିପରି ହୀରା ଆମଦାନୀ ହେଉଥିଲା ତାହାର ବିବରଣ ସ୍ଲେମାନର ସାହେବ ନିମ୍ନଲିଖିତମତେ ଦେଇଛନ୍ତି । ମହାନଦୀର ବେଡ଼ ଦ୍ୱୀପ ନିକଟରେ ହୀରାକୁଦ ନାମକ ଗୋଟିଏ ଦ୍ୱୀପ ଅଛି । ଏହାର ଦୈର୍ଘ୍ୟ ୪ ମାଇଲ ଏବଂ ସେତେ ଦୂର ଯାଏ ନଦୀ ଦୁଇଟି ଭାଗରେ ବିଭକ୍ତ ହୋଇଛି । ମାର୍ଚ୍ଚ ମାସରେ ଅନ୍ୟାନ୍ୟ ନାହିଁ ଦିଆଯା ବେଳେ, ସେତେବେଳେ ପାଣି ଜଦାନାଳରେ ରହେ, ଅନେକ ଲୋକ, ପ୍ରାୟ ୫୦୦୦, ଏକତ୍ରିତ ହୋଇ ନଦୀର ଉତ୍ତର ଶାଖା ମୁଣ୍ଡରେ ଗୋଟିଏ ବନ୍ଧ ପକାନ୍ତି । ଫଳରେ ଏ ଶାଖାର ଜଳ ଦକ୍ଷିଣ ଶାଖାକୁ ଚାଲିଯାଏ । ଉତ୍ତର ଶାଖାରେ ଖାଲଗାତମାନଙ୍କରେ ସ୍ଥାନେ ସ୍ଥାନେ ଜଳ ଜମି ରହେ । ଖାଲମାନଙ୍କରେ ଯେଉଁ ପାଣି ଜମିରହେ ସେଥିରେ ଲୋକମାନେ ପଶନ୍ତି ଓ ତଳେ ଜମିଥିବା ବାଲିଗୋଡ଼ା ଗୁଣ୍ଡିକୁ ଧୁଅନ୍ତି । ପ୍ରଧାନତଃ ସ୍ତ୍ରୀଲୋକମାନେ ଏହି ଧୋଇବା କାର୍ଯ୍ୟ କରନ୍ତି । ହୀରା ଖୋଜିବା କାର୍ଯ୍ୟ ଯେଉଁଥିରେ ହୁଏ ସେଗୁଡ଼ିଆ କାର୍ଯ୍ୟ ତଦାରଖ ହୁଏ । ହୀରା ମିଳିଲେ ଧୋଇବା ଲୋକ କିଏ ହୀରା ପାଇବା ଲୋକ ଖଣ୍ଡେ ଗ୍ରାମ ପୁରସ୍କାର ପାଏ । ସେଉଁମାନେ ଏପରି ଗ୍ରାମ ପୁରସ୍କାର ପାନ୍ତି ସେମାନେ ଉକ୍ତ ଗ୍ରାମମାନ ନିଷ୍କର ଭୋଗ କରନ୍ତି । ସମ୍ବଲପୁର ରାଜାଙ୍କ ଅଧୀନରେ ଥିବା ପର୍ଯ୍ୟନ୍ତ ଏପରି କାର୍ଯ୍ୟ ଚାଲୁଥିଲା । ମାତ୍ର ସମ୍ବଲପୁର ଇଂରେଜ ସରକାରଙ୍କ ହସ୍ତଗତ ହେବାପରେ ହୀରା ଆମଦାନୀ ଲୋପ ପାଇଗଲା । ୧୮୫୬ ଖ୍ରୀଷ୍ଟାବ୍ଦରେ ଜଣେ ସାହେବ ବାର୍ଷିକ ୨୦୦ ଟଙ୍କା କରରେ ଏ ସତ୍ତ୍ୱକୁ ଠିକା ନେଇଥିଲେ କିନ୍ତୁ ଲାଭ ନ ହେବାରୁ ଛାଡ଼ିଦେଲେ । ନିଷ୍କର ଗ୍ରାମଟିକୁ କରଦାୟୀ କରିବାରୁ ଏ କାର୍ଯ୍ୟରେ ଅଧିକ ଟଙ୍କା ମୂଲଧନ ଆବଶ୍ୟକ ହେଲା ପୁଣି ଲାଭ ହେଲା ନାହିଁ ।

# ଶପଥ ପ୍ରସଙ୍ଗ

ଧର୍ମ—ଏ ବିଶ୍ୱଜଗତକୁ ଯେ ଧରି ରଖିଛି ସେ ଧର୍ମ । ଏ ବିଶ୍ୱଜଗତକୁ ଧରି ରଖିଛି କିଏ ? ବିଶ୍ୱସ୍ରଷ୍ଟା ପରମପିତା ପରମେଶ୍ୱର । ତାଙ୍କୁ କେହି ବ୍ରହ୍ମ କହୁଛି, କେହି ପରମେଶ୍ୱର କହୁଛି, କେହି ପରମପୁରୁଷ କହୁଛି, କେହି ଈଶ୍ୱର ବୋଲି କହୁଛି । ଏହିପରି ନାନା ନାମରେ ସେ ଲୋକସମାଜରେ ପରିଚିତ । ସେହି ଏକ ପରମପୁରୁଷଙ୍କୁ ଲୋକମାନେ ନାନା ଭାବରେ ଭାବି ନାନା ସମ୍ପ୍ରଦାୟରେ ବିଭକ୍ତ ହୋଇଛନ୍ତି । ଜ୍ଞାନୀ ଧ୍ୟାନବାଦୀମାନେ ତାଙ୍କୁ ନାନା ଦୃଷ୍ଟିରେ ଦେଖି ନାନା ସମ୍ପ୍ରଦାୟରେ ବିଭକ୍ତ ହୋଇଅଛନ୍ତି । ଯଥା—ଶୈବ, ବୈଷ୍ଣବ, ଗାଣପତ୍ୟ, ଶାକ୍ତ, ସୌର ଇତ୍ୟାଦି । ବୈଷ୍ଣବ ମଧ୍ୟରେ ମଧ୍ୟ ନାନା ଶାଖାପ୍ରଶାଖା ଅଛି । ଯଥା— ଶ୍ରୀ ସମ୍ପ୍ରଦାୟ, ଗୌଡ଼ୀୟ ସମ୍ପ୍ରଦାୟ, ଅତିବଡ଼ୀ ସମ୍ପ୍ରଦାୟ, ମାଧ୍ୱାଚାର୍ଯ୍ୟ ସମ୍ପ୍ରଦାୟ ଇତ୍ୟାଦି । ବେଦାନ୍ତ, ସାଂଖ୍ୟ, ନ୍ୟାୟ ପ୍ରଭୃତି ଦର୍ଶନକାରମାନେ ବ୍ରହ୍ମ, ପୁରୁଷ, ପ୍ରକୃତି ଇତ୍ୟାଦି ନାନା ତତ୍ତ୍ୱ ଆଲୋଚନା କରିଅଛନ୍ତି । ଏ ସମସ୍ତ ଏକତ୍ର ଆଲୋଚନା କରି ଦେଖିଲେ ଜଣାଯାଏ ଯେ, ବିଶ୍ୱଜଗତ ମୂଳରେ ଏକ ଅଚିନ୍ତ୍ୟ ଶକ୍ତି କାର୍ଯ୍ୟ କରୁଅଛି । ସେହି ଶକ୍ତି ଏ ଦୃଶ୍ୟ ଜଗତର ମୂଳ କାରଣ । ସେହି ଶକ୍ତି ଏ ଜଗତକୁ ଧାରଣ କରିଛି । ସେହି ଶକ୍ତି ଧର୍ମ । ସେହି ଶକ୍ତିର ଅନେକଗୁଡ଼ିଏ ଧର୍ମ ଅଛି । ସେହି ଧର୍ମ ପାଳନ କଲେ ଲୋକ ରକ୍ଷା ହୁଏ ଏବଂ ସେହି ଶକ୍ତିର ଉଦ୍ଦେଶ୍ୟ ସାଧିତ ହୁଏ । ସେ ଧର୍ମର ଆକାର ପ୍ରକାର କଣ ? ସାମ୍ୟମୈତ୍ରୀ ଭାବ, ଅର୍ଥାତ୍ ସକଳ ପ୍ରାଣୀଠାରେ ସମାନ ଭାବ । ଭଗବାନ ଗୀତାରେ କହିଛନ୍ତି, "ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି" ଅର୍ଥାତ୍ ଯେ ମତେ ସବୁଠାରେ ଦେଖେ ଏବଂ ସବୁକୁ ମୋଠାରେ ଦେଖେ, ସେ ମୋର ପ୍ରିୟ ଅର୍ଥାତ୍ ସେ ମୋ ଉଦ୍ଦେଶ୍ୟ ଅନୁସାରେ କାର୍ଯ୍ୟକରେ ଆହୁରି ମଧ୍ୟ ଗୀତାରେ କୁହାଯାଇଛି—ଏ ଦୃଶ୍ୟ ଜଗତରେ ଯେତେ ପ୍ରାଣୀ ଅଛନ୍ତି, ସେ ସବୁର "ଅହଂ ବୀଜପ୍ରଦ ପିତା" ଅର୍ଥାତ୍ ଏ ଜଗତରେ ଯାବତୀୟ ବସ୍ତୁର ପିତା ଭଗବାନ । ଏଥିରୁ ମଧ୍ୟ ସେହି ସାମ୍ୟମୈତ୍ରୀ ଭାବ ପ୍ରକାଶ ପାଉଛି । ଭାଗବତ ମଧ୍ୟ କହୁଛି ଯେ, "କାଷ୍ଠ ପାଷାଣ ତରୁ ତୃଣ, ବ୍ରହ୍ମ ଅନାଦି କାରଣ" । ଏଥିରୁ ମଧ୍ୟ ସେହି ସାମ୍ୟମୈତ୍ରୀ ଭାବ ଅଛି ।

ଯେ କୌଣସି ଧର୍ମଶାସ୍ତ୍ର, ସ୍ମୃତି- ପୁରାଣ ଦର୍ଶନ ପ୍ରଭୃତି ଆଲୋଚନା କର ତେବେ ସବୁର ସାରମର୍ମ ସାମ୍ୟମୈତ୍ରୀ ସ୍ତବ ।

ପ୍ରାଚୀନ ଉତ୍କଳର ଧର୍ମ କ'ଣ ଥିଲା ? ପ୍ରାଚୀନ ଉତ୍କଳ ବାସରେ ହିନ୍ଦୁ-ଧର୍ମର ସକଳ ସମ୍ପ୍ରଦାୟ ଲୀଳାଖେଳା କରି ଯାଇଛନ୍ତି ଏବଂ ଉତ୍କଳ ଅତି ଗୌରବ ଆଦରର ସହିତ ସମସ୍ତଙ୍କୁ ଆଶ୍ରୟ ଦେଇଛି । ଶୈବ ଧର୍ମର ପ୍ରଧାନ ଲୀଳାସ୍ଥାନ ଭୁବନେ-ଶ୍ୱର, କୋଣାର୍କ ସୂର୍ଯ୍ୟପୂଜାର ପ୍ରଧାନ ଲୀଳାଖେଳା ସ୍ଥଳ । ଏତଦ୍ଭିନ୍ନ ପ୍ରତ୍ୟେକ ସମ୍ପ୍ରଦାୟର ବହୁ ଓ ମୂର୍ତ୍ତି ଉତ୍କଳର ନାନା ସ୍ଥାନରେ ଅଦ୍ୟାବଧି ବିଦ୍ୟମାନ ଅଛି । ହିନ୍ଦୁଧର୍ମ ସବୁ ବଡ଼ାଇଲେ ଧର୍ମ ପୃଥିବୀରେ ନାହିଁ । ହିନ୍ଦୁ ଧର୍ମଶାସ୍ତ୍ରରେ ସକଳପ୍ରକାର ଶାଖା ସମ୍ପ୍ରଦାୟର ଧର୍ମମତ ସ୍ଥାନ ପାଇଛି । ହିନ୍ଦୁସ୍ଥାନରେ ଏହି ସନାତନ ଧର୍ମ ଅବହମାନ କାଳରୁ ଚାଲି ଆସୁଛି । ଏହା କେବେ ପ୍ରଥମେ ସୃଷ୍ଟି ହେଲା, ତାହା ଆଜି ପର୍ଯ୍ୟନ୍ତ କେହି ସ୍ଥିର କରିପାରିନାହିଁ । ବେଦ ହିନ୍ଦୁର ପ୍ରଧାନ ଧର୍ମଶାସ୍ତ୍ର । ବେଦ ଅପୌରୁଷେୟ । ଏ ସକଳ ସାମ୍ପ୍ରଦାୟିକ ମତର ଏକତ୍ର ସମନ୍ୱୟ କେବଳ ଉତ୍କଳରେ ଦେଖାଯାଏ । ଉତ୍କଳର ପବିତ୍ରତା ପୁରାଣପ୍ରସିଦ୍ଧ । ଉତ୍କଳ ଦେବଭୂମି ବୋଲି ପ୍ରସିଦ୍ଧ । କଳିଯୁଗରେ ଯାବତୀୟ ଦେଶ ମଧ୍ୟରେ ଭାରତ ସର୍ବଶ୍ରେଷ୍ଠ ଏବଂ ସମସ୍ତ ଭାରତ ମଧ୍ୟରେ ଉତ୍କଳ ଦେଶ ସର୍ବଶ୍ରେଷ୍ଠ । ଉତ୍କଳର ପ୍ରତ୍ୟେକ ଧୂଳିକଣା, ପ୍ରତ୍ୟେକ ପ୍ରତ୍ୟେକ ଜଳକଣା ଦେବତେଜ ପବିତ୍ର । ଉତ୍କଳ ଦେଶ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ । ହିନ୍ଦୁର ଧର୍ମ ସାମ୍ରାଜ୍ୟର ପୁରୁଷୋତ୍ତମ କ୍ଷେତ୍ର ରାଜଧାନୀ । ଏହି ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ ହିନ୍ଦୁମାନଙ୍କର ସର୍ବଶ୍ରେଷ୍ଠ ପୂଜ୍ୟ ଦେବତା ପ୍ରତିଷ୍ଠିତ । ହିନ୍ଦୁ-ଧର୍ମର ଯେତେ ଶାଖା ପ୍ରଶାଖା ଅଛି, ଯେତେ ସମ୍ପ୍ରଦାୟ ଅଛି, ସମସ୍ତେ ପୁରୁଷୋତ୍ତମ କ୍ଷେତ୍ରକୁ ନ ଆସିଲେ ନିଜର ଚିରପୋଷିତ ଉପାସନାର ତୃପ୍ତି ହୁଏନାହିଁ । ପୁରୁଷୋତ୍ତମର ଏହି ବିଶେଷତ୍ୱ ଅଦ୍ୟାବଧି ଅକ୍ଷୁଣ୍ଣ ଭାବରେ ରହିଅଛି । ଏ କ୍ଷେତ୍ରର ପରମାରାଧ୍ୟ ଦେବତା କିଏ ? ଜଗନ୍ନାଥ । ଜଗନ୍ନାଥ କହିଲେ କୌଣସି ସମ୍ପ୍ରଦାୟ ବା କୌଣସି ଶାଖାର କୌଣସି ପ୍ରକାର ଆପତ୍ତିର ସ୍ଥାନ ନାହିଁ । ସାମ୍ୟମୈତ୍ରୀ ଧର୍ମର ପ୍ରଧାନ ପରମ ଆରାଧ୍ୟ ଦେବତାଙ୍କୁ ଅନ୍ୟ କୌଣସି ଉପଯୁକ୍ତ ନାମରେ ନାମକରଣ କରାଯାଇ ନପାରେ । ଖ୍ରୀଷ୍ଟିୟାନ ବା ମୁସଲମାନମାନେ ମୂର୍ତ୍ତିପୂଜାକୁ ଘୃଣା କରନ୍ତି ମାତ୍ର ସେମାନେ ପ୍ରକାରାନ୍ତରରେ ମୂର୍ତ୍ତିପୂଜକ । ତଥାପି ସେମାନେ ମୂର୍ତ୍ତିପୂଜା କଥା ଛାଡ଼ିଦେଲେ ଆଉ ଅନ୍ୟ କୌଣସି ପ୍ରକାରେ ଆପତ୍ତି ସେମାନଙ୍କର ହୋଇ ନପାରେ । ଜଗନ୍ନାଥ ନାମକୁ କେହି ଆପତ୍ତି କରି ନପାରନ୍ତି । ଏହି ସାମ୍ୟମୈତ୍ରୀ-ଧର୍ମର ପରମ ଆରାଧ୍ୟ ଦେବତା ଜଗନ୍ନାଥ ବହୁ ପୁରାକାଳରୁ

ପ୍ରତିଷ୍ଠିତ । ଅନ୍ୟତ୍ର ବେଦ ଓ ମହାଭାରତ ପୁଟରୁ ଉତ୍କଳର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି ।

ଜଗନ୍ନାଥ କେବଳ ନାମରେ ସାମ୍ୟ ମୈତ୍ରୀ ଧର୍ମର ଇଷ୍ଟ ଆରାଧ୍ୟ ଦେବତା ନୁହନ୍ତି । କାର୍ଯ୍ୟରେ ମଧ୍ୟ ଏହି ଧର୍ମ ଅକ୍ଷରେ ଅକ୍ଷରେ ପ୍ରତିପାଳିତ ହୋଇ ଆସୁଅଛି । ଜଗନ୍ନାଥଙ୍କ ମହାପ୍ରସାଦ ସେବା ଲାଗି ଜାତିଭେଦ ବିଚାର ନାହିଁ । ପୁରୀ ଜିଲାର ସକଳ ଶ୍ରେଣୀସ୍ଥ ଲୋକେ ନିର୍ବିକାର ଚିତ୍ତରେ ଏକତ୍ର ବସି ମହାପ୍ରସାଦ ଭୋଜନ କରୁଅଛନ୍ତି । ବ୍ରାହ୍ମଣ ଚଣ୍ଡାଳ ହାତରୁ ନିର୍ବିକାର ଚିତ୍ତରେ ମହାପ୍ରସାଦ ନେଇ ସେବା କରି ନିଜର ଜୀବନକୁ ଧନ୍ୟ ମନେକରେ । ରଥଯାତ୍ରା ସମୟରେ ସକଳ ବର୍ଣ୍ଣର ଲୋକ, ସକଳ ଧର୍ମର ଲୋକ ଏବଂ ସକଳ ଶ୍ରେଣୀର ଲୋକମାନେ ଏକାଠିରେ ରଥ ଦଉଡ଼ି ଭିଡ଼ି ଟାଣନ୍ତି । ଏଠାରେ ମଧ୍ୟ ଜାତିଭେଦ ବିଚାର ନାହିଁ । ପୁରୀର ମହାରାଜା ଯେ ଲୋକସମାଜରେ ଚଳନ୍ତି ବିଷ୍ଣୁ ବୋଲି ପରିଚିତ ଏବଂ ଯାହାଙ୍କ ପାଦ ସ୍ପର୍ଶ କରି ଯାତ୍ରୀମାନେ ପବିତ୍ର ହେଲେ ବୋଲି ବିଶ୍ୱାସ କରନ୍ତି, ସେ ଜଗନ୍ନାଥ ରଥରେ ଚଣ୍ଡାଳର କାର୍ଯ୍ୟ କରନ୍ତି ଅର୍ଥାତ୍ ରଥ ଝାଡ଼ୁ କରି ଛେରା ପହଁରା ପକାନ୍ତି । ଜଗନ୍ନାଥଙ୍କ ସମକ୍ଷରେ ରାଜା ପ୍ରଜା ସମସ୍ତେ ସମାନ । ସେଠାରେ କେହି ଆପଣାକୁ ବଡ଼ ବୋଲି ଗର୍ବ କରିପାରିବ ନାହିଁ । ଏହି ମହାଶିକ୍ଷା ଦେବାଲାଗି ପୁରୀ ମହାରାଜାଙ୍କର ଏ ନୀତି କରିବାର ବିଧି ଅଛି । ଥରେ ଏହି କାର୍ଯ୍ୟ ଦେଖି କାଞ୍ଚି ରାଜା ପୁରୀର ତଦାନୀନ୍ତନ ମହାରାଜା ପୁରୁଷୋତ୍ତମ ଦେବଙ୍କୁ କନ୍ୟାପ୍ରଦାନ କରିବାକୁ ଅସ୍ୱୀକୃତ ହୋଇଥିଲେ ଏବଂ ସେହି ହେତୁରୁ କାଞ୍ଚି ଯୁଦ୍ଧ ହୋଇଥିଲା ଏବଂ ସ୍ୱୟଂ ଜଗନ୍ନାଥ ଦୁଇ ଭାଇ ରାଜାଙ୍କ ପକ୍ଷ ନେଇ ଯୁଦ୍ଧ କରିଥିବା ବିଷୟ ମାଦଳାପାଞ୍ଜି ସଗର୍ବ-ସ୍ୱରରେ ଘୋଷଣା କରୁଅଛି । ଆଜି ଜାତିଭେଦ ଛୁଟାଇ ଦିଅ, ଅସ୍ପୃଶ୍ୟତା ନିବାରଣ କର ବୋଲି ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଡାକ ପଡ଼ିଛି । ମାତ୍ର ଉତ୍କଳ ଜଗନ୍ନାଥଦେବଙ୍କ ପ୍ରସାଦରୁ କେତେ କାଳରୁ ଏ ଧର୍ମ କାର୍ଯ୍ୟରେ ପରିଣତ କରିଛି । ସାମ୍ୟ ମୈତ୍ରୀ ଧର୍ମ ବିଶ୍ୱଜଗତର ଧର୍ମ । ଏହାକୁ ସାର୍ବଜନୀନ ଧର୍ମ କହିପାର । ଏ ଧର୍ମ ଆଗରେ ଜଗତ ନତମସ୍ତକ । ସୌର, ଶାକ୍ତ, ଶୈବ, ଗାଣପତ୍ୟ, ବୈଷ୍ଣବ, ବ୍ରାହ୍ମ, ବୌଦ୍ଧ, ଖ୍ରୀଷ୍ଟାନ, ମୁସଲମାନ ସମସ୍ତ ସାମ୍ପ୍ରଦାୟିକ ଧର୍ମର ସାରମର୍ମ ସାର୍ବଜନୀନ ଧର୍ମ ସମକ୍ଷରେ ନତମସ୍ତକ । ଜଗନ୍ନାଥ ଏହି ସାର୍ବଜନୀନ ଧର୍ମର ଆରାଧ୍ୟ ଦେବତା । ଉତ୍କଳ ଏହି ଆରାଧ୍ୟ ଦେବତାଙ୍କୁ ବକ୍ଷପଟରେ ଧାରଣକରି ସର୍ବଧର୍ମର ଦେଶ ବୋଲି ଖ୍ୟାତିଲାଭ କରିଛି । ନୀଳାଚଳ ଉପରେ ନୀଳଚକ୍ରରେ ସାମ୍ୟ ମୈତ୍ରୀ ପତାକା ଅହରହ ଉଡ଼ୁଛି ଏବଂ ଜଗନ୍ନାଥ ହାତରୁ ଆଜାନୁଲମ୍ବିତ ଭୁଜ ଉତ୍ତୋଳନ କରି ଜାତି ଧର୍ମ ନିର୍ବିଶେଷରେ ସକଳ ଭକ୍ତମାନଙ୍କୁ ଆହ୍ୱ

ଦେଖିବାପାଇଁ ଅବଶ୍ୟ ହେଇ ଉତ୍କଣ୍ଠିତ ନୟନରେ ଦୃଷ୍ଟି ରହିଛନ୍ତି । ବିଶାଳ ବିସ୍ତାରିତ ନୟନ, ବିଶାଳ ଭୁଜ, ବିଶାଳ ବାହୁ, ବିଶାଳ ଦେଉଳ ଭିତରେ କି ମୋହନୀୟ ଶୋଭା ବିଦ୍ୟମାନ ଅଛନ୍ତି, ଯୋଗୀ ତ୍ୟାଗୀ, ବୈରାଗୀ, ସନ୍ନ୍ୟାସୀ, ମହାତ୍ମା; ମହା-ପୁରୁଷ ପ୍ରଭୃତି ଲୋକ ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ ମନ୍ତ୍ରମୁଗ୍ଧପ୍ରାୟ ହୋଇ ଉତ୍କଣ୍ଠିତ ପ୍ରାଣରେ ଆସି ଦର୍ଶନ କରି ଯାଉଛନ୍ତି । ପ୍ରାଚୀନ ଉତ୍କଳର ଏହି ଅପୂର୍ବ ଅନୁଷ୍ଠାନ ଦେଖିଲେ ଆଧୁନିକ ସଭ୍ୟ ଜାତିର ଶିକ୍ଷା ଦୀକ୍ଷା ତୁଚ୍ଛ ହେବ ହୋଇ ଗୌରବ ନିଷ୍ପ୍ରଭ ! ମୂର୍ତ୍ତିରେ ଶିଳ୍ପ ସୌନ୍ଦର୍ଯ୍ୟ କିଛି ନାହିଁ, ଅଥଚ ଏପରି ନୟନମନୋହର ମୂର୍ତ୍ତି ଅନ୍ୟ କୁତ୍ରାପି ଦେଖାଯାଏ ନାହିଁ । ମୂର୍ତ୍ତିର ତୁଳନା ନାହିଁ । କେଉଁ ମୂର୍ତ୍ତି ସହ ଏ ମୂର୍ତ୍ତି କେହି ଅଙ୍ଗୁଳି ନିର୍ଦ୍ଦେଶ କରି କହି ପାରିବ ନାହିଁ । ନାସ୍ତିକ ଏ ମୂର୍ତ୍ତି ଏପରି ହୋଇଛି ଯାହା ମଧ୍ୟ ଏପର୍ଯ୍ୟନ୍ତ କେହି ଜାଣିଅଛି ଭାବରେ ଶିର ନତ ନ କରି ପାରେ ନାହିଁ । ସୁତରାଂ ପ୍ରାଚୀନ ଉତ୍କଳର ଧର୍ମ ସାମ୍ୟମୈତ୍ରୀ ଧର୍ମ । ବୁଦ୍ଧ ଶଙ୍କର, ରାମାନୁଜ, କୃଷ୍ଣ, ଚୈତନ୍ୟ, ରାମ, ନାନକ, କବୀର ପ୍ରଭୃତି ଦେବପ୍ରତିମ ଭକ୍ତମାନେ ଶ୍ରୀକ୍ଷେତ୍ରରେ ନିଜ ନିଜ ଲୀଳାଖେଳା କରି ଯାଇଛନ୍ତି । ପ୍ରାଚୀନ ଉତ୍କଳ ପକ୍ଷରେ ଏହା ଉଚ୍ଚ ଗୌରବର ବିଷୟ ନୁହେଁ ! ଜଗନ୍ନାଥ ଧର୍ମ ସାଧନ ଉତ୍ସରେ କେତେ ସମ୍ପ୍ରଦାୟର ମହାତ୍ମା, ମହାପୁରୁଷମାନଙ୍କ ସ୍ମୃତିଚିହ୍ନମାନଙ୍କୁ ନୀଳାଚଳ ବକ୍ଷରେ ସ୍ଥାନ ଦେଇଛି । ପ୍ରାଚୀନ ଉତ୍କଳର ଏହି ମହାନୁଭବତା, ମହାପ୍ରାଣତା ମାନବ-ଜଗତର ଆଦର୍ଶ ।

ପ୍ରାଚୀନ ଉତ୍କଳର ଏହି ବିଶାଳ ଧର୍ମ ମନ୍ଦିର ଜଗନ୍ନାଥ ଦେଉଳ କେବଳ ଗୋଟିଏ ଶୂନ୍ୟାଗାର ନୁହେଁ । ଏହା ଗୋଟିଏ ପ୍ରଧାନ କର୍ମ ମନ୍ଦିର । ସାଂସାରିକ ଗାର୍ହସ୍ଥ୍ୟ ଜୀବନର ଆଦର୍ଶ ଏହି ମନ୍ଦିରରେ ଅଛି । ଏଠାରେ ଦିନରାତି କର୍ମସ୍ରୋତ ପ୍ରବାହିତ ହେଉଛି । ଶତ ଶତ, ସହସ୍ର ସହସ୍ର, ଲକ୍ଷ ଲକ୍ଷ ଲୋକଙ୍କ ଅନ୍ନସଂସ୍ଥାନ ଏ ମନ୍ଦିର ମଧ୍ୟରେ ରହିଛି । ଅହରହ ୨୪ ଘଣ୍ଟା ବଡ଼ଦେଉଳର ଦ୍ୱାର ଖୋଲା-ଶ୍ରେଣୀ ଲାଗି ରହିଛି । ଯାତ୍ରୀ-ଭକ୍ତ ପ୍ରଭୃତିଙ୍କ ସେପରି ଲୋକଙ୍କ ସମାଗମ ହେଉଛି, ମାତ୍ର କେହି ପ୍ରସାଦରୁ ବଞ୍ଚିତ ହେବ ନାହିଁ । ସୁତରାଂ ଏ ପ୍ରସାଦର ନାମ ମହା-ପ୍ରସାଦ । ଏ ପ୍ରସାଦର ମଧ୍ୟ ମହତ୍ତ୍ୱ ଗୁଣ ଅଛି । ସୁତରାଂ ଜଗନ୍ନାଥ ମନ୍ଦିର କେବଳ ଧର୍ମମନ୍ଦିର ନୁହେଁ, ଏହା ଧର୍ମ-କର୍ମ ସମନ୍ୱୟ କେନ୍ଦ୍ରସ୍ଥଳ । ସୁତରାଂ ମୋ ମତରେ ହିନ୍ଦୁ ଧର୍ମର ସାରସର୍ବସ୍ୱ ଏହି ଜଗନ୍ନାଥ ମନ୍ଦିରମଧ୍ୟରେ ମୂର୍ତ୍ତି ମାନଙ୍କରେ ବିରାଜିତ । ବିଶଦ ଭାବରେ ଏ ବିଷୟ ଆଲୋଚନା କରିବା ପାଇଁ ଏଠାରେ ସ୍ଥାନ ନାହିଁ । ମାତ୍ର ସଂକ୍ଷେପରେ ଏତିକି କହିଲେ ଯଥେଷ୍ଟ ହେବ ଯେ ପ୍ରାଚୀନ ଉତ୍କଳର ଧର୍ମାଲୋଚନା କରିବା ଲାଗି ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ମୂର୍ତ୍ତି ମୂଳଗ୍ରନ୍ଥ ସାମଗ୍ରୀ ।

ପ୍ରାଚୀନ ଉତ୍କଳର ପ୍ରତି ନଗର, ପ୍ରତି ଗ୍ରାମ, ପ୍ରତି ସ୍ଥଳ, ପ୍ରତି ପଲ୍ଲୀ, ପ୍ରତ୍ୟେକ କୁଟୀର, ପ୍ରତ୍ୟେକ ରାଜଭବନ ଦେଉଳଆଦିକୁ ଯୁକ୍ତ ଦେବାଳୟ ଦେବ ପ୍ରତିମା, ମଠ, ଦେବୋତ୍ତର ଭୂମିର ଅଭାବ ନାହିଁ । ହିନ୍ଦୁ ପ୍ରତିମାପୂଜା କରେ ସତ, ମାତ୍ର କାଷ୍ଠ ପାଷାଣ ପୂଜକ ନାହିଁ । ପ୍ରତ୍ୟେକ ପ୍ରତିମାରେ ଭଗବାନଙ୍କୁ ଆବାହନ କରାଯାଇ ପୂଜା କରାଯାଏ । ଯେଉଁଠି ଦେଖ ସେଠି ଜଗନ୍ନାଥ ସର୍ବେଶ୍ୱର ପରମେଶ୍ୱର ପରମବ୍ରହ୍ମଙ୍କ ପୂଜା । ଭଗବାନ ସର୍ବତ୍ର ଅଛନ୍ତି । ସେ ମୂର୍ତ୍ତିମାନଙ୍କରେ ତାଙ୍କର ଅସ୍ତିତ୍ୱ ମିଥ୍ୟା କାହିଁକି ହେବ ମୁଁ ବୁଝିପାରୁ ନାହିଁ । ଯେଉଁମାନେ ଭଗବାନଙ୍କର ନିରାକାର ଉପାସନାର ପକ୍ଷପାତୀ, ସେମାନେ କାହିଁକି ଗୀର୍ଜା, ମସଜିଦ୍, ଉପାସନା ମନ୍ଦିର ଆବଶ୍ୟକ କରନ୍ତି ? ନିରାକାର ଉପାସନା ଲାଗି ସାକାର ମନ୍ଦିରର ଆବଶ୍ୟକ କଣ ? ଛବିମୂର୍ତ୍ତି, ପ୍ରତିମୂର୍ତ୍ତି ଏ ସବୁର ଆବଶ୍ୟକ କଣ ? ପ୍ରତୀକ ପୂଜା କ୍ରମେ ପ୍ରତିମାପୂଜାରେ ପରିଣତ ହୁଏ । ହିନ୍ଦୁ ଭଗବାନଙ୍କ ଅନନ୍ତ ଶକ୍ତିକୁ ଯେଉଁଠି ପ୍ରତିଷ୍ଠାପନ୍ନ ଥିବାର ଦେଖିଛୁ ସେଠି ତାଙ୍କୁ ପୂଜା କରୁଛୁ । ଏହି କାରଣରୁ ହିନ୍ଦୁର ଅନେକ ଦେବତା, ଅନେକ ମୂର୍ତ୍ତିପୂଜାର ବିଧିବିଧାନ ଚଳି ଆସୁଛି ।

ଜଗନ୍ନାଥ ମନ୍ଦିର ଇତିହାସ ଅନୁଶୀଳନ କଲେ ଜଣାଯାଏ ଯେ ଜଗନ୍ନାଥ ଜନସାଧାରଣର ଦେବତା, ଚଣ୍ଡାଳର ଦେବତା, ବ୍ରାହ୍ମଣର ଦେବତା, ରାଜାର ଦେବତା । ଜଗନ୍ନାଥଙ୍କ ପ୍ରଥମ ପୂଜକ ବିଶ୍ୱାବସୁ । ବିଶ୍ୱାବସୁ ଶବରକନ୍ୟା ସଙ୍ଗେ ବିଦ୍ୟାପତି ବ୍ରାହ୍ମଣର ବିବାହ । ସେମାନଙ୍କ ଔରସଜାତ ଦଇତାମାନେ ମଧ୍ୟ ଜଗନ୍ନାଥ ସେବକ । ଜଗନ୍ନାଥ ଦେଉଳର ପାଚକମାନେ ସୁଆର । ଏମାନଙ୍କୁ ବୈଦିକ ବ୍ରାହ୍ମଣମାନେ ନିକୃଷ୍ଟ ବ୍ରାହ୍ମଣ ବୋଲି କହନ୍ତି । ଶାସନୀ ବୈଦିକ ବ୍ରାହ୍ମଣଙ୍କ ସଙ୍ଗେ ଏମାନଙ୍କ ବୈବାହିକ ସମ୍ବନ୍ଧ ନାହିଁ, ଖିଆପିଆ ସମ୍ପର୍କ ନାହିଁ; ମାତ୍ର ମହାପ୍ରସାଦ ସେବନ ବେଳେ ବ୍ରାହ୍ମଣମାନଙ୍କର ଏ ଭେଦାଭେଦ ନଥାଏ । ରକ୍ଷଣଶୀଳ ବ୍ରାହ୍ମଣମାନେ ଏଠାରେ ପରାସ୍ତ । ସାମ୍ୟମୈତ୍ରୀ ଧର୍ମର ପୂର୍ଣ୍ଣ ବିକାଶ ଜଗନ୍ନାଥ ମନ୍ଦିରରେ ହୋଇଛି । ଯେଉଁ ଭକ୍ତ ଯେତେବେଳେ ଧର୍ମପ୍ରଚାର କରନ୍ତି ସେମାନେ ଜାତିଧର୍ମ-ନିର୍ବିଶେଷରେ ଏହି ଧର୍ମ ପ୍ରଚାର କରି ଯାଇଛନ୍ତି । ରାମାନୁଜଙ୍କ ମତାନୁସାରେ—

"ନ ଜାତିଃ କାରଣଂ ଲୋକେ ଗୁଣାଃ କଲ୍ୟାଣହେତବଃ ।"

ଜାତି ମନୁଷ୍ୟର କଲ୍ୟାଣଦାୟକ ନୁହେଁ, ଗୁଣ କେବଳ କଲ୍ୟାଣଦାୟକ । ରାମାନୁଜ କେବଳ ଏକଥା କଥାରେ କହିନାହାନ୍ତି, କାର୍ଯ୍ୟରେ କରିଯାଇଛନ୍ତି ।

ପ୍ରତ୍ୟେକ ମହାତ୍ମା, ମହାପୁରୁଷମାନେ ନିଜ ଜୀବନରେ ଏ ସତ୍ୟ ଜାତିରେ ଦେଖାଇଛନ୍ତି । ଆଜ ସେମାନଙ୍କ ଶିଷ୍ୟମାନେ ପଥଭ୍ରଷ୍ଟ ହୋଇ ସଙ୍କୀର୍ଣ୍ଣ ମତ ନେଇ ବସିଛନ୍ତି । ସେମାନଙ୍କ ଗୁରୁବର୍ଗଙ୍କ ଉପଦେଶ ବହୁଦୂରରେ ପଡ଼ିରହିଛି । ରାମାନୁଜ ମୁସଲମାନ ସମ୍ରାଟଙ୍କ କନ୍ୟା ଶାହାଯାଦୀ ଲଛମୀରଙ୍କ ଭକ୍ତି ଦେଖି ତାଙ୍କୁ ଯାଦବାଦ୍ରିପତିଙ୍କ ଚଳନ୍ତି ପ୍ରତିମାଙ୍କୁ ଯାଦବାଦ୍ରିପତିଙ୍କ ମନ୍ଦିରରେ ପୂଜା କରିବାକୁ ଦେଇଥିଲେ । ସେହି ଚଳନ୍ତି ପ୍ରତିମାଙ୍କୁ ଆଜିମା ବେଳେ ଚଣ୍ଡାଳ ହସ୍ତରେ ଅର୍ପଣ କରିଥିଲେ । ଅଦ୍ୟାପି ଚଣ୍ଡାଳମାନେ ଯାଦବାଦ୍ରିପତିଙ୍କ ମନ୍ଦିରରେ ଅବାଧରେ ଏ ଦିନ ପ୍ରବେଶ ଲଭକରି ଅନ୍ୟାନ୍ୟମାନଙ୍କ ସହିତ ନିଜ ପୂଜା ଅର୍ପଣ କରନ୍ତି । ରାମାନୁଜ ଶୂଦ୍ରର ଗୁଣ ଦେଖି ତାଙ୍କୁ ଭକ୍ତି କରିଥିଲେ ଏବଂ ଶୂଦ୍ରର ଶବ ଦାହ କରିଥିଲେ । ଶ୍ରୀରଙ୍ଗ ମଠ ଜଡ଼ାସୁର ଶବ ଦାହ କରିଥିଲେ । ଉପଦେଷ୍ଟା ଲଛମୀରଙ୍କ ସ୍ୱାମୀ କବୀର । ସେ ଲଛମୀରଙ୍କ ସଙ୍ଗେ ସଙ୍ଗେ ଥିଲେ । ଲଛମୀରଙ୍କ ମୃତ୍ୟୁପରେ ସେ ରାମାନୁଜଙ୍କ ସଙ୍ଗେ ଶ୍ରୀରଙ୍ଗମ୍ ଯାଇଥିଲେ ଏବଂ କଣ୍ଟକନ ପଥେ ପୁରୀଧାମକୁ ଆସି ପତିତପାବନ ଜଗନ୍ନାଥଙ୍କ ଶରଣାଗତ ହୋଇଥିଲେ । ଏବଂ ମୃତ୍ୟୁ ପର୍ଯ୍ୟନ୍ତ କ୍ଷେତ୍ର-ବାସ କରିଥିଲେ ରାମାନୁଜ ସକଳ ବର୍ଣ୍ଣର ଲୋକଙ୍କୁ ଶିଷ୍ୟ କରିଥିଲେ । ରାମାନନ୍ଦ ତାଙ୍କର ଜଣେ ଶିଷ୍ୟ ଥିଲେ । ସେ ଭିନ୍ନ ବର୍ଣ୍ଣର ଶିଷ୍ୟ ଗ୍ରହଣ କଲେ ଏବଂ ରାମାଧର୍ମ ପ୍ରଚାର କଲେ । ରାମାନୁଜ ସଂସ୍କୃତ ଭାଷାରେ ଧର୍ମଗ୍ରନ୍ଥମାନ ଲେଖିଥିଲେ, ମାତ୍ର ରାମାନନ୍ଦ ପ୍ରାକୃତ ଭାଷାରେ ଲେଖିଲେ । ଲୋକେ ଯେଉଁ ଭାଷା ବୁଝନ୍ତି ସେ ସେହି ଭାଷାରେ ପୁସ୍ତକ ଲେଖିଲେ । ରାମାନନ୍ଦଙ୍କର ଜଣେ ଶିଷ୍ୟ କବୀର । କବୀର ମୁସଲମାନ ଓ ହିନ୍ଦୁ ଧର୍ମରେ କିଛି ପ୍ରଭେଦ ନାହିଁ ବୋଲି ପ୍ରଚାର କଲେ । ସେ କହିଲେ, ରାମ ରହିମ ଏକ, ଏକ ଭଗବାନ ଦେବଙ୍କ ନାମମାନ, ସେଥି ନାମରେ ଡାକ ସେ ଏକ । ପ୍ରତ୍ୟେକ ମାନବ ହୃଦୟରେ ଯେଉଁ ଦେବତା ଆଛନ୍ତି ସେ ହିନ୍ଦୁ ଓ ମୁସଲମାନର ଦେବତା । ହିନ୍ଦୁର ଧର୍ମକ୍ଷେତ୍ର ପୂର୍ବ ଦିଗରେ ଏବଂ ମୁସଲମାନର ଧର୍ମକ୍ଷେତ୍ର ପଶ୍ଚିମ ଦିଗରେ ହୋଇ ପାରେ । ମାତ୍ର ପ୍ରତ୍ୟେକର ହୃଦୟକ୍ଷେତ୍ର ହିନ୍ଦୁ ଓ ମୁସଲମାନ ଉଭୟର ଧର୍ମକ୍ଷେତ୍ର । କବୀର ଅନେକ ଭଜନଗୀତ ରଚନା କରି ଯାଇଛନ୍ତି । ସେ ଅନେକ ମତ ଉପଦେଶ ଦେଇଛନ୍ତି । ହିନ୍ଦୁମାନେ କବୀରଙ୍କୁ ହିନ୍ଦୁ ବୋଲି ଦାବୀ କରନ୍ତି ଏବଂ ମୁସଲମାନମାନେ ତାଙ୍କୁ ମୁସଲମାନ ବୋଲି ଦାବୀ କରନ୍ତି । କମ୍ବଦନ୍ତୀ ଅଛି ହିନ୍ଦୁ ମୁସଲମାନ ଉଭୟ ମିଳି ତାଙ୍କ ଶବର ସତ୍କାର ଯଥାବିଧି କରିଥିଲେ । କବୀର କେତେଦୂର ଲୋକପ୍ରିୟ ଥିଲେ ଏବଂ ସାମ୍ୟମୈତ୍ରୀ ଧର୍ମକୁ କେତେଦୂର ଅନୁଶୀଳନ କରିପାରିଥିଲେ ଏଥିରୁ ସ୍ପଷ୍ଟ ପ୍ରକାଶ ହେବ । ଆଜି ହିନ୍ଦୁ ମୁସଲମାନ ଏକତା ପାଇଁ କେତେ ଚେଷ୍ଟା କରିଛୁ । ମାତ୍ର ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦରେ କବୀର କିପରି ଏକତା ସ୍ଥାପନ କରିଥିଲେ ପାଠକମାନେ ବୁଝିବେ । କବୀର ମଠ ଅଦ୍ୟାପି ପୁରୀରେ

ବର୍ତ୍ତମାନ ଅଛି ଏବଂ ଯାତ୍ରୀମାନେ କବୀର ମଠରୁ ତୋରାଣୀ ଟିକିଏ ପିଇ ନିଜକୁ ଧନ୍ୟ ମନେକରନ୍ତି । କବୀରଙ୍କ ପରେ ଚୈତନ୍ୟଙ୍କ ଆବିର୍ଭାବ । ସେ ମଧ୍ୟ ପୁରୀରେ ତାଙ୍କ ଲୀଳା ଶେଷ କରିଥିଲେ । ସେ ମଧ୍ୟ ଜାତି ଧର୍ମ ନିର୍ବିଶେଷରେ ଶିଷ୍ୟ ଗ୍ରହଣ କରି ସାମ୍ୟମୈତ୍ରୀ ଧର୍ମ ପ୍ରଚାର କରିଥିଲେ । ସେ ମଧ୍ୟ ମୁସଲମାନ ଶିଷ୍ୟ ଗ୍ରହଣ କରିଥିଲେ । ଏହିପରି ଦେଖିବାକୁ ଗଲେ ପ୍ରାଚୀନ ଉତ୍କଳ ସାମ୍ୟମୈତ୍ରୀ ଧର୍ମ ଲୀଳାଖେଳାର ପ୍ରଧାନ କ୍ଷେତ୍ର । ଏ ମହାପୁରୁଷମାନଙ୍କ ପରେ ଧର୍ମର ଉଦାର ଭାବ କ୍ରମେ ସଙ୍କୁଚିତ ହୋଇଆସିଲା । ଆଜି ବୈଷ୍ଣବର ସେ ସାମ୍ୟମୈତ୍ରୀ ଭାବ କାହିଁ ?

ମଠ :—ପ୍ରାଚୀନ ଉତ୍କଳରେ ଅନେକ ମଠ ସ୍ଥାପିତ ହୋଇଥିଲା । "ମଠଶ୍ଛାତ୍ରନିଲୟଃ" ଅର୍ଥାତ୍ ମଠ ଅର୍ଥ ଛାତ୍ରାବାସ । ଶିଷ୍ୟମାନେ ଯେଉଁଠି ରହି ଧର୍ମଶିକ୍ଷା ଓ ଧର୍ମଶାସ୍ତ୍ରାଲୋଚନା କରନ୍ତି ତାକୁ ମଠ କୁହାଯାଏ । ପୁରୀରେ ଅନେକଗୁଡ଼ିଏ ମଠ ଅଛି । ଶଙ୍କର ମଠ ସର୍ବାପେକ୍ଷା ପ୍ରାଚୀନ ମଠ ବୋଲି ଜଣାଯାଏ । ଶଙ୍କରାଚାର୍ଯ୍ୟ ଭାରତର ସକଳ ପ୍ରଧାନ ଧର୍ମକ୍ଷେତ୍ରରେ ମଠ ସ୍ଥାପନ କରିଥିଲେ । ପୁରୀର ଗୋବର୍ଦ୍ଧନ ମଠ ତନ୍ମଧ୍ୟରୁ ଅନ୍ୟତମ । ମଠର ଧର୍ମାଚାର୍ଯ୍ୟମାନେ ରହିବେ ଏବଂ ତାଙ୍କର ଶିଷ୍ୟବର୍ଗ ଏଠାରେ ରହି ଧର୍ମଶିକ୍ଷା ଲାଭ କରିବେ । ଧର୍ମାଚାର୍ଯ୍ୟମାନେ ଲୋକସମାଜରେ ଦେବତା ପରି ପୂଜିତ ହେଉଥିଲେ ଏବଂ ଧର୍ମପ୍ରାଣ ଧନୀ ଲୋକଙ୍କର ଭକ୍ତି କ୍ରମେ ଏ ମଠମାନଙ୍କ ପ୍ରତି ଆକୃଷ୍ଟ ହେଲା । ସେମାନେ ସଦ୍‌ବ୍ୟୟ ଲାଗି ମଠମାନଙ୍କୁ ଭୂସମ୍ପତ୍ତି ଦାନ କଲେ । ଧର୍ମାଚାର୍ଯ୍ୟମାନେ ଲୋକହିତରେ ସେହି ଧନ ବ୍ୟୟ କରିବେ ଏବଂ ନିଜ ଭୋଗବିଳାସରେ ବ୍ୟୟ କରିବେ ନାହିଁ ବୋଲି ଦାତାମାନଙ୍କର ବିଶ୍ୱାସ ଥିଲା । ସୁତରାଂ ସେମାନେ ଧର୍ମାଚାର୍ଯ୍ୟମାନଙ୍କ ମାଲିକତରେ ଅନେକ ଲାଖେରାଜ ବାହେଲି ଜାଗୀର୍ ସମ୍ପତ୍ତି ରଖିଦେଲେ । ଏହିପରି ମଠଗୁଡ଼ିକ କ୍ରମେ ସମ୍ପତ୍ତିଶାଳୀ ହୋଇ ଉଠିଲା । ପୁରୀରେ ପ୍ରତ୍ୟେକ ଧର୍ମସମ୍ପ୍ରଦାୟର ମଠ ଅଛି । ଶଙ୍କର ସମ୍ପ୍ରଦାୟ, ରାମାନୁଜ ସମ୍ପ୍ରଦାୟ, ଚୈତନ୍ୟ ସମ୍ପ୍ରଦାୟ, ନାନକ ସମ୍ପ୍ରଦାୟ, କବୀର ସମ୍ପ୍ରଦାୟ, ଅନୁବର୍ତ୍ତୀ ସମ୍ପ୍ରଦାୟର ମଠମାନ ପୁରୀରେ ବର୍ତ୍ତମାନ ଅଛି । ସକଳ ସମ୍ପ୍ରଦାୟର ମଠମାନଙ୍କରେ ଭୂସମ୍ପତ୍ତି ରହିଅଛି । ମାତ୍ର ସର୍ବାପେକ୍ଷା ରାମାନୁଜପନ୍ଥୀ ମଠଗୁଡ଼ିକ ଅଧିକ ସମ୍ପତ୍ତିଶାଳୀ । ପ୍ରତ୍ୟେକ ମଠର ଇତିହାସ ଆଲୋଚନା କରିବା ପାଇଁ ଏଠାରେ ସ୍ଥାନ ନାହିଁ । ମଠମାନଙ୍କରେ ଉତ୍ତରାଧିକାରୀ ନିଯୁକ୍ତି ପ୍ରଥା ଭିନ୍ନ ଭିନ୍ନ । ଅଧିକାଂଶ ମଠରେ ଗୁରୁ ଶିଷ୍ୟ ପରମ୍ପରାକ୍ରମେ ମହନ୍ତ ହେବାର ପ୍ରଥା ଦେଖାଯାଏ । ଅଧିକାଂଶ ମହନ୍ତ ନିଜ ଅନୁଗାମୀଙ୍କୁ ଶିଷ୍ୟ ଗ୍ରହଣ କରନ୍ତି । ସାମାନ୍ୟ କେତେଗୋଟି ମଠରେ ପଞ୍ଚାୟତ ନିଯୁକ୍ତିଦ୍ୱାରା ମହନ୍ତ ହୁଅନ୍ତି । ଉତ୍ତରାଧିକାରୀ ଶିଷ୍ୟ ନିଯୁକ୍ତି ପରେ ଗୁରୁଙ୍କର

କିଛି ବିଶୃଙ୍ଖଳ ଥିବାର ଦେଖାଯାଏ ନାହିଁ । ଯାହା ନାମରେ ଗୁରୁ ଉଇଲ ଲେଖି ଦେଲେ ଏବଂ ଯେ ଚେଲାର କୌପୀନ କର୍ଣ୍ଣି ବାନ୍ଧିଲେ ସେ ମଠାଧିପତି ଏବଂ ସେ ଧର୍ମାସ୍ଥାନଙ୍କ ସମ୍ପୂର୍ଣ୍ଣ ପ୍ରସିଦ୍ଧ ଧର୍ମାନୁଷ୍ଠାନର ମାଲିକ । ଧନ ଓ ଧର୍ମର ସାମଞ୍ଜସ୍ୟ ରକ୍ଷା କରିବା ଲାଗି ସେହିପରି ବୈରାଗ୍ୟ ଓ ଧର୍ମପ୍ରାଣ ଥିବା ଆବଶ୍ୟକ । ଅନ୍ୟଥା ଧନ, ଧର୍ମର ଉପାସକକୁ ଧର୍ମାସ୍ଥାନଙ୍କୁ ଟାଣିନେଇ ଅତି ଅଳ୍ପ କ୍ଷଣରେ ସଂସାରରେ ବୁଡ଼ାଇଦେବ । ଗୋଟିଏ ଅମୂଲ୍ୟ ନୀତିବାକ୍ୟ ଅଛି—

"ଯୌବନ ଧନସମ୍ପତ୍ତି ପ୍ରଭୁତ୍ୱମବିବେକତା
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟଂ ।"

ଏ ବାକ୍ୟଟି ଅକ୍ଷରେ ଅକ୍ଷରେ ପ୍ରତ୍ୟେକ ମଠ ପ୍ରତି ପ୍ରଯୁଜ୍ୟ । ପ୍ରତ୍ୟେକ ମଠରେ ଏ ଚତୁଷ୍ଟୟର ସମନ୍ୱୟ ଅଛି । ଏଥିରେ ଅନର୍ଥ ନଘଟି କଣ ହେବ ? ଧର୍ମାସ୍ଥାନ ଶାସନ ସେ ସେ ଉପଯୁକ୍ତ ନୁହେଁ । ବିଦ୍ୟା, ବୟସ, ବୈରାଗ୍ୟ, ଜ୍ଞାନ, ଧର୍ମଶାସ୍ତ୍ରାଲୋଚନା ପ୍ରଭୃତି ଗୁଣ ଦେଖି ମଠ ଉତ୍ତରାଧିକାରୀ ନିଯୁକ୍ତ ହେଉଥାନ୍ତା, ତେବେ ମଠଗୁଡ଼ିକ ପବିତ୍ର ଧର୍ମାନୁଷ୍ଠାନ ହୋଇ ଯୁଗେ ଯୁଗେ ବିରାଜୁଥାନ୍ତା । ଯେତେବେଳେ ହିନ୍ଦୁ ରାଜାମାନେ ରାଜତ୍ୱ କରୁଥିଲେ, ସେତେବେଳେ ମଠମାନଙ୍କ ଉପରେ ସେମାନଙ୍କର ପୂର୍ଣ୍ଣ କ୍ଷମତା ଥିଲା ଏବଂ କୌଣସି ମଠର ମହନ୍ତଙ୍କୁ ଅନୁପଯୁକ୍ତ ଦେଖିଲେ ତାଙ୍କୁ ଗାଦିଚ୍ୟୁତ କରୁଥିଲେ । ଏ ଅଙ୍କୁଶ କାଳକ୍ରମେ ଗଲାଣି । ଇଂରେଜ ସରକାର ହିନ୍ଦୁମାନଙ୍କ ଧର୍ମ ଉପରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି । ସୁତରାଂ ମଠଗୁଡ଼ିକ ନିରଙ୍କୁଶ ଭାବରେ ପରିଚାଳିତ ହେଉଅଛି । ମଠଗୁଡ଼ିକ ସେ ମୂଳ ଆଦର୍ଶରୁ ସ୍ଖଳିତ ହୋଇଛି ଏଥିରେ କିଛି ଦ୍ୱିମତ ନାହିଁ । ଅନ୍ତତଃ ଇଂରେଜ ସରକାର ଆସିବାର ଅଳ୍ପଦିନ ପରେ ଅର୍ଥାତ ଛ' ବର୍ଷ ପରେ ମଠମାନଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କ ନିକଟରେ ଆପତ୍ତି ଉପସ୍ଥିତ ହେଲା । ୧୮୧୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ୧୯ ଆଇନ ଜାରିହେଲା । ତା ପରେ ୧୮୬୩ ସାଲରେ ୨୦ ଆଇନ ଜାରିହେଲା । କେଦାରନାଥ ଦତ୍ତ ନାମକ ଜଣେ ଭଦ୍ରଲୋକ ୧୮୭୦ ମସିହାରେ ଓଡ଼ିଶା ମଠମାନଙ୍କ ସମ୍ବନ୍ଧେ ଏକ ଆଲୋଚନା ଲେଖିଥିଲେ । ସେ ମଠମାନଙ୍କ ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ । ୧୮୬୮ ମସିହାରେ ମଠମାନ ତଦନ୍ତ କରିବା ଲାଗି ଗୋଟିଏ କମିଟି ନିଯୁକ୍ତ ହୋଇଥିଲା । ସେମାନେ ଓଡ଼ିଶାର ଲୋକ, ସେମାନେ ନିଜେ ଦେଖି ଶୁଣି ଏବଂ ସୂକ୍ଷ୍ମରେ ତଦନ୍ତ ରିପୋର୍ଟ କରିଥିଲେ । ସେମାନେ ଲେଖିଲେ ଯେ ମଠରେ ଯେଉଁ ସମ୍ପତ୍ତି ସଞ୍ଚିତ ଅଛି ସେସବୁ ଦାନ ଓ ଖଇରାତ ଉଦ୍ଦେଶ୍ୟରେ ସଞ୍ଚିତ ଅଛି । ମଠ ଠାକୁର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅମୃତମଣୋହି ସକାଶେ ଏମାନଙ୍କ ଜିମାରେ

କେତେକ ସମ୍ପତ୍ତି ଅଛି । ଏସମସ୍ତ ଦଶଙ୍କ ଲୋକ ଓ ଜନ୍ମତ୍ରସ୍ଥ ଲୋକମାନଙ୍କ ଦ୍ୱାରା ସକାଶେ ମଠରେ ସଞ୍ଚିତ ଅଛି । ମଠାଧିପତି ବୈରାଗୀ ହୋଇ ମଠରେ ରହିବ, ପଦ୍ମହସ୍ତବାନ୍ ହୋଇ ଜୀବନଯାପନ କରିବ ଏବଂ ଦେବତା ଓ ମନୁଷ୍ୟସେବାରେ କାଳ କଟାଇବ, ଅତି ନିସ୍ୱାର୍ଥପୂର୍ଣ୍ଣ ଭାବରେ ଜୀବନଯାପନ କରିବ, ନିଜ ସୁଖାଭିଳାଷ ପାଇଁ କପର୍ଦ୍ଦକ ବ୍ୟୟ କରିବ ନାହିଁ, ଚିର ସନ୍ନ୍ୟାସୀ ହୋଇ ମଠରେ ରହିବ । ମଠାଧିପତି କେବଳ ଜମାଦାର, ତାର ମଠସମ୍ପତ୍ତିରେ ତିଳମାତ୍ର ସ୍ୱତ୍ୱାଧିକାର ନାହିଁ । ତାର ପରିଶ୍ରମ ଲାଗି ମୁଠିଏ ଖାଇବ, ଖଣ୍ଡେ ପିନ୍ଧିବ । ଅବଶିଷ୍ଟ ସମସ୍ତ ଉପସ୍ୱତ୍ୱ ପାଇବ, ଜଗତ୍ସ୍ଥ ଲୋକ ଓ ଦେବତା ସେବା ଲାଗି ଖର୍ଚ୍ଚ ଯାଉଛି । କମିଟି ରିପୋର୍ଟ କଲେ ଯେ, ଏ ଆଦର୍ଶ ଆଉ ନାହିଁ । ଯଦି କୌଣସି ମଠରେ ଥାଏ ତାହାକୁ ସାଧାରଣ ଆଦର୍ଶର ବହିର୍ଭୂତ ବୋଲି ଧରିବାକୁ ହେବ । ୧୮୬୯ ମସିହା ୨୮ ତାରିଖ ମାର୍ଚ୍ଚ ମାସରେ କମିଟି ଏହି ମର୍ମରେ ରିପୋର୍ଟ ଦେଇଥିଲେ । ସେମାନେ ରିପୋର୍ଟରେ ସ୍ପଷ୍ଟ ଲେଖିଥିଲେ ଯେ, ମଠର ମୂଳ ଆଦର୍ଶ ଆଉ ନାହିଁ । ମଠାଧିପତିମାନେ ବର୍ତ୍ତମାନ ରାଜା ମହାରାଜାଙ୍କପରି ଭୋଗବିଳାସରେ କାଳଯାପନ କରୁଛନ୍ତି, ସେମାନଙ୍କ ମୂଳ କର୍ତ୍ତବ୍ୟ ସେମାନେ ଭୁଲିଗଲେଣି । ମଠସମ୍ପତ୍ତି ଯେ କେବଳ ଅପବ୍ୟୟ ହେଉଛି ତାହା ନୁହେଁ, ଅନେକ ସ୍ଥଳରେ ହସ୍ତାନ୍ତର ହେଲାଣି । ଏଥିର ଶୀଘ୍ର ପ୍ରତିକାର ଆବଶ୍ୟକ; ନଚେତ୍ ସାଧାରଣ ସମ୍ପତ୍ତି ନଷ୍ଟ ହୋଇଯିବ । ଏ ସେକାଳର କଥା, ଆଜକୁ ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବର କଥା । ଏ ଅର୍ଦ୍ଧ ଶତାବ୍ଦୀ ମଧ୍ୟରେ ଆଉ ଅନେକ ପରିବର୍ତ୍ତନ ଘଟିଲାଣି । ମଠ ସମ୍ପତ୍ତି ପ୍ରାଚୀନ ଉତ୍କଳର ଦାନଶୀଳତାର ଗୋଟିଏ ଜ୍ୱଳନ୍ତ ଉଦାହରଣ । ପ୍ରାଚୀନ ଉତ୍କଳର ଦେବୋତ୍ତର ପ୍ରଭୃତି ସମ୍ପତ୍ତିର ବାର୍ଷିକ ଆୟ ୫୦୦୦୦ ପାଉଣ୍ଡ ବା ୭୫୦୦୦୦ ଟଙ୍କା । ଏହା ପ୍ରାଚୀନ ଉତ୍କଳର ଜାତୀୟ ସମ୍ପତ୍ତି । ଏହାର ରକ୍ଷା ଲାଗି ପ୍ରତ୍ୟେକ ଉତ୍କଳ ସନ୍ତାନ ଧର୍ମତଃ ଦାୟୀ । ଏହା ପିତୃପିତାମହଙ୍କ ଦାନ ଓ କୀର୍ତ୍ତି । ଏଗୁଡ଼ିକ ରକ୍ଷା କଲେ ପିତୃପିତାମହଙ୍କ କୀର୍ତ୍ତି ଅକ୍ଷୁଣ୍ଣ ରହିବ । କ୍ରମେ କ୍ରମେ ମଠ ପ୍ରଭୃତି ଧର୍ମାନୁଷ୍ଠାନ ରକ୍ଷା ଉଦ୍ଦେଶ୍ୟରେ ନାନାପ୍ରକାର ଆଇନ କରାଯାଉଛି । ଧର୍ମଭାବ ଊଣା ହେଲାରୁ ଏମନ୍ତ ଅନୁଷ୍ଠାନର ଏପରି ଦୁର୍ଦ୍ଦଶା । ଆଇନଦ୍ୱାରା ଯେ ଧର୍ମଭାବ ବଢ଼ିବ ଏକଥା ବିଶ୍ୱାସ ହେଉନାହିଁ । ଯେତେ ଦିନ ପର୍ଯ୍ୟନ୍ତ ଧର୍ମଭାବର ପୁନରୁତ୍ଥାନ ନହୋଇଛି ସେତେ ଦିନ ଆଇନଦ୍ୱାରା ଅପବ୍ୟୟର ଆକାର ପ୍ରକାର ବଦଳିପାରେ । ମାତ୍ର ସେ ପୂର୍ବ ଆଦର୍ଶ ଫେରି ଆସିବ ନାହିଁ ବୋଲି ଅନୁମାନ କରାଯାଏ । ତେବେ ବର୍ତ୍ତମାନ ଅବସ୍ଥାରେ ଆଇନର ଆଶ୍ରୟ ବ୍ୟତୀତ ଲୋକଙ୍କୁ ଅନ୍ୟ ଉପାୟ ଦେଖାଯାଉ ନାହିଁ । ଧର୍ମାନୁଷ୍ଠାନରେ ମୌରସୀ ସ୍ୱତ୍ୱାଧିକାରିତ୍ୱ ବାଞ୍ଛନୀୟ ନୁହେଁ । ଗୁଣ ଉତ୍ତରାଧିକାରୀର ଭିତ୍ତି ପଥର ହେବା ଆବଶ୍ୟକ ।

ଚିଲିକା—"ଉତ୍କଳ କମଳା ବିଳାସ ଭଣ୍ଡାର । ଉତ୍କଳର ସ୍ୱଚ୍ଛ ସ୍ୱଚ୍ଛ ଅଳଙ୍କାର" । ସେହି ମଧୁଲମାଳିନୀ ନୀଳାମ୍ବୁ ଚିଲିକା ଦେଖି କେତେ କବି କେତେ ଗୀତ ଗାଇ ଯାଇଛନ୍ତି । ଅଦ୍ୟାବଧି କେତେ ବୈଦେଶିକ ଲୋକେ ଚିଲିକା ଦେଖି ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଉଛନ୍ତି । ଚିଲିକା ଗୋଟିଏ ହ୍ରଦ । ଚିଲିକା ମଧ୍ୟରେ କେତେଗୁଡ଼ିଏ ଛୋଟ ଛୋଟ ଗ୍ରାମ ଅଛି । ପାରିକୁଦ ନାମରେ ସ୍ଥାନରେ ଏକ ଜମିଦାର ଅଛନ୍ତି । ଗଡ଼ କୃଷ୍ଣପ୍ରସାଦ ପୂର୍ବେ ଏକ ଗଡ଼ ଥିଲା । ପାରିକୁଦ ରାଜାଙ୍କ ଚିଲିକା ମଧ୍ୟରେ ନୌକା ଥିଲା । ମାଛ ଓ ଲୁଣ ଏ ଅଞ୍ଚଳର ପ୍ରଧାନ ଆମଦାନି ଥିଲା । ଚିଲିକାରେ ଲୁଣ ପୋକ୍ତାନ ହେଉଥିଲା । ପାରିକୁଦ ରାଜାଙ୍କର ଲୁଣ ପୋକ୍ତାନରୁ ବହୁତ ଆୟ ହେଉଥିଲା । ପଙ୍ଗା ଓ କରକଚ ଦୁଇ ପ୍ରକାର ଲୁଣ ହେଉଥିଲା । କରକଚ ସୂର୍ଯ୍ୟକିରଣ ଦ୍ୱାରା ହୁଏ ଏବଂ ପଙ୍ଗାଲୁଣ ନିଆଁରେ ପାଣିକୁ ସିଝାଇ କରାଯାଏ । କରକଚ ଲୁଣ ବେଶୀ ପବିତ୍ର ବୋଲି ଲୋକେ କହନ୍ତି । ଚିଲିକାରୁ ଗୋଟିଏ ଶ୍ରେଷ୍ଠ ନାଳ ଖୋଳା ଥାଅନ୍ତି । ନାଳ ମୁଣ୍ଡରେ କଥାଳ ଥାଏ । କଥାଳମାନଙ୍କର ଭିନ୍ନ ଭିନ୍ନ ନାମ ଅଛି । ନ. ୧ କଣ୍ଟା, ନ. ୨ ଖଣ୍ଡି, ନ. ୩ ସିଝା, ନ. ୪ ପାତେଲି । ଲୁଣ ତିଆରି କରିବାକୁ ମହୁଦେବ ୫ ° । ୯ଡିଗ୍ରୀ । ମଜୁରି ୫ ° ୮ ୬, ଜଳଣି ୫ ° ୧ ୬, ନାଳଖୋଲା ଓଗେର ୫ ° ୧ ୬, ବାଟେକ ୫ ° ୧ ୬ । ପାରିକୁଦର ଲୁଣପୋକ୍ତାନ ବନ୍ଦ ହେବାଦ୍ୱାରା ପ୍ରଜାଙ୍କର ଅନେକ ଆୟ କମିଗଲା । ଏସ୍ଥାନର ଲୋକେ ସବୁବେଳେ ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇଥାନ୍ତି । ଚିଲିକା କେବେ ହେଲା ତାହାର କୌଣସି ନିର୍ଦ୍ଦିଷ୍ଟ ସମୟ ମିଳୁନାହିଁ । ଚିଲିକା ଓଡ଼ିଶାର ଦକ୍ଷିଣ-ପୂର୍ବ କୋଣରେ । ଚିଲିକାର ଗୋଟିଏ ସଙ୍କୀର୍ଣ୍ଣ ମୁହଁ ଅଛି । ଏହି ମୁହଁଦ୍ୱାରା ଚିଲିକା ବଙ୍ଗୋପସାଗରର ସଙ୍ଗେ ମିଶିଛି । ଜନଶ୍ରୁତି ଅଛି ଯେ ୩୧୮ ଖ୍ରୀଷ୍ଟାବ୍ଦରେ ଯବନମାନେ ସମୁଦ୍ର ପଥରେ ଆସି ପୁରୀ ନିକଟରେ ଜାହାଜ ଲଙ୍ଗର କଲେ । ପୁରୀ ଜଗନ୍ନାଥ ମନ୍ଦିର ମଧ୍ୟରୁ ଧନରତ୍ନ ଅପହରଣ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ସେବକମାନେ ଏ ସମ୍ବାଦ ପାଇ ଜଗନ୍ନାଥ ମୂର୍ତ୍ତି ଓ ଧନରତ୍ନ ନେଇ ପଳାଇଲେ । ଯବନ ସେନାପତି ରକ୍ତବାହୁ ନିରାଶ ହେଲା ଏବଂ ସମୁଦ୍ର ସେବକମାନଙ୍କୁ ଏ ସମ୍ବାଦ ଦେଇଥିବା ଜାଣିପାରି ସମୁଦ୍ରକୁ ଦଣ୍ଡ ଦେବାପାଇଁ ଉଦ୍ୟତ ହେଲା । ସମୁଦ୍ର କୌଶଳ କରି କେତେକ ମାଇଲ ପଛକୁ ଘୁଞ୍ଚିଗଲା ପରେ ହଠାତ୍ ମାଡ଼ିଆସି ଯବନମାନଙ୍କୁ ଗର୍ଭସାତ୍ କଲା । ସେହି ସମୟରେ ପୁରୀ ଜିଲାର ଅନେକ ଦୂରଯାଏ ସମୁଦ୍ର ମାଡ଼ିଗଲା ଏବଂ ଫଳରେ ଚିଲିକାହ୍ରଦ ସୃଷ୍ଟି ହେଲା । ଏ ଜନଶ୍ରୁତି କେତେଦୂର ସତ୍ୟ କିଏ କହିପାରେ । ଚିଲିକା ଅଞ୍ଚଳରେ କେତେଗୁଡ଼ିଏ ଦୁର୍ଗ ଥିଲା । ବଜ୍ରକୋଟ, ମାଲୁଦ, କୃଷ୍ଣପ୍ରସାଦ ପାରିକୁଦ, ମାଣିକପାଟଣା ଓ ଅଲାରି ଗଡ଼ମାନ ପ୍ରଧାନ । ପାରିକୁଦର ରାଜବଂଶ ପ୍ରସିଦ୍ଧ । ଏମାନେ ପୂର୍ବେ ସୈନିକ

ଜାରିକୁ ଯୋଗ କରୁଥିଲେ । ଇଂରେଜମାନଙ୍କ ସୈନ୍ୟ ଏହି ଚିଲିକା ବାଟେ ଉତ୍କଳକୁ ଆସିଥିଲେ । ଇଂରେଜମାନେ ପାରିକୁଦରୁ ଅଳ୍ପ ରାଜସ୍ୱ ନିଅନ୍ତି । ମାତ୍ର ମାଲୁଦ ପ୍ରକୃତ ନିଷ୍କର । ହଣ୍ଟର ସାହେବ କହନ୍ତି ଯେ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜ ସୈନ୍ୟମାନେ ଗଞ୍ଜାମରୁ ଏହି ବାଟେ ଆସିଲାବେଳେ ବାଟରେ ସବୁ ଜମିଦାର ଓ ଖଣ୍ଡାଏତମାନେ ସେମାନଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ, ମାତ୍ର ପାରିକୁଦ ରାଜା ଯୋଗ ଦେଇ ନଥିଲେ । ଅଙ୍ଗରେଜଙ୍କ ସୈନ୍ୟ କୌଣସିଠାରେ ଏପରି ଲୋକପ୍ରିୟ ହେବାର ଦେଖା ନଥିଲା । ଚିଲିକା ପ୍ରାଚୀନ ଉତ୍କଳର ଗୋଟିଏ ପ୍ରଧାନ ବାଣିଜ୍ୟସ୍ଥଳୀ ଥିଲା । ଚିଲିକା ମଧ୍ୟରେ ଓ କୂଳ ପ୍ରଦେଶରେ ଅନେକ ପର୍ବତ ଅଛି । ନଳ ବଣ, କାଳୀଜାଈ ଠାକୁରାଣୀ ଚିଲିକା ମଧ୍ୟରେ ଅବସ୍ଥିତ । ଏଠାରେ ଅନେକ ପ୍ରକାର ପକ୍ଷୀ ବସା କରି ରହନ୍ତି ।

ଭୂସ୍ୱତ୍ୱ—ପ୍ରାଚୀନ ଉତ୍କଳରେ ଲୋକମାନଙ୍କର କି ପ୍ରକାର ଭୂସ୍ୱତ୍ୱ ଥିଲା ? ହିନ୍ଦୁ ରାଜାମାନଙ୍କ ଶାସନକାଳରେ ପ୍ରାଚୀନ ଉତ୍କଳ କେତେଗୁଡ଼ିଏ ବଡ଼ ବଡ଼ ଜିଲ୍ଲାରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ଜିଲ୍ଲାର ନାମ ଦଣ୍ଡପାଟ । ମୁସଲମାନ-ମାନଙ୍କ ଅମଳରେ ଦଣ୍ଡପାଟର ନାମ ହେଲା ସରକାର । ପ୍ରତି ଦଣ୍ଡପାଟରେ କେତେଗୁଡ଼ିଏ ରାଜସ୍ୱ ବିଭାଗ ଥିଲା । ପ୍ରତ୍ୟେକ ବିଭାଗର ନାମ ବିଶି ବା ଖଣ୍ଡ । ମୁସଲମାନମାନଙ୍କ ଅମଳରେ ବିଶିର ନାମ ହେଲା ପ୍ରଗନା । ପ୍ରତି ବିଶିରେ କେତେ-ଗୁଡ଼ିଏ ଗ୍ରାମ ଥିଲା । ମୁସଲମାନମାନଙ୍କ ଅମଳରେ ଗ୍ରାମର ନାମ ହେଲା ମୌଜା । ପ୍ରତି ବିଶିରେ ଜଣେ ପ୍ରଧାନ ଥିଲା । ତାର ନାମ ବିଷୟୀ ବା ଖଣ୍ଡାଧିପତି । ଦକ୍ଷିଣାଞ୍ଚଳରେ ଏହା ନାମ ଦେଶମୁଖ । ମୁସଲମାନଙ୍କ ଅମଳରେ ଏହାଙ୍କ ନାମ ହେଲା ଚଉଧୁରୀ । ବିଷୟୀ ସାଧାରଣ ଶାନ୍ତି ରକ୍ଷା କରିବ, ରାଜସ୍ୱ ଲୁଟାଇବ ଏବଂ ଶାସନ ଭଲକାର ସମସ୍ତ ସାଧାରଣ କାର୍ଯ୍ୟମାନ କରିବ । ତା'ଠାରେ ମେଜେଷ୍ଟ୍ରେଟର କ୍ଷମତା ଥିଲା । ତାଙ୍କ ଅଧୀନରେ ଜଣେ ଖଣ୍ଡାଏତ ଏବଂ ଜଣେ ପାଇକ ଥିଲେ । ଏମାନେ ଜମିର କାଗଜ ଯୋଗ କରୁଥିଲେ । ପାଇକମାନଙ୍କ ମଧ୍ୟରୁ କେତେକ ଖଣ୍ଡାଏତ ନିକଟରେ ଥାନ୍ତି ଏବଂ କେତେକ ପ୍ରତି ଗ୍ରାମରେ ଥାନ୍ତି ଏବଂ ସେମାନେ ଚଉକିଦାର କାର୍ଯ୍ୟ କରନ୍ତି । ଚଉକିଦାରମାନେ ନିଷ୍କର ଭୂମି ଭୋଗ ଦଖଲ କରନ୍ତି ଏବଂ ଗ୍ରାମରୁ ଫାଙ୍ଗାଣରେ ବିଡ଼ାଏ ଚଣ୍ଡୁଲା ପାନ୍ତି । ବିଷୟୀର ସମସ୍ତ ହୁକୁମ ଏମାନେ କାର୍ଯ୍ୟରେ ପରିଣତ କରନ୍ତି । ବିଷୟୀ ଅଧୀନରେ ଜଣେ ଭୂଇଁମୂଳ ଥିଲା । ମୁସଲମାନଙ୍କ ଅମଳରେ ତା ନାମ ହେଲା କାନୁନଗୋ । ଏମାନେ କରଣ ଥିଲେ । ସେମାନେ ଗ୍ରାମର ହିସାବ ରଖୁଥିଲେ, ଖଜଣା ଓ ଜିନିଷ ଆଦାୟ କରୁଥିଲେ । ସେମାନେ ରାଜସ୍ୱ ବିଭାଗର ପ୍ରଧାନ କର୍ମଚାରୀ ଥିଲେ । ସେମାନେ ଗ୍ରାମର ପ୍ରଧାନମାନଙ୍କଠାରୁ ରାଜସ୍ୱ ଆଦାୟ କରି ରାଜସରକାରକୁ

ଦେଉଥିଲେ । ପ୍ରଧାନ ଗ୍ରାମବାସୀଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ରାଜା ପ୍ରଜା ମଧ୍ୟରେ ଅନ୍ୟ କେହି ସ୍ୱତ୍ୱାଧିକାରୀ ନଥିଲା । ଉତ୍କଳରେ ସମ୍ରାଟମାନେ ତାଙ୍କ ସାମ୍ରାଜ୍ୟକୁ ଦୁଇଭାଗରେ ବିଭକ୍ତ କରିଥିଲେ । ଅର୍ଦ୍ଧେକ ରାଜ୍ୟ ରାଜକର୍ମଚାରୀ, ସୈନ୍ୟ, ଧର୍ମଯାଜକ, ବଶୀକାରୀ ପ୍ରଭୃତିଙ୍କୁ ଦେଉଥିଲେ । ଅବଶିଷ୍ଟ ଅର୍ଦ୍ଧେକ ରାଜକୋଷ ବ୍ୟୟପାଇଁ ରକ୍ଷିତ ହୋଇଥିଲା । ମହାରାଜା ଅନଙ୍ଗଭୀମଦେବ ୨୩୮୮୦୦୦ ବାଟି ଭୂମି ବ୍ୟୟଲାଗି ଦେଇଥିଲେ ଏବଂ ୨୪୨୦୦୦୦ ବାଟି ରାଜକୋଷ ବ୍ୟୟପାଇଁ ରକ୍ଷିତ କରିଥିଲେ । ଦୁର୍ଗମାନ ମଧ୍ୟରେ ସୈନ୍ୟ ରହୁଥିଲେ । ସୈନ୍ୟାଧ୍ୟକ୍ଷଙ୍କର ଜଣେ ଅଧିପତି ଥିଲେ । ତାଙ୍କୁ ଖଣ୍ଡାଦାର କହୁଥିଲେ । ଖଣ୍ଡାଦାରଙ୍କ ଅଧୀନରେ ୧୦୦୦୦୦ ବା ୧୨୦୦୦୦ ବା ୩୦୦୦୦୦ ସୈନ୍ୟ ଥିଲେ । ଏମାନେ ଅଳ୍ପ ଖଜଣା ଦେଉଥିଲେ ବା ବିନାକରରେ ଭୂମି ଭୋଗ କରୁଥିଲେ । ମୁସଲମାନଙ୍କ ଅମଳରେ ଏମାନଙ୍କୁ ଜାଗିରଦାର ବୋଲି କହୁଥିଲେ । ରାଜ୍ୟର ଅଭ୍ୟନ୍ତରରେ ଯେଉଁ ଖଣ୍ଡାଦାରମାନେ ଥିଲେ ସେମାନଙ୍କର ଓ ଖଣ୍ଡାଏତମାନଙ୍କର ବିଶେଷ କିଛି ପ୍ରଭେଦ ନଥିଲା । ସୀମାନ୍ତ ପ୍ରଦେଶରେ ଯେଉଁମାନେ ଥିଲେ ସେମାନଙ୍କୁ ଭୂପତି, ମହାନାୟକ, ସାମନ୍ତ ବୋଲି କହୁଥିଲେ । ମାତ୍ର ସେମାନେ ସାଧାରଣତଃ ଖଣ୍ଡାଏତ ବୋଲି ପରିଚିତ । ଅନେକ ସ୍ଥଳରେ ଏମାନେ ସ୍ୱାଧୀନ ଅଧିନାୟକ ଥିଲେ । ହିନ୍ଦୁ ସମ୍ରାଟମାନେ ସେମାନଙ୍କୁ ଜୟକରି ବା ତାଙ୍କସଙ୍ଗେ ସନ୍ଧିକରି ସେମାନଙ୍କୁ ସୀମାନ୍ତ ପ୍ରଦେଶ ରକ୍ଷକ ଶ୍ରେଣୀରେ ଭୁକ୍ତ କରୁଥିଲେ । ଆଉ କେତେକ ଖଣ୍ଡାଦାରମାନେ ଉତ୍କଳ ରାଜବଂଶ ସମ୍ପର୍କୀୟ ଲୋକ ଥିଲେ । କେତେକ ଖଣ୍ଡାଦାର ପୂର୍ଣ୍ଣ ସ୍ୱାଧୀନ ଭାବରେ ଥିଲେ ଏବଂ କୌଣସି ରାଜସ୍ୱ ଦେଉ ନଥିଲେ, ମାତ୍ର ସମ୍ରାଟଙ୍କ କ୍ଷମତା ସ୍ୱୀକାର କରୁଥିଲେ । ରାଜପରିବାରର ଲୋକେ ଜାଗିର ଭୋଗ କରୁଥିଲେ । ପ୍ରଧାନ ରାଜକର୍ମଚାରୀମାନେ ଜାଗିର ଭୋଗ କରୁଥିଲେ । ପ୍ରଧାନମନ୍ତ୍ରୀ ବା ଦେବମନ୍ତ୍ରୀ ମହାପାତ୍ର, ଧର୍ମଯାଜକ ବା ରାଜଗୁରୁ, ସେନାପତି ଅନ୍ୟାନ୍ୟ ୧୬ ପ୍ରଧାନ କର୍ମଚାରୀ ଏବଂ ଅନେକ ଛାମୁକରଣମାନେ ଏବଂ ପାରିଷଦବର୍ଗମାନେ ନିଜକୋଷରୁ ସେମାନଙ୍କ ବୃତ୍ତିଲାଗି ଭୂମି ଜାଗିର ପାଉଥିଲେ ।

ଗ୍ରାମରେ ଜଣେ ପ୍ରଧାନ, ଜଣେ ଭୂଇଁମୂଳ ଏବଂ ଜଣେ ଚଉକିଦାର ଥିଲା । ଏମାନେ ଖଣ୍ଡାଏତମାନଙ୍କର ଅଧୀନ । ଗ୍ରାମବାସୀଙ୍କ ମତାନୁସାରେ ପ୍ରଧାନ ନିଯୁକ୍ତ ହେଉଥିଲା । ବଂଶପରମ୍ପରାକ୍ରମେ ପ୍ରଧାନ ହେଉଥିଲେହେଁ ରାଜାଙ୍କର ବା ରାଜପ୍ରତିନିଧିଙ୍କ ଅନୁମୋଦନ ବା ଅନୁମତି ଆବଶ୍ୟକ ହେଉଥିଲା । ପ୍ରଧାନ ଗ୍ରାମର ରାଜପ୍ରତିନିଧି ଏବଂ ଗ୍ରାମର ମୁଖପାତ୍ର । ଜମିର ମାଲିକ ସମ୍ରାଟ । ତାଙ୍କଠାରୁ ଗ୍ରାମବାସୀ ବା ପ୍ରତ୍ୟେକ ପ୍ରଜାର ଥିଲା ।

ମୁସଲମାନଙ୍କ ଅମଳରେ ରାଜକର୍ମଚାରୀମାନେ ମଧ୍ୟସ୍ୱତ୍ୱାଧିକାରୀରେ ପରିଣତ ହେଲେ । ସେମାନେ ଅବଶେଷରେ ରାଜସ୍ୱ ଆଦାୟ କରି ସେମାନଙ୍କ ମଧ୍ୟସ୍ୱତ୍ୱାଧିକାରୀ ବୋଲି ସ୍ୱୀକାର କରାଗଲେ । ହିନ୍ଦୁ ରାଜାଙ୍କ ଅମଳରେ ରାଜକର୍ମଚାରୀଙ୍କ ଏତଦ୍ଧିକାର ଲୋପହେଲା । ଏହି ପରିବର୍ତ୍ତନ ଫଳରେ ଉତ୍କଳରେ ଜମିଦାର, ସରବରାକାର, ମକଦମ, ମୁସ୍ତି, ପ୍ରଧାନ ଇତ୍ୟାଦି ଅନେକ ପ୍ରକାରର ମଧ୍ୟସ୍ୱତ୍ୱ ସୃଷ୍ଟି ହେଲା । ମରହଟ୍ଟାମାନେ ମଧ୍ୟ ଏହି ପ୍ରଥା ଅନୁମୋଦନ କଲେ । ମୁସଲମାନଙ୍କ ଅମଳରେ ମୋଗଲବନ୍ଦି ଓ ଗଡ଼ଜାତ ସୃଷ୍ଟି ହେଲା । ରାଜାଙ୍କ ରକ୍ଷିତ ଅର୍ଦ୍ଧେକ ରାଜ୍ୟ ମୋଗଲବନ୍ଦି ହେଲା ଏବଂ ସୈନିକ ଅଧିପତି ଅଧିକୃତ ରାଜ୍ୟ ଗଡ଼ଜାତ ହେଲା । ସାମାନ୍ୟ ପେସ୍କସ୍ ନେଇ ଗଡ଼ଜାତ ରାଜାମାନେ ଅଧୀନ ହେଲେ । ଖୋର୍ଦ୍ଧା ରାଜା ଓ ରାଜାଙ୍କ ପୋଷ୍ୟବର୍ଗଙ୍କୁ ୧୬୪୭ ବର୍ଗମାଇଲ ଛାଡ଼ିଦେଲେ । ଖୋର୍ଦ୍ଧା ରାଜା ପାଇଲେ ଖୋର୍ଦ୍ଧା, ରହଙ୍ଗ, ସିରାଇ, ଚବିଶକୁଦ, ଲେମ୍ବାଇ ୧୩୫୨୦୫୧ ବର୍ଗମାଇଲ । ପଟିଆ ରାଜା ପାଇଲେ ପଟିଆ, ସାଇବିର ୭୪୦୦୩ ବର୍ଗମାଇଲ । ଆଳି ରାଜା ପାଇଲେ ଆଳି ୧୩୧୧୦ ବର୍ଗମାଇଲ । ଅବଶିଷ୍ଟ ୫୦୦୦ ବର୍ଗମାଇଲ ବଂଶୀୟମାନେ ଶାସନ କଲେ । ଏମାନଙ୍କର ବଂଶଗତ କିଛି ନିର୍ଦ୍ଦିଷ୍ଟ ସ୍ୱତ୍ୱ ନଥିଲା, ମାତ୍ର ମରହଟ୍ଟାଙ୍କ ଅମଳରେ ଏମାନଙ୍କ ସ୍ୱତ୍ୱ ସ୍ଥାୟୀ ହେଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ୨ ଜଣ ବଡ଼ ଜମିଦାର ଥିଲେ ଏବଂ ସେମାନଙ୍କ ଅଧୀନରେ ୨ଟୋଟି ପରଗନା ଥିଲା । ବୋଠଦେଶ, କଳଯୋଡ଼ି, ଶାହାବାଦ, ଦାଇବର, ଭୁବନଶ, ମୁଲତାନନଗର—ମୋଟ ଉଜିବା ୨୯୩ ବର୍ଗମାଇଲ । ଏମାନେ ରାଜସ୍ୱ ଆଦାୟ କରିବାର ସ୍ୱତ୍ୱ ଲାଭକଲେ । ମାତ୍ର ଜମିରେ ଏମାନଙ୍କର କିଛି ସ୍ୱତ୍ୱ ନଥିଲା । ଏହି ରୂପରେ ମଧ୍ୟସ୍ୱତ୍ୱାଧିକାରୀଙ୍କ ସୃଷ୍ଟି ହେଲା । ପ୍ରଜାଙ୍କଠାରୁ ମକଦମ ସରବରାକାରମାନେ ଖଜଣା ଆଦାୟକରି ଜମିଦାରଙ୍କୁ ଦେବେ ଏବଂ ଜମିଦାର ଖଜଣାଖାନାରେ ଆଦାୟ ଦେବେ । ଏମାନେ ପ୍ରତ୍ୟେକ କିଛି କିଛି ମାଲିକ ନା ପାନ୍ତି ଏବଂ ବଂଶପରମ୍ପରାକ୍ରମେ ଖଜଣା ଆଦାୟ କରିବାର ସ୍ୱତ୍ୱ ଲାଭ କଲେ । ଏମାନେ ଇଂରେଜ ସମୟରେ ସନନ୍ଦ ପାଇଥିଲେ । କ୍ରମେ ଜମିଦାର ଓ ଆନ୍ୟାନ୍ୟ ମଧ୍ୟସ୍ୱତ୍ୱାଧିକାରୀମାନେ ସେମାନଙ୍କ ସ୍ୱତ୍ୱବିକ୍ରୀ-ହସ୍ତାନ୍ତର କଲେ । ପ୍ରଜାମାନେ ସେମାନଙ୍କ ଜମିର ସ୍ୱତ୍ୱ ଖରିଦ ବିକ୍ରି କରୁନଥିଲେ । ସେମାନେ ଚାଷଲ ପର୍ଯ୍ୟାୟରେ ଚାଷ କରୁଥିଲେ । ସୁତରାଂ ମହାଜନମାନେ ସେମାନଙ୍କ ସ୍ୱତ୍ୱ କିଣି ନେଇ ପାରୁନଥିଲେ । ଏହାଦ୍ୱାରା ସ୍ୱୀକୃତ ସ୍ୱତ୍ୱବାନ୍ ହୋଇ ନଥିଲେ । ୧୮୧୮ ମସିହା ପର୍ଯ୍ୟନ୍ତ ପ୍ରଜାମାନେ ଆଉ ଯାହା ଜମି ବିକ୍ରି କରୁନଥିଲେ । ଉକ୍ତ ମସିହାର ପ୍ରାଦେଶିକ ବନ୍ଦୋବସ୍ତ ପରେ ପ୍ରଜାମାନେ ଜମି ବିକିକରି ସ୍ୱତ୍ୱବାନ ହୋଇଛନ୍ତି । ମହାଜନମାନେ ଜମି ଖରିଦ କରାଇ ନେଉଛନ୍ତି ।

# ପ୍ରାଚୀନ ଉତ୍କଳ ସମ୍ବନ୍ଧୀୟ ଲେଖା


୧ । ରାଜା ଇନ୍ଦ୍ରଦ୍ୟୁମ୍ନ—ଜେ. ଏନ. ସମଦାର, ଏ. ଏ.—ବିହାର—ଓଡ଼ିଶା ପ୍ରାଚୀନତତ୍ତ୍ୱ ପତ୍ରିକା ୫-୨—୨୯୫

୨ । କାଳିଜାଇ—ମନମୋହନ ରାୟ ବାହାଦୂର— ,, ୫-୨—୩୦୦

୩ । ସୁବର୍ଣ୍ଣଗଡ଼ ମୁଦ୍ରା—ଜି. ଏଚ୍. ସି. ଓ୍ୱାଲ୍ସ୍— ,, ୫-୧—୭୩

୪ । ପାଟଳିପୁତ୍ର ତୋଷାଳି—ହରପ୍ରସାଦ ଶାସ୍ତ୍ରୀ— ,, ୫-୧—୩୪

୫ । କେତୁମତ ଓ କଳିଙ୍ଗ—କେ. ଜି. ଶେଷ— ,, ୭-୧—୩୨

୬ । କଳିଙ୍ଗ ରାଜବଂଶ—ଜି. ରାମଦାସ, ବି. ଏ— ,, ୯-୩|୪—୩୯୮

୭ । ଓଡ଼ିଶା—ପ୍ରଫେସର କୃଷ୍ଣସ୍ୱାମୀ ଆୟାଙ୍ଗାର— ,, ୩-୧— ୧

୮ । ଯଯାତି ନଗର—ରାୟବାହାଦୂର ହୀରାଲାଲ— ,, ଏ. ଭି. ୧—୮୪

୯ । ୧୬ଶ ଶତାବ୍ଦୀର ଓଡ଼ିଶାର ଇତିହାସ—
ଯଦୁନାଥ ସରକାର, ଏମ୍. ଏ. — ,, ବି. ଓ. ପ୍ର. ୨-୨—୧୬୩

୧୦ । ,, ,, ,, ୭-୧—୫୩

୧୧ । ରାମାନନ୍ଦ ରାୟ—ତାରିଣୀ ଚରଣ ରଥ— ,, ୬-୩—୫୪୮


ହରପ୍ରସାଦ କହନ୍ତି, ରାଜଶେଖର ଏବଂ ଜୟଦେବଙ୍କ ପୁସ୍ତକରେ ତୋଷାଳି ନାମ ଉଲ୍ଲେଖ ଅଛି । ଏ ପୁସ୍ତକ ରାଜା ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟର ଲେଖା । ଜୟଦେବ ଓଡ଼ିଶା ରାଜବଂଶର ନାମ ଉଲ୍ଲେଖ କରିଛନ୍ତି—(୧) ଶ୍ୱେତବଂଶ, (୨) କେଶରୀବଂଶ, (୩) ଗଙ୍ଗବଂଶ, (୪) ଗଜପତିବଂଶ ।

ହୀରାଲାଲ କହନ୍ତି, ଯଯାତିନଗର ରାଜପୁର ନୁହେଁ । ଯଯାତିନଗର ମହାନଦୀ କୂଳରେ ଅବସ୍ଥିତ ବିନୀତପୁର, ବର୍ତ୍ତମାନ ବିନ୍କା—ସୋନପୁର ।


୧୨ । ଓଡ଼ିଶା ଦେଉଳ ଏବଂ ତାମ୍ରଶାସନ ଲିପି—ତାରିଣୀଚରଣ ରଥ
ବି. ଓ. ପ୍ର ୩-୩—୪୨୧

୧୩ । ଭୁବନେଶ୍ୱର ଦେଉଳ ତାମ୍ରଶାସନ—
କେ. ପି. ଜୟସ୍ୱାଲ— ,, ୫-୨—୨୯୯

୧୪ । ଓଡ଼ିଆ ଅକ୍ଷର—ମିଷ୍ଟର ଫରଗନ୍— ,, ୧୦-୧|୨—୨୬୮

୧୫ । ଗଞ୍ଜାମ—ମହାରାଜା ସୋନପୁର— ,, ୧୦-୩— ୭୯

୧୬ । ବଡ଼େଇଁ ଭୂୟାଁ—ଶରତଚନ୍ଦ୍ର ରାୟ, ଏମ୍. ଏ ,, ୫-୨—୨୩୯

ବଙ୍ଗଳାର ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲ ନାମକ ପତ୍ରିକାରେ ଅନେକ ଗୁରୁତ୍ୱ ପ୍ରବନ୍ଧ ବାହାରିଛି । ସେଥିରେ ବୁଦ୍ଧଦେବଙ୍କ ଜନ୍ମସ୍ଥାନ ଲୁମ୍ବିନୀ ହୋଇ ଲେଖାଅଛି । ନେପାଳ ପାର୍ବତରେ ସେହି ଲିପି ମିଳିଛି ଏ ଲିପି ଠିକ୍ ସେହିପରି । ମାତ୍ର କେତେକ ଶବ୍ଦର ପ୍ରଭେଦ ଅଛି । ଓଡ଼ିଶାର କେହି କେହି ଏ ଲେଖା ଦେଖି ବୁଦ୍ଧଦେବଙ୍କ ଜନ୍ମ ଓଡ଼ିଶାରେ ହୋଇଥିବା ଦାବି କରୁଛନ୍ତି । ମାତ୍ର ଏ ବିଷୟର ଆଲୋଚନା ମୁଁ କରି ନଥିବାରୁ କିଛି ମତ ଦେଇ ପାରୁନାହିଁ ।

---

## ଓଡ଼ିଶାର ସୁବେଦାର

୧ । ହାସିମଖାଁ—୧୬୦୭ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ୨୬ ତାରିଖରେ ନିଯୁକ୍ତ ।

୨ । କଲ୍ୟାଣସିଂହ—ତୋଡ଼ରମଲ୍ଲଙ୍କ ପୁତ୍ର—ନିଯୁକ୍ତ ୧୬୧୧ ଖ୍ରୀଷ୍ଟାବ୍ଦ,
ବରଖାସ୍ତ ୧୬୧୭ ଖ୍ରୀଷ୍ଟାବ୍ଦ ।

୩ । ହାସିମଖାଁଙ୍କ ପୁତ୍ର ମକରମଖାଁ—ନିଯୁକ୍ତ ୧୬୧୭ ଖ୍ରୀଷ୍ଟାବ୍ଦ ।

୪ । ମିର୍ଜା ଅହମ୍ମଦବେଗ ଖାଁ—୧୬୨୩-୧୬୨୪ ଖ୍ରୀଷ୍ଟାବ୍ଦ ।

---

## ଉପସଂହାର

ପ୍ରାଚୀନ ଉତ୍କଳର ବର୍ଣ୍ଣନା ଦୃଷ୍ଟିରେ ଏ ପୁସ୍ତକବର୍ଣ୍ଣିତ ବିଷୟ ଅତି କ୍ଷୀଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରୁ ଅନେକ ବିଷୟ ରହିଗଲା । ପୁସ୍ତକର କଳେବର ବୃଦ୍ଧି ଆଶଙ୍କାରେ ଆଉ ଅନ୍ୟ ବିଷୟ ସନ୍ନିବେଶିତ କରିବାକୁ କ୍ଷାନ୍ତ ହେଲି । ଗଡ଼ଜାତ ବିଷୟ ଲେଖିବାକୁ ହେଲେ ଗୋଟିଏ ସ୍ୱତନ୍ତ୍ର ପୁସ୍ତକ ହେବ । ପ୍ରତ୍ୟେକ ମନ୍ଦିରର ଇତିହାସ ଲେଖିଲେ ଗୋଟିଏ ସ୍ୱତନ୍ତ୍ର ପୁସ୍ତକ ହେବ । ଯଦି ସୁବିଧା ହୁଏ ଅନ୍ୟ ଭାଗରେ ଲେଖାଯିବ ।

—ସମାପ୍ତ—